

# ମହାମୁନି ପରମହଂସ
# ହରିହରାନନ୍ଦ

ଯୋଗାଚାର୍ଯ୍ୟ ଶିବରାମ ରଥ

# ମହାମୁନି ପରମହଂସ ହରିହରାନନ୍ଦ

ଯୋଗାଚାର୍ଯ୍ୟ ଶିବରାମ ରଥ

ପୃଥ୍ୱୀପଦ୍ମ ପ୍ରକାଶନୀ

# ମହାମୁନି ପରମହଂସ ହରିହରାନନ୍ଦ


ଲେଖକ

**ଯୋଗାଚାର୍ଯ୍ୟ ଶିବରାମ ରଥ**

(୦୬୮୦-୨୨୯୦୭୧୦)

ପ୍ରଚ୍ଛଦ: ଅଙ୍ଗସଜ୍ଜା

**ମହାପାତ୍ର ଭାସ୍କର ଶତ୍ପଥୀ**

ସଦସ୍ୟ: ଓଡ଼ିଶା ସାହିତ୍ୟ ଅକାଦେମୀ

(୯୪୩୭୦ ୬୫୩୭୫)

ପ୍ରକାଶକ:

**ପୃଥ୍ୱୀପଣ୍ଡା ପ୍ରକାଶନୀ**

୨, ଇନ୍ଦିରାନଗର: ଶିକ୍ଷାଞ୍ଚଳ: ବ୍ରହ୍ମପୁର. (ଓଡ଼ିଶା)



ସର୍ବସ୍ୱତ୍ୱ

**ଡକ୍ଟର ବିଧୁପ୍ରଭା ରଥ**

(୯୪୩୭୨୬୦୬୯୬)



ପ୍ରଥମ ସଂସ୍କରଣ

**ଡିସେମ୍ବର ୨୦୧୦**

ପୃଷ୍ଠା ସଂଖ୍ୟା : ୧୭୨

ଅକ୍ଷର ସଜ୍ଜା

**ସନ୍ତୋଷ ପଟ୍ଟନାୟକ**

କମ୍ପ୍ୟୁଟର ସଲ୍ୟୁସନ୍: ବ୍ରହ୍ମପୁର

ମୁଦ୍ରଣ

**ପ୍ରଭା ମୁଦ୍ରଣୀ**

ଅପର୍ଣ୍ଣା ନଗର: କଟକ

**ମୂଲ୍ୟ : ୮୦ ଟଙ୍କା ମାତ୍ର**

ମୁଖ୍ୟ ବିତରକ

ସ୍ୱଦେଶୀ ଲେଖକ ମଞ୍ଚ

**ଲକ୍ଷ୍ମୀନଗର : ଦିଲ୍ଲୀ : ଡିଭାଇନ୍ ନଗର: କଟକ**

# ଭକ୍ତି ଅର୍ଘ୍ୟ



ଆବିର୍ଭାବ : ତା.୨୭.୫.୧୯୦୭

ତିରୋଧାନ : ତା.୨.୧୨.୨୦୦୨

ହେ ! ମୋର ପରମାରାଧ୍ୟ ଗୁରୁଦେବ !

ଏହି ବହିଟିରେ ଯାହା ଲେଖାହୋଇଛି ସବୁ ଆପଣ ମୋ ହାତରେ ଲେଖାଇଛନ୍ତି । ଯାହା ଆପଣଙ୍କର ତାକୁ ହିଁ ଆପଣଙ୍କର ଶ୍ରୀ ପୟରେ ଭକ୍ତିପୂତ ହୃଦୟରେ ଅର୍ପଣ କରୁଛି । ମୁଁ ବା କ'ଣ ଦେଇପାରିବି ଆପଣଙ୍କୁ । ଆପଣ ତ ସବୁ କରୁଛନ୍ତି । ମୁଁ କେବଳ ନିମିତ୍ତ ମାତ୍ର ।

ଆପଣଙ୍କର ଚରଣାଶ୍ରିତ

ଶିବରାମ

# ।। ଲେଖକଙ୍କର ପରିଚୟ ।।

ଲେଖକ ଶ୍ରୀ ଶିବରାମ ରଥଙ୍କର ଜନ୍ମ ପୂର୍ବତନ ଗଡ଼ଜାତ ରାଜ୍ୟ କଳାହାଣ୍ଡିର ରାଜଧାନୀ ଭବାନୀପାଟଣାଠାରେ, ୧୯୨୫ ମସିହା ଜାନୁୟାରୀ ମାସରେ । ପିତା ସ୍ୱର୍ଗୀୟ ବାସୁଦେବ ରଥ ଥିଲେ ଅତ୍ୟନ୍ତ ସରଳ ହୃଦୟ, ଧର୍ମପରାୟଣ, ବେଦଜ୍ଞ ବ୍ରାହ୍ମଣ । ସେଠାକାର ବାଳିକା ସ୍କୁଲ୍‌ରେ ପ୍ରଧାନ ଶିକ୍ଷକ ଥିଲେ । ସେ କଳାହାଣ୍ଡି, ବାମଣ୍ଡା ଓ ଖଡ଼ିଆଳ ଆଦି ରାଜପରିବାରଗୁଡ଼ିକର କୁଳଗୁରୁଭାବରେ ଜଣେ ସମ୍ମାନାସ୍ପଦ ବ୍ୟକ୍ତିଥିଲେ । ମାତା ସ୍ୱର୍ଗୀୟା ସାବିତ୍ରୀ ଦେବୀ ଥିଲେ ପରମ ଭକ୍ତିମତୀ, ମହୀୟସୀ ମହିଳା ।

ଶିବରାମ ବାବୁ ଭବାନୀପାଟଣା ହାଇସ୍କୁଲରେ ସ୍କୁଲଶିକ୍ଷା ସାରି ପରେ ବି.ଏ. ଏବଂ ବି.ଏଲ୍. ପଢ଼ା ଶେଷକରି ଗଞ୍ଜାମ ଜିଲ୍ଲାର ଆସିକା ସହରରେ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ । ୧୯୬୨ ମସିହାରେ ସେ ଓଡ଼ିଶା ବିଚାର ବିଭାଗ ଚାକିରୀରେ ମୁନସିଫ୍ ହିସାବରେ ନିଯୁକ୍ତି ପାଇଥିଲେ ଏବଂ ପରେ ପରେ ରେଜିଷ୍ଟ୍ରାର ସିଭିଲ୍ କୋର୍ଟ, ସବଜଜ୍, ସହକାରୀ ଦୌରାଜଜ୍ ପ୍ରଭୃତି ବିଭିନ୍ନ ପଦପଦବୀରେ କାର୍ଯ୍ୟକାରି ୧୯୮୩ରେ ୫୮ ବର୍ଷ ବୟସରେ ଚାକିରୀରୁ ଅବସର ନେଇଥିଲେ । ଅବସର ପରେ ବ୍ରହ୍ମପୁର ସହରରେ ପୁଣି ନିଜର ପୂର୍ବ ଆଇନ ବ୍ୟବସାୟ ଆରମ୍ଭ କଲେ । ଜଣେ ଦକ୍ଷ ସିଭିଲ୍ ଆଇନଜ୍ଞ ହିସାବରେ ତାଙ୍କର ଏବେ ସୁଦ୍ଧା ସୁନାମ ରହିଛି ।


ସାଧୁସନ୍ଥମାନଙ୍କ ଜୀବନ –ଚରିତ ଉପରେ ଆଧାରିତ ଭକ୍ତିମୂଳକ କଥା ଓ କାହାଣୀ ଇତ୍ୟାଦି ଲେଖିବାରେ ସେ ସିଦ୍ଧହସ୍ତ । ତାଙ୍କର ଭକ୍ତିରସାତ୍ମକ କାହାଣୀଗୁଡ଼ିକ ବିଭିନ୍ନ ଧାର୍ମିକ ପତ୍ରିକା 'ଶରଣଦ', 'ବ୍ରହ୍ମକଳ୍ପା', 'ସ୍ମୃତିଶିଖା', 'ଦ୍ୱାସୁପର୍ଣ୍ଣା' ଆଦି ପତ୍ରିକାମାନଙ୍କରେ ପ୍ରକାଶିତ ହୋଇଛି । କରମଳାଗ୍ରାମରେ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସଙ୍କର ପ୍ରିୟଶିଷ୍ୟ ଏବଂ କୃଷ୍ଣ ପ୍ରେମରସାଗ୍ରହୀ ପ୍ରେମୀଭକ୍ତ ସମ୍ମାନାସ୍ପଦ ଶ୍ରୀ ରବିନାରାୟଣ ଦାସ ବାବାଜୀ, ଯିଏ 'ଶରଣଦ' ପତ୍ରିକାରେ ସମ୍ପାଦକ ଏବଂ ପରିଚାଳକ, ଶିବରାମ ବାବୁଙ୍କ ଦ୍ୱାରା ଲିଖିତ ଏବଂ ଶରଣଦ ପତ୍ରିକାରେ ପ୍ରକାଶିତ ଭକ୍ତମାନଙ୍କର କଥାଗୁଡ଼ିକ ସଂଗ୍ରହ କରି 'ହେ ଭକ୍ତ ! ତୁମ୍ଭକୁ ପ୍ରଣାମ' ନାମକ ବହିଟିରେ ସବୁ ଛପାଇଛନ୍ତି ଏବଂ ଭକ୍ତ ସମାଜରେ ଏହି ବହିଟି ବିଶେଷ ଆଦର ଲାଭ କରିଛି । ଶ୍ରୀରଥଙ୍କ ଦ୍ୱାରା ଲିଖିତ ଓ ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ ମଧ୍ୟରେ 'ଭକ୍ତବତ୍ସଳ ଓ ଅନ୍ୟାନ୍ୟ ଭକ୍ତିକଥା', 'ଶ୍ରୀକୃଷ୍ଣ କଥାସରିତ', 'ପରମ ସିଦ୍ଧପୁରୁଷ ବାମାକ୍ଷେପା', 'ଶ୍ୟାମକୁ ଜୁହାର: ତା'ର ପ୍ରେମକୁ ଜୁହାର' ଅନ୍ୟତମ ।

ଶିବରାମ ବାବୁ ପିଲାଟି ଦିନରୁ ଠାକୁର ପୂଜା, ଶ୍ରୀମଦ୍‌ଭଗବଦ୍‌ଗୀତାଦି ଧର୍ମଗ୍ରନ୍ଥ ଅଧ୍ୟୟନ ଏବଂ ଧର୍ମାନୁଷ୍ଠାନ ଇତ୍ୟାଦି ପ୍ରତି ବିଶେଷ ଆଗ୍ରହୀ ଥିଲେ । ନିଜ ପିତା–ମାତାଙ୍କର ଆଦର୍ଶ ଏବଂ ପ୍ରେରଣା ଏ ଦିଗରେ ତାଙ୍କୁ ବିଶେଷ ସାହାଯ୍ୟ କରିଥିଲା । ଶିବରାମ ବାବୁ, ନିଜର ଚାକିରି ସମୟରେ ବିଶ୍ୱବିଖ୍ୟାତ ମହାନ କ୍ରିୟାଯୋଗୀ, ମହାପୁରୁଷ ସ୍ୱର୍ଗତ ପରମହଂସ ହରିହରାନନ୍ଦ ଗିରି ମହୋଦୟଙ୍କଠାରୁ କ୍ରିୟାଯୋଗ ଦୀକ୍ଷାନେଇ ନିଷ୍ଠା ଏବଂ ଭକ୍ତି ସହିତ ତାଙ୍କର ପ୍ରଦତ୍ତ କ୍ରିୟାଯୋଗ ସାଧନାରେ ଲାଗି ରହିଥିଲେ । ତାଙ୍କର ସାଧନାରେ ସନ୍ତୁଷ୍ଟ ହୋଇ ପୂଜ୍ୟ ଗୁରୁଦେବ ତାଙ୍କୁ ଯୋଗାଚାର୍ଯ୍ୟ ଭାବେ ସମସ୍ତଙ୍କୁ କ୍ରିୟାଯୋଗ ଦୀକ୍ଷା ନେବାପାଇଁ ଅଧିକାର ଦେଇଥିଲେ । ଗୁରୁଦେବଙ୍କର ଅତିପ୍ରିୟ ଶିଷ୍ୟ ଏବଂ ଉତ୍ତରାଧିକାରୀ ପରମହଂସ ପ୍ରଜ୍ଞାନାନନ୍ଦ ଗିରିଙ୍କଦ୍ୱାରା ସ୍ଥାପିତ ଏବଂ ପରିଚାଳିତ 'ଶ୍ରୀ ହରିହରାନନ୍ଦ ଗୁରୁକୁଳ' (ବାଲିଘାଇ : ପୁରୀ) ଆଶ୍ରମରେ ଶିବରାମ ବାବୁ ଜଣେ ଯୋଗାଚାର୍ଯ୍ୟ ଭାବେ ସମ୍ମାନିତ ।

–ପ୍ରକାଶକ

# ସୂଚୀପତ୍ର


| | | |
|---|---|---|
| ୧. | ମହାମୁନି | ୧୫ |
| ୨. | ବାଲ୍ୟଜୀବନ, ବ୍ରତୋପନୟନ ଓ ବିଦ୍ୟାଶିକ୍ଷା | ୧୭ |
| ୩. | ଶ୍ରୀଯୁକ୍ତେଶ୍ୱର ଗିରିଙ୍କର ସାନ୍ନିଧ ଓ ଦୀକ୍ଷା ଗ୍ରହଣ | ୨୨ |
| ୪. | ଗୃହତ୍ୟାଗ | ୨୪ |
| ୫. | ପୁରୀ ଆଗମନ ଓ ଆଶ୍ରମ ଜୀବନ | ୨୬ |
| ୬. | ମହାବତାର ବାବାଜୀ ମହାରାଜଙ୍କର ଆଶୀର୍ବାଦ ଲାଭ | ୩୫ |
| ୭. | ମା' କାଳୀଙ୍କର ଦର୍ଶନ | ୩୬ |
| ୮. | ପିତା ମାତାଙ୍କ ପ୍ରତି ଭକ୍ତି | ୪୦ |
| ୯. | ସନ୍ନ୍ୟାସ ଗ୍ରହଣ | ୪୪ |
| ୧୦. | ବିଦେଶ ଭ୍ରମଣ | ୪୬ |
| ୧୧. | ତାଙ୍କର ଶେଷ ସମୟ | ୫୦ |
| ୧୨. | ଦୁର୍ଲଭ ମନୁଷ୍ୟ ଜନ୍ମ | ୬୫ |
| ୧୩. | ହୀନ ଭିକ୍ଷା | ୬୭ |
| ୧୪. | ବ୍ରହ୍ମ ସଦ୍‌ଭାବ | ୭୦ |
| ୧୫. | ଆତ୍ମବୋଧରେ ଆତ୍ମହରା | ୭୫ |
| ୧୬. | କୁଳକୁଣ୍ଡଳିନୀ | ୭୮ |
| ୧୭ | ସମାଧିସ୍ଥ ଅବସ୍ଥା | ୮୧ |
| ୧୮. | ମହାଭାରତ ଏବଂ ଭଗବଦ୍ ଗୀତା | ୮୭ |
| ୧୯. | ଭଗବଦ୍ ଗୀତା ଏବଂ କ୍ରିୟାଯୋଗ | ୯୦ |
| ୨୦. | କ୍ରିୟାଯୋଗ ସାଧନା | ୧୦୬ |
| ୨୧. | ଗୀତା ମାହାତ୍ମ୍ୟ | ୧୧୫ |
| ୨୨. | ଶ୍ରୀ ହରିହରାନନ୍ଦଙ୍କର ଦୀକ୍ଷାଦାନ ପଦ୍ଧତି | ୧୨୨ |
| ୨୩. | ମନକୁ ବଶ କରିବାକୁ କିଛି ଉପାୟ | ୧୩୨ |
| ୨୪. | ତାଙ୍କର କିଛି ଯୋଗବିଭୂତି | ୧୪୬ |
| ୨୫. | ତାଙ୍କର ନବ ବର୍ଷର ବାର୍ତ୍ତା ଏବଂ କିଛି ଅମୃତବାଣୀ | ୧୬୫ |



୫୩ ବର୍ଷ ବୟସରେ ନଦିଆର ଦ୍ୱିତୀୟ ଶ୍ରୀଚୈତନ୍ୟ
ବ୍ରହ୍ମଚାରୀ ରବିନାରାୟଣ

# ମୁଖବନ୍ଧ

ପରମହଂସ ହରିହରାନନ୍ଦଙ୍କର ଜୀବନୀ, ତାଙ୍କର ସାଧନା, ସିଦ୍ଧି ଏବଂ ଦୀକ୍ଷାଦାନ ପଦ୍ଧତି ସମ୍ପର୍କରେ ପ୍ରଥମକରି ଲେଖିଥିଲେ ପ୍ରଫେସର ଡକ୍ଟର ରାଘବାନନ୍ଦ ନାୟକ (ପରବର୍ତ୍ତୀ ସମୟରେ ରାଜର୍ଷି) । ତାଙ୍କର ପ୍ରଥମ ଲେଖା 'କ୍ରିୟାଯୋଗ ସାଧନ ତତ୍ତ୍ୱ' । ଏହା ଓଡ଼ିଆ ଭାଷାରେ ୧୯୮୧ ମସିହାରେ ପ୍ରକାଶ ପାଇଥିଲା । ପରମହଂସ ହରିହରାନନ୍ଦଙ୍କର ସେ ଅତିପ୍ରିୟ ଉଚ୍ଚାଙ୍ଗ ସାଧକ ଶିଷ୍ୟ । ତାଙ୍କର ମୁଖ ନିଃସୃତ ବାଣୀ ସବୁ ସଂଗ୍ରହ କରି ସେ ଏହି ବହିଟି ସଂକଳନ କରିଥିଲେ । କ୍ରିୟଯୋଗ ସମ୍ପର୍କରେ ପୂର୍ବରୁ ଓଡ଼ିଆ ଭାଷାରେ ୧୯୭୧ ଖ୍ରୀ.ଅରେ ପ୍ରକାଶ ପାଇଥିବା 'କ୍ରିୟାଯୋଗ ଦର୍ଶନ' ଗ୍ରନ୍ଥର ଏହା ପରିବର୍ଦ୍ଧିତ ରୂପ ବୋଲି ସେ ଲେଖିଛନ୍ତି । ଏହି ପୁସ୍ତକଟି ଅତ୍ୟନ୍ତ ଉପାଦେୟ କ୍ରିୟାଯୋଗତତ୍ତ୍ୱ ସମ୍ବଳିତ ଜ୍ଞାନ ଏବଂ ସାଧନା, ପରମହଂସ ହରିହରାନନ୍ଦଙ୍କର ସମାଧି ଅବସ୍ଥା, ଇତ୍ୟାଦି ବହୁ ଜ୍ଞାନଗର୍ଭକ ତଥ୍ୟ ବର୍ଣ୍ଣିତ ହୋଇଥିବାରୁ ଏହା ବହୁଳ ଭାବେ ଆଦୃତ ହୋଇଥିଲା ଆଗ୍ରହୀ ସାଧକ ମାନଙ୍କ ମଧ୍ୟରେ ।

ତା'ପରେ ରାଘବାନନ୍ଦ ବାବାଙ୍କର ଓଡ଼ିଆରେ ଲିଖିତ ଦ୍ୱିତୀୟ ପୁସ୍ତକ ''ବୈଜ୍ଞାନିକ କ୍ରିୟାଯୋଗ ପଦ୍ଧତି'' ୧୯୮୨ ମସିହାରେ ପୁରୀ ଆଶ୍ରମ ତରଫରୁ ପ୍ରକାଶ ପାଇଥିଲା । ଏହି ପୁସ୍ତକରେ ଗୁରୁଦେବ ହରିହରାନନ୍ଦଙ୍କର ସଂକ୍ଷିପ୍ତ ଜୀବନୀ ସହ କ୍ରିୟାଯୋଗ ସାଧନା ପଦ୍ଧତି, କ୍ରିୟାଯୋଗ ଦୀକ୍ଷାତତ୍ତ୍ୱ ଇତ୍ୟାଦି ବିବିଧ କ୍ରିୟାସାଧନ ସମ୍ପର୍କରେ ବିଷଦ ଭାବରେ ବର୍ଣ୍ଣନା କରାଯାଇଛି । ଏହି ପୁସ୍ତକଟି ବିଶେଷ ଭାବରେ ସର୍ବତ୍ର ଆଦୃତ ହୋଇଥିଲା ଏବଂ ଏହା ଇଂରାଜି, ଜର୍ମାନୀ ଇତ୍ୟାଦି କେତେକ ବିଦେଶୀ ଭାଷାରେ ଏବଂ ବଙ୍ଗାଳୀ, ହିନ୍ଦୀ, ତେଲୁଗୁ ପ୍ରଭୃତି ଦେଶୀୟ ଭାଷା ମାନଙ୍କର ମଧ୍ୟ ଅନୁବାଦ ହୋଇଥିଲା । ୧୯୮୮ ମସିହାରେ ତାଙ୍କର ଓଡ଼ିଆ ଭାଷାରେ ଲିଖିତ ''କ୍ରିୟା ଯୋଗ ଏବଂ ସ୍ୱାମୀ ହରିହରାନନ୍ଦ'' ପୁସ୍ତକ ପ୍ରକାଶ ପାଇଥିଲା । ଏଥିରେ କ୍ରିୟାଯୋଗ ପରଂପରାର ପ୍ରଥମଗୁରୁ ମହାବତାର ବାବାଜୀ ମହାରାଜ ଏବଂ ତାଙ୍କର ଶିଷ୍ୟ ଶ୍ରୀ ଶ୍ୟାମା ଚରଣ ଲାହିଡ଼ୀ ମହାଶୟଙ୍କ ସମ୍ପର୍କରେ ବିଷଦ ଭାବରେ ବର୍ଣ୍ଣନା କରାଯାଇଛି । ଲାହିଡ଼ୀ ମହାଶୟ ହେଉଛନ୍ତି ଆଧୁନିକ କ୍ରିୟାଯୋଗର ଭଗୀରଥ, ଯିଏ ଭଗୀରଥଙ୍କର ଭଳି ଗଙ୍ଗାଙ୍କୁ ସ୍ୱର୍ଗରୁ ଅବତରଣ କରାଇ ମର୍ତ୍ତ୍ୟରେ ଭାରତ ଭୂମିରେ ପ୍ଲାବିତ କରାଇଥିଲେ । ସେହିଭଳି ଯୋଗାବତାର ଶ୍ୟାମାଚରଣ ମଧ୍ୟ ବହୁ ପ୍ରାଚୀନ ଯୋଗତତ୍ତ୍ୱକୁ ମହାବତାର ବାବାଜୀଙ୍କ ଠାରୁ ପ୍ରାପ୍ତ ହୋଇ ଏହା ବିଶ୍ୱରେ ସର୍ବତ୍ର

ପ୍ରଚାର ଏବଂ ଆଦୃତ ହେବାର ସୁଯୋଗ ସୃଷ୍ଟି କରିଥିଲେ । ତାଙ୍କର ଯୋଗସିଦ୍ଧ ଶିଷ୍ୟ ହେଉଛନ୍ତି ଶ୍ରୀଯୁକ୍ତେଶ୍ୱର ଗିରି । ଶ୍ରୀଯୁକ୍ତେଶ୍ୱରଙ୍କ ଶିଷ୍ୟ ପରମହଂସ ଯୋଗାନନ୍ଦ ଏବଂ ପରମହଂସ ହରିହରାନନ୍ଦ ଉଭୟେ ଏହି କ୍ରିୟାଯୋଗର ବହୁଳ ପ୍ରଚାର ବିଦେଶର ବହୁ ରାଜ୍ୟ ମାନଙ୍କରେ ଏବଂ ସ୍ୱଦେଶରେ ବହୁ ସହରରେ ପ୍ରଚାର କରାଇଛନ୍ତି ।

ଶ୍ରୀ ରାଘବାନନ୍ଦ ବାବାଙ୍କର ଏହି ପୁସ୍ତକଟିରେ ପରମହଂସ ହରିହରାନନ୍ଦଙ୍କର ସଂକ୍ଷିପ୍ତ ଜୀବନୀ, ସାଧନ ଉପଲବ୍ଧି, ସମାଧି ଲାଭ, ବିଦେଶରେ କ୍ରିୟାଯୋଗର ପ୍ରଚାର ଇତ୍ୟାଦି ବହୁକଥା ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି ।

ଏହାପରେ ପରମହଂସ ପ୍ରଜ୍ଞାନାନନ୍ଦ ପ୍ରାୟ ଅଶୀଦଶକ ମଧ୍ୟ ଭାଗରୁ ୨୦୦୨ ଡିସେମ୍ବର ୩ ତାରିଖ ଗୁରୁଦେବ ହରିହରାନନ୍ଦଙ୍କର ଶେଷ ନିଃଶ୍ୱାସତ୍ୟାଗ ପର୍ଯ୍ୟନ୍ତ ତାଙ୍କ ପାଖେ ପାଖେ ରହି ତାଙ୍କର ସେବା କରିବାରେ ସୌଭାଗ୍ୟ ଲାଭ କରିଥିଲେ ଏବଂ ସେହି ସମୟ ଭିତରେ ସେ ତାଙ୍କର ବହୁ ଅମୃତ ଉପଦେଶ, ନିଜର ସାଧନା ସିଦ୍ଧିଲାଭ ଇତ୍ୟାଦି ବହୁ ଉପାଦେୟ ତତ୍ତ୍ୱ ଏବଂ ବାଣୀ ଲିପିବଦ୍ଧ କରିପାରିଥିଲେ । ପରମହଂସ ପ୍ରଜ୍ଞାନାନନ୍ଦ ଜଣେ ଅତ୍ୟନ୍ତ ମେଧାବୀ, ନିଷ୍ଠାପର ଏବଂ ଗୁରୁଭକ୍ତି ପରାୟଣ ଶିଷ୍ୟ ହୋଇଥିବା ଯୋଗୁଁ ଗୁରୁଦେବଙ୍କର ଅତି ଆଦରର ପାତ୍ର ହୋଇଥିଲେ । ସେ ଗୁରୁଦେବଙ୍କର ଜୀବନୀ, ସାଧନା, ଇତ୍ୟାଦି ତାଙ୍କ ସମ୍ପର୍କରେ ବହୁ କଥା ସଂଗ୍ରହ କରି ଇଂରାଜି ଭାଷାରେ ତିନୋଟି ପୁସ୍ତକ ଯଥା- 'HARIHARANANDA, RIVER OF COMPASSION', 'MY TIME WITH THE MASTER', 'THE LAST DECADE' ଲେଖିଛନ୍ତି । ଉଭୟଙ୍କର ସେହି ପୁସ୍ତକ ମାନଙ୍କରୁ ପରମହଂସ ହରିହରାନନ୍ଦଙ୍କର ଜୀବନୀ, ସାଧନା, ସିଦ୍ଧି ଏବଂ ତାଙ୍କର କ୍ରିୟାଯୋଗର ପ୍ରଚାର ସମ୍ପର୍କୀୟ ସାର ତଥ୍ୟ ସଂଗ୍ରହ କରି ଏହି କ୍ଷୁଦ୍ର ପୁସ୍ତିକାଟିରେ ଲିପିବଦ୍ଧ କରାଯାଇଛି ।

ପରମହଂସ ହରିହରାନନ୍ଦଙ୍କର କ୍ରିୟାଯୋଗ ସାଧନା ପ୍ରଣାଳୀ, ଶ୍ରୀ ଶ୍ୟାମାଚରଣ ଲାହିଡି ବାବା, ଶ୍ରୀଯୁକ୍ତେଶ୍ୱର ଗିରି ମହାରାଜାଙ୍କ ସାଧନା ପଦ୍ଧତି ମଧ୍ୟରେ ସେତେ ବିଶେଷ ପ୍ରଭେଦ ନଥିଲେ ମଧ୍ୟ ହରିହରାନନ୍ଦଙ୍କର କ୍ରିୟାଯୋଗ ସାଧନା ଓ ଦୀକ୍ଷାବିଧିରେ ବିଶେଷତ୍ୱ ଅଛି । ସେ ଶ୍ୱାସ ସଂଯମ ଉପରେ ବିଶେଷ ଗୁରୁତ୍ୱ ଦେଉଥିଲେ ଏବଂ ଏହା କିପରି ସହଜସାଧ୍ୟ ହୋଇପାରିବ ଏବଂ ଆଶୁ ଫଳଦାୟୀ ହୋଇପାରିବ ସେହି କୌଶଳ ଶିଷ୍ୟମାନଙ୍କୁ ଦୀକ୍ଷା ସମୟରେ ବତାଉଥିଲେ । ସେ ସବୁବେଳେ କହୁଥିଲେ "Breath control is self control" ଶ୍ୱାସ ସଂଯମ ହିଁ ଆତ୍ମ ସଂଯମ, "Breath lessness is death lessness." ଅର୍ଥାତ୍ ଶ୍ୱାସ ଶୂନ୍ୟ ଅବସ୍ଥା ହେଉଛି ଅମର

ଅବସ୍ଥା । ସେ ଶାସ୍ତ୍ରବାକ୍ୟ ଉଦ୍ଧାର କରି କହନ୍ତି ଯେ ଶ୍ୱାସ ହିଁ ପ୍ରତ୍ୟକ୍ଷ ଦେବତା ।

''ଆୟୁଃ ବାୟୁଃ ବଳଂବାୟୁଃ, ବାୟୁଃ ଧାତା ଶରୀରୀଣଃ । ବାୟୁଃ ବିଶ୍ୱମିଦଂ ସର୍ବଂ ବାୟୁଃ ପ୍ରତ୍ୟକ୍ଷ ଦେବତା ।।''

-ଅର୍ଥାତ୍, ବାୟୁ ହେଉଛନ୍ତି ଆମର ବଳ । ଦେହଧାରୀ ସମସ୍ତ ଜୀବଙ୍କର ବାୟୁ ହେଉଛନ୍ତି ଧାତା, ସମସ୍ତଙ୍କୁ ଧରିରଖିଛନ୍ତି । ବାୟୁ ଯୋଗୁଁ ସମସ୍ତେ ଜୀବିତ ରହିଛନ୍ତି । ଏ ସମଗ୍ର ବିଶ୍ୱ ବାୟୁମୟ । ବାୟୁ ହେଉଛନ୍ତି ପ୍ରତ୍ୟକ୍ଷ ଦେବତା । ପରମହଂସ ହରିହରାନନ୍ଦ ପୁଣି କହନ୍ତି ଯେ, ବାୟୁ ହେଉଛନ୍ତି ପରମାତ୍ମା । ସେ ଆମ ଶରୀର ଭିତରେ ରହି ଅହରହ ଶ୍ୱାସ ଟାଣୁଛନ୍ତି । ସେ ଶ୍ୱାସ ଯଦି ଟାଣିବେ ନାହିଁ, ତେବେ ଆମେ ସବୁ ମୃତ । ''ଆମି ଆତ୍ମା ଆକାଶବାସୀ, ଶ୍ୱାସେ ଶ୍ୱାସେ ଦେହେ ଆସି'' ଏହି ଦିବ୍ୟବାଣୀ ସ୍ୱୟଂ ପରମାତ୍ମାଙ୍କର । କିନ୍ତୁ ଆମେ ଆମର ଶ୍ୱାସ ପ୍ରଶ୍ୱାସକୁ ଦେବତାର ସମ୍ମାନ ଦେଇ ନାହୁଁ । ପ୍ରଭୁ କେତେ କୃପାମୟ ! ଆମ ଭିତରେ ଶ୍ୱାସ ରୂପରେ ରହି ଆମକୁ ସଦା ଜାଗ୍ରତ ପ୍ରହରୀ ଭଳି ଜଗି ରହିଛନ୍ତି ଅହୋରାତ୍ର । କିନ୍ତୁ ଆମେ ତାଙ୍କୁ ଭୁଲିଯାଉଛୁ । ସର୍ବଦା ଶ୍ୱାସର ଦୁରୁପଯୋଗ କରିଚାଲିଛୁ, ଅପବ୍ୟବହାର କରି ଚାଲିଛୁ । ଦିନେ ମଧ୍ୟ ଏହା ସଦୁପଯୋଗ କରିବାକୁ ଚେଷ୍ଟା କରିନାହୁଁ । ଆମ୍ଭେମାନେ ଯେତେ ଦୁଃଖ, କଷ୍ଟ, ଯାତନା, ରୋଗ, ଅଶାନ୍ତି ଭୋଗ କରୁଛୁ,-ତାହା କେବଳ ଆମରି ଶ୍ୱାସର ଦୁରୁପଯୋଗ କରିବା ଯୋଗୁଁ ଆମକୁ ଭୋଗିବାକୁ ହେଉଛି । ଶ୍ୱାସ ପ୍ରଶ୍ୱାସର ଗତି ଅତି ଚଞ୍ଚଳ ହେଲେ ମନ ଅସ୍ଥିର ହୋଇଉଠେ । ଶାନ୍ତି ନଷ୍ଟ ହୋଇଯାଏ । ନିଦ୍ରା ସମୟରେ ଶ୍ୱାସ ପ୍ରଶ୍ୱାସର ଅତି ଧୀର ଏବଂ ଦୀର୍ଘଗତି ଯୋଗୁଁ ଶାନ୍ତିରେ ନିଦ୍ରା ହୁଏ । ଶ୍ୱାସ ଗତି ଚଞ୍ଚଳ ହେଲେ ସୁଖନିଦ୍ରା ହୁଏ ନାହିଁ । ଜାଗ୍ରତ ଅବସ୍ଥାରେ ଶ୍ୱାସ ପ୍ରଶ୍ୱାସ ଏହିଭଳି ଧୀର ଭାବରେ ଚାଲିଲେ ମନରେ ସର୍ବଦା ଶାନ୍ତି ଏବଂ ଆନନ୍ଦବୋଧ ରହିବ ।

ଭଗବଦ୍ ଗୀତାରେ କାମ କ୍ରୋଧ ଓ ଲୋଭକୁ ନରକର ତ୍ରିବିଧ ଦ୍ୱାର ଏବଂ ଏହିମାନେ ମନୁଷ୍ୟର ବିନାଶର କାରଣ ବୋଲି କୁହାଯାଇଛି । କାମ ବାସନା ଚରିତାର୍ଥ କରିବାରେ ମାତିଥିବା ବ୍ୟକ୍ତି ଏବଂ କ୍ରୋଧ ଦ୍ୱାରା ଆକ୍ରାନ୍ତ ଓ ଲୋଭଥିବା ବ୍ୟକ୍ତି ମାନଙ୍କର ଶ୍ୱାସର ଗତି ଏତେ ପ୍ରଖର ହୋଇଉଠେ ଯେ, ସେମାନଙ୍କର ସାରା ଶରୀର ଭିତର ବାହାର ଭୀଷଣ ଭାବରେ ଉତ୍ତପ୍ତ ହୋଇଉଠେ । ମସ୍ତିଷ୍କ ମଧ୍ୟସ୍ଥ, ସୂକ୍ଷ୍ମ ରକ୍ତକୋଷ ସବୁ ତାହାଦ୍ୱାରା ନଷ୍ଟ ହୋଇଯାଏ । ଫଳରେ ସେମାନଙ୍କର ଜୀବନୀ ଶକ୍ତି କ୍ଷୟ ଘଟିବାରେ ଲାଗେ । ସେମାନଙ୍କ ମନ ସଦା ଅସ୍ଥିର ଏବଂ ଅଶାନ୍ତ ରହେ । ଦୀର୍ଘ ଦିନ ଯଦି ଏଭଳି ପ୍ରବୃତ୍ତି ଦ୍ୱାରା ସେମାନେ ପରିଚାଳିତ ହୋଇ ଚାଲିଥିବେ, ତେବେ ତାଙ୍କର ଆୟୁ କ୍ଷୟ ସୁନିଶ୍ଚିତ ।

ଭଗବତ୍ ଗୀତାରେ ଆହୁରି ଲେଖାଅଛି (୨ୟ ଅଧ୍ୟାୟ ୬୨/୬୩) ବିଷୟ ସୁଖରେ ମାତି ରହିଲେ ଆସକ୍ତି ଜାତହୁଏ । ଆସକ୍ତିରୁ କାମ, କାମରୁ କ୍ରୋଧ, କ୍ରୋଧରୁ ସଂମୋହ ଜାତହୁଏ । କ୍ରୋଧୀ ଲୋକର କ୍ରୋଧ ସମୟରେ ହିତାହିତ ଜ୍ଞାନ ରହେନାହିଁ । ସଂମୋହ ଦ୍ୱାରା ସ୍ମୃତି ବିଭ୍ରମ ଘଟେ, ସ୍ମୃତିଭ୍ରଂଶ ହେଲେ ବୁଦ୍ଧିନାଶ ହୁଏ । ବୁଦ୍ଧିନାଶ ହେଲେ ବିନାଶ ଅବଶ୍ୟମ୍ଭାବୀ । ଏହିଭଳି କାମ କ୍ରୋଧ, ଲୋଭ ଭିତରେ ମଜି ରହିଥିବା ବ୍ୟକ୍ତିମାନେ ଶ୍ୱାସର ଦୁରୁପଯୋଗ କରୁଥିବାରୁ କଷ୍ଟ ଭୋଗ କରନ୍ତି ଏବଂ ଶେଷରେ ଅକାଳ ମୃତ୍ୟୁରେ ପତିତ ହୁଅନ୍ତି ।

ଶ୍ୱାସର ସଦୁପଯୋଗ କରୁଥିବା ବ୍ୟକ୍ତିଙ୍କର ଚିତ୍ତ ସର୍ବଦାସ୍ଥିର ରହେ । ସେମାନେ ସଦା, ଧ୍ୟାନରତ ରହିବାକୁ ଭଲ ପାଆନ୍ତି; ସଦ୍‌ଗ୍ରନ୍ଥ ଅଧ୍ୟୟନ କରନ୍ତି, ସତ୍‌ସଙ୍ଗ କରନ୍ତି । କାୟ ମନୋବାକ୍ୟରେ ସର୍ବଦା ଭଗବତ୍‌ବୋଧରେ ରହିଥାନ୍ତି । "ସେ ସବୁ କରୁଛନ୍ତି, ମୁଁ କେବଳ ନିମିତ୍ତ ମାତ୍ର; କରି କରାଉଥାଏ ମୁହିଁ "ଏହି ଦିବ୍ୟବୋଧରେ ସେମାନେ ସଦା ସର୍ବଦା ରହୁଥିବାରୁ ତାଙ୍କର ମନ ସ୍ଥିର ଏବଂ ଶାନ୍ତ ରହିଥାଏ । ସେହିମାନେ ହିଁ ପ୍ରକୃତ ସୁଖୀ । ଏଣୁ ପରମହଂସ ହରିହରାନନ୍ଦ ଧ୍ୟାନରେ ବେଶୀ ସମୟ ରହିବାକୁ ଅଭ୍ୟାସ କରିବା ପାଇଁ ଶିଷ୍ୟ ମାନଙ୍କୁ ଉପଦେଶ ଦେଉଥାନ୍ତି । ନିଜ ନିଜର ଇଷ୍ଟ ଦେବ-ଦେବୀଙ୍କର ସ୍ତୁତି, ଜପ, ବାହ୍ୟ ପୂଜା ଆଦି କରିବାକୁ ସେ ମନା କରି ନାହାନ୍ତି । କିନ୍ତୁ ସେଥିରେ ବେଶୀ ସମୟ ନିୟୋଜନ କରିବା ଅପେକ୍ଷା ଧ୍ୟାନ ଅବସ୍ଥାରେ ବେଶୀ ସମୟ ରହିଲେ ଶୀଘ୍ର ଈଶ୍ୱର ଉପଲବ୍ଧି ହେବ ବୋଲି ସେ ଜୋର ଦେଇ କହନ୍ତି ।

ସେ ମଧ୍ୟ ପ୍ରତ୍ୟକ୍ଷରେ ନିଜେ କରି ଦେଖାଇ ଦେଉଥିଲେ, ଧ୍ୟାନ ଗଭୀର ହୋଇଗଲେ କିପରି ଶ୍ୱାସଗତି ଅତି ସ୍ଥିର ହୋଇଯାଏ ଏବଂ ସମାଧି ଅବସ୍ଥା ଆସିଯାଏ । ମୂଳାଧାର ଚକ୍ରରୁ ମହାତେଜୋମୟୀ କୁଳ କୁଣ୍ଡଳିନୀ ଜାଗ୍ରତ ହୋଇ ମେରୁଦଣ୍ଡ ମଧ୍ୟସ୍ଥ ଷଟ୍ ଚକ୍ର ସବୁ ଭେଦ କରି ଶିରସ୍ଥ ସହସ୍ରଦଳ ପଦ୍ମ ଆଡ଼କୁ ଉଠିଆସନ୍ତି । ଗୁରୁଦେବ ହରିହରାନନ୍ଦ ପରମହଂସଙ୍କର ଏହିଭଳି ଅବସ୍ଥା ମୁଁ ନିଜେ ସ୍ୱଚକ୍ଷୁରେ ଦେଖିଛି । ୧୯୭୦ ମସିହା ମେ' ମାସରେ ମୁଁ ବାଲେଶ୍ୱର ସହରରେ ବିଚାର ବିଭାଗୀୟ ଅଫିସର ଭାବେ ଚାକିରୀ କରିଥିବା ସମୟରେ ଗୁରୁଦେବ ତାଙ୍କର ପ୍ରିୟ ଶିଷ୍ୟ ରାଘବାନନ୍ଦ ବାବାଙ୍କ ସହ ବାଲେଶ୍ୱର ଆସିଥିଲେ । ସେ ସମୟରେ ଥିବା ଜିଲ୍ଲା ଜଜ୍ ଏବଂ ମୁଁ ଉଭୟେ ସେଦିନ ତାଙ୍କଠାରୁ କ୍ରିୟାଯୋଗ ଦୀକ୍ଷା ନେଇଥିଲୁ । ସେ ଦିନ ସନ୍ଧ୍ୟା ସମୟରେ ତାଙ୍କ ବାସଭବନରେ ସେ ଆମ୍ଭମାନଙ୍କୁ ଧ୍ୟାନପଦ୍ଧତି ସବୁ ଶିଖାଉଥିଲେ । ସେହି ସମୟରେ ସେ ଆମ ତିନିଜଣଙ୍କ ଆଗରେ ଧ୍ୟାନରେ ବସି କୁଣ୍ଡଳିନୀ ନିଜ ମେରୁଦଣ୍ଡ

ଭିତରେ ଜାଗରଣ କରାଇ ଆମକୁ ଦେଖାଇଥିଲେ । ମୁଁ ଦେଖିଛି ତାରା ଭଳି ଗୋଟିଏ ଅତି ଉଜ୍ଜ୍ୱଳ ଆଲୋକ ବିନ୍ଦୁ ତାଙ୍କର ମେରୁଦଣ୍ଡର ନିମ୍ନ ଭାଗରୁ ଦ୍ରୁତଗତିରେଉର୍ଦ୍ଧ୍ୱ ଦିଗ ଆଡ଼କୁ ଉଠିଆସିଲା ଏବଂ ସଂଗେ ସଂଗେ ନିମ୍ନ ଚକ୍ରକୁ ଖସି ଆସିଲା । ଏପରି ଦୁଇ ତିନିଥର କୁଣ୍ଡଳିନୀର ଉଠିବା ଓ ଖସିଆସିବା ଆମେ ଦେଖିଛୁ । ଏଥି ସହ ସେ ସଂପୂର୍ଣ୍ଣ ସମାଧିସ୍ଥ ଅବସ୍ଥାରେ ବସି ରହିଲେ ପ୍ରାୟ ଅଧ ଘଣ୍ଟା ଯାଏଁ । ତାଙ୍କର ଶ୍ୱାସ ପ୍ରଶ୍ୱାସ, ହୃତ୍‌ସନ୍ଦନ, ନାଡ଼ି ସ୍ପନ୍ଦନ ସବୁ ବନ୍ଦ ହୋଇଯାଇଥିଲା । ସେ ପ୍ରାୟ ମୃତବତ୍ ଅବସ୍ଥାରେ ବସି ରହିଥିବା ଆମେ ଦେଖିଥିଲୁ । ମୁଁ ଓ ଜିଲ୍ଲା ଜଜ୍ ଦୁହେଁ ଆତଙ୍କିତ ହୋଇ ଉଠିଲୁ । ରାଘବାନନ୍ଦ ବାବା ପୂର୍ବରୁ କେତେ ଥର ଗୁରୁଦେବଙ୍କର ସମାଧି ଅବସ୍ଥା ଦେଖି ଥିବାରୁ ସେ ଆମ୍ଭମାନଙ୍କୁ ଧୈର୍ଯ୍ୟ ଧରି ବସି ଧ୍ୟାନ କରିବାକୁ କହିଲେ ଏବଂ ଗୁରୁଦେବଙ୍କର ଦୁଇ ହାତ ପାପୁଲି ଛାତି ପିଠି ଘଷା ଘଷା କରି ତାଙ୍କୁ ସଚେତ କରିବାରେ ଲାଗି ରହିଲେ । କିଛି ସମୟ ପରେ ଗୁରୁଦେବଙ୍କର ସଂଜ୍ଞା ଫେରି ଆସିଲା ।

ଏହି ସମାଧି ଅବସ୍ଥାକୁ ପରମହଂସ ହରିହରାନନ୍ଦ କହନ୍ତି "Breath lessness state is death lessness state." ଏହି ଅବସ୍ଥା ଅତ୍ୟନ୍ତ ଆନନ୍ଦମୟ ଅବସ୍ଥା ବୋଲି ସେ କହନ୍ତି । ଶ୍ୱାସ ପ୍ରଶ୍ୱାସର ଗତି ସ୍ଥିର ବା ଅତି ମନ୍ଥର ହେଲେ ମନଶାନ୍ତ ରହେ । ମନଶାନ୍ତ ରହିଲେ ପରମାନନ୍ଦ ସ୍ଥିତିରେ ପହଞ୍ଚିବା ସହଜ ହୋଇଯାଏ । ଏହା ହିଁ ଈଶ୍ୱର ଉପଲବ୍ଧି ।

ଏହିଭଳି ଉଚ୍ଚତମ ଅବସ୍ଥା ପ୍ରାପ୍ତି ସେହି ଯୋଗୀମାନଙ୍କର ହୁଏ ଯେଉଁମାନେ କଠୋର ସାଧନାରେ ସଦା ବୁଡ଼ି ରହିଥାନ୍ତି । ଭଗବତ୍ ଗୀତା ୬ଷ୍ଠ ଅଧ୍ୟାୟ ୨୮ ଶ୍ଳୋକରେ ଲେଖାଅଛି ।

ଯୁଞ୍ଜାନ୍ ଏବ ସଦା ତ୍ମାନଂ ଯୋଗୀ ବିଗତ କଲ୍ମ ଷଃ
ସୁଖେନ ବ୍ରହ୍ମ ସଂସ୍ପର୍ଶଂ ଅତ୍ୟନ୍ତଂ ସୁଖଂ ଅଶ୍ନୁତେ ।

ଅର୍ଥାତ୍- ଏହିଭଳି ଯିଏ ନିରବଚ୍ଛିନ୍ନ ଭାବେ ଧ୍ୟାନମୟ ଅବସ୍ଥାରେ ରହିଥାନ୍ତି, ସେମାନେ ନିଷ୍ପାପ ହୋଇଯାଆନ୍ତି । ସେମାନେ ବ୍ରହ୍ମ ସଂସ୍ପର୍ଶ ଲାଭ କରନ୍ତି । ଯାହା ଫଳରେ ପରମ ସୁଖ ପ୍ରାପ୍ତ ହୁଅନ୍ତି । ସେମାନେ ଜୀବନମୁକ୍ତ ହୋଇ ଯାଆନ୍ତି । ବ୍ରହ୍ମ ସଂସ୍ପର୍ଶ ପ୍ରାପ୍ତ ହେଲେ ସେ ଯେଉଁ ପରମାନନ୍ଦ ଅନୁଭୂତି ହୁଏ, ତାହା ପରମହଂସ ହରିହରାନନ୍ଦଙ୍କ ଭଳି ଉଚ୍ଚ ଧ୍ୟାନ ସିଦ୍ଧ ଯୋଗୀପୁରୁଷ ଜାଣନ୍ତି । ତାକୁ କୌଣସି ଭାଷାଦେଇ ବୁଝାଇ ହୁଏ ନାହିଁ । ଯିଏ ସେହି ସ୍ୱାଦ ଚାଖିଛନ୍ତି, ସିଏ ନିଜେ ସର୍ବଦା

ଆନନ୍ଦରେ ବିଭୋର ହୋଇ ରହିଥାନ୍ତି । କେବଳ ଏତିକି କୁହାଯାଇପାରେ ଯେ, ସେହି ପରମ ସୁଖ ଅନୁଭୂତି କାମିନୀ କାଞ୍ଚନାଦି ସାଂସାରିକ ବିଷୟ ଭୋଗ ସୁଖ ଅପେକ୍ଷା କୋଟି କୋଟି ଗୁଣରେ ଅଧିକ । ବିଷୟ ଭୋଗ ସୁଖ କ୍ଷଣ ସ୍ଥାୟୀ ଏବଂ ପରିଣାମ କ୍ଲେଶପଦ । କିନ୍ତୁ ବ୍ରହ୍ମ ସଂସ୍ପର୍ଶ ସୁଖ ଚିରସ୍ଥାୟୀ, ଅକ୍ଷୟ ଏବଂ ଅଖଣ୍ଡ । ଏହିଭଳି ଅବସ୍ଥା ସମସ୍ତେ ଲାଭ କରିପାରିବେ ବୋଲି ପରମହଂସ ହରିହରାନନ୍ଦ କହନ୍ତି । କେବଳ ପ୍ରଗାଢ଼ ଭକ୍ତି ଏବଂ ନିଷ୍ଠାର ସହ ଧ୍ୟାନରତ ହେବା ନିତାନ୍ତ ଦରକାର । ଈଶ୍ୱର କୃପାଲାଭ ପିଲା ଖେଳ ନୁହେଁ, କୃପା ଅର୍ଥ କୃ + ପା । 'କୃ' ଧାତୁ ଅର୍ଥ କର, 'ପା' ଅର୍ଥାତ୍ ପାଅ । କର ଏବଂ ପାଅ । ଧ୍ୟାନରେ ଲାଗିରହ । ପ୍ରଭୁ କୃପା ନିଶ୍ଚୟ ପାଇବ ।

ଗତ ବିଂଶ ଶତାବ୍ଦୀର ଶେଷ ଦୁଇ ଦଶନ୍ଧି ମଧ୍ୟରେ ପରମହଂସ ପ୍ରଜ୍ଞାନାନନ୍ଦ ଗୁରୁଦେବ ପରମହଂସ ହରିହରାନନ୍ଦଙ୍କର ସହିତ ଦୀର୍ଘ ଦିନ ରହି ତାଙ୍କର ଶ୍ରଦ୍ଧା ଏବଂ କୃପା ପ୍ରାପ୍ତ ହୋଇପାରିଥିଲେ । ପରମହଂସ ହରିହରାନନ୍ଦ ଥିଲେ ଜଣେ ବ୍ରହ୍ମଜ୍ଞାନୀ, ସିଦ୍ଧଯୋଗୀ, ବେଦ ଉପନିଷଦ କର୍ମକାଣ୍ଡ ଆଦି ବହୁ ଶାସ୍ତ୍ରରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା । ପ୍ରଜ୍ଞାନାନନ୍ଦ ବାବାଙ୍କୁ ସେ ସବୁ ଶିଖାଇ ଦେଉଥିଲେ । ଫଳରେ ପ୍ରଜ୍ଞାନାନନ୍ଦ ବାବା ବହୁ ହିନ୍ଦୁ ଧର୍ମ ଶାସ୍ତ୍ର ଇଂରାଜିରେ ଅନୁବାଦ କରି ପୁସ୍ତକ ମାନ ଲେଖିଛନ୍ତି । ତାଙ୍କର ପ୍ରଶଂସନୀୟ କୃତୀ ହେଉଛି ପରମହଂସ ହରିହରାନନ୍ଦଙ୍କ ଠାରୁ ଭଗବତ୍ ଗୀତାର କ୍ରିୟାଯୋଗ ଭିତ୍ତିକ ତାତ୍ତ୍ୱିକ ବ୍ୟାଖ୍ୟା ± ତାଙ୍କରି ନିର୍ଦ୍ଦେଶରେ ଇଂରାଜିରେ ସଂକଳନ କରିଛନ୍ତି ଯାହାର ନାମ Bhagabat Gita in the light of Kriyayoga । ଏହା ଇଂରାଜୀ ଭାଷାରେ ଅନୁବାଦ ହୋଇଥିବାରୁ ବିଦେଶ ଏବଂ ଦେଶରେ ବହୁ ଆଗ୍ରହ ଲାଭ କରିଛି । ସମସ୍ତେ କ୍ରିୟାଯୋଗ ସମ୍ପର୍କରେ ଜାଣିବାକୁ ପାଇଛନ୍ତି । ପରମହଂସ ହରିହରାନନ୍ଦ ଆଉ ମର ଶରୀରରେ ନାହାନ୍ତି । କିନ୍ତୁ ସେ ତାଙ୍କର ଦେଶ ବିଦେଶରେ ଥିବା ଅଗଣିତ ଶିଷ୍ୟ, ଭକ୍ତ ଏବଂ ଶ୍ରଦ୍ଧାଳୁ ମାନଙ୍କର ଅନ୍ତରରେ ତଥାପି ଜୀବିତ ରହିଛନ୍ତି ଏବଂ ସେମାନଙ୍କର ଆଧ୍ୟାତ୍ମିକ ଉତ୍ଥାନ ପାଇଁ ଏବେ ସୁଦ୍ଧା ତାଙ୍କର ଗୁରୁଶକ୍ତି କ୍ରିୟାଶୀଳ ରହିଛି ପ୍ରତି ମୁହୂର୍ତ୍ତରେ ।

ପ୍ରଥମାଷ୍ଟମୀ
ତା: ୨୯.୧୦.୨୦୧୦

ଶିବରାମ ରଥ
ଇନ୍ଦିରାନଗର, ୨ୟ ଗଳି
ବ୍ରହ୍ମପୁର-୭୬୦୦୦୪

# ମହାମୁନି ପରମହଂସ ହରିହରାନନ୍ଦ

ଦୁଃଖେଷୁ ଅନୁଦ୍‌ବିଗ୍ନମନାଃ ସୁଖେଷୁ ବିଗତସ୍ପୃହଃ
ବୀତରାଗଭୟକ୍ରୋଧଃ ସ୍ଥିତଧୀଃ ମୁନିଃ ଉଚ୍ୟତେ

ଗୀତା ୨।୫୬

ଅର୍ଥାତ୍ – ଯାହାଙ୍କର ମନ ଦୁଃଖରେ କାତର ହୁଏ ନାହିଁ ଓ ଯିଏ ସାଂସାରିକ ସୁଖଭୋଗ ପ୍ରତି ବିତସ୍ପୃହ ବା ଆଗ୍ରହହୀନ ଏବଂ ଯାହାଙ୍କର ସ୍ନେହ, ଭୟ ଓ କ୍ରୋଧ ବିଗତ ହୋଇଅଛି ସେହି ସ୍ଥିତଧୀ ବା ସ୍ଥିରବୁଦ୍ଧି ବ୍ୟକ୍ତିଙ୍କୁ ମୁନି କୁହାଯାଏ । ମୁନି ଅର୍ଥାତ୍ ମନନଶୀଳ, ଯିଏ ସମାଧିରୁ ଉତ୍‌ଥିତ । ସମାଧି କାଳରେ ମନ ଲୟ ପ୍ରାପ୍ତ ହୁଏ, ସେହି ସଙ୍ଗେ ସଙ୍ଗେ କାମନା, ସଂକଳ୍ପ ପ୍ରଭୃତି ଯାହା ମନର ଧର୍ମ ସେସବୁ ଆପଣାଛାଏଁ ଲୁପ୍ତ ହୁଏ । ସ୍ଥିର ବୁଦ୍ଧି ବ୍ୟକ୍ତି ନିଷ୍କାମ ହେତୁରୁ କର୍ମଜନିତ ସୁଖର ଇଚ୍ଛା ତ ତାଙ୍କର ନଥାଏ । ଯାହାଙ୍କର ମନ ବିଷୟ ନିବୃତ୍ତ ହୋଇଛି ଆଉ କେଉଁ ପଦାର୍ଥରେ ରାଗ ବା ସ୍ନେହ ହେବ ? ଯାହାଙ୍କର ଚିତ୍ତ ସକଳ ପଦାର୍ଥକୁ ଆନନ୍ଦ ବ୍ରହ୍ମରୂପରେ ଦର୍ଶନ କରୁଅଛି ତାଙ୍କର ଆଉ କାହାକୁ ଦେଖି ଭୟ ହେବ ? ଆଉ ଯେ ସମସ୍ତଙ୍କୁ ଆତ୍ମବତ୍ ମନେ କରନ୍ତି ବା ସର୍ବତ୍ର ଈଶ୍ୱର ବିଦ୍ୟମାନ ଏହି ବୋଧରେ ରହିଥାନ୍ତି ସେ କି କାହାପ୍ରତି କ୍ରୋଧ ପ୍ରକାଶ କରିପାରନ୍ତି ?

ପରମହଂସ ହରିହରାନନ୍ଦ ତାଙ୍କର ଲିଖିତ ଭଗବଦ୍ ଗୀତାର କ୍ରିୟାଯୋଗ ଭିତ୍ତିକ ବାଖ୍ୟା (Bhagabad Gita in the light of Kriya Yoga) ପୁସ୍ତକରେ ମୁନିର ଅର୍ଥ ବୁଝାଇ ଲେଖିଛନ୍ତି (ଅ:୨ ଶ୍ଳୋକ ୫୫ ଶେଷ ଭାଗ) – ଯେଉଁମାନେ ଇନ୍ଦ୍ରିୟ ନିଗ୍ରହ କରି ଆତ୍ମସଂସ୍ଥ ହୁଅନ୍ତି, ସେମାନେ ସମ୍ପୂର୍ଣ୍ଣ ଶାନ୍ତ ଅବସ୍ଥାରେ ରହନ୍ତି । ସେମାନେ ନିଜର ଶ୍ୱାସପ୍ରଶ୍ୱାସ ଯିବା ଆସିବା ଅନୁଭବ କରିପାରନ୍ତି ନାହିଁ । ପାତଞ୍ଜଳି

ଯୋଗସୂତ୍ରରେ ଲେଖାଅଛି 'ଶ୍ୱାସପ୍ରଶ୍ୱାସ ଗତିଃ ବିଚ୍ଛେଦଃ।' ଅର୍ଥାତ୍ ସେମାନେ ସମ୍ପୂର୍ଣ୍ଣ ଭାବେ ଈଶ୍ୱରବୋଧରେ ମଜ୍ଜି ରହି ଥିବାରୁ ଶ୍ୱାସପ୍ରଶ୍ୱାସ ଗତି ପ୍ରତି ଲକ୍ଷ୍ୟ ରଖି ପାରନ୍ତି ନାହିଁ । ସେମାନଙ୍କର ଶ୍ୱାସ ପ୍ରଶ୍ୱାସର ଗତି ଧୀର ବା ମନ୍ଥର ହୋଇଯାଇଥାଏ । ଏଣୁ ଦୁଃଖ ଶୋକ ସ୍ନେହ ମମତା, ଭୟ ବା କ୍ରୋଧ ରାଗ କିଛି ସେମାନଙ୍କର ମନରେ ଉଦ୍ରେକ ହୁଏ ନାହିଁ । ସାଂସାରିକ ଯାବତୀୟ ସୁଖ ଈଶ୍ୱରବୋଧରେ ମଜ୍ଜିରହିବା ଅବସ୍ଥାରେ ଆନନ୍ଦ ଆଗରେ ଅତି ତୁଚ୍ଛ । ଯେଉଁ ଭକ୍ତ ଏହି ସ୍ଥିତିରେ ରହିଥାନ୍ତି, ତାହାଙ୍କୁ 'ମୁନି' କୁହାଯାଏ । ଶ୍ରୀହରିହରାନନ୍ଦ ଏହିଭଳି ଉଚ୍ଚ ସ୍ଥିତିରେ ରହୁଥିଲେ ।

ଭଗବାନ୍ ଶ୍ରୀକୃଷ୍ଣ ଭଗବଦ୍‌ଗୀତାର ଅଧ୍ୟାୟ ୨ ଶ୍ଳୋକ ୫୫ ରୁ ୬୧ ଶ୍ଳୋକମାନଙ୍କରେ ଅର୍ଜୁନଙ୍କୁ 'ସ୍ଥିତପ୍ରଜ୍ଞ' କେଉଁ ବ୍ୟକ୍ତିଙ୍କୁ କୁହାଯାଏ ଏବଂ ସେମାନଙ୍କର କିଭଳି ସ୍ଥିତି ସବୁ ରହିଥାଏ ତାହା ବୁଝାଇ କହିଛନ୍ତି । ସ୍ଥିତିପ୍ରଜ୍ଞ ବ୍ୟକ୍ତିଙ୍କର ଯାହା ଯାହା ଲକ୍ଷଣ ଗୀତାରେ ଉଲ୍ଲେଖ ଅଛି ପରମହଂସ ହରିହରାନନ୍ଦଙ୍କ ଠାରେ ସେ ସବୁ ବିଦ୍ୟମାନ ଥିଲା । ସମାଧିସ୍ଥ ଅବସ୍ଥାରେ ରହିବା ତାଙ୍କର ନିଜ ଇଚ୍ଛା ଉପରେ ନିର୍ଭର କରୁଥିଲା । ଯେତେବେଳେ ଚାହୁଁଥିଲେ ସେ ସମାଧିରେ ମଜ୍ଜି ଯାଉଥିଲେ । ବହୁ ସମୟରେ ଶିଷ୍ୟ ମାନଙ୍କର ଅନୁରୋଧ ରକ୍ଷା କରି ସେମାନଙ୍କ ମନରେ ବିଶ୍ୱାସ ଦୃଢ଼ କରିବା ପାଇଁ ସେ ସମାଧିସ୍ଥ ହୋଇଯାଉଥିଲେ କିଛି ସମୟ ପାଇଁ । ସେ ସମାଧି ଅବସ୍ଥାରେ ଥିବା ବେଳେ ତାଙ୍କୁ ସ୍ପର୍ଶ କରି ଧ୍ୟାନ କରିବାକୁ ଶିଷ୍ୟମାନଙ୍କୁ କହୁଥିଲେ । ଯେଉଁମାନେ ତାଙ୍କୁ ସ୍ପର୍ଶ କରି ଧ୍ୟାନ କରୁଥିଲେ ସେମାନେ ଦିବ୍ୟସ୍ପନ୍ଦନ ଅନୁଭବ କରୁଥିଲେ । ସେମାନଙ୍କର ମନ ଶାନ୍ତ ହୋଇଯାଉଥିଲା ଏବଂ ସେମାନେ ଏକ ଅପୂର୍ବ ଆନନ୍ଦ ଅନୁଭବ କରୁଥିଲେ । ଧ୍ୟାନ ସମୟରେ ପରମହଂସ ହରିହରାନନ୍ଦଙ୍କର ଶ୍ୱାସ ପ୍ରଶ୍ୱାସ ଗତି ପ୍ରାୟ ବନ୍ଦ ହୋଇଯାଇଥାଏ । ନାଡ଼ିର ଗତି ଓ ହୃଦ୍‌ସ୍ପନ୍ଦନ ବନ୍ଦ ହୋଇଯାଇଥିବାର ଶିଷ୍ୟମାନେ ପରୀକ୍ଷା କରି ଦେଖିଛନ୍ତି । ଏହି ଅବସ୍ଥା ସେ ବହୁବାର ବହୁ ଶିଷ୍ୟଙ୍କ ଆଗରେ ଦେଖାଇଛନ୍ତି । କେବଳ ଭାରତର ବିଭିନ୍ନ ସ୍ଥଳରେ ନୁହେଁ, ପାଶ୍ଚାତ୍ୟ ଦେଶମାନଙ୍କରେ ତାଙ୍କର ବିଦେଶ ଭ୍ରମଣ ସମୟରେ ବହୁ ବଡ଼ ବଡ଼ ସହରମାନଙ୍କରେ ବିଦେଶୀ ଭକ୍ତମାନଙ୍କୁ ନିଜର ସମାଧି ଅବସ୍ଥା ଦେଖିବାକୁ ସୁଯୋଗ ମଧ୍ୟ ସେ ଦେଉଥିଲେ, ସେମାନଙ୍କ ମନରେ ବିଶ୍ୱାସ ସୃଷ୍ଟି କରି ସେମାନଙ୍କୁ ଈଶ୍ୱରାଭିମୁଖୀ କରାଇବା ପାଇଁ । ପରମହଂସ ହରିହରାନନ୍ଦ ଶୀର୍ଷତମ ଆଧ୍ୟାତ୍ମିକ ସ୍ଥିତିରେ ଉପନୀତ ହୋଇଯାଇଥିବାରୁ ଯଥାର୍ଥରେ ସେ ମୁନି ପଦବାଚ୍ୟ । ଏଥିରେ ଦ୍ୱିମତ ହେବାର କୌଣସି କାରଣ ନାହିଁ ।



ପୂଣ୍ୟଶ୍ଲୋକ ପିତା ହରିପଦ ଭଟ୍ଟାଚାର୍ଯ୍ୟ ଓ ପୂଣ୍ୟମୟୀ ମାତା ନବୀନକାଳୀ ।

## ବାଲ୍ୟଜୀବନ

ଏହି ମହାପୁରୁଷଙ୍କର ଜନ୍ମଭୂମି ହେଉଛି ଅବିଭକ୍ତ ବଙ୍ଗଳା ରାଜ୍ୟର ନଦିୟା ଜିଲ୍ଲା ଅନ୍ତର୍ଗତ ହବିବ୍‌ପୁର ବୋଲି ଗୋଟିଏ ଗ୍ରାମରେ । ନଦିୟା ଜିଲ୍ଲାରେ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ଜନ୍ମ ଶାନ୍ତିପୁର ନାମକ ଏକ ଗ୍ରାମରେ । ହବିବପୁର ଗ୍ରାମ ଶାନ୍ତିପୁର ଗ୍ରାମଠାରୁ ବିଶେଷ ଦୂର ନୁହେଁ । ପରମହଂସ ହରିହରାନନ୍ଦଙ୍କର ଜନ୍ମ ୧୯୦୭ ମସିହା ମେ ମାସ ୨୭ ତାରିଖରେ ହୋଇଥିଲା । ତାଙ୍କର ପିତାଙ୍କ ନାମ ହରିପଦ ଭଟ୍ଟାଚାର୍ଯ୍ୟ ଏବଂ ମାତାଙ୍କର ନାମ ନବୀନକାଳୀ । ହରିପଦ ଭଟ୍ଟାଚାର୍ଯ୍ୟ ଥିଲେ ଜଣେ କୁଳୀନ ବେଦଜ୍ଞ ନୈଷ୍ଠିକ ବ୍ରାହ୍ମଣ । ସଂସ୍କୃତ ଭାଷାରେ ତାଙ୍କର ଯଥେଷ୍ଟ ପାଣ୍ଡିତ୍ୟ ଥିଲା । ସେ ବୈଦିକ କର୍ମକାଣ୍ଡାଦି ଶାସ୍ତ୍ରମାନଙ୍କର ଧୁରୀଣ ଥିଲେ । ଜ୍ୟୋତିଷ ଶାସ୍ତ୍ର ଏବଂ ଆୟୁର୍ବେଦ ଶାସ୍ତ୍ରମାନଙ୍କରେ ତାଙ୍କର ଗଭୀର ଜ୍ଞାନ ଥିଲା, ସେ ଥିଲେ ଜଣେ ଭୂମ୍ୟାଧିକାରୀ ବା ଜମିଦାର, ଶହ ଶହ ଏକର ଜମିର ମାଲିକ । ତାଙ୍କର ବନ୍ଧୁ

ସଂଖ୍ୟାରେ ଚାକର, ଚାଷୀ ଏବଂ ଅନ୍ୟାନ୍ୟ କର୍ମଚାରୀ ଥିଲେ । ସେ ଥିଲେ ଅତ୍ୟନ୍ତ ଦୟାଳୁ । ସେ ବହୁ ଦୀନଦୁଃଖୀଙ୍କୁ ମୁକ୍ତ ହସ୍ତରେ ଦାନ ଏବଂ ସହାୟତା ପ୍ରଦାନ କରୁଥିଲେ । ତାଙ୍କର ଜୀବନ ଥିଲା ଶୃଙ୍ଖଳିତ । ଏଣୁ ନିଜ ପରିବାର ସଦସ୍ୟଙ୍କ ଭିତରେ ସାମାନ୍ୟ ବିଶୃଙ୍ଖଳା ଦେଖିଲେ ସେ କଠୋର ହୋଇ ଉଠୁଥିଲେ । ତଦୁପରି ସେ ଥିଲେ ଜଣେ ନିଷ୍ଠାପର ଈଶ୍ୱର ପରାୟଣ ବ୍ୟକ୍ତି । ସେ ନିୟମିତ ରୂପେ ଜପ, ଧ୍ୟାନ, ପୂଜା ଆଦି କର୍ମରେ ବହୁ ସମୟ ଧରି ବସୁଥିଲେ । ତାଙ୍କର ସ୍ତ୍ରୀ ନବୀନକାଳୀ ଜଣେ ଅତ୍ୟନ୍ତ ସ୍ନେହଶୀଳା, ଦୟାର୍ଦ୍ର ହୃଦୟା, ପରୋପକାରୀ ମହିଳା ଥିଲେ । ସେ ଥିଲେ ତାଙ୍କର ସ୍ୱାମୀଙ୍କର ସୁଯୋଗ୍ୟା ସହଧର୍ମିଣୀ । ହରିପଦ ଏବଂ ନବୀନକାଳୀଙ୍କର ଏଗାର ଗୋଟି ସନ୍ତାନ – ଛଅ ଝିଅ ଏବଂ ପାଞ୍ଚଜଣ ପୁଅ । ପୁଅମାନଙ୍କ ମଧ୍ୟରେ ସର୍ବକନିଷ୍ଠ ରବୀନ୍ଦ୍ରନାଥ, ଯାହାଙ୍କର ପରବର୍ତ୍ତୀ ସମୟରେ ସନ୍ନ୍ୟାସ ଅବଲମ୍ବନ ପରେ ହରିହରାନନ୍ଦ ନାମ ହୋଇଥିଲା । ସର୍ବକନିଷ୍ଠ ସନ୍ତାନ ରବୀନ୍ଦ୍ରନାଥଙ୍କ ତଳେ ଜନ୍ମ ହୋଇଥିଲେ– ଗୋଟିଏ ଝିଅ ଯିଏ ହରିପଦଙ୍କର ଏକାଦଶ ସନ୍ତାନ । ହରିପଦ ଜ୍ୟୋତିଷ ଶାସ୍ତ୍ରରେ ବିଶେଷ ପାରଦର୍ଶୀତା ଲାଭ କରିଥିଲେ । ତାଙ୍କର ସର୍ବକନିଷ୍ଠ ପୁତ୍ର ରବୀନ୍ଦ୍ରନାଥଙ୍କର ଜନ୍ମ ପରେ ପରେ ସେ ତାଙ୍କର ଜାତକ ତିଆରି କରି, କୋଷ୍ଠୀ ଗଣନା କରି ଦେଖିଲେ ଯେ ତାଙ୍କର ଏହି ପୁତ୍ର ଆଧାତ୍ମିକ ଜଗତରେ ଜଣେ ମହାନ୍ ଖ୍ୟାତିସମ୍ପନ୍ନ ସିଦ୍ଧ ଯୋଗୀ ହେବ ଭବିଷ୍ୟତରେ ଏବଂ ବହୁ ପାପୀ ତାପୀଙ୍କର ଉଦ୍ଧାର ପାଇଁ ବ୍ରତୀ ହେବ । ପୂର୍ବରୁ ତାଙ୍କର ପରିବାରରେ ପ୍ରତି ଚାରି ପୁରୁଷରେ ଜଣେ ଦିବ୍ୟ ଆତ୍ମାଙ୍କର ଜନ୍ମହୁଏ, ଯିଏ ଗୃହତ୍ୟାଗୀ ସନ୍ନ୍ୟାସୀ ଜୀବନ ଯାପନ କରୁଥିଲେ । ଏହି ଜାତକ ଗଣନା ଦେଖି ହରିପଦ ସବିଶେଷ ଆନନ୍ଦ ଅନୁଭବ କରିଥିଲେ । କାରଣ ପରିବାରରେ ଜଣେ ସନ୍ନ୍ୟାସୀ ଜନ୍ମ ହେବା ବହୁ ସୌଭାଗ୍ୟର କଥା । କାରଣ ଏତଦ୍ୱାରା ପୂର୍ବ ଓ ପର ସାତପୁରୁଷ ଉଦ୍ଧାର ହୋଇଯିବେ । ନିଜର ଆଗ୍ରହରେ ସେ ସ୍ତ୍ରୀ ନବୀନକାଳୀଙ୍କୁ ଏହି କଥା କହି ପକେଇଲେ । ସେ ଜାଣି ନଥିଲେ ଯେ ତାଙ୍କର ସ୍ତ୍ରୀ ଏଥିରେ ଅସନ୍ତୁଷ୍ଟ ହେବେ ବୋଲି । ପ୍ରକୃତରେ ସେଇଆହିଁ ହେଲା । ତାଙ୍କର ସ୍ତ୍ରୀ ଏହାଶୁଣି କାନ୍ଦି ପକେଇଲେ ବିକଳ ହୋଇ । ତାଙ୍କ ପୁଅ ସନ୍ନ୍ୟାସୀ ବେଶରେ ବଣ ପର୍ବତ ବୁଲି ଓ ଭୋକଶୋଷରେ ଶୀତ ଖରା ବର୍ଷା ସବୁ ସହି ଗଛତଳେ ଶୋଇ ଜୀବନ କଟେଇବ ଏହା କେଉଁ ମା ଅବା ସହିପାରେ । ସ୍ତ୍ରୀଙ୍କର ଏହି ବିକଳ କାନ୍ଦଣା ଦେଖି ହରିପଦ ଆଉ ସମ୍ଭାଳି ପାରିଲେ ନାହିଁ। ସ୍ତ୍ରୀଙ୍କୁ ଶାନ୍ତ କରିବାକୁ ଯାଇ ସେ



ଭାଇଭଉଣୀମାନଙ୍କ ଗହଣରେ ଗୁରୁଦେବ ହରିହରାନନ୍ଦ ।

କହିଲେ "ମୁଁ ଆଉଥରେ ଗଣନା କରି ଦେଖିଲି ଯେ ପୂର୍ବ ଗଣନା ଭୁଲ। ପୁଅ ତମର ଜଣେ ମହାନ ବିଦ୍ୱାନ, ମହାଧନୀ ଏବଂ ଦୟାଳୁ ଖ୍ୟାତିସମ୍ପନ୍ନ ବ୍ୟକ୍ତି ହେବ ଏବଂ ତାହାର ଯଶ ଚାରିଆଡ଼େ ପ୍ରସାରିତ ହେବ ।" ଏହା ଶୁଣି ମା ଶାନ୍ତ ହେଲେ, କିନ୍ତୁ ହରିପଦ ମନେ ମନେ ନିଶ୍ଚିତ ଥିଲେ ଯେ ତାଙ୍କର ପୂର୍ବଗଣନା ହିଁ ନିର୍ଭୁଲ । ପୁଅ ତାଙ୍କର ବିଶ୍ୱବିଖ୍ୟାତ ସିଦ୍ଧଯୋଗୀ ହେବ ।

## ବ୍ରତୋପନୟନ ଓ ବିଦ୍ୟାଶିକ୍ଷା

ଅତିସୁନ୍ଦର ପିଲାଟିଏ ବାଳକ ରବୀନ୍ଦ୍ରନାଥ । ଗୋରା ତକ୍ ତକ୍ ଚେହେରା । ଲାବଣ୍ୟ ବୋଳା ମୁଖଶ୍ରୀ । ଜଣେ ରାଜପୁତ୍ରର ଚେହେରା ବି ଏତେ ତେଜିୟାନ୍ ଓ ସୁନ୍ଦର ନୁହେଁ । ତାଙ୍କର ହସ ହସ ମୁଖ, ଗୁରୁଜନମାନଙ୍କ ପ୍ରତି ଭକ୍ତି, ଏବଂ ସାଇ ପଡ଼ିଶା ସମସ୍ତଙ୍କ ପ୍ରତି ସମୁଚିତ ବ୍ୟବହାର ଯୋଗୁଁ ସେ ସମସ୍ତଙ୍କ ଅତି ପ୍ରିୟ ପାତ୍ର ହୋଇଥିଲେ । ରବୀନ୍ଦ୍ରନାଥ ସବୁ ଭାଇଙ୍କଠାରୁ ସାନ, ସବୁ ବଡ଼ଭାଇମାନେ ଏବଂ

ଭଉଣୀମାନେ ତାଙ୍କୁ ବିଶେଷ ଆଦର କରୁଥିଲେ । ବିଦ୍ୟାଳୟରେ ରବୀନ୍ଦ୍ରନାଥ ଅତ୍ୟନ୍ତ ମେଧାବୀ ଛାତ୍ରଥିଲେ । ତାଙ୍କର ସ୍ମରଣଶକ୍ତି ଅତି ପ୍ରଖର ଥିଲା। ପିତା ହରିପଦଙ୍କର ସେ ଅତିପ୍ରିୟ ପୁତ୍ର । ପ୍ରତିଦିନ ବେଦମନ୍ତ୍ର ସହ ଦେବୀ ପୂଜା, ସ୍ତୁତି ପାଠ ଇତ୍ୟାଦି କରୁଥିବା ସମୟରେ ପିତା ପୁତ୍ରକୁ ପାଖରେ ବସିବାକୁ କହୁଥିଲେ । ମା'କାଳୀ ହେଉଛନ୍ତି ତାଙ୍କର ଇଷ୍ଟଦେବୀ । ଦେବୀଙ୍କର ସ୍ତୁତିସ୍ତୋତ୍ର ଇତ୍ୟାଦି ସଂସ୍କୃତ ଭାଷାରେ ଲିଖିତ ହୋଇଥିଲା । ପିତାଙ୍କ ଠାରୁ ଏହି ସ୍ତୁତିସ୍ତବ ରବୀନ୍ଦ୍ର ନାଥ ଖୁବ୍ ମନଦେଇ ଶୁଣୁଥିଲେ । ଅତି ପିଲାଟି ବେଳୁ ତାଙ୍କର ସେହି ମନ୍ତ୍ରସ୍ତବ ପୂଜା ବିଧି ଆଦି ଶୁଣି ଶୁଣି ମନେ ରହି ଯାଉଥିଲା । ଏଗାର ବର୍ଷ ବୟସରେ ତାଙ୍କର ବ୍ରତ ଉପନୟନ ସଂସ୍କାର ହୋଇଥିଲା । ଏଣିକି ସେ ନିଜ ଘରେ ସ୍ଥାପିତ ହୋଇ ପୂଜା ପାଉଥିବା ମା'କାଳୀ, କୃଷ୍ଣ, ମହାଲକ୍ଷ୍ମୀ ପ୍ରଭୃତି ଦେବା ଦେବୀଙ୍କର ପୂଜା ଇତ୍ୟାଦି ପାଇଁ ସମସ୍ତ ବେଦୋକ୍ତ ବିଧିବିଧାନ ପିତାଙ୍କ ଠାରୁ ଶିକ୍ଷାକରି ନିଜେ ସବୁ କର୍ମ କରୁଥିଲେ ।

ସ୍କୁଲ ଶିକ୍ଷା ସରିବା ପରେ ସେ କଲେଜରେ ଅଧ୍ୟୟନ କରିଥିଲେ। ଟେକ୍ସଟାଇଲ୍ ଇଂଜିନିୟରିଂ ପାଠ ପଢ଼ି ସାରିବା ପରେ ଗୋଟିଏ ଟେକ୍ସଟାଇଲ୍ କମ୍ପାନୀରେ ମଧ୍ୟ ଚାକିରୀ ପାଇଥିଲେ । ଚାକିରୀ କ୍ଷେତ୍ରରେ ସେ ଥିଲେ ଜଣେ ବିଚକ୍ଷଣ କାର୍ଯ୍ୟଦକ୍ଷ ପଦସ୍ଥ କର୍ମଚାରୀ । କମ୍ପାନୀ ଅଧକ୍ଷଙ୍କ ସେ ଥିଲେ ଅତ୍ୟନ୍ତ ଶ୍ରଦ୍ଧାର ପାତ୍ର । କମ୍ପାନୀର ଅନ୍ୟାନ୍ୟ କର୍ମଚାରୀ ମାନଙ୍କର ମଧ୍ୟ ତାଙ୍କ ପ୍ରତି ଯଥେଷ୍ଟ ଶ୍ରଦ୍ଧା ଏବଂ ସମ୍ମାନ ଥିଲା । ଅଧସ୍ତନ କର୍ମଚାରୀଙ୍କ ପ୍ରତି ସେ ଥିଲେ ଅତ୍ୟନ୍ତ ଦୟାଶୀଳ ଏବଂ ବଦାନ୍ୟ । ଅର୍ଥ ଅଭାବ ଅସୁବିଧା ସମୟରେ ସେମାନଙ୍କୁ ମୁକ୍ତ ହସ୍ତରେ ଦାନ କରୁଥିଲେ ।

ଏହି ସମୟରେ ବିଜୟକୃଷ୍ଣ ଚଟୋପାଧ୍ୟାୟ ନାମକ ଜଣେ ବ୍ରହ୍ମଜ୍ଞାନୀ ଗୃହୀ ସନ୍ନ୍ୟାସୀଙ୍କ ସାନ୍ନିଧ ଲାଭ କରିବାର ସୌଭାଗ୍ୟ ତାଙ୍କୁ ମିଳିଥିଲା । ଯଦିଓ ବିଜୟକୃଷ୍ଣ ପରିବାର ସହ ଗୃହ ସଂସାର କରୁଥିଲେ ସେ ଜଣେ ସନ୍ନ୍ୟାସୀ ଭଳି ସାଂସାରିକ ମୋହବନ୍ଧନ ଭିତରେ ଛନ୍ଦି ନ ହୋଇ ସର୍ବଦା ଭଗବଦ୍‌ବୋଧରେ ଦିନ କାଟୁଥିଲେ, ଜଣେ ଋଷି ଭଳି । ତାଙ୍କର ନିବାସ ସ୍ଥାନ ଥିଲା ବଙ୍ଗଳାର ହାବଡ଼ା ସହରରେ । ସେ ପ୍ରସିଦ୍ଧ କାଳଜୟୀ ସଦ୍‌ଗୁରୁ ତୈଲଙ୍ଗସ୍ୱାମୀଙ୍କର ଶିଷ୍ୟ ଥିଲେ । ତୈଲଙ୍ଗସ୍ୱାମୀଙ୍କୁ ବହୁ ଶହ ବର୍ଷ ପରମାୟୁ ସମ୍ପନ୍ନ ଯୋଗୀପୁରୁଷ ବୋଲି ଲୋକେ କହୁଥିଲେ । ବିଜୟକୃଷ୍ଣ ଥିଲେ ଜଣେ ମହାପଣ୍ଡିତ । ବେଦ, ଉପନିଷଦ, ଭଗବଦ୍ ଗୀତା ପ୍ରଭୃତି ଶାସ୍ତ୍ରମାନଙ୍କର ତାଙ୍କର ଗଭୀର ଜ୍ଞାନ ଥିଲା । ସେ ଥିଲେ ଜଣେ ଜ୍ଞାନ ଯୋଗୀ ଏବଂ ତାଙ୍କର



ଶ୍ରୀ ଯୁକ୍ତେଶ୍ୱର ଗିରି

ବହୁଶିଷ୍ୟ ଉଚ୍ଚତର ଆଧ୍ୟାତ୍ମିକ ସୋପାନରେ ଉପନୀତ ହୋଇଥିଲେ ତାଙ୍କର ପ୍ରଦତ୍ତ ସାଧନ ଅଭ୍ୟାସ କରି । ରବୀନ୍ଦ୍ରନାଥଙ୍କର ଜଣେ ଭାଇ ପରେଶନାଥ ଏବଂ ଭିଣୋଇ ବିଜୟକୃଷ୍ଣଙ୍କର ଶିଷ୍ୟ ଥିଲେ । ତେଣୁ ରବୀନ୍ଦ୍ରନାଥ ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ ଏବଂ ତାଙ୍କ ସହିତ ସାକ୍ଷାତ କରିଥିଲେ । ବିଜୟକୃଷ୍ଣ ଚଟ୍ଟୋପାଧ୍ୟାୟ ତାଙ୍କୁ ବିଶେଷ ଶ୍ରଦ୍ଧା କରୁଥିଲେ । ସେତେବେଳକୁ ରବୀନ୍ଦ୍ରନାଥଙ୍କ ବୟସ ପ୍ରାୟ ବାର ବର୍ଷ ହେବ । ବିଜୟକୃଷ୍ଣଙ୍କର ତାଙ୍କ ପ୍ରତି ଗଭୀର ଶ୍ରଦ୍ଧା ଥିବାରୁ ତାଙ୍କୁ ଦୀକ୍ଷା ଦେଇଥିଲେ । ଜ୍ଞାନଯୋଗ ମାର୍ଗରେ ସାଧନ କରିବାକୁ ଶିଖାଇଥିଲେ। ଦେବୋପମ ଗୁରୁ ବିଜୟକୃଷ୍ଣଙ୍କର ଯୋଗୁଁ ରବୀନ୍ଦ୍ରନାଥଙ୍କର ପରବର୍ତ୍ତୀ ସମୟରେ ଉଚ୍ଚତର ଆଧ୍ୟାତ୍ମିକ ସାଧନା ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଥିଲା । ରବୀନ୍ଦ୍ରନାଥଙ୍କର ଆହୁରି ଉଚ୍ଚତର ସାଧନା କରିବା ପାଇଁ ବିଶେଷ ଆଗ୍ରହ ଥିବା ଦେଖି ବିଜୟକୃଷ୍ଣ ତାଙ୍କୁ ଦେବତା ସମାନ ମହାନ୍ କ୍ରିୟାଯୋଗୀ ଶ୍ରୀଯୁକ୍ତେଶ୍ୱର ଗିରି ମହାରାଜଙ୍କ ଆଶ୍ରୟ ପ୍ରାର୍ଥୀ ହେବା ପାଇଁ ଉପଦେଶ ଦେଇଥିଲେ ।

## ଶ୍ରୀ ଯୁକ୍ତେଶ୍ୱର ଗିରିଙ୍କର ସାନ୍ନିଧ ଏବଂ ଦୀକ୍ଷା ଗ୍ରହଣ

ଶ୍ରୀ ଯୁକ୍ତେଶ୍ୱର ଗିରି ଥିଲେ ଜଣେ ମହାନ୍ କ୍ରିୟାଯୋଗୀ । ତାଙ୍କର ଆକର୍ଷଣୀୟ ଦୀର୍ଘ ବଳିଷ୍ଠ ଗୋରା ଚକଚକ୍ ଚେହେରା ଦେଖିଲେ ଦେଖିବା ଲୋକର ମଥା ଭକ୍ତିରେ ନଇଁ ପଡୁଥିଲା । ରବୀନ୍ଦ୍ର ନାଥ ତାଙ୍କୁ, ବଙ୍ଗଳା ରାଜ୍ୟର ଶ୍ରୀରାମପୁର ସହରରେ ଥିବା ତାଙ୍କର ଘରେ ୧୯୩୨ ଖ୍ରୀଷ୍ଟାବ୍ଦରେ ସାକ୍ଷାତ୍ କରିଥିଲେ । ତାଙ୍କର ବିରାଟ ଘର, ତାଙ୍କର ପୂର୍ବ ପୁରୁଷମାନେ ଧନୀ, ବିଷୟ ସମ୍ପନ୍ନ ଏବଂ ଧର୍ମ ପରାୟଣ ବ୍ୟକ୍ତି ଥିଲେ । ଶ୍ରୀ ଯୁକ୍ତେଶ୍ୱର ମହାରାଜ ରବୀନ୍ଦ୍ରନାଥଙ୍କୁ ଖୁବ୍ ଶ୍ରଦ୍ଧା କରୁଥିଲେ। ତାଙ୍କର ଜନ୍ମକୋଷ୍ଠୀ ଦେଖି ସେ ଜାଣିପାରିଥିଲେ ଯେ ରବୀନ୍ଦ୍ରନାଥ ଭବିଷ୍ୟତରେ ଜଣେ ମହାନ ଯୋଗୀ ହୋଇପାରିବେ । ତେଣୁ କିଛିଦିନ ପରେ ତାଙ୍କୁ କ୍ରିୟାଯୋଗ ଦୀକ୍ଷା ଦେଇ ନିଷ୍ଠାର ସହ ସାଧନା କରିବାକୁ କହିଥିଲେ ।

ଶ୍ରୀ ଯୁକ୍ତେଶ୍ୱର ହେଉଛନ୍ତି ଯୋଗୀରାଜ ଶ୍ୟାମାଚରଣ ଲାହିଡ଼ି ମହାଶୟଙ୍କର ଶିଷ୍ୟ । ସିଦ୍ଧଯୋଗୀ ମହାବତାର ବାବାଜୀ ମହାଶୟ ପ୍ରଥମକରି ଶ୍ରୀ ଶ୍ୟାମାଚରଣ ଲାହିଡ଼ି ମହାଶୟଙ୍କୁ କ୍ରିୟାଯୋଗ ଦୀକ୍ଷା ଦେଇଥିଲେ । ଏହି ମହାସିଦ୍ଧ ଯୋଗୀଙ୍କର କେବେ ଜନ୍ମ, କେତେ ବୟସ ଏବଂ ସେ କେଉଁଠାରେ ବାସ କରନ୍ତି କେହି ଜାଣନ୍ତି ନାହିଁ । ସହସ୍ରାଧିକ ବର୍ଷ ତାଙ୍କର ବୟସ ମଧ୍ୟ ହୋଇପାରେ । ସେ ସବୁ ସମୟରେ

ସୂକ୍ଷ୍ମ ଶରୀରରେ ବିଚରଣ କରୁଥାନ୍ତି । ବହୁ ମୁମୁକ୍ଷୁ ସାଧକ ମାନଙ୍କୁ ମନୁଷ୍ୟ ଶରୀରରେ ଦେଖାଦେଇ ସେମାନଙ୍କର ସଧନାରେ ସାହାଯ୍ୟ କରିଥାନ୍ତି । ଶ୍ରୀ ଶ୍ୟାମା ଚରଣ ଜଣେ ଗୃହୀ ବ୍ୟକ୍ତି । ସେ ସମୟର ବ୍ରିଟିଶ୍ ସରକାରଙ୍କର ଅମଳରେ ସେ ରେଳ ବିଭାଗରେ ଜଣେ କର୍ମଚାରୀ ଥିଲେ । ବାବାଜୀ ମହାଶୟଙ୍କର ପ୍ରଦତ୍ତ କ୍ରିୟାଯୋଗ ସାଧନ କରି ଶ୍ରୀ ଲାହିଡ଼ୀବାବା ହୋଇଯାଇଥିଲେ ଜଣେ ଉଚ୍ଚକୋଟିର ଯୋଗୀ । ତାଙ୍କର ବହୁଶିଷ୍ୟ । ସେଥି ମଧ୍ୟରେ ଥିଲେ ଶ୍ରୀ ଯୁକ୍ତେଶ୍ୱର ଗିରି । ଶ୍ରୀ ଯୁକ୍ତେଶ୍ୱରଙ୍କର ପୂର୍ବାଶ୍ରମର ନାମ ଥିଲା ପ୍ରିୟନାଥ କଡ଼ାର । ସନ୍ନ୍ୟାସ ଗ୍ରହଣ ପରେ ସେ ହୋଇଥିଲେ ଶ୍ରୀ ଯୁକ୍ତେଶ୍ବର ଗିରି ।

ଶ୍ରୀ ଯୁକ୍ତେଶ୍ବର ଗିରି କ୍ରିୟାଯୋଗର ପ୍ରଚାର ପାଇଁ ଓଡ଼ିଶାର ଶ୍ରୀଜଗନ୍ନାଥଧାମ ପୁରୀ ସହରରେ ଗୋଟିଏ ଆଶ୍ରମ ସ୍ଥାପନ କରିବା ପାଇଁ ମନସ୍ଥ କରି ସେଠାରେ ୧୯୦୩ ମସିହାରେ ପୁରୀ ମ୍ୟୁନିସିପାଲିଟିଙ୍କ ଠାରୁ ଗୋଟିଏ ଜାଗା ନେଇଥିଲେ । ସେହି ବର୍ଷ ସେ ଆଶ୍ରମଟିଏ ନିର୍ମାଣକରି ପ୍ରତିଷ୍ଠା କରିଥିଲେ ଯାହାର ନାମ ରଖିଥିଲେ "କଡ଼ାର ଆଶ୍ରମ" । ୧୯୨୧ରେ ସେ ଆଶ୍ରମ ପରିଚାଳନା ପାଇଁ ଗୋଟିଏ ଟ୍ରଷ୍ଟ କରିଥିଲେ । ରବୀନ୍ଦ୍ରନାଥଙ୍କର ସାଧନାର ଦ୍ରୁତ ଅଗ୍ରଗତି ଦେଖି ତାଙ୍କୁ କଡ଼ାର ଆଶ୍ରମରେ ରଖାଇ ଆଶ୍ରମ ପରିଚାଳନା ଦାୟିତ୍ୱ ଦେବାକୁ ସେ ମନସ୍ଥ କରିଥିଲେ ଏବଂ ସେହି କଥା ମଧ୍ୟ ତାଙ୍କୁ କହିଥିଲେ ।

ଶ୍ରୀ ଯୁକ୍ତେଶ୍ୱରଙ୍କର ଅତିପ୍ରିୟ ଶିଷ୍ୟ ଥିଲେ ପରମହଂସ ଯୋଗାନନ୍ଦ । ସେ ମଧ ଜଣେ ଉଚ୍ଚକୋଟୀର ଯୋଗୀ, କ୍ରିୟାଯୋଗ ସାଧନାରେ ପରମସିଦ୍ଧି ଲାଭ କରି ସେ ହୋଇଥିଲେ ବିଶ୍ୱବିଖ୍ୟାତ । ଆମେରିକା ସମେତ ଅନ୍ୟାନ୍ୟ ଦେଶରେ ସେ ଭ୍ରମଣ କରି ସହସ୍ରାଧିକ ବିଦେଶୀଙ୍କୁ କ୍ରିୟାଯୋଗ ଦୀକ୍ଷା ଦେଇ କ୍ରିୟାଯୋଗ ସାଧନା ପ୍ରତି ସେଠାରେ ସମସ୍ତଙ୍କର ବିଶେଷ ଆଗ୍ରହ ପ୍ରତିଷ୍ଠା କରିପାରିଥିଲେ । ସେ ବହୁ ସମୟ ଆମେରିକା ଏବଂ ଅନ୍ୟାନ୍ୟ ବିଦେଶରେ ରହୁଥିଲେ । ଗୁରୁ ଶ୍ରୀ ଯୁକ୍ତେଶ୍ୱରଙ୍କର ଦର୍ଶନ ଏବଂ ସାନ୍ନିଧ ପାଇଁ ସେ ମଝିରେ ମଝିରେ ଭାରତବର୍ଷକୁ ଆସୁଥିଲେ । ପରମହଂସ ଯୋଗାନନ୍ଦଙ୍କର ଜନ୍ମ ମଧ୍ୟ ବଙ୍ଗଳାରେ ଏବଂ ଭାରତରେ ତାଙ୍କର ବହୁ ଶିଷ୍ୟ କ୍ରିୟାଯୋଗ ସାଧନା କରି ଉପକୃତ ହୋଇଛନ୍ତି । ଗୁରୁ ତାଙ୍କୁ ପୁରୀର କଡ଼ାର ଆଶ୍ରମର ଭାର ଦେଇଥିଲେ କିନ୍ତୁ ସେ ବହୁ ସମୟ ବିଦେଶରେ ରହୁଥିବାରୁ ଅନ୍ୟଜଣେ ନିଷ୍ଠାପର ସାଧକଙ୍କୁ ଆଶ୍ରମ ଦାୟିତ୍ୱ ଦେଇଥିଲେ ।

୧୯୩୫ ଖ୍ରୀଷ୍ଟାବ୍ଦରେ ପରମହଂସ ଯୋଗାନନ୍ଦ ଅଳ୍ପ ସମୟ ପାଇଁ କଲିକତା ଆସିଥିଲେ । ରବୀନ୍ଦ୍ରନାଥ ତାଙ୍କୁ ସେଠାରେ ସାକ୍ଷାତ କରିଥିଲେ ଏବଂ ଶ୍ରୀ ଯୁକ୍ତେଶ୍ୱର ଗିରିଙ୍କ ଠାରୁ କ୍ରିୟା ଦୀକ୍ଷା ନେଇ ସାଧନା କରିବା କଥା ମଧ୍ୟ ସେ ତାଙ୍କୁ କହିଥିଲେ । ଶ୍ରୀ ଯୋଗାନନ୍ଦ ରବୀନ୍ଦ୍ରନାଥଙ୍କ ସାଧନା ଦେଖି ସନ୍ତୁଷ୍ଟ ହୋଇଥିଲେ ଏବଂ ତାଙ୍କୁ ଦ୍ୱିତୀୟ କ୍ରିୟାଦୀକ୍ଷା ଦେଇଥିଲେ । ଶ୍ରୀଯୁକ୍ତେଶ୍ୱର ୧୯୩୬ ମସିହାରେ ମରଶରୀର ତ୍ୟାଗ କରି ମହାସମାଧି ପ୍ରାପ୍ତ ହୋଇଥିଲେ । ଶ୍ରୀଯୋଗାନନ୍ଦ ବିଦେଶରୁ ଆସି ଗୁରୁଙ୍କର ସମାଧି ଆଦି ଶେଷକୃତ୍ୟ ସାରିବା ପରେ ସ୍ୱାମୀ ସେବାନନ୍ଦଙ୍କୁ କଦ୍ରାର ଆଶ୍ରମର ପରିଚାଳନା ଦାୟିତ୍ୱ ଦେଇ ବିଦେଶ ଚାଲିଯାଇଥିଲେ । ୧୯୫୨ ଖ୍ରୀଷ୍ଟାବ୍ଦରେ ବିଦେଶରେ ସ୍ୱାମୀ ଯୋଗାନନ୍ଦ ଦେହତ୍ୟାଗ କରିଥିଲେ ।

## ଗୃହତ୍ୟାଗ ପାଇଁ ନିଷ୍ପତ୍ତି

ରବୀନ୍ଦ୍ରନାଥଙ୍କର ବୟସ ପାଖାପାଖି ତିରିଶି ହେବାକୁ ବସିଲାଣି । ଅଥଚ ସେ ନିଜର ବିବାହର ନାଁ ପକାଉ ନାହାନ୍ତି । ପରିବାରର ସଦସ୍ୟ ଏବଂ ଆତ୍ମୀୟ ବନ୍ଧୁ ବାନ୍ଧବ ସମସ୍ତେ ତାଙ୍କୁ ବିବାହ ହେବା ପାଇଁ କେତେ ବୁଝାଇଲେ ମଧ୍ୟ ସେ ରାଜି ନୁହନ୍ତି ବିବାହ କରିବାକୁ । ସୁନ୍ଦର ସ୍ୱାସ୍ଥ୍ୟବାନ୍ ଶରୀର, ଧନୀ ବ୍ରାହ୍ମଣ ସନ୍ତାନ, ଶିକ୍ଷିତ ଏବଂ ଭଲ ଚାକିରୀରେ ରହିଛନ୍ତି । ସେ ଯେ ଜଣେ ସୁଯୋଗ୍ୟ ବରପାତ୍ର ଏଥିରେ ସନ୍ଦେହ ନାହିଁ । ବହୁ କନ୍ୟାପିତା ତାଙ୍କୁ ନିଜ ନିଜର କନ୍ୟା ସହିତ ବିବାହ କରାଇବା ପାଇଁ ପ୍ରବଳ ଆଗ୍ରହୀ ଥିଲେ । ଶେଷରେ ତାଙ୍କୁ ଗୋଟିଏ କନ୍ୟା ଦେଖାଇବାକୁ ନିଆଗଲା । ରବୀନ୍ଦ୍ରଙ୍କ ସହିତ ଥିଲେ ତାଙ୍କର ଜଣେ ଘନିଷ୍ଠ ବନ୍ଧୁ । ଯାହା ସହିତ ସେ ନିଜର ଚାକିରୀ କ୍ଷେତ୍ରରେ ଗୋଟିଏ ଭଡ଼ା ଘରେ ଏକାଠି ରହୁଥିଲେ । କନ୍ୟା ଦେଖି ଫେରିବା ପରେ ତାଙ୍କୁ ଯେତେବେଳେ ତାଙ୍କର ମତାମତ ପଚରାଗଲା, ସେ କହିଲେ, ‘‘ଝିଅଟି ଅପୂର୍ବ ସୁନ୍ଦରୀ’’ । ପରିବାର ସଦସ୍ୟ ଏବଂ ବନ୍ଧୁବାନ୍ଧବ ମାନେ ବି, ସେଠାରେ ଥିଲେ । ଭାବିଲେ ବୋଧହୁଏ ରବୀନ୍ଦ୍ର ବିବାହ ହେବାକୁ ରାଜି । କିନ୍ତୁ ଠିକ୍ ପରେ ସେ କହିଲେ, ‘‘ସେ ମୋର ମା’ଭଳି ସୁନ୍ଦରୀ । ମୋ ମାଆଙ୍କୁ ଦେଖିଲି ତା’ଠାରେ ।’’ ଏହା ଶୁଣି ସମସ୍ତେ ନିରାଶ ହୋଇଗଲେ । ସମସ୍ତେ ଏଥର ସ୍ପଷ୍ଟ ବୁଝିପାରିଥିଲେ ଯେ ରବୀନ୍ଦ୍ରନାଥ ଆଉ ବିବାହ କରିବେ ନାହିଁ ଜୀବନରେ ।

ତାଙ୍କ ସଙ୍ଗରେ ଯାଇଥିବା ବନ୍ଧୁଟି କିନ୍ତୁ ସେହି ଝିଅଟିକୁ ବିବାହ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ଶେଷରେ ସେହି ଝିଅଟି ସହ ତାଙ୍କର ବିବାହ ସମ୍ପନ୍ନ ହୋଇଥିଲା । ରବୀନ୍ଦ୍ର ଶାନ୍ତିରେ ବିଶ୍ୱାସ ମାରିଥିଲେ । ତା'ପରେ ରବୀନ୍ଦ୍ରନାଥ ନିଜ କର୍ମକ୍ଷେତ୍ରକୁ ଫେରିଯାଇଥିଲେ । ନିଜର ଚାକିରୀରେ ତାଙ୍କୁ ଦିଆଯାଇଥିବା ସମସ୍ତ ଦାୟିତ୍ୱ ସେ ସୁଚାରୁ ରୂପେ ସମ୍ପାଦନ କରିବା ସଙ୍ଗେ ସଙ୍ଗେ ବାକି ସମୟ ତକ କେବଳ ନିଜର ଗୁରୁପ୍ରଦତ୍ତ କ୍ରିୟାଯୋଗ ସାଧନାରେ ନିଷ୍ଠାର ସହ ଲାଗିପଡ଼ିଥିଲେ । ଏହି ସମୟରେ ଆଉ ଏକ ବିପତ୍ତି ଆସି ଜୁଟିଲା । ଯେଉଁ ବନ୍ଧୁଙ୍କ ସହ ସେ ଗୋଟିଏ ଭଡ଼ା ଘରେ ରହୁଥିଲେ ସେ ବିବାହ ସରିବା ପରେ ସ୍ତ୍ରୀଙ୍କୁ ସଙ୍ଗରେ ଧରି ଆସି ପହଞ୍ଚିଲେ ଏବଂ ସେହି ଘରେ ରହିଲେ । ରବୀନ୍ଦ୍ରନାଥ ବଡ଼ ଅଡୁଆରେ ପଡ଼ିଲେ । ସେ ତାଙ୍କ ବନ୍ଧୁଙ୍କୁ କହିଲେ ଅନ୍ୟ ଘର ଭଡ଼ା ନେଇ ନିଜ ସ୍ତ୍ରୀ ସହିତ ରହିବା ପାଇଁ । ବନ୍ଧୁ କିନ୍ତୁ ଜିଦ୍ ଧରି ବସିଲେ ସେହି ଘରେ ନିଜ ସ୍ତ୍ରୀ ସହିତ ରହିବାକୁ । ସେ କହିଲେ, ''କୌଣସି ପରିବାରରେ ବଡ଼ ଭାଇ ଓ ସାନ ଭାଇ ଏବଂ ସାନଭାଇର ସ୍ତ୍ରୀ କଣ ଏକାଠି ବାସକରନ୍ତି ନାହିଁ ? ''

ଏହା ପରେ ପରେ ରବୀନ୍ଦ୍ରନାଥ ବହୁ ସମୟ ଧ୍ୟାନରେ କଟାଇବାରେ ଲାଗି ପଡ଼ିଲେ । ନିଜ କର୍ମକ୍ଷେତ୍ରରେ ନିଜର ଦାୟିତ୍ୱ କର୍ମ ସବୁ ଠିକ୍ ରୂପେ ସମ୍ପାଦନ କରିବା ପରେ ଯେତେବେଳେ ଫୁରସତ୍ ପାଉଥିଲେ ସେ ଧ୍ୟାନରେ ମନ ଲଗେଇ ରହୁଥିଲେ । ବସାକୁ ଫେରିବା ପରେ ସେ କାହା ସହିତ ମିଳାମିଶା ନକରି ନିରୋଳାରେ ନିଜ କୋଠରୀରେ ସବୁ ସମୟରେ ଧ୍ୟାନମଗ୍ନ ରହୁଥିଲେ । ତାଙ୍କର ପୂଜ୍ୟ ଗୁରୁଦେବ ଶ୍ରୀ ଯୁକ୍ତେଶ୍ୱର ଗିରି ମହାରାଜ ଓଡ଼ିଶାର ପୁରୀ ସହରରେ ସମୁଦ୍ର କୂଳରେ କଡ଼ାର ଆଶ୍ରମ ନାମ ଦେଇ ଗୋଟିଏ ଆଶ୍ରମ ପ୍ରତିଷ୍ଠା କରିଥିବା କଥା ତାଙ୍କୁ ଆଗରୁ କହିଥିଲେ । ଗୁରୁଦେବଙ୍କର ଜୀବିତାବସ୍ଥାରେ ରବୀନ୍ଦ୍ରନାଥଙ୍କୁ ଏହି ଆଶ୍ରମର ପରିଚାଳନା ଦାୟିତ୍ୱ ଦେବାକୁ ଏବଂ ସେ ଆଶ୍ରମ ଜୀବନ ଯାପନ କରନ୍ତୁ ବୋଲି ଇଛା କରିଥିଲେ । କିନ୍ତୁ ରୀବନ୍ଦ୍ରନାଥଙ୍କର ସେ ସମୟରେ ମନୋଭାବ ଅଲଗା ଥିଲା । ସେ ଏତେ ଶୀଘ୍ର ସଂସାର ଛାଡ଼ି ଆଶ୍ରମରେ ରହିବାକୁ ଚାହୁଁନଥିଲେ । ପରେ ପରେ ତାଙ୍କର ମନରେ ଏକ ବିରାଟ ପରିବର୍ତ୍ତନ ସେ ଅନୁଭବ କଲେ । ତାଙ୍କର ଦେହ ଖରାପ ଥିଲା । ତେଣୁ ଜଳବାୟୁ ପରିବର୍ତ୍ତନ ପାଇଁ ମନସ୍ଥ କରି ନିଜ ଚାକିରୀ ଠାରୁ ଦୁଇ ମାସ ଛୁଟିନେଇ ସେ ପୁରୀ ଯାଇ ରହିବାକୁ ସ୍ଥିର କଲେ । ସେ ତାଙ୍କର ଆଉ ଜଣେ ଅତି ନିକଟ ବନ୍ଧୁଙ୍କୁ ଆଗରୁ ପୁରୀ ଯାଇ କଡ଼ାର ଆଶ୍ରମର ଆଖପାଖ କୌଣସି ଏକ ଘର ଭଡ଼ା ନେବାକୁ କହି ପୁରୀ ପଠାଇଥିଲେ । ଏହା ହେଉଛି ୧୯୩୮ ମସିହା କଥା; ଯେଉଁ ବର୍ଷ ରବୀନ୍ଦ୍ରନାଥ ଗୃହ ସଂସାର ତ୍ୟାଗ କରିଥିଲେ ସବୁଦିନ ପାଇଁ ।

# ପୁରୀ ଆଗମନ ଏବଂ ଆଶ୍ରମଜୀବନ

ଓଡ଼ିଶାର ପୂର୍ବରେ ବଙ୍ଗୋପସାଗର । ଏହି ସମୁଦ୍ର କୂଳରେ ଅବସ୍ଥିତ ପୁରୀ ସହର ଯେଉଁଠାରେ ଅଛି ଜଗତର ନାଥ ଜଗନ୍ନାଥଙ୍କର ଧାମ, ଯାହା ଶ୍ରୀକ୍ଷେତ୍ର ନାମରେ ପରିଚିତ । ପ୍ରଭୁଙ୍କର ମନ୍ଦିରର ନାମ ବଡ଼ ଦେଉଳ ଯେଉଁଠାରେ ପୂଜା ପାଉଛନ୍ତି ତିନିଠାକୁର ବଳଭଦ୍ର, ସୁଭଦ୍ରା ଏବଂ ଜଗନ୍ନାଥଙ୍କର ତିନି ବିଗ୍ରହ । ସେ ହେଉଛନ୍ତି ନିରାକାର ବ୍ରହ୍ମ ସ୍ୱରୂପ । ଯେହେତୁ ନିରାକାରଙ୍କର କୌଣସି ଆକାର ନାହିଁ, ତାଙ୍କର ସାକାର ଉପାସନା ପାଇଁ ଗଢ଼ା ଯାଇଛି କିଂଭୂତକିମାକାର ତିନିଗୋଟି ବିଗ୍ରହ । କଥିତ ଅଛି ଯେ ସ୍ୱୟଂ ପ୍ରଭୁ ପରମେଶ୍ୱର ନିଜେ ନିଜକୁ ଗଢ଼ିଥିଲେ ଏହିଭଳି ଆକାରରେ, ଜଣେ ବୃଦ୍ଧ ମହାରଣା ରୂପରେ ଆସି । ତତ୍କାଳୀନ ପୁରୀ ନୃପତିଙ୍କ ନିକଟରେ ସେ ଆବିର୍ଭୂତ ହୋଇଥିଲେ ଏବଂ ପୂର୍ବରୁ ସମୁଦ୍ରରେ ଭାସି ଆସିଥିବା ଦାରୁକୁ ନେଇ ଏହି ତିନିବିଗ୍ରହ ଗଢ଼ିଥିଲେ । ରୁଦ୍ଧ ଦ୍ୱାର ମନ୍ଦିର ଭିତରେ ପ୍ରାୟ ୧୮ଦିନ ଧରି ରହିଥିଲେ । ଏଣୁ ଏହି ତିନି ବିଗ୍ରହଙ୍କୁ ଦାରୁବ୍ରହ୍ମ ବୋଲି କୁହଯାଏ । ଏହା ବହୁ ସହସ୍ର ବର୍ଷ ତଳର କଥା । ସେ କୌଣସି ନିର୍ଦ୍ଦିଷ୍ଟ ଧର୍ମ ସମ୍ପ୍ରଦାୟର ଠାକୁର ନୁହନ୍ତି । ସେ ସବୁ ଧର୍ମ ସମ୍ପ୍ରଦାୟର ଠାକୁର ।

ପୁରୀ ସହର ତମାମ ବହୁ ଦେବଦେବୀଙ୍କର ମନ୍ଦିରମାନ ରହିଅଛି । ଏହି ମନ୍ଦିର ମାଳିନୀ ସହରରେ ବହୁ ସାତ୍ତ୍ୱିକ ଭାବସମ୍ପନ୍ନ ବ୍ୟକ୍ତି ବାସ କରନ୍ତି । ଏହାର ବାତାବରଣ ଅତି ପବିତ୍ର ଥିବାରୁ ଶ୍ରୀ ଯୁକ୍ତେଶ୍ୱର ଗିରିମହାରାଜ ଏଠାରେ 'କଡ଼ାର' ଆଶ୍ରମ ସ୍ଥାପନ କରିଥିଲେ । ଈଶ୍ୱର ଉପଲବଧି ପାଇଁ ବ୍ୟାକୁଳ ହୃଦୟ ରବୀନ୍ଦ୍ରନାଥ ଏହି ସହରରେ ନିଜର ସାଧନା କ୍ଷେତ୍ର କରିବା ପାଇଁ ସ୍ଥିର କରିଥିଲେ । ଅବଶ୍ୟ ଏଥିରେ ତାଙ୍କର ଗୁରୁ ଶ୍ରୀ ଯୁକ୍ତେଶ୍ୱର ଗିରିଙ୍କର ଅଦୃଶ୍ୟ ହାତ ଥିଲା । ରବୀନ୍ଦ୍ରନାଥ ତାଙ୍କର ଜଣେ ବନ୍ଧୁଙ୍କୁ ଆଗରୁ ପୁରୀ ପଠାଇଥିଲେ ଗୋଟିଏ ଭଡ଼ା ଘର ଠିକ୍ କରିବା ପାଇଁ ।

ରବୀନ୍ଦ୍ରନାଥ ଆଗରୁ ପଠାଇଥିବା ବନ୍ଧୁ ପୁରୀ ସହରରେ ଭଡ଼ା ଘର ଖୋଜି ଖୋଜି ସମୁଦ୍ର କୂଳ ନିକଟରେ ଥିବା କଡ଼ାର ଆଶ୍ରମକୁ ଦେଖିବାକୁ ଆସିଥିଲେ । ଆଶ୍ରମ ନିକଟରେ ଜଣେ ବୃଦ୍ଧ ସନ୍ନ୍ୟାସୀଙ୍କୁ ଦେଖିଥିଲେ । ସେ ତାଙ୍କୁ କିଛି ପଚାରିବା ପୂର୍ବରୁ ସନ୍ନ୍ୟାସୀ ଜଣକ ତାଙ୍କୁ କହିଲେ, "ତୁମେ ବୋଧହୁଏ ରବୀନ୍ଦ୍ରନାଥଙ୍କ ରହିବା ପାଇଁ ଗୋଟିଏ ଭଡ଼ା ଘର ଖୋଜୁଛ? କିଛି ଚିନ୍ତାନାହିଁ । ଏହି ଆଶ୍ରମର ଦକ୍ଷିଣ

ପାର୍ଶ୍ୱରେ ଗୋଟିଏ ଭଲ ଘର ଅଛି, ସେହି ଘରଟିର ରକ୍ଷକ ନିକଟରେ ରହନ୍ତି । ତୁମେ କଡ଼ାର ଆଶ୍ରମରୁ ଆସିଛ, ଭଡ଼ା ଘର ପାଇଁ ଖୋଜୁଛ ବୋଲି କହିବ । ସେ ସବୁ ଠିକ୍ କରିଦେବେ।'' ବନ୍ଧୁଜଣକ ଆଶ୍ଚର୍ଯ୍ୟ ହୋଇ ତାଙ୍କ ମୁହଁକୁ ଖାଲି ଅନେଇ ରହିଲେ । ଏହି ସନ୍ୟାସୀ ଜଣକ କିମିତି ଜାଣିଲେ ଯେ ରବୀନ୍ଦ୍ର ତାଙ୍କୁ ପଠାଇଛନ୍ତି ଏବଂ ସେ ଘରଭଡ଼ା ନେବା ପାଇଁ ଖୋଜୁଛନ୍ତି ।

ରବୀନ୍ଦ୍ରନାଥ ଚାକିରୀରୁ ଦୁଇମାସ ଛୁଟି ନେଇ ଦିନେ ହାବଡ଼ା ପୁରୀ ଟ୍ରେନ୍ ଧରି ପୁରୀ ରେଳ ଷ୍ଟେସନରେ ପହଞ୍ଚିଲେ । ଟ୍ରେନ୍‌ରୁ ଓହ୍ଲାଇବା ମାତ୍ରେ ତାଙ୍କ ମନରେ ଏବେ ଦିବ୍ୟଭାବ ଘୋଟି ଆସିଲା । ରେଳ ପ୍ଲାଟଫର୍ମ ପାର ହୋଇ ଷ୍ଟେସନ ବାହାରକୁ ଆସି ଠିଆ ହୋଇ ଚାରିଆଡ଼କୁ ଅନେଇଲେ । ପୁରୀ ମାଟିର ପବିତ୍ର ଧୂଳି ମୁଣ୍ଡରେ ଲଗାଇ ଜଗତରନାଥ ଶ୍ରୀ ଜଗନ୍ନାଥଙ୍କର ଉଦ୍ଦେଶ୍ୟରେ ହାତଯୋଡ଼ି ପ୍ରଣାମ କରି ସେ ବାହାରି ପଡ଼ିଲେ ଆଶ୍ରମକୁ । ଗୋଟାଏ ରିକ୍‌ସା ଆଗରେ ତାଙ୍କୁ ଅପେକ୍ଷା କରି ରହିଥିଲା । ସେ ସେଥିରେ ନିଜର ଜିନିଷପତ୍ର ଧରିବସିଗଲେ । ରିକ୍‌ସା ଆଗକୁ ମାଡ଼ି ଚାଲିଲା । ଚାଳକକୁ କହିବା ଦରକାର ନାହିଁ, କେଉଁଠାକୁ ନେବ । ସେ ଯେମିତି ଜାଣିଛି ରବୀନ୍ଦ୍ର କେଉଁଠାକୁ ଯିବେ । ରିକ୍‌ସାବାଲା ରିକ୍‌ସା ଚଳାଇ ସମୁଦ୍ର କୂଳ ଆଡ଼କୁ ତାଙ୍କୁ ନେଇଗଲା । ସେହି ପାଖରେ କଡ଼ାର ଆଶ୍ରମ । ସମୁଦ୍ର କୂଳ । ସେ ପଠାଇଥିବା ବନ୍ଧୁ ତାଙ୍କୁ ଆଗରୁ ଅପେକ୍ଷା କରି ରହିଥିଲେ । ରବୀନ୍ଦ୍ରନାଥଙ୍କୁ ଦେଖି ସେ ଆନନ୍ଦିତ ହେଲେ ଏବଂ କହିଲେ ଯେ ରବୀନ୍ଦ୍ରନାଥ ପୁରୀ ଆସିଯାଇଛନ୍ତି ବୋଲି ସେ ଖବର ପାଇ ବସ୍ତି ସାରା ତାଙ୍କୁ ଖୋଜିବାରେ ଲାଗିଥିଲେ ।

ଏହାପରେ ଦୁଇବନ୍ଧୁ ଭଡ଼ା ନେଇଥିବା ଘରକୁ ଗଲେ । ଏହି ଘରଟି ଶ୍ରୀ ଯୁକ୍ତେଶ୍ୱର ଗିରିଙ୍କର କଡ଼ାର ଆଶ୍ରମର ଅତି ନିକଟରେ । ଏହି ଘରର ଛାତ ଉପରୁ ଦେଖିଲେ କଡ଼ାର ଆଶ୍ରମର ଭିତର ଭାଗ ଦେଖାଯାଏ । ସେଦିନ ଥିଲା ଜ୍ୟେଷ୍ଠ ପୂର୍ଣ୍ଣିମା । ଏହା ହେଉଛି ଦେବସ୍ନାନ ପୂର୍ଣ୍ଣିମା । ଗୋଟିଏ ଅତି ପବିତ୍ର ଦିନ । ଏହି ଦିବସରେ ବଡ଼ ଦେଉଳରେ ବିଜେ ତିନିଠାକୁର ବଳଭଦ୍ର, ସୁଭଦ୍ରା ଏବଂ ଜଗନ୍ନାଥଙ୍କୁ ସ୍ନାନ ପାଇଁ ରତ୍ନ ସିଂହାସନରୁ ସ୍ନାନ ମଣ୍ଡପକୁ ନିଆଯାଏ । ସ୍ନାନ ସରିବା ପରେ ତ୍ରିମୂର୍ତ୍ତିଙ୍କୁ ନିଆଯାଇ ଅଣସର ଘରେ ରଖାଯାଏ । ଏଠାରେ ସେ ପନ୍ଦର ଦିନ ରହନ୍ତି । ଲୋକେ କହନ୍ତି ଯେ ତାଙ୍କୁ ଜର ହୋଇଛି । ଏଣୁ କୌଣସି ଭକ୍ତଙ୍କୁ ତାଙ୍କର ଦର୍ଶନ ପାଇଁ ଅନୁମତି ଦିଆଯାଏ ନାହିଁ । ଏହା ପରେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ତ୍ରିମୂର୍ତ୍ତିଙ୍କୁ ଅଣସର

ଘରୁ ପହଣ୍ଡିବିଜେ କରି ଦାଣ୍ଡରେ ରଖାଯାଇଥିବା ତିନି ରଥ ଉପରକୁ ଉଠେଇ ନିଆଯାଏ । ଏହି ଦିନକୁ ଶ୍ରୀ ଗୁଣ୍ଡିଚା ଯାତ୍ରା କହନ୍ତି ।

ଦୁଇବନ୍ଧୁ ଅପରାହ୍ନରେ ଶ୍ରୀମନ୍ଦିରକୁ ଯାଇ ସ୍ନାନମଣ୍ଡପରେ ଠାକୁରମାନଙ୍କୁ ଦର୍ଶନ କରିଥିଲେ । ପରେ ସନ୍ଧ୍ୟା  ସମୟରେ ଭଡ଼ା ଘରକୁ ଫେରି ଆସିଥିଲେ । ସେ ଦୁହେଁ ଭଡ଼ା ଘରର ଛାତ ଉପରକୁ ଉଠି ଚାରିଆଡ଼କୁ ଅନାଇବା ସମୟରେ ଦେଖିଲେ ଯେ ଜଣେ ବୃଦ୍ଧ ସନ୍ନ୍ୟାସୀ କଡ଼ାର ଆଶ୍ରମର ଖୋଲା ଅଗଣାରେ ପଦଚାରଣ କରୁଛନ୍ତି । ଶ୍ରୀ ଯୁକ୍ତେଶ୍ୱରଙ୍କର ସମାଧି ସ୍ଥଳରୁ ଆଶ୍ରମ ମନ୍ଦିର ଆଡ଼କୁ ଆସୁଛନ୍ତି । ରବୀନ୍ଦ୍ର ନାଥ ଏହା ତାଙ୍କ ବନ୍ଧୁଙ୍କୁ ଦେଖାଇବାରୁ ସେ କହିଲେ ଯେ ସେହି ବୃଦ୍ଧବ୍ୟକ୍ତି ହିଁ ତାଙ୍କୁ ଏହି ଘର ଭଡ଼ା ନେବା କଥା କହିଥିଲେ  ଏବଂ ତାଙ୍କ କଥାନୁଯାୟୀ ସେ ଘରର ରକ୍ଷକଙ୍କ ସହ କଥାବାର୍ତ୍ତା କରି ଅତି ସହଜରେ ଘରଟି ପାଇଥିଲେ ଭଡ଼ାରେ ରହିବାକୁ । ଏହା ଶୁଣି ରୀବନ୍ଦ୍ରନାଥ କହିଲେ, – "ଶ୍ରୀ ଯୁକ୍ତେଶ୍ୱର ଆଉ ମର ଶରୀରରେ ନାହାନ୍ତି । ଏହି ବୃଦ୍ଧ ସନ୍ନ୍ୟାସୀ ତାଙ୍କର ଅଶରୀରୀ ଆତ୍ମା ।" ଏହା ଶୁଣି ବନ୍ଧୁ ସ୍ତବ୍ଧ ହୋଇ ଯାଇଥିଲେ । କିନ୍ତୁ ରବୀନ୍ଦ୍ରନାଥଙ୍କର ଆଉ କୌଣସି ସନ୍ଦେହ ରହିଲା ନାହିଁ । ତାଙ୍କର ପୂଜ୍ୟ ଗୁରୁଦେବଙ୍କର ଏହି ଇଚ୍ଛା ଭାବି ସେ ନିଜର ଭବିଷ୍ୟତ ଜୀବନ ନିଶ୍ଚିତ କରିନେଲେ।

ପୁରୀ ସହରରେ ରବୀନ୍ଦ୍ରନାଥ ପ୍ରଥମେ ରହିବା ସମୟରେ ଜଣେ ସମ୍ଭ୍ରାନ୍ତବଂଶୀୟ ଧନୀ ଯୁବକ ଭଳି ରାଜକୀୟ ଢ଼ଙ୍ଗରେ ରହୁଥିଲେ । ସାହେବୀ ପୋଷାକ ସୁଟ୍, କୋଟ, ପରିଧାନ କରୁଥିଲେ । ତାଙ୍କର ସମସ୍ତଙ୍କ ପ୍ରତି ଆତ୍ମୀୟତା । ରାଜପୁତ୍ର ଭଳି ଚେହେରା । ହସ ହସ ମୁଖ ଏବଂ ସମସ୍ତଙ୍କ ସହ ମିଳାମିଶା ସ୍ୱଭାବ ଯୋଗୁଁ ପୁରୀ ସହରରେ ବହୁ ଭଦ୍ରବ୍ୟକ୍ତି ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ରବୀନ୍ଦ୍ରନାଥ କିନ୍ତୁ ନିୟମିତ ଭାବେ ଦୁଇ ବେଳା ସକାଳେ ଏବଂ ସନ୍ଧ୍ୟା ସମୟରେ ଯାଇ କଡ଼ାର ଆଶ୍ରମ ଦାୟିତ୍ୱରେ ଥିବା ସ୍ୱାମୀ ସେବାନନ୍ଦ ଗିରିଙ୍କର ଦ୍ୱାରା ପରିଚାଳିତ ଧ୍ୟାନରେ ଯୋଗ ଦେଉଥିଲେ ଏବଂ ବହୁ ସମୟ ଧ୍ୟାନରେ କଟାଉଥିଲେ । ସ୍ୱାମୀ  ସେବାନନ୍ଦ ଗିରିଙ୍କର ସେ ଅତି ପ୍ରିୟପାତ୍ର ହୋଇ ଯାଇଥିଲେ । ଅଳ୍ପ କିଛିଦିନ ମଧ୍ୟରେ ଆସ୍ତେ ଆସ୍ତେ ତାଙ୍କର ଧ୍ୟାନ ଗଭୀର ହେବାକୁ ଲାଗିଲା । ଏହିଭଳି ଭାବେ କିଛି ଦିନ ଅତିବାହିତ ହେବା ପରେ ଦିନେ ରାତିରେ ଶୋଇବା ସମୟରେ ସେ ପୂଜ୍ୟ ଗୁରୁଦେବ ଯୁକ୍ତେଶ୍ୱରଙ୍କୁ ସ୍ୱପ୍ନରେ ଦେଖିଲେ । କଡ଼ାର ଆଶ୍ରମରେ ଯାଇ ରହିବାକୁ ସେ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଶ୍ରମର ଦାୟିତ୍ୱରେ ଥିବା ସ୍ୱାମୀ ସେବାନନ୍ଦ ମଧ୍ୟ ଅନୁରୂପ ସ୍ୱପ୍ନ

ଦେଖିଥିଲେ । ଏହାପରେ ରବୀନ୍ଦ୍ରନାଥ ସ୍ଥିର କରିନେଲେ ଯେ ସେ ଗୁରୁଦେବଙ୍କର ଆଶ୍ରମରେ ରହି ଆଶ୍ରମ ଜୀବନ ଯାପନ କରି ଧ୍ୟାନରେ ଲାଗିପଡ଼ିବେ । ସ୍ୱାମୀ ସେବାନନ୍ଦଙ୍କ ସହ ଏହି ସମ୍ପର୍କରେ କଥାବାର୍ତ୍ତା କରି ସେ ପରଦିନ ନିଜର ଦାମିକା ପୋଷାକପତ୍ର ସବୁ ଜମା କରି ନିଆଁ ଲଗାଇ ପୋଡ଼ି ଦେଲେ ଏବଂ ଭଡ଼ାଘର ଛାଡ଼ି କଡ଼ାର ଆଶ୍ରମରେ ସାଧାରଣ ଲୋକ ଭଳି ଆସି ରହିଲେ । କିଛିଦିନ ପରେ ସ୍ୱାମୀ ସେବାନନ୍ଦଙ୍କର ନିର୍ଦ୍ଦେଶରେ ବ୍ରହ୍ମଚାରୀ ଜୀବନ ଯାପନ କରିଥିଲେ ଏବଂ ଏହା ପରଠାରୁ ତାଙ୍କର ନୂତନ ନାମକରଣ ହେଲା ବ୍ରହ୍ମଚାରୀ ରବିନାରାୟଣ । ସାଧା ଧଳା ଲୁଗା, କୁର୍ତ୍ତା ଇତ୍ୟାଦି ପରିଧାନ କରି ଆଶ୍ରମର ସମସ୍ତଙ୍କ ସହ ମିଶି ସେମାନେ ଖାଉଥିବା ସାଧାରଣ ଖାଦ୍ୟ ଖାଇ ରବିନାରାୟଣ ଈଶ୍ୱର ଉପଲବ୍ଧି ପାଇଁ କଠୋର ଏବଂ ନିଷ୍ଠାର ସହ ଧ୍ୟାନରେ ଲାଗି ରହିଲେ ।

ରବିନାରାୟଣ ବ୍ରହ୍ମଚର୍ଯ୍ୟ ଗ୍ରହଣ ପୂର୍ବରୁ ୧୯୩୨ ସାଲରେ ଶ୍ରୀ ଯୁକ୍ତେଶ୍ୱର ଗିରିଙ୍କ ଠାରୁ ପ୍ରଥମ କ୍ରିୟାଦୀକ୍ଷା ନେଇଥିଲେ । ତାଙ୍କର ବଙ୍ଗଳା ରାଜ୍ୟରେ ଥିବା ପ୍ରିୟ ଶିଷ୍ୟ ପରମହଂସ ଯୋଗାନନ୍ଦ ଗୁରୁଦେବଙ୍କର ନିର୍ଦ୍ଦେଶରେ ଆମେରିକା ପ୍ରଭୃତି ପାଶ୍ଚାତ୍ୟ ଦେଶ ସବୁ ଭ୍ରମଣ କରି କ୍ରିୟାଯୋଗ ଓ ସାଧନା କୌଶଳ ପ୍ରଚାର କରୁଥିଲେ । ପରମହଂସ ଯୋଗାନନ୍ଦ କ୍ରିୟା ଯୋଗ ସାଧନାରେ ସିଦ୍ଧ ହୋଇ ନିର୍ବିକଳ୍ପ ସମାଧି ଲାଭ କରିଥିଲେ । ତାଙ୍କର ଦେଶ ବିଦେଶରେ ଭିନ୍ନ ଭିନ୍ନ ରାଜ୍ୟମାନଙ୍କର ଲକ୍ଷାଧିକ ଶିଷ୍ୟ ଥିଲେ । ସେ ୧୯୩୫ ଖ୍ରୀଷ୍ଟାବ୍ଦରେ ନିଜର ଜନ୍ମଭୂମି ବଙ୍ଗଳାକୁ ଗୁରୁ ଶ୍ରୀଯୁକ୍ତେଶ୍ୱରଗିରିଙ୍କ ସହ ସାକ୍ଷାତ ପାଇଁ ଅଳ୍ପ ସମୟ ପାଇଁ ଆସିଥିଲେ । ରବୀନ୍ଦ୍ରନାଥ ତାଙ୍କୁ ଯାଇ ସାକ୍ଷାତ କରିଥିଲେ । ଶ୍ରୀ ଯୋଗାନନ୍ଦ ରବୀନ୍ଦ୍ରନାଥଙ୍କ ବିଷୟରେ ସବୁ ଜାଣି ତାଙ୍କର ସାଧନର ଅଗ୍ରଗତି ଦେଖି ତାଙ୍କୁ କ୍ରିୟାଯୋଗର ଦ୍ୱିତୀୟ କ୍ରିୟାଦୀକ୍ଷା ଦେଇଥିଲେ ।

୧୯୩୮ରେ କଡ଼ାର ଆଶ୍ରମରେ ବ୍ରହ୍ମଚାରୀ ହୋଇ ରହି ରବିନାରାୟଣ କଠୋର ସାଧନାରେ ଲାଗିପଡ଼ିଲେ । ତାଙ୍କର ସାଧନାରେ ମଧ୍ୟ ବହୁ ଅଗ୍ରଗତି ହୋଇଥିଲା । ଶ୍ରୀ ଯୁକ୍ତେଶ୍ୱରଙ୍କର ଅନ୍ୟତମ ଶିଷ୍ୟ ଶ୍ରୀମତ୍ ସ୍ୱାମୀ ସତ୍ୟାନନ୍ଦଗିରି  ପରମହଂସ ଯୋଗାନନ୍ଦଙ୍କର ନିର୍ଦ୍ଦେଶରେ ସ୍ୱାମୀ ସେବାନନ୍ଦଙ୍କ ପରେ କଡ଼ାର ଆଶ୍ରମର ଦାୟିତ୍ୱରେ ରହିଥିଲେ ୧୯୪୧ ମସିହା  ବେଳକୁ । ଶ୍ରୀ ସତ୍ୟାନନ୍ଦଗିରି ମଧ୍ୟ ଜଣେ ଉଚ୍ଚକୋଟୀର କ୍ରିୟାଯୋଗ ସାଧକ ଥିଲେ ଏବଂ ଯୋଗସିଦ୍ଧି ଅବସ୍ଥା ପ୍ରାପ୍ତ  ହୋଇଥିଲେ । ପରମହଂସ

ଯୋଗାନନ୍ଦଙ୍କର ଥିଲେ ଜଣେ ପରମ ବନ୍ଧୁ । ଆଶ୍ରମରେ ଥିବା ବ୍ରହ୍ମଚାରୀ ରବିନାରାୟଣଙ୍କ ସାଧନାର ଯଥେଷ୍ଟ ଅଗ୍ରଗତି ଦେଖି ସେ ତାଙ୍କୁ ତୃତୀୟକ୍ରିୟା ଦୀକ୍ଷା ଦେଇଥିଲେ ସେହି ୧୯୪୧ ସାଲରେ । ତୃତୀୟ କ୍ରିୟାଦୀକ୍ଷା ନେଇ ବ୍ରହ୍ମଚାରୀ ରବିନାରୟଣଙ୍କର ସାଧନା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିଲା । ୧୯୪୩ ଖ୍ରୀଷ୍ଟାବ୍ଦରେ ଶ୍ରୀ ଲାହିଡ଼ୀବାବାଙ୍କର ଅନ୍ୟତମ ଗୃହୀ ଶିଷ୍ୟ ଉଚ୍ଚକୋଟୀର କ୍ରିୟା ସାଧକ ଶ୍ରୀଭୂପେନ୍ଦ୍ରନାଥ ସାନ୍ୟାଲ ମହାଶୟଙ୍କ ଠାରୁ ସେ ଚତୁର୍ଥ କ୍ରିୟା ଦୀକ୍ଷା ନେଇଥିଲେ ।

ଶ୍ରୀ ଭୂପେନ୍ଦ୍ରନାଥ ସାନ୍ୟାଲ ମହାଶୟ ଜଣେ ମହାଜ୍ଞାନୀ ଶାସ୍ତ୍ରଜ୍ଞ ପଣ୍ଡିତ ଥିଲେ । ଗୃହୀ ଜୀବନ ଯାପନ କରୁଥିଲେ ମଧ୍ୟ ସେ ତାଙ୍କର ପୂଜ୍ୟଗୁରୁ ଶ୍ରୀ ଶ୍ୟାମାଚରଣ ଲାହିଡ଼ୀଙ୍କ ଭଳି ଜଣେ ଉଚ୍ଚକୋଟୀର ସମାଧି ଅବସ୍ଥା ପ୍ରାପ୍ତ ଯୋଗୀପୁରୁଷ ଥିଲେ । ବ୍ରହ୍ମଚାରୀ ରବିନାରାୟଣ କଡ଼ାର ଆଶ୍ରମରେ ସେତେବେଳେ ରହୁଥିଲେ । ଶ୍ରୀ ସାନ୍ୟାଲ ମହାଶୟ ବହୁ ସମୟ କଡ଼ାର ଆଶ୍ରମକୁ ଯାଇ ରବିନାରାୟଣଙ୍କ ସହ କ୍ରିୟାଯୋଗ ତତ୍ତ୍ୱ, ଶ୍ରୀ ଭଗବଦ୍ ଗୀତା, ଉପନିଷଦ ଆଦି ଶାସ୍ତ୍ରର ବିଷୟ ମାନ ଚର୍ଚ୍ଚା କରୁଥିଲେ । ଶ୍ରୀ ସାନ୍ୟାଲ ମହାଶୟ ପୁରୀ ସମୁଦ୍ର କୂଳର କଡ଼ାର ଆଶ୍ରମର ଅନତି ଦୂରରେ ନିଜର ଆଶ୍ରମ ନିର୍ମାଣ କରିଥିଲେ । ସେଠାରେ ତାଙ୍କର ଗୁରୁ ଶ୍ରୀ ଲାହିଡ଼ୀବାବାଙ୍କର ମାର୍ବଲ ପଥରରେ ନିର୍ମିତ ମୂର୍ତ୍ତି ସ୍ଥାପନ କରିଥିଲେ । ଗୋଟିଏ ଛୋଟ ମନ୍ଦିର ତାଙ୍କ ଗୁରୁଙ୍କ ପାଇଁ ମଧ୍ୟ ନିର୍ମାଣ କରିଥିଲେ । ଶ୍ରୀ ସାନ୍ୟାଲ୍ ମହାଶୟ ରବିନାରାୟଣଙ୍କୁ ବିଶେଷ ଭଲ ପାଉଥିଲେ। ଏଣୁ ରବିନାରୟଣଙ୍କର ସାଧନା ଦିନକୁ ଦିନ ଦ୍ରୁତଗତିରେ ବଢ଼ିବାରେ ଲାଗିଥିଲା, ସାନ୍ୟାଲ ମହାଶୟଙ୍କର ସାହାଯ୍ୟ ଲାଭକରି ।

ଶ୍ରୀଯୁକ୍ତେଶ୍ୱର କଡ଼ାର ଆଶ୍ରମରେ 'ଶ୍ରୀଯୁକ୍ତେଶ୍ୱର ବିଦ୍ୟାପୀଠ' ନାମକ ଗୋଟିଏ ଛୋଟ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିଥିଲେ । ସେଠାରେ ଛୋଟ ପିଲାମାନଙ୍କୁ ସାଧାରଣ ବିଦ୍ୟାଳୟ ପାଠ୍ୟକ୍ରମ ସହିତ ନୀତି ଶିକ୍ଷା, ଈଶ୍ୱର ଭକ୍ତି, ସଦାଚାର ଶିକ୍ଷାଦି ଦିଆଯାଉଥିଲା। ବ୍ରହ୍ମଚାରୀ ରବିନାରାୟଣ ସେହି ସ୍କୁଲ ପରିଚାଳନା ଦାୟିତ୍ୱରେ ଥିଲେ । ନିଜେ ମଧ୍ୟ ପିଲାମାନଙ୍କୁ ନୀତିଶିକ୍ଷା ଦେଉଥିଲେ । ପିଲାମାନେ ସରସ୍ୱତୀ ପୂଜା କରିବା ପାଇଁ ସେ ନିଜ ହାତରେ ମାଟିରେ ଗୋଟିଏ ସରସ୍ୱତୀ ମୂର୍ତ୍ତି ତିଆର କରି ନିଜ ରହିବା କୋଠରୀରେ ରଖିଥିଲେ । ପୂଜାଦିନ ସେହି ମୂର୍ତ୍ତିକୁ ପିଲାମାନେ ପଦାକୁ ଆଣି ସାଜସଜ୍ଜା କରି ପୂଜା କରୁଥିଲେ । ଅନ୍ୟ ସମୟରେ ଏହି ମୂର୍ତ୍ତିକୁ ସେ ନିଜ କୋଠରୀରେ ରଖୁଥିଲେ ।




କଳ୍ପଯୋଗୀ ମହାବତାର ବାବାଜୀ ମହାରାଜ

୧୯୪୪ ମସିହାର କଥା । ବ୍ରହ୍ମଚାରୀ ରବିନାରାୟଣ ଆଶ୍ରମରେ ନିଜର କୋଠରୀ ଭିତରେ ଧ୍ୟାନମଗ୍ନ ହୋଇ ରହିଥିବା ସମୟରେ ଜଣେ ଅଜ୍ଞାତ ବ୍ୟକ୍ତି କୋଠରୀ ଭିତରକୁ ପଶି ଆସି ତାଙ୍କୁ ନାନା ଅଶ୍ରାବ୍ୟ ଭାଷାରେ ଗାଳି ଦେବାକୁ ଲାଗିଲେ । ଏ ସମ୍ପର୍କରେ ପରମହଂସ ହରିହରାନନ୍ଦ କହନ୍ତି ଯେ 'ସେ ଅଜ୍ଞାତ ଲୋକଟି ତାଙ୍କ ଠାରୁ ବୟସରେ ଛୋଟ ଦେଖାଯାଉଥିଲେ ମଧ ତାଙ୍କର ଭାଷାରେ ଥିଲା ଦୃଢ଼ତା ।' ସେ କୋଠରୀ ଭିତରେ ରଖାଯାଉଥିବା ସରସ୍ୱତୀଙ୍କର ମୂର୍ତ୍ତି ଦେଖି ରବିନାରାୟଣଙ୍କୁ ଗାଳିକରି କହିଲେ ଯେ ଘର ଭିତରେ ଜଣେ ସ୍ତ୍ରୀ ଲୋକ ସହିତ ରହି ଧ୍ୟାନର ଛଳନା କରି ବସିଲେ ତାଙ୍କର ଧ୍ୟାନ ଆଗେଇବ ନାହିଁ । ତାଙ୍କର ଏହି ରୁକ୍ଷ ବ୍ୟବହାର ଦେଖି ରବିନାରାୟଣ ଅତୀବ ଧିର ଭାବରେ ତାଙ୍କୁ ଶାନ୍ତ ହେବାକୁ କହିଲେ । ପାଖରେ ନିଜେ ତିଆରି କରିଥିବା ସୁଜି ହାଲୁଆ ଥିବା ପାତ୍ର ତାଙ୍କ ହାତକୁ ବଢ଼ାଇ ତାହା ଗ୍ରହଣ କରିବାକୁ ଅନୁରୋଧ କଲେ । ସେହି ଅଜ୍ଞାତ ବ୍ୟକ୍ତି ସେ ସୁଜି ହାଲୁଆ ତାଙ୍କ ହାତରୁ ନେଇ ସରସ୍ୱତୀଙ୍କ ବିଗ୍ରହ ଆଡ଼କୁ ବଢ଼ାଇ ଧରି କହିଲେ ''ଖା, ଖା ।'' ଏତକ କହିବା ମାତ୍ରେ ସରସ୍ୱତୀ ବିଗ୍ରହଙ୍କର ଦୁଇ ଆଖିରୁ ଦୁଇ ଜ୍ୟୋତିଧାରା ନିର୍ଗତ ହୋଇ ସେହି ହାଲୁଆ ପାତ୍ର ଉପରେ କିଛି ସମୟ ରହି ପରେ ଲିଭିଗଲା । ଏହା ଦେଖିବା ପରେ ରବିନାରାୟଣ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ ସେହି ରହସ୍ୟମୟ ଅଜ୍ଞାତ ବ୍ୟକ୍ତିଙ୍କର ମୁହଁକୁ ଅନାଇ ରହିଲେ । ହାତ ଯୋଡ଼ି ପ୍ରଣାମ କଲେ । ସେ ଯେ ସାମାନ୍ୟ ବ୍ୟକ୍ତି ନୁହନ୍ତି ଏହି ଧାରଣା ତାଙ୍କର ଦୃଢ଼ୀଭୂତ ହୋଇଗଲା । ପରେ ସେହି ବ୍ୟକ୍ତି ରବିନାରାୟଣଙ୍କୁ କହିଲେ, ''ତୁମ୍ଭର ଧ୍ୟାନ ଆହୁରି ବାଟରେ ପଡ଼ି ନାହିଁ । ଏମିତି ଭାବରେ ଧ୍ୟାନ କଲେ କିଛି ହେବ ନାହିଁ । କାଲି ଖୁବ୍ ସକାଳୁ ଅମୁକ ସ୍ଥାନରେ ଥିବା ବୃକ୍ଷ ମୂଳକୁ ଆସି ମୋ ସହିତ ଦେଖା କରିବ !'' ଏହା କହି ବାହାରିଗଲେ ।

ଯେଉଁ ସାଧକ ଅତ୍ୟନ୍ତ ନିଷ୍ପାପର ଭାବରେ ମନପ୍ରାଣ ଦେଇ, ସବୁ ଜଳାଞ୍ଜଳି ଦେଇ କେବଳ ଧ୍ୟାନରେ ଲାଗି ରହିଥାନ୍ତି ତାହାଙ୍କୁ ଈଶ୍ୱର କୌଣସି ନା କୌଣସି ପ୍ରକାରେ ସାହାଯ୍ୟ କରି ତାଙ୍କୁ ଆଗେଇ ନିଅନ୍ତି । ପରଦିନ ସୂର୍ଯ୍ୟୋଦୟ ପୂର୍ବରୁ ରବିନାରାୟଣ ସେହି ଅଜ୍ଞାତ ବ୍ୟକ୍ତି ଯେଉଁ ନିର୍ଦ୍ଦିଷ୍ଟ ସ୍ଥାନରେ ତାଙ୍କ ସହିତ ମିଶିବାକୁ କହିଥିଲେ ସେହିଠାରେ ଯାଇ ଦେଖିଲେ ଯେ ସେ ଆଗରୁ ସେଇଠି ବସିଛନ୍ତି ତାଙ୍କୁ ଅପେକ୍ଷା କରି । ରବିନାରାୟଣଙ୍କୁ ଦେଖିବା ପରେ ତାଙ୍କୁ ସେ ସ୍ନେହବୋଳା ସ୍ୱରରେ ନିଜ ପାଖରେ ବସିବାକୁ କହିଲେ । ତାଙ୍କର ପୂର୍ବ ଦିନର ରୁକ୍ଷ ବ୍ୟବହାର ସେତେବେଳେ

ଆଉ ନଥିଲା । ରବିନାରାୟଣଙ୍କୁ ସେ ଧ୍ୟାନରେ ବସିବାକୁ କହିଲେ ଏବଂ ସେ ତାଙ୍କର ମସ୍ତକ ଏବଂ ସର୍ବାଙ୍ଗ ସ୍ପର୍ଶ କରିଥିଲେ । ଏହା ପରେ ପରେ ରବିନାରାୟଣଙ୍କର ଧ୍ୟାନ ଗଭୀର ହୋଇ ଉଠିଥିଲା ଏବଂ ସେ ସମାଧିସ୍ଥ ହୋଇଯାଇଥିଲେ । କେତେ ସମୟ ସେ ଏହି ସମାଧି ଅବସ୍ଥାରେ ସେଠାରେ ରହିଥିଲେ ସେ ଜାଣି ପାରିନଥିଲେ । ବହୁ ସମୟ ପରେ ତାଙ୍କର ସମାଧି ଭଙ୍ଗ ହେଲା ଏବଂ ସେ କଡ଼ାର ଆଶ୍ରମକୁ ଫେରି ଆସିଥିଲେ । ସେ ଅଜ୍ଞାତ ମହାପୁରୁଷ ଯିଏ ତାଙ୍କୁ ନିର୍ବିକଳ୍ପ ସମାଧି ଅବସ୍ଥା ପ୍ରଦାନ କରିଥିଲେ ସେ କିଏ ଏବଂ କେଉଁ ଆଡ଼େ ଗଲେ ସେ ତାହା ଜାଣିପାରିଲେ ନାହିଁ । ପୁଣି କେବେ ତାଙ୍କ ସହ ଆଉ ଦେଖାହୋଇନାହିଁ । ଏହା ପରଠାରୁ ରବିନାରାୟଣ ପ୍ରାୟ ବହୁଦିନ ଧରି କେବଳ ଆଶ୍ରମରେ ନିଜ କୋଠରୀ ଭିତରେ ଏକାକୀ ଧ୍ୟାନ ମଗ୍ନ ରହୁଥିଲେ, ମୌନ ରହୁଥିଲେ । କାହା ସହିତ ମିଳାମିଶା କରୁନଥିଲେ ।

ଦିନକର ଘଟଣା । ନିଜ କୋଠରୀ ଭିତରୁ କବାଟ ବନ୍ଦ କରି ସେ ଧ୍ୟାନ କରୁଥିଲେ । ଗଭୀର ଧ୍ୟାନରେ ବସିଥିବାବେଳେ ତାଙ୍କର ନିର୍ବିକଳ୍ପ ସମାଧି ଅବସ୍ଥା ଆସିଯାଇଥିଲା । ତାଙ୍କର ଦେହଜ୍ଞାନ ନଥିଲା । ଧୀରେ ଧୀରେ ସେ ବସିଥିବା ଆସନରେ ଟଳି ପଡ଼ିଥିଲେ ଏବଂ ତାଙ୍କର ମୁଣ୍ଡ ତଳ ଚଟାଣରେ ପିଟି ହୋଇ ଫାଟି ଯାଇ ରକ୍ତ ବହୁଥିଲା । ରକ୍ତର ଧାରା କବାଟର ନିମ୍ନାଂଶରେ ଥିବା ଫାଙ୍କଦେଇ ବାହାର ବାରଣ୍ଡାକୁ ବହି ଯାଉଥିଲା । ବାହାରେ କେତେ କାଉ ଉଡ଼ି ଆସି ସେହି ରକ୍ତ ଧାରାକୁ ଖୁମ୍ପିବାରେ ଲାଗିଥିଲେ । ସ୍ୱାମୀ ସତ୍ୟାନନ୍ଦ ଗିରି ସେତେବେଳେ କଡ଼ାର ଆଶ୍ରମରେ ଥିଲେ । ସେ ନିଜ କୋଠରୀରୁ ଏହା ଦେଖିପାରିଥିଲେ ଏବଂ ଶୀଘ୍ର ଧାଇଁ ଆସି ରବିନାରାୟଣଙ୍କର କୋଠରୀ ବାହାରୁ ଧକ୍କା ମାରି ଖୋଲି ରବିନାରାୟଣଙ୍କର ସଂଜ୍ଞାହୀନ ଶରୀରକୁ ଯଥାବିଧି ଉପଚାର କରି ତାଙ୍କର ସମାଧି ଭଙ୍ଗକରି ସଚେତ କରାଇଥିଲେ । ଏହିପରି ବହୁବାର ରବିନାରାୟଣ ସମାଧିଗ୍ରସ୍ତ ହୋଇ ପଡୁଥିଲେ ବହୁଦିନ ପର୍ଯ୍ୟନ୍ତ । ଏହି ଘଟଣା ପରମହଂସ ହରିହରାନନ୍ଦ ତାଙ୍କର ବହୁ ଶିଷ୍ୟମାନଙ୍କୁ ପରେ କହିଥିଲେ । ଆଗରୁ କୁହାଯାଇଛି ଯେ ଶ୍ରୀ ଭୂପେନ୍ଦ୍ରନାଥ ସାନ୍ୟାଲ ମହାଶୟ ରବିନାରାୟଣଙ୍କୁ ଚତୁର୍ଥ କ୍ରିୟାଦୀକ୍ଷା ଦେଇଥିଲେ । ରବିନାରାୟଣଙ୍କ ନିର୍ବିକଳ୍ପ ସମାଧି ଅବସ୍ଥା ଦେଖି ସେ ତାଙ୍କୁ ଖ୍ରୀ: ୧୯୪୫ ତାହାଙ୍କୁ ପଞ୍ଚମ ଏବଂ ଷଷ୍ଠ କ୍ରିୟାଦୀକ୍ଷା ପ୍ରଦାନ କରିଥିଲେ । ଏହି ଦୁଇ କ୍ରିୟା ହେଉଛି କ୍ରିୟା ଯୋଗଦୀକ୍ଷାର ଶେଷ ଦୀକ୍ଷା । ଏହା ପରେ ସାଧକଙ୍କର ଆଉ କୌଣସି କ୍ରିୟାଦୀକ୍ଷା ନେବାର ଆବଶ୍ୟକତା ନାହିଁ ।



ମା'କାଳୀଙ୍କର ବିଗ୍ରହ ସମ୍ମୁଖରେ ଗୁରୁଦେବ ହରିହରାନନ୍ଦ

# ମହାବତାର ବାବାଜୀ ମହାରାଜଙ୍କ ଆଶୀର୍ବାଦ ଲାଭ

ଦିବ୍ୟ ଆତ୍ମା କଲ୍ପଯୋଗୀ ମହାବତାର ବାବାଜୀ ମହାରାଜ ଯାହାଙ୍କ ଇଚ୍ଛାରେ ଶ୍ରୀ ଶ୍ୟାମାଚରଣ ଲାହିଡ଼ୀ ମହାଶୟଙ୍କଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଯେଉଁ ମହାନ୍ କ୍ରିୟାବାନ୍ ଯୋଗୀମାନଙ୍କ ଦ୍ୱାରା ସାରା ପୃଥିବୀରେ କ୍ରିୟାଯୋଗ ସାଧନା ବହୁଳ ଭାବରେ ପ୍ରଚାରିତ ହୋଇପାରିଛି, ତାଙ୍କର ଦର୍ଶନ ମିଳିବା ସହଜ ନୁହେଁ । ସେ ସର୍ବଦା ଅଦୃଶ୍ୟ ଭାବରେ ରହିଆସିଛନ୍ତି କେଉଁ ଅନିର୍ଦ୍ଦିଷ୍ଟ କାଳରୁ । ସେ ଯେତେବେଳେ, ଯାହାକୁ ଦର୍ଶନ ଦେବାକୁ ଚାହାନ୍ତି ତାଙ୍କ ଆଗରେ ଆସି ହାଜର ହୋଇଯାନ୍ତି । ବ୍ରହ୍ମଚାରୀ ରବିନାରାୟଣଙ୍କୁ ତାଙ୍କର ଦର୍ଶନର ସୌଭାଗ୍ୟ ମିଳିଥିଲା ୧୯୪୯ ମସିହାରେ କଡ଼ାର ଆଶ୍ରମରେ ସେ ରହୁଥିବା କୋଠରୀ ଭିତରେ । ଦିନେ ରବିନାରାୟଣ ତାଙ୍କର କୋଠରୀ ଭିତରେ ଏକାକୀ ଗଭୀର ଧ୍ୟାନମଗ୍ନ ଅବସ୍ଥାରେ ବସିଥିବା ସମୟରେ ହଠାତ୍ କୋଠରୀ ସାରା ଦିବ୍ୟ ଆଲୋକରେ ଉଦ୍‌ଭାସିତ ହୋଇ ଉଠିଥିଲା । ରବିନାରାୟଣ ଆଖି ଖୋଲି ଦେଖିଲେ ଜଣେ ଜ୍ୟୋତିର୍ମୟ ମହାନ୍ ଆତ୍ମାଙ୍କୁ ନିଜ ସମ୍ମୁଖରେ । ହଠାତ୍ ସେ କହି ପକେଇଲେ "କିଏ ?" ଯେଉଁ ପ୍ରଶ୍ନ କି ସ୍ୱତଃ ମୁହଁରୁ ବାହାରିପଡ଼େ, ଏହିଭଳି ଆଶ୍ଚର୍ଯ୍ୟ ପରିସ୍ଥିତିରେ । ଏତକ ସେ କହିଦେବା ମାତ୍ରେ ସେହି ଦେବମୂର୍ତ୍ତି ହଠାତ୍ ଅଦୃଶ୍ୟ ହୋଇଗଲେ । ଆଲୋକ ଲିଭିଗଲା । ଭିତରୁ କବାଟ କିଲା ହୋଇଛି । ଏ ରହସ୍ୟମୟ ମୂର୍ତ୍ତି କିପରି ଭିତରକୁ ଆସିଗଲେ ! ହଠାତ୍ ଦିବାଲୋକ ପରି ତାଙ୍କ ମନରେ ସ୍ପଷ୍ଟ ହୋଇଗଲା ଯେ ସେ ଆଉ କେହି ନୁହନ୍ତି, ନିଶ୍ଚୟ ବାବାଜୀ ମହାରାଜ ଆସିଥିଲେ । ଏତକ ମନକୁ ସ୍ପର୍ଶ କରିବା ମାତ୍ରେ ସେ ଆଉ ସ୍ଥିର ହୋଇ ରହିପାରିଲେ ନାହିଁ । ବିକଳ ହୋଇ କାନ୍ଦି ଉଠିଲେ । ବାବାଜୀ ମହାରାଜଙ୍କୁ ନିଜର ଅତି ପାଖରେ ପାଇ ସୁଦ୍ଧା ସେ ତାଙ୍କୁ ଚିହ୍ନି ପାରିଲେ ନାହିଁ । ତାଙ୍କ ପାଦ ତଳେ ପ୍ରଣାମ ମଧ୍ୟ କରିବାକୁ ଭୁଲିଗଲେ ଏହି ଦୁଃଖରେ ସେ ଭାଙ୍ଗିପଡ଼ିଲେ ।

ବ୍ରହ୍ମଚାରୀ ରବିନାରାୟଣ ତାଙ୍କର ଇଷ୍ଟଦେବୀ ମା'କାଳୀଙ୍କର ଗୋଟିଏ ପ୍ରତିମୂର୍ତ୍ତି ନିଜ ହାତରେ ତିଆରି କରି ଅଲଗା ଗୋଟିଏ ଛୋଟ କୋଠରୀ ଭିତରେ ତାଙ୍କୁ ସ୍ଥାପନ କରି ସେ ତାଙ୍କର ପୂଜା କରୁଥିଲେ । ସେହି କୋଠରୀ ଭିତରେ ମା'ଙ୍କ ଆଗରେ ବସି ସବୁଦିନ ଧ୍ୟାନ କରୁଥିଲେ । ବାବାଜୀ ମହାରାଜଙ୍କର ଅନ୍ତର୍ଦ୍ଧାନ ପରେ ସେ ସେହି କୋଠରୀ ଭିତରେ ଯାଇ ଧ୍ୟାନରେ ବସିଗଲେ । ଭିତରୁ କବାଟ ବନ୍ଦକରି,

କିଛି ସମୟ ସେ ଧ୍ୟାନରେ ବସିଥିବା ସମୟରେ ହଠାତ୍ ତାଙ୍କର ଧ୍ୟାନ ଭଙ୍ଗ ହେଲା, ମଥାରେ କାହାରି ମୃଦୁ କୋମଳ ସ୍ପର୍ଶ ଅନୁଭବ କରି । ଆଖିଖୋଲି ଦେଖିଲେ ସ୍ୱୟଂ ବାବାଜୀ ମହାରାଜ୍ ତାଙ୍କ ପାଖରେ ଠିଆ ହୋଇ ତାଙ୍କ ମଥା ଉପରେ ହାତରଖି ଅଳ୍ପ ହସି କହୁଛନ୍ତି–''ଏତେ ଅଧୈର୍ଯ୍ୟ କାହିଁକି ? ତୁମର ଧ୍ୟାନରେ ମୁଁ ସନ୍ତୁଷ୍ଟ ।'' ବାବାଜୀ ମହାରାଜଙ୍କର ଦିବ୍ୟ ସ୍ପର୍ଶରେ ତାଙ୍କର ସାରା ଶରୀର, ବାହାର ଓ ଭିତର ମଧ୍ୟରେ ଖେଳିଗଲା ମହାଶାନ୍ତି ଏବଂ ଦିବ୍ୟ ଆନନ୍ଦର ପ୍ରବାହ । ରବିନାରାୟଣ ସେହି ମହାଗୁରୁଙ୍କର ପାଦତଳେ ମଥାରଖି ପ୍ରଣାମ କଲେ । ଏହା ପରେ ବାବାଜୀ, ଦେବୀଙ୍କ ସମ୍ମୁଖରେ ଗୋଟିଏ ପାତ୍ରରେ ପୂଜା ପାଇଁ ବଢ଼ା ହୋଇଥିବା କିଛି କଟା ପାଚିଲା ଫଳ ଦେଖି ସେଥିରୁ କିଛି ନିଜ ହାତରେ ଉଠାଇ ନେଇ ରବିନାରାୟଣଙ୍କୁ ପଚାରିଲେ ''ଏହି ଫଳରୁ କିଛି ମୁଁ ଯଦି ନେଇ ଖାଏ ତୁମେ ବଳକାତକ କ'ଣ ଠାକୁରାଣୀଙ୍କୁ ପୁଣି ପୂଜା କରିବ ?'' କାଳ ବିଳମ୍ବ ନକରି ରବିନାରାୟଣ କହିଲେ, ''ହଁ, କରିପାରିବି । ମା'କାଳୀ ଏବଂ ଆପଣ ଏକ ଏବଂ ଅଭିନ୍ନ । ଆପଣ ଏହି ଫଳତକ ଗ୍ରହଣ କରନ୍ତୁ ।''

ବାବାଜୀ ମହାରାଜ ଏହାଶୁଣି ସନ୍ତୁଷ୍ଟ ହେଲେ ଏବଂ କହିଲେ, ''ତୁମେ ଧ୍ୟାନରେ ଲାଗିରହ । କ୍ରିୟାଯୋଗର ବହୁଳ ପ୍ରଚାର କରି ଲୋକମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରିବା ପାଇଁ ଯତ୍ନ କର ।'' ଏହା କହି ସେ ଯିବା ପାଇଁ ମୁହଁ ବୁଲାଇଲେ । ଯିବାପୂର୍ବରୁ ରବିନାରାୟଣଙ୍କୁ କହିଲେ ''ମୋ ପଛରେ ଆସିବାକୁ ଚେଷ୍ଟାକର ନାହିଁ । ବସି ଧ୍ୟାନ କର ।'' ଏହା ପରେ ସେ ଅଦୃଶ୍ୟ ହୋଇଗଲେ, ଭିତରୁ କବାଟ ପୂର୍ବବତ୍ତ କିଳା ହୋଇ ରହିଥିଲା । କିଛି ସମୟ ପରେ ରବିନାରାୟଣ କବାଟ ଖୋଲି ବାହାରକୁ ଆସିଲେ । ବାବାଜୀ ମହାରାଜଙ୍କର ଯୁବକ ଭଳି ଚେହେରା, ଆଣ୍ଠୁ ତେଉଁ ନଥିବା ଛୋଟିଆ ଧଳା ଲୁଗାଖଣ୍ଡେ ପିନ୍ଧିଥାନ୍ତି । ଏହିଭଳି କୌଣସି ଲୋକଙ୍କୁ ଯିବାର ଆଶ୍ରମର କେହି ଦେଖିଛନ୍ତି କି ବୋଲି ରବିନାରାୟଣ ପଚାରିବାରୁ କେହି ଦେଖିନଥିବା କଥା କହିଲେ ।

## ଆଶ୍ରମ ଜୀବନ ଏବଂ ମା'କାଳୀଙ୍କର ଦର୍ଶନ

କଡ଼ାର ଆଶ୍ରମର ସ୍ଥାପୟିତା ସ୍ୱାମୀ ଶ୍ରୀ ଯୁକ୍ତେଶ୍ୱର ଗିରିଙ୍କର ନିଜର ପୂର୍ବାଶ୍ରମର ନାମ ଥିଲା ପ୍ରିୟନାଥ କଡ଼ାର । ଏଣୁ ସେ ଆଶ୍ରମଟିର ନାମକରଣ କରିଥିଲେ କଡ଼ାର ଆଶ୍ରମ । ଶ୍ରୀ ଯୁକ୍ତେଶ୍ୱର ଗିରି ୧୯୩୬ ମସିହାରେ ଏହି ଆଶ୍ରମରେ ଥିବା

ସମୟରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଯୁକ୍ତେଶ୍ୱର ଗିରିଙ୍କର ମହାସମାଧି ଲାଭ ପରେ ତାଙ୍କର ପ୍ରିୟ ଶିଷ୍ୟ ପରମହଂସ ଯୋଗାନନ୍ଦ କଡ଼ାର ଆଶ୍ରମର ଅଧକ୍ଷ ହେଲେ । କିନ୍ତୁ ସେ ବହୁ ସମୟ ଭାରତ ବାହାରେ ବିଦେଶରେ ରହୁଥିବାରୁ ସ୍ୱାମୀ ସତ୍ୟାନନ୍ଦଗିରିଙ୍କୁ ଉପାଧକ୍ଷ ନିଯୁକ୍ତ କରିଥିଲେ । ଆଶ୍ରମ ପରିଚାଳନା ଦାୟିତ୍ୱ ଦେଇଥିଲେ । ତାଙ୍କର ଅନୁପସ୍ଥିତିରେ ସ୍ୱାମୀ ସତ୍ୟାନନ୍ଦ ଗିରି ଥିଲେ ଜଣେ କ୍ରିୟାଯୋଗ ସିଦ୍ଧି ସମାଧିବାନ୍ ସନ୍ନ୍ୟାସୀ । ଶ୍ରୀ ଯୁକ୍ତେଶ୍ୱର ଗିରିଙ୍କର ଶିଷ୍ୟ ଏବଂ ପରମହଂସ ଯୋଗାନନ୍ଦଙ୍କର ଜଣେ ଘନିଷ୍ଠ ବନ୍ଧୁ ଥିଲେ । ସ୍ୱାମୀ ସତ୍ୟାନନ୍ଦଙ୍କୁ ପୁରୀ ଆଶ୍ରମ ଛଡ଼ା *ଅନ୍ୟ ସ୍ଥାନ ମାନଙ୍କର ଆଶ୍ରମ ଦାୟିତ୍ୱ ଦିଆଯାଇଥିବାରୁ ପରମହଂସ ଯୋଗାନନ୍ଦ* ତାଙ୍କର ଜଣେ ସନ୍ନ୍ୟାସୀ ଶିଷ୍ୟ ସ୍ୱାମୀ ସେବାନନ୍ଦଙ୍କୁ କଡ଼ାର ଆଶ୍ରମ ପରିଚାଳନା ଦାୟିତ୍ୱରେ ରଖିଥିଲେ । ସେ ୧୯୫୦ ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ଥିଲେ । ପରମହଂସ ଯୋଗାନନ୍ଦ ୧୯୫୨ ମସିହାରେ ଆମେରିକାରେ ମହାସମାଧି ପ୍ରାପ୍ତ ହୋଇଥିଲେ । ତାଙ୍କ ପରେ ସ୍ୱାମୀ ସତ୍ୟାନନ୍ଦଗିରି କଡ଼ାର ଆଶ୍ରମର ଅଧକ୍ଷ ଏବଂ ସାଧୁ ସଭାପତି ହୋଇଥିଲେ ।

ରବିନାରାୟଣ ବ୍ରହ୍ମଚାରୀ ଆଶ୍ରମରେ ରହି ଆଶ୍ରମର ପ୍ରାୟ ସବୁକାର୍ଯ୍ୟ ଦାୟିତ୍ୱର ସହ ଚଳାଉଥିଲେ, ଶ୍ରୀ ସେବାନନ୍ଦଙ୍କର ପରାମର୍ଶରେ । ଆଶ୍ରମର ସର୍ବାଙ୍ଗୀନ ଉନ୍ନତି ପାଇଁ ନିଜର ଅକ୍ଲାନ୍ତ ଶ୍ରମ ବିନିଯୋଗ କରୁଥିଲେ । ତାଙ୍କର ନିଷ୍ଠାପର କର୍ମ ଫଳରେ ଆଶ୍ରମର ବହୁ ନିର୍ମାଣ କାର୍ଯ୍ୟ ଯଥା, ଆଶ୍ରମର ଚତୁଃପାର୍ଶ୍ୱରେ ପାଚେରୀ ନିର୍ମାଣ, ଶୌଚାଳୟ ନିର୍ମାଣ, ଯୁକ୍ତେଶ୍ୱର ଗିରିଙ୍କର ସମାଧି ମନ୍ଦିର ନିର୍ମାଣ ଆଦି ବହୁତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଏସବୁ କାର୍ଯ୍ୟମାନଙ୍କରେ ଲାଗିପଡ଼ିଥିଲେ ସୁଦ୍ଧା ନିୟମିତ ଭାବେ ଦୀର୍ଘ ସମୟ ଧରି ଧ୍ୟାନରେ ବସିବା ଅଭ୍ୟାସ ଜାରି ରଖିଥିଲେ । ଏହାବାଦେ ଆଶ୍ରମରେ ଥିବା ଶ୍ରୀଯୁକ୍ତେଶ୍ୱର ବିଦ୍ୟାପୀଠ କଥା ମଧ୍ୟ ବୁଝୁଥିଲେ । ସେଥିରେ ପଢୁଥିବା ବାଳକ ମାନଙ୍କର ବିଦ୍ୟାଶିକ୍ଷା ସହ ନୀତିଶିକ୍ଷା ମଧ ଦେଉଥିଲେ । ଆଶ୍ରମରେ ସମସ୍ତଙ୍କ ପ୍ରତି ସରଳ ଏବଂ ସ୍ନେହଭରା ମଧୁର ବ୍ୟବହାର ଯୋଗୁଁ ସେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ ।

*କଡ଼ାର ଆଶ୍ରମରେ ଥିବା ବେଳେ ରବିନାରାୟଣ ୧୯୫୮ ମସିହାର ମଧ* ଭାଗ ଆଡ଼କୁ ଅତ୍ୟନ୍ତ ଅସୁସ୍ଥ ହୋଇ ପଡ଼ିଥିଲେ । ସେପ୍ଟେମ୍ବର ମାସ ଆଡ଼କୁ ତାଙ୍କର ଦେହ ଏତେ ଖରାପ ଅବସ୍ଥାକୁ ଆସିଥିଲା ଯେ ସେ ଜୀବନର ଅନ୍ତିମ ସମୟ

ଆସିଯାଇଛି, ଏହା ଭାବିବାକୁ ଲାଗିଲେ । ତାଙ୍କର ଇଷ୍ଟଦେବୀ ମା'କାଳୀଙ୍କୁ ଏହି ଯନ୍ତ୍ରଣାରୁ ଉଦ୍ଧାର କରିବା ପାଇଁ ଆତୁର ପ୍ରାର୍ଥନା କରିଥିଲେ । ସେହି ମାସର ୨୭ ତାରିଖ ରାତିରେ ସେ ନିଜ ରହିବା କୋଠରୀରେ ବସି ମା'କାଳୀଙ୍କର ପ୍ରାର୍ଥନାରେ ମଜ୍ଜି ରହିଥିଲେ । ରବିନାରାୟଣ କହିଛନ୍ତି-'' ହଠାତ୍ କୋଠରୀ ଭିତରଟା ଦିବ୍ୟ ଆଲୋକରେ ଉଦ୍‌ଭାସିତ ହୋଇଉଠିଲା । ଦିବ୍ୟ ସୁଗନ୍ଧରେ ଭରିଉଠିଲା କୋଠରୀ ତମାମ । ଦିବ୍ୟ ଜ୍ୟୋତିର୍ମୟୀ, ରୂପମୟୀ ଅଭୟବରଦହସ୍ତା କରୁଣାମୟୀ ମା'କାଳୀ ଜୀବନ୍ତ ରୂପେ ମୋର ସମ୍ମୁଖରେ ଦଣ୍ଡାୟମାନ ହୋଇଛନ୍ତି ଦେଖିଲି । ତାଙ୍କର ଅଭୟହସ୍ତ ଟେକି ମତେ ସମ୍ବୋଧନ କରି କହିଲେ, ''ବତ୍ସ ! ଦେହ ଭଲ ହୋଇଯିବ । ଯେଉଁ କାର୍ଯ୍ୟ ସମ୍ପାଦନ କରିବା ପାଇଁ ତୁମେ ଏହି ପୃଥିବୀକୁ ଆସିଛ, ସେ ସବୁ ଶେଷ କରିବା ପର୍ଯ୍ୟନ୍ତ ବଞ୍ଚିରହିବ । ଅବଶ୍ୟ ତୁମକୁ ଆଉ କିଛି କାଳ କଷ୍ଟ ସହିବା ଯୋଗ ଅଛି । ଧୈର୍ଯ୍ୟଧର । ମୁଁ ସବୁବେଳେ ତୁମ ପାଖରେ ଅଛି।'' ଏହା କହି ମା'ଭଗବତୀ ଅନ୍ତର୍ହିତ ହେଲେ । ରବିନାରାୟଣ ଏହାପରେ ଧୀରେ ଧୀରେ ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ ଲାଗିଲେ ।

ଏହାର କିଛି ଦିନ ପରେ ରବିନାରାୟଣ ସ୍ନାନ କରିବା ସମୟରେ ଦେଖିଲେ ତାଙ୍କର ନାଭି ପାଖରେ ଛୋଟ ଧଳାଛଉ ଜାଗାଟିଏ । ଦିନକୁ ଦିନ ଏହି ଧଳାଛଉ ଦେହ ସାରା ମାଡ଼ି ଛାତି, ଗୋଡ଼, ହାତ ପାପୁଲି ଏବଂ ଦେହର ଅନ୍ୟତ୍ର ମଧ ବଢ଼ିଯାଇଥିଲା । ରବିନାରାୟଣଙ୍କ ସୁନ୍ଦର ଗୋରା ତକ୍‌ତକ୍ ଶରୀରଟାକୁ ଅସୁନ୍ଦର କରି ପକାଇଥିଲା । ସେ ଅତ୍ୟନ୍ତ ବ୍ୟସ୍ତ ହୋଇ ପଡ଼ିଲେ । ମା' କାଳୀଙ୍କୁ ଅତି ବିକଳ ହୋଇ ଏ ଦୁଃଖ ଜଣେଇ କହିଲେ ''ଏପରି କଦାକାର ଚେହେରା ଧରି ତୁମ୍ଭର କି କାର୍ଯ୍ୟ ମୁଁ ସମ୍ପାଦନ କରିବି ମା' ? କିଏ ମୋ ପାଖକୁ ଆସିବ ?''

ଏହାର କିଛିଦିନ ପରେ ରବିନାରାୟଣ ଧ୍ୟାନରେ ବସିଥିବା ସମୟରେ ତାଙ୍କର ଆଖି ସାମନାରେ ଜଣେ ଡ଼ାକ୍ତରଙ୍କର ଠିକଣା ଝଲସି ଉଠିଥିଲା । ''ଡ଼ାକ୍ତର ଘୋଷ, ଧର୍ମତାଲା ଷ୍ଟ୍ରିଟ୍'', କଲିକତା । ସଂଧ୍ୟା ୭ଟା ।'' ଏହି ଠିକଣା ସ୍ପଷ୍ଟ ଦେଖାଯାଉଥିଲା । ଏହା ମା'ଭଗବତୀଙ୍କର ନିର୍ଦ୍ଦେଶ ମନେକରି ରବିନାରାୟଣ ଉକ୍ତ ଡ଼ାକ୍ତରଙ୍କ ନିକଟକୁ ଯାଇ ଠିକ୍ ସଂଧ୍ୟା ୭ଟାରେ ପହଞ୍ଚିଥିଲେ । ଡ଼ାକ୍ତର ମହାଶୟ ଚର୍ମରୋଗ ବିଶେଷଜ୍ଞ । ସେ ତାଙ୍କର ରୋଗ ଦେଖି କିଛି ଔଷଧ ଲେଖିଦେଲେ । ରବିନାରାୟଣ ସେହି ଔଷଧ ଦୋକାନରୁ କିଣି ନେଇ କିଛିଦିନ ବ୍ୟବହାର କରିଥିଲେ । ଯଦିଓ ରୋଗ ସମ୍ପୂର୍ଣ୍ଣ ଭଲ ହୋଇନଥିଲା, ତେବେ ଏହା ଆଉ ଅଧିକ ବଢ଼ିନଥିଲା ।

କିଛିଦିନ ପରେ ରବିନାରାୟଣ ଧ୍ୟାନରେ ବସିବା ସମୟରେ କେହି ଜଣେ ମଧୁର କଣ୍ଠରେ ''ଡାକ୍ତର ଏସ୍.କେ ମିତ୍ର, କଲିକତା'' କହିବାର ଶୁଣିଲେ । ଏହା ନିଶ୍ଚୟ ମା'ଙ୍କର ବାଣୀ ମନେ କରି ରବିନାରାୟଣ ସେହି ଡ଼ାକ୍ତରଙ୍କର ପରାମର୍ଶ ନେବାକୁ ବାହାରିଲେ । କିନ୍ତୁ ଯିବେ କେଉଁ ଠାକୁ? ମା'ତ କେବଳ ଡ଼ାକ୍ତରଙ୍କ ନାଁ' ଟା କହିଦେଲେ, ତାଙ୍କର ପୁରା ଠିକଣା କହିଲେ ନାହିଁ । ଏତେ ବଡ଼ କଲିକତା ମହାନଗରରେ କେତେ ଏସ୍.କେ.ମିତ୍ର ଡ଼ାକ୍ତର ନାହାନ୍ତି ! କେମିତି ତାଙ୍କୁ ଖୋଜି ବାହାର କରିବେ ? ସେ ଯାହାହେଉ କଲିକତାରେ ବହୁତ ଲୋକଙ୍କୁ ସେହି ଡ଼ାକ୍ତରଙ୍କ ବିଷୟରେ ପଚାରିଥିଲେ । କିଛି ଦିନ ପରେ ଦୈବାତ୍ ତାଙ୍କର ଜଣେ ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେଲା । ବନ୍ଧୁଜଣକ ଡ଼ାକ୍ତର ମିତ୍ରଙ୍କୁ ଜାଣିଥିଲେ । ତାଙ୍କୁ ନେଇ ଡ଼ାକ୍ତରଙ୍କ ପାଖରେ ପହଞ୍ଚାଇ ଦେଇଥିଲେ ।

ରବିନାରାୟଣ ଡ଼ାକ୍ତରଙ୍କୁ ନିଜର ରୋଗର ବିବରଣୀ ଏବଂ ମା'ଙ୍କର ନିର୍ଦ୍ଦେଶ କଥା ସବୁ କହିଗଲେ । ଡ଼ାକ୍ତର ମହାଶୟ ସବୁ ଶୁଣି କିଛି କହିଲେ ନାହିଁ । ଅନ୍ୟ ରୋଗୀମାନଙ୍କର କଥା ବୁଝିବାରେ ଲାଗିରହିଲେ । ଦୀର୍ଘ ସମୟ ଅପେକ୍ଷା ପରେ ରବିନାରାୟଣ ଅତି ନମ୍ର ଭାବରେ ଡ଼ାକ୍ତରଙ୍କୁ ନିଜ କଥା ପଚାରିଲେ । ଡ଼ାକ୍ତର ମହାଶୟ କହିଲେ, ''ମୁଁ କି ଔଷଧ ଦେବି? ମା'ସିନା ଆପଣଙ୍କୁ ମୋର ନାଆଁଟା କହି ଦେଲେ । ଆପଣଙ୍କର ଏ ରୋଗକୁ କି ଔଷଧ ଦିଆଯିବ ତାହା ତ ସେ ମତେ ଏଯାଏଁ କହିନାହାନ୍ତି । ଅପେକ୍ଷା କରନ୍ତୁ।'' ଡ଼ାକ୍ତର ଜଣକ ଥିଲେ ଅତ୍ୟନ୍ତ ଭକ୍ତି ପରାୟଣ ବ୍ୟକ୍ତି ।

କିଛି ସମୟ ପରେ ହରିୟାଣାର କୌଣସି ଏକ ଔଷଧ କମ୍ପାନୀର ଦୁଇଜଣ ରିପ୍ରେଜେଣ୍ଟିଭ ଡ଼ାକ୍ତରଙ୍କ ପାଖକୁ ଆସିଲେ ଏବଂ ତାଙ୍କ କମ୍ପାନୀ ଦ୍ୱାରା ତିଆରି ହେଉଥିବା ଔଷଧ ମାନଙ୍କର ନମୁନା ଔଷଧ ଥିବା କିଛି ବୋତଲ ଡ଼ାକ୍ତରଙ୍କୁ ଦେଖାଇଲେ । ସେମାନଙ୍କ ମଧ୍ୟରୁ ଜଣେ ଡ଼ାକ୍ତରଙ୍କ ଆଗରେ ଦୁଇଟି ଔଷଧ ବୋତଲ ରଖି କହିଲେ ଯେ ସେହି ଔଷଧ ଦ୍ୱାରା ଧଳାଛଉ ରୋଗ ଶୀଘ୍ର ଭଲ ହୋଇଯିବ । ଏହା ନୂତନ କରି ଏବେ ତିଆରି କରାଯାଇଛି । ସେମାନେ ତାପରେ ଚାଲିଗଲେ । ଡ଼ାକ୍ତର ମହାଶୟ ସେହି ଦୁଇଟି ଔଷଧ ବୋତଲ ରବିନାରାୟଣଙ୍କୁ ଦେଇ କହିଲେ ''ନିଅନ୍ତୁ । ମା'ଏ ଔଷଧ ଆପଣଙ୍କ ପାଇଁ ପଠାଇଛନ୍ତି ।'' ଔଷଧ ନେଇ ରବିନାରାୟଣ ପୁରୀ ଆଶ୍ରମକୁ ଫେରିଆସିଲେ ।

ଏହି ଔଷଧ କିଛି ଦିନ ବ୍ୟବହାର କରିବା ପରେ ରବିନାରାୟଣଙ୍କ ଶରୀର ସମ୍ପୂର୍ଣ୍ଣ ଭଲ ହୋଇଗଲା । ଦେହର ସବୁ ଧଳାଛଉ ଲିଭିଗଲା । ତାଙ୍କର ଦେହ ପୂର୍ବ

ଭଳି ସ୍ୱଚ୍ଛ ଏବଂ ସୁନ୍ଦର ହୋଇଗଲା । ଧଳାଛଉ ଏମିତି ଗୋଟିଏ ରୋଗ, ଯାହା ଦେହ ସାରା ମାଡ଼ିଯାଏ, ଶରୀରକୁ ବିରୂପ କରିଦିଏ । ସହଜେ ଛାଡ଼େ ନାହିଁ । କିନ୍ତୁ ମା'ତାଙ୍କର ପ୍ରିୟ ସନ୍ତାନକୁ କଣ ଅସୁନ୍ଦର କରି ରଖିବେ ? ନା, ତାକୁ ସେ ସର୍ବାଙ୍ଗସୁନ୍ଦର କରିବେ । ସର୍ବଶ୍ରେଷ୍ଠ କରିବେ । ସର୍ବଜନ ଆଦୃତ କରିବେ ।

ପୁରୀ କଡ଼ାର ଆଶ୍ରମରେ ଥିବାବେଳେ ରବିନାରାୟଣ ବହୁସମୟ ଧ୍ୟାନରେ ବୁଡ଼ି ରହୁଥିଲେ । ଥରେ କଲିକତାରୁ ଜଣେ ଲୋକ ପୁରୀ ଆଶ୍ରମକୁ ଆସି ରବିନାରାୟଣଙ୍କୁ ଦେଖି ତାଙ୍କ ଗୋଡ଼ତଳେ ଲମ୍ବହୋଇ ପଡ଼ି ତାର ରୋଗ ଭଲ କରିଦେବା ପାଇଁ ପ୍ରାର୍ଥନା କଲା। ସେ ବହୁଦିନ ଧରି କିଛି ରୋଗରେ ପଡ଼ି ଭୀଷଣ କଷ୍ଟ ଭୋଗୁଥିଲା । କଲିକତାର ଶ୍ରୀ ତାରକେଶ୍ୱର ମହାପ୍ରଭୁଙ୍କର ପାଖରେ ବହୁଦିନ ଆରାଧନା କରିବା ପରେ ତାକୁ ହୁକୁମ ହେଲା ପୁରୀ କଡ଼ାର ଆଶ୍ରମ ଯାଇ ତାଙ୍କ ସହିତ ଦେଖା କରିବାକୁ । ରବିନାରାୟଣ ତାର ଦୁଃଖ ଶୁଣି କିଛି ଭାବିପାରିଲେ ନାହିଁ, କଣ କରିବେ । ଗୁରୁଦେବ ଶ୍ରୀ ଯୁକ୍ତେଶ୍ୱରଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ । ଲୋକଟିକୁ ରୋଗମୁକ୍ତ କରିବାକୁ । କିଛି ସମୟ ପରେ ହଠାତ୍ ସେ ଧ୍ୟାନରେ ଏକ ଦିବ୍ୟ ଆଲୋକ ଆଖି ଆଗରେ ଦେଖିଲେ । ସେହି ଆଲୋକ ସ୍ପଷ୍ଟ ଭାବରେ ଆଶ୍ରମ ଭିତରେ ଥିବା ଗୋଟିଏ ଛୋଟ ଲତା ଆଡ଼କୁ ଦେଖାଉଥିବାର ରବିନାରାୟଣ ଦେଖିଲେ । ତାହାହିଁ ଔଷଧ ବୋଲି ବୁଝି ସେ ଲତାଟି ଉପାଡ଼ି ଆଣି ରୋଗୀ ହାତକୁ ବଢ଼ାଇଦେଲେ । ପରେ ଏହା ବ୍ୟବହାର କରି ଲୋକଟି ସୁସ୍ଥ ହୋଇ ଯାଇଥିଲା ।

(ବିଃଦ୍ର : – ପରମହଂସ ହରିହରାନନ୍ଦଙ୍କର ପୁରୀ ଆଶ୍ରମ ଜୀବନର ଉପରୋକ୍ତ ଘଟଣାମାନ ଲେଖକ ତାଙ୍କ ମୁଖରୁ ଶୁଣି Hariharananda in mysteries and miracles ଶିରୋନାମାରେ ଇଂରାଜୀ ଲେଖାଟିଏ ଲେଖିଥିଲେ । ତାହା ୧୯୭୮ ମସିହା ମାର୍ଚ୍ଚମାସ ୨୨ ତାରିଖରେ କଡ଼ାର ଆଶ୍ରମ ପ୍ରତିଷ୍ଠା ଦିବସ ଉପଲକ୍ଷେ ପ୍ରକାଶିତ ସ୍ମରଣିକାରେ ସ୍ଥାନ ପାଇଥିଲା ।)

## ପିତାମାତାଙ୍କ ପ୍ରତି ଭକ୍ତି

୧୯୩୭ ମସିହାରେ ଚାକିରୀରୁ ଛୁଟି ନେଇ ରବୀନ୍ଦ୍ରନାଥ ପୁରୀ ଆସିଥିଲେ ସବୁଦିନ ପାଇଁ ସେଠାରେ ରହି ସାଧନା କରିବାକୁ । ତାଙ୍କର ଗୁରୁଦେବ ପୁଣ୍ୟାତ୍ମା ଶ୍ରୀଯୁକ୍ତେଶ୍ୱର ଗିରିଙ୍କର ଅଦୃଶ୍ୟ ଇଙ୍ଗିତରେ ସେ ତାଙ୍କର କଡ଼ାର ଆଶ୍ରମରେ ବ୍ରହ୍ମଚାରୀ

ଭାବେ ରହି ଗୁରୁପ୍ରଦତ୍ତ କ୍ରିୟାଯୋଗ ସାଧନାରେ ଲାଗିପଡ଼ିଥିଲେ । ନିଜ ଘର ହବିବ୍‌ପୁରକୁ ଫେରିଯିବା କଥା ପୁରାପୁରି ପାଶୋରି ଦେଇଥିଲେ । ଅବଶ୍ୟ ତାଙ୍କର ଭାଇମାନଙ୍କ ସହିତ ନିୟମିତ ପତ୍ରାଳାପ ଥିଲା । ସେମାନେ ମଧ୍ୟ ସାମୟିକଭାବରେ ତାଙ୍କ ପାଖକୁ କିଛି ଟଙ୍କା ପଠାଉଥିଲେ । କିନ୍ତୁ ତାଙ୍କ ମା'ଙ୍କ ମନ ଅଥୟ ହୋଇ ଉଠୁଥିଲା, ତାଙ୍କର ଆଦରର ସାନ ପୁଅ ରବିକୁ ବହୁତ ଦିନ ହେଲା ଦେଖିନଥିବାରୁ । ଦିନେ ରାତିରେ ସେ ସ୍ୱପ୍ନ ଦେଖିଲେ ଯେ ତାଙ୍କର ରବି ସଂସାର ତ୍ୟାଗ କରି ସନ୍ନ୍ୟାସୀ ହୋଇଯାଇଛି । ପୁଅ ସନ୍ନ୍ୟାସୀ ହେବ ନାହିଁ ବୋଲି ତାଙ୍କର ସ୍ୱାମୀ କହିଥିଲେ ପୁଅର ଜନ୍ମ ସମୟରେ ତାର ଜନ୍ମକୁଣ୍ଡଳୀ ଦେଖି । ମାଆ ଖୁବ୍ ବ୍ୟସ୍ତ ହୋଇ ପଡ଼ିଥିଲେ ପୁଅକୁ ଦେଖିବାକୁ । ତେଣୁ ପିତା ହରିପଦ ପୁଅ ରବୀନ୍ଦ୍ରନାଥଙ୍କ ନିକଟକୁ ଟେଲିଗ୍ରାମ କରିବାକୁ ତାଙ୍କ ଅନ୍ୟ ପୁଅକୁ କହିଥିଲେ । ଟେଲିଗ୍ରାମ ପଠାଯାଇଥିଲା ପୁରୀ କଡ଼ାର ଆଶ୍ରମକୁ ରବିନାରାୟଣ ବ୍ରହ୍ମଚାରୀଙ୍କର ନାଆଁରେ । ଟେଲିଗ୍ରାମ ପାଇ ରବିନାରାୟଣ ଶୀଘ୍ର ବାହାରିପଡ଼ିଲେ ଟ୍ରେନ୍‌ରେ ଘରକୁ ଯିବା ପାଇଁ । ରେଲଷ୍ଟେସନରେ ଓହ୍ଲାଇ ରବିନାରାୟଣ ନିଜ ଘରକୁ ନଯାଇ ପ୍ରଥମେ ତାଙ୍କର ଗୁରୁ ଶ୍ରୀ ବିଜୟକୃଷ୍ଣଙ୍କୁ ସାକ୍ଷାତ୍ କରିବାକୁ ଯାଇଥିଲେ, ଯାହାଙ୍କର ଘର ଥିଲା ଷ୍ଟେସନ ନିକଟରେ । ତାଙ୍କର ଲମ୍ବା କେଶ ଦାଢ଼ି, ନିଶ ଏବଂ ଶୁକ୍ଳ ପୋଷାକ ପରିଧାନ ସହ ଆଖିରେ ଚଷମା ଦେଖି ତାଙ୍କୁ ହଠାତ୍ କେହି ଚିହ୍ନି ପାରୁନଥିଲେ ତାଙ୍କ ଗୁରୁଙ୍କ ପାଖରେ ଥିବା ଶିଷ୍ୟବୃନ୍ଦ । ତାଙ୍କର ନିଜ ଭଉଣୀ ମଧ୍ୟ ସେଠାରେ ଥିଲେ ହଠାତ୍ ତାଙ୍କୁ ଚିହ୍ନି ପାରିନଥିଲେ । ବିଜୟକୃଷ୍ଣ ଚିହ୍ନାଇ ଦେବା ପରେ ଯାଇ ସେ ଚିହ୍ନିଲେ ।

ତା'ପରଦିନ ଭୋର ସକାଳୁ ନିଜଗ୍ରାମକୁ ଯାଇ ରବିନାରାୟଣ ନିଜ ଘର କବାଟରେ ଆଘାତ କଲେ । କବାଟ ଖୋଲିଲେ ପିତା ହରିପଦ । ବାହାରେ ଜଣେ ସାଧୁ ଠିଆ ହୋଇଅଛନ୍ତି ଏମିତି ତାଙ୍କୁ ଲାଗିଲା । ଆଲୁଅ କମ୍ ଥିବାରୁ ସେ ହଠାତ୍ ଚିହ୍ନିପାରିଲେ ନାହିଁ । ଘରେ ସ୍ତ୍ରୀଙ୍କୁ ଡ଼ାକ ପକେଇଲେ ଜଣେ ସାଧୁ ବାବା ଘରକୁ ଆସିଛନ୍ତି "ଶଙ୍ଖ ଧ୍ୱନି କର" । ସେବକାଳର ଗୃହୀମାନଙ୍କର ଏହା ଗୋଟିଏ ପ୍ରଥା ଥିଲା । କେହି ସାଧୁ ସନ୍ନ୍ୟାସୀ ଘରକୁ ଆସିଲେ ତାଙ୍କୁ ସ୍ୱାଗତ ଏବଂ ସମ୍ମାନ ଜ୍ଞାପନ କରିବା ପାଇଁ ଶଙ୍ଖ ଫୁଙ୍କା ହୁଏ । ଏହା ଶୁଣି ମା'ଆସିଲେ ବାହାରକୁ । ଦେଖିବା ମାତ୍ରେ ପୁଅ ରବିଙ୍କୁ ଚିହ୍ନିପାରି ଆନନ୍ଦରେ କୁଣ୍ଢେଇ ପକେଇଲେ । କାନ୍ଦି ପକେଇଲେ । ବହୁତ ଦିନ ହେଲା ଅତି ଆଦରର ପୁଅକୁ ଦେଖିନାହାନ୍ତି । ସାହି ପଡ଼ିଶା ବନ୍ଧୁ ଆତ୍ମୀୟ

ସମସ୍ତେ ପରେ ପରେ ଆସି ଜମା ହୋଇଗଲେ, ତାଙ୍କର ଅତି ଆଦରର ରବୀନ୍ଦ୍ରଙ୍କୁ ଦେଖିବା ପାଇଁ । କେହି କେହି ତାଙ୍କୁ ମଧ୍ୟ ବୁଝାଇବାରେ ଲାଗିପଡ଼ିଲେ ବିବାହ କରି ଘର ସଂସାର କରି ରହିବାକୁ କିନ୍ତୁ ବ୍ରହ୍ମଚାରୀ ରବିନାରାୟଣ, ଯିଏ କ୍ରିୟାଯୋଗ ସାଧନାରେ ବ୍ରତୀ ହୋଇ ସାଧନାର ସ୍ୱାଦ ପାଇ ସାରିଲେଣି, ସେ କଣ ତାହା ଛାଡ଼ି ଅନିତ୍ୟ ଅସାର ସଂସାର ସୁଖ ଭୋଗ ପାଇଁ ମନ ବଳାଇବେ ?

ପିତା ହରିପଦ କିନ୍ତୁ ରବିନାରାୟଣଙ୍କ ପକ୍ଷରେ ବରାବର ରହିଥାନ୍ତି । ସମସ୍ତଙ୍କୁ ଏ ସମ୍ପର୍କରେ ରବି ସଙ୍ଗରେ ଚର୍ଚ୍ଚା କରିବାକୁ ବାରଣ କଲେ । ସେ ପୁଅ ପାଇଁ ଗର୍ବ ଅନୁଭବ କରୁଥିଲେ । ପୁଅକୁ କହିଲେ ମନ ଦୃଢ଼ କରି ସାଧନାରେ ଲାଗିରହ । ମନେରଖ ମୁକ୍ତିକାମୀ ବହୁ ଲୋକ ତୁମର ସହାୟତା ପାଇଁ ଅପେକ୍ଷା କରିଛନ୍ତି । ସାଧନାରେ ସିଦ୍ଧି ଲାଭ କରି ସେମାନଙ୍କର ଉଦ୍ଧାର ପାଇଁ ଲାଗିରହିବା ତୁମର କର୍ତ୍ତବ୍ୟ । ଏହାପରେ ରବିନାରାୟଣ କିଛି ଦିନ ଘରେ ରହିଲେ ଏବଂ ପିତାଙ୍କର ଅନୁମତି ନେଇ ପୁରୀ ଆଶ୍ରମକୁ ଫେରିଯାଇଥିଲେ ।

ସଂସାର ତ୍ୟାଗ କରିଥିଲେ ମଧ୍ୟ ରବିନାରାୟଣ ନିଜର ପିତାମାତା ଭାଇ ଭଉଣୀମାନଙ୍କ ସହ ଉତ୍ତମ ସମ୍ପର୍କ ରଖିଥିଲେ । ସେମାନେ କଡ଼ାର ଆଶ୍ରମକୁ ବେଳେ ବେଳେ ଆସନ୍ତି ତାଙ୍କୁ ଦେଖିବା ପାଇଁ । ରବିନାରାୟଣ ମଧ୍ୟ ପିତାମାତାଙ୍କ ଦେଖିବାକୁ ଘରକୁ ଯାଆନ୍ତି ।

ହରିପଦଙ୍କର ଇଷ୍ଟଦେବୀ ମା'କାଳୀ । ପ୍ରତିବର୍ଷ ଆଶ୍ୱିନ ମାସରେ ମା'ଦୂର୍ଗାଙ୍କର ନବରାତ୍ରି ପୂଜା ହରିପଦ ନିଜେ କରନ୍ତି । କାର୍ତ୍ତିକ ମାସର ଦୀପାବଳୀ ଅମାବାସ୍ୟା ଦିନ ମା'କାଳୀଙ୍କର ପୂଜା ମଧ୍ୟକରନ୍ତି । ୧୯୫୦ ମସିହା କଥା । ବ୍ରହ୍ମଚାରୀ ରବି ଆଶ୍ୱିନ ମାସ ନବରାତ୍ରି ପୂଜା ବେଳକୁ ଘରକୁ ଆସିଥିଲେ । ନବରାତ୍ରି ସମୟରେ ଦୂର୍ଗାଦେବୀଙ୍କର ଏକ ବିଶେଷ ଧରଣର ପୂଜା ହୁଏ ସାରା ବଙ୍ଗଦେଶରେ । ରବିନାରାୟଣ ଘରକୁ ଆସିଥିବାରୁ ପିତା ହରିପଦ ତାଙ୍କୁ ମା'ଦୂର୍ଗାଙ୍କର ପୂଜା କାର୍ଯ୍ୟ ସବୁ ଚଳାଇବାକୁ ବିଶେଷ କରି କହିଥିଲେ । ସେ ଜାଣିଥିଲେ ରବିନାରାୟଣ ମା'ଙ୍କର ପୂଜା ଭକ୍ତିପୂତ ମନରେ ଅତି ସୁନ୍ଦର ଭାବରେ କରିବା ବିଧି ଜାଣନ୍ତି । ପିତାଙ୍କ ଆଦେଶ ମାନି ସେ ବର୍ଷ ରବିନାରାୟଣ ରାଜି ହେଲେ ମା'ଙ୍କର ପୂଜା କରିବା ପାଇଁ ।

ମା'ଦୂର୍ଗାଙ୍କର ଆଶ୍ୱିନ ମାସ ଶୁକ୍ଳପକ୍ଷ ତିନିଦିନ ମହାସପ୍ତମୀ, ମହାଷ୍ଟମୀ ଏବଂ ମହାନବମୀରେ ବିଶେଷ ଧରଣର ପୂଜା କରାଯାଏ । ମାତୃଭକ୍ତ ହରିପଦ ରବିନାରାୟଣଙ୍କୁ ସନ୍ନ୍ୟାସୀ ଠାକୁର ବୋଲି ଶ୍ରଦ୍ଧା ଏବଂ ଆଗ୍ରହରେ ସମ୍ବୋଧନ

କରୁଥିଲେ । ଏଣୁ ତାଙ୍କର ସନ୍ନ୍ୟାସୀ ଠାକୁରଙ୍କୁ ମହାଷ୍ଟମୀ ଦିନ ପୂଜାରେ ମା'ଙ୍କର କୃପା ପ୍ରତ୍ୟକ୍ଷ ଅନୁଭବ କରିବା ପାଇଁ ତାଙ୍କର ବଳବତୀ ଇଚ୍ଛା ବହୁଦିନୁ ହେଲା ରହିଥିବା କଥା କହିଥିଲେ । ପିତାଙ୍କର ଇଚ୍ଛାକୁ ପୂର୍ଣ୍ଣ କରିବାକୁ ରବିନାରାୟଣ ମା'ଙ୍କୁ ପ୍ରାର୍ଥନା କରି ପୂଜା ଆରମ୍ଭ କରିଥିଲେ । ମହିଷାସୁରମର୍ଦ୍ଦିନୀ ସିଂହାରୂଢ଼ା ଦଶଭୂଜା ଦିବ୍ୟଆଭରଣ ଭୂଷିତା ମା'ଙ୍କର ମୃଣ୍ମୟୀ ମୂର୍ତ୍ତି ଜୀବନ୍ତ ଦେଖାଯାଉଥିଲେ । କୋଠରୀଟି ଭିତରେ ସୁନ୍ଦର ସାଜସଜାରେ ମଣ୍ଡିତ ଅତ୍ୟୁଜ୍ଜ୍ୱଳ ଆଲୋକ ରାଶିରେ ଉଦ୍‌ଭାସିତ ମା'ଙ୍କର ଆସ୍ଥାନ ଦର୍ଶକ ମନରେ ସ୍ୱତଃ ଭକ୍ତି ଜାଗ୍ରତ କରୁଥିଲା । ରବିନାରାୟଣ ଅତ୍ୟନ୍ତ ଭକ୍ତିର ସହିତ ମା'ଙ୍କର ପୂଜା କରିବାରେ ଲାଗିରହିଥିଲେ । ତାଙ୍କ ପରିବାରର ପିତା-ମାତା ଭାଇ-ଭଉଣୀ ଏବଂ ଅନ୍ୟାନ୍ୟ ଆତ୍ମୀୟ ବନ୍ଧୁବାନ୍ଧବ କୋଠରୀରେ ଭିତରେ ବସି ଗଦ୍‌ଗଦ୍ ଚିତ୍ତ ହୋଇ ଅତି ଭକ୍ତିର ସହ ରବିନାରାୟଣଙ୍କ ପୂଜା ଦେଖୁଥିଲେ । ରାତ୍ରି ସମୟ । ସମସ୍ତେ ହଠାତ୍ ଦେଖିଲେ ସାରା କୋଠରୀ ଦିବ୍ୟ ଆଲୋକରେ ଉଦ୍‌ଭାସିତ ହୋଇଉଠିଲା ଏବଂ ନୀଳାଲୋକ ବଳୟ ଭିତରେ ଅତି ସୁନ୍ଦର ସ୍ମିତ ହାସ୍ୟମୁଖମଣ୍ଡଳ ମା'ଦୁର୍ଗା ଅଭୟ ବରଦହସ୍ତା ହୋଇ ସମବେତ ଭକ୍ତମାନଙ୍କ ପ୍ରତି କୃପା ଦୃଷ୍ଟିପାତ କରୁଛନ୍ତି । ସମସ୍ତେ ଅନୁଭବ କରୁଥିଲେ ମୃଣ୍ମୟୀ ମୂର୍ତ୍ତି ମା'ସତେ ଯେମିତି ଜୀବନ୍ତ ହୋଇଯାଇଛନ୍ତି । ସମସ୍ତେ ଅତ୍ୟନ୍ତ ଭକ୍ତିର ସହ ଦେବୀଙ୍କୁ କରଯୋଡ଼ି, ମଥାନତ କରି ପ୍ରଣାମ କଲେ । କିଛି ସମୟ ପରେ ସେ ଅପୂର୍ବ ଆଲୋକ ଲିଭିଯାଇଥିଲା । ଏହିଭଳି ଭାବେ ଦେବୀଙ୍କର ଅତ୍ୟନ୍ତ ଦୁର୍ଲଭ ଦର୍ଶନ, ମହାଭାଗ୍ୟବାନ୍ ନହେଲେ ଏହା ସମ୍ଭବ ନୁହେଁ ।

ପିତା ହରିପଦଙ୍କର ଏହାପରେ ପୂର୍ଣ୍ଣ ବିଶ୍ୱାସ ହୋଇଯାଇଥିଲା ଯେ ତାଙ୍କର ଆଦରର ପୁଅ ରବୀନ୍ଦ୍ର ଗଭୀର ସାଧନା କରି ସିଦ୍ଧି ଲାଭ କରି ଉଚ୍ଚତର ସ୍ଥିତିରେ ପହଞ୍ଚିଛି । ଏଣୁ ସେ ତାଙ୍କ ପୁଅ ଠାରୁ କ୍ରିୟାଯୋଗ ଦୀକ୍ଷା ନେବା ପାଇଁ ମନସ୍ଥ କରି ତାକୁ ଅନୁରୋଧ କଲେ । ବାପା ପୁଅଠାରୁ ଦୀକ୍ଷା ନେବେ ଏକଥା ଯିଏ ଶୁଣିବ, ତାକୁ ନିଶ୍ଚୟ ଅଡୁଆ ଲାଗିବ । ପିତା ହେଉଛନ୍ତି ପୁତ୍ରର ପ୍ରଥମ ଗୁରୁ । ବ୍ରତୋପନୟନ ସମୟରେ ହରିପାଦ ପୁଅକୁ ଦୀକ୍ଷା ଦେଇଥିଲେ । ଏବେ ପୁଅ ହେବ ତାଙ୍କର ଗୁରୁ । କଣ ହେଲା ସେଥିରେ, କି ଅସୁବିଧା ଅଛି ? ବିଶେଷ ଶିକ୍ଷାଗତ ଯୋଗ୍ୟତା ନ ଥିବା ପିତାମାତା ନିଜର ଉଚ୍ଚଶିକ୍ଷିତ ପୁଅଠାରୁ ପାଠ ଶିକ୍ଷା କରି ପରୀକ୍ଷା ଦେବା ଉଦାହରଣ ତ ଅଭାବନାହିଁ ! ସେ ଯାହା ହେଉ ବ୍ରହ୍ମଚାରୀ ରବିନାରୟଣ ପିତାଙ୍କର ଅନୁରୋଧ ରକ୍ଷା କରି ତାଙ୍କୁ ପ୍ରଥମ କ୍ରିୟାଦୀକ୍ଷା ଦେଇଥିଲେ । ଏହାପରେ ଅତ୍ୟନ୍ତ ଭକ୍ତି ଏବଂ

ନିଷ୍ଠାର ସହ ପିତା ସାଧନାରେ ଲାଗିପଡ଼ିଲେ । ପ୍ରାୟ ଛଅମାସର ଗାଢ଼ ସାଧନା ଫଳରେ ହରିପଦ ବହୁ ଉନ୍ନତି ଲାଭ କରି ପାରିଥିଲେ । ତାଙ୍କର ଖେଚରୀ ସିଦ୍ଧି ହୋଇ ଯାଇଥିଲା । ତାଙ୍କର ସାଧନା ଏତେ ଦୂର ଗଭୀର ହୋଇଥିଲା ଯେ, ସାଧନାର ଉଚ୍ଚତର ସୋପାନରେ ଅତି ଶୀଘ୍ର ପହଞ୍ଚିପାରିଥିଲେ । ଥରେ ପୁଅ ରବି ନାରାୟଣଙ୍କୁ ଅନୁରୋଧ କଲେ ତାଙ୍କୁ ଚତୁର୍ଥ କ୍ରିୟା ଦୀକ୍ଷା ଦେବାକୁ, କାରଣ ସେ ଅନୁଭବ କରିଥିଲେ ଯେ ତାଙ୍କର ଶେଷ ସମୟ ଆସିଯାଇଛି । ରବିନାରାୟଣ ତାଙ୍କର ଅନୁରୋଧ ରକ୍ଷା କରି ଦୀକ୍ଷା ଦେଇଥିଲେ । ଏହାପରେ ୧୯୫୬ ମସିହାରେ ସେ ଧ୍ୟାନରେ ବସିଥିବା ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

## ସନ୍ନ୍ୟାସ ଗ୍ରହଣ

ପିତା ହରିପଦଙ୍କର ଭବିଷ୍ୟତବାଣୀ ସଫଳ ହେବାର ସମୟ ହୋଇଯାଇଛି । ତାଙ୍କର ପୁତ୍ର ରବୀନ୍ଦ୍ର ଗୃହତ୍ୟାଗୀ ସନ୍ନ୍ୟାସୀ ଜୀବନ ଯାପନ କରିବା ଯେ ନିଶ୍ଚିତ ସେ ଏହା ଜାଣିଥିଲେ । ରବିନାରାୟଣ ବ୍ରହ୍ମଚାରୀ ପୁରୀ କଡ଼ାର ଆଶ୍ରମରେ ୧୯୩୮ ମସିହାଠାରୁ ବ୍ରହ୍ମଚାରୀ ଭାବରେ ରହି କଠୋର ସାଧନାରେ ବ୍ରତୀ ହୋଇଥିଲେ । ଅହରହ ଅନନ୍ୟଚିତ୍ତ ହୋଇ କ୍ରିୟାଯୋଗ ସାଧନା ହିଁ ଜୀବନର ଏକମାତ୍ର ଲକ୍ଷ୍ୟ– ଏହା ଦୃଢ଼ ଭାବରେ ଉପଲବ୍ଧି କରି ସାଧନାରେ ମଜ୍ଜିଯାଇଥିବାରୁ ସିଦ୍ଧିର ଉଚ୍ଚତମ ନିର୍ବିକଳ୍ପ ସମାଧି ଅବସ୍ଥା ପ୍ରାପ୍ତ ହୋଇଥିଲେ । ମା'କାଳୀଙ୍କର ପ୍ରତ୍ୟେକ୍ଷ ଦର୍ଶନ ସୌଭାଗ୍ୟ ମଧ ଲାଭ କରିପାରିଥିଲେ ।

ନିଜର ଗୁରୁ ଯୁକ୍ତେଶ୍ୱର ଗିରି ମହାରାଜ ତ ଆଉ ଇହଜଗତରେ ନାହାନ୍ତି ତାଙ୍କୁ ସନ୍ନ୍ୟାସ ଦୀକ୍ଷା ଦେବାକୁ । ଅବଶ୍ୟ କ୍ରିୟାଯୋଗର ଅନ୍ୟତମ ଗୁରୁ ସତ୍ୟାନନ୍ଦ ଗିରି ମହାରାଜ ବଙ୍ଗଳାର ମେଦିନୀପୁରରେ ରହିଥିଲେ ସେ ସମୟରେ । କିନ୍ତୁ ବ୍ରହ୍ମଚାରୀ ରବିନାରାୟଣ ପୁରୀ ଗୋବର୍ଦ୍ଧନ ପୀଠର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ଭାରତୀକୃଷ୍ଣ ତୀର୍ଥ ମହାଭାଗଙ୍କ ଠାରୁ ସନ୍ନ୍ୟାସ ନେବା ପାଇଁ ପ୍ରବଳ ଭାବେ ଇଚ୍ଛୁକ ଥିଲେ । ଭାରତୀକୃଷ୍ଣ ମଧ ଜଣେ ଉପଯୁକ୍ତ ଗୁରୁ ଥିଲେ । ସେ ଥିଲେ ମହାଜ୍ଞାନୀ । ସେ ତାଙ୍କର ଛାତ୍ର ଜୀବନରେ ଥିଲେ ଜଣେ ଅତ୍ୟନ୍ତ ମେଧାବୀ ଛାତ୍ର । ସ୍କୁଲ ଏବଂ କଲେଜରେ ପଢୁଥିବା ସମସ୍ତ ଛାତ୍ରମାନଙ୍କ ଠାରୁ ଶୀର୍ଷସ୍ଥାନରେ ରହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଥିଲେ । ସେ ଇଂରାଜୀ, ସଂସ୍କୃତ, ବିଜ୍ଞାନ, ଗଣିତ ଇତ୍ୟାଦି ସବୁ,

ବିଦ୍ୟାରେ ଉଚ୍ଚତମ ଉପାଧିଲାଭ କରି ସର୍ବତ୍ର ଆଦୃତ ହୋଇଥିଲେ । ଉନବିଂଶ ଶତାବ୍ଦୀର ଶେଷ ଭାଗରେ ୧୮୮୪ ଖ୍ରୀ.ଅରେ ପୂର୍ବତନ ମାଦ୍ରାଜ ପ୍ରଦେଶର ଗୋଟିଏ ସହରରେ ତାଙ୍କର ଜନ୍ମ । ସମସ୍ତ କଲେଜ ଶିକ୍ଷା ଶେଷ କରି କିଛି ବର୍ଷ ରାଜମହେନ୍ଦ୍ରୀ କଲେଜରେ ଅଧ୍ୟକ୍ଷ ହିସାବରେ ଚାକିରୀ କରିଥିଲେ । ବେଦ-ବେଦାନ୍ତ ଉପନିଷଦ ଆଦି ସବୁ ଦର୍ଶନରେ ସେ ମହାପଣ୍ଡିତ ଥିଲେ । ସନାତନ ଧର୍ମ ସମ୍ପର୍କରେ ତାଙ୍କର ପୁସ୍ତକମାନ ବିଶେଷ ଆଦୃତ ହୋଇଥିଲା । ୧୯୧୯ ମସିହାରେ ସେ ଦ୍ୱାରକାପୀଠର ଶଙ୍କରାଚାର୍ଯ୍ୟଙ୍କ ଠାରୁ ଦୀକ୍ଷା ନେଇ ସାଧନାରେ ଲାଗିପଡ଼ିଥିଲେ । ପରେ ପରେ ସେ ଦ୍ୱାରାକାପୀଠର ଶଙ୍କରାଚାର୍ଯ୍ୟ ରୂପେ ନିଯୁକ୍ତ ହୋଇଥିଲେ ଏବଂ ସେହି ଦାୟିତ୍ୱରେ ସେ ୧୯୨୫ ସାଲ ପର୍ଯ୍ୟନ୍ତ ରହିଥିଲେ । ପରେ ସେହି ବର୍ଷ ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ରୂପେ ନିଯୁକ୍ତ ହୋଇଥିଲେ । ସେହିବର୍ଷ ତାଙ୍କୁ ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ରୂପେ ପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିଲା । ସେ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇଂଲଣ୍ଡ ପ୍ରଭୃତି ପାଶ୍ଚାତ୍ୟ ଦେଶ ସମୁହକୁ ଭ୍ରମଣ କରି ସେଠାରେ ସଭାସମିତି ମାନଙ୍କରେ ଭାଷଣ ମାନ ଦେଇ ଆଧାତ୍ମିକ କ୍ଷେତ୍ରରେ ଭାରତର ଉତ୍କର୍ଷତା ସମ୍ପର୍କରେ ବୁଝାଇ ଲୋକମାନଙ୍କର ମନରେ ଗଭୀର ଆଲୋକପାତ କରିଥିଲେ ।

ବ୍ରହ୍ମଚାରୀ ରବିନାରାୟଣ ଶଙ୍କରାଚାର୍ଯ୍ୟଙ୍କୁ ବିଶେଷଭକ୍ତି କରୁଥିଲେ ଏବଂ ସେ ପୁରୀରେ ରହୁଥିବା ସମୟଯାକ ଗୋବର୍ଦ୍ଧନ ପୀଠକୁ ବରାବର ଯିବା ଆସିବା କରୁଥିଲେ । ତାଙ୍କର ଧର୍ମଉପଦେଶ ବେଦବେଦାନ୍ତ ଆଦି ଶାସ୍ତ୍ର ତତ୍ତ୍ୱ ଶୁଣୁଥିଲେ ଏବଂ ତାଙ୍କ ସହିତ କ୍ରିୟାଯୋଗ ସମ୍ପର୍କିତ ଭଗବଦ୍‌ଗୀତାର ବ୍ୟାଖ୍ୟା ବିଷୟରେ ମଧ୍ୟ ଚର୍ଚ୍ଚା କରୁଥିଲେ । ଭାରତୀକୃଷ୍ଣ ତାଙ୍କୁ ବିଶେଷ ଶ୍ରଦ୍ଧାକରୁଥିଲେ । ସେ ବେଳେବେଳେ କଡ଼ାର ଆଶ୍ରମକୁ ମଧ୍ୟ ଆସୁଥିଲେ । ୧୯୪୯ ମସିହା ମେ ମାସ ୨୭ ତାରଖରେ ବ୍ରହ୍ମଚାରୀ ରବିନାରାୟଣ ଶଙ୍କାରାଚାର୍ଯ୍ୟ ଭାରତୀକୃଷ୍ଣଙ୍କଠାରୁ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରିଥିଲେ । ତାଙ୍କର ୨୦ ବର୍ଷର ବ୍ରହ୍ମଚାରୀ ଜୀବନର ପରିସମାପ୍ତି ଘଟିଥିଲା ସେଦିନ ଏବଂ ତାଙ୍କର ସନ୍ନ୍ୟାସୀ ନାମ ହେଲା ସ୍ୱାମୀ ହରିହରାନନ୍ଦ ଗିରି । ମେ ମାସ ୨୭ ତାରିଖ ହେଉଛି ତାଙ୍କର ଜନ୍ମ ଦିବସ ।

ହରିହରାନନ୍ଦ ନାମକରଣ ସମ୍ପର୍କରେ ଶଙ୍କରାଚାର୍ଯ୍ୟ ତାଙ୍କୁ କହିଥିଲେ ଏହି ନାମର ଅର୍ଥ ତାତ୍ପର୍ଯ୍ୟ ପୂର୍ଣ୍ଣ । ଶାସ୍ତ୍ରରେ ଲେଖାଅଛି -

ହ କାରଃ ପିଙ୍ଗଳବର୍ଣ୍ଣଃ ସର୍ବବର୍ଣ୍ଣବରୋତ୍ତମଃ

'ର'କାରଃ ତେଜୋବର୍ଣ୍ଣଃ 'ଇ' କାରଃ ଶକ୍ତିଦାୟକଃ ।''

'ହ'କାର ପିଙ୍ଗଳବର୍ଣ୍ଣକୁ ବୁଝାଏ । ସର୍ବବର୍ଣ୍ଣବରୋତ୍ତମ ଅର୍ଥାତ୍ ସୂର୍ଯ୍ୟସମତେଜିୟାନ୍‌ବର୍ଣ୍ଣ । 'ର' କାର ହେଉଛି ଅଗ୍ନିବୀଜ । ଅଗ୍ନି ଦହନ କରେ । 'ଇ' କାର ଶକ୍ତି ସୂଚକ । ଅତଏବ ହରିହରାନନ୍ଦ ନାମର ଭାବାର୍ଥ ହେଉଛି ବ୍ରହ୍ମଜ୍ୟୋତିଦୀପ୍ତ, ଯାହାଙ୍କର ଶରୀର, ମନ ଓ ବୁଦ୍ଧି ଯିଏ ସର୍ବପାପଦହନକାରୀ ଶକ୍ତିସମ୍ପନ୍ନ ଏବଂ ଯିଏ ସର୍ବଦା ଶାଶ୍ୱତ ଆନନ୍ଦବୋଧରେ ବିଭୋର ।

୧୯୭୧ ମସିହା ଅଗଷ୍ଟ ମାସ ୪ ତାରିଖରେ ପୁରୀର କଡ଼ାର ଆଶ୍ରମରେ ପୁରୀଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ଶ୍ରୀ ଭାରତୀକୃଷ୍ଣ ଏବଂ ଅନ୍ୟାନ୍ୟ ସାଧୁମଣ୍ଡଳୀ ଓ ଅନ୍ୟମାନଙ୍କର ଉପସ୍ଥିତିରେ ଏକ ଅଭିଷେକୋତ୍ସବ ହୋଇଥିଲା ଯେଉଁଥିରେ ସ୍ୱାମୀ ହରିହରାନନ୍ଦଗିରି ସାଧୁ ସଭାପତି ବୋଲି ଘୋଷଣା କରାଯାଇଥିଲା । ସମସ୍ତ ସାଧୁ ମଣ୍ଡଳୀଙ୍କର ସମର୍ଥନରେ ସେ ସାଧୁ ସଭାପତି ଭାବେ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ରହିଥିଲେ ।

## ବିଦେଶ ଭ୍ରମଣ

ପରମହଂସ ହରିହରାନନ୍ଦ ଭାରତର ପ୍ରାୟ ସବୁରାଜ୍ୟରେ ଭ୍ରମଣ କରି କ୍ରିୟାଯୋଗ ସାଧନାର ବହୁଳ ପ୍ରଚାର କରିଥିଲେ । ଭାରତରେ ତାଙ୍କର ସହସ୍ର ସହସ୍ର ଶିଷ୍ୟ ଅଛନ୍ତି । ୧୯୬୦ ରୁ ୧୯୭୩ ପର୍ଯ୍ୟନ୍ତ ଭାରତର ସବୁଆଡ଼େ ଭ୍ରମଣ କରିଥିଲେ । ତାଙ୍କର ଆକର୍ଷଣୀୟ ଚେହେରା ଏବଂ କ୍ରିୟାଯୋଗର ସରଳ ଏବଂ ସହଜ ସାଧନ ପ୍ରଣାଳୀ ଶିକ୍ଷା ସହ ଗୂଢ଼ ଆଧାତ୍ମିକ ତତ୍ତ୍ୱପୂର୍ଣ୍ଣ ଉପଦେଶ ସମସ୍ତଙ୍କୁ ବିଶେଷ ଭାବେ ଆକୃଷ୍ଟ କରିଥିଲା । ସେ ଭାରତ ବାହାରେ ପାଶ୍ଚାତ୍ୟ ଦେଶମାନଙ୍କୁ ଯିବାପାଇଁ କେବେ ଆଗ୍ରହୀ ନଥିଲେ । ଅବଶ୍ୟ ତାଙ୍କର ବିଦେଶାଗତ କେତେକ ଶିଷ୍ୟଙ୍କର ସବିଶେଷ ଅନୁରୋଧ ଯୋଗୁଁ ସେ ଶେଷରେ ସେମାନଙ୍କ ସହ ବିଦେଶ ଯିବାକୁ ରାଜି ହୋଇଥିଲେ । ୧୯୭୪ ମସିହାରେ ସେ ପ୍ରଥମେ ଇଉରୋପର ସୁଇଜରଲ୍ୟାଣ୍ଡ ରାଜ୍ୟକୁ ଯାଇଥିଲେ । ତାଙ୍କର ଲମ୍ବା ଶରୀର, ଦିବ୍ୟ ତେଜୋଦୀପ୍ତ ଗୌରବର୍ଣ୍ଣ ମୁଖମଣ୍ଡଳ, ଭାଲ ପଟରେ ସିନ୍ଦୂର ଟୋପା, ଗଳାରେ ରୁଦ୍ରାକ୍ଷମାଳି ଏବଂ ଗୈରିକ ବସ୍ତ୍ର ପରିଧାନ ବେଶ ପୋଷାକ ଇଉରୋପୀୟ ମାନଙ୍କର ତାଙ୍କ ପ୍ରତି କେବଳ କୌତୁହଳ ନୁହେଁ ବରଂ ଶ୍ରଦ୍ଧା ଏବଂ ଭକ୍ତିଭାବ ଉଦ୍ରେକ କରିଥିଲା । ଦିଲ୍ଲୀ ସହରରୁ ଉଡ଼ାଜାହାଜରେ ଯାତ୍ରା ସମୟରେ ସେ ଭିତରେ ଯାତ୍ରା କରୁଥିବା ପ୍ରାୟ ୩୫୦ ଯାତ୍ରୀ ତାଙ୍କ ପ୍ରତି ଆଗ୍ରହ ଦୃଷ୍ଟିରେ ଅନେଇ ରହିଥିଲେ । କେହି କେହି ତାଙ୍କୁ ବହୁ ପ୍ରଶ୍ନ କରିଥିଲେ ।

ସମସ୍ତଙ୍କର ବିଶେଷ ଅନୁରୋଧରେ ସେ କ୍ରିୟାଯୋଗ ସାଧନା ସମ୍ପର୍କରେ ମଧ୍ୟ କିଛି ସମୟ ଉଡ଼ନ୍ତା ବିମାନ ଭିତରେ ଭାଷଣ ଦେଇଥିଲେ । ଫ୍ରାନ୍ସର ରାଜଧାନୀ ପାରିସ୍ ନଗରୀରେ ଓହ୍ଲାଇ ସେଠାରେ ଗୋଟିଏ ଦିନ ରହି ପରେ ଉଡ଼ାଜାହାଜରେ ଜୁରିକ୍ ସହରକୁ ଯାଇଥିଲେ । ବିଶାଳ ବନ୍ଦରରେ ସୁଇଜରଲେଣ୍ଡ, ବେଲିଜିୟମ୍, ହଲାଣ୍ଡ, ଜର୍ମାନୀର ବହୁ ଲୋକ ତାଙ୍କୁ ବିପୁଳ ଭାବେ ସମ୍ବର୍ଦ୍ଧିତ କରି ନେଇଥିଲେ । ଏହିପରି ଭାବେ ସେ ଲଣ୍ଡନ୍ ପରେ ବେଲିଜିୟମ୍, ଜର୍ମାନୀ, ଅଷ୍ଟ୍ରିୟା ପ୍ରଭୃତି ଇଉରୋପୀୟ ଦେଶମାନଙ୍କୁ ଭ୍ରମଣ କରି ସଭାସମିତି ମାନଙ୍କରେ କ୍ରିୟା ଯୋଗସାଧନ କୌଶଳ ଏବଂ ଆଧ୍ୟାତ୍ମିକ ତତ୍ତ୍ୱପୂର୍ଣ୍ଣ ଭାଷଣମାନ ଦେଇ ବହୁ ଶ୍ରଦ୍ଧାଳୁ ବ୍ୟକ୍ତିଙ୍କର ଭକ୍ତି ଭାଜନ ହୋଇଥିଲେ । ଅନେକେ ତାଙ୍କ ଠାରୁ କ୍ରିୟାଯୋଗ ଦୀକ୍ଷା ମଧ୍ୟ ନେଇଥିଲେ । ତାପରେ ସେ ଗୁରୁଦେବ ଯୁକ୍ତେଶ୍ୱର ଗିରିଙ୍କଠାରୁ ସୂକ୍ଷ୍ମ ସନ୍ଦେଶ ପାଇ ଭାରତବର୍ଷକୁ ଫେରି ଆସିଥିଲେ ।

୧୯୭୫ ମସିହାରେ ସେ ଉତ୍ତର ଆମେରିକା ଓ ଦକ୍ଷିଣ ଆମେରିକା ଯାତ୍ରା କରିଥିଲେ । ଦକ୍ଷିଣ ଆମେରିକାର କଲମ୍ବିଆ ରାଜ୍ୟର ରାଜଧାନୀ ବୋଗୋଟା ଅଟେ । ଏହା ଗୋଟିଏ ଅତି ସୁନ୍ଦର ସହର । ସମୁଦ୍ର ପତ୍ତନ ଠାରୁ ୮୦୦୦ଫୁଟ ଉଚ୍ଚରେ ଅବସ୍ଥିତ । ସେଠାରେ ଅଧିବାସୀ ଗଣ ସହସ୍ର ସଂଖ୍ୟାରେ ଜମା ହୋଇ ତାଙ୍କର ବିପୁଳ ସମ୍ବର୍ଦ୍ଧନା କରିଥିଲେ । ପରେ ପରେ ସେଠାରେ ସଭାମାନଙ୍କରେ ଈଶ୍ୱରଙ୍କ ସମ୍ପର୍କରେ ତତ୍ତ୍ୱଗର୍ଭକ ଭାଷଣ ଦେଇ ସମସ୍ତଙ୍କ ଭକ୍ତି ଏବଂ ଶ୍ରଦ୍ଧାର ପାତ୍ର ହୋଇଥିଲେ । କ୍ରିୟାଯୋଗ ସାଧନା ଦ୍ୱାରା ମନୁଷ୍ୟର ଦୈନିକ ବାସ୍ତବ ଜୀବନରେ କିଭଳି ଆନନ୍ଦ ଓ ଶାନ୍ତି ଲାଭ ହୋଇପାରେ, ତାହା ସେ ସମସ୍ତଙ୍କୁ ବୁଝାଇ ଥିଲେ । ଦକ୍ଷିଣ ଆମେରିକାର କୁରାକାଓ ଏବଂ ଅନ୍ୟାନ୍ୟ ସହରମାନଙ୍କୁ ମଧ୍ୟ ସେ ଯାଇଥିଲେ । ସେଠାରେ କୌଣସି ଏକ ସଭାରେ ବହୁବିଶିଷ୍ଟ ବ୍ୟକ୍ତି, ଖ୍ରୀଷ୍ଟିୟାନ ଧର୍ମ ସମ୍ପ୍ରଦାୟର କେତେକ ପ୍ରିଷ୍ଟ ବା ପୁରୋହିତ, ଧର୍ମଯାଜକ, ସନ୍ନ୍ୟାସିନୀ ଏବଂ ଅନ୍ୟାନ୍ୟ ଶ୍ରଦ୍ଧାଳୁ ବିଜ୍ଞ ବ୍ୟକ୍ତି ଉପସ୍ଥିତ ଥିଲେ । ସେ ମଧ୍ୟରୁ ଜଣେ ପୁରୋହିତ ବାବାଙ୍କୁ ପ୍ରଶ୍ନ କଲେ "ଖ୍ରୀଷ୍ଟଧର୍ମରେ ଗୀର୍ଜାରେ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ସମୟରେ ଧର୍ମଗ୍ରନ୍ଥ ବାଇବଲ୍ ପଢ଼ା ଯାଏ, ପ୍ରାର୍ଥନା ଗୀତ ଗାଇବାକୁ ହୁଏ, କିନ୍ତୁ ତୁମ୍ଭେ ଈଶ୍ୱରଙ୍କୁ କିଭଳି ପ୍ରାର୍ଥନା କର ?"ବାବା ଅତି ସରଳ ଭାବରେ ତାଙ୍କୁ କହିଦେଲେ–"କ୍ରିୟାଯୋଗ ସାଧନା ସମୟରେ ଆମେ ଶାନ୍ତ ହୋଇ ବସି ଅଦୃଶ୍ୟ ପରମାତ୍ମାଙ୍କର ସୁମଧୁର ଧ୍ୱନି ଶ୍ରବଣ କରୁ । ତାଙ୍କର ଦିବ୍ୟ ସ୍ପର୍ଶରେ ଆମର ଶରୀରର ଭିତରୁ ଏବଂ ବାହାରୁ ସମଗ୍ର ସତ୍ତା ସ୍ପନ୍ଦିତ ହୋଇଯାଏ ଏବଂ ତାଙ୍କର ଅପୂର୍ବ ଜ୍ୟୋତି ଦର୍ଶନରେ ଆମେ ବିଭୋର ହୋଇ ରହୁ ।"

ଅନ୍ୟ ଜଣେ ପ୍ରଶ୍ନ କଲେ, ''ସ୍ୱାମୀଜୀ ଆପଣ କ'ଣ ଖ୍ରୀଷ୍ଟିୟାନ୍ ? ଆମେ ସମସ୍ତେ ଖ୍ରୀଷ୍ଟିୟାନ୍ । ଆପଣ ଯଦି ଖ୍ରୀଷ୍ଟିୟାନ୍ ନୁହନ୍ତି ତେବେ ଆପଣଙ୍କଠାରୁ ଆମେ କଣ ଶିଖିବୁ ?'' ସ୍ୱାମୀ ହରିହରାନନ୍ଦ ସଙ୍ଗେ ସଙ୍ଗେ ଏହାର ସମୁଚିତ ଉତ୍ତର ଦେଇ କହିଲେ, ''ତୁମ୍ଭର ଈଶ୍ୱର କଣ ଖ୍ରୀଷ୍ଟିୟାନ୍ ? ସେ କେଉଁ ଧର୍ମାବଲମ୍ବୀ ? ହିନ୍ଦୁ ନା ମୁସଲମାନ୍ ? ମୁଁ କିନ୍ତୁ ଭଲରୂପେ ଜାଣେ ଯେ ଈଶ୍ୱର ହିନ୍ଦୁ, ବା ମୁସଲମାନ ବା ଖ୍ରୀଷ୍ଟିୟାନ୍ କୌଣସି ଧର୍ମ ସମ୍ପ୍ରଦାୟର ନୁହନ୍ତି । ସର୍ବତ୍ର ବିଦ୍ୟମାନ, ସର୍ବବ୍ୟାପୀ, ସର୍ବଜ୍ଞାତା ଓ ସର୍ବଶକ୍ତିମାନ୍ । ପବିତ୍ର ବାଇବଲରେ ଲେଖାଅଛି – ''ଈଶ୍ୱର ସ୍ତ୍ରୀ ଓ ପୁରୁଷଙ୍କୁ ସୃଷ୍ଟି କଲେ ନିଜର ପ୍ରତିରୂପରେ ଏବଂ ତାଙ୍କ ଭିତରେ ଶ୍ୱାସପ୍ରଶ୍ୱାସ ସଞ୍ଚାଳନ କଲେ ସେମାନେ ବଞ୍ଚିରହିବା ପାଇଁ । ଈଶ୍ୱର ଯେବେ ସର୍ବତ୍ର ବିଦ୍ୟାମନ, ସବୁ ମନୁଷ୍ୟ ଶରୀରରେ ମଧ ସେ ଅଛନ୍ତି । କୌଣସି ଜାତି ବା ଧର୍ମ ସମ୍ପ୍ରଦାୟର ପ୍ରଶ୍ନ ଉଠୁଛି କାହିଁକି ? ଈଶ୍ୱର ହେଉଛନ୍ତି ଏକ ଏବଂ ସମସ୍ତଙ୍କର ଅଟନ୍ତି ।'' ସ୍ୱାମୀ ହରିହରାନନ୍ଦ ଯେତେଦିନ ବୋଷ୍ଟନ ସହରରେ ରହିଥିଲେ ସବୁଦିନ ପ୍ରାୟ ଦୁଇ ଦୁଇଟି ସଭାମାନଙ୍କରେ ତାଙ୍କୁ ଭାଷଣ ଦେବାକୁ ନିମନ୍ତ୍ରଣ ଆସୁଥିଲା । ସେ ଅନେକ ସାଧାରଣ ସଭା ଏବଂ ଖ୍ରୀଷ୍ଟିୟାନ୍ ଧର୍ମପୀଠର ଗୀର୍ଜାମାନଙ୍କରେ ନିମନ୍ତିତ ହୋଇ ସେଠାରେ ଭାଷଣ ଦେଇଥିଲେ ।

ଏକ ସମୟରେ କୌଣସି ଏକ ଧର୍ମସଭାରେ ଆମେରିକାର ହରେକୃଷ୍ଣ ସଂସ୍ଥାର କେତେକ ସଭ୍ୟ ସ୍ୱାମୀଜୀଙ୍କୁ ପ୍ରଶ୍ନ କରି କହିଥିଲେ ଯେ ଶ୍ରୀ ଚୈତନ୍ୟ ମହାପ୍ରଭୁ କିପରି ନାମ ସଂକୀର୍ତ୍ତନ ପ୍ରତି ବିଶେଷ ଗୁରୁତ୍ୱ ଦେଉଥିଲେ । ଏଣୁ ନାମ ସଂକୀର୍ତ୍ତନ ହିଁ ଯଥେଷ୍ଟ । ଅନ୍ୟାନ୍ୟ ସାଧନାର କିଛି ଆବଶ୍ୟକତା ନାହିଁ । ଏହାର ପ୍ରତ୍ୟୁତ୍ତରରେ ସ୍ୱାମୀଜୀ ତାଙ୍କୁ ସ୍ନେହର ସହିତ କହିଲେ, ''ମୁଁ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ଜନ୍ମସ୍ଥାନ ନଦିୟା ଜିଲ୍ଲାର ଲୋକ । ତୁମେ ଜାଣିଛ ? ଶ୍ରୀ ଚୈତନ୍ୟ ମହାପ୍ରଭୁ ଈଶ୍ୱର ପ୍ରେମ ଭାବରେ ବିଭୋର ହୋଇ ବହୁ ସମୟ ସମାଧିସ୍ଥ ହୋଇ ପଡୁଥିଲେ । ସେତେବେଳେ ତାଙ୍କର ନାମ ସଂକୀର୍ତ୍ତନ ଏବଂ ନୃତ୍ୟର କୌଣସି ଆବଶ୍ୟକତା ପଡୁନଥିଲା । ନାମ ସଂକୀର୍ତ୍ତନାଦି କର୍ମରେ ମନୁଷ୍ୟର ମନ ବାହରର କ୍ରିୟା ପ୍ରଭୃତି ପ୍ରତି ଆକୃଷ୍ଟ ହୋଇରହିଥାଏ । ମନୁଷ୍ୟର ଦୃଷ୍ଟି ଯେବେ ବାହାରର ଯାବତୀୟ କର୍ମ ମାନଙ୍କରୁ ନିବୃତ୍ତ ହୋଇ ଅର୍ନ୍ତଦୃଷ୍ଟିପାତ କରି ଅନନ୍ୟ ଚିତ୍ତ ହୋଇ ଈଶ୍ୱରଙ୍କ ଧ୍ୟାନରେ ଲାଗିଯାଏ, ସେତେବେଳେ ତାହାର ଈଶ୍ୱର ଉପଲବ୍ଧି ହୁଏ ।''

ଏହା କିପରି ସମ୍ଭବ ?

ବାବା ସମସ୍ତଙ୍କ ଆଗରେ ସମାଧିସ୍ଥ ହୋଇ ଦେଖାଇ ଦେଇଥିଲେ । ତାଙ୍କର ଏହିପରି ଶ୍ୱାସଶୂନ୍ୟ ଅବସ୍ଥା ଏବଂ ଦିବ୍ୟ ମହାଭାବ ଦର୍ଶନକରି ସେଠାରେ ଉପସ୍ଥିତ ଥିବା ସମସ୍ତେ ସ୍ତମ୍ଭୀଭୂତ ହୋଇଯାଇଥିଲେ ।

ଯୁକ୍ତରାଷ୍ଟ୍ର ଆମେରିକାରେ ପରମହଂସ ହରିହରାନନ୍ଦଙ୍କର ବହୁ ଶିଷ୍ୟ ଭକ୍ତ ଥିଲେ । ସେମାନଙ୍କର ନିମନ୍ତ୍ରଣ ପାଇ ସେ କୁରାକାଓ ସେ ଠାରୁ ନିଉୟର୍କ ମହାନଗରକୁ ଯାଇଥିଲେ । ସେଠାରେ ବହୁ ଶ୍ରଦ୍ଧାଳୁ ଆମେରିକାବାସୀ ତାଙ୍କର ମହାଆଡ଼ମ୍ବର ସହ ବିପୁଳ ସମ୍ବର୍ଦ୍ଧନା କରିଥିଲେ । ନିଉୟର୍କରେ ଶ୍ରୀ ହରିହରାନନ୍ଦ ପ୍ରାୟ ୨୪ ଦିନ ରହି ବହୁ ସଭା ସମିତି ମାନଙ୍କରେ କ୍ରିୟାଯୋଗ ସାଧନା କୌଶଳ ସମସ୍ତଙ୍କୁ ବୁଝାଇଥିଲେ ଏବଂ ଅନେକଙ୍କୁ ଦୀକ୍ଷା ଦେଇଥିଲେ । ତାପରେ ଆମେରିକାର ୱାସିଂଟନ୍ ନଗରକୁ ଯାଇଥିଲେ ଭକ୍ତମାନଙ୍କର  ନିମନ୍ତ୍ରଣ ପାଇ । ସେଠାରେ ଗୋଟିଏ କ୍ରିୟାଯୋଗ ସାଧନ କେନ୍ଦ୍ର ସ୍ଥାପନର ବ୍ୟବସ୍ଥା କରିଥିଲେ । ତାପରେ ୧୯୭୭ ମସିହା ଅଗଷ୍ଟ ମାସରେ ଭାରତ ଫେରିଆସିଥିଲେ । ପ୍ରାୟ ଦୁଇବର୍ଷ ପରେ ୧୯୭୨ ମସିହାରେ ସେ ପୁଣି ଇଉରୋପର ଜର୍ମାନୀ, ବେଲିଜିୟମ୍, ହଲାଣ୍ଡ ପ୍ରଭୃତି ଦେଶ ମାନଙ୍କୁ ଯାଇ  କ୍ରିୟାଯୋଗର ବହୁଳ ପ୍ରଚାର କରିଥିଲେ । ସେହି ରାଜ୍ୟମାନଙ୍କର ମଧ୍ୟ ବହୁବ୍ୟକ୍ତି ତାଙ୍କଠାରୁ କ୍ରିୟାଯୋଗ ଦୀକ୍ଷା  ଗ୍ରହଣ କରିଥିଲେ । ଏହାପରେ ସେ ଇଂଲଣ୍ଡର ରାଜଧାନୀ ଲଣ୍ଡନ ମହାନଗରକୁ ଯାଇଥିଲେ । ସେଠାରୁ ଦକ୍ଷିଣ ଆମେରିକାର ବୋଗୋଟା, କୋରାକାଓ ମହାନଗରମାନଙ୍କୁ ମଧ୍ୟ ଯାଇଥିଲେ ।


ପରମହଂସ ହରିହରାନନ୍ଦ, ବିଦେଶରେ କାନାଡ଼ା, ଯୁକ୍ତରାଷ୍ଟ୍ର ଆମେରିକା, ଦକ୍ଷିଣ ଆମେରିକା, ଇଉରୋପର ଇଂଲଣ୍ଡ, ଜର୍ମାନୀ, ବେଲିଜିୟମ୍, ସୁଇଡ଼େନ, ଇଟାଲି ପ୍ରଭୃତି ଦେଶମାନଙ୍କୁ ପରିଭ୍ରମଣ କରି ସେଠାରେ ମୁକ୍ତିକାମୀ ମାନବ ସମାଜକୁ ଆଧ୍ୟାତ୍ମିକ ଦିଗ୍‌ଦର୍ଶନ ଦେଇଥିଲେ । ବିଦେଶରେ ବହୁ ବଡ଼ ବଡ଼ ସହର ମାନଙ୍କରେ ସେ ବହୁ କ୍ରିୟାଯୋଗ ଧ୍ୟାନ କେନ୍ଦ୍ର ମାନ ସ୍ଥାପନ କରିଥିଲେ । ତାଙ୍କପରେ ତାଙ୍କର  ସୁଯୋଗ୍ୟ ଉତ୍ତରାଧିକାରୀ ପରମହଂସ ପ୍ରଜ୍ଞାନାନନ୍ଦ ସେହିସବୁ  କେନ୍ଦ୍ରମାନଙ୍କର ପରିଚାଳନା ଦାୟିତ୍ୱ ବହନ କରି ଗଭୀର ନିଷ୍ଠାର ସହ ଗୁରୁଦେବଙ୍କର ଅସମାପ୍ତ କାର୍ଯ୍ୟ ସବୁ ସଂପୂର୍ଣ୍ଣ କରିବାରେ ଲାଗିପଡ଼ିଛନ୍ତି । ବର୍ତ୍ତମାନ ସୁଦ୍ଧା ବିଦେଶର ବହୁ ରାଜ୍ୟରେ ଶତାଧିକ କ୍ରିୟାଯୋଗ ସାଧନା କେନ୍ଦ୍ରମାନ ପ୍ରତିଷ୍ଠିତ ହୋଇଛି ଏବଂ ସେ ସବୁ

ପରମହଂସ ପ୍ରଜ୍ଞାନାନନ୍ଦଙ୍କର ସୁପରିଚାଳନା ଯୋଗୁଁ ବହୁ ଈଶ୍ୱରପ୍ରେମୀ ବ୍ୟକ୍ତି ଦୀକ୍ଷା ନେଇ କ୍ରିୟାଯୋଗ ସାଧନାରେ ଲାଗି ରହିଛନ୍ତି ।

ବିଂଶ ଶତାବ୍ଦୀର ବିଶ୍ୱବିଖ୍ୟାତ ସିଦ୍ଧକ୍ରିୟାଯୋଗୀ ପରମହଂସ ହରିହରାନନ୍ଦ ପ୍ରାୟ ୯୬ ବର୍ଷ ବୟସରେ ଯୁକ୍ତରାଷ୍ଟ୍ର ଆମେରିକାର ମିୟାମୀ ସହରରେ ତା ୩.୧୨.୨୦୦୨ ମସିହାରେ ଇହଲୀଳା ସମ୍ବରଣ କରିଥିଲେ । ତାଙ୍କର ପବିତ୍ର ମରଶରୀରକୁ ସେଠାରୁ ୧୪.୧୨.୨୦୦୨ ତାରିଖରେ ବିମାନ ଯୋଗେ ପରମହଂସ ପ୍ରଜ୍ଞାନାନନ୍ଦ କେତେକ ଆମେରିକୀୟ ଶିଷ୍ୟ ଭକ୍ତମାନଙ୍କ ସହ ଓଡ଼ିଶାର ଭୁବନେଶ୍ୱର ବିମାନ ବନ୍ଦରକୁ ଆଣିଥିଲେ । ସେଠାରେ ତାଙ୍କର ଶରୀରକୁ ରାଷ୍ଟ୍ରୀୟ ସମ୍ମାନସହ ବିଶାଳ ଶୋଭାଯାତ୍ରାରେ ଶ୍ରୀଜଗନ୍ନାଥଧାମ ଶ୍ରୀକ୍ଷେତ୍ର ପୁରୀ ସହରର ଅନତି ଦୂରରେ ସ୍ଥିତ ବାଲିଘାଇର ଶ୍ରୀ ହରିହରାନନ୍ଦ ଗୁରୁକୁଳମ୍ ଆଶ୍ରମକୁ ନିଆଯାଇଥିଲା । ତାଙ୍କର ପବିତ୍ର ମରଶରୀର ସମସ୍ତଙ୍କ ଶେଷ ଦର୍ଶନ ନିମିତ୍ତ ଗୋଟିଏ କୋଠରୀରେ ରଖାଯାଇଥିଲା । ଦେହତ୍ୟାଗ କରିବାର ୧୩ ଦିନ ପରେ ମଧ୍ୟ ତାଙ୍କର ଶରୀରରେ କୌଣସି ବିକୃତି ପରିଲକ୍ଷିତ ହୋଇନଥିଲା । ତାଙ୍କର ତ୍ୱଚା ମସୃଣଥିଲା ଏବଂ ମୁଖମଣ୍ଡଳ ସତେଜ ଦିଶୁଥିଲା । ଦେହରୁ କୌଣସି ଦୁର୍ଗନ୍ଧ ବାହାରୁ ନଥିଲା । ପରେ ତାଙ୍କର ଶବକୁ ସେଠାରେ ପୁରୀ ଗଜପତି ମହାରାଜା, ଅନେକ ସାଧୁ ସନ୍ଥ, ଓଡ଼ିଶା ସରକାରଙ୍କର ବହୁ ଉଚ୍ଚପଦସ୍ଥ କର୍ମଚାରୀ, ପୋଲିସ ଅଧିକାରୀ ଏବଂ ବହୁ ଶିଷ୍ୟଭକ୍ତଙ୍କ ଉପସ୍ଥିତିରେ ରାଷ୍ଟ୍ରୀୟ ସମ୍ମାନ ସହ ଭୂସମାଧି ଦିଆ ଯାଇଥିଲା । ଏହିଭଳି ସମ୍ମାନ ପୂର୍ବରୁ କେବେ କୌଣସି ସନ୍ନ୍ୟାସୀଙ୍କୁ ଦିଆଯାଇ ନଥିଲା ।

## ତାଙ୍କର ଶେଷ ସମୟ

୧୯୯୬ ମସିହା ପରଠାରୁ ପରମହଂସ ହରିହରାନନ୍ଦ ଆଉ ଭାରତ ଫେରିନାହାନ୍ତି । ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ଆମେରିକାର (ୟୁଏସ୍ଏ) ହୋମଷ୍ଟେଡ୍‌ର ମିଆମୀ ନାମକ ସହରରେ ନିଜେ ସ୍ଥାପନ କରିଥିବା ଆଶ୍ରମରେ । ତାଙ୍କର ଅତିପ୍ରିୟ ଶିଷ୍ୟ ଏବଂ ସୁଯୋଗ୍ୟ ଦାୟାଦ ପରମହଂସ ପ୍ରଜ୍ଞାନାନନ୍ଦ ତାଙ୍କର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ପାଖରେ ଥାଇ ତାଙ୍କର ସେବା ଏବଂ ଯତ୍ନ ନେଇଥିଲେ । ଶ୍ରୀ ପ୍ରଜ୍ଞାନାନନ୍ଦଙ୍କର ଲିଖିତ 'The last decade' ପୁସ୍ତକରେ ଗୁରୁଦେବ ହରିହରାନନ୍ଦଙ୍କର ଶେଷ ଦଶବର୍ଷ ଜୀବନ କାଳର ଯାବତୀୟ ଘଟଣା ଅତି ଚମତ୍କାର ଏବଂ ହୃଦୟସ୍ପର୍ଶୀ



ପୁରୀ ବାଲିଘାଇ ସ୍ଥିତ ହରିହରାନନ୍ଦ ଗୁରୁକୁଳମ୍ ପରିସରରେ ଶ୍ରୀଗୁରୁ ମନ୍ଦିର ।

ଭାଷାରେ ସେ ବର୍ଣ୍ଣନା କରିଅଛନ୍ତି । ଶ୍ରୀ ହରିହରାନନ୍ଦ ଉତ୍ତର ଆମେରିକାର କାନାଡ଼ା, ଯୁକ୍ତରାଷ୍ଟ୍ର ଆମେରିକା, ଦକ୍ଷିଣ ଆମେରିକା, ଅଷ୍ଟ୍ରେଲିଆ ପ୍ରଭୃତି ମହାଦେଶ ମାନଙ୍କର ବିଭିନ୍ନ ପ୍ରାନ୍ତରର ଅସଂଖ୍ୟ ଶ୍ରଦ୍ଧାଳୁ, ଭକ୍ତ ଶିଷ୍ୟମାନଙ୍କ ଦ୍ୱାରା ସର୍ବତ୍ର ସମ୍ବର୍ଦ୍ଧିତ ଏବଂ ସମ୍ମାନୀତ ହୋଇଥିଲେ । ବହୁତ ବ୍ୟକ୍ତି ତାଙ୍କଠାରୁ କ୍ରିୟାଯୋଗ ଦୀକ୍ଷା ମଧ୍ୟ ନେଇଥିଲେ । ସେହି ଦେଶମାନଙ୍କର ଅଧିବାସୀ ଅଧିକାଂଶ ଖ୍ରୀଷ୍ଟଧର୍ମାବଲମ୍ବୀ ହେଲେ ମଧ ଶ୍ରୀ ହରିହରାନନ୍ଦଙ୍କର ଯୀଶୁଖ୍ରୀଷ୍ଟ ଓ ମାତା ମେରୀଙ୍କ ପ୍ରତି ଗଭୀର ଭକ୍ତି ଦେଖି ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ଖ୍ରୀଷ୍ଟିୟାନ୍ ଧର୍ମଗ୍ରନ୍ଥ ବାଇବେଲ୍‌ରେ ବର୍ଣ୍ଣିତ ଯୀଶୁଖ୍ରୀଷ୍ଟଙ୍କର ଅମୃତବାଣୀ ଅଧିକାଂଶ ତାଙ୍କର ମୁଖସ୍ଥ ଥିଲା ଏବଂ ସେସବୁର କ୍ରିୟାଯୋଗଭିତ୍ତିକ ତାତ୍ତ୍ୱିକ ବ୍ୟାଖ୍ୟା ସମସ୍ତଙ୍କର ମନରେ ଗଭୀର ପ୍ରଭାବ ପକାଇଥିଲା ।

ପ୍ରତିବର୍ଷ ଡିସେମ୍ବର ମାସରେ ଖ୍ରୀଷ୍ଟିୟାନ୍ ମାନଙ୍କର ଖ୍ରୀଷ୍ଟମାସ ଉତ୍ସବ ପ୍ରତ୍ୟେକ ଗୀର୍ଜାରେ ମହାସମାରୋହ ଏବଂ ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଏ । ୨୦୦୦ ମସିହାରେ ଶେଷଥର ପାଇଁ ଶ୍ରୀହରିହରାନନ୍ଦଙ୍କର ମିଆମୀସ୍ଥିତ କ୍ରିୟାଯୋଗ ଆଶ୍ରମରେ ମଧ୍ୟ ଏହି ଉତ୍ସବ ଅତି ଆଡ଼ମ୍ବର ସହିତ ପାଳନ କରାଯାଇଥିଲା ତାଙ୍କର ଉପସ୍ଥିତିରେ, ଯାହାକି ଅନ୍ୟ ଗୀର୍ଜା ମାନଙ୍କରେ ପାଳିତ ଉତ୍ସବ ମାନଙ୍କଠାରୁ କୌଣସି ଗୁଣରେ ଊଣା ନଥିଲା । ତଫାତ୍ ଏତିକି ଯେ ଗୀର୍ଜାମାନଙ୍କର ଉତ୍ସବରେ କେବଳ

ଖ୍ରୀଷ୍ଟଧର୍ମାବଲମ୍ବୀ ମାନେ ଯୋଗ ଦେଉଥିଲେ । କିନ୍ତୁ ଶ୍ରୀ ହରିହରାନନ୍ଦଙ୍କ ମିଆମୀ ଆଶ୍ରମରେ ଖ୍ରୀଷ୍ଟିୟାନ୍ ଓ ଅଣଖ୍ରୀଷ୍ଟିୟାନ୍ ସମସ୍ତେ ଏକତ୍ର ମିଶି ଅତ୍ୟନ୍ତ ଭକ୍ତି ଏବଂ ଶ୍ରଦ୍ଧାର ସହିତ ପାଳନ କରୁଥିଲେ । ଶ୍ରୀ ହରିହରାନନ୍ଦ ସେମାନଙ୍କ ସହିତ ମିଶି ବାଇବଲ୍‌ର ଯୀଶୁଖ୍ରୀଷ୍ଟଙ୍କ ଅମୃତବାଣୀ ଗାନ କରୁଥିଲେ । ବାଇବେଲରବାଣୀ ସବୁର ତାତ୍ତ୍ୱିକ ବ୍ୟାଖ୍ୟା ଉପସ୍ଥିତ ବ୍ୟକ୍ତି ମାନଙ୍କୁ ବୁଝାଉଥିଲେ। ସେହି ପବିତ୍ର ଦିବସରେ ଆଶ୍ରମର ସାରା ଭିତର ଓ ବାହାର ପ୍ରଭୁ ଯୀଶୁ ଖ୍ରୀଷ୍ଟ ଓ ମାତା ମେରୀ ଏବଂ ଯୋଶେଫ୍‌ଙ୍କର ଛବି ସବୁ ଚାରିଆଡ଼େ ମରାଯାଇଥିଲା । ଖ୍ରୀଷ୍ଟମାସ ବୃକ୍ଷ ଗଠନ କରାଯାଇଥିଲା । ଆଶ୍ରମର ସବୁଆଡ଼େ ଉଜ୍ଜ୍ୱଳ ଆଲୋକ ମାଳା ଖଞ୍ଜା ଯାଇଥିଲା । ଉପସ୍ଥିତ ସମସ୍ତେ ବାଦ୍ୟ ବାଜଣା ସହ ଖ୍ରୀଷ୍ଟମାସ ସଂଗୀତ ଅତି ଆନନ୍ଦ ଏବଂ ଭକ୍ତିପୂତ ଭାବେ ଗାଇଥିଲେ । ସାରା ଆଶ୍ରମ ଏହିଭଳି ଉତ୍ସବରେ ଆନନ୍ଦ ମୁଖର ହୋଇ ଉଠିଥିଲା। ଶ୍ରୀ ହରିହରାନନ୍ଦ ସେମାନଙ୍କ ସହିତ ଉଲ୍ଲାସର ସହିତ ଯୋଗଦାନ କରି କହିଥିଲେ, "ଏହିଭଳି ଖ୍ରୀଷ୍ଟମାସର ଆନନ୍ଦଭାବ ଓ କର୍ମଜୀବନ ଚିରକାଳ ସମସ୍ତଙ୍କ ଭିତରେ ରହିବା ଉଚିତ ।" ସେ ଏତଦ୍ୱାରା ସମସ୍ତଙ୍କୁ ନିଜେ କରି ଦେଖାଇ ଦେଇଥିଲେ ଯେ ସବୁଧର୍ମ ପ୍ରତି ତାଙ୍କର ସମ୍ମାନ ଅଛି । ପୃଥିବୀରେ ସବୁପ୍ରକାର ଜାତି, ବିଭିନ୍ନ ଧର୍ମାବଲମ୍ବୀ ମାନଙ୍କର ଈଶ୍ୱର ହେଉଛନ୍ତି ସେହି ଏକ, ଯିଏ ଯେଉଁ ନାଆଁ ଦେଇ ଈଶ୍ୱରଙ୍କୁ ଉପାସନା କରୁ ନା କାହିଁକି, ସେ ସେହି ଏକ ଈଶ୍ୱରଙ୍କୁ କେବଳ ଉପାସନା କରିଥାଏ । କ୍ରିୟାଯୋଗ ସାଧନାରେ ସାଧକ ଏହି ନିରାଟ ସତ୍ୟକୁ ଉପଲବ୍ଧି କରିବାକୁ ସମର୍ଥ ହୋଇ ପାରନ୍ତି ଏବଂ ତୀବ୍ର ସାଧନା ଫଳରେ ତାଙ୍କର ଶୀଘ୍ର ଈଶ୍ୱର ପ୍ରାପ୍ତି ଘଟେ । ସେ ଚିରକାଳ ପାଇଁ ଭବବନ୍ଧନରୁ ମୁକ୍ତି ପାଇଯାଆନ୍ତି । ମିଆମୀ ସହରରେ ଥିବା କ୍ରିୟାଯୋଗ ଆଶ୍ରମ କୋଠା ଯେଉଁ ଜମି ଉପରେ ତିଆରି କରାଯାଇଥିଲା, ତାହା କିଣିବା ସମୟରେ ନାନା ଗଛ ଲତା ମାଡ଼ି ଖାଲି ଗୋଟାଏ ଜଙ୍ଗଲ ଭଳି ରହିଥିଲା । ପରମହଂସ ହରିହରାନନ୍ଦଙ୍କର ନିର୍ଦ୍ଦେଶରେ ଶିଷ୍ୟମାନେ ଏବଂ ଅନ୍ୟାନ୍ୟ କର୍ମୀମାନେ ପ୍ରତିଦିନ ଦୀର୍ଘ ସମୟଧରି ଅକ୍ଳାନ୍ତ ପରିଶ୍ରମକରି ଓ ସବୁ ସଫା କରି ଗୋଟିଏ ଫଳଫୁଲ ଭରା ସୁନ୍ଦର ସବୁଜ ଉଦ୍ୟାନରେ ପରିଣତ କରି ଦେଇଥିଲେ । ସେଥିରେ ଭିନ୍ନ ଭିନ୍ନ ପ୍ରକାରର ସୁଆଦିଆ ଆମ୍ବଗଛ, କଦଳୀ ଏବଂ ନଡ଼ିଆ ଗଛ ଚାରା ମାନ ତାଙ୍କର ନିର୍ଦ୍ଦେଶରେ ଅଣାଯାଇ ଲଗା ଯାଇଥିଲା । ସେହିଗଛ ମାନଙ୍କର ଉପଯୁକ୍ତ ଜଳସେଚନାଦି ଯତ୍ନ ପରମହଂସଜୀଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ

କରାଯାଉଥିଲା । ଫଳରେ କିଛିବର୍ଷ ପରେ ଗଛ ସବୁ ଫଳିବାକୁ ଆରମ୍ଭ କରିଥିଲେ । ନାନା ପ୍ରକାର ସୁବାସିତ ଫୁଲଗଛ ସବୁ ଆଶ୍ରମ ସାରା ଲଗାଯାଉଥିଲା । ଚାରିଆଡ଼େ ସ୍ୱର୍ଗୀୟ ସୁଷମାରେ ଭରିଯାଇଥିଲା । ପ୍ରତିଦିନ ସେ ଶିଷ୍ୟବର୍ଗଙ୍କର ଗହଣରେ ଆଶ୍ରମର ଉଦ୍ୟାନ ଭିତରେ ବୁଲାଚଲା କରୁଥିଲେ । ଶେଷଆଡ଼କୁ ତାଙ୍କର ଦୁର୍ବଳତା ଯୋଗୁଁ ତାଙ୍କୁ ଗୋଟିଏ ଚକଲଗା ଚୌକୀରେ ଶିଷ୍ୟମାନେ ନେଇ ବୁଲେଇ ଆଣୁଥିଲେ ।

୨୦୦୨ ଅପ୍ରେଲ୍ ଶେଷମାସ ଆଡ଼କୁ ତାଙ୍କର ଶରୀରର ଅସୁସ୍ଥତା ବୃଦ୍ଧି ପାଇଥିଲା ଦିନକୁ ଦିନ । ଅଭିଜ୍ଞ ଡ଼ାକ୍ତରମାନେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷାକରି ଉପଯୁକ୍ତ ଚିକିତ୍ସାର ବ୍ୟବସ୍ଥା କରିଥିଲେ । ସେହି ବର୍ଷ ମେ ମାସ ୨୭ ତାରିଖରେ ତାଙ୍କର ଜନ୍ମଦିନ ଉତ୍ସବ ମିଆମୀ ଆଶ୍ରମରେ ବହୁଶିଷ୍ୟ ଏବଂ ଭକ୍ତଗଣଙ୍କର ଉପସ୍ଥିତିରେ ମହାସମାରୋହରେ ପାଳିତ ହୋଇଥିଲା । ପୃଥିବୀର ବହୁଦେଶର ଶ୍ରଦ୍ଧାଳୁ ଭକ୍ତ, ଶିଷ୍ୟ ଏବଂ ଅନ୍ୟମାନେ ଆସି ଏହି ଜନ୍ମଦିନ ଉତ୍ସବରେ ଯୋଗ ଦେଇଥିଲେ । ଏହିଦିନ ତାଙ୍କର ୯୫ବର୍ଷ ବୟସ ପୂର୍ଣ୍ଣ ହୋଇଥିଲା ଏବଂ ସେ ୯୬ବର୍ଷ ବୟସରେ ପଦାର୍ପଣ କରିଥିଲେ । ଅବଶ୍ୟ ତାଙ୍କର ଦେହର ଅସୁସ୍ଥତା କିଛି ଦୂର ହୋଇଥିଲା ଡ଼ାକ୍ତର ମାନଙ୍କର ଉପଯୁକ୍ତ ଚିକିତ୍ସା ଫଳରେ । ପରବର୍ତ୍ତୀ ଜୁଲାଇ ମାସ ୨୪ ତାରିଖ ଆଡ଼କୁ ଗୁରୁପୂର୍ଣ୍ଣିମା ଉତ୍ସବ ମଧ୍ୟ ଆଶ୍ରମରେ ତାଙ୍କର ଉପସ୍ଥିତିରେ ମହା ସମାରୋହରେ ପାଳିତ ହୋଇଥିଲା ।

ସେହିବର୍ଷ ନଭେମ୍ବର ମାସ ଶେଷ ସପ୍ତାହ ଆଡ଼କୁ ଶ୍ରୀ ହରିହରାନନ୍ଦଦେବଙ୍କର ଦେହ ବିଶେଷ ଭାବେ ଅସୁସ୍ଥ ହୋଇପଡ଼ିଥିଲା । ତାଙ୍କୁ ମିଆମୀ ସହରର ସାଉଥ୍ ବାପ୍ଟିଷ୍ଟ ହସ୍‌ପିଟାଲକୁ ନିଆଯାଇଥିଲା ଚିକିତ୍ସା ପାଇଁ । ଏହି ହସପିଟାଲ୍ ଯୁକ୍ତରାଷ୍ଟ୍ର ଆମେରିକାର ବାରଗୋଟି ଶ୍ରେଷ୍ଠ ହସ୍‌ପିଟାଲ ମଧ୍ୟରେ ଅନ୍ୟତମ । ସେହି ଡ଼ାକ୍ତରଖାନାର ଡ଼ାକ୍ତର ଏବଂ ନର୍ସମାନେ ବହୁ ଯତ୍ନ ସହ ତାଙ୍କର ଚିକିତ୍ସାରେ ଲାଗିପଡ଼ିଥିଲେ । ତଥାପି ଡ଼ିସେମ୍ବର ମାସ ୧ ଏବଂ ୨ ତାରିଖ ଆଡ଼କୁ ତାଙ୍କର ଅବସ୍ଥା ଖରାପ ଆଡ଼କୁ ଗତିକରିଥିଲା । କିନ୍ତୁ ମସ୍ତିଷ୍କ ଠିକ୍ କାମ କରୁଥିଲା । ତାଙ୍କ ପାଖରେ ଥିବା ପରମହଂସ ପ୍ରଜ୍ଞାନାନନ୍ଦ, ସ୍ୱାମୀ ଶୁଦ୍ଧାନନ୍ଦ ଗିରିଙ୍କୁ ସେ ମର୍ମସ୍ପର୍ଶୀ ଭଗବଦ୍‌ତତ୍ତ୍ୱ କଥାମାନ ବୁଝାଇ କହୁଥିଲେ । ପରମହଂସ ପ୍ରଜ୍ଞାନାନନ୍ଦ କହନ୍ତି ଯେ ଗୁରୁଦେବ ତାଙ୍କର ମହାପ୍ରୟାଣ ଓ ବ୍ରହ୍ମଲୀନ ହେବାର ଦୁଇଦିନ ପୂର୍ବରୁ ତାଙ୍କ ପାଖରେ ଥିବା ଶିଷ୍ୟଙ୍କ ସଙ୍ଗେ ମିଶି ରବୀନ୍ଦ୍ର ସଙ୍ଗୀତ ଗାଇଥିଲେ –

"ତୋମାରି ସ୍ନେହେ ପାଳିଛି ଗେହେ, ଧନ୍ୟ ତୁମି ଧନ୍ୟହେ,
ଆମାରି ପ୍ରାନ୍ ତୋମାରି ଦାନ ଧନ୍ୟ ତୁମି ଧନ୍ୟ ହେ ।"

ମହାପ୍ରୟାଣ ଦିବସ ଅର୍ଥାତ୍ ତା ୩-୧୨-୨୦୦୨ ସକାଳ ସମୟରେ ସେ ହସ୍ପିଟାଲର ରୋଗଶଯ୍ୟାରେ ପଡ଼ି ରହିଥିଲେ ମଧ ତାଙ୍କର ପ୍ରିୟତମ ଶିଷ୍ୟ ପ୍ରଜ୍ଞାନାନନ୍ଦ ବାବାଙ୍କର ଦୁଇହାତ ଧରି ଆଶୀର୍ବାଦ କରି କହିଥିଲେ ''ଶାନ୍ତି, ଆନନ୍ଦ, ସ୍ନେହ, ଦେବତ୍ୱ'' । ଅନ୍ୟ ଶିଷ୍ୟଙ୍କ ମଧ୍ୟରେ ସ୍ୱାମୀ ଶୁଦ୍ଧାନନ୍ଦ ଗିରି ମଧ୍ୟ ସେତେବେଳେ ଥିଲେ । ସେମାନଙ୍କୁ ଅତ୍ୟନ୍ତ ସ୍ନେହବୋଳା ହସ ହସି ଚାହିଁଥିଲେ ଏବଂ ପରେ ପରେ ଅନ୍ୟ ସ୍ୱାମୀମାନେ ଏବଂ ଶ୍ରଦ୍ଧାଳୁ ବ୍ୟକ୍ତିମାନେ ତାଙ୍କର ଶେଷଦର୍ଶନ ପାଇଁ ହସ୍ପିଟାଲକୁ ଆସିଥିଲେ । ଶୁଦ୍ଧାନନ୍ଦବାବା ଶ୍ରୀଭଗବଦଗୀତା ପାଠ କରିବାକୁ ଲାଗିଥିଲେ, ପରେ ସେ ମହାମୃତ୍ୟୁଞ୍ଜୟ ମନ୍ତ୍ର ମଧ ବୋଲିବାରେ ଲାଗି ରହିଥିଲେ । ଅନ୍ୟ ସମସ୍ତେ ମିଶି ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରୁଥିଲେ ।

ସେହିଦିନ ସଂଧ୍ୟା ଆଡ଼କୁ ତାଙ୍କର ଶ୍ୱାସପ୍ରଶ୍ୱାସ ଗତି ଅତି ଧୀର ହୋଇ ଆସିଥିଲା । ଆଖି ବନ୍ଦ ଥିଲା ତାଙ୍କର । କିଛି ସମୟ ଶ୍ୱାସର ଧୀର ଗତି ପରେ ଏହା ସଂପୂର୍ଣ୍ଣ ରୂପେ ସ୍ଥିର ହୋଇଯାଇଥିଲା । ଡ଼ାକ୍ତର ଆସି ନାଡ଼ି ହୃଦସ୍ପନ୍ଦନ ଆଦି ଭଲ କରି ପରୀକ୍ଷା କଲା ପରେ ଶୁଣାଇ ଦେଲେ - ''ସବୁଶେଷ'' ।

ଅବଶ୍ୟ ସେ ଆଜ ମରଦେହରେ ନାହାନ୍ତି, କିନ୍ତୁ ସେ ପରା ଗୁରୁ, ଜଗତ୍‌ଗୁରୁ । ଗୁରୁ ହେଉଛନ୍ତି ସାକ୍ଷାତ ପରଂବ୍ରହ୍ମ, ତେଣୁ ଅଜର ଏବଂ ଅମର । ତାଙ୍କର ପୃଥିବୀର ଅଗଣିତ ଶିଷ୍ୟ ମାନଙ୍କ ହୃଦୟରେ ସେ ଏବେ ମଧ ଜୀବିତ ରହିଛନ୍ତି । ସେମାନଙ୍କର ଉତ୍‌ଥାନ ପାଇଁ, ପରମ ପଦ ପ୍ରାପ୍ତିପାଇଁ ତାଙ୍କର ଗୁରୁଶକ୍ତି ତଥାପି କ୍ରିୟାଶୀଳ ରହିଛି ।

ମାନବ ଜାତିର କଲ୍ୟାଣ ନିମିତ୍ତ, ସେମାନଙ୍କୁ ସଦ୍‌ମାର୍ଗଗାମୀ କରାଇବା ପାଇଁ ସେ ଯେଉଁ ସହଜ ଏବଂ ସରଳ କ୍ରିୟାଯୋଗ ଏବଂ ସାଧନା କୌଶଳ ପୃଥିବୀର ବହୁ ଦେଶର ପ୍ରଧାନ ପ୍ରଧାନ ସହରମାନଙ୍କରେ ବହୁଳ ଭାବେ ପ୍ରଚାର କରି ସମସ୍ତଙ୍କ ମନରେ ଏହି ସାଧନା ପ୍ରତି ଯେଉଁଭଳି ଶ୍ରଦ୍ଧା ଏବଂ ଆଗ୍ରହ ସୃଷ୍ଟି କରିଯାଇଛନ୍ତି ତାହା ବହୁକାଳ ଧରି ସ୍ଥାୟୀ ରହିବ ନିଶ୍ଚୟ । ସେ ମୃତ୍ୟୁର ବହୁ ପୂର୍ବରୁ କହିଥିଲେ,- ''ମୋ ଉତ୍ତାରୁ ମୁଁ ଛାଡ଼ି ଯାଇଥିବା ସବୁ କର୍ମ ଗୁଡ଼ିକ ସୁଚାରୁ ସମ୍ପାଦନ ଦାୟିତ୍ୱ ପ୍ରଜ୍ଞାନାନନ୍ଦ ତୁଲାଇ ନେବେ ।''

ତାଙ୍କର ମୃତ୍ୟୁ ଶଯ୍ୟାରେ ତାଙ୍କ ପାଖରେ ବସିଥିଲେ ତାଙ୍କର ଅତିପ୍ରିୟ ଶିଷ୍ୟ ପ୍ରଜ୍ଞାନାନନ୍ଦ । ତାଙ୍କର ହାତ ଉପରେ ନିଜ ହାତ ରଖି ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ତାଙ୍କର ମୁଖମଣ୍ଡଳ ଶାନ୍ତ ଥିଲା । କ୍ଲେଶର ଲେଶ ମାତ୍ର ଚିହ୍ନ ନଥିଲା ।



ଗୁରୁଦେବଙ୍କ ସହ ପ୍ରଜ୍ଞାନାନନ୍ଦ

ସେ ଥିଲେ ନର ଦେହଧାରୀ ଜଣେ ଦେବପୁରୁଷ । ଭଗବଦ୍‌ଗୀତାର ଷୋଡ଼ଶ ଅଧ୍ୟାୟରେ ଦୈବୀଶକ୍ତି ସମ୍ପଦ ପ୍ରାପ୍ତ ହୋଇ ଜାତ ହୋଇଥିବା ବ୍ୟକ୍ତିମାନଙ୍କର ସ୍ୱଭାବ କିପରି ତାହା ବର୍ଣ୍ଣନା କରାଯାଇଛି । ୨ୟ ଏବଂ ୩ୟ ଶ୍ଳୋକରେ କୁହାଯାଇଛି ଯେ ଅହିଂସା, ସତ୍ୟ, ଅକ୍ରୋଧ, ଉଦାସୀନ ବା ଆସକ୍ତିଶୂନ୍ୟ, ଶାନ୍ତ, ପରନିନ୍ଦା ନ କରିବା, ପ୍ରାଣୀମାନଙ୍କ ପ୍ରତି ଦୟା, ନିର୍ଲ୍ଲୋଭତା, କୋମଳତା, ଲୋକଲଜ୍ଜା ଓ ଅଚଞ୍ଚଳତା ଏସବୁ ଦୈବୀ ସମ୍ପଦ ପ୍ରାପ୍ତ ହୋଇ ଜାତ ହୋଇଥିବା ବ୍ୟକ୍ତିଙ୍କର ଗୁଣ । ଏହି ବ୍ୟକ୍ତିମାନଙ୍କର ଠାରେ ତେଜ, କ୍ଷମା, ଧୈର୍ଯ୍ୟ, ଶୁଦ୍ଧତା, ଦ୍ରୋହ ଶୂନ୍ୟତା ଓ ଇତ୍ୟାଦି ଗୁଣ ମଧ୍ୟ ଥାଏ । ପରମହଂସ ହରିହରାନନ୍ଦଙ୍କ ଠାରେ ଏହି ସବୁ ସଦ୍‌ଗୁଣ ପୂର୍ଣ୍ଣମାତ୍ରାରେ ରହିଥିଲା । ତାଙ୍କର କାହା ପ୍ରତି ଈର୍ଷା, ଦ୍ୱେଷ, ହିଂସା, କ୍ରୋଧ ନଥିଲା । ସେ କାହା ଉପରେ କ୍ରୋଧିତ ହେବାର କେହି କେବେ ଦେଖିନାହାନ୍ତି । ବରଂ ପିଲାଠାରୁ ବୁଢ଼ାପର୍ଯ୍ୟନ୍ତ ସମସ୍ତେ ଜାଣନ୍ତି ସେ କିପରି ସମସ୍ତଙ୍କୁ ହୃଦୟର ସହ ଶ୍ରଦ୍ଧା କରୁଥିଲେ । ଆଦର କରୁଥିଲେ । କାହାରି ଦୁଃଖ ଦେଖିଲେ ସେ ସହି ପାରୁନଥିଲେ । ସେମାନଙ୍କୁ ସବୁ ଦୁଃଖରୁ ଉଦ୍ଧାର କରିବା ପାଇଁ ଏବଂ ରୋଗ ମୁକ୍ତି ଲାଗି, ତାର ଅର୍ଥାଭାବ ଦୂର କରିବା ପାଇଁ ସେ ମୁକ୍ତ ହସ୍ତରେ ଦାନ କରୁଥିଲେ, ତାକୁ ଆଶ୍ୱାସନା ଦେଇ ତାର ମନରେ ଶାନ୍ତି ଫେରାଇ ଆଣୁଥିଲେ । କୌଣସି ଶିଷ୍ୟ ପାଖରେ ତାଙ୍କର କିଛି ଦାବୀ ନଥିଲା । ଶିଷ୍ୟର କି ଭଳି ଆଧ୍ୟାତ୍ମିକ ଉନ୍ନତିର ଉତ୍ତରୋତ୍ତର ବୃଦ୍ଧି ଘଟିବ ଏହା ସେ କେବଳ ଚାହୁଁଥିଲେ । ସେ ସବୁବେଳେ କହୁଥିଲେ 'ଯିଏ ସର୍ବଦା ନିଷ୍ଠା, ଶ୍ରଦ୍ଧା ଏବଂ ଭକ୍ତିର ସହିତ ଧ୍ୟାନରେ ଲାଗିରହେ ତାହାର ସାଂସାରିକ ସବୁପ୍ରକାର ଅଭାବ, ଅସୁବିଧା, ରୋଗ, ଶୋକ ନିଶ୍ଚୟ ଦୂର ହୋଇଯିବ ଏବଂ ସେ ପରମଶାନ୍ତି ଲାଭ କରିବ ।'

ଥରେ ତାଙ୍କ ପ୍ରତି ବିଶ୍ୱାସଘାତକତା କରିଥିବା ଜଣେ ଶିଷ୍ୟଙ୍କୁ ସେ କ୍ଷମା ଦେଇଥିଲେ । ଅନ୍ୟ ଶିଷ୍ୟମାନେ ସେହି ଶିଷ୍ୟକୁ ଶାସ୍ତିବିଧାନ କରିବାକୁ ତାଙ୍କୁ କହିବାରୁ ସେ କହିଥିଲେ, "ମୁଁ ଯେଉଁ ଗଛଟିକୁ ନିଜ ହାତରେ ପୋତି ବଡ଼ କରିଥିଲି, ଗଛଟିକୁ ମୂଳରୁ କିପରି କାଟିନେଦବି ? ତାର କୁକର୍ମର ଫଳ ତାକୁ ଭୋଗିବାକୁ ପଡ଼ିବ, ସମୟ ଆସିଲେ । ଈଶ୍ୱରଙ୍କର ବିଧାନ ଉପରେ ମୋର ହସ୍ତକ୍ଷେପ କରିବା କି ଅଧିକାର ଅଛି ?" ସେହି ଶିଷ୍ୟଟି ତାଙ୍କର ବିଶେଷ ଶ୍ରଦ୍ଧାର ପାତ୍ର ଥିଲା, ସେ ତାକୁ ସମ୍ମାନସ୍ପଦ ସ୍ଥାନରେ ନେଇ ବସେଇ ଦେଇଥିଲେ । କିନ୍ତୁ ପରେ ପରେ ସେଇ ଶିଷ୍ୟର ବୁଦ୍ଧି ଖରାପ ହୋଇ ପଡ଼ିଥିଲା ।

ଶ୍ରୀ ପରମହଂସ ହରିହରାନନ୍ଦ ଥିଲେ ସରଳତାର ଜୀବନ୍ତମୂର୍ତ୍ତି, ତାଙ୍କ ପେଟରେ ଛନ୍ଦ, କପଟ, ଦମ୍ଭ, ଦର୍ପ, କ୍ରୋଧ, ବିନ୍ଦୁମାତ୍ର ନଥିଲା । ସେ କଦାପି କାହାକୁ ଘୃଣା କରନ୍ତି ନାହିଁ । କାହାକୁ ପଦେ ହେଲେ ବି କଟୁ କଥା କହନ୍ତି ନାହିଁ, ସେ ଯେତେ ବଡ଼ ଦୋଷ କରିଥାଉ ନା କାହିଁକି । ସେ ସବୁବେଳେ କହନ୍ତି ଯେ କେହି ଯଦି ଭୁଲ୍ କାମ କରିଥାଏ ସେ ତାକୁ ସୁଧାରିବା ଯତ୍‌ପରୋନାସ୍ତି ଚେଷ୍ଟା କରିବ, ଭବିଷ୍ୟତରେ ଯେପରି ସେହିଭଳି ଭୁଲ୍ ଆଉ କେବେ ନ ହୁଏ । ସେ ସମସ୍ତଙ୍କୁ ମଧୁର ବଚନ କହି ନିଜର କରିନିଅନ୍ତି ସହଜରେ । ତାଙ୍କ ହୃଦୟ ସର୍ବଦା ସ୍ନେହ କରୁଣା ଦୟା କ୍ଷମାରେ ପରିପୂର୍ଣ୍ଣ ରହିଥିଲା । ତାଙ୍କର ନିଜର ଆଶ୍ରମ ନଥିଲା । ଧନସମ୍ପତ୍ତି କିଛି ନଥିଲା । ନିଜର ବେଙ୍କରେ କିଛି ଗଚ୍ଛିତ ପାଣ୍ଠି ନଥିଲା । ସେ କହନ୍ତି ପ୍ରତ୍ୟେକ ଶିଷ୍ୟଙ୍କର ଘର ତାଙ୍କର ଆଶ୍ରମ । ଏଣୁ ଯେଉଁ ସ୍ଥାନକୁ ଯାଉଥିଲେ ନିଜର ଶିଷ୍ୟମାନଙ୍କ ଘରେ ରହୁଥିଲେ । ସବୁ ଶିଷ୍ୟଙ୍କୁ ପାଖରେ ବସାଇ ଧ୍ୟାନ କରାଉଥିଲେ । ତତ୍ତ୍ୱ ଉପଦେଶ ଦେଉଥିଲେ ।

ତାଙ୍କର ଗୋଟାଏ ଗୁଣ ଯେ ସେ ଯାହାଙ୍କୁ ଥରେ ଦେଖି, ତାଙ୍କ ସହିତ ବାର୍ତ୍ତାଳାପ କରୁଥିଲେ ତାଙ୍କର ନାମ, ଧାମ ପରିବାର ବର୍ଗ କଥା ସବୁ ମନେ ରଖୁଥିଲେ । ବିଶେଷ କରି ଯେଉଁମାନେ ତାଙ୍କର ଶିଷ୍ୟ ସେମାନଙ୍କର ସବୁ ଭଲମନ୍ଦ କଥା ସେ ମନେରଖୁଥିଲେ । ଝିଅ ବାହା ହୋଇପାରୁନାହିଁ, ସେ ଆସି ଗୁରୁଦେବଙ୍କୁ ଦୁଃଖ ଜଣେଇଲେ ଝିଅର ଜାତକ ଦେଖି କେଉଁ ଗ୍ରହର କୁପ୍ରଭାବ ଯୋଗୁଁ ବିବାହରେ ବିଳମ୍ବ ଘଟୁଛି, ସେଥିଲାଗି ସେ ପ୍ରତିକାର କହି ଦିଅନ୍ତି । ସେହିଗ୍ରହ ଏବଂ ଗ୍ରହର ଅଧିଷ୍ଠାତ୍ରୀ ଦେବୀଙ୍କର ମନ୍ତ୍ର ଜପ କରିବାକୁ କହି ଦିଅନ୍ତି । ଗ୍ରହର ଦୋଷ ଦୂର କରିବାକୁ ହେଲେ, କେଉଁ ଗଛର ଚେର ସେଥିପାଇଁ ମହୌଷଧି ସେ ସଂଗ୍ରହ କରି ରଖିଥାନ୍ତି । ସେ କନ୍ୟା ପିତାଙ୍କୁ ଦିଅନ୍ତି । ସେହି ଚେରମୂଳି ଡ଼େଉରିଆଁ ଭିତରେ ପୁରାଇ ଝିଅର ଡ଼େଣାରେ ବାନ୍ଧିବାକୁ ଏବଂ କେଉଁ ମନ୍ତ୍ର ଜପ କଲେ ଗ୍ରହ ଦୋଷ ଶାନ୍ତି ହେବ ତାହା ସେ କହି ଦିଅନ୍ତି । ବରକନ୍ୟାଙ୍କର ଜାତକ ମେଳକ କରି ସେ ସମ୍ପର୍କର ଯାହା କିଛି ଭଲ ମନ୍ଦ ତାହା କହିଦିଅନ୍ତି ।

ପରମହଂସ ହରିହରାନନ୍ଦଙ୍କର ବହୁ ଶିଷ୍ୟ କହନ୍ତି ଯେ ସେମାନଙ୍କର ପରିବାର ମଧ୍ୟରେ ଯଦି କେହି ରୋଗରେ ପଡ଼ି କଷ୍ଟ ପାଉଥାଏ, ତେବେ ତାଙ୍କୁ ରୋଗ ଉପଶମ ପାଇଁ ପ୍ରାର୍ଥନା ଜଣେଇଲେ, ତାହାଙ୍କୁ ସେ ଆଶ୍ୱାସନା ବାଣୀ ଶୁଣାଉଥିଲେ ଓ ରୋଗ ମଧ୍ୟ ଭଲ ହୋଇଯାଉଥିଲା, ଏବଂ ତାଙ୍କର ପରିବାର ଲୋକଙ୍କୁ ମା'ଭଗବତୀଙ୍କୁ

ଧ୍ୟାନ କରିବାକୁ କହୁଥିଲେ । ସେ କହୁଥିଲେ ଯେ ଗଭୀର ଭାବେ ଧ୍ୟାନରେ ଲାଗି ରହିବା ଉଚିତ୍ ଏହିଭଳି ପରିସ୍ଥିତିରେ । ଧ୍ୟାନ ଦ୍ୱାରା ସାଂସାରିକ କାମନା-ବାସନା ପୂର୍ଣ୍ଣ ହୁଏ ବୋଲି କହୁଥିଲେ ।

୧୯୭୪ ମସିହା ପରଠାରୁ ପରମହଂସ ହରିହରାନନ୍ଦ ଭ୍ରମଣରେ ବରାବର ଯାଉଥିଲେ । ଓଡ଼ିଶାରେ ଥିବା ତାଙ୍କର କୌଣସି ଉଚ୍ଚଶିକ୍ଷିତ ଏବଂ ଯୋଗ୍ୟ ଶିଷ୍ୟ ଜଣଙ୍କୁ ସାଥୀରେ ନେବା ପାଇଁ ଇଚ୍ଛା କରୁଥିଲେ ଯିଏ କି ବିଦେଶରେ ଦୀକ୍ଷା ପ୍ରଦାନ ସମୟରେ ତାଙ୍କୁ ସାହାଯ୍ୟ କରିବ ଏବଂ ସାଧନା ବିଷୟରେ ସେଠାକାର ଲୋକଙ୍କୁ ବୁଝାଇପାରିବ ସେହିଭଳି ଉଚ୍ଚଶିକ୍ଷିତ କେତେ ଜଣ ଶିଷ୍ୟଙ୍କୁ ମଧ୍ୟ ଯୁକ୍ତରାଷ୍ଟ୍ର ଆମେରିକା ପ୍ରଭୃତି ଦେଶମାନଙ୍କୁ ନିଜ ସାଥିରେ ନେଇଥିଲେ । ସେଠାର ସହରମାନଙ୍କରେ ଥିବା କ୍ରିୟାଯୋଗ ଆଶ୍ରମମାନଙ୍କରେ ରହି ଶିଷ୍ୟମାନଙ୍କୁ କ୍ରିୟାଯୋଗ ସାଧନା ଶିଖାଇବାକୁ ଏବଂ ଆଶ୍ରମ ଚଳାଇବାକୁ ସାଥୀରେ ନେଇ ଯାଇଥିବା ଶିଷ୍ୟଙ୍କ ଉପରେ ଦାୟିତ୍ୱ ଛାଡ଼ିଦେଇ ଆସୁଥିଲେ । କିନ୍ତୁ ସେହି ଶିଷ୍ୟମାନଙ୍କର କାର୍ଯ୍ୟକଳାପ ସନ୍ତୋଷଜନକ ନହେବାରୁ ସେମାନଙ୍କୁ ନିଜ ସାଥୀରେ ଭାରତକୁ ଫେରାଇ ଆଣିଥିଲେ । ପରେ ସେହି ଶିଷ୍ୟମାନେ ତାଙ୍କୁ ମଧ୍ୟ ଛାଡ଼ି ଚାଲିଯାଇଥିଲେ । ପରମହଂସ ପ୍ରଜ୍ଞାନାନନ୍ଦ, ଯାହାଙ୍କର ପୂର୍ବ ନାମ ଥିଲା ତ୍ରିଲୋକୀ ଦାସ, ସେ ପରମହଂସ ହରିହରାନନ୍ଦଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ ୧୯୮୦ ମସିହାରେ । ସେତେବେଳେ ସେ ଥିଲେ ଜଣେ କଲେଜ ଛାତ୍ର । ପ୍ରାୟ ୨୦ ବର୍ଷ ବୟସର ଯୁବକ । କଟକ ଜିଲ୍ଲାର ଗୋଟିଏ ଛୋଟ ଗ୍ରାମର ଏକ କୁଳୀନ ବ୍ରାହ୍ମଣ ପରିବାରରେ ତାଙ୍କର ଜନ୍ମ । ପିତାମାତା ଉଭୟେ ଧର୍ମପ୍ରାଣ ଏବଂ ଈଶ୍ୱରପରାୟଣ । ଛାତ୍ର ଜୀବନରେ ସେ ଥିଲେ ଜଣେ ଅତ୍ୟନ୍ତ ମେଧାବୀ ଏବଂ ପ୍ରଖର ସ୍ମରଣ ଶକ୍ତି ସମ୍ପନ୍ନଛାତ୍ର । ଶିକ୍ଷା ଅନୁଷ୍ଠାନ ମାନଙ୍କର ସ୍କୁଲଠାରୁ କଲେଜ ପର୍ଯ୍ୟନ୍ତ ସବୁ ଶ୍ରେଣୀରେ ପ୍ରତିବର୍ଷ ପରୀକ୍ଷା ମାନଙ୍କରେ ପ୍ରଥମ ସ୍ଥାନ ରଖି କୃତିତ୍ୱର ସହ ପାସ କରୁଥିଲେ । ସ୍ନାତକୋତ୍ତର ପରୀକ୍ଷାରେ ଅର୍ଥଶାସ୍ତ୍ରରେ କୃତିତ୍ୱର ସହ ଉନ୍ନୀତ ହୋଇଥିବାରୁ ତାଙ୍କୁ ଓଡ଼ିଶାର ଅତି ପୁରାତନ ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟାପକ ଚାକିରୀରେ ନିଯୁକ୍ତି ମିଳିଥିଲା । ରେଭେନ୍ସା କଲେଜରେ ଅଧ୍ୟାପକ ପଦବୀରେ କେବଳ ଅତ୍ୟନ୍ତ ମେଧାବୀ ଏବଂ କୃତିତ୍ୱପୂର୍ଣ୍ଣ ଭାବରେ କ୍ରମାଗତ ଶିକ୍ଷାଗତ ଯୋଗ୍ୟତା ଲାଭ କରିଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଇଥାଏ । ସେ ଯେଉଁଭଳି ମେଧାବୀ ଛାତ୍ରଥିଲେ, ସେହିଭଳି ନିଷ୍ଠାପର ଅଧ୍ୟାପକ ମଧ୍ୟ ଥିଲେ ଏବଂ ଛାତ୍ରବର୍ଗଙ୍କର

ଅତ୍ୟନ୍ତ ଶ୍ରଦ୍ଧା ଏବଂ ଭକ୍ତିର ପାତ୍ର ହୋଇଥିଲେ । ସେହି ଚାକିରୀରେ ସେ ରହିଥିଲେ, ସେ ପରେ ପରେ ଆହୁରି ଉଚ୍ଚତର ପଦୋନ୍ନତି ପାଇ ଓଡ଼ିଶାରେ ଜଣେ ବିଶିଷ୍ଟ ଏବଂ ସମ୍ମାନାସଦ ଶିକ୍ଷାବିତ୍ ହୋଇ ପାରିଥାନ୍ତେ । ଯଥେଷ୍ଟ ଅର୍ଥ ଉପାର୍ଜନ ମଧ୍ୟ କରୁଥାନ୍ତେ । କିନ୍ତୁ ସେ ଥିଲେ ଜଣେ ଅଲଗା ମଣିଷ । ଆଧ୍ୟାତ୍ମିକ କ୍ଷେତ୍ରରେ ନିଷ୍ଠାର ସହ ସାଧନା କରି ଚରମ ଉପଲବଧି କରିବା ତାଙ୍କର ଜୀବନର ଲକ୍ଷ୍ୟଥିଲା । ଶେଷରେ ସେ ଚାକିରୀ ଛାଡ଼ି ଗୁରୁ ହରିହରାନନ୍ଦଙ୍କର ଆଶ୍ରୟ ନେଇଥିଲେ । ପରମହଂସ ହରିହରାନନ୍ଦ ତାଙ୍କୁ ଠିକ୍ ଚିହ୍ନିପାରିଥିଲେ । ସେ ଜାଣିପାରିଥିଲେ ଏହି ସରଳ ଏବଂ ଦିବ୍ୟ ସ୍ୱଭାବ ସମ୍ପନ୍ନ ଯୁବକ ଉପଯୁକ୍ତ ବ୍ୟକ୍ତି ଯିଏ ତାଙ୍କରି ପ୍ରଦତ୍ତ କ୍ରିୟାଯୋଗ ସାଧନା ପୃଥିବୀବାସୀଙ୍କ ମଧ୍ୟରେ ପ୍ରଚାର କରି ସମସ୍ତଙ୍କୁ ଦିବ୍ୟମାର୍ଗଦର୍ଶନ କରାଇବାରେ କ୍ଷମ ହୋଇପାରିବେ । ସେ ସମୟର ଅଧ୍ୟାପକ ତ୍ରିଲୋକୀଦାସ ଗୁରୁଦେବ ହରିହରାନନ୍ଦଙ୍କର ଅତିପ୍ରିୟ ପାତ୍ର ହୋଇପାରିଥିଲେ ଅଳ୍ପ କିଛି ବର୍ଷଭିତରେ । ଗୁରୁଦେବ ଭାରତବର୍ଷର ବିଭିନ୍ନ ସହରମାନଙ୍କରେ ରହୁଥିବା ତାଙ୍କର ଶିଷ୍ୟମାନଙ୍କ ଘରକୁ ପ୍ରତିବର୍ଷ କ୍ରିୟାଯୋଗ ଦୀକ୍ଷା ଏବଂ ସାଧନା କରିବା ପାଇଁ ଯାଉଥିଲେ ଏବଂ ପ୍ରିୟ ଶିଷ୍ୟ ତ୍ରିଲୋକୀ ଦାସଙ୍କୁ ମଧ୍ୟ ସଙ୍ଗରେ ନେଇ ଯାଉଥିଲେ । ତାଙ୍କୁ ବେଦ ଉପନିଷଦ୍ ଭଗବତ୍ ଗୀତା ଆଦି ହିନ୍ଦୁଧର୍ମ ଶାସ୍ତ୍ରମାନ ଅଧ୍ୟୟନ କରିବାକୁ ମଧ୍ୟ ପ୍ରବର୍ତ୍ତାଇଥିଲେ ଏବଂ ଶାସ୍ତ୍ରମାନଙ୍କରେ ଲିଖିତ ଭଗବଦ୍‌ତତ୍ତ୍ୱ ସବୁ ତାଙ୍କୁ ବୁଝାଉଥିଲେ । ପରେ ପରେ ତାଙ୍କୁ ଯୋଗାଚାର୍ଯ୍ୟ କରାଇ ଶିଷ୍ୟମାନଙ୍କୁ ଦୀକ୍ଷା ଦେବାର ଅଧିକାର ଦେଇଥିଲେ । ଶ୍ରୀ ତ୍ରିଲୋକୀ ଦାସ ଗୁରୁଦେବଙ୍କର ଉପଦେଶ ଏବଂ ଆଦେଶ ସବୁ ଅତି ସୂଚାରୁରୂପେ ସମ୍ପନ୍ନ କରୁଥିବାରୁ ଗୁରୁଦେବ ତାଙ୍କ ଉପରେ ସନ୍ତୁଷ୍ଟ ହୋଇ ପରେ ୧୯୯୫ ମସିହାରେ ତାଙ୍କୁ ସନ୍ନ୍ୟାସ ଦୀକ୍ଷା ଦେଇଥିଲେ । ତାଙ୍କର ସନ୍ନ୍ୟାସନାମ ଦେଇଥିଲେ ସ୍ୱାମୀ ପ୍ରଜ୍ଞାନାନନ୍ଦ ଗିରି । ପରେ ୧୯୯୮ ମସିହାରେ ତାଙ୍କୁ ପରମହଂସ ଉପାଧି ପ୍ରଦାନ କରିଥିଲେ । ପରମହଂସ ହରିହରାନନ୍ଦ ବରାବର ଇଉରୋପ ମହାଦେଶ, ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା, ଦକ୍ଷିଣ ଆମେରିକା, ପ୍ରଭୃତି ବିଦେଶ ଭ୍ରମଣରେ ଯାଉଥିଲେ । ୧୯୯୪ ମସିହାରେ ସେମାନଙ୍କ ପ୍ରିୟ ଶିଷ୍ୟ ପ୍ରଜ୍ଞାନାନନ୍ଦଙ୍କୁ ସାଥୀରେ ନେଇ ଇଉରୋପ ଗସ୍ତରେ ଯାଇଥିଲେ । ତା ପରଠାରୁ ଶେଷ ନିଃଶ୍ୱାସତ୍ୟାଗ ପର୍ଯ୍ୟନ୍ତ ପ୍ରଜ୍ଞାନାନନ୍ଦଙ୍କୁ ନେଇ ସେ ୟୁରୋପର ବିଭିନ୍ନ ଦେଶମାନଙ୍କରେ ତାଙ୍କର କ୍ରିୟାଯୋଗ ପ୍ରଚାର କାର୍ଯ୍ୟ ଚଳାଇଥିଲେ । ସେ ସବୁ ଦେଶମାନଙ୍କରେ ଶତାଧିକ କ୍ରିୟାଯୋଗ ସାଧନା କେନ୍ଦ୍ରମାନ

ସ୍ଥାପନ କରାଇଥିଲେ । ସେଠାରେ ସ୍ଥାୟୀ ଭାବରେ ରହୁଥିବା ବହୁ ଭାରତୀୟ ଏବଂ ସେହି ଦେଶ ମାନଙ୍କର ଅନେକ ଶ୍ରଦ୍ଧାଳୁ ଅଧିବାସୀ କ୍ରିୟାଯୋଗରେ ଦୀକ୍ଷିତ ହୋଇଥିଲେ ତାଙ୍କଦ୍ୱାରା ।

ପରମହଂସ ହରିହରାନନ୍ଦଙ୍କର ପ୍ରେରଣାରେ ଏବଂ ତାଙ୍କ ଦ୍ୱାରା ଉତ୍ସାହିତ ହୋଇ ପ୍ରଜ୍ଞାନାନନ୍ଦ ବହୁ ଆଧ୍ୟାତ୍ମିକତତ୍ତ୍ୱ ସମ୍ବଳିତ ପୁସ୍ତକମାନ ଲେଖିଅଛନ୍ତି । ସଂସ୍କୃତ ଭାଷାରେ ଲିଖିତ ହିନ୍ଦୁଧର୍ମ ଶାସ୍ତ୍ରମାନ ଯଥା – ଉପନିଷଦ, ଭଗବଦ୍ ଗୀତା, ଗୁରୁଗୀତା ପ୍ରଭୃତି ପୁସ୍ତକର ଅନୁବାଦ କରିଛନ୍ତି । ଅନେକ ପୁସ୍ତକ ସଂସ୍କୃତରୁ ଇଂରାଜୀ ଏବଂ ଓଡ଼ିଆରେ ଅନୁବାଦ କରିଛନ୍ତି । ଖ୍ରୀଷ୍ଟିୟାନ୍ ମାନଙ୍କର ଧର୍ମଗ୍ରନ୍ଥ ବାଇବେଲ, ମୁସଲମାନଙ୍କର ପବିତ୍ର କୋରାନ୍, ବୌଦ୍ଧମାନଙ୍କର ତ୍ରିପିଟିକ, ଇହୁଦି ମାନଙ୍କର ତୋରା, ଶିଖ ମାନଙ୍କର ଗ୍ରନ୍ଥ ସାହେବ ପ୍ରଭୃତି ଧର୍ମଗ୍ରନ୍ଥ ଗୁଡ଼ିକ ସେ ଅଧ୍ୟୟନ କରି ସେ ସବୁର କ୍ରିୟାଯୋଗ ସମ୍ପର୍କିତ ତାତ୍ତ୍ୱିକ ବ୍ୟାଖ୍ୟାମାନ ପୁସ୍ତକାକାରରେ ଲେଖିଛନ୍ତି । ପ୍ରଜ୍ଞାନାନନ୍ଦ ଜଣେ ସୁବକ୍ତା, ଜ୍ଞାନୀ ଏବଂ ବିବିଧ ଭାଷା ଯଥା ଇଂରାଜୀ, ଓଡ଼ିଆ, ବଙ୍ଗଳା, ହିନ୍ଦୀ ପ୍ରଭୃତି ଭାଷାରେ ସୁନ୍ଦର ଭାବରେ ଅନର୍ଗଳ ବକ୍ତୃତା ଦେଇ ପାରନ୍ତି । ବିଦେଶରେ ଖ୍ରୀଷ୍ଟିୟାନ୍ ଧର୍ମ ସମ୍ପ୍ରଦାୟର ସଭାମାନଙ୍କୁ ସେ ଆମନ୍ତ୍ରିତ ହୁଅନ୍ତି ଭାଷଣ ଦେବାକୁ । ବାଇବେଲରେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ଉପଦେଶାବଳୀ ମାନଙ୍କର କ୍ରିୟାଯୋଗତତ୍ତ୍ୱ ସମ୍ବଳିତ ବ୍ୟାଖ୍ୟା କରି ଶ୍ରୋତାମାନଙ୍କୁ ବୁଝାଇ ସେମାନଙ୍କର ଶ୍ରଦ୍ଧାର ପାତ୍ର ହୋଇ ପାରିଛନ୍ତି । ପରମହଂସ ହରିହରାନନ୍ଦଙ୍କର ମୁଖନିଃସୃତ ଭଗବଦ୍ ଗୀତାର ଶ୍ଳୋକମାନଙ୍କର କ୍ରିୟାଯୋଗ ଭିତ୍ତିକ ତାତ୍ତ୍ୱିକ ବ୍ୟାଖ୍ୟା ସବୁ ପରମହଂସ ପ୍ରଜ୍ଞାନାନନ୍ଦ ଇଂରାଜି ଭାଷାରେ ସଙ୍କଳନ କରି ତିନି ଗୋଟି ଖଣ୍ଡରେ ପ୍ରକାଶ କରି ପୃଥିବୀର ବହୁ ଦେଶରେ ଭଗବଦ୍‌ଗୀତାର ସମାଦର ବୃଦ୍ଧି କରିବା ସଙ୍ଗେ ସଙ୍ଗେ କ୍ରିୟଯୋଗ ସାଧନା ପ୍ରତି ସମସ୍ତଙ୍କର ଆଗ୍ରହ ସୃଷ୍ଟି କରିପାରିଛନ୍ତି । ଏହା ପୂର୍ବରୁ ଭଗବଦ୍ ଗୀତାରେ କ୍ରିୟାଯୋଗ ଭିତ୍ତିକ ତାତ୍ତ୍ୱିକ ବାଖ୍ୟା ଇଂରାଜି ଭାଷାରେ ଲେଖା ହୋଇନଥିଲା । ଏହା ହେଉଛି ପ୍ରଥମ । ଏହାର ନାମ ରଖିଛନ୍ତି Bhagabata gita in the light of kriyayoga. ଏହାବାଦେ 'ତରଣେ ନୌକା' 'ସ୍ଥିତପ୍ରଜ୍ଞ' ନାମକ ଦୁଇଟି ତ୍ରୟମାସିକ ଧର୍ମପତ୍ରିକା ମଧ୍ୟ ତାଙ୍କର ତତ୍ତ୍ୱାବଧାନରେ ପ୍ରକାଶ ପାଉଚି ପ୍ରଜ୍ଞାନ ମିଶନ ତରଫରୁ ।

ଗୁରୁ ପରମହଂସ ହରିହରାନନ୍ଦଙ୍କର ଆଶୀର୍ବାଦ ଏବଂ ଶୁଭେଚ୍ଛାପ୍ରାପ୍ତ ହୋଇ ପ୍ରଜ୍ଞାନାନନ୍ଦ ବାବା ପ୍ରଥମେ କଟକ ଜିଲ୍ଲା ଜଗତପୁର ସହରରେ ପ୍ରଜ୍ଞାନ ମିଶନ

ନାମରେ ଗୋଟିଏ କ୍ରିୟା ଯୋଗ ଆଶ୍ରମ ସ୍ଥାପନ କରିଥିଲେ । ସେତେବେଳେ ପୁରୀ ସହରଠାରୁ ପ୍ରାୟ ଆଠ ମାଇଲ ଦୂରରେ ପୁରୀ କୋଣାର୍କ ରାସ୍ତାରେ ବାଲିଘାଇ ନାମକ ଏକ ବିରାଟ ସ୍ଥାନ ତରୁଣତପନ ମଜୁମଦାର ନାମକ ଜଣେ ବଙ୍ଗାଳୀ ଜମିଦାର ପରମହଂସ ହରିହରାନନ୍ଦଙ୍କ ନାମରେ କବଲା କରି ଦେଇଥିଲେ । ସ୍ଥାନଟି ଥିଲା ବାଲୁକାମୟ, ଏବଂ ଝାଉଁଗଛରେ ପୂର୍ଣ୍ଣ । ଶ୍ରୀ ହରିହରାନନ୍ଦ ସେଥିରେ କିଛି ଆମ୍ବଗଛ ଲଗାଇଥିଲେ । ଏହିଭଳି ସେହିସ୍ଥାନଟି ବହୁବର୍ଷ ପର୍ଯ୍ୟନ୍ତ ଅବହେଳିତ ହୋଇ ପଡ଼ି ରହିଥିଲା । ପରେ ଏହା ଯେ ଏକ ପ୍ରସିଦ୍ଧ କ୍ରିୟାଯୋଗ ସାଧନ କେନ୍ଦ୍ର ହୋଇ ଉଠିବ ଏହା କେହି କଳ୍ପନା କରି ନଥିଲେ । ପରମହଂସ ହରିହରାନନ୍ଦ ପୁରୀ ସ୍ୱର୍ଗଦ୍ୱାର ନିକଟରେ ତାଙ୍କର ଗୁରୁଦେବ ଶ୍ରୀଯୁକ୍ତେଶ୍ୱର ଗିରିଙ୍କର ଦ୍ୱାରା ପ୍ରତିଷ୍ଠିତ କଡ଼ାର ଆଶ୍ରମରେ ୧୯୩୮ ମସିହାଠାରୁ ଅର୍ଦ୍ଧଶତାବ୍ଦୀରୁ ଉର୍ଦ୍ଧ୍ୱକାଳ ପର୍ଯ୍ୟନ୍ତ ରହିଥିଲେ । ଶ୍ରୀ ଯୁକ୍ତେଶ୍ୱରଜୀ ମହାରାଜଙ୍କ ସମାଧି ଏହି ଠାରେ କରାଯାଇଛି । ତାଙ୍କର ପ୍ରିୟ ଶିଷ୍ୟ ପରମହଂସ ଯୋଗାନନ୍ଦ ଯୁକ୍ତରାଷ୍ଟ୍ର ଆମେରିକାରେ ବହୁ ସମୟ ରହି ତାଙ୍କର ଗୁରୁଦେବଙ୍କ ଆଦେଶରେ କ୍ରିୟାଯୋଗ ସାଧନାର ପ୍ରସାର କର୍ମ କରିବାରେ ବ୍ୟସ୍ତ ରହୁଥିବାରୁ ପୁରୀ ସହରରେ ଥିବା କଡ଼ାର ଆଶ୍ରମକୁ ସବୁ ସମୟରେ ଆସି ପାରୁନଥିଲେ । ଏଣୁ ପରମହଂସ ହରିହରାନନ୍ଦଙ୍କୁ ଆଶ୍ରମ ପରିଚାଳନା ଦାୟିତ୍ୱ ସହ କ୍ରିୟାଯୋଗ ଦୀକ୍ଷା ଦେବା ଅଧିକାର ମଧ ପ୍ରଦାନ କରିଥିଲେ । ଶ୍ରୀ ଯୁକ୍ତେଶ୍ୱର ଗିରିଙ୍କର କଡ଼ାର ଆଶ୍ରମ ପରିଚାଳନା ପାଇଁ କରିଥିବା ଟ୍ରଷ୍ଟ ଅନୁସାରେ ଶ୍ରୀ ଯୋଗାନନ୍ଦ ଆଶ୍ରମର ଅଧକ୍ଷ ଥିଲେ । ଯୋଗାନନ୍ଦ, ସ୍ୱାମୀ ସତ୍ୟାନନ୍ଦ ଗିରିଙ୍କୁ ସେ ଭାର ଦେଇ ସବୁବେଳେ ବିଦେଶରେ ରହୁଥିଲେ । ସେଠାରେ ତାଙ୍କର ମହାସମାଧି ହୋଇଥିଲା । ପରେ ସ୍ୱାମୀ ସତ୍ୟାନନ୍ଦଗିରି ପରମହଂସ ହରିହରାନନ୍ଦଙ୍କୁ ଆଶ୍ରମ ଦାୟିତ୍ୱ ବହନ କରିବା ଅଧିକାର ପ୍ରଦାନ କରିଥିଲେ । ଏଣୁ ପରମହଂସ ହରିହରାନନ୍ଦ ଥିଲେ ଆଶ୍ରମର ଅଧକ୍ଷ । ତାପରେ ସେ ପୁରୀ ଗୋବର୍ଦ୍ଧନ ପୀଠ ଶଙ୍କରାଚାର୍ଯ୍ୟଙ୍କ ଠାରୁ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ସାଧୁ ସଭାପତି ହୋଇଥିଲେ ।

ପରମହଂସ ଯୋଗାନନ୍ଦଙ୍କର ଦେହାବସାନ ପରେ ଆମେରିକାସ୍ଥିତ ତାଙ୍କର କେତେକ ଶିଷ୍ୟ ପୁରୀ କଡ଼ାର ଆଶ୍ରମ ମାଲିକାନା ଦାବୀ କରି ବିବାଦ ସୃଷ୍ଟିକରି ବସିଲେ । ପରମହଂସ ହରିହରାନନ୍ଦ ବହୁତ ସମୟ ପାଶ୍ଚାତ୍ୟ ଦେଶ ମାନଙ୍କରେ କ୍ରିୟାଯୋଗ ସାଧନାର ବହୁଳ ପ୍ରସାରରେ ବ୍ୟସ୍ତ ରହୁଥିବାରୁ ପୁରୀ କଡ଼ାର ଆଶ୍ରମକୁ

ଆସି ପାରୁନଥିଲେ । ପରେ ବାଲିଘାଈରେ ତାଙ୍କର ନାମରେ ଥିବା ଜାଗାଟିକୁ ସେ ପରମହଂସ ପ୍ରଜ୍ଞାନାନନ୍ଦଙ୍କୁ ହସ୍ତାନ୍ତର କରି ଦେଇଥିଲେ । ପରମହଂସ ହରିହରାନନ୍ଦଙ୍କର ଜୀବିତା ଥିବା ଅବସ୍ଥାରେ ସେଠାରେ ଗୋଟାଏ ଆଶ୍ରମ ସ୍ଥାପନ କରିବାକୁ କାର୍ଯ୍ୟ ଆରମ୍ଭ ହୋଇଥିଲା ପ୍ରଜ୍ଞାନାନନ୍ଦଙ୍କର ଦାୟିତ୍ୱରେ । ଗୁରୁଦେବ ହରିହରାନନ୍ଦଙ୍କର ଆଶୀର୍ବାଦରେ ଏବଂ ପ୍ରଜ୍ଞାନାନନ୍ଦ ବାବାଙ୍କର ଅକ୍ଲାନ୍ତ ପରିଶ୍ରମ ଏବଂ ଉତ୍ସାହରେ ସେହି ମରୁଭୂମି ଏବେ ହୋଇଉଠିଛି ଶସ୍ୟଶ୍ୟାମଳା, ନାନାବିଧ ଫୁଲ, ଫଳ, ଗଛ ବହୁଳ ଭାବରେ ଲଗାଯାଇଥିବାରୁ ଏବଂ ଆମ୍ବ, ଚିକୁଳି, କଦଳୀ ପ୍ରଭୃତି ବିବିଧ ଫଳ ବୃକ୍ଷସବୁ ଲଗାଯାଇଥିବାରୁ ସ୍ଥାନଟି ଅତ୍ୟନ୍ତ ସୁମନୋହର ହୋଇଛି । ସେଥିସହିତ ଗୁରୁଦେବଙ୍କ ସମାଧିସ୍ଥଳରେ ଗଢ଼ିଉଠିଛି ଏକ ଭବ୍ୟ ଏବଂ ସୁନ୍ଦର ସମାଧି ମନ୍ଦିର, ଯାହାର ନାମ ରଖାଯାଇଛି 'ଗୁରୁମନ୍ଦିର' ଏବଂ ଆଶ୍ରମର ନାମ ଦିଆଯାଇଛି "ଶ୍ରୀ ହରିହରାନନ୍ଦ ଗୁରୁକୁଳ"। ପରମହଂସ ହରିହରାନନ୍ଦ ବହୁବର୍ଷ ତଳେ ଏହି ଜାଗାଟି କିଣା ହେବା ସମୟରେ କହିଥିଲେ ଯେ ଏହି ସ୍ଥାନରେ ତାଙ୍କର ସମାଧି ଦିଆଯିବ । ତାଙ୍କର ସମାଧି ସ୍ଥଳ ଯେ ଭବିଷ୍ୟତରେ ଏକ ପ୍ରଧାନ କ୍ରିୟାଯୋଗ ଧ୍ୟାନ କେନ୍ଦ୍ର ହୋଇ ପୃଥିବୀର ସବୁ ଦେଶର ଲୋକଙ୍କୁ ଆକୃଷ୍ଟ କରି ଆଣିବ, ଲୋକମାନଙ୍କର କ୍ରିୟାଯୋଗ ସାଧନା ପ୍ରତି ଆଗ୍ରହ ସୃଷ୍ଟି ହୋଇପାରି- ଏହା ପରମହଂସ ହରିହରାନନ୍ଦ ପୂର୍ବରୁ ଜାଣିଥିଲେ । କାରଣ ତାଙ୍କର ସମାଧି ଯେଉଁ ସ୍ଥାନରେ ରହିଥିବ ସେହିସ୍ଥାନ ନିଶ୍ଚୟ ଏକ ଧ୍ୟାନ କେନ୍ଦ୍ର ହୋଇ ଉଠିବ, ଏହା ତ ସ୍ୱାଭାବିକ ।

ପ୍ରଜ୍ଞାନାନନ୍ଦ ବାବା ତାଙ୍କର ଲିଖିତ "My time with the master" ବହିରେ ବାଲିଘାଈ ଆଶ୍ରମ ସମ୍ପର୍କରେ ଲେଖିଛନ୍ତି ଯେ ଗୁରୁଦେବ ପରମହଂସ ହରିହରାନନ୍ଦ ୧୯୯୫ ମସିହା ଡ଼ିସେମ୍ବର ମାସରେ ଦିନେ ସକାଳେ ତାଙ୍କୁ ନିଜପାଖକୁ ଡ଼ାକାଇ କହିଲେ ଯେ ତାଙ୍କର ଗୁରୁ ଶ୍ରୀ ଯୁକ୍ତେଶ୍ୱର ଗିରି ବାଲିଘାଈସ୍ଥିତ ଏହି ଯାଗାଟି ପ୍ରଜ୍ଞାନାନନ୍ଦଙ୍କ ନାମରେ କରିଦେବାକୁ ତାଙ୍କୁ ସ୍ୱପ୍ନାଦେଶ କରିଛନ୍ତି ଏବଂ କହିଛନ୍ତି ଯେ ଭବିଷ୍ୟତରେ ଏହି ସ୍ଥାନରେ ଗୋଟିଏ ସୁନ୍ଦର ଆଶ୍ରମ ଗଢ଼ିଉଠିବ। ଯାହା ଆନ୍ତର୍ଜାତୀୟ ପ୍ରସିଦ୍ଧି ଲାଭ କରିବ ଏବଂ ବହୁଲୋକ ଏଠାକୁ ଆସି କ୍ରିୟାଯୋଗ ସାଧନ, ଧ୍ୟାନ ଆଦି କରିବେ । ତାଙ୍କର ଏ ଭବିଷ୍ୟତବାଣୀ ବର୍ତ୍ତମାନ ଫଳବତୀ ହୋଇଉଠିଛି ପରମହଂସ ହରିହରାନନ୍ଦଙ୍କର ଆଶୀର୍ବାଦ ପ୍ରାପ୍ତ ପରମହଂସ ପ୍ରଜ୍ଞାନାନନ୍ଦ ବାବାଙ୍କ ମାଧ୍ୟମରେ ।

ବାଲିଘାଇରେ ଥିବା ଏହି ହରିହରାନନ୍ଦ ଗୁରୁକୁଳମ୍ ଆଶ୍ରମ ପରମହଂସ ପ୍ରଜ୍ଞାନାନନ୍ଦ ବାବାଙ୍କର ଅଦମ୍ୟ ଉତ୍ସାହ ଏବଂ ପରିଶ୍ରମ ଯୋଗୁ ଦିନକୁ ଦିନ ସମୃଦ୍ଧ ହେବାରେ ଲାଗିଛି । ଆଶ୍ରମରେ ବିଭିନ୍ନ ସମୟରେ ପର୍ବଉତ୍ସବମାନ ପାଳନ କରାଯାଏ । ଯଥା ଜାନୁୟାରୀ ୧୪ ତାରିଖରେ ପ୍ରତିଷ୍ଠାଦିବସ । ଏହା ୨୦ ତାରିଖ ଯାଏଁ ଚାଲେ । ଏହା ଆନ୍ତର୍ଜାତିକ କ୍ରିୟାଯୋଗ ଶିବିର ଦିବସ । ଏହି ସମୟରେ ଓଡ଼ିଶା-ବଙ୍ଗଳା ରାଜ୍ୟରୁ ଏବଂ ଦେଶ ବାହାରୁ ବହୁ ସାଧୁସନ୍ଥ । ବିଦେଶୀ ଶିଷ୍ୟ ଭକ୍ତମାନେ ଏଥିରେ ଯୋଗଦାନ କରନ୍ତି । ପରେ ପରେ ପରମହଂସ ହରିହରାନନ୍ଦଙ୍କ ଗୁରୁବର୍ଗ ଯଥା ଲାହିଡ଼ିବାବା, ସ୍ୱାମୀ ଯୁକ୍ତେଶ୍ୱର ଗିରି, ପରମହଂସ ଯୋଗାନନ୍ଦ, ଭୁପେନ୍ଦ୍ରନାଥ ସାନ୍ୟାଲ ମହାଶୟ ଏବଂ ସ୍ୱାମୀ ସତ୍ୟାନନ୍ଦ ଗିରିଙ୍କର ଜନ୍ମୋତ୍ସବମାନ ଆରାଧନା ଦିବସ ରୂପେ ତାଙ୍କର ଜନ୍ମ ତାରିଖମାନଙ୍କରେ ପାଳନ କରାଯାଏ । ସରସ୍ୱତୀପୂଜା, ଶିବରାତ୍ରି, ରାମନବମୀ, ଗଣେଶପୂଜା, ଜନ୍ମାଷ୍ଟମୀ, ଦୁର୍ଗାଷ୍ଟମୀ ଇତ୍ୟାଦି ହିନ୍ଦୁଦେବ ଦେବୀମାନଙ୍କର ପୂଜା ଉତ୍ସବମାନ ମଧ୍ୟ ପାଳନ କରାଯାଏ । ମେ ମାସ ୨୭ ତାରଖ ଦିନ ପରମହଂସ ହରିହରାନନ୍ଦଙ୍କର ଜନ୍ମଦିନ ଓ ଜୁଲାଇ ମାସରେ ଗୁରୁପୂର୍ଣ୍ଣିମା ଡ଼ିସେମ୍ବର ମାସ ୩ ତାରିଖରେ ତାଙ୍କର ତିରୋଧାନ ଦିବସ ପାଳନ କରାଯାଏ । ଏଥିସହ ଡ଼ିସେମ୍ବର ମାସ ୨୫ ତାରିଖରେ ଖ୍ରୀଷ୍ଟିୟାନ୍ ଧର୍ମଗୁରୁ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ପ୍ରଧାନ ଉତ୍ସବ ଖ୍ରୀଷ୍ଟମାସ ବା ବଡ଼ଦିନପର୍ବ ମଧ୍ୟ ପାଳନ କରାଯାଏ । ଯେଉଁଥିରେ ହିନ୍ଦୁ ଖ୍ରୀଷ୍ଟିୟାନ୍ ସମସ୍ତେ ଯୋଗ ଦାନ କରନ୍ତି । ଏହି ସବୁ ପର୍ବ ଉତ୍ସବ ଦେଶର ଏବଂ ବିଦେଶର ବହୁ ଶିଷ୍ୟ ଭକ୍ତ ଏବଂ ଶ୍ରଦ୍ଧାଳୁ ବ୍ୟକ୍ତିମାନଙ୍କର ଉପସ୍ଥିତିରେ ଆନନ୍ଦ ଓ ଉଲ୍ଲାସ ସହ ମହାସମାରୋହରେ ପାଳିତ ହୁଏ । ତା'ଛଡ଼ା କ୍ରିୟାଯୋଗ ଧ୍ୟାନ ଏବଂ ବ୍ରହ୍ମଚାରୀ ଶିକ୍ଷାଶିବିର ମଧ୍ୟ ବର୍ଷ ଆରମ୍ଭରୁ କିଛିମାସ ଧରି ଚାଲିଥାଏ । ଅଧିକାଂଶ ଉତ୍ସବ ମାନଙ୍କରେ ଧର୍ମସଭାମାନ ମଧ୍ୟ ଅନୁଷ୍ଠିତ ହୋଇଥାଏ । ବହୁ ସାଧୁ ସନ୍ୟାସୀ ବିଜ୍ଞ ବ୍ୟକ୍ତି ଗଣ ଦେଶର ବିଭିନ୍ନ ପ୍ରାନ୍ତରରୁ ଆମନ୍ତ୍ରିତ ହୋଇ ଆସିଥାନ୍ତି ସଭାମାନଙ୍କରେ ଉଦ୍‌ବୋଧନ ଦେବା ପାଇଁ । ଏହିପରି ଆଶ୍ରମଟି ବର୍ଷସାରା ଧର୍ମକାର୍ଯ୍ୟ ମାନଙ୍କରେ ଚଳଚଞ୍ଚଳ ରହିଥାଏ । ଏହିସବୁ ଉତ୍ସବ ମାନଙ୍କରେ ଦେଖିବା କଥା କିପରି ମରମହଂସ ହରିହରାନନ୍ଦଙ୍କ ପ୍ରତି ଲୋକମାନଙ୍କର ଗଭୀର ଶ୍ରଦ୍ଧା, ଭକ୍ତି ଏବଂ ଆଗ୍ରହ ପୂର୍ବଭଳି ରହିଛି ତାଙ୍କର ଦେହାବସାନ ପରେ ସୁଦ୍ଧା । ଏହି ସବୁ କାର୍ଯ୍ୟମାନ ପରମହଂସ ପ୍ରଜ୍ଞାନାନନ୍ଦଙ୍କର ତତ୍ତ୍ୱାବଧାନରେ ଚାଲିଥାଏ, ଶୃଙ୍ଖଳିତ ଭାବେ, ବହୁ ଜନ ସମାଗମ ମଧ୍ୟରେ ।

୨୦୦୭ ମସିହା ମେ ମାସ ୨୪ ତାରିଖଠାରୁ ୨୭ ତାରିଖ ପର୍ଯ୍ୟନ୍ତ ଜଗଦ୍‌ଗୁରୁ ପରମହଂସ ହରିହରାନନ୍ଦଙ୍କର ଜନ୍ମ ଶତବାର୍ଷିକୀ ଉତ୍ସବ ମହାସମାରୋହରେ କଟକସ୍ଥ ବାରବାଟୀ ଇନ୍‌ଡୋର ଷ୍ଟାଡ଼ିୟମରେ ପାଳିତ ହୋଇଥିଲା । ଏପରି ବିରାଟ ଆୟୋଜନ, ସହସ୍ର ସହସ୍ର ସଂଖ୍ୟାରେ ଲୋକଙ୍କର ସମାଗମ ପୂର୍ବରୁ କେବେ ହୋଇନଥିଲା । ଷ୍ଟାଡ଼ିୟମ ଭିତରେ ପ୍ରାୟ ସାତ ଆଠ ହଜାରରୁ ଉର୍ଦ୍ଧ୍ୱ ଲୋକ ବସିବା ପାଇଁ ସ୍ଥାନ ନିର୍ମିତ ହୋଇଥିଲା । ସବୁ ସ୍ଥାନ ପୂର୍ଣ୍ଣ ହୋଇ ଯାଇଥିଲା । ବିଦେଶରୁ ପରମହଂସ ହରିହରାନନ୍ଦଙ୍କର ବହୁ ଖ୍ରୀଷ୍ଟିୟାନ୍ ଶିଷ୍ୟ ଏବଂ ଭାରତୀୟ ଶିଷ୍ୟ ଏବଂ ଦେଶର ବହୁ ଶିଷ୍ୟ, ଶ୍ରଦ୍ଧାଳୁ ବିଶିଷ୍ଟ ଭଦ୍ରବ୍ୟକ୍ତି, ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ପୁଣି ସାଧୁସନ୍ଥମାନେ ବହୁ ସଂଖ୍ୟାରେ ଏହି ଉତ୍ସବରେ ଯୋଗଦାନ କରିଥିଲେ । ପ୍ରତିଦିନ ସଂନ୍ଧ୍ୟା ସମୟରେ ସଭା ଆରମ୍ଭ ହୁଏ । ବହୁ ବକ୍ତାଗଣ ଉଦ୍‌ବୋଧନ ଦିଅନ୍ତି ।

ପରମହଂସ ପ୍ରଜ୍ଞାନାନନ୍ଦ ବାବାଙ୍କର ଅଦମ୍ୟ ଉତ୍ସାହ, ନିଷ୍ଠା , କର୍ମତତ୍‌ପରତା ଏବଂ ଲୋକ ସଂଗ୍ରହ କରି କାର୍ଯ୍ୟ କରାଇବା ବିଚକ୍ଷଣ ବୁଦ୍ଧିଯୋଗୁଁ ଏତେ ବଡ଼ ବିରାଟ ଆୟୋଜନ ଶୃଙ୍ଖଳିତ ଭାବରେ ହୋଇପାରିଥିଲା, ଏଥିରେ ସନ୍ଦେହ ନାହିଁ । ତାଙ୍କୁ ଏ ବିଷୟରେ କିଛି ପଚାରିଲେ ସେ କହନ୍ତି – "ସବୁ ମୋର ଗୁରୁଦେବ ପରମହଂସ ହରିହରାନନ୍ଦଙ୍କର ଇଚ୍ଛାରୁ ଆପେ ଆପେ ହୋଇଯାଉଛି । ମୁଁ କେବଳ ନିମିତ୍ତ ମାତ୍ର ।" ଏ କଥା ବି ଠିକ୍ ।

ଏହା ଛଡ଼ା ପରମହଂସ ପ୍ରଜ୍ଞାନାନନ୍ଦ ଆହୁରି ପ୍ରଶଂସନୀୟ ଲୋକହିତକର କାର୍ଯ୍ୟ କରିବା ପାଇଁ କେତେକ ଅନୁଷ୍ଠାନ ଗଢ଼ିଛନ୍ତି ଯଥା – ହରିହରାନନ୍ଦ ବାଳାଶ୍ରମ, ଯେଉଁଠାରେ ବହୁ ଅନାଥ ଏବଂ ଦରିଦ୍ର ଛାତ୍ରମାନଙ୍କର ରହିବା, ଖାଇବାଏବଂ ଶିକ୍ଷା ଦେବା ବ୍ୟବସ୍ଥା ରହିଛି । ମାଗଣା ସ୍ୱାସ୍ଥ୍ୟ ସେବା ପାଇଁ ବାଲିଘାଇରେ ଥିବା ଆଶ୍ରମ, କଟକର ଜଗତପୁରରେ ଥିବା ପ୍ରଜ୍ଞାନ ମିଶନ ଆଶ୍ରମ ଏବଂ ଅନ୍ୟାନ୍ୟ ସ୍ଥାନରେ ସ୍ୱାସ୍ଥ୍ୟକେନ୍ଦ୍ର ମାନ ମଧ୍ୟ ପ୍ରତିଷ୍ଠା କରାଯାଇଛି । ପୁଣି ମାଗଣାଚକ୍ଷୁ ଅସ୍ତ୍ରୋପଚାର ଏବଂ ଚିକିତ୍ସା, ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ସାହାଯ୍ୟ କାର୍ଯ୍ୟମାନ ପ୍ରଜ୍ଞାନାନନ୍ଦ ବାବାଙ୍କ ଉଦ୍ୟମରେ ଓଡ଼ିଶାର ବିଭିନ୍ନ ଗ୍ରାମ ମାନଙ୍କରେ ଆୟୋଜନ କରାଯାଉଛି । ଯାହା ଜଣାଯାଏ – ପରମହଂସ ହରିହରାନନ୍ଦ ଦେହତ୍ୟାଗ କରିଥିଲେ ସୁଦ୍ଧା ତାଙ୍କର ଗୁରୁଶକ୍ତି ତଥାପି କ୍ରିୟାଶୀଳ ରହିଛି ପ୍ରଜ୍ଞାନାନନ୍ଦ ବାବାଙ୍କର ମାଧ୍ୟମରେ ।

# ଦୁର୍ଲ୍ଲଭ ମନୁଷ୍ୟ ଜନ୍ମ

ମନୁଷ୍ୟ ଜନ୍ମ ଅତ୍ୟନ୍ତ ଦୁର୍ଲଭ । ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ତାଙ୍କର 'ବିବେକ ଚୂଡ଼ାମଣି'ରେ ଲେଖିଛନ୍ତି–

''ଦୁର୍ଲଭଂ ତ୍ରୟମେ–ବୈତଦ୍ ଦୈବାନୁ ଗ୍ରହ ହେତୁକଂ
ମନୁଷ୍ୟତ୍ୱଂ ମୁମୁକ୍ଷ–ତ୍ୱଂ ମହାପୁରୁଷ ସଂଶ୍ରୟଃ ।।''

ଅର୍ଥାତ୍ – ମନୁଷ୍ୟର ଜନ୍ମ ଲାଭ, ମୁକ୍ତି ଲାଭ ପାଇଁ ତୀବ୍ର ଇଛା ଏବଂ ମହାପୁରୁଷ ବା ସଦ୍‌ଗୁରୁଙ୍କର ଆଶ୍ରୟ... ଏହି ତିନି ଗୋଟି ଅତ୍ୟନ୍ତ ଦୁର୍ଲଭ, କେବଳ ଈଶ୍ୱରଙ୍କର ଅନୁଗ୍ରହ ହେଲେ ଏହା ସମ୍ଭବ ।

ମନୁଷ୍ୟ ଶରୀର ଧାରଣ କରି ଜନ୍ମହେବା ପୂର୍ବରୁ ଜୀବକୁ ଚଉରାଶୀ ଲକ୍ଷ ଜୀବଗର୍ଭରେ ଜନ୍ମଗ୍ରହଣ କରିବାକୁ ପଡ଼ିଥାଏ । ସ୍ଥାବର ଅର୍ଥାତ୍ ଗଛଲତା, ଗୁଳ୍ମ ଆଦି ଭାବରେ କୋଡ଼ିଏ ଲକ୍ଷ ଜନ୍ମ, ମତ୍ସ୍ୟାଦି ଜଳଜୀବ ଶରୀରରେ ନଅଲକ୍ଷଥର ଜନ୍ମ ଗ୍ରହଣ କରିବାକୁ ପଡ଼ିଥାଏ । ଏଗାରଲକ୍ଷ ଜନ୍ମ କୀଟ ପତଙ୍ଗ ରୂପରେ, ଦଶଲକ୍ଷ ଜନ୍ମ ପକ୍ଷୀ ରୂପରେ, ତିରିଶିଲକ୍ଷ ଜନ୍ମ ପଶୁରୂପରେ ଏବଂ ଚାରିଲକ୍ଷ ଜନ୍ମ ବାନର ହୋଇ ଜନ୍ମଗ୍ରହଣ କରିବାକୁ ପଡ଼େ ।

ଜୀବ ଏହିପରି ବିଭିନ୍ନ ଶରୀର ଧାରଣ କରି ପରିଶେଷରେ ଯେତେବେଳେ ମନୁଷ୍ୟ ଶରୀର ଧାରଣ କରେ ସେତେବେଳ ତାକୁ ମୋକ୍ଷ ପ୍ରାପ୍ତି ପାଇଁ ସାଧନା କରିବା ସୁଯୋଗ ମିଳିଥାଏ । ମନୁଷ୍ୟ ଶରୀର ଛଡ଼ା ଅନ୍ୟ କୌଣସି ଜୀବ ଶରୀର ସାଧନ ଉପଯୋଗୀ ଶରୀର ନୁହେଁ, କେବଳ ମନୁଷ୍ୟ ଦେହ ଧରି ଜନ୍ମ ହେବା ଯଥେଷ୍ଟ ନୁହେଁ, ମୋକ୍ଷ ପ୍ରାପ୍ତି ପାଇଁ ମନୁଷ୍ୟର ବଳବତୀ ଇଛା ଏବଂ ତତ୍‌ସହିତ ନିଷ୍ଠା ଓ ଭକ୍ତିର ସହ କଠୋର ସାଧନା ହେଉଛି 'ମୁମୁକ୍ଷତ୍ୱଂ' ଯାହାକି ଈଶ୍ୱର ଅନୁଗ୍ରହ ସାପେକ୍ଷ । ଏହିଭଳି ବଳବତୀ ଇଛା ଏବଂ କଷ୍ଟକର ସାଧନାରେ ଯେବେ ମନୁଷ୍ୟ

ଲାଗିପଡ଼େ, ସେତେବେଳେ ଈଶ୍ୱର କୃପାରେ ତାକୁ ସଦ୍‌ଗୁରୁଙ୍କର ଆଶ୍ରୟ ମିଳିଥାଏ ଏବଂ ଗୁରୁଙ୍କର ଉପଦେଶ ପ୍ରାପ୍ତହୋଇ ସାଧନା କରୁ କରୁ ସିଦ୍ଧିଲାଭ କରେ । ତାର ମୁକ୍ତି ହୁଏ, ପୁନର୍ବାର ଆଉ ସଂସାରରେ ତାକୁ ଜନ୍ମହେବାକୁ ପଡ଼େ ନାହିଁ ।

ପରମହଂସ ହରିହରାନନ୍ଦ ତାଙ୍କ ଶିଷ୍ୟ ମାନଙ୍କୁ ବୁଝାଇ କହୁଥିଲେ ଯେ କ୍ରିୟାଯୋଗ ସାଧନା ଏକ ବୈଜ୍ଞାନିକ ସାଧନା । ଏହାଦ୍ୱାରା ମନୁଷ୍ୟର ବିବର୍ତ୍ତନ ତ୍ୱରାନ୍ୱିତ କରାଯାଇପାରେ । ଏହି ସାଧନ କୌଶଳ ଦ୍ୱାରା ଶ୍ୱାସ ପ୍ରଶ୍ୱାସର ବେଗ ନିୟନ୍ତ୍ରଣ କରାଯାଇ ଉଚ୍ଚତର ଆଧ୍ୟାତ୍ମିକ ଉପଲବ୍ଧ ହୋଇଥାଏ । ମେରୁଦଣ୍ଡର ଷଟ୍‌ଚକ୍ର ଯଥା ମୂଳାଧାର, ସ୍ୱାଧିଷ୍ଠାନ, ମଣିପୁର, ଅନାହତ, ବିଶୁଦ୍ଧ ଏବଂ ଆଜ୍ଞାଚକ୍ର ମଧ୍ୟରେ ପ୍ରାଣ ଶକ୍ତି ବା ନିଃଶ୍ୱାସ ପ୍ରଶ୍ୱାସକୁ ମୂଳାଧାରରୁ ଆଜ୍ଞାଚକ୍ରକୁ ଆରୋହଣ କରାଇ ବା ଉଠାଇ ପୁଣି ଆଜ୍ଞାଚକ୍ରରୁ ମୂଳାଧାରାକୁ ଅବରୋହଣ କରାଇବାକୁ ହୁଏ । ଏହାକୁ କ୍ରିୟା କହନ୍ତି । ଏହିପରି ଗୋଟିଏ କ୍ରିୟା କଲେ ଏକବର୍ଷର ବିବର୍ତ୍ତନ ପ୍ରକ୍ରିୟା ଏକ ମିନିଟ୍ ବା ଅଧମିନିଟ୍‌ରେ ସଂପୂର୍ଣ୍ଣ ହୋଇଥାଏ । ଦିନକୁ ଆଠ ଘଣ୍ଟା କ୍ରିୟା ଅଭ୍ୟାସ କଲେ ବର୍ଷକୁ ଏକହଜାର ବର୍ଷର ସ୍ୱାଭାବିକ ବିବର୍ତ୍ତନ ଫଳ ଲାଭ ହୁଏ ।

ଏହିପରି ସାଧନା ଗୋଟିଏ ଜନ୍ମରେ ଶେଷ ହୁଏ ନାହିଁ । ଜନ୍ମଜନ୍ମ ଧରି ସାଧନ କରିବାକୁ ପଡ଼ିଥାଏ । ଗୋଟିଏ ଜନ୍ମରେ ମଧ୍ୟ ସାଧକର ସିଦ୍ଧିଲାଭ ହୋଇପାରେ, ଯାହାକି ତାହାର ସାଧନାର ତୀବ୍ରତା ଉପରେ ନିର୍ଭର କରେ । ଭଗବଦ୍‌ଗୀତାର ୬ଷ୍ଠ ଅଧ୍ୟାୟ ୪୫ ଶ୍ଳୋକରେ ଅଛି :

"ପ୍ରଯତ୍ନାତ୍ ଯତମାନସ୍ତୁ ଯୋଗୀ ସଂଶୁଦ୍ଧ କିଲ୍‌ବିଷଃ ।"
ଅନେକ ଜନ୍ମ ସଂସିଦ୍ଧିଃ ତତୋଯାତି ପରାଂ ଗତିଂ ।।

ଯେଉଁ ଯୋଗୀ ବା ସାଧକ ଅନେକ ଦିନ ଧରି ନିଷ୍ଠାର ସହ ଅଧିକ ସାଧନା ଅନେକ ଜନ୍ମ ଧରି କରୁଥାଏ ସେ ପରିଶୁଦ୍ଧ ଏବଂ ନିଷ୍ପାପ ହୋଇ ଶେଷରେ ପରମ ଗତି ପ୍ରାପ୍ତ ହୁଏ । ଏହି ଶ୍ଳୋକର ତାତ୍ତ୍ୱିକ ବ୍ୟାଖ୍ୟା କରି ପରମହଂସ ହରିହରାନନ୍ଦ କହିଛନ୍ତି ଯେ ସାଧାରଣ ମନୁଷ୍ୟ ମିନିଟକୁ ୧୮ ବା ୨୦ ଥର ନିଃଶ୍ୱାସ ନିଏ ଏବଂ ଛାଡ଼େ । ନିଃଶ୍ୱାସ ନେବା ହେଉଛି ଜନ୍ମ ଏବଂ ଛାଡ଼ିବା ହେଉଛି ମୃତ୍ୟୁ । ଏହିପରି ପ୍ରତି ମିନିଟ୍‌ରେ ତାର ୧୮ ବା ୨୦ ଥର ଜନ୍ମ ଏବଂ ମୃତ୍ୟୁ ହୋଇଥାଏ । ବାବାଜୀ ମହାଶୟ, ଲାହିଡ଼ି ବାବା ଏବଂ ଯୁକ୍ତେଶ୍ୱରଜୀ କହିଛନ୍ତି ଯଦି ଦିନକୁ ୧୭୨୮ ଥର କେହି ସାଧକ ଶ୍ୱାସପ୍ରଶ୍ୱାସ କର୍ମ ବା କ୍ରିୟାକରେ ତାହା ହେଲେ ସେ ଦଶବର୍ଷ ପରେ ସିଦ୍ଧ ହୋଇଯାଏ ବା ମୁକ୍ତି ପାଇଥାଏ ।

# ହୀନ ଭିକ୍ଷା

ଦୁର୍ଲ୍ଲଭ ମନୁଷ୍ୟ ଜନ୍ମ ପାଇ ସୁଦ୍ଧା ମନୁଷ୍ୟ ତାର ସଦ୍‌ବ୍ୟବହାର ନକରି ନିଜର ଘୋର କ୍ଷତିକରି ଚାଲିଛି ଅହରହ । ସେ ସମ୍ପର୍କରେ ପରମହଂସ ହରିହରାନନ୍ଦ ସୁନ୍ଦର ବଙ୍ଗଳା ଗୀତ ଟିଏ ଗାଆନ୍ତି –

"ହୀନ ଭିକ୍ଷାୟେ ଦିନ୍ କେଟେ ଯାୟ
ତୋମାରେ ଥାକିତେ ଭୁଲି ।
ଦିବସେର ଶେଷେ ଘରେ ଦେଖେ ଏ ସେ
ଧୂଲିତେ ଭୋରେଛେ ଝୁଲି ।।"

ଅର୍ଥାତ୍ ହେ ପ୍ରଭୁ ମୁଁ ସାରାଦିନ ହୀନଭୀକ୍ଷା ମାଗିବାରେ ଲାଗିରହି ତୁମକୁ ଭୁଲିଯାଇଛି । ଦିବସ ଶେଷରେ ଘରକୁ ଆସି ଦେଖେ ଯେ ଝୁଲିରେ ଖାଲି ଧୂଳି ଭରି ରହିଛି ।

ହୀନ ଭିକ୍ଷାର ଅର୍ଥ ହେଉଛି ଅସାର ଭିକ୍ଷା । ଭିକ୍ଷା ତ ଭିକ୍ଷା, ଏଥିରେ ସାର କଣ ଅସାର କଣ ? ଭିକ୍ଷା ଅତି ହୀନ କାମ । ନୀତି ବାକ୍ୟ ହେଲା –

"ବାଣିଜ୍ୟେ ବସତେ ଲକ୍ଷ୍ମୀଃ,
ତଦର୍ଦ୍ଧଂ କୃଷିକର୍ମଣି,
ତଦର୍ଦ୍ଧଂ ରାଜ ସେବୟା
ଭିକ୍ଷା ନୈବଚ ନୈବଚ"

ଦରିଦ୍ରର ତ ସବୁବେଳେ ଧନ ଅଭାବ । ସେ ଭିକ୍ଷା ମାଗିବା ସ୍ୱାଭାବିକ । କିନ୍ତୁ ଧନୀ ମଧ୍ୟ ଭିକ୍ଷା ମାଗେ । ଧନୀ ଠାକୁରଙ୍କୁ ତାର ଧନ ସମ୍ପତ୍ତି ଆହୁରି ଆହୁରି ବୃଦ୍ଧି କରିବାକୁ ପ୍ରାର୍ଥନା କରେ । ସଂସାରୀ ଲୋକ, ପ୍ରାୟ ସମସ୍ତଙ୍କର ଠାକୁରଙ୍କ ପାଖରେ କିଛିନା କିଛି ମାଗୁଣି ଥାଏ । ସମସ୍ତେ ଚାହାନ୍ତି ସାଂସାରିକ ବିଷୟ ସୁଖ, ଭୋଗ କରିବାକୁ, ନିରୋଗ ରହିବାକୁ, ଯଶ, ପ୍ରତିଷ୍ଠା ସମ୍ମାନ ଇତ୍ୟାଦି ଲାଭ କରିବାକୁ । ଠାକୁରଙ୍କୁ ଏହିଭଳି ଭିକ୍ଷା ମାଗିବା ନିତାନ୍ତ ଅସାର । ଏସବୁ କଣ ମଲାବେଳେ ସାଙ୍ଗରେ ଯିବେ ?

ମନବୋଧ ଚଉତିଶାରେ ଅଛି –

"ଗଲେଣି ତୋ ସଙ୍ଗରୁ ଯେତେକ ଜନ
ଗଣ୍ଠିରେ ବାନ୍ଧିନେଲେ କେ କେତେ ଧନ ?

ଗୁରୁ ଗୋବିନ୍ଦ ନାମ ତୁଣ୍ଡେ ନ ବୋଲୁ ।
ଗାଢ଼େ ମଜିଣ ନିତ୍ୟ ଧନ ଅର୍ଜିଲୁ ।''

ପ୍ରଭୁହେ ! ମୁଁ ସବୁବେଳେ ଗୁରୁଙ୍କର ନାମ, ଗୋବିନ୍ଦଙ୍କର ନାମ, କୀର୍ତ୍ତନ କରିବାରେ ଲାଗି ରହିଥିବି । ଏହାହିଁ ତୁମ ପାଖରେ ମୋର ମାଗୁଣି । ମୋତେ ତୁମଠାରେ ଦୃଢ଼ ଭକ୍ତି ଦିଅ, ଶାନ୍ତିଦିଅ, ମୁକ୍ତିଦିଅ । ଏହା ହେଉଛି ସାର ଭିକ୍ଷା ।

ଦୁର୍ଗା ସପ୍ତଶତୀ (ଶ୍ରୀ ଚଣ୍ଡି) ପାଠ ପୂର୍ବରୁ ପ୍ରଥମରେ ଅର୍ଗଳ ସ୍ତୋତ୍ର ପାଠ କରାଯାଏ, ଏହି ଅର୍ଗଳ ସ୍ତୋତ୍ର ପାଠ କଲେ ପାଠକର ମନରେ ବାହ୍ୟ ସାଂସାରିକ ବିଷୟ ସମୂହ ମନ ଭିତରେ ପ୍ରବେଶ କରି ପାରନ୍ତି ନାହିଁ । ମା ଭଗବତୀଙ୍କ ପ୍ରତି ଗଭୀର ଭକ୍ତି ଉଦ୍ରେକ ହୋଇଥାଏ । ଚିତ୍ତବୃତ୍ତି ସମୂହ ମାତୃମୁଖୀ ହୋଇଯାଏ । ଏହି ଅର୍ଗଳ ସ୍ତୋତ୍ରର ୩୦ଟି ମନ୍ତ୍ରରୁ ୨୫ଟି ମନ୍ତ୍ର ପ୍ରତ୍ୟେକର ଶେଷାର୍ଦ୍ଧ ହେଉଛି – ରୂପଂ ଦେହି, ଜୟଂଦେହି, ଯଶୋ, ଦେହି, ଦ୍ୱିଷୋ ଜହି । ଅର୍ଥାତ୍ – ମା'ଗୋ, ମୋତେ ରୂପ ଦିଅ, ଜୟ ଦିଅ, ଯଶ ଦିଅ, ମୋର ଶତ୍ରୁଙ୍କୁ ବିନାଶ କର । ମା, ମୋ ଦେହରେ ପାପର କାଳିମା ବୋଳି ହୋଇ ରହିଛି । ''କଳୁଷ ପଙ୍କେ ମୁହିଁ କେଡ଼େ ମଳିନ । କେମନ୍ତେ ସରି ତୋର ହେବି ନଳୀନ । '' (ଭକ୍ତକବି ମଧୁସୂଦନ) ମୋ ଦେହ ମଳିନ ହୋଇରହିଛି । ଅଜ୍ଞାନ ଅନ୍ଧକାର ଯୋଗୁଁ ମୋର ଦୃଷ୍ଟିଶକ୍ତି ଲୋପ ପାଇଛି । ମୁଁ ଅତ୍ୟନ୍ତ କୁରୂପ ହୋଇ ପଡ଼ିଛି । ନିଜର ଅସଲ ସ୍ୱରୂପ ମୁଁ ଭୁଲିଯାଇଚି । ମା! ମୋର ସମସ୍ତ କଳୁଷ ଧୋଇ ମତେ ରୂପବାନ କରି ଦିଅ, ଦିବ୍ୟ ଚକ୍ଷୁ ଦାନ କର । ମୁଁ ତୁମ୍ଭର ସନ୍ତାନ , ମୁଁ ସବୁବେଳେ ସୁନ୍ଦର, ରୂପବାନ । ଏହି ଦିବ୍ୟଜ୍ଞାନ ମତେ ଦିଅ । ଜୟଂ ଦେହି–ମୋର ଶରୀରର ଦୁର୍ଜ୍ଜୟ ଇନ୍ଦ୍ରିୟ ମାନେ ମୋତେ ବଡ଼ କଲବଲ କରି ମାରୁଛନ୍ତି । ମୁଁ ଊର୍ଦ୍ଧ୍ୱ ଦିଗକୁ, ତୁମ ଆଡ଼କୁ ଉଠିବାକୁ ଚେଷ୍ଟା କରିବା ବେଳକୁ ଏହି ଦୁଷ୍ଟ ଇନ୍ଦ୍ରିୟମାନେ ମୋ ଗୋଡ଼ଧରି ତଳକୁ ଟାଣି ନେଉଛନ୍ତି । ଏମାନେ ବହିଃ ପ୍ରସାରିଣୀ ଶକ୍ତି, କୌରବ ପକ୍ଷ, ମହା ଦୁର୍ଦ୍ଦାନ୍ତ । ଏମାନଙ୍କ ସହିତ ଯୁଦ୍ଧରେ ମୁଁ ପାରୁନାହିଁ ମା । ଏହି ମାନଙ୍କ ଉପରେ ମୋର ବିଜୟ ହେଉ, ଏହି ବରଦିଅ । ମୋତେ ଜୟଯୁକ୍ତ କରାଇଦିଅ ।''

ଯଶୋଦେହି – ''ମା! ମତେ ଯଶ ଦିଅ । ସଂସାର ଲୋକମାନେ ଯେଉଁ ଯଶ ପ୍ରତିଷ୍ଠା, ଗୌରବ ଚାହାନ୍ତି ସେସବୁ ମୋର ଲୋଡ଼ାନାହିଁ । ପ୍ରତିଷ୍ଠା ହେଉଛି ଶୂକରୀ ବିଷ୍ଠା । ମା', ମୁଁ ଯେ ତୁମ୍ଭର ଯୋଗ୍ୟ ସନ୍ତାନ ଏହି ଯଶ, ଏହି ଗୌରବ ମୋତେ ପ୍ରାପ୍ତ ହେଉ ।''

ଦ୍ୱିଷୋଇହି – ''କାମ କ୍ରୋଧାଦି ଷଟ୍ ରିପୁଗଣ ମହାଭୟଙ୍କର । ବିଶେଷକରି କାମ ଏବଂ କ୍ରୋଧ ଅତ୍ୟନ୍ତ ବିପଦଜନକ, ଦୁର୍ଦ୍ଦମନୀୟ ଶତ୍ରୁ । ଏମାନେ ପ୍ରତି ମୁହୂର୍ତ୍ତରେ ମତେ ବିପଥ-ଗାମୀ କରିବାରେ ଲାଗିଛନ୍ତି । ମାଁ ଏମାନଙ୍କୁ ଶେଷ କରିଦିଅ । ଏମାନେ ଦ୍ୱେଷକାରୀ ଶତ୍ରୁ ।

ଆମ୍ଭେମାନେ ସମସ୍ତେ ଈଶ୍ୱରଙ୍କର ଅତିପ୍ରିୟ ସନ୍ତାନ । ଆମେ ଯାହା ମାଗିବୁ ସେ ନିଶ୍ଚୟ ତାହା ଦେବେ, କେବେ ନିରାଶ କରିବେ ନାହିଁ । ତେବେ ଯେଉଁ ବସ୍ତୁ ସାର, ଯାହାର ପ୍ରାପ୍ତିରେ ଆଉ ଅଧିକା କିଛି ମାଗିବା ପାଇଁ ବାକି ନଥାଏ, ସେହିଭଳି ବସ୍ତୁ ନ ମାଗି, କେବଳ ଅସାର ବସ୍ତୁ ଯଥା, ଧନ, ସମ୍ପତ୍ତି, ଉଚ୍ଚ ପଦପଦବୀ, ଯଶ, ପ୍ରତିଷ୍ଠା ଅସାର କାମନା ବାସନା ସବୁ ମନ ଭିତରେ ଭର୍ତ୍ତି କରି ରଖି ଜୀବନ ସାରା ଘାଣ୍ଟି ହୋଇ ମରୁଛୁ, ସେସବୁ ମାଗୁଛୁ । ବିଷୟ ଭୋଗ କାମନା ବାସନା ସବୁ ଏପରି ଉତ୍କଟ ନିଶା ଯେ ଯେତେ ଭୋଗ କଲେ ମଧ୍ୟ ତୃପ୍ତି ନାହିଁ । ଏହି ଅତୃପ୍ତ ବାସନା ସବୁ ମନୁଷ୍ୟର ଜନ୍ମ ଜନ୍ମ ଧରି ସାଙ୍ଗେ ସାଙ୍ଗେ ଲାଗିରହିଥାଏ । ଫଳରେ ତାକୁ ବାର ବାର ଜନ୍ମ ନେବାକୁ ପଡ଼େ ସେ ସବୁ କାମନା ତୃପ୍ତି ପାଇଁ ।

ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁର ଗାଇଛନ୍ତି –

ଯିନି ମହାରାଜା<br>
ବିଶ୍ୱଯା'ର ପ୍ରଜା<br>
ଜାନନାରେ ମନ ଆମି ପୁତ୍ର ତାର<br>
ପିତାର ଧନେ ଆମାର ପୂର୍ଣ୍ଣ ଅଧିକାର ।।

ଆମ୍ଭେମାନେ ବିଶ୍ୱସମ୍ରାଟ ପରମେଶ୍ୱରଙ୍କର ସନ୍ତାନ । ପିତାଙ୍କ ସମ୍ପତ୍ତିରେ ଆମର ଜନ୍ମଗତ ଅଧିକାର ଅଛି । ଏହି ଜ୍ଞାନ ନ ହେଲା ପର୍ଯ୍ୟନ୍ତ ଆମ୍ଭେମାନେ ବିଶ୍ୱ ପିତାଙ୍କ ଦରବାରରେ ତାଙ୍କ ଆଗରେ ଛିଡ଼ା ହୋଇ ମାଗିଚାଲିଛୁ, ବାବା ! ମୁଠାଏ ଭିକ ଦିଅ । ଯିଏ ଆମକୁ ଧର୍ମ, ଅର୍ଥ, କାମ ମୋକ୍ଷ ସବୁ ଦେଇପାରନ୍ତି, ତାଙ୍କ ପାଖରେ ଧନ ଦିଅ, ମାନ ଦିଅ ଭଳି ହୀନ ଭିକ୍ଷା ମାଗିବା ଘୋର ଅଜ୍ଞତାର ପରିଚାୟକ ଏବଂ ଅତ୍ୟନ୍ତ ହାସ୍ୟାସ୍ପଦ ।

ଆମର ଜନ୍ମ ଆତ୍ମଉପଲବ୍ଧି ପାଇଁ । ମୁଁ କିଏ ? ଏହି ଅନ୍ୱେଷଣର ପରିସମାପ୍ତି ହେବା ଯାଏଁ କଠୋର ସାଧନା ଆବଶ୍ୟକ ।

# ବ୍ରହ୍ମ ସଦ୍‌ଭାବ

ଯେଉଁ ସାଧନା ସର୍ବୋତ୍ତମ ଏବଂ ଆଶୁ ଫଳପ୍ରଦ ତାହା ହେଉଛି -

"ଉତ୍ତମୋ ବ୍ରହ୍ମସଦ୍‌ଭାବଃ, ଧ୍ୟାନ ଭାବସ୍ତୁ ମଧ୍ୟମଃ ।

ସ୍ତୁତିର୍ଜପୋଽଧମୋ ଭାବଃ, ବହିଃପୂଜା ଅଧମାଧମଃ ।"

ଅର୍ଥାତ୍ ବ୍ରହ୍ମରେ ଅବସ୍ଥାନ କରିବା ବା ସର୍ବସମୟରେ ବ୍ରହ୍ମ ଭାବରେ ମଜ୍ଜିରହିବା ହେଉଛି ସର୍ବୋତ୍ତମ ଭାବ । ଧ୍ୟାନଭାବ ହେଉଛି ମଧ୍ୟମ । ସ୍ତୁତି ଜପ ଆଦି ଅଧମ ଭାବ ଏବଂ ବାହ୍ୟପୂଜା ବା ସ୍ଥୂଳପୂଜା ହେଉଛି ଅତି ଅଧମ ।

ଯୋଗାବତାର ଶ୍ରୀ ଶ୍ୟାମାଚରଣ ଲାହିଡ଼ି ମହାଶୟ କହନ୍ତି, "ବ୍ରହ୍ମଜ୍ଞ ପୁରୁଷମାନଙ୍କର ବାହ୍ୟପୂଜାର ପ୍ରୟୋଜନ ହୁଏ ନାହିଁ । କିନ୍ତୁ ଅନ୍ୟମାନେ ଦେବ-ଦେବୀମାନଙ୍କର ପୂଜା, ଆରତୀ, ସ୍ତୁତି ଜପ ଆଦି ବାହ୍ୟକର୍ମ କରିବାକୁ ସେ କେବେ ମନା କରି ନାହାନ୍ତି । ଦେବଦେବୀଙ୍କର ସାକାର ପୂଜା ବା ସ୍ଥୂଳ ପୂଜା ଅବଶ୍ୟ କରଣୀୟ । ସାକାର ପୂଜା କରୁ କରୁ ଈଶ୍ୱରଙ୍କ ପ୍ରତି ଭକ୍ତି, ଶ୍ରଦ୍ଧାର ଉତ୍କର୍ଷ ହୁଏ ଏବଂ ସମୟାନୁସାରେ ଯେତେବେଳେ ଆତ୍ମସାଧନା ପ୍ରାପ୍ତ ହେବ, ସେତେବେଳେ ସେମାନେ ବାହ୍ୟ ପୂଜା ନକଲେ ମଧ୍ୟ ଚଳିବ । ସକଳଦେବ ପ୍ରତିମା ପ୍ରାଣରୂପୀ ଈଶ୍ୱରଙ୍କର ପ୍ରତୀକ । ଋଷିମାନେ ଧ୍ୟାନ ମାଧ୍ୟମରେ ଯେଉଁ ସବୁ ରୂପ ଦର୍ଶନ କରି ଅଛନ୍ତି ସେହି ସମସ୍ତ ରୂପ ଗୁଡ଼ିକୁ ହିଁ ପ୍ରତିମାକାରରେ ସ୍ଥାପନ କରି ସର୍ବସାଧାରଣରେ ଆକର୍ଷଣପୂର୍ବକ ପୂଜା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସାଧାରଣ ଲୋକେ ଆତ୍ମକର୍ମ ଜାଣନ୍ତି ନାହିଁ । ସେହି କାରଣରୁ ସେମାନେ ଅନ୍ତଃଚକ୍ଷୁରେ ଏହି ରୂପ ଗୁଡ଼ିକର ଦର୍ଶନ ଲାଭ କରିପାରନ୍ତି ନାହିଁ । ସବୁକିଛିର ଦୁଇଟି ଦିଗ ରହିଛି । ଗୋଟିଏ ବହିରଙ୍ଗ, ଅପରଟି ଅନ୍ତରଙ୍ଗ । ସାଧନା କ୍ଷେତ୍ରରେ ମଧ୍ୟ ଏହି ଦୁଇଟି ଅଛି । ମୂର୍ତ୍ତିପୂଜା, ତୀର୍ଥ ଭ୍ରମଣ, ବ୍ରତ, ଉପବାସ, ଗଙ୍ଗାସ୍ନାନ, ଜପ, ସଂକୀର୍ତ୍ତନ, ସ୍ତୁତି, ଅତିଥିସେବା, ଦରିଦ୍ରସେବା, ସାଧୁସେବା ଇତ୍ୟାଦି ସବୁ କିଛି ସାଧନାରେ ବହିରଙ୍ଗ ମାତ୍ର । ଏକମାତ୍ର ଆତ୍ମକର୍ମ ହିଁ ଅନ୍ତରଙ୍ଗ ସାଧନା । ଚାକିରୀ କ୍ଷେତ୍ରରେ ଯେଭଳି ଉନ୍ନତି ଅଛି, ସେହିଭଳି ଜୀବର ମଧ୍ୟ ଉନ୍ନତି ଅଛି । ଦୟାର୍ଦ୍ର, ହୃଦୟ ଋଷିମାନେ ବହିରଙ୍ଗ ସାଧନାର ପ୍ରଚଳନ ଏଥି ନିମନ୍ତେ ହିଁ କରିଛନ୍ତି, ଯେହେତୁ ସକଳ ଲୋକଙ୍କର ଅନ୍ତର୍ଲକ୍ଷ୍ୟ ନାହିଁ । ସବୁ ମନୁଷ୍ୟ ଈଶ୍ୱରଙ୍କୁ ପାଇବାପାଇଁ ଚାହାନ୍ତି ନାହିଁ । ସେମାନେ ଈଶ୍ୱରଙ୍କର ଐଶ୍ୱର୍ଯ୍ୟ

ପାଇଲେ ଖୁସି ହୁଅନ୍ତି । ଏହିଭଳି ଲୋକଙ୍କର ସଂଖ୍ୟା ଅଧିକ । ଏହି ମାନଙ୍କ ନିମନ୍ତେ ହିଁ ଋଷିମାନେ ବହିରଙ୍ଗ ସାଧନାର ପ୍ରଚଳନ କରି ଅଛନ୍ତି । ଏହିଭଳି ବହିରଙ୍ଗ ସାଧନା କରୁ କରୁ ଜନ୍ମାନ୍ତରରେ ଜୀବ ଶୁଦ୍ଧ ହୋଇ ପାରିବ ଏବଂ ସାଧନାର ଅନ୍ତରଙ୍ଗ ପ୍ରତି ଲକ୍ଷ୍ୟପାତ କରିବ । ସେତେବେଳେ ହିଁ ସେମାନେ ଅନ୍ତରଙ୍ଗ ସାଧନା ପାଇବାର ଯୋଗ୍ୟତା ଲାଭ କରିବେ ଏବଂ ସାଧନା କରି ଅନ୍ତରଙ୍ଗ ଆତ୍ମରାଜ୍ୟ ସ୍ଥାପନ କରିପାରିବେ ।

ପରମହଂସ ହରିହରାନନ୍ଦ ତାଙ୍କର ଲିଖିତ କ୍ରିୟାଯୋଗଭିତ୍ତିକ 'ଶ୍ରୀଭଗବଦ୍‌ଗୀତା'ର ୩ୟ ଅଧ୍ୟାୟ ୨୯ ଶ୍ଳୋକର ବ୍ୟାଖ୍ୟାରେ 'ଉତ୍ତମଃ ବ୍ରହ୍ମ ସଦ୍‌ଭାବଃ' କଣ, ତାହା ବୁଝାଇ ଲେଖିଛନ୍ତି ଯେ ଯେଉଁ ବ୍ୟକ୍ତି ନିଜର ଶରୀର ମଧ୍ୟସ୍ଥ 'ଭଗବତ ଶକ୍ତି'କୁ ମେରୁଦଣ୍ଡର ନିମ୍ନକେନ୍ଦ୍ର ମାନଙ୍କରୁ ସୁଷୁମ୍ନା ନାଡ଼ି ମଧ ଦେଇ ଉପରକୁ ଉଠାଇନେଇ ମସ୍ତକ ମଧ୍ୟସ୍ଥ ଉଚ୍ଚତମ କେନ୍ଦ୍ରରେ ଅବସ୍ଥାପିତ କରିପାରେ, ସେ ନିଜର ଦେହ, ମନ, ବୁଦ୍ଧି, ଅହଂକାର ଏବଂ ସାଂସାରିକ ବିଷୟ ବନ୍ଧନ ଆଦି ସମସ୍ତ ବାଧାରୁ ମୁକ୍ତ ହୋଇଯାଏ । ସେ ପରମେଶ୍ୱରଙ୍କ ସହିତ ମିଳିତ ହୋଇ ଏକାକାର ହୋଇଯାଏ । ସେ ନିଜର ଅସ୍ତିତ୍ୱ ଭୁଲିଯାଏ । ସେ ସଂସାର ଭିତରେ ନିଜର ପରିବାର ସହିତ ରହି ଯାହା କିଛି କରୁଛି ତାହା ସବୁ ପରମାତ୍ମା ହିଁ କରୁଛନ୍ତି, ସେ କେବଳ ନିମିତ୍ତ ମାତ୍ର ଏହି ମହାବୋଧରେ ସେ ମଜ୍ଜି ରହିଥାଏ । ପ୍ରାଣକର୍ମ କରୁ କରୁ ପ୍ରାଣବାୟୁ ଯେତେବେଳେ ସବୁ ସମୟରେ ମଥାରେ ଚଢ଼ି ରହେ, ସେତେବେଳେ ଯୋଗୀଙ୍କର ଦେହ ବୋଧ ରହେ ନାହିଁ, ସେତେବେଳେ ସେ ବ୍ରାହ୍ମୀ ସ୍ଥିତି ଲାଭକରି ଯୋଗାରୂଢ଼ ଅବସ୍ଥା ପ୍ରାପ୍ତ ହୋଇ ବ୍ରହ୍ମରେ ଯୁକ୍ତ ହୋଇ ରହନ୍ତି । ଏହା ହେଉଛି ବ୍ରହ୍ମ ସଦ୍‌ଭାବ ।

ମଧ୍ୟମ ଭାବ ଧ୍ୟାନ ଭାବ ବିଷୟରେ ସେ କହିଛନ୍ତି ଯେ ଯେଉଁମାନେ ଧ୍ୟାନ କରନ୍ତି ସେମାନେ ଧ୍ୟାନରେ ଦିବ୍ୟଧ୍ୱନି, ଦିବ୍ୟଜ୍ୟୋତି ଏବଂ ଦିବ୍ୟ ସ୍ପନ୍ଦନ ଅନୁଭବ କରୁଥିଲେ ମଧ୍ୟ ସବୁବେଳେ ଧ୍ୟାନମଗ୍ନ ରହିପାରନ୍ତି ନାହିଁ । ନିମ୍ନସ୍ଥ ଅନାହତ କେନ୍ଦ୍ର ପର୍ଯ୍ୟନ୍ତ ବେଳେ ବେଳେ ଖସିଆସନ୍ତି । ପୁଣି ଚେଷ୍ଟା କରି ଉପରକୁ ଉଠିଯାଆନ୍ତି । ଏହିପରି ତାଙ୍କର ମନର ଚଞ୍ଚଳତା ସମ୍ପୂର୍ଣ୍ଣ ରୂପେ ଦୂର ହୋଇନଥାଏ । ଏଣୁ ଏହା ମଧ୍ୟମ ଭାବ ।

ସ୍ତୁତି ଜପାଦିକୁ ଅଧମ ଭାବ ବୋଲି କହିବା ତାତ୍ପର୍ଯ୍ୟ ହେଉଛି ଯେ ଯେଉଁମାନେ ସ୍ତୁତି ଜପ କରି ଈଶ୍ୱର ଉପାସନା କରନ୍ତି, ସେମାନେ କେବଳ ଧର୍ମଶାସ୍ତ୍ର ପଠନ,

ଈଶ୍ୱରଙ୍କ ସ୍ତୁତିଗାନ, ପ୍ରାର୍ଥନା, ନାମ ଜପ, ନାମ କୀର୍ତ୍ତନ ପ୍ରଭୃତିକୁ ଗୁରୁତ୍ୱ ଦିଅନ୍ତି । ସେମାନଙ୍କର ସାଂସାରିକ ବିଷୟ ଭୋଗ ବାସନା ମନରେ ବଳବତ୍ତର ରହିଥାଏ । ମନ ଅସ୍ଥିର ରହିଥାଏ ସବୁବେଳେ । ସେମାନେ ଅବଶ୍ୟ ଧର୍ମପରାୟଣ ବ୍ୟକ୍ତି, କିନ୍ତୁ ଈଶ୍ୱର ପରାୟଣ ନୁହନ୍ତି । କେବଳ ବ୍ରହ୍ମସଦ୍‌ଭାବାପନ୍ନ ବ୍ୟକ୍ତି ହିଁ ଈଶ୍ୱର ପରାୟଣ ।

ଈଶ୍ୱରଙ୍କ ବାହ୍ୟ ପୂଜା ଅର୍ଥାତ୍ ଗନ୍ଧ, ପୁଷ୍ପ, ଧୂପଦୀପ ନୈବେଦ୍ୟ ଇତ୍ୟାଦି ଅର୍ପଣ କରି ଦେବତାଙ୍କର ପଞ୍ଚୋପଚାର ପୂଜା କରାଯାଏ । ଦଶହରା ସମୟରେ ଦୁର୍ଗାପୂଜା, ପରେ କାଳୀ ପୂଜା, ପୁଣି ଗଣେଶପୂଜା, ସରସ୍ୱତୀ ପୂଜା ଇତ୍ୟାଦି ଦେବୃ ଦେବୀମାନଙ୍କର ପୂଜା ପାର୍ବଣ ସମୟରେ ନାନାବିଧ ସାଜସଜ୍ଜା, ନୃତ୍ୟ ସଂଗୀତ ବାଜା ବାଜଣା ଇତ୍ୟାଦି ସହ ମହା ସମାରୋହରେ ଉତ୍ସବ ସବୁ ପାଳନ କରାଯାଏ । ଏଥିରେ ଗହଳି, କୋଳାହଳ ବାଦ୍ୟ ଧ୍ୱନି ଇତ୍ୟାଦି ବହୁତ ବେଶୀ, ଈଶ୍ୱର ଭକ୍ତି ଅତି କମ୍ । ସମସ୍ତଙ୍କର ମନ ବହିର୍ମୁଖୀ ରହିଥାଏ ଏହାଦ୍ୱାରା । ଏହିପରି ବାହ୍ୟ ପୂଜାରେ ମନ ଲଗେଇଥିବା ଲୋକଙ୍କର ଆଧ୍ୟାତ୍ମିକ ଉନ୍ନତି ଅସମ୍ଭବ । ଏଣୁ ଏହା ଅଧମାଧମ ଭାବ ।

ପରମହଂସ ହରିହରାନନ୍ଦ କହନ୍ତି–

"ଅନନ୍ତ ଶାସ୍ତ୍ରଂ ବହୁବେଦିତବ୍ୟଂ
ସ୍ୱଳ୍ପଂ ଆୟୁଃ ବହବଶ୍ଚ ବିଘ୍ନାଃ
ଯତ୍ ସାରଭୂତଂ ତଦୁପାସିତବ୍ୟଂ
ହଂସଃ ଯଥା କ୍ଷୀରମିବାମ୍ବୁ ମଧ୍ୟାତ୍ ।"

ଅସଂଖ୍ୟ ଶାସ୍ତ୍ରର ଭଣ୍ଡାର ରହିଛି । ଆମର ଆୟୁଷ ଅଳ୍ପ । ସେସବୁ ଅଧ୍ୟୟନ କରି ସାରିବା ଜୀବନ କାଳ ମଧ୍ୟରେ ଅସମ୍ଭବ, ପୁଣି ବହୁତ ବିଘ୍ନ । ଏଣୁ ସେ ମଧ୍ୟରେ ଯେଉଁ ଜ୍ଞାନ ତତ୍ତ୍ୱ ସାର ଏବଂ ଶୀଘ୍ର ଫଳଦାୟୀ ତାହାକୁ ହଂସଭଳି କ୍ଷୀରରେ ଥିବା ପାଣିକୁ ଅଲଗା କରି କେବଳ କ୍ଷୀର ଗ୍ରହଣ କରି, ଆମେ ଗୋଟିଏ ଜନ୍ମ ଭିତରେ ଦିବ୍ୟଜ୍ଞାନ ଲାଭ କରିବାକୁ ହେବ, ଆଧ୍ୟାତ୍ମିକ ଉପଲବ୍ଧି କରିବାକୁ ହେବ । ଶଗଡ଼ଗାଡ଼ି, ସାଇକେଲ, ମଟର ଗାଡ଼ିରେ ଯାତ୍ରା ବା ରେଳଯାତ୍ରା ହେଉଛି ଠାକୁରଙ୍କ ପାଖରେ ସ୍ତୁତି ଜପ ଆଦି କରି, ତାଙ୍କର ବାହ୍ୟ ପୂଜାଦି ଆଡ଼ମ୍ବର ପୂର୍ଣ୍ଣ ଭାବରେ ପୂଜା କରିବା ଭଳି । ଚରମସିଦ୍ଧି ଲାଭ ଏତଦ୍ୱାରା ଶୀଘ୍ର ହୋଇ ପାରିବା ସମ୍ଭବ ନୁହେଁ । ଏଣୁ ଆମକୁ ଲକ୍ଷ୍ୟ ଦିଗରେ ଆମର ଦିବ୍ୟ ପଥର ଯାତ୍ରା ତ୍ୱରାନ୍ୱିତ କରିବାକୁ ହେବ । ଏଣୁ

ଆମକୁ ଅତି ଦ୍ରୁତଗାମୀ ମହାକାଶଯାନରେ ଯାତ୍ରା କରିବାକୁ ହେବ । ଏଣୁ ଯେଉଁ ସହଜ ଓ ସରଳ ସାଧନା କଲେ ଆମେ ଏହି ଗୋଟିଏ ଜନ୍ମରେ ଲକ୍ଷ୍ୟସ୍ଥଳରେ ପହଞ୍ଚପାରିବା, ସେହି ସାଧନ କରିବାକୁ ହେବ । ସେହି ସାଧନା ହେଉଛି କ୍ରିୟା ଯୋଗସାଧନା ।

ପରମହଂସ ହରିହରାନନ୍ଦଙ୍କର ଇଷ୍ଟଦେବୀ ହେଉଛନ୍ତି ମା'କାଳୀ । ଶାସ୍ତ୍ରବର୍ଣ୍ଣିତ ଦେବୀଙ୍କର ପୂଜା ଇତ୍ୟାଦି ସେ ଜାଣିଥିଲେ । ସେ ବେଦ, ଉପନିଷଦ, ତନ୍ତ୍ର ସବୁପ୍ରକାର ଶାସ୍ତ୍ର ଉତ୍ତମରୂପେ ଅଧ୍ୟୟନ କରି ତାର ସାରତତ୍ତ୍ୱ ସବୁ ଗ୍ରହଣ କରିଥିଲେ । ସେ ମା'କାଳୀଙ୍କର ପରମଭକ୍ତ ଥିଲେ । ମା'କାଳୀ ସ୍ୱୟଂ ତାଙ୍କ ସମ୍ମୁଖରେ ଆବିର୍ଭୂତ ହୋଇ ତାଙ୍କୁ ଆଶୀର୍ବାଦ କରିଥିଲେ । ଏହା ୧୯୫୮ ମସିହା ସେପ୍‌ଟେମ୍ବର ମାସର ଘଟଣା । ସେତେବେଳେ ଶ୍ରୀ ହରିହରାନନ୍ଦ ପୁରୀ କଡ଼ାର ଆଶ୍ରମରେ ରହୁଥିଲେ । କିନ୍ତୁ ଶ୍ରୀ ହରିହରାନନ୍ଦ ତାଙ୍କର ଶିଷ୍ୟଭକ୍ତମାନଙ୍କୁ ମା'କାଳୀଙ୍କୁ କେବେ ପୂଜା ଆରାଧନା କରିବାକୁ ଦୀକ୍ଷା ଦେଇନାହାନ୍ତି । ଶ୍ରୀ ରାମକୃଷ୍ଣ ପରମହଂସ ଏବଂ ଶ୍ରୀ ବାମାକ୍ଷେପା ଯେପରି ତାଙ୍କର ଭକ୍ତମାନଙ୍କୁ କେବଳ ମା'କାଳୀ ଏବଂ ମା'ତାରାଙ୍କୁ ପୂଜା କରିବା ପାଇଁ କହିଥିଲେ । କ୍ରିୟାଯୋଗ ସାଧନା ପଦ୍ଧତିରେ କୌଣସି ନିର୍ଦ୍ଦିଷ୍ଟ ଦେବଦେବୀଙ୍କୁ କେବଳ ପୂଜା ଆରଧନା ପାଇଁ କୁହାଯାଏ ନାହିଁ । ଯେଉଁ ଦେବଦେବୀ ପ୍ରତି ଯାହାର ଭକ୍ତି ଏବଂ ଶ୍ରଦ୍ଧା ଅଛି ସେ ସେହି ମାନଙ୍କୁ ପୂଜା କରିବା ପାଇଁ କିଛି ମନା ନାହିଁ । ଶ୍ରୀରାମ, କୃଷ୍ଣ, ଶିବ, କାଳୀ, ତାରା ଯେଉଁ ଦେବ ଦେବୀଙ୍କୁ ଯିଏ ଯେଉଳି ଭାବେ ପୂଜା ଆରାଧନା କରୁଅଛନ୍ତି, ସେ ସେମିତି ଭାବେ କରୁଥିବେ । ତା ସହିତ କ୍ରିୟାଯୋଗ ପଦ୍ଧତି ପ୍ରକାରେ ଶ୍ୱାସପ୍ରଶ୍ୱାସ ନିୟନ୍ତ୍ରଣ ସାଧନା ମଧ୍ୟ କରିବେ । ସାଧନା ଦୃଢ଼ ହେଲେ, ଧ୍ୟାନ ଗଭୀର ହୁଏ, ଧ୍ୟାନର ଚରମ ଅବସ୍ଥା ନିର୍ବିକଳ୍ପ ସମାଧିର ସ୍ତର ପର୍ଯ୍ୟନ୍ତ ସାଧକ ଉଠିଯାଏ । ସେତେବେଳେ ଆଉ ଇଷ୍ଟମୂର୍ତ୍ତି ବା ଗୁରୁ କେହି ରହନ୍ତି ନାହିଁ । ମନ ବୁଦ୍ଧିର ଅତୀତ ଅତିମାନସ ସ୍ତରକୁ ସାଧକ ଉଠି ଯାଆନ୍ତି । ତାଙ୍କର ଦେହବୋଧ ମଧ୍ୟ ରହେ ନାହିଁ । କେବଳ ସେ ସର୍ବଦା 'ବ୍ରହ୍ମାନନ୍ଦଂ ପରମ ସୁଖଦଂ' ବୋଧରେ ବୁଡ଼ି ରହିଥାନ୍ତି ।

ପରମହଂସ ହରିହରାନନ୍ଦ ଆହୁରି କହିଛନ୍ତି ଯେ ତୁମେ ଯେଉଁ ଦେବତାଙ୍କୁ ପୂଜା କରୁଛ ତାହା ନିଜ ଇଚ୍ଛାନୁଯାୟୀ ବିଧିବଦ୍ଧ କରିପାର । ତେବେ ଦେବୀଙ୍କର ସ୍ତୋତ୍ର ପାଠ, ଜପ ହୋମ ଇତ୍ୟାଦି ତୁମେ କରୁଥିଲେ ସୁଦ୍ଧା ଧ୍ୟାନ ନିଶ୍ଚୟ କରିବା ଉଚିତ । ଧ୍ୟାନ ହେଉଛି ମୁଖ୍ୟ । ଧ୍ୟାନ ନିୟମିତ ରୂପେ ନିଷ୍ଠାର ସହ କରୁଥିଲେ, ତୁମେ

ସାଂସାରିକ ବିଷୟ ଭୋଗ ବାସନା, ତତ୍ ସମ୍ପର୍କୀୟ ଯାବତୀୟ କର୍ମ ସମୂହକୁ ପରିତ୍ୟାଗ କରି ଈଶ୍ବର ଚେତନାରେ ବୁଡ଼ିରହିପାରିବ । ପରମଶାନ୍ତି ଲାଭ କରିବ । କି' ଭଳି ଧ୍ୟାନ କଲେ ଏହି ଦିବ୍ୟ ଚେତନା ପ୍ରାପ୍ତ ସମ୍ଭବ ହୋଇପାରିବ ତାହା ଜଣେ ସିଦ୍ଧ ଗୁରୁଙ୍କ ସାନିଧ ଲାଭ କରି ଶିକ୍ଷାକରି ତାଙ୍କର ନିର୍ଦ୍ଦେଶ ଅନୁସାରେ ଧ୍ୟାନ କରିବ । ସେହି ସିଦ୍ଧଗୁରୁଙ୍କର କୃପାରେ ତୁମେ ଆଧାତ୍ମିକ ପଥରେ ଅଗ୍ରସର ହୋଇପାରିବ ଅକ୍ଲେଶରେ ।

କ୍ରିୟାଯୋଗ ସବୁ ଧର୍ମ ପାଇଁ ଉନ୍ମୁକ୍ତ । କ୍ରିୟାଯୋଗ ସାଧନାରେ ତୁମ୍ଭର ମନରେ ଶାନ୍ତି, ଆନନ୍ଦ ଓ ଈଶ୍ବର ଭକ୍ତି ଉତରୋତର ବୃଦ୍ଧି ହେବାରେ ଲାଗିବ ଏବଂ ତୁମ୍ଭେ ଜୀବନରେ ସଫଳତା ଲାଭ କରିପାରିବ । ଶାସ୍ତ୍ର କହେ

ଭିଦ୍ୟତେ ହୃଦୟ ଗ୍ରନ୍ଥିଃଛିଦ୍ୟନ୍ତେ ସର୍ବସଂଶୟାଃ
କ୍ଷିୟନ୍ତେ ଚାସ୍ୟ କର୍ମାଣି ଅସ୍ମିନ୍ ଦୃଷ୍ଟେ ପାରାବରେ ।।
(ମୁଣ୍ଡକୋପନିଷଦ୍)

କ୍ରିୟାଯୋଗ ସାଧନାଦ୍ବାରା ହୃଦୟଗ୍ରନ୍ଥି ଭେଦହେଲେ ଯୋଗୀର ସର୍ବସଂଶୟ ଛେଦନ ହୁଏ । ସେ ଏକମାତ୍ର ଆତ୍ମଦର୍ଶନରେ ତନ୍ମୟ ହୋଇ ରହୁଥିବାରୁ ତା'ର ଅଜ୍ଞାନତା ଦୂର ହୋଇଯାଏ । ତାଙ୍କର ସକଳ ପ୍ରକାର କର୍ମ କ୍ଷୟ ହୋଇଯାଏ ଅର୍ଥାତ୍ ସେତେବେଳେ ଆଉ କୌଣସି କର୍ମ ନଥାଏ । ସେ ପରାବସ୍ଥା ପ୍ରାପ୍ତ ହୋଇଥିବାରୁ ସେ କେବଳ ଆତ୍ମକୃଷ୍ଣଙ୍କ ଛଡ଼ା ଆଉ କିଛି ଦେଖନ୍ତି ନାହିଁ । ସେତେବେଳେ ଆଉ ବନ୍ଧନ ନାହିଁ ବା ମୋକ୍ଷ ନାହିଁ । ଦ୍ବୈତ ବୋଧ ନାହିଁ । ସେଠାରେ ପରାତ୍ପର ପରମାତ୍ମାଙ୍କ ସହ ସେ ମିଳିତ ହୋଇଯାଇଥିବା ଯୋଗୁଁ ତାଙ୍କର ଆଉ ସଂସାରକୁ ପୁନରାବର୍ତ୍ତନ ଘଟେ ନାହିଁ ।

ଯେତେଦିନ ପର୍ଯ୍ୟନ୍ତ ନିଜର ପଶୁବୃତ୍ତି ବଶୀଭୂତ ନହୋଇଛି ସେତେଦିନ ପର୍ଯ୍ୟନ୍ତ ଦେହ ମନ ପ୍ରାଣ ଓ ବୁଦ୍ଧି ମଧ୍ୟରେ ଯେ ଅଲୌକିକ ଶକ୍ତି ବିଦ୍ୟମାନ ଅଛି, ତାହାର ସନ୍ଧାନ ମନୁଷ୍ୟ ପାଏ ନାହିଁ ।

ପରମହଂସ ହରିହରାନନ୍ଦ ତାଙ୍କର କ୍ରିୟାଯୋଗ ତତ୍ତ୍ବ ସମ୍ବଳିତ ଭଗବଦ୍‌ଗୀତାର ତାତ୍ତ୍ବିକ ବ୍ୟାଖ୍ୟା ବହିର ୧ମ ଖଣ୍ଡର ମୁଖବନ୍ଧରେ କହିଛନ୍ତି, "ଜଣେ ଧର୍ମପରାୟଣ ହିନ୍ଦୁପରିବାରରେ ମୋର ଜନ୍ମ ହୋଇଥିବାରୁ ମୋର ଧାର୍ମିକ ସ୍ବଭାବ ରହିଥିଲା । ପିଲାଦିନରୁ ମୁଁ ଅତ୍ୟନ୍ତ ଭକ୍ତିର ସହ ହିନ୍ଦୁଧର୍ମର ପୂଜା ବିଧି ଅନୁଯାୟୀ ଦେବମନ୍ଦିର

ମାନଙ୍କରେ ଭକ୍ତିର ସହିତ ବହୁ ଦେବ ଦେବୀଙ୍କର ପୂଜା ଆରାଧନା କରୁଥିଲି ନିଷ୍ଠାର ସହ । କିନ୍ତୁ ଆଧ୍ୟାତ୍ମିକ ଉନ୍ନତିରେ ବିଶେଷ ଅଗ୍ରଗତି ହୋଇପାରିନଥିଲା । ମୋର ଯାହା ଈଶ୍ୱର ଅନୁଭୂତି ଏବଂ ଉଚ୍ଚତର ଆଧ୍ୟାତ୍ମିକ ଉନ୍ନତି ପରେ ପରେ ଘଟିଥିଲା ତାହା କେବଳ କ୍ରିୟାଯୋଗ ସାଧନ ଫଳରେ ।''

## ଆତ୍ମବୋଧରେ ଆତ୍ମହରା

ପୂର୍ବରୁ କୁହାଯାଇଛି ଯେ ସବୁଠାରୁ ଅତି ଉତ୍ତମଭାବେ ହେଉଛି 'ବ୍ରହ୍ମ ସଦ୍‌ଭାବ' । ଅର୍ଥାତ୍ ସର୍ବ ସମୟରେ ବ୍ରହ୍ମରେ ମଜ୍ଜିରହିବା ହେଉଛି ବ୍ରହ୍ମ ସଦ୍‌ଭାବ, ଯେଉଁ ସାଧକ ଏହି ପରି ମହାଭାବରେ ମଜ୍ଜିରହିଥାନ୍ତି, ତାଙ୍କୁ କୌଣସି ଦେବ ଦେବୀଙ୍କର ବାହ୍ୟ ପୂଜା ଇତ୍ୟାଦି କରିବା ଆବଶ୍ୟକ ପଡ଼େ ନାହିଁ । ଏ ସମ୍ପର୍କରେ ଯୋଗୀବର ଶ୍ରୀ ଶ୍ୟାମଚରଣ ଲାହିଡ଼ି ମହାଶୟ ନିଜର ଅନୁଭୂତି ଯାହା ବର୍ଣ୍ଣନା କହିଛନ୍ତି ତାହା ଅତ୍ୟନ୍ତ ଚମତ୍କାର । ଥରେ ଜଣେ ଭଦ୍ରବ୍ୟକ୍ତି ତାଙ୍କୁ ପ୍ରଶ୍ନକଲେ, ''ଆପଣ ତ ଘରର କୋଠରୀ ଭିତରେ ବହୁ ସମୟ ଧ୍ୟାନରେ ବସି ରହିଥାନ୍ତି । ଆପଣ କେଉଁ ଦେବତାଙ୍କ ଧ୍ୟାନ କରନ୍ତି ? ''

ଲାହିଡ଼ିବାବା କହିଲେ, ''ତା, ତ ଜାଣିନାହିଁ ।''

ପ୍ରଶ୍ନ – ''ଶିବ, କୃଷ୍ଣ, କାଳୀ କାହାର ତ ଧ୍ୟାନ କରୁଥିବେ ।''

ଉତ୍ତର – ''ଶିବ କୃଷ୍ଣ, କାଳୀ, ତୁମେ, ମୁଁ ଏବଂ ସମସ୍ତଙ୍କ ଭିତରେ ଯିଏ ଅଛନ୍ତି, ତାଙ୍କୁ ଧ୍ୟାନ କରେ ।''

– ''ଆପଣଙ୍କର କଥା ଠିକ୍ ବୁଝି ପାରିଲି ନାହିଁ ।''

– ''ମୁଁ ମଧ୍ୟ ଆପଣଙ୍କୁ ବୁଝାଇ ପାରିବି ନାହିଁ ।''

ସେହିଭଳି ଅଜ୍ଞାନ ତିମିରାନ୍ଧ ବ୍ୟକ୍ତିଙ୍କୁ ଜ୍ଞାନାଲୋକର ଦୀପ୍ତି ସମ୍ପର୍କରେ କିଛି କହିଲେ କଣ ସେ ବୁଝିବେ ?

ଶ୍ରୀ ଶ୍ରୀ ଲାଡ଼ିବାବା ବହୁତ ସମୟରେ ଗୋଟିଏ ଗୀତ ଗାଉଥିବାର ଶୁଣାଯାଏ ।

ଆମାର ପୂଜା ସୃଷ୍ଟି ଛାଡ଼ା<br>
ସେଥା ଗଙ୍ଗା ଜଲେର୍ ନେଇ କୋ ଛୋଡ଼ା<br>
ଆମାର ପୂଜା ସୃଷ୍ଟି ଛାଡ଼ା ।<br>
ଫୁଲ ଲାଗେନା ରାଶି ରାଶି

ଆମାର ହାରିୟେ ଗ୍ୟାଛେ କୋଶା କୁଶି
ଆମର ହାରିୟେ ଗ୍ୟାଛେ ଶିବ କାଳୀ ତାରା ।
ଆମି ଆତ୍ମାନିୟେ ଆତ୍ମହରା
ଆମାର ପୂଜା ସୃଷ୍ଟିଛାଡ଼ା
ଦେବ ଦେବୀ ସବ୍ ଗ୍ୟାଛି ଭୁଲି,
ଏଖନ୍ ଶୂନ୍ୟେର ସାଥେ କୋଲା କୋଲି ।।
ଯୁକ୍ତ ମୁକ୍ତ ତ୍ରିବେଣୀତେ ଏବାର ଆମି ଡୁବି ମରି ।
ହାରିୟେ ଯାଓୟା ଉଲ୍ଲାସେ ତାଇ
ନିଜେର ପୂଜା ନିଜେ କରି ।।

ଏହାର ଭାବାର୍ଥ ହେଉଛି – "ମୋର ପୂଜା ସୃଷ୍ଟି ଛଡ଼ା । ମୋର ପୂଜାରେ ଗଙ୍ଗା ଜଳ ଛିଞ୍ଚିବା ଦରକାର ପଡ଼େନା । ରାଶି ରାଶି ଫୁଲ ଅର୍ପଣ କରିବାକୁ ପଡ଼େନା । ମୁଁ ଶିବ, କାଳୀ ତାରା ଆଦି ଦେବ ଦେବୀଙ୍କୁ ଭୁଲିଯାଇଛି । ମୁଁ କେବଳ ଆତ୍ମବୋଧରେ ବିଭୋର ହୋଇ ରହିଛି । ଏଇ ମୋର ସୃଷ୍ଟି ଛଡ଼ା ପୂଜା । ଦେବ ଦେବୀ ସମସ୍ତଙ୍କୁ ମୁଁ ଭୁଲିଯାଇଛି । ମୋର କେବଳ ଶୂନ୍ୟଙ୍କର ସହିତ ଏବେ କୋଳାକୋଳି । ଯୁକ୍ତ ମୁକ୍ତ ତ୍ରିବେଣୀରେ ମୁଁ ଏବେ ବୁଡ଼ି ରହିଛି । ଶୂନ୍ୟଙ୍କ ଭିତରେ ନିଜେ ହଜି ଯାଇଥିବା ଉଲ୍ଲାସରେ ମୁଁ ନିଜର ପୂଜା, ନିଜେ କରୁଛି ।"

ତ୍ରିବେଣୀ କହିଲେ ସମସ୍ତେ ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀ ବୋଲି ବୁଝନ୍ତି । ଗଙ୍ଗା ଓ ଯମୁନା ନଦୀରେ ଜଳ ପ୍ରବାହ ରହିଛି । କିନ୍ତୁ ସରସ୍ୱତୀ ନଦୀ ଅଦୃଶ୍ୟ । ଏହାର ଗତିପଥ ରୁଦ୍ଧ, ଏଣୁ ଏଥିରେ ଜଳ ପ୍ରବାହ ନାହିଁ । ମନୁଷ୍ୟ ଶରୀର ଭିତରେ ତ୍ରିବେଣୀ ଅଛି । ମେରୁଦଣ୍ଡ ଭିତରେ ଥିବା ଇଡ଼ା, ପିଙ୍ଗଳା ଏବଂ ସୁଷମ୍ନା ନାଡ଼ି ତ୍ରୟକୁ ତ୍ରିବେଣୀ କୁହାଯାଏ । ଇଡ଼ା ଓ ପିଙ୍ଗଳା ନାଡ଼ିରେ ଶ୍ୱାସପ୍ରଶ୍ୱାସର ସ୍ୱାଭାବିକ ରୀତିରେ ଯିବା ଆସିବା ଚାଲିଛି । କିନ୍ତୁ ସୁଷୁମ୍ନା ନାଡ଼ି ଭିତରେ ଥିବା ବାୟୁ ଗତିପଥ ରୁଦ୍ଧଥିବାରୁ ଏହା ନିଷ୍କ୍ରିୟ ହୋଇ ରହିଛି । ସୁଷୁମ୍ନାର ନାଡ଼ି ମୂଳଧାର କେନ୍ଦ୍ରରୁ ଉର୍ଦ୍ଧ୍ୱ ଆଡ଼କୁ ମସ୍ତକସ୍ଥ ସହସ୍ର ଦଳ ପଦ୍ମ ଆଡ଼କୁ ଉଠିଆସିଛି । ମୂଳପଦ୍ମରେ ମହାଜ୍ୟୋତିର୍ମୟୀ କୁଣ୍ଡଳିନୀ ଶକ୍ତି ସୁପ୍ତ ଅବସ୍ଥାରେ ଅଛନ୍ତି । କ୍ରିୟାଯୋଗ ସାଧନା ଫଳରେ ଏହି କୁଣ୍ଡଳିନୀ ଜାଗ୍ରତ ହୋଇଉଠନ୍ତି ଏବଂ ଉର୍ଦ୍ଧ୍ୱରେ ସହସ୍ରାର ଚକ୍ରଦିଗକୁ ଉଠିଆସନ୍ତି ସୁଷୁମ୍ନା ନାଡ଼ିଭିତରେ ଶ୍ୱାସଗତି ରୋଧ କରୁଥିବା ଛଅ ଗୋଟି ଚକ୍ର ବା କେନ୍ଦ୍ର ଭେଦ କରି ।

ସେତେବେଳେ ସୁଷୁମ୍ନା ନାଡ଼ି ଭିତରେ ଥିବା ପଥ ଉନ୍ମୁକ୍ତ ହୋଇ ଶ୍ୱାସ ପ୍ରଶ୍ୱାସ ଯିବା ଆସିବା ସ୍ୱାଭାବିକ ହୁଏ ।

ଇଡ଼ା ଭଗବତୀ ଗଙ୍ଗା ପିଙ୍ଗଳା ଯମୁନା ନଦୀଃ
ଇଡ଼ା ପିଙ୍ଗଳାୟୋର୍ମଧ୍ୟେ ସୁଷୁମ୍ନାଚ ସରସ୍ୱତୀଃ ।
ତ୍ରିବେଣୀ ସଂଗମୋ ଯତ୍ର ତୀର୍ଥରାଜଃ ସଉଚ୍ୟତେ
ତତ୍ରସ୍ନାନଂ ପ୍ରକୁର୍ବୀତ ସର୍ବ ପାପୈଃ ପ୍ରମୁଚ୍ୟତେ ।।

ଇଡ଼ା ପିଙ୍ଗଳା ସୁଷୁମ୍ନା ଏହି ତିନିଗୋଟି ନାଡ଼ି ଯାଇ ଭ୍ରୂମଧ୍ୟସ୍ଥ ଆଜ୍ଞା ଚକ୍ରରେ ମିଳିତ ହୁଅନ୍ତି । ଏହି ମିଳନ ସ୍ଥଳକୁ ତ୍ରିବେଣୀ ସଂଗମ ତୀର୍ଥରାଜ ବୋଲି କହନ୍ତି । ଏଥିରେ ସ୍ନାନ କଲେ ସାଧକ ସର୍ବପାପରୁ ମୁକ୍ତ ହୁଏ । ଶ୍ରୀ ଲାହିଡ଼ୀ ବାବାଙ୍କ ଭାଷାରେ ଏହା ହେଉଛି ଯୁକ୍ତମୁକ୍ତ ତ୍ରିବେଣୀ । ''ତ୍ରିବେଣୀ ତେ ଆମି ବୁଡ଼ି ମରି'' ର ଅର୍ଥ ହେଉଛି -''ଦୁଇ 'ଭ୍ରୁ' ମଧ୍ୟରେ ମୁଁ ଗଭୀର ଧ୍ୟାନରେ ବୁଡ଼ିରହି ଦେହବୋଧ ହରାଇଛି ।''

କୁଣ୍ଡଳିନୀ ମହାଶକ୍ତି ସୁଷୁମ୍ନାନାଡ଼ି ମଧ୍ୟଦେଇ ଆଜ୍ଞାଚକ୍ର ପର୍ଯ୍ୟନ୍ତ ଉଠିଆସନ୍ତି । ସେଠାରୁ ତିନିଗୋଟି ନାଡ଼ି ମିଶିଯିବାର କେବଳ ଗୋଟିଏ ପଥ ହୋଇଯାଏ ଏବଂ ସେହି ପଥଦେଇ କୁଣ୍ଡଳିନୀ ଶକ୍ତି ମସ୍ତକସ୍ଥ ସହସ୍ରାରକୁ ଉଠିଆସନ୍ତି । ସେତେବେଳେ ଶ୍ୱାସ ପ୍ରଶ୍ୱାସ କେବଳ ସୁଷୁମ୍ନା ମଧ୍ୟ ଦେଇ ଯିବା ଆସିବା କରେ । ଇଡ଼ା ପିଙ୍ଗଳା ମଧ୍ୟ ଦେଇ ସ୍ୱାଭାବିକ ରୀତିରେ ଗତାଗତ କରୁଥିବା ଶ୍ୱାସ ପ୍ରଶ୍ୱାସ ବନ୍ଦ ହୋଇଯାଏ । ମହାଜ୍ୟୋତିର୍ମୟୀ କୁଣ୍ଡଳିନୀ ଶକ୍ତି ମସ୍ତକ ମଧ୍ୟସ୍ଥ ପରମାତ୍ମା ବା ପରଂବ୍ରହ୍ମଙ୍କ ସହ ମିଳିତ ହୁଅନ୍ତି । ଏହାକୁ ଜୀବାତ୍ମା ଏବଂ ପରମାତ୍ମାଙ୍କ ସହ ମିଳନ ବୋଲି କହନ୍ତି । ସେହି ମହାମିଳନ ଯୋଗେ ସାଧକ ଯେ କି ଭଳି ଅପୂର୍ବ ଆନନ୍ଦରେ ବିଭୋର ହୋଇଉଠେ । ତାହା ଭାଷା ଦେଇ ବୁଝେଇ ହେବ ନାହିଁ । ସେଥିପାଇଁ ଶ୍ରୀ ଲାହିଡ଼ିବାବା କହିଛନ୍ତି ''ଆମି ଆତ୍ମାନିୟେ ଆତ୍ମହରା'' । ପୁଣି କହିଛନ୍ତି, ''ଏଖନ ଶୂନ୍ୟେର ସାଥେ କୋଲା କୋଲି ।'' କୋଳାକୋଳିର ଅର୍ଥ ପରସ୍ପରକୁ କୁଣ୍ଢାଇ ଧରିବା । ବ୍ରହ୍ମ ହେଉଛନ୍ତି ନିରାକାର ବା ଶୂନ୍ୟ, ତାଙ୍କର ଦେହ ନାହିଁ । ଦେହ ଯାହାର ନାହିଁ କୋଳାକୋଳି ବା କୁଣ୍ଢାଇ ଧରିବାକୁ ହେବ କାହାକୁ ? ଏଠାରେ ଶ୍ରୀ ଲାହିଡ଼ିବାବା କୋଳାକୋଳି ବୋଲି ଯାହା କହିଛନ୍ତି, ତାହା ହେଉଛି ଜୀବ ଏବଂ ପରମଙ୍କ ମହାମିଳନ । ସେହି ଅବସ୍ଥିତିରେ ସାଧକ ଅପୂର୍ବ ଆନନ୍ଦ ଉଲ୍ଲାସ ଭିତରେ ମଜ୍ଜି ରହିଥାନ୍ତି । ତାଙ୍କର ଦେହବୋଧ ନଥାଏ । ନିଜ ଭିତରେ ନିଜେ ହଜି ଯାଇଥାନ୍ତି । ଅବଶ୍ୟ ବାହାରେ

ଦେଖିବାକୁ ସେ ନିସ୍ପନ୍ଦ, ମୃତପ୍ରାୟ । କିନ୍ତୁ ଅନ୍ତର୍ଜଗତରେ ସେ ଜାଗ୍ରତ ଥାଆନ୍ତି ଉଲ୍ଲସିତ ହୋଇ । ଭଗବଦ୍‌ଗୀତା ୬ଷ୍ଠ ଅଧ୍ୟାୟ ୨୭ ଏବଂ ୨୮ ଶ୍ଳୋକରେ ଅଛି –

ପ୍ରଶାନ୍ତ ମନସଂ ହ୍ୟେନଂ ଯୋଗିନଂ ସୁଖ ମୁତ୍ତମମ୍ ।
ଉପୈତି ଶାନ୍ତରଜସଂ ବ୍ରହ୍ମଭୂତ ମକଲ୍ମଷଂ।
ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ବିଗତ କଲ୍ମଷଃ
ସୁଖେନ ବ୍ରହ୍ମ ସଂସ୍ପର୍ଶଂ ଅତ୍ୟନ୍ତଂ ସୁଖଂ ଅଶ୍ନୁତେ ।।୨୮।।

ଯେଉଁ ଯୋଗୀ ପ୍ରଶାନ୍ତମନା, ରଜୋଗୁଣହୀନ, ପାପରହିତ ସେ ବ୍ରହ୍ମ ସାକ୍ଷାତ୍‌କାର ପ୍ରାପ୍ତ ହୁଅନ୍ତି । ଏହିଭଳି ଯୋଗୀ ଯିଏ ନିରବଚ୍ଛିନ୍ନ ଭାବେ ଧ୍ୟାନମୟ ଅବସ୍ଥାରେ ରହିଥାନ୍ତି, ସେ ନିଷ୍ପାପ ହୋଇଯାନ୍ତି । ବ୍ରହ୍ମ ସଂସ୍ପର୍ଶ ପ୍ରାପ୍ତ ହେତୁ ପରମ ସୁଖ ଲାଭ କରନ୍ତି, ଜୀବନ୍ମୁକ୍ତ ହୋଇଯାନ୍ତି ।

ଶ୍ରୀ ଲାହିଡ଼ି ବାବାଙ୍କର ଏହି ଗୀତଟିରୁ ବୁଝାଯାଏ ଯେ ସେ ସର୍ବୋଚ୍ଚ ଆଧ୍ୟାତ୍ମିକ ଶିଖରକୁ ଉଠିଥିଲେ । ସେହି ଆଧ୍ୟାତ୍ମିକ ସ୍ଥିତିରେ ଜଣେ ଯୋଗୀ ଆନନ୍ଦ ଭିତରେ ସର୍ବଦା ବିଭୋର ହୋଇ ନିଜ ଭିତରେ ହଜି ଯାଆନ୍ତି ।

## କୁଳକୁଣ୍ଡଳିନୀ

କୁଳକୁଣ୍ଡଳିନୀ କିଏ ? କି ଭାବରେ ଏହି ମହାଶକ୍ତି ଆମର ସମସ୍ତ ସତ୍ତାକୁ ପ୍ରଭାବିତ କରନ୍ତି, ସେ ବିଷୟରେ ସମ୍ୟକ ଜ୍ଞାନ ଆବଶ୍ୟକ ।

ଶ୍ରୀ ଲାହିଡ଼ିବାବା କହିଛନ୍ତି ଯେ ପ୍ରତ୍ୟେକ ମନୁଷ୍ୟ ଦେହରେ ମୂଳାଧାରଚକ୍ରରେ କୁଣ୍ଡଳିନୀ ଶକ୍ତି ନିଦ୍ରିତ ଅଛନ୍ତି । ଏହି ଶକ୍ତିକୁ ପ୍ରାଣ କର୍ମ ଦ୍ୱାରା ଯେତେବେଳେ ଯାଏଁ ଜାଗ୍ରତ କରାଯାଇ ନପାରେ, ତେତେକାଳ ପର୍ଯ୍ୟନ୍ତ ସାଧନ ଓ ଭଜନ ବାହ୍ୟ ବ୍ୟାପାରରେ ପର୍ଯ୍ୟବସିତ ହୁଏ । ସେ ପୁଣି କହିଛନ୍ତି – ମନୁଷ୍ୟର ମେରୁଦଣ୍ଡରେ ଥିବା ପାଞ୍ଚଟି ଚକ୍ର ପାଞ୍ଚଟି ତତ୍ତ୍ୱର କେନ୍ଦ୍ର । ଯଥା – କ୍ଷିତି, ଅପ୍, ତେଜ, ମରୁତ ଓ ବ୍ୟୋମ । ମୂଳାଧାର ଚକ୍ରରେ ଶକ୍ତି ଜାଗରିତ ହେଲେ ବାୟବୀୟ ଶକ୍ତି ସୁଷୁମ୍ନା ପଥରେ ଊର୍ଦ୍ଧ୍ୱକୁ ଉତ୍‌ଥିତ ଏବଂ କ୍ରମେ ସକଳ ଚକ୍ରସ୍ଥିତ ଶକ୍ତି ଜାଗ୍ରତ ହୋଇ ଚରମାବସ୍ଥାରେ ପୂର୍ଣ୍ଣ ଜାଗରିତ ହୋଇ ପାଞ୍ଚଟି ଚକ୍ର ମୁକ୍ତ ହୋଇଯାଏ । ସେତେବେଳେ ଆଉ ଅଜ୍ଞାନର ଆଭାସ ମାତ୍ର ମଧ୍ୟ ରହେ ନାହିଁ । ସେତେବେଳେ ଆତ୍ମାର ଅଜ୍ଞାନ ନିଦ୍ରାରୂପୀ ଆବରଣ ଭାଙ୍ଗି ଯାଇ ଶିବ ଶକ୍ତିଙ୍କର ମିଳନ ହୁଏ । ତନ୍ତ୍ରଶାସ୍ତ୍ରରେ ଅଛି–

ମୂଳପଦ୍ମେ କୁଣ୍ଡଳିନୀ ଯାବତ୍ ନିଦ୍ରାୟିତା ପ୍ରଭୋ ।
ତାବତ୍ କିଞ୍ଚିତ ନ ସିଦ୍ଧ୍ୟନ୍ତି ଯନ୍ତ୍ରମନ୍ତ୍ର ଅର୍ଚ୍ଚନାଦିକଂ ।।

ମୂଳାଧାର ପଦ୍ମରେ କୁଣ୍ଡଳିନୀ ନିଦ୍ରିତଥିବା ପର୍ଯ୍ୟନ୍ତ କୌଣସି ଯନ୍ତ୍ରମନ୍ତ୍ର ଅର୍ଚ୍ଚନା ଆଦି ସିଦ୍ଧ ହୁଅନ୍ତି ନାହିଁ । ମୂଳାଧାର ପଦ୍ମ ହେଉଛି, ମେରୁଦଣ୍ଡର ନିମ୍ନଭାଗରେ ଅବସ୍ଥିତ ଚାରିଦଳ ପଦ୍ମ । ବେଦୋକ୍ତ କର୍ମକାଣ୍ଡରେ ପଞ୍ଚଦେବତା ଯଥା – ଗଣେଶ, ନାରାୟଣ, ରୁଦ୍ର, ଅମ୍ବିକା ଏବଂ ଭାସ୍କରଙ୍କର ନିତ୍ୟ ପଞ୍ଚୋପଚାର ପୂଜା ବିଧି ବର୍ଣ୍ଣନା କରାଯାଇଛି । ସେହି ପଞ୍ଚୋପଚାର ହେଉଛି ଆସନ ଶୁଦ୍ଧି, ଭୂତ ଶୁଦ୍ଧି, ପ୍ରାଣପ୍ରତିଷ୍ଠା, ପ୍ରଣବ, ଅନ୍ତମାତୃକା ଏବଂ ବହିର୍ମାତୃକା । ଭୂତଶୁଦ୍ଧିର ଏହି କୁଣ୍ଡଳିନୀ ଶକ୍ତି ଜାଗରଣ କିପରି ଭାବେ କରାଯିବ ତାହା କୁହାଯାଇଛି ସେଥିରେ ଲେଖାଯାଇଛି –

ମୂଳାଧାରେ ତଡ଼ିତ୍ କୋଟି ପ୍ରଭାଂ ସୂର୍ଯ୍ୟକୋଟି ପ୍ରତୀକାଶାଂ
ଚନ୍ଦ୍ରକୋଟି ସୁଶୀତଳାଂ ବିଷତନ୍ତୁ ତନୀୟସୀଂ ପ୍ରଶୁପ୍ତଭୂଜଗୀମିବ
ସାର୍ଦ୍ଧ ତ୍ରିବଳୟାକାରେଣ ସ୍ୱୟମ୍ଭୁଲିଙ୍ଗବେଷ୍ଟିନୀଂ
କୁଳ କୁଣ୍ଡଳିନୀଂ ଧ୍ୟାତ୍ୱା ଓଁ ହୂଂ ହଂ ସଃ ଇତିମନ୍ତ୍ରେଣ
ତାମୁତ୍‌ଥାପ୍ୟ ଆନନ୍ଦ କନ୍ଦ ସମ୍ଭବଂ ଜ୍ଞାନ ନାଳଂ
ଏଶ୍ୱର୍ଯ୍ୟାଦ୍ୟଷ୍ଟ ଦଳଂ ବୈରାଗ୍ୟ କର୍ଣ୍ଣିକଂ ପ୍ରଣବ ପ୍ରକାଶିତଂ ହୃଦ୍‌କମଳଂ
ଧ୍ୟାତ୍ୱା ତତ୍‌କର୍ଣ୍ଣିକାୟାଂ ପ୍ରଦୀପ କଳିକାକାରଂ ଜୀବାତ୍ମନଂ
ହୃଦି ସଂଚିନ୍ତ୍ୟ, ଓଁ ହଂସଃ ଇତିମନ୍ତ୍ରେଣ ତୟାକୁଣ୍ଡଳିନ୍ୟା
ସଂଯୋଜ୍ୟ ମୂଳାଧାର– ସ୍ୱାଧିଷ୍ଠାନ–ମଣିପୁର–ଅନାହତ
ବିଶୁଦ୍ଧାଜ୍ଞାଖ୍ୟ ଷଟ୍‌ଚକ୍ରାଣି ଭିତ୍ୱା ଶିରସ୍ଥିତାଧୋମୁଖ
ସହସ୍ରଦଳ କିମଳସ୍ଥିତେ ଶୁଦ୍ଧ ସ୍ଫଟିକ ସଂକାଶେ
ହଂସପୀଠସ୍ଥ ପରମଶିବ ରୂପେ ପରମାତ୍ମନି ସଂଯୋଜ୍ୟଃ –

ସଂକ୍ଷେପରେ ଏହାର ଅର୍ଥ ହେଉଛି – "କୋଟି କୋଟି ସୂର୍ଯ୍ୟ ଚନ୍ଦ୍ର ବିଦ୍ୟୁତ୍ ତେଜଠାରୁ ଅଧିକ ତେଜୋମୟୀ କୁଳକୁଣ୍ଡଳିନୀ ମୂଳାଧାରରେ ସ୍ୱୟମ୍ଭୁଲିଙ୍ଗଙ୍କୁ ସର୍ପ ଭଳି ସାଢ଼େ ତିନି ଘେର କରି ଗୁଡ଼େଇ ହୋଇ ଶୋଇ ରହିଛନ୍ତି । ତାଙ୍କୁ 'ଓଁ ହୁଁ ହଂସଃ' ଏହି ମନ୍ତ୍ର ଜପ କରି ଉଠେଇ, ଊର୍ଦ୍ଧ୍ୱଦିଗରେ ହୃତ୍‌ପଦ୍ମସ୍ଥିତ ପ୍ରଦୀପ କଳିକା ଭଳି ଜୀବାତ୍ମାଙ୍କ ସହିତ ଯୁକ୍ତକରି ମୂଳାଧାର ଚକ୍ରଠାରୁ ଆଜ୍ଞାଚକ୍ର ପର୍ଯ୍ୟନ୍ତ ଥିବା ଷଟ୍‌ଚକ୍ର ସମସ୍ତ ଭେଦ କରି ମସ୍ତକ ମଧ୍ୟସ୍ଥ ଅଧୋମୁଖ ସହସ୍ର ଦଳକମଳରେ, ଶୁଦ୍ଧସ୍ଫଟିକ ବର୍ଣ୍ଣ ହଂସପୀଠ ଉପରେ ବିରାଜିତ ପରମ ଶିବରୂପ ପରମାତ୍ମାଙ୍କ ସହ ଯୁକ୍ତ କରିବାକୁ ହେବ ।"

ଜୀବାତ୍ମା ଏବଂ ପରମାତ୍ମାଙ୍କ ମନୁଷ୍ୟଶିରସ୍ଥ ସହସ୍ରାର ପଦ୍ମରେ ମିଳିତ ହେବା ସ୍ଥଳକୁ ପରଂବ୍ରହ୍ମଙ୍କର ପରମଧାମ ବୋଲି ଭଗବଦ୍‌ଗୀତାରେ କୁହାଯାଇଛି, ଯାହା ଅତ୍ୟନ୍ତ ଜ୍ୟୋତିର୍ମୟ ସ୍ଥାନ –

ନ ତଦ୍ ଭାସୟତେ ସୂର୍ଯ୍ୟୋ
ନ ଶଶାଙ୍କୋ ନ ପାବକଃ ।
ଯଦ୍‌ଗତ୍ୱାନ ନିବର୍ତ୍ତନ୍ତେ ତଦ୍‌ଧାମଂ ପରମଂ ମମ ।

(ଗୀତା ୧୫/୬)

ଅର୍ଥାତ୍ ଯେଉଁଠାରେ ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନିଙ୍କର ତେଜ ମଧ୍ୟ ହୀନପ୍ରଭ, ସେ ସ୍ଥାନ ଏତେ ଜ୍ୟୋତିର୍ମୟ ଯେ ସେମାନଙ୍କ ଦୀପ୍ତି ସେହି ସ୍ଥାନକୁ ଆଲୋକିତ କରିବା ପାଇଁ ସମର୍ଥ ନୁହେଁ ।

ଭଗବାନ ଶ୍ରୀକୃଷ୍ଣ କହିଛନ୍ତି –

"ସେହିସ୍ଥାନ ହେଉଛି ମୋର ପରମଧାମ, ଯେଉଁଠାକୁ ଗଲେ ଯୋଗୀମାନେ ଆଉ ସଂସାରକୁ ପୁନରାବର୍ତ୍ତନ କରନ୍ତି ନାହିଁ ।"

କଠୋପନିଷଦ୍ କହେ –

ନ ତତ୍ର ସୂର୍ଯ୍ୟୋଭାତି, ନ ଚନ୍ଦ୍ର ତାରକେ,
ନେମେ ବିଦ୍ୟୁତୋ ଭାନ୍ତି, କୁତୋଽୟମଗ୍ନିଃ ।
ତମେବ ଭାନ୍ତ ମନୁଭାତି, ସର୍ବଂ ତସ୍ୟଭାସା ସର୍ବମିଦଂ ବିଭାତି ।

ଅର୍ଥାତ୍ – ଯେଉଁଠାରେ ସୂର୍ଯ୍ୟଙ୍କର କିରଣ ତେଜୋମୟ ନୁହେଁ । ଚନ୍ଦ୍ର, ତାରକା, ବିଦ୍ୟୁତ୍ ଆଦିଙ୍କର ଦ୍ୟୁତି ତାହା ଅପେକ୍ଷା ଉଜ୍ଜ୍ୱଳ ନୁହେଁ, ଅଗ୍ନିର କଥା ହିଁ ସେଠାରେ ଉଠେ ନାହିଁ । ସେ ସର୍ବଦା ଦେଦୀପ୍ୟମାନ । ତାଙ୍କର ଜ୍ୟୋତିରେ ସୂର୍ଯ୍ୟାଦି ସମସ୍ତେ ଜ୍ୟୋତିଷ୍ମାନ୍ ହୋଇଛନ୍ତି ।

ଏହି ପରମ ଧାମରେ କୁଣ୍ଡଳିନୀ ପରମାତ୍ମାଙ୍କ ସହିତ ମିଳିତ ହୁଅନ୍ତି । ଏହା ହେଉଛି ମହାତେଜୋମୟୀ କୁଣ୍ଡଳିନୀଙ୍କର ଲୀଳାକ୍ଷେତ୍ର, ଚିରଜାଗ୍ରତ କ୍ଷେତ୍ର, ନିମ୍ନସ୍ଥ ମୂଳାଧାର ଚକ୍ର ହେଉଛି ତାଙ୍କର ଶୟନ କକ୍ଷ । ଶ୍ରୀମଦ୍ ଶଙ୍କରାଚାର୍ଯ୍ୟ ତାଙ୍କର 'ଆନନ୍ଦ ଲହରୀ' ସ୍ତବରେ କହିଛନ୍ତି –

"ମହୀଂ ମୂଳାଧାରେ କମପି ମଣିପୁରେ ହୁତ ବହଂ
ସ୍ଥିତଂ ସ୍ୱାଧିଷ୍ଠାନେ ହୃଦି ମରୁତ ମାକାଶ ମୁପରି
ମନୋଽପି ଭ୍ରୂମଧ୍ୟେ ସକଳ ମପି ଭିତ୍ତ୍ୱା କୁଳପଥଂ
ସହସ୍ରାରେ ପଦ୍ମେ ସହ ରହସିପତ୍ୟା ବିହରସି ।"

ଅର୍ଥାତ୍ – ମହାଶକ୍ତିମୟୀ କୁଣ୍ଡଳିନୀ ମୂଳାଧାରଠାରୁ ଭ୍ରୂମଧ୍ୟ ପର୍ଯ୍ୟନ୍ତ ସମସ୍ତ ଷଟ୍‌ଚକ୍ର ଭେଦକରି ଊର୍ଦ୍ଧ୍ୱସ୍ଥ ସହସ୍ରାର ପଦ୍ମରେ ନିଜର ପତିଙ୍କ ସହ ବିହାର କରୁଛନ୍ତି ବା କ୍ରୀଡ଼ା କରୁଛନ୍ତି, ଲୀଳା କରୁଛନ୍ତି ।

ଏହି କୁଣ୍ଡଳିନୀ ଶକ୍ତି ଜାଗରଣ ଏବଂ ମୂଳାଧାରରୁ ଉଠି କିଭଳି ଭାବରେ ମେରୁଦଣ୍ଡ ମଧ୍ୟ ଦେଇ ଶିରସ୍ଥ ସହସ୍ରାର ପଦ୍ମ ପର୍ଯ୍ୟନ୍ତ ଊର୍ଦ୍ଧ୍ୱ ଗତିକରେ ଏବଂ ପୁଣି ତଳକୁ ଖସିଆସେ, ପୁଣି ଉପରକୁ ଉଠିଯାଏ । ଏହା ପରମହଂସ ହରିହରାନନ୍ଦ ନିଜ ପ୍ରିୟ ଶିଷ୍ୟମାନଙ୍କୁ ପ୍ରତ୍ୟକ୍ଷରେ ଦେଖେଇ ଦେଉଥିଲେ ।

## ସମାଧିସ୍ଥ ଅବସ୍ଥା

ପରମହଂସ ହରିହରାନନ୍ଦଙ୍କର ସମାଧି ଏବଂ ସମାଧି ପର ଅବସ୍ଥା ବହୁ ଶିଷ୍ୟ ସ୍ୱଚକ୍ଷୁରେ ଦେଖିବା ସୌଭାଗ୍ୟ ପାଇଛନ୍ତି । ସେହିଭଳି ଜଣେ ପ୍ରତ୍ୟକ୍ଷଦର୍ଶୀ ଶିଷ୍ୟ କହିଛନ୍ତି –

"ସେହିଦିନ ଦିବା ଦ୍ୱିପ୍ରହର ସମୟରେ ମୁଁ ଏବଂ ଆଉ ଜଣେ ବିଚାର ବିଭାଗୀୟ ପଦସ୍ଥ ଅଧିକାରୀ, ତାଙ୍କର ସରକାରୀ ବାସଭବନରେ ଗୁରୁଦେବ ପରମହଂସ ହରିହରାନନ୍ଦଙ୍କ ଠାରୁ ଦୀକ୍ଷା ନେଲୁ । ଗୁରୁଦେବଙ୍କ ସହିତ ତାଙ୍କର ଜଣେ ପୁରୁଣା ଶିଷ୍ୟ ଆସିଥିଲେ । ସେ ଦିନ ସଂଧ୍ୟା ପ୍ରାୟ ୭ଘଣ୍ଟା ସମୟରେ ଗୁରୁଦେବ ଆମ ତିନିଜଣଙ୍କୁ ପାଖରେ ବସାଇ କ୍ରିୟାଯୋଗ ସାଧନ ପ୍ରଣାଳୀ ଏବଂ ତତ୍‌ସମ୍ବନ୍ଧୀୟ ଆଧାତ୍ମିକ ତତ୍ତ୍ୱ ସବୁ ବୁଝାଇଥିଲେ । ସେ କହୁଥିଲେ ଯେ ଆମର ଶରୀର ମେରୁଦଣ୍ଡ ମଧ୍ୟରେ ଛଅଗୋଟି ଚକ୍ର ବା କେନ୍ଦ୍ର ଅଛି । ଯାହାକୁ ପଦ୍ମ ମଧ୍ୟ କହନ୍ତି । ସେସବୁ ହେଲା – ମେରୁଦଣ୍ଡ ନିମ୍ନଭାଗରେ ଥିବା ଚାରିଦଳ ଚକ୍ର ହେଉଛି ମୂଳାଧାର ପଦ୍ମ । ତା ଉପରକୁ ଅଛି ସ୍ୱାଧିଷ୍ଠାନ ଚକ୍ର, ଷଡ଼ଦଳ ପଦ୍ମ, ତା ଉପରକୁ ନାଭି ନିକଟବର୍ତ୍ତୀ ଦଶଦଳ ପଦ୍ମ ବିଶିଷ୍ଟ କେନ୍ଦ୍ରକୁ ମଣିପୁର, ତା ଉପରକୁ ଅନାହତ ବା ହୃଦ୍ ଚକ୍ର, ଦ୍ୱାଦଶଦଳ ପଦ୍ମ । ତା ଉପରକୁ କଣ୍ଠ ନିକଟରେ ବିଶୁଦ୍ଧ ଚକ୍ର ଷୋଡ଼ଶ ଦଳ ପଦ୍ମ । ତା ଉପରକୁ ଦୁଇ ଭ୍ରୂଲତା ମଧ୍ୟରେ ଦୁଇଦଳ ପଦ୍ମ ଆଜ୍ଞାଚକ୍ର ରହିଛି ଏବଂ ମସ୍ତକ ଭିତରେ ସହସ୍ର ଦଳ ପଦ୍ମ ବା ସହସ୍ରାର ଚକ୍ର । ଏହି ମେରୁର ଦୁଇପାର୍ଶ୍ୱରେ ଇଡ଼ା ଏବଂ ପିଙ୍ଗଳା ନାମକ ଦୁଇଗୋଟି ନାଡ଼ି ରହିଛି, ଯାହା ମଧ୍ୟରେ ଶ୍ୱାସପ୍ରଶ୍ୱାସ ସ୍ୱାଭାବିକ ଭାବେ ଅହରହ ଗତି କରି ଚାଲିଛି । ମେରୁଦଣ୍ଡର ମଧ୍ୟରେ ସୁଷୁମ୍ନା ନାଡ଼ି ମୂଳାଧାର ପଦ୍ମରୁ

ଉପର ଆଡ଼କୁ ଉଠି ସହସ୍ରାର ପର୍ଯ୍ୟନ୍ତ ଲମ୍ବି ଯାଇଛି । ଏହି ମୂଳପଦ୍ମରେ ମହାତେଜୋମୟୀ କୁଣ୍ଡଳିନୀ ଶକ୍ତି ସୁଷୁପ୍ତ ଅବସ୍ଥାରେ ନିଷ୍କ୍ରିୟ ହୋଇ ରହିଛି । କ୍ରିୟାଯୋଗ ସାଧନ ଫଳରେ ସୁଷୁମ୍ନା ନାଡ଼ିରେ ଶ୍ୱାସ ପ୍ରବାହିତ ହୁଏ, ଯାହା ଫଳରେ କୁଣ୍ଡଳିନୀ ଜାଗ୍ରତ ହୋଇ ଉର୍ଦ୍ଧ୍ୱ ଗତି ଆରମ୍ଭ କରେ ଏବଂ ଷଟ୍‌ଚକ୍ର ମାନଙ୍କୁ ଭେଦ କରି ଶିରସ୍ଥ ସହସ୍ର ଦଳ କମଳରେ ବିରାଜିତ ପରମାତ୍ମାଙ୍କ ସହିତ ଯୁକ୍ତ ହୁଏ, ଯାହା ଫଳରେ କ୍ରିୟାଯୋଗୀର ବ୍ରହ୍ମ ସାକ୍ଷାତ୍‌କାର ହୁଏ । ମସ୍ତକସ୍ଥ ସହସ୍ର ଦଳ କମଳ ହେଉଛି ପରଂବ୍ରହ୍ମଙ୍କର ନିବାସ ସ୍ଥଳ, ଯାହାକୁ ବ୍ରହ୍ମରନ୍ଧ୍ର ମଧ୍ୟ କୁହାଯାଏ ।''

ଗୁରୁଦେବ ପୁଣି କହିଲେ ''ଏହା କେବଳ ଶାସ୍ତ୍ରରେ ଲେଖା ହୋଇଥିବା ବିଷୟ ନୁହେଁ । ଯେ କେହି ବ୍ୟକ୍ତି ଗଭୀର ଏବଂ ନିଷ୍ଠାପର ଭାବେ କ୍ରିୟାଯୋଗ କୌଶଳ ସାଧନ କଲେ ନିଶ୍ଚୟ ମୂଳାଧାର ସୁପ୍ତ ରହିଥିବା କୁଣ୍ଡଳିନୀ ଶକ୍ତିଙ୍କୁ ଜାଗ୍ରତ କରି ଚରମ ସିଦ୍ଧି ଲାଭ କରିପାରେ ।'' ଏହା କହି ଗୁରୁଦେବ ନିଜର ମେରୁଦଣ୍ଡ ମଧ୍ୟରେ କିପରି କୁଣ୍ଡଳିନୀ ଦିବ୍ୟଜ୍ୟୋତି ଜାଗ୍ରତ ହୋଇ ଉର୍ଦ୍ଧ୍ୱଗତି କରୁଅଛି ତାହା ଆମକୁ ଦେଖେଇ ଦେଲେ । ସେ ପ୍ରଥମେ ଆମକୁ ତାଙ୍କ ପାଖକୁ ଲାଗି କରି ବସି, ତାଙ୍କ ଶରୀରକୁ ସ୍ପର୍ଶ କରି ବସିବାକୁ କହିଲେ । ତାପରେ ସେ ଶାନ୍ତ ହୋଇ ବସିଗଲେ ଧ୍ୟାନସ୍ଥ ହୋଇ । ଆମେ ଦେଖୁଛୁ ତାଙ୍କର ମେରୁଦଣ୍ଡର ନିମ୍ନଭାଗରୁ କ୍ଷୁଦ୍ର ନକ୍ଷତ୍ର ଭଳି ଦିବ୍ୟଜ୍ୟୋତି ସମ୍ପନ୍ନ ଗୋଟିଏ ଛୋଟ ଜ୍ୟୋତି ମେରୁଦଣ୍ଡର ନିମ୍ନ ଦେଶରୁ ଉପର ଆଡ଼କୁ ଅତିଶୀଘ୍ର ଗତିରେ ଉଠିଗଲା ଏବଂ ପୁଣି ମସ୍ତକ ଉପରୁ ମୂଳାଧାରକୁ ଖସି ଆସିଲା । ଏହିପରି ଦୁଇ ବା ତିନିଥର ସେହି ଆଲୋକଛଟା ତଳୁ ଉପରକୁ ଏବଂ ଉପରୁ ତଳକୁ ଯିବା ଆସିବା କରିବାର ଆମେ ଦେଖିଛୁ । ସେହି ଆଲୋକ ଏତେ ଉଜ୍ଜ୍ୱଳ ଯେ ତାହା ଗୁରୁଦେବଙ୍କର ମେରୁଦଣ୍ଡ, ଶରୀର ଚର୍ମ ଭେଦ କରି ପିନ୍ଧିଥିବା ଜାମା ଭେଦ କରି ବାହାରକୁ ଦେଖାଯାଉଥିଲା । ତାପରେ ଗୁରୁଦେବ ସମାଧିସ୍ଥ ହୋଇଗଲେ । ଶ୍ୱାସପ୍ରଶ୍ୱାସ ଏକାବାରେ ବନ୍ଦ । ମୁଁ ତାଙ୍କ ନାକ ପୁଡ଼ା ପାଖରେ ହାତ ଦେଇ ଦେଖିଲି, ଶ୍ୱାସ ପ୍ରଶ୍ୱାସ ଏକାବାରେ ବନ୍ଦ । ହୃଦ୍‌ସ୍ପନ୍ଦନ ମଧ୍ୟ ବନ୍ଦ । ମୁଁ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ ତାଙ୍କ ମୁଖକୁ ମୂକ ଭାବେ ଅନେଇ ରହିଲି । ଗୁରୁଦେବଙ୍କର ମୃତ୍ୟୁ ଅବସ୍ଥା ଭଳି ଅବସ୍ଥା ଦେଖାଯାଉଥିଲେ ମଧ୍ୟ ସେ ଜୀବିତ ଥିଲେ, ଗଭୀର ଧ୍ୟାନରେ ମଜ୍ଜି ରହିଥିଲେ । ଶରୀରର ଉଷ୍ଣତା ଅବଶ୍ୟ ପୂର୍ବ ଭଳି ରହିଥିଲା । ଆମେ ବ୍ୟସ୍ତ ହୋଇ ପଡିଲୁ ।

ଆମ ପାଖରେ ବସିଥିବା ଗୁରୁଦେବଙ୍କର ଶିଷ୍ୟ, ଯେ କି ପୂର୍ବରୁ ଗୁରୁଦେବଙ୍କର ଏହି ସମାଧି ଅବସ୍ଥା ଦେଖିଥିଲେ, ସେ କିନ୍ତୁ ଆମକୁ ବ୍ୟସ୍ତ ନହେବାକୁ କହିଲେ । ଗୁରୁଦେବ ଅଳ୍ପ ସମୟ ଭିତରେ ସ୍ୱାଭାବିକ ଅବସ୍ଥାକୁ ଫେରିଆସିବେ ବୋଲି ସେ କହିଲେ, ସତକୁ ସତ ଗୁରୁଦେବ ସମାଧିରୁ ଜାଗ୍ରତ ହୋଇ ଆମକୁ ଅନେଇଲେ । ହସ ହସ ମୁଖରେ ଆମକୁ କହିଲେ, "ମୋର ଯେଉଁ ସମାଧି ଆପଣ ମାନେ ଦେଖିଲେ ଆପଣମାନେ ମଧ୍ୟ କ୍ରିୟାଯୋଗ ସାଧନା ଦ୍ୱାରା ଏହିଭଳି ଅବସ୍ଥା ଲାଭ କରିପାରିବେ । ଧ୍ୟାନ ଗଭୀର ହେଲେ ମୂଳପଦ୍ମରେ ସ୍ଥିତ ସୁପ୍ତ କୁଣ୍ଡଳିନୀ ଜାଗ୍ରତ ହୋଇ, ଉର୍ଦ୍ଧ୍ୱଗତି କରି ମସ୍ତକସ୍ଥ ସହସ୍ରାରଚକ୍ରକୁ ଉଠି ଆସିବ, ଯାହା ତୁମ୍ଭେମାନେ ଆଜି ଦେଖିଲ । ଏହି କୁଣ୍ଡଳିନୀ ଜାଗରଣ କ୍ରିୟାଯୋଗ ସାଧନା ଦ୍ୱାରା ସମ୍ଭବ । ଏହି କ୍ରିୟାଯୋଗ କୌଶଳ ଅତ୍ୟନ୍ତ ସହଜ ଏବଂ ଶୀଘ୍ର ଫଳପ୍ରଦ ।"

"ସେଥର ମୁଁ ସମାଧି ଅବସ୍ଥାରେ ସାଧକର କି ପ୍ରକାର ଅନୁଭୂତି ହୁଏ ତାହା ଗୁରୁଦେବଙ୍କୁ ପଚାରି ବୁଝି ପାରିନଥିଲି । ପରେ କିଛି ମାସ ପରେ ଗୁରୁଦେବ ତାଙ୍କର ଅନ୍ୟ ଜଣେ ଶିଷ୍ୟଙ୍କର ଘରକୁ ଆସିଥିଲେ ଏବଂ ତାଙ୍କର ଶିଷ୍ୟମାନେ ତାଙ୍କୁ ଆସି ଦର୍ଶନ କରିଥିଲେ । ସେତେବେଳେ ଶିଷ୍ୟମାନଙ୍କ ସହିତ ଧ୍ୟାନ କରିବା ସମୟରେ ଶିଷ୍ୟ ମାନଙ୍କର ଅନୁରୋଧ କ୍ରମେ ସେମାନଙ୍କୁ ତାଙ୍କର ସମାଧି ଅବସ୍ଥା ଦର୍ଶନ କରିବା ସୌଭାଗ୍ୟ ପ୍ରଦାନ କରିଥିଲେ । ସମାଧି ଭଙ୍ଗ ହେବାପରେ ତାଙ୍କର ମୁଖ ମଣ୍ଡଳକୁ ଚାହିଁ ମୋର ଧାରଣା ହେଲା ଯେ ସମାଧି ଅବସ୍ଥା ଏକ ଅତ୍ୟନ୍ତ କଷ୍ଟକର ଅବସ୍ଥା । ସେ କଥା ଗୁରୁଦେବଙ୍କୁ ପଚାରିଲି । ସେ କିନ୍ତୁ ଅଳ୍ପ ହସି କହିଲେ, "ସମାଧି ଅବସ୍ଥାରେ ଆଦୌ କୌଣସି ପ୍ରକାର କଷ୍ଟ ହୁଏ ନାହିଁ ବରଂ ଏହା ଏକ ମହାଆନନ୍ଦମୟ ସ୍ଥିତି । ଏହି ସମାଧି ଅବସ୍ଥା ବହୁ ଗଭୀର ସାଧନ ଫଳରେ ସାଧକକୁ ପ୍ରାପ୍ତ ହୁଏ ଏବଂ ଏହି ସମାଧିରୁ ସାଧକ ଆଉ ଶରୀରବୋଧକୁ ଫେରି ଆସିବାକୁ ଇଚ୍ଛା କରେ ନାହିଁ । ସେ ଦିବ୍ୟଆନନ୍ଦ ଭିତରେ ଖାଲି ବୁଡ଼ି ରହିବାକୁ ଇଚ୍ଛା କରେ । କିନ୍ତୁ ମୋତେ ସମାଧିରୁ ଫେରି ଆସିବାକୁ ହେବ । କାରଣ ଆପଣ ମାନଙ୍କର ଉତ୍‌ଥାନ ଦାୟିତ୍ୱ ମୁଁ ନେଇଛି, ମୋତେ ଶରୀରବୋଧ ଭିତରେ ରହିବାକୁ ହେବ ।"

ପରମହଂସ ହରିହରାନନ୍ଦ କହନ୍ତି, କେତେ ପାଣି ଜମା କରି ରଖିଛ ପର ଜନ୍ମ ପାଇଁ ? ଯେତେ ଅଧିକ ସାଧନ କରିବ ସେତେ ଅଧିକ ପୁଣ୍ୟ ଅର୍ଜନ ହେବ । ତଥାପି "ସ୍ୱଳ୍ପମ-ପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍ ।।" (ଗୀତା ୨।୪୦)

ଏହି କ୍ରିୟାଯୋଗ ସାଧନା କଦାପି ବୃଥା ଯାଏ ନାହିଁ । ଅଳ୍ପ ସାଧନ ହୋଇଥିଲେ ମଧ୍ୟ ଜନ୍ମ ମୃତ୍ୟୁ ଭଳି ମହାନ୍ ଭୟରୁ ଉଦ୍ଧାର ମିଳିବା ସମ୍ଭବ ହୋଇଥାଏ ।

ଭଗବଦ୍‌ଗୀତା ୬ଷ୍ଠ ଅଧ୍ୟାୟ ୩୭ ଶ୍ଳୋକରେ ଅର୍ଜୁନ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ପଚାରି ଅଛନ୍ତି, "ହେ 'କୃଷ୍ଣ' ! ଯେଉଁମାନେ ପ୍ରଥମରେ ଶ୍ରଦ୍ଧାଯୁକ୍ତ ହୋଇ ସୁଦ୍ଧା ଶେଷରେ ଯତ୍ନ ଅଭାବରୁ ଭ୍ରଷ୍ଟ ଚିତ୍ତ ହୁଅନ୍ତି, ସେ ଯୋଗସିଦ୍ଧି ଲାଭ କରି ନ ପାରି, କି ପ୍ରକାର ଗତି ପ୍ରାପ୍ତ ହୁଅନ୍ତି ?

ଶ୍ରୀକୃଷ୍ଣ କହିଲେ – "ଏଭଳି ଯୋଗଭ୍ରଷ୍ଟ ବ୍ୟକ୍ତିଙ୍କର ଇହଲୋକ ବା ପରଲୋକରେ ବିନାଶ ନାହିଁ । କାରଣ ଶୁଭକାର୍ଯ୍ୟ ଅନୁଷ୍ଠାନକାରୀ କୌଣସି ବ୍ୟକ୍ତି ଦୁର୍ଗତି ପ୍ରାପ୍ତ ହୁଅନ୍ତି ନାହିଁ ।" ସେ ପୁଣି କହିଛନ୍ତି–"ସେମାନେ ପୁଣ୍ୟାତ୍ମା ବ୍ୟକ୍ତିମାନଙ୍କ ପରି କିଛି କାଳ ସ୍ୱର୍ଗ ଭୋଗ କରନ୍ତି ଏବଂ ପରେ ପୃଥିବୀରେ ସଦାଚାରରତ ଧନୀମାନଙ୍କ ଗୃହରେ ବା ବୁଦ୍ଧିଯୁକ୍ତ ଯୋଗୀମାନଙ୍କ ଗୃହରେ ଜନ୍ମଲାଭ କରନ୍ତି । ସେହି ଜନ୍ମରେ ସେମାନେ ପୂର୍ବଜନ୍ମକୃତ ଶୁଭାଶୁଭ ସଂସ୍କାର ଦ୍ୱାରା ପ୍ରବୃତ୍ତି ପ୍ରେରିତ ହୋଇ କର୍ମ କରନ୍ତି । ପୂର୍ବ ଜନ୍ମରେ ସେମାନେ କରିଥିବା ଶୁଭକର୍ମର ଫଳ ସବୁ ପରଜନ୍ମରେ ଅଦୃଷ୍ଟ ରୂପେ ତାକୁ ଅଧିକ ଶୁଭକର୍ମ କରିବା ପାଇଁ ପ୍ରବୃତ୍ତ କରାଏ ଏବଂ ସେମାନେ ପୁଣି ଯୋଗ ସାଧନରେ ତତ୍ପର ହୋଇ ସିଦ୍ଧି ଲାଭ କରନ୍ତି ।" ତେଣୁ ପରମହଂସ ହରିହରାନନ୍ଦ କହିଛନ୍ତି ଯେ "ତୁମକୁ ଏହି ଜନ୍ମରେ ନିଷ୍ଠାର ସହ ସାଧନ କରି ଯଥେଷ୍ଟ ସୁକୃତ ଅର୍ଜନ କରି ପାଣ୍ଠି ରୂପରେ ପରଜନ୍ମ ପାଇଁ ସଂଗ୍ରହ କରି ରଖିବାକୁ ହେବ । ସାଂସାରିକ ବିଷୟ ଭୋଗ, ଇନ୍ଦ୍ରିୟ ସୁଖ ପାଇଁ ଅର୍ଥ ସଂଗ୍ରହ କରିବାରେ ଜୀବନର ଅମୂଲ୍ୟ ସମୟ ନଷ୍ଟ କରିବା ଆଦୌ ଉଚିତ ନୁହେଁ ।"

କୌଣସି ଦୂର ଦେଶକୁ କିଛି ଦିନ ପାଇଁ ଯିବାକୁ ହେଲେ ସାଙ୍ଗରେ ଯେପରି ଯଥେଷ୍ଟ ପାଥେୟ ନେଇ ଯିବା ଆବଶ୍ୟକ, ସେହିପରି ମନୁଷ୍ୟ ଯେତେବେଳେ ଏହି ଦେହ ତ୍ୟାଗ କରି ଅନିର୍ଦ୍ଦିଷ୍ଟ କାଳ ନିମନ୍ତେ ଅଜଣା ଦେଶ ଉଦ୍ଦେଶ୍ୟରେ ଯାତ୍ରା କରିବ, ସେଠାରେ କେତେଦିନ ରହିବାକୁ ହେବ ଏସବୁ ବିଷୟରେ କିଛି ଜାଣି ନଥିବ, ସେତେବେଳେ ଜାଗତିକ କୌଣସି ବସ୍ତୁ ପାଥେୟ ହୋଇପାରିବ ନାହିଁ । ସେହି ପାଥେୟ ଇହଜୀବନରେ ହିଁ ଗାଢ଼ ସାଧନା ଦ୍ୱାରା ଅର୍ଜନ କରି ସଙ୍ଗରେ ନେଇଯିବାକୁ ହେବ । ଏହି ପାଣ୍ଠି ଯଥେଷ୍ଟ ଅର୍ଜନ କରିବାକୁ ପଡ଼ିବ ଜୀବଦଶା ମଧ୍ୟରେ । କାରଣ ଏହି ଗୋଟିଏ ଜନ୍ମ ଭିତରେ ଆମକୁ ବ୍ରହ୍ମ ସାକ୍ଷାତ୍‌କାର କରିବାକୁ ହେବ । ଅହରହ,

ନିଷ୍ଠାର ସହ, ଗଭୀର ଭକ୍ତି ଏବଂ ଶ୍ରଦ୍ଧା ସହ କଠୋର ଆତ୍ମସାଧନାରେ ଆମକୁ ଲାଗି ରହିବାକୁ ହେବ । ଅଳ୍ପ କିଛି ଅର୍ଜନ କରି ସନ୍ତୁଷ୍ଟ ହୋଇ ଆଳସ୍ୟତାବଶତଃ ସାଧନା ତ୍ୟାଗ କରିବା ଅତ୍ୟନ୍ତ କ୍ଷତିକାରକ ।

ପରମହଂସ ହରିହରାନନ୍ଦ କହିନ୍ତି ଯେ ତାଙ୍କର ଗୁରୁ ଶ୍ରୀ ଯୁକ୍ତେଶ୍ୱର ଗିରି ମହାରାଜା ତାଙ୍କୁ କହିଥିଲେ, "ତୁମେ ଯଦି ଦିନ ମଧ୍ୟରେ ଅତିକମ୍‌ରେ ଆଠଘଣ୍ଟାକାଳ ଗଭୀର ଭାବେ ଧ୍ୟାନରେ ମଗ୍ନ ରହିପାରିବ, ତେବେ ଏକବର୍ଷ ବା କମ୍ ସମୟ ମଧ୍ୟରେ ସମାଧିପ୍ରାପ୍ତ ହୋଇପାରିବ । ତୁମର ବ୍ରହ୍ମ ଉପଲବ୍ଧି ହୋଇଯିବ । ଯେତେ ଅଧିକ ସମୟ ଧ୍ୟାନ ଅବସ୍ଥାରେ ରହିବ, ସେତିକି ଉଚ୍ଚତର ସ୍ଥିତିରେ ଯାଇ ପହଞ୍ଚିପାରିବ ।"

ଯୋଗୀରାଜ ଶ୍ରୀ ଶ୍ୟାମାଚରଣ ଲାହିଡ଼ି ମହାଶୟଙ୍କର ଜ୍ୟେଷ୍ଠ ପୁତ୍ର ତିନିକଡ଼ି ଲାହିଡ଼ି ମହାଶୟ ଜଣେ ଅତ୍ୟନ୍ତ ଉଚ୍ଚକୋଟୀର କ୍ରିୟାବାନ୍ ଥିଲେ । ତିନିକଡ଼ି ବାବାଙ୍କର ପୁତ୍ର ସତ୍ୟଚରଣ ଲାହିଡ଼ି ତାଙ୍କର ଲିଖିତ "ପୁରାଣ ପୁରୁଷ ଯୋଗୀରାଜ ଶ୍ୟାମାଚରଣ ଲାହିଡ଼ି"ପୁସ୍ତକରେ ତାଙ୍କ ପିତାଙ୍କର ଧ୍ୟାନ ବିଷୟରେ ଲେଖିଛନ୍ତି, "ମୋର ପିତା ଏକ ମନରେ ଚଉଦ ଘଣ୍ଟା କ୍ରିୟାଯୋଗ ସାଧନା କରିବା ପରେ ବାବାଜୀ ମହାରାଜାଙ୍କର ଦର୍ଶନ ପାଇଥିଲେ । ସେତେବେଳେ ମୋର ପିତାମହ (ଶ୍ରୀ ଶ୍ୟାମାଚରଣ ଲାହିଡ଼ି) ଜୀବିତ ଥିଲେ । ପିତାମହ ହଠାତ୍ ବାବାଜୀ ମହାରାଜାଙ୍କୁ ସୁକ୍ଷ୍ମ ଶରୀରରେ ଦର୍ଶନ କରି ଅବାକ୍ ହୋଇ ପଚାରିଲେ "ଆପଣ ଏହି ସମୟରେ ହଠାତ୍ କାହିଁକି ?" ବାବାଜୀ ମହାରାଜ କହିଲେ, "ତିନିକଡ଼ି ଖୁବ୍ ସ୍ମରଣ କରୁଥିଲା ।" ଏହାପରେ ପିତାମହ ପିତାଙ୍କୁ ନିଷେଧ କରି କହିଥିଲେ ଯେ ଏଭାବେ ବାବାଜୀଙ୍କୁ କଷ୍ଟ ଦିଆଯିବା ଉଚିତ ନୁହେଁ । ଏହି ସବୁ କଥାଗୁଡ଼ିକ ମୁଁ ରାମ ପଦାରଥ ନାମକ ଜଣେ ଉନ୍ନତ କ୍ରିୟାବାନ୍‌ଙ୍କ ଠାରୁ ଶୁଣିଥିଲି । ସେତେବେଳେ ମୋର ପିତା ଜୀବିତ ଥିଲେ । ମୁଁ ତାଙ୍କୁ ଏକଥା ସତ୍ୟ କି ନା ପଚାରିବାରୁ ସେ କହିଲେ, "କିଏ କହିଲା ?" ମୁଁ ରାମପଦାରଥଙ୍କର ନାମ କହିବାରୁ ସେ କୌଣସି ଉତ୍ତର ଦେଲେ ନାହିଁ ବରଂ ବିରକ୍ତ ହେଲେ । ପିତା ଅତ୍ୟନ୍ତ ଗଭୀର ଏବଂ ପ୍ରଭାବଶାଳୀ ପ୍ରକୃତିର ଲୋକ ଥିଲେ ଏବଂ ନିଜକୁ ଏତେ ଲୁଚାଇ ରଖନ୍ତି ଯେ ତାର ତୁଳନା କରିହେବ ନାହିଁ ।"

ମହାବାତାର ବାବାଜୀ ମହାରାଜଙ୍କର ଦର୍ଶନ ମିଳିବା ସୌଭାଗ୍ୟ କେବଳ ସେହି ସାଧକଙ୍କୁ ମିଳିଥାଏ, ଯିଏ ଅତ୍ୟନ୍ତ ନିଷ୍ଠାର ସହିତ ଅନନ୍ୟଚିତ୍ତ ହୋଇ ଲାଗିରହିଥାନ୍ତି କ୍ରିୟାଯୋଗ ସାଧନ କର୍ମରେ, ସାଂସାରିକ ସମସ୍ତ ପ୍ରକାର କାମନା

ବାସନାକୁ ଜଳାଞ୍ଜଳି ଦେଇ । ଏକାଧାରରେ ଚଉଦ ଘଣ୍ଟା ଧରି ବସି ଧ୍ୟାନ ମଗ୍ନ ରହିବା କଣ ସହଜ କଥା ? ସ୍ବର୍ଗତ ତିନିକଡ଼ି ଲାହିଡ଼ି ମହାଶୟ ଯେ ଜଣେ ଅତି ଉଚ୍ଚକୋଟୀର କ୍ରିୟାବାନ୍ ପୁରୁଷ ଥିଲେ ଏଥିରେ ସନ୍ଦେହ ନାହିଁ । ତାଙ୍କର ମୃତ୍ୟୁ ସମୟରେ ଅବସ୍ଥା ଯେ କିଭଳି ଅଦ୍ଭୁତ ତାହା ତାଙ୍କର ପୁତ୍ର ସତ୍ୟଚରଣ ଲାହିଡ଼ି ମହାଶୟ ବର୍ଣ୍ଣନା କରି ଅଛନ୍ତି ।

ସେ କହିଛନ୍ତି "ଯେ ଯେଉଁ ବ୍ୟକ୍ତି ଭକ୍ତିଯୁକ୍ତ ହୋଇ ଧ୍ୟାନମଗ୍ନ ରହି ଦୁଇ ଭ୍ରୁ' ମଧ୍ୟରେ ମନ ଓ ପ୍ରାଣକୁ ସ୍ଥିର ରଖି ଦେହତ୍ୟାଗ କରନ୍ତି ସେ ପରମ ପୁରୁଷଙ୍କ ସାନିଧ୍ୟ ପ୍ରାପ୍ତ ହୁଅନ୍ତି । ଏ ବିଷୟ ଭଗବତ୍‌ଗୀତା ୮ମ ଅଧ୍ୟାୟ ୧୦ମ ଶ୍ଳୋକରେ ଲେଖା ଅଛି–

"ପ୍ରୟାଣ କାଳେ ମନସା ଚଳେନ ଭକ୍ତ୍ୟାଯୁକ୍ତୋଯୋଗ ବଳେନ ଚୈବ
ଭ୍ରୁବୋର୍ମଧ୍ୟେ ପ୍ରାଣମାବେଶ୍ୟ ସମ୍ୟକ୍‌ସ ତଂପରଂ ପୁରୁଷ ମୁପୈତି ଦିବ୍ୟଂ ।।"

ସେ କହିଛନ୍ତି, "ଏ ସବୁ ବାସ୍ତବ ସାଧନା । ଖାଲି କୁହାକଥା ନୁହେଁ । ସାରା ଜୀବନ ଧରି ଯେଉଁମାନେ ଅଭ୍ୟାସ କରିପାରନ୍ତି, ସେମାନଙ୍କର ପକ୍ଷରେ ଏହା ସମ୍ଭବ । ମୁଁ ଏହି ଭଳି ମୃତ୍ୟୁ ସ୍ୱଚକ୍ଷୁରେ ଦେଖିଛି, ସେଥିପାଇଁ ଏତେ ଦୃଢ଼ତା ସହିତ କହିବାକୁ ସମର୍ଥ ହେଲି । କି ଅଦ୍ଭୁତ ମୃତ୍ୟୁ ! ମୋର ପିତାଙ୍କ ମୃତ୍ୟୁ ମୁଁ ସ୍ୱଚକ୍ଷୁରେ ଦେଖିଛି, ଆହୁରି ଅନେକ ମଧ୍ୟ ଦେଖିଛନ୍ତି । ସେ ସମସ୍ତ ପ୍ରାଣବାୟୁକୁ ସମ୍ୟକ ପ୍ରକାରେ ଭ୍ରୁ ମଧ୍ୟ ସ୍ଥଳରେ ଆକର୍ଷଣ କରି ମନକୁ ସେଠାରେ ସଂସ୍ଥାପନ କରି ଦେହତ୍ୟାଗ କଲେ । ଏହି ସମୟରେ ଭ୍ରୁ ମଧ୍ୟ ସ୍ଥଳଟି ଏତେ କମ୍ପିତ ହେଉଥିଲା ଯେ ବର୍ଣ୍ଣନା କରାଯାଇ ନପାରେ । ମନେ ହେଉଥିଲା, ଯେଉଳି ଗୋଟିଏ ଗୁଳି ଠେଲି ହୋଇ ଭିତରୁ ବାହାରୁଥିଲା । ସେତେବେଳେ ତାଙ୍କର ପ୍ରଶାନ୍ତ ଚେହେରା, ସୁସ୍ନିଗ୍ଧ ଦେହ, ସମସ୍ତ ଶରୀରଟା ଯେଉଳି ତଟକା ଗୋଲାପ ଫୁଲ ଭଳି ରକ୍ତିମ ହୋଇଯାଇଥିଲା । ସେ କି ଅପୂର୍ବ ଦୃଶ୍ୟ । ଭ୍ରୁମଧ୍ୟ ସ୍ଥଳ ଥର ଥର ହୋଇ କମ୍ପୁଥିଲା । ଏହିଭଳି ସ୍ଥିତି ଦିନକର ଚେଷ୍ଟାରେ ଲାଭ ହୁଏ ନାହିଁ । ଏଥିନିମନ୍ତେ ଜୀବନ ସାରା ଯୋଗ ସାଧନ ଆବଶ୍ୟକ । ମହାନ କ୍ରିୟାବାନ୍ ସାଧକ ତିନିକଡ଼ି ଲାହିଡ଼ି ମହଶୟଙ୍କ ଭଳି ଯେଉଁମାନେ ନିଷ୍ଠାର ସହିତ ଭକ୍ତି ଓ ଶ୍ରଦ୍ଧାଯୁକ୍ତ ହୋଇ କ୍ରିୟାଯୋଗ ସାଧନାରେ ମଜ୍ଜି ରହି ପାରନ୍ତି, ସେମାନେ ନିଶ୍ଚିତ ଭାବରେ ପରମ ପୁରୁଷଙ୍କର ପରମଧାମରେ ଅବସ୍ଥାନ କରିବେ । ତାଙ୍କର ଆଉ ପୁନର୍ଜନ୍ମ ନାହିଁ । ଏହିଭଳି ସ୍ଥିତି ଗୋଟିଏ ଜନ୍ମରେ ମଧ୍ୟ ହୋଇ ଯାଇପାରେ । କେବଳ ଏହା ସାଧକର ନିଷ୍ଠାପର ସାଧନା ଉପରେ ନିର୍ଭର କରେ ।"

# ମହାଭାରତ ଏବଂ ଭଗବଦ୍ ଗୀତା

ମହାଭାରତର ଯୁଦ୍ଧଭୂମି କୁରୁକ୍ଷେତ୍ରରେ ଉଭୟ ପାଣ୍ଡବ ଏବଂ କୌରବପକ୍ଷୀୟ ଯୋଦ୍ଧାମାନେ ପରସ୍ପର ମଧ୍ୟରେ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହୋଇ ରହିଥିବା ସମୟରେ ଭଗବାନ ଶ୍ରୀକୃଷ୍ଣ ପାଣ୍ଡବ ପକ୍ଷର ମହାରଥୀ ଅର୍ଜ୍ଜୁନଙ୍କ ରଥରେ ସାରଥୀ ହୋଇଥିଲେ । ସେହି ସ୍ଥିତିରେ ସେ ଭଗବଦ୍‌ଗୀତାର ମହାତତ୍ତ୍ୱ ସବୁ ଅର୍ଜ୍ଜୁନଙ୍କୁ କହିଥିଲେ । ସେ ଯାହା ସବୁ କହିଥିଲେ ମହାମୁନି ବ୍ୟାସଦେବ ତାଙ୍କର ରଚିତ ମହାଭାରତ ମହାପୁରାଣରେ ଲିପିବଦ୍ଧ କରିଯାଇଛନ୍ତି । ଏହା ଭଗବଦ୍‌ଗୀତାର ପ୍ରାରମ୍ଭରେ ଗୀତାଧ୍ୟାନରେ ଲେଖାଯାଇଛି : ଯଥା–

ଓଁ ପାର୍ଥାୟ ପ୍ରତିବୋଧିତାଂ ଭଗବତା ନାରାୟଣେନ ସ୍ୱୟଂ<br>
ବ୍ୟାସେନ ଗ୍ରଥିତାଂ ପୁରାଣ ମୁନିନା ମଧ୍ୟେ ମହାଭାରତଂ ।<br>
ଅଦ୍ୱୈତାମୃତ ବର୍ଷିଣୀ ଭଗବତୀଂ ଅଷ୍ଟାଦଶାଧ୍ୟାୟିନୀଂ<br>
ଅମ୍ବତ୍ୱାମନୁ ସନ୍ଦଧାମି ଭଗବଦ୍ ଗୀତେ ଭବେଦ୍ୱେଷିଣୀମ୍ ।।

ଅର୍ଥାତ୍ – ଭଗବାନ ନାରାୟଣ ସ୍ୱୟଂ ଯେଉଁ ଅଦ୍ୱୈତ ତତ୍ତ୍ୱପୂର୍ଣ୍ଣ ଅମୃତମୟ ମହାବାଣୀ ପାର୍ଥ ଅର୍ଥାତ୍ ଅର୍ଜୁନଙ୍କୁ ବୁଝାଇ ଦିବ୍ୟଜ୍ଞାନ ପ୍ରଦାନ କରିଥିଲେ, ସେହି ସବୁ ବାଣୀ ମହାମୁନି ବ୍ୟାସ ଅଷ୍ଟାଦଶ ଅଧ୍ୟାୟ ସମ୍ବଳିତ ଭଗବଦ୍ ଗୀତାରେ ବର୍ଣ୍ଣନା କରିଯାଇଛନ୍ତି । ତେଣୁ ଗୀତାର ପ୍ରଥମରେ ବ୍ୟାସ ଦେବଙ୍କୁ ବନ୍ଦନା କରାଯାଇଛି –

''ନମୋସ୍ତୁତେ ବ୍ୟାସ ବିଶାଳ ବୁଦ୍ଧେ<br>
ଫୁଂଲ୍ଲାର ବିନ୍ଦାୟତ–ପତ୍ର ନେତ୍ର ।<br>
ଯେନତ୍ୱୟା ଭାରତ ତୈଳ ପୂର୍ଣ୍ଣଃ<br>
ପ୍ରଜ୍ୱାଳିତଃ ଜ୍ଞାନମୟଃ ପ୍ରଦୀପଃ ।।''

ପରମଜ୍ଞାନୀ ବ୍ୟାସଦେବଙ୍କୁ ପ୍ରଣାମ, ଯିଏ ତାଙ୍କର ଲିଖିତ ଦିବ୍ୟଜ୍ଞାନପୂର୍ଣ୍ଣ ମହାଭାରତ ଦ୍ୱାରା ଜଗତକୁ ଜ୍ଞାନାଲୋକ ଦ୍ୱାରା ଆଲୋକିତ କରିଥିଲେ ।

ମହର୍ଷି ବ୍ୟାସଦେବ ଜଣେ ମହାଜ୍ଞାନୀ ମହାପୁରୁଷ ଥିଲେ । ତାଙ୍କୁ ବିଷ୍ଣୁଙ୍କର ଅବତାର ବୋଲି କହନ୍ତି । ଗୀତା ପଠନର ପ୍ରାରମ୍ଭରେ ବଶିଷ୍ଠାଦି ମହାମୁନିମାନଙ୍କର ବନ୍ଦନା ମଧ୍ୟରେ କୁହାଯାଇଛି– 'ବ୍ୟାସାୟ ବିଷ୍ଣୁରୂପାୟ ବ୍ୟାସରୂପାୟ ବିଷ୍ଣବେ ।'

ମହାଭାରତ ଆଦି ଅଷ୍ଟାଦଶ ପୁରାଣର ରଚୟିତା ବ୍ୟାସଦେବ ଭଗବାନ ଶ୍ରୀକୃଷ୍ଣ କୌରବ ଏବଂ ପାଣ୍ଡବଗଣ କୁରୁକ୍ଷେତ୍ର ରଣଭୂମିରେ ପରସ୍ପର ମଧ୍ୟରେ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ରହିଥିବା ସମୟରେ ଅର୍ଜୁନଙ୍କ ରଥରେ ସାରଥୀ ହୋଇ ରହି ତାଙ୍କୁ ଯେଉଁ ଶ୍ରୀମଦ୍‌ଭାଗବତ୍ ଗୀତାତତ୍ତ୍ୱ କହିଥିଲେ ସେ ସବୁ ଲେଖି ଯାଇଛନ୍ତି । ଏଣୁ ତାଙ୍କୁ ଗୀତାର ରଚୟିତା ମଧ୍ୟ କୁହାଯାଏ । ତାଙ୍କର ଜନ୍ମ ସଂପର୍କରେ ଶ୍ରୀ ଲାହିଡ଼ି ମହାଶୟ ଗୀତାର ପ୍ରାରମ୍ଭରେ ଲେଖିଛନ୍ତି । ଯାହାର ସାର କଥା ଏହିଭଳି :

ସ୍ମୃତିରୁ ଜଣାଯାଏ ଯେ ଏକ ସମୟରେ ଦାସ ନାମକ ଜଣେ ରାଜା ଥିଲେ । ସେ ମତ୍ସ୍ୟ ଶିକାର ପ୍ରିୟ ଥିଲେ । ଦିନେ ସେ ନଦୀରୁ ଗୋଟିଏ ବଡ଼ ମାଛ ଧରିଥିଲେ । ମାଛଟି କାଟିବାରୁ ସେ ଭିତରୁ ଦୁଇଟି ଶିଶୁ ବାହାରିଥିଲେ । ଜଣେ ବାଳକ ଓ ଅନ୍ୟଟି ବାଳିକା । ସେ ଦୁହିଁକି ଘରେ ରଖି ନିଜର ଜନ୍ମିତ ସନ୍ତାନ ଭଳି ଲାଳନ ପାଳନ କରିଥିଲେ । ବାଳକଟିର ନାମ ରଖିଥିଲେ ବିରାଟ । ସେ ପରେ ମତ୍ସ୍ୟ ଦେଶର ରାଜା ହୋଇଥିଲେ । କନ୍ୟାଟିର ଦେହରୁ ତୀବ୍ର ମାଛ ଗନ୍ଧ ବାହାରୁ ଥିବାରୁ ତାକୁ ନେଇ ରାଜା ବିଶେଷ ଚିନ୍ତିତ ହୋଇ ପଡ଼ିଥିଲେ । ତାର ନାମ ରଖିଥିଲେ ମତ୍ସ୍ୟଗନ୍ଧା । ତା ପାଇଁ ଡଙ୍ଗାଟିଏ ତିଆରି କରି ନଦୀରେ ଯାତ୍ରୀ ପାର କରିବା କାର୍ଯ୍ୟରେ ତାକୁ ନିଯୁକ୍ତ କରିଥିଲେ । ଉଦ୍ଦେଶ୍ୟ ଥିଲା-କାଳେ କେହି ମହାପୁରୁଷଙ୍କର କୃପାଦୃଷ୍ଟି ଫଳରେ ତାର ଦେହରୁ ମତ୍ସ୍ୟଗନ୍ଧ ଦୂର ହୋଇପାରେ ।

ସୌଭାଗ୍ୟକ୍ରମେ ଦିନେ ମହାଶକ୍ତିମାନ୍ ମହର୍ଷି ପରାଶର ନଦୀ ପାର ହେବା ପାଇଁ ଆସିଥିଲେ ଏବଂ ଯିବା ପାଇଁ କହିଲେ । ମତ୍ସ୍ୟଗନ୍ଧା ମହାମୁନିଙ୍କୁ ଡଙ୍ଗାରେ ବସାଇ ଡଙ୍ଗା ବାହି ନେଲା । ନଦୀ ମଝିରେ ସେ ମୁନିଙ୍କୁ ନିଜର ଏହି ବ୍ୟକ୍ତିଗତ ସମସ୍ୟା ଜଣାଇଥିଲା । କନ୍ୟାଟି ଅପୂର୍ବ ସୁନ୍ଦରୀ ଥିଲା । ମହାମୁନି ପରାଶର ନିଜର ଯୋଗଶକ୍ତି ଦ୍ୱାରା ଜାଣିପାରିଥିଲେ ଯେ ସେହି କନ୍ୟା ଗର୍ଭରୁ ଜଣେ ମହାପୁରୁଷ ଜନ୍ମ ଲାଭ କରିବେ । ତେଣୁ ନିଜର ଯୋଗଶକ୍ତି ବଳରେ ସେ କୁମାରୀ କନ୍ୟାଟିର ମତ୍ସ୍ୟଗନ୍ଧ ଦୂର କରି ତାକୁ ସୁଗନ୍ଧଯୁକ୍ତ କରିଦେଲେ । ସେ ହୋଇଗଲା ପଦ୍ମଗନ୍ଧା । ତାପରେ ନିଜର ଶକ୍ତି ବଳରେ ସେ କୁମାରୀ କନ୍ୟାଟିକୁ ପ୍ରାପ୍ତ ବୟସ୍କା କରିଥିଲେ ଏବଂ ନଦୀ ଭିତରେ ଯୋଗଶକ୍ତି ଦ୍ୱାରା ଗୋଟିଏ ଦ୍ୱୀପ ସୃଷ୍ଟି କରିଥିଲେ । ଯାହାର ନାମ ହେଲା କୃଷ୍ଣଦ୍ୱୀପ । ସେହି ଦ୍ୱୀପ ମଧ୍ୟରେ ପଦ୍ମଗନ୍ଧା କନ୍ୟାଟିର ସହିତ ସେ ରହିଥିଲେ । ଉଭୟଙ୍କର ମିଳନ ଫଳରେ ଏକ ଶିଶୁ ପୁତ୍ର ଜନ୍ମ ହୋଇଥିଲା ।

କୃଷ୍ଣଦ୍ୱୀପରେ ଜନ୍ମ ହୋଇଥିବାରୁ ସେହି ଶିଶୁ ପୁତ୍ରଙ୍କର ନାମ ରଖିଲେ କୃଷ୍ଣ ଦ୍ୱୈପାୟନ ବେଦବ୍ୟାସ । ଏହି ମହାପୁରୁଷ ଶ୍ରୀମଦ ଭଗବଦ୍ ଗୀତାର ରଚୟିତା । ମହାମୁନି ବେଦବ୍ୟାସ ବା ବ୍ୟାସଦେବ ଜଣେ ଅଲୌକିକ ଐଶୀ ଶକ୍ତିଧର ଏବଂ ମହାଜ୍ଞାନୀ ପୁରୁଷ ଥିଲେ । ସେ ଅଷ୍ଟାଦଶ ମହାପୁରାଣ ଏବଂ ଅନ୍ୟାନ୍ୟ ବହୁ ଶାସ୍ତ୍ର ରଚନା କରିଥିଲେ । କୌରବ ଏବଂ ପାଣ୍ଡବମାନଙ୍କ ମଧ୍ୟରେ କୁରୁକ୍ଷେତ୍ରରେ ମହାଭାରତ ଯୁଦ୍ଧରେ ଭଗବାନ ଶ୍ରୀକୃଷ୍ଣ ପାଣ୍ଡବ ପକ୍ଷ ମହାରଥୀ ଅର୍ଜୁନଙ୍କର ରଥରେ ସାରଥୀ ହୋଇ ଯୁଦ୍ଧଭୂମିରେ ଉପସ୍ଥିତ ଥିବା ସମୟରେ ଅର୍ଜୁନଙ୍କୁ ଯେଉଁ ଗୀତା ଦିବ୍ୟ ଜ୍ଞାନତତ୍ତ୍ୱ ସବୁ ବର୍ଣ୍ଣନା କରିଥିଲେ ସେହି ସବୁ ମହାମୁନି ବ୍ୟାସଦେବ ନିଜର ଯୋଗଶକ୍ତି ବଳରେ ଧ୍ୟାନସ୍ଥ ରହି ସବୁ ଶୁଣି ପାରୁଥିଲେ ଏବଂ ଦେଖିପାରୁଥିଲେ କୁରୁ ରାଜା ଅନ୍ଧ ଧୃତରାଷ୍ଟ୍ରଙ୍କୁ ଏହି ଯୁଦ୍ଧର ସମସ୍ତ ବିବରଣୀ ଶୁଣାଇବା ପାଇଁ ସଞ୍ଜୟଙ୍କୁ ମଧ୍ୟ ସେ ଦିବ୍ୟଶକ୍ତି ପ୍ରଦାନ କରିଥିଲେ । ଯାହାଫଳରେ ସଞ୍ଜୟ ଧୃତରାଷ୍ଟ୍ରଙ୍କ ରାଜନବର ମଧ୍ୟରେ ରହି ମଧ୍ୟ ଦିବ୍ୟଦୃଷ୍ଟିରେ ଯୁଦ୍ଧର ସମସ୍ତ ଘଟଣା ଦେଖି ପାରୁଥିଲେ ଏବଂ ଧୃଷ୍ଟରାଷ୍ଟ୍ରଙ୍କୁ ବର୍ଣ୍ଣନା କରୁଥିଲେ ।

ମହର୍ଷି ବ୍ୟାସଦେବଙ୍କର ମାତା ମତ୍ସ୍ୟଗନ୍ଧାରଙ୍କର ପରବର୍ତ୍ତୀ ସମୟରେ ନାମ ହୋଇଥିଲା ସତ୍ୟବତୀ । ମୁନିଙ୍କର ପୂର୍ବ ଆଶିର୍ବାଦ ଫଳରେ ପରେ ସେ ହସ୍ତିନାପୁରର କୁରୁବଂଶ ମହାରାଜା ଶାନ୍ତନୁଙ୍କର ମହାରାଣୀ ହୋଇଥିଲେ । ଆଗରୁ ମହାରାଜ ଶାନ୍ତନୁଙ୍କର ପ୍ରଥମ ସ୍ତ୍ରୀ ଗଙ୍ଗାଙ୍କର ଗର୍ଭଜାତ ଜଣେ ପୁତ୍ର ଥିଲେ । ସେ ହେଉଛନ୍ତି ଦେବବ୍ରତ ବା ଭୀଷ୍ମ । ଶାନ୍ତନୁ ସତ୍ୟବତୀଙ୍କୁ ବିବାହ କରିବାକୁ ଇଛା ପ୍ରକାଶ କରିବାରୁ ସତ୍ୟବତୀଙ୍କ ପିତା ରାଜି ହେଲେନାହିଁ । କାରଣ ତାଙ୍କର ଶଙ୍କା ଥିଲା ଯେ ଶାନ୍ତନୁଙ୍କର ମୃତ୍ୟୁ ପରେ ଭୀଷ୍ମ ହିଁ ରାଜ ସିଂହାସନରେ ବସିବେ ଏବଂ ସତ୍ୟବତୀର ପୁତ୍ର ରାଜା ହୋଇପାରିବ ନାହିଁ । ଏଥିରେ ମହାରାଜା ଶାନ୍ତନୁ ଅତ୍ୟନ୍ତ ବିଷାଦଗ୍ରସ୍ତ ହୋଇ ପଡ଼ିଥିଲେ । ପିତାଙ୍କର ବିଷାଦର କାରଣ ଭୀଷ୍ମ ପରେ ଜାଣିପାରି ସତ୍ୟବତୀଙ୍କ ପିତାଙ୍କୁ ପ୍ରତିଶ୍ରୁତି ଦେଲେ ଯେ ସେ ଶାନ୍ତନୁଙ୍କ ମୃତ୍ୟୁ ପରେ ରାଜ ସିଂହାସନରେ ବସିବେ ନାହିଁ କିମ୍ବା ସେ ଆହୁରି ମଧ୍ୟ ପ୍ରତିଜ୍ଞା କଲେ ଯେ ସେ ବିବାହ ମଧ୍ୟ କରିବେ ନାହିଁ । ତେଣୁ ତାଙ୍କର ଔରସ ଜାତ କେହି ସନ୍ତାନ ରହିବେ ନାହିଁ ରାଜ ସିଂହାସନରେ ବସିବାକୁ ଦାବି କରିବା ପାଇଁ । ସତ୍ୟବତୀଙ୍କର ପିତା ଏଥିରେ ସନ୍ତୁଷ୍ଟ ହୋଇ ଶାନ୍ତନୁଙ୍କ ସହିତ ନିଜ କନ୍ୟା ସତ୍ୟବତୀଙ୍କର ବିବାହ ସମ୍ପାଦନ କରିଥିଲେ ।

ଜନ୍ମାନ୍ଧ ଧୃତରାଷ୍ଟ୍ର ଏବଂ ପଣ୍ଡୁ ସତ୍ୟବତୀଙ୍କର ଦୁଇ ପୌତ୍ର । ଧୃତରାଷ୍ଟ୍ରଙ୍କର ସ୍ତ୍ରୀ ଗାନ୍ଧାରୀ । ସେ ହେଉଛନ୍ତି ଦୁର୍ଯ୍ୟୋଧନ, ଦୁଃଶାସନ ଆଦି ଶହେ ପୁତ୍ରଙ୍କର ମାତା । ଏମାନେ କୌରବ ପକ୍ଷ । ପଣ୍ଡୁଙ୍କର ଦୁଇ ପତ୍ନୀ, କୁନ୍ତୀ ଏବଂ ମାଦ୍ରୀ । ଯୁଧିଷ୍ଠିର, ଭୀମ, ଅର୍ଜୁନ କୁନ୍ତୀଙ୍କ ପୁତ୍ର ଏବଂ ନକୁଳ ଓ ସହଦେବ ମାଦ୍ରୀଙ୍କର ପୁତ୍ର । ଏମାନେ ପଞ୍ଚ ପାଣ୍ଡବ ।

ଯୋଗୀରାଜ ଶ୍ରୀ ଶ୍ୟାମାଚରଣ ଲାହିଡ଼ିବାବା ତାଙ୍କର ଶ୍ରୀମଦ୍ ଭଗବଦ୍‌ଗୀତା ପ୍ରାରମ୍ଭରେ ଲେଖିଛନ୍ତି– ‘‘ଫଳାକାଙ୍‌କ୍ଷା ରହିତ  କ୍ରିୟାନୁଷ୍ଠାନ– ପାଣ୍ଡବ ପକ୍ଷ ବା ଧର୍ମକ୍ଷେତ୍ର ଏବଂ ଫଳାକାଙକ୍ଷା ସହିତ କ୍ରିୟାନୁଷ୍ଠାନ – କୌରବ ପକ୍ଷ ବା କୁରୁକ୍ଷେତ୍ର । ଏହି ଦୁଇ ପକ୍ଷ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା । ସାଧକର ଜୀବନରେ ଅହରହ ଏହି ଜୀବନ ସଂଗ୍ରାମ ବା ସାଧନ ସମର ଚାଲିଛି । ସେ ଏହା ଜ୍ଞାତ ହେଉ ବା ନହେଉ ।

# ଶ୍ରୀଭଗବଦ୍‌ଗୀତା ଏବଂ କ୍ରିୟାଯୋଗ

ଭଗବଦ୍‌ଗୀତାର ପ୍ରାରମ୍ଭରେ ଗୀତାଧ୍ୟାନରେ ଲେଖାଅଛି–

‘‘ସର୍ବୋପନିଷଦୋ ଗାବୋ ଦୋଗ୍‌ଧା ଗୋପାଳ ନନ୍ଦନଃ
ପାର୍ଥୋ ବତ୍ସଃ ସୁଧୀଃ ଭୋକ୍ତା ଦୁଗ୍ଧଂ ଗୀତାମୃତଂ ମହତ୍ ।’’

ଅର୍ଥାତ୍ – ଯେତେ ଉପନିଷଦ ଅଛି ସବୁ ହେଉଛନ୍ତି ଦୁଧିଆଳି ଗାଈ । ଗୋପାଳ ନନ୍ଦନ ବା ଶ୍ରୀକୃଷ୍ଣ ହେଉଛନ୍ତି ଦୁହାଁଳି ଗଉଡ଼ । ପାର୍ଥ ଅର୍ଥାତ୍ ଅର୍ଜୁନ ହେଉଛନ୍ତି ବାଛୁରୀ ଏବଂ ସୁଧୀବୃନ୍ଦ ବା ଜ୍ଞାନୀ ଲୋକମାନେ ଏହି ଦୁଗ୍‌ଧ, ଯାହାକି ଗୀତାରୂପକ ଅମୃତ, ତାହାକୁ ପାନ କରନ୍ତି ।

ଆଜକୁ ପ୍ରାୟ ୫୦୦୦ ବର୍ଷ ପୂର୍ବେ ମହାଭାରତ ଯୁଦ୍ଧ ସମୟରେ ଭଗବାନ ଶ୍ରୀକୃଷ୍ଣ କୁରୁକ୍ଷେତ୍ର ରଣଭୂମି ମଧ୍ୟରେ ଅର୍ଜୁନଙ୍କ ରଥରେ ସାରଥୀ ହୋଇ ତାହାଙ୍କୁ ଯେଉଁ ଆଧ୍ୟାତ୍ମିକ ତତ୍ତ୍ୱଜ୍ଞାନ କଥା ସବୁ ବୁଝାଇ କହିଥିଲେ, ସେ ସବୁ ମହାମୁନି ବ୍ୟାସଦେବ ମହାଭାରତ ମହାପୁରାଣରେ ବର୍ଣ୍ଣନା କରି ଲେଖିଥିଲେ । ଏହି ଅଷ୍ଟାଦଶ ଅଧ୍ୟାୟୀ ଅଦ୍ୱୈତ ଜ୍ଞାନାମୃତପୂର୍ଣ୍ଣ ଭଗବଦ୍ ଗୀତା ହେଉଛି ତାଙ୍କର ରଚିତ ମହାଭାରତ ମହାପୁରାଣର ଏକ ଅଂଶ । ଶ୍ରୀମଦ୍ ଭାଗବଦ୍ ଗୀତା ହେଉଛି ଗୋଟିଏ ଯୋଗଶାସ୍ତ୍ର । ଏଥିରେ ଅଠରଟି ଅଧ୍ୟାୟ ଅଛି । ପ୍ରତ୍ୟେକ ଅଧ୍ୟାୟରେ ଗୋଟିଏ ଗୋଟିଏ ଯୋଗତତ୍ତ୍ୱ ବିଷୟ ବର୍ଣ୍ଣିତ ଅଛି । ପ୍ରତି ଅଧ୍ୟାୟର ଶେଷରେ ଲେଖା ହୋଇଛି -

''ଇତି ଶ୍ରୀମଦ୍‌ଭଗବଦ୍ ଗୀତାସୁ ଉପନିଷଦ୍‌ସୁ ବ୍ରହ୍ମବିଦ୍ୟାୟାଂ
ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜ୍ଜୁନ ସମ୍ବାଦେ ।'' ଇତ୍ୟାଦି ।

ଭଗବଦ୍‌ଗୀତାରେ ଭଗବାନ ଶ୍ରୀକୃଷ୍ଣ ଯାହା ସବୁ ଉପଦେଶ ଅର୍ଜୁନଙ୍କୁ ପ୍ରଦାନ କରିଥିଲେ ସେହି ସବୁର ଅନ୍ତର୍ନିହିତ ତତ୍ତ୍ୱ ହେଉଛି କ୍ରିୟାଯୋଗ । ମନୁଷ୍ୟରୁ ଜନ୍ମାବିଧି ମୃତ୍ୟୁ ପର୍ଯ୍ୟନ୍ତ ନିଜର ଦଶ ଇନ୍ଦ୍ରିୟମାନଙ୍କ ଦ୍ୱାରା ଯେଉଁ ସବୁ ଶାରୀରିକ ସ୍ତରରେ କର୍ମ କରେ ଏବଂ ମନ, ବୁଦ୍ଧି, ଚିତ୍ତ, ଅହଂକାର ଜନିତ କର୍ମ କରେ, ସେହିସବୁ ହେଉଛି କ୍ରିୟାଯୋଗ ।

କ୍ରିୟା ହେଉଛି ଦୁଇଟି ଅକ୍ଷର, କ୍ରି ଏବଂ ୟା । କ୍ରି ସଂସ୍କୃତ କୃ ଧାତୁରୁ ଉତ୍ପନ୍ନ । କୃ-କରିବା 'ୟା'ର ଅର୍ଥ ହେଉଛି - ଯିଏ କର୍ମ କରାଉଅଛନ୍ତି । ଆମର ଶରୀର ମଧ୍ୟରେ ଯିଏ ରହି ଆମର ସବୁ ପ୍ରକାର କର୍ମ କରାଉଅଛନ୍ତି , ସିଏ ହେଉଛନ୍ତି ପରମାତ୍ମା । ''ଈଶ୍ୱରଃ ସର୍ବଭୂତାନାଂ ହୃଦ୍‌ଦେଶେ ଅର୍ଜୁନ ତିଷ୍ଠତି । (ଗୀତା) 'କରି କରାଉଥାଏ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ ।' ତେଣୁ କ୍ରିୟା ଯୋଗ ହେଉଛି ସେହି ବୈଜ୍ଞାନିକ ପଦ୍ଧତି ଯାହାର ସାଧନ ଦ୍ୱାରା ମନୁଷ୍ୟର ଉପଲବ୍ଧି ହୁଏ ଯେ ତାର ସମସ୍ତ ସାଂସାରିକ କର୍ମ ତାର ଅନ୍ତରସ୍ଥ ପରମାତ୍ମାଙ୍କ ଦ୍ୱାରା ନିୟନ୍ତ୍ରିତ ଏବଂ ସେ କେବଳ ନିମିତ୍ତ ମାତ୍ର ।

ଯୋଗ ଶବ୍ଦ ସଂସ୍କୃତ ଯୁଜ୍ ଧାତୁରୁ ଉତ୍ପନ୍ନ । ଯୋଗର ଅର୍ଥ ଯୋଗ କରିବା ବା ଯୋଡ଼ିବା । ଜୀବାତ୍ମାକୁ ପରମାତ୍ମାଙ୍କ ସହିତ ଯୋଡ଼ିବା । 'ଜୀବଃ ଆତ୍ମନି ଏବ ଐକ୍ୟଂ' ଯେଉଁ ପ୍ରକାର ସାଧନ କୌଶଳ ଦ୍ୱାରା ଜୀବକୁ ପରମଙ୍କ ସହିତ ନେଇ ଯୁକ୍ତ କରିବାକୁ ହୁଏ, ତାହାର ପରମଗତି ହୁଏ, ତାହା ହେଉଛି କ୍ରିୟାଯୋଗ ସାଧନା । ଏହା ବହୁ ପୁରାତନ ବୈଜ୍ଞାନିକ ସାଧନ କୌଶଳ । ଭଗବାନ ଶ୍ରୀକୃଷ୍ଣ ଭଗବଦ୍‌ଗୀତାର ୪ର୍ଥ ଅଧ୍ୟାୟ ପ୍ରଥମ ଶ୍ଳୋକରେ କହିଛନ୍ତି-

''ଇମଂ ବିବସ୍ୱତେ ଯୋଗଂ ପ୍ରୋକ୍ତବାନହମବ୍ୟୟଂ
ବିବସ୍ୱାନ୍ ମନବେ ପ୍ରାହ ମନୁରିକ୍ଷ୍ୱାକ-ବେ ବ୍ରବୀତ୍ ।''

ଅର୍ଥାତ୍ - ''ମୁଁ ଏହି ଯୋଗ ପୂର୍ବେ ବିବସ୍ୱାନଙ୍କୁ କହିଥିଲି । ବିବସ୍ୱାନ୍ ମନୁଙ୍କୁ କହିଥିଲେ । ମନୁ ତାଙ୍କ ପୁତ୍ର ଇକ୍ଷ୍ୱାକୁଙ୍କୁ ଏହା କହିଥିଲେ । ସମସ୍ତ ମାନବ ଜାତି ମନୁଙ୍କର ସନ୍ତାନ ଅଟନ୍ତି ।''

ପରବର୍ତ୍ତି ଶ୍ଳୋକରେ ଶ୍ରୀକୃଷ୍ଣ କହିଛନ୍ତି ''ଏହି ଯୋଗ ସାଧନା ପୁତ୍ର ପୌତ୍ର ପରଂପରା କ୍ରମରେ ଚଳି ଆସୁଥିଲା । କାଳକ୍ରମେ ତାହା ବିଲୁପ୍ତ ହୋଇ ଯାଇଥିଲା । ଏହି ଯୋଗ ମୁଁ ଆଜି ତୁମ୍ଭଙ୍କୁ କହୁଛି ।''



ମହାନ୍ କ୍ରିୟାଯୋଗୀ ଶ୍ରୀ ଶ୍ୟାମାଚରଣ ଲାହିଡି ମହାଶୟ

ଅର୍ଜୁନଙ୍କ ଛଡ଼ା ତାଙ୍କର ଯୁଧିଷ୍ଠିର ଆଦି ଅନ୍ୟ ଚାରି ଭାଇଙ୍କୁ ମଧ୍ୟ ଶ୍ରୀକୃଷ୍ଣ ଏହି ଯୋଗସାଧନା କୌଶଳ ଶିକ୍ଷା ଦେଇଥିଲେ । ଅନ୍ୟ କେତେକ ତାଙ୍କର ପ୍ରିୟ ଭକ୍ତ ମାନଙ୍କୁ ମଧ୍ୟ ଶିକ୍ଷା ଦେଇଥିଲେ । ଶ୍ରୀକୃଷ୍ଣଙ୍କ ପରଠାରୁ ପ୍ରାୟ ପାଞ୍ଚହଜାର ବର୍ଷ ଯାଏଁ ଏହି ଯୋଗ ସାଧନା ଆଉ କେଉଁ ମହା ପୁରୁଷମାନେ କରିଥିଲେ, ସେମାନଙ୍କ ବିଷୟରେ କୌଣସି ତଥ୍ୟ ଏଯାଏଁ ମିଳିନାହିଁ ।

ପ୍ରଥମକରି ୧୮୬୧ ଖ୍ରୀଷ୍ଟାବ୍ଦ ଡ଼ିସେମ୍ବର ମାସରେ ମହାବତାର ବାବାଜୀ ମହାରାଜ ଶ୍ରୀ ଶ୍ୟାମା ଚରଣ ଲାହିଡ଼ି ମହାଶୟଙ୍କୁ ଏହି ଯୋଗ ସାଧନା ଦୀକ୍ଷା ଦେଇଥିଲେ ।

ମହାବତାର ବାବାଜୀ ମହାରାଜ ଜଣେ ପରମସିଦ୍ଧ ଯୋଗୀ ମହାପୁରୁଷ । ସେ ଜଣେ ଦେବପୁରୁଷ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ତାଙ୍କର ବୟସ କେତେ କେହି ଜାଣନ୍ତି ନାହିଁ । ଶତାଧିକ ବର୍ଷ ହୋଇପାରେ । ସହସ୍ରାଧିକ ବି ହୋଇପାରେ । ସେ ସବୁବେଳେ ଯୁବକ, ପ୍ରାୟ ୨୫ ବା ୨୬ ବର୍ଷ ବୟସ ହୋଇପାରେ ବୋଲି ଯେଉଁ ଭାଗ୍ୟବାନ୍ ଯୋଗୀ ପୁରୁଷ ତାଙ୍କୁ ଦେଖିଛନ୍ତି, ସେମାନେ କହନ୍ତି– ସେ ସର୍ବଦା ସୂକ୍ଷ୍ମ ଶରୀରରେ ରହିଥାଆନ୍ତି । ଆବଶ୍ୟକ ପଡ଼ିଲେ ନିଜ ଇଚ୍ଛାରେ ମନୁଷ୍ୟ ଦେହ ଧାରଣ କରି ନିଜର ପ୍ରିୟ ଭକ୍ତମାନଙ୍କୁ ଦେଖା ଦେଇଥାଆନ୍ତି । ତାଙ୍କର କୌଣସି ନାମ ନାହିଁ । ତାଙ୍କ ଦ୍ୱାରା କ୍ରିୟାଯୋଗରେ ଦୀକ୍ଷିତ ଶିଷ୍ୟମାନେ ତାଙ୍କୁ ବାବାଜୀ ମହାରାଜ ବୋଲି ଜାଣନ୍ତି ।

ଶ୍ରୀଶ୍ୟାମାଚରଣ ଲାହିଡ଼ୀ – ଶ୍ରୀ ଶ୍ୟାମାଚରଣ ଲାହିଡ଼ି ମହାଶୟଙ୍କ ଜନ୍ମ ୧୮୨୮ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବର ମାସ ୩୦ ତାରିଖରେ । ଅବିଭକ୍ତ ବଂଗପ୍ରଦେଶସ୍ଥିତ ଘୁରଣୀ ନାମକ ଗ୍ରାମରେ ଉଚ୍ଚ ବ୍ରାହ୍ମଣ କୁଳରେ ଜନ୍ମଗ୍ରହଣ କରିଥିଲେ । ପିତା ଗୌର ମୋହନ ଲାହିଡ଼ି ଜଣେ ଶାସ୍ତ୍ରବିତ୍ ଓ ପଣ୍ଡିତ, ସଦାଚାରୀ, ନିଷ୍ଠାବାନ ଧାର୍ମିକ ବ୍ରାହ୍ମଣ ଥିଲେ । ମାତା ମୁକ୍ତକେଶୀ ଦେବୀ ଅତ୍ୟନ୍ତ ଧର୍ମ ପରାୟଣା, ଭକ୍ତିମତି, ସ୍ନେହମୟୀ ଅତିଥି ପରାୟଣା ରମଣୀ ଥିଲେ । ଗୌର ମୋହନ ଜଣେ ବିଦ୍ୱାନ ଏବଂ ପରୋପକାରୀ ବ୍ୟକ୍ତି ଥିବାରୁ ସମସ୍ତଙ୍କର ଶ୍ରଦ୍ଧା ଓ ଭକ୍ତିଭାଜନ ହୋଇଥିଲେ ।

ପରବର୍ତ୍ତୀ ସମୟରେ ନାନା କାରଣରୁ ନିଜର ବାସସ୍ଥାନ ବଙ୍ଗ ଦେଶର ଘୁରୁଣୀ ଗ୍ରାମ ପରିତ୍ୟାଗ କରି କାଶୀରେ ନିବାସ କରିଥିଲେ ।

ମୁକ୍ତକେଶୀ ଥିଲେ ଗୌର ମୋହନଙ୍କର ଦ୍ୱିତୀୟ ପତ୍ନୀ । ପ୍ରଥମ ସ୍ତ୍ରୀଙ୍କର ମୃତ୍ୟୁ ପରେ ତାଙ୍କୁ ବିବାହ କରିଥିଲେ । ଶ୍ୟାମାଚରଣଙ୍କର ଶିଶୁ ଅବସ୍ଥାରେ ମାତା

ମୁକ୍ତକେଶୀଙ୍କର ମୃତ୍ୟୁ ହୋଇଥିଲା । ଏହା ପରେ ପରେ ଗୌରମୋହନ କାଶୀ ବା ଆଧୁନିକ ବନାରସ, ପବିତ୍ର ତୀର୍ଥ ଶିବକ୍ଷେତ୍ରରେ ପିଲାମାନଙ୍କ ସହ ଯାଇ ବସବାସ କରିଥିଲେ । ପିଲାଦିନରୁ ଶ୍ୟାମାଚରଣଙ୍କର ଦୈବୀ ପ୍ରତିଭାର ସୂଚନା ମିଳିଥିଲା । ସେ ବିଶେଷ ମେଧାବୀ ଥିଲେ । ପିତା ଶ୍ୟାମାଚରଣଙ୍କର ଉଚ୍ଚତର ଶିକ୍ଷା ଲାଭ ପାଇଁ ବିଶେଷ ଯତ୍ନବାନ ଥିଲେ । ପିତାଙ୍କର ନିର୍ଦ୍ଦେଶରେ ସେ ପ୍ରଥମେ ସଂସ୍କୃତ, ହିନ୍ଦୀ, ଉର୍ଦ୍ଦୁ ଏବଂ ପାର୍ସୀ ଭାଷା ଶିକ୍ଷା କରିଥିଲେ । ପରେ ପରେ ସେ ଇଂରାଜୀ ବିଦ୍ୟାଳୟରେ ପଢ଼ି ୧୮୪୮ ମସିହାରେ ପାଠ ପଢ଼ା ଶେଷ କରିଥିଲେ । ସେତେବେଳକୁ ତାଙ୍କୁ ମାତ୍ର ୨୦ ବର୍ଷ ବୟସ । ୧୮ ବର୍ଷ ବୟସରେ ତାଙ୍କର କାଶୀମଣୀ ଦେବୀଙ୍କ ସହିତ ବିବାହ ହୋଇଥିଲା । ସେ ସମୟରେ ଭାରତରେ ବ୍ରିଟିଶ ଶାସନ ଚାଲୁଥିଲା । ୧୮୫୧ରେ ସେ ପୂର୍ତ୍ତ ବିଭାଗର ମିଲିଟାରୀ ଇଞ୍ଜିନିୟରିଙ୍ଗ୍ ବିଭାଗରେ କିରାଣୀ ଚାକିରି ପାଇଥିଲେ ।

ଚାକିରି କାଳରେ ଭିନ୍ନ ଭିନ୍ନ ସ୍ଥାନକୁ ବଦଳି ହୁଏ । ୧୮୬୧ ମସିହା ନଭେମ୍ବର ୨୩ରେ ଶ୍ୟାମାଚରଣଙ୍କୁ ହିମାଳୟ ପାଦଦେଶର ନୈନିତାଲ ନିକଟବର୍ତ୍ତୀ ରାଣୀକ୍ଷେତ ନାମକ ସ୍ଥାନକୁ ବଦଳି ଆଦେଶ ହୋଇଥିଲା । ବ୍ରିଟିଶ ସରକାରଙ୍କର ସେନାବାହିନୀ ପାଇଁ ରାସ୍ତା ନିର୍ମାଣ ଏବଂ ସେନା ନିବାସ ସ୍ଥାପନ ପାଇଁ କରାଯାଉଥିବା କାମର ଦାୟିତ୍ୱ ତାଙ୍କୁ ଦିଆଯାଇଥିଲା । ଏହିଠାରେ ମହାବତାର ବାବାଜୀ ମହାରାଜଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା । ବାବାଜୀ ମହାରାଜ ତାଙ୍କୁ କ୍ରିୟାଯୋଗର ଉଚ୍ଚତର ସାଧନା ଦୀକ୍ଷା ଦେଇ ତାଙ୍କର ଜୀବନ ଧନ୍ୟ କରିଥିଲେ । ଶ୍ୟାମାଚରଣଙ୍କର ଦୀକ୍ଷା ଲାଭ ତାଙ୍କର ଜୀବନରେ ଏକ ବିରାଟ ରୂପାନ୍ତର ଆଣି ଦେଇଥିଲା । ଖାଲି ସେତିକି ନୁହେଁ, ଅଜ୍ଞାନ ଅନ୍ଧକାରଚ୍ଛନ୍ନ ମାନବ ସମାଜର ଆଧ୍ୟାତ୍ମିକ ବିକାଶ ପାଇଁ ଏକ ନୂତନ ସଫଳ ଯୋଗ ସାଧନ ପଦ୍ଧତିର ଦ୍ୱାର ମଧ୍ୟ ଉନ୍ମୁକ୍ତ ହୋଇଥିଲା । ଏହା ହେଉଛି କ୍ରିୟାଯୋଗ ସାଧନା । ଯାହା ଭଗବାନ ଶ୍ରୀକୃଷ୍ଣଙ୍କର ଇହଧାମ ତ୍ୟାଗ ପରଠାରୁ ଲୁପ୍ତ ପ୍ରାୟ ହୋଇ ରହିଥିଲା ।

କ୍ରିୟାଯୋଗ ସାଧନା ବଳରେ ଶ୍ରୀ ଶ୍ୟାମାଚରଣ ଉଚ୍ଚତମ ଆଧ୍ୟାତ୍ମିକ ଉପଲବ୍ଧି ପ୍ରାପ୍ତ ହୋଇଥିଲେ ଏବଂ ହୋଇଥିଲେ ଅଲୌକିକ ଶକ୍ତିଧର ମହାପୁରୁଷ । ସାଧାରଣ ମନୁଷ୍ୟ ଭଳି ସେ ଜଣେ ଗୃହୀ । ତାଙ୍କର ଦୁଇଟି ପୁତ୍ର ଏବଂ ତିନୋଟି କନ୍ୟା ଥିଲେ । ଗୃହ ସଂସାର କରି ପାରିବାରିକ ଝଞ୍ଜାଳ ଭିତରେ ରହି ସୁଦ୍ଧା କ୍ରିୟାଯୋଗ ସାଧନା ବଳରେ ତାଙ୍କ ଭଳି ଜଣେ ମହାସିଦ୍ଧ ହୋଇପାରିବା ସମ୍ଭବ । ଏହା ସେ ନିଜେ

ନିଷ୍ଠାର ସହିତ କ୍ରିୟାଯୋଗ ସାଧନ କରି ପ୍ରତ୍ୟକ୍ଷରେ ସମସ୍ତଙ୍କୁ ଦେଖାଇ ଦେଇଛନ୍ତି । କ୍ରିୟାଯୋଗ ସାଧନା ପାଇଁ ଗୃହତ୍ୟାଗ କରି ବନ ପର୍ବତକୁ ତପସ୍ୟା କରିବାକୁ ଯିବା ଆବଶ୍ୟକ ନାହିଁ, ଏହା ସେ ସମସ୍ତଙ୍କୁ କହନ୍ତି ।

ସିଦ୍ଧ ମହାପୁରୁଷ ଶ୍ରୀ ଲାହିଡ଼ୀବାବାଙ୍କର ବହୁ ଶିଷ୍ୟ ଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଗୃହୀ ଶିଷ୍ୟ । ସମସ୍ତେ ତାଙ୍କ ଠାରୁ କ୍ରିୟାଯୋଗ ଦୀକ୍ଷା ଗ୍ରହଣ କରି ସିଦ୍ଧିଲାଭ କରିଥିଲେ । ସେମାନଙ୍କ ମଧ୍ୟରେ ଲାହିଡ଼ିବାବାଙ୍କର ଦୁଇ ପୁଅ-ତିନିକଡ଼ି ଲାହିଡ଼ି ଏବଂ ଦୁକଡ଼ି ଲାହିଡ଼ି ଥିଲେ ପ୍ରଧାନ । ପଞ୍ଚାନନ ଭଟ୍ଟାଚାର୍ଯ୍ୟ, ସ୍ୱାମୀ ଶ୍ରୀ ଯୁକ୍ତେଶ୍ୱର ଗିରି, ସ୍ୱାମୀ ପ୍ରଣବାନନ୍ଦ ଗିରି, ସ୍ୱାମୀ କେଶବାନନ୍ଦ, କେବଳାନନ୍ଦ ପ୍ରମୁଖ ଆହୁରି ଅନେକ ଥିଲେ ।

ପରମହଂସ ହରିହରାନନ୍ଦ ତାଙ୍କ ଗୁରୁ ସ୍ୱାମୀ ଯୁକ୍ତେଶ୍ୱର ଗିରିଙ୍କ ଠାରୁ କ୍ରିୟାଯୋଗ ଦୀକ୍ଷା ନେଇଥିଲେ । ଶ୍ରୀ ଯୁକ୍ତେଶ୍ୱର ପୁରୀ ସହର ସ୍ୱର୍ଗଦ୍ୱାର ନିକଟରେ କଡ଼ାର ଆଶ୍ରମ ସ୍ଥାପନ କରିଥିଲେ । ପରମହଂସ ହରିହରାନନ୍ଦ ଶ୍ରୀଯୁକ୍ତେଶ୍ୱର ଗିରିଙ୍କ ଠାରୁ ୧୯୩୨ ମସିହାରେ କ୍ରିୟାଯୋଗ ଦୀକ୍ଷା ନେଇଥିଲେ ।

ଶ୍ରୀ ଯୁକ୍ତେଶ୍ୱରଙ୍କର ମହାସମାଧିର କିଛି ବର୍ଷ ପରେ ୧୯୩୮ ମସିହାରେ ଶ୍ରୀ ପରମହଂସ ହରିହରାନନ୍ଦ କଡ଼ାର ଆଶ୍ରମରେ ଆସି ରହି ନିଷ୍ଠାର ସହିତ କ୍ରିୟାଯୋଗ ସାଧନା କରି ସିଦ୍ଧି ଲାଭ କରିଥିଲେ । ଏଠାରେ ସେ ମହାବତାର ବାବାଜୀ ମହାରାଜଙ୍କର ସାକ୍ଷାତ୍ ଏବଂ ତାଙ୍କର କୃପାପ୍ରାପ୍ତ ହୋଇ ଯୋଗ ସାଧନାର ଚରମ ଅବସ୍ଥିତି ନିର୍ବିକଳ୍ପ ସମାଧି ଲାଭ କରିଥିଲେ ।

ଶ୍ରୀ ଶ୍ୟାମାଚରଣ ଲାହିଡ଼ି କ୍ରିୟାଯୋଗ ଦୃଷ୍ଟିକୋଣରୁ ଭଗବଦ୍‌ଗୀତାର ତାତ୍ତ୍ୱିକ ବ୍ୟାଖ୍ୟା କରି କ୍ରିୟାବାନ୍ ଭକ୍ତ ଏବଂ ବିଶ୍ୱର ବହୁ ଭଗବଦ୍‌ଗୀତା ଶ୍ରଦ୍ଧାଳୁ ମାନଙ୍କର ଅଶେଷ ଉପକାର କହିଅଛନ୍ତି । ଏଥିପାଇଁ ତାଙ୍କ କ୍ରିୟାଯୋଗ ଗଙ୍ଗାର ଭଗୀରଥ ବୋଲି ମଧ୍ୟ ଲୋକେ କହନ୍ତି । ଭଗୀରଥ ଯେପରି ଗଙ୍ଗାକୁ ସ୍ୱର୍ଗରୁ ଅବତରଣ କରାଇ ଆଣି ଦେଶକୁ ସୁଜଳା ସୁଫଳା କରି ପାରିଥିଲେ ସେପରି ଶ୍ରୀ ଲାହିଡ଼ୀ ମହାଶୟ ଜନ କଲ୍ୟାଣ ପାଇଁ ସମସ୍ତଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରାଇ ଈଶ୍ୱରାଭିମୁଖୀ କରାଇବା ପାଇଁ ଯେଉଁ ସହଜ ଏବଂ ଶୀଘ୍ର ଫଳପ୍ରଦ କ୍ରିୟାଯୋଗ ସାଧନ କୌଶଳ ଭଗବଦ୍‌ଗୀତାର କ୍ରିୟାଯୋଗ ଭିତ୍ତିକ ତାତ୍ତ୍ୱିକ ବ୍ୟାଖ୍ୟା ମାଧ୍ୟମରେ ଶିକ୍ଷା ଦେଇଥିଲେ ତାହା ଅପୂର୍ବ । ତାଙ୍କର ଏହି ଭଗବଦ୍‌ଗୀତା ପ୍ରଥମରେ ୧୮୮୮ ଖ୍ରୀଷ୍ଟାବ୍ଦରେ ବଙ୍ଗାଳି

ଭାଷାରେ ଲିଖିତ ପୁସ୍ତକ ରୂପେ ପ୍ରକାଶିତ ହୋଇଥିଲା । ପରେ ପରେ ତାଙ୍କର ଶିଷ୍ୟ ଶ୍ରୀ ଯୁକ୍ତେଶ୍ୱର ଗିରି ମହାରାଜ, ସ୍ୱାମୀ ପ୍ରଣବାନନ୍ଦ ଗିରି, ଯୋଗାଚାର୍ଯ୍ୟ ଶ୍ରୀ ପଞ୍ଚାନନ ଭଟ୍ଟାଚାର୍ଯ୍ୟ ଭଗବଦ୍ ଗୀତାର କ୍ରିୟାଯୋଗ ତତ୍ତ୍ୱ ସମ୍ବଳିତ ବ୍ୟାଖ୍ୟା ଲେଖିଛନ୍ତି । କିନ୍ତୁ ସମସ୍ତ ବଙ୍ଗଳା ଭାଷାରେ ଲିଖିତ । ସେମାନେ ଭଗବଦ୍‌ଗୀତାର ତାତ୍ତ୍ୱିକ ବ୍ୟାଖ୍ୟା ସେମାନଙ୍କର ପୂଜ୍ୟ ଗୁରୁଦେବ ଶ୍ରୀ ଲାହିଡ଼ୀ ମହାଶୟଙ୍କର ଲିଖିତ ଗୀତାର ତାତ୍ତ୍ୱିକ ବ୍ୟାଖ୍ୟା ଅବଲମ୍ବନରେ ଲେଖିଛନ୍ତି ।

ଶ୍ରୀ ଲାହିଡ଼ୀ ମହାଶୟ ତାଙ୍କର ଗୀତାରେ ଲେଖିଛନ୍ତି ଯେ ଶ୍ରୀ ଶ୍ରୀଧର ସ୍ୱାମୀ, ଜଗଦ୍‌ଗୁରୁ ଶ୍ରୀ ଶଙ୍କରାଚାର୍ଯ୍ୟ ଭଗବଦ୍ ଗୀତାର ଯେଉଁ ଟୀକା ଲେଖିଛନ୍ତି ତାହା ସବୁ ବହିର୍ଲକ୍ଷ ଉପରେ ପର୍ଯ୍ୟବେଶିତ । ପ୍ରଥମେ ବହିଃର୍ଲକ୍ଷ ନହେଲେ ଅନ୍ତର୍ଲକ୍ଷ ହୋଇପାରେନା । ବହିଃର୍ଲକ୍ଷ ସମ୍ବଳିତ ଗୀତାର ବ୍ୟାଖ୍ୟା ଅନୁଧ୍ୟାନ କରୁ କରୁ କ୍ରମଶଃ ଅନ୍ତର୍ଲକ୍ଷ ଆପେ ଆପେ ହୁଏ । କିନ୍ତୁ ଅନ୍ତର୍ଲକ୍ଷ ଦୃଷ୍ଟିଜାତ ହେବାପାଇଁ କ୍ରିୟାଯୋଗ ତତ୍ତ୍ୱଜ୍ଞ ସିଦ୍ଧ ଗୁରୁଙ୍କର ଉପଦେଶ ଏବଂ ସାହାଯ୍ୟ ନିତାନ୍ତ ଆବଶ୍ୟକ । ଗୀତାର ପ୍ରାୟ ପ୍ରତ୍ୟେକ ଶ୍ଲୋକର ଦୁଇ ପ୍ରକାର ବ୍ୟାଖ୍ୟା କରାଯାଇପାରେ । ପ୍ରଥମ ହେଉଛି ସାଧାରଣ ଲୋକେ ବୁଝିବା ପାଇଁ ଏକ ସରଳ ଆକ୍ଷରିକ ବ୍ୟାଖ୍ୟା । ଦ୍ୱିତୀୟ ହେଉଛି କ୍ରିୟାଯୋଗର ନିଗୂଢ଼ ତତ୍ତ୍ୱ ଜିଜ୍ଞାସୁ ସାଧକ ମାନଙ୍କର ଉପଲବ୍ଧି ପାଇଁ ତାତ୍ତ୍ୱିକ ବ୍ୟାଖ୍ୟା । ଶ୍ରୀ ଶ୍ୟାମାଚରଣ ଲାହିଡ଼ୀବାବାଙ୍କର ରଚିତ ଭଗବଦ୍‌ଗୀତାର ବ୍ୟାଖ୍ୟା ଏହି କ୍ରିୟାଯୋଗ ତତ୍ତ୍ୱବୋଧିନୀ ବ୍ୟାଖ୍ୟା କେବଳ ଶ୍ରଦ୍ଧାଳୁ କ୍ରିୟାବାନ୍ ଭକ୍ତଙ୍କର ଆଧ୍ୟାତ୍ମିକ ବିକାଶ ନିମିତ୍ତ ଉଦିଷ୍ଟ । ଯାହା ସେ ତାଙ୍କର ଗୁରୁଦେବ ମହାବତାର ବାବାଜୀ ମହାରାଜଙ୍କର କୃପାରୁ ପ୍ରାପ୍ତ ହୋଇଥିଲେ ।

ଭଗବଦ୍‌ଗୀତାରେ ବିଶେଷ ଲକ୍ଷ୍ୟ କରିବା କଥା ଯେ କୁରୁକ୍ଷେତ୍ର ଯୁଦ୍ଧଭୂମିରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଗୀତାତତ୍ତ୍ୱ ବୁଝାଇଛନ୍ତି । ଗୀତାର କୌଣସି ଅଧ୍ୟାୟରେ ମଧ ଶ୍ରୀକୃଷ୍ଣ ଉବାଚ ବୋଲି ଲେଖା ହୋଇନାହିଁ । ଲେଖା ହୋଇଛି ଶ୍ରୀ ଭଗବାନ ଉବାଚ । ଏଥିରୁ ବୁଝାଯିବ ଯେ ଶ୍ରୀକୃଷ୍ଣ ହେଉଛନ୍ତି ସ୍ୱୟଂ ଭଗବାନ । ଶ୍ରୀ ଲାହିଡ଼ୀ ମହାଶୟ ତାଙ୍କର ଭଗବଦ୍‌ଗୀତାରେ ଶ୍ରୀ ଭଗବାନ ଉବାଚର ତାତ୍ତ୍ୱିକ ଅର୍ଥ 'କୂଟସ୍ଥ ଦ୍ୱାରା ଅନୁଭବ ହେଉଛି' ବୋଲି ଲେଖିଛନ୍ତି । ଏହାର ତାତ୍ପର୍ଯ୍ୟ ହେଉଛି 'କୂଟସ୍ଥ' ହିଁ ଭଗବାନ । ମନୁଷ୍ୟର ଦୁଇ ଭ୍ରୁମଧ୍ୟ ସ୍ଥାନ ହେଉଛି 'କୂଟସ୍ଥ' । ଭଗବଦଗୀତା ଷଷ୍ଠ ଅଧ୍ୟାୟ ୧୩ ଶ୍ଲୋକରେ ଲେଖାଅଛି -ସଂପ୍ରେକ୍ଷ ନାସିକାଗ୍ରଂ ସ୍ୱଂ ଦିଶଶ୍ଚାନ ବଲୋକୟନ୍, ନାସିକାଗ୍ର ଅର୍ଥାତ୍ ଦୁଇ ଭ୍ରୁମଧ ସ୍ଥାନ ଯାହା ଏହି କୁଟସ୍ଥ ମଧରେ ଦୃଷ୍ଟି ନିବଦ୍ଧ ରଖି ଧ୍ୟାନ । ଅନ୍ୟ

କୌଣସି ଆଡ଼କୁ ଦୃଷ୍ଟି ନଦେଇ ଧ୍ୟାନ କଲେ ଦିବ୍ୟ ଭଗବଦ୍ ଜ୍ୟୋତି ଦର୍ଶନ ହୁଏ । ଇଷ୍ଟ ଦର୍ଶନ ମଧ୍ୟ ହୁଏ । ଗୀତାର ପଞ୍ଚଦଶ ଅଧ୍ୟାୟ ୧୬ ଶ୍ଳୋକରେ ଅଛି–

''ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବଚ
କ୍ଷରଃ ସର୍ବାଣି ଭୂତାନି କୂଟସ୍ଥୋଽକ୍ଷର ଉଚ୍ୟତେ ।''

ଅର୍ଥାତ୍ – କ୍ଷର ଓ ଅକ୍ଷର ଏହି ଦୁଇଟି ପୁରୁଷ । କ୍ଷର ପୁରୁଷ ହେଉଛନ୍ତି ସମୁଦାୟ ଭୂତଗଣ । ଅକ୍ଷର ପୁରୁଷ ହେଉଛନ୍ତି କୂଟସ୍ଥଚୈତନ୍ୟ । ପ୍ରାଣର ଚଞ୍ଚଳ ଗତି କ୍ଷର ପଦବାଚ୍ୟ । ସ୍ଥିର ପ୍ରାଣ ହିଁ ଅକ୍ଷର ପୁରୁଷ ପଦବାଚ୍ୟ, ଯେ କୂଟସ୍ଥରେ ବିରାଜମାନ । ସେ ଅବ୍ୟୟ ଏବଂ ଅକ୍ଷୟ । ସେ ହିଁ ଭଗବାନ ।

### ପରମହଂସ ହରିହରାନନ୍ଦଙ୍କର ଲିଖିତ ଭଗବଦ୍‌ଗୀତାର ତାତ୍ତ୍ୱିକ ମୂଲ୍ୟବୋଧ–

ପରମହଂସ ହରିହରାନନ୍ଦ ହେଉଛନ୍ତି ପ୍ରଥମ ସିଦ୍ଧ କ୍ରିୟାଯୋଗୀ ଯିଏ ଭଗବଦ୍‌ଗୀତାର କ୍ରିୟାଯୋଗ ସମ୍ପର୍କିତ ତାତ୍ତ୍ୱିକ ବ୍ୟାଖ୍ୟା ଇଂରାଜୀ ଭାଷାରେ ଲେଖିଛନ୍ତି । ଯାହାର ନାମ ରଖିଛନ୍ତି 'Bhagabad Gita in the light of *Kriya yoga*' କ୍ରିୟାଯୋଗ ତତ୍ତ୍ୱ ଇଂରାଜୀ ଭାଷାରେ ଲେଖା ଯାଇଥିବାରୁ ସାରା ପୃଥିବୀର ସବୁ ଦେଶବାସୀଙ୍କ ନିକଟରେ ଏହା ପହଞ୍ଚି ପାରିଛି । ପୃଥିବୀର ତିନି ଭାଗରୁ ଊର୍ଦ୍ଧ୍ୱ ଲୋକ ଇଂରାଜୀ ଭାଷା ଜାଣନ୍ତି । ସମସ୍ତେ କ୍ରିୟାଯୋଗ ସାଧନ କୌଶଳ ଶିକ୍ଷା କରିବା ପାଇଁ ଏତଦ୍ୱାରା ସୁଯୋଗ ପାଇ ପାରିଛନ୍ତି ।

ଏହି ଭଗବଦ୍‌ଗୀତା ତିନିଗୋଟି ଖଣ୍ଡରେ ଲେଖାଯାଇଛି । ପ୍ରଥମ ଖଣ୍ଡରେ ପ୍ରଥମରୁ ଷଷ୍ଠ ଅଧ୍ୟାୟ ପର୍ଯ୍ୟନ୍ତ, ଦ୍ୱିତୀୟ ଖଣ୍ଡରେ ସପ୍ତମରୁ ଦ୍ୱାଦଶ ଅଧ୍ୟାୟ ଏବଂ ଶେଷ ଖଣ୍ଡରେ ତ୍ରୟୋଦଶ ଅଧ୍ୟାୟରୁ ଅଷ୍ଟାଦଶ ଅଧ୍ୟାୟ ପର୍ଯ୍ୟନ୍ତ ତିନି ଭାଗରେ ଲେଖା ଯାଇଛି । ପ୍ରଥମ ଅଧ୍ୟାୟକୁ 'ଅର୍ଜୁନ ବିଷାଦଯୋଗ' ଆଖ୍ୟା ଦିଆଯାଇଛି । ପ୍ରାୟ ପାଞ୍ଚ ହଜାର ବା ତଦୁର୍ଦ୍ଧ୍ୱ ବର୍ଷ ପୂର୍ବେ ଏହି ଭାରତବର୍ଷରେ ଥିବା କୁରୁକ୍ଷେତ୍ର ରଣଭୂମିରେ କୌରବ ଏବଂ ପାଣ୍ଡବ ମାନଙ୍କ ପକ୍ଷର ମହାରଥୀ ଅର୍ଜୁନଙ୍କର ରଥରେ ଭଗବାନ ଶ୍ରୀକୃଷ୍ଣ ସାରଥୀ ହୋଇଥିଲେ । ଯୁଦ୍ଧ ଭୂମିରେ ଉଭୟପକ୍ଷର ସୈନ୍ୟମାନେ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ଛିଡ଼ା ହୋଇଥିଲେ । ଯୁଦ୍ଧ ଭୂମିରେ କୌରବ ପକ୍ଷ ସୈନ୍ୟମାନଙ୍କ ମଧ୍ୟରେ ଭୀଷ୍ମ ଓ ଦ୍ରୋଣ ପ୍ରଭୃତି ନିଜର ଗୁରୁଜନମାନେ ଏବଂ ଦୁର୍ଯୋଧନାଦି ଭ୍ରାତୃଗଣ ଏବଂ ଅନ୍ୟାନ୍ୟ ଆତ୍ମୀୟ ସ୍ୱଜନମାନଙ୍କୁ ମୁଁ ହତ୍ୟା କରିପାରିବି ନାହିଁ ବୋଲି ଅର୍ଜୁନ କହିଲେ

## ମନୁଷ୍ୟ ଶରୀର – ଏକ ଭଗବଦ୍ ଗୀତା

## Each Human Body Is A Bha;avad Gita





FIGURE 7 Each Human Body Is A *Bhagavad Gita*. Human beings exchange feelings and thoughts these 50 sacred letters, one for each lotus petal. If they do not to beyond thoughts worldly-sense, their meditation is useless. With the first technique of Kriya Yoga, People can go beyond mind, thought, intellect and ego, body-sense and worldly-sense.

ଭଗବଦ୍ ଗୀତା **In the Light of Kriya Yogo** ପୃଷ୍ଠା– ୧୨ର ଚିତ୍ର ନଂ. ୭

ଏବଂ ଧନୁଶର ତ୍ୟାଗ କରିଦେଲେ । ଏହିଠାରୁ ଆରମ୍ଭ ହୋଇଛି ଭଗବଦ୍ ଗୀତାରେ କୁହାଯାଇଥିବା ଭଗବାନ ଶ୍ରୀକୃଷ୍ଣଙ୍କର ମହାବାଣୀ, କିନ୍ତୁ ପ୍ରକୃତ ଯୁଦ୍ଧ କଥା କିଛି ଲେଖା ନାହିଁ । ଏହି ଯୁଦ୍ଧ କେବଳ ଏକ ପ୍ରତୀକ ମାତ୍ର । ଆମର ଶରୀର ଭିତରେ ଅହରହ ଚାଲିଛି ଏହି କୁରୁ-ପାଣ୍ଡବ ଯୁଦ୍ଧ । ଏହାହିଁ ତାର ତତ୍ତ୍ୱ । ଆମର ଆତ୍ମୀୟ ସ୍ୱଜନ କିଏ ? ଯିଏ ଆମର ଅତି ଆପଣାର ଆତ୍ମଜ, ସେମାନେ ସ୍ୱଜନ । ଆମର ଯାବତୀୟ କୁପ୍ରବୃତ୍ତି ହିଂସା, କ୍ରୋଧ ଦମ୍ଭ ଦର୍ପ ଇତ୍ୟାଦି ଆମ ସଂଗରେ ଜନ୍ମ ନେଇଛନ୍ତି । ଆମ ଦେହ ଭିତରେ ଭରି ହୋଇ ରହିଛନ୍ତି । ସେମାନେ ଆମର ଆତ୍ମୀୟ, କୌରବ ପକ୍ଷ ଅଟନ୍ତି । ଏମାନେ ଆମ ଶରୀରର ମେରୁଦଣ୍ଡ ମଧ୍ୟସ୍ଥ ନିମ୍ନ ପାଞ୍ଚଗୋଟି କେନ୍ଦ୍ର ବା ଚକ୍ରରେ ରହି ଆମର ମନକୁ ସର୍ବଦା ସାଂସାରିକ ଭୋଗ ବିଳାସ ଆଦି ଭିତରେ ବୁଡ଼େଇ ରଖି ଈଶ୍ୱରାଭିମୁଖୀ କରିବାରେ ବାଧା ସୃଷ୍ଟି କରୁଛନ୍ତି । ଏହି ଆତ୍ମୀୟ ସ୍ୱଜନରୂପୀ ଶତ୍ରୁମାନଙ୍କ ବିରୁଦ୍ଧେ ଯୁଦ୍ଧ କରି ସେମାନଙ୍କୁ ବିନାଶ କରିବାକୁ ଅର୍ଜୁନ ମନା କଲେ ।

ଏହି ସବୁ କୁପ୍ରବୃତ୍ତି ଆମର ଶରୀର ଭିତରେ ମେରୁଦଣ୍ଡ ମଧ୍ୟରେ ଥିବା ନିମ୍ନ ପାଞ୍ଚଗୋଟି ଚକ୍ରରେ ରହିଛନ୍ତି । ଶ୍ରୀ ହରିହରାନନ୍ଦ ତାଙ୍କର ଲିଖିତ ଯୋଗତତ୍ତ୍ୱର ପ୍ରାରମ୍ଭିକ ସୂଚନାରେ ଲେଖିଛନ୍ତି–

ଚାର ଛଏ ଦଶ ବାର ଷୋଲ ଏରା ବାଦୀ ହଲ
ଭୁଲାଇତେ କରେ ଛଲନା
ଆମାର କୃଷ୍ଣ ବୋଲ ବୋଲ୍ତା ହଲନା ।

ମେରୁଦଣ୍ଡସ୍ଥ ପାଞ୍ଚଗୋଟି ଚକ୍ର ଯଥା ମୂଳାଧାର, ସ୍ୱାଧୀଷ୍ଠାନ, ମଣିପୁର, ଅନାହତ ଏବଂ ବିଶୁଦ୍ଧଚକ୍ର ଯଥାକ୍ରମେ ଚାରି, ଛଅ, ଦଶ, ବାର ଷୋହଳ ଦଳପଦ୍ମ ବିଶିଷ୍ଟ । ଏହି ପାଞ୍ଚଗୋଟି କେନ୍ଦ୍ରରେ ଥିବା ଯାବତୀୟ କୁପ୍ରବୃତ୍ତି ଆମର ମନକୁ ଘୋଟି ରହିଛନ୍ତି । ଆମକୁ ମାୟା, ମୋହ ଭ୍ରମରେ ବିପଥଗାମୀ କରିବାକୁ ଚେଷ୍ଟା କରୁଛନ୍ତି । ଯାହାଫଳରେ ଆମେ ଈଶ୍ୱର ଆରାଧନା, ନାମ କୀର୍ତ୍ତନ ଆଦି କିଛି କରିପାରୁନାହିଁ । ଗୀତାର ୨ୟ ଅଧ୍ୟାୟ ହେଉଛି ସାଂଖ୍ୟଯୋଗ, ଏହି କୁପ୍ରବୃତ୍ତିମାନ ସଂପର୍କରେ ସମ୍ୟକ ଜ୍ଞାନ ଲାଭ ହୁଏ । ମେରୁଦଣ୍ଡର ନିମ୍ନଭାଗରେ ଥିବା ଚକ୍ର ହେଉଛି ମୂଳାଧାର । କ୍ଷିତି ବା ଭୂମି ତତ୍ତ୍ୱ ଯେଉଁଠାରେ ମନୁଷ୍ୟର କେବଳ ନାନା ପ୍ରକାର ଅସଦ୍ ଉପାୟରେ ଧନ ସଂଗ୍ରହ କରି ରଖିବାକୁ ଇଚ୍ଛା ହୁଏ, ସେ ମହାଲୋଭ ଗ୍ରସ୍ତ ହୁଏ । ଦ୍ୱିତୀୟ ସ୍ୱାଧିଷ୍ଠାନ ଚକ୍ର ଲିଙ୍ଗମୂଳ

ହେଉଛି ଅପ ବା ଜଳତତ୍ତ୍ୱ, ଯେଉଁଠାରେ ଯୌନ ସଂଭୋଗ ଇଚ୍ଛା ବଳବତୀ ରହିଛି । ତୃତୀୟ ଚକ୍ର ମଣିପୁର ଚକ୍ର ରହିଛି ନାଭି ନିକଟରେ ଯାହା ଅଗ୍ନି ତତ୍ତ୍ୱ ଯେଉଁଠାରେ ଜଠରାଗ୍ନି ଅଛି ଖାଦ୍ୟ ପାଚନ କ୍ରିୟା ଏଠାରେ ହୁଏ । ଏହି କେନ୍ଦ୍ରରେ ମନୁଷ୍ୟର ଯାବତୀୟ ତାମସିକ ଖାଦ୍ୟ ଖାଇବାକୁ ଇଚ୍ଛା ହୁଏ । ତାମସିକ ଖାଦ୍ୟ ଭୋଜନ ଦ୍ୱାରା ମନୁଷ୍ୟର ତାମସିକ ସ୍ୱଭାବ ପ୍ରବଳ ହୋଇଉଠେ । ଈଶ୍ୱର ଉପାସନା କରିବାକୁ ନିଷ୍ଠା ରହେ ନାହିଁ । ଚତୁର୍ଥ ହେଉଛି ଅନାହତ ଚକ୍ର । ହୃତପିଣ୍ଡ ନିକଟରେ ଅଛି ବାୟୁତତ୍ତ୍ୱ । ଏହିଠାରେ ସବୁଠୁ ଅତି ବିପଜ୍ଜନକ କୁପ୍ରବୃତ୍ତି ଅଛି ଯଥା – କ୍ରୋଧ, ହିଂସା, ଦ୍ୱେଷ, ଦମ୍ଭ, ଦର୍ପ, ଅହଂକାର କ୍ରୁରତା ଆଦି ଅତି ହୀନ ସ୍ୱଭାବ ସମୁହ, ଯାହାକି ସାଧନା ପଥରେ ଘୋର ପ୍ରତିବନ୍ଧକ । ଅବଶ୍ୟ ଏହି କେନ୍ଦ୍ରରେ କିଛି ସାତ୍ତ୍ୱିକ ସ୍ୱଭାବ ଦୟା, କ୍ଷମା ଧର୍ମ ପରାୟଣତା ରହିଛି । କିନ୍ତୁ ଏହିଭଳି ସାତ୍ତ୍ୱିକ ସ୍ୱଭାବ ସମ୍ପନ୍ନ ବ୍ୟକ୍ତିଙ୍କ ସଂଖ୍ୟା ବେଶୀ ନୁହେଁ । ପଞ୍ଚମ ବିଶୁଦ୍ଧ ଚକ୍ର ହେଉଛି ଆକାଶ ତତ୍ତ୍ୱ । ଏଠାରେ ମନୁଷ୍ୟର ଅବଶ୍ୟ ଧାର୍ମିକ ସ୍ୱଭାବ ରହିଛି । କିନ୍ତୁ ତାହା ଅହଂକାର ଯୁକ୍ତ । ଏହି ସ୍ୱଭାବର ଲୋକ ଦାନ ପୁଣ୍ୟ, ତୀର୍ଥବ୍ରତ ଆଦି ବହୁତ କରିଥାଏ । କିନ୍ତୁ ତାର ମନରେ ଅହଂକାର ଯେ ସେ ଜଣେ ମହା ଈଶ୍ୱରଭକ୍ତ । ସେ ଖୁବ୍ ଦାନୀ, ବହୁତ ତୀର୍ଥ କରିଛି, ବହୁତ ଶାସ୍ତ୍ର ଅଧ୍ୟୟନ କରିଛି, ଲେଖିଛି, ଜଣେ ଖ୍ୟାତନାମା ବ୍ୟକ୍ତି ହିସାବରେ ତାର ସମାଜରେ ବିଶେଷ ପ୍ରତିଷ୍ଠା ଅଛି । ଏହି ଅହଂକାର ବିଶେଷ ଭାବରେ ତାର ମନକୁ ଘୋଟି ରହିଥାଏ । ଏହି ଅହଂକାର ଆଧ୍ୟାତ୍ମିକ ଉନ୍ନତି ପଥରେ ବାଧକ ଅଟେ । ଏହାକୁ ସାତ୍ତ୍ୱିକ ଅହଂକାର କହନ୍ତି ।

ପରମହଂସ ହରିହରାନନ୍ଦ ତାଙ୍କର ଲିଖିତ ଭଗବଦ୍‌ଗୀତାରେ ଚିତ୍ର ମାଧ୍ୟମରେ ଏହି ସାଧନ ତତ୍ତ୍ୱଗୁଡ଼ିକୁ ପ୍ରାଞ୍ଜଳ ଭାବରେ ବୁଝାଇଛନ୍ତି । ପ୍ରଥମ ଖଣ୍ଡର ପ୍ରାରମ୍ଭରେ ଏହି ଚିତ୍ର ଗୁଡ଼ିକ ରହିଛି । ଚିତ୍ର ନଂ ୭ରେ ସେ ଏହି ପାଞ୍ଚଗୋଟି ଚକ୍ରକୁ ଅସଂଖ୍ୟ କୌରବ ସୈନ୍ୟଗଣ ବୋଲି ଦର୍ଶାଇଛନ୍ତି । କୌରବ ସୈନ୍ୟ ଅର୍ଥାତ୍ ସଦ୍‌ଜ୍ଞାନଶୂନ୍ୟ ବୃତ୍ତିସମୁହ ଯାହା ବହିଃ ପ୍ରସାରିଣୀ ଶକ୍ତି ଅଟେ, ମନୁଷ୍ୟ ମନକୁ ଏଗୁଡ଼ିକ ଅନ୍ତର୍ମୁଖୀ କରି ଊର୍ଦ୍ଧ୍ୱମୁଖୀ ଦିବ୍ୟ ପଥଗାମୀ ହେବାକୁ ସୁଯୋଗ ଦିଅନ୍ତି ନାହିଁ । ତାକୁ ସର୍ବଦା ଭ୍ରାନ୍ତ, ମୋହିତ କରି ରଖିଥାଆନ୍ତି । ଦୁର୍ଯ୍ୟୋଧନ ହେଉଛି କୁରୁବଂଶର ଅନ୍ଧ ରାଜା ଧୃତରାଷ୍ଟ୍ରଙ୍କର ଜ୍ୟେଷ୍ଠ ପୁତ୍ର । ଦୁର୍ଯ୍ୟୋଧନ ଶହେ ଭାଇ ଅଟନ୍ତି । ସମସ୍ତେ ଦୁଷ୍ଟ ସ୍ୱଭାବର ଅଧାର୍ମିକ ଦୁର୍ଦ୍ଦାନ୍ତ ଯୁବକ । ଅବଶ୍ୟ କୌରବ ପକ୍ଷରେ ଭୀଷ୍ମ, ଦ୍ରୋଣ,

କୃପାଚାର୍ଯ୍ୟ ପ୍ରଭୃତି କେତେଜଣ ଧର୍ମ ପରାୟଣ ମହାରଥୀ ଥିଲେ । କିନ୍ତୁ ସେମାନେ ଅଧର୍ମର ପକ୍ଷରେ ରହି ଶ୍ରୀକୃଷ୍ଣଙ୍କର ଧର୍ମ ସଂସ୍ଥାପନ ବିରୁଦ୍ଧରେ ଧାର୍ମିକ ପାଣ୍ଡବମାନଙ୍କର ଶତ୍ରୁ ହୋଇ ତାଙ୍କୁ ବିରୋଧ କରୁଥିଲେ ।

ପାଞ୍ଚଜଣ ପାଣ୍ଡବ ଭାଇ ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ ଓ ସହଦେବ ସମସ୍ତେ ଧର୍ମପକ୍ଷର ଯୋଦ୍ଧାଗଣ । ମହାଧନୁର୍ଦ୍ଧର ଯୋଦ୍ଧା ଅର୍ଜୁନଙ୍କ ରଥରେ ଭଗବାନ ଶ୍ରୀକୃଷ୍ଣ ସାରଥି ହୋଇ କୌରବମାନଙ୍କୁ ବିନାଶ କରିବାରେ ପାଣ୍ଡବମାନଙ୍କୁ ସାହାଯ୍ୟ କରିଥିଲେ । ପରମହଂସ ହରିହରାନନ୍ଦ ଏହି ପାଞ୍ଚ ପାଣ୍ଡବମାନଙ୍କୁ ମୂଳାଧାରାଦି ପଞ୍ଚ ଚକ୍ରର ଅଧିପତି ରୂପେ ଚିତ୍ରିତ କରିଛନ୍ତି । ସୁଷୁମ୍ନା ମଧ୍ୟସ୍ଥ ଏହି ପାଞ୍ଚ ଯୋଗିନି ଚକ୍ରର ନିମ୍ନ ଭାଗ ମୂଳାଧାରରେ ସହଦେବଙ୍କୁ କୃଷିମନ୍ତ୍ରୀ, ସ୍ୱାଧିଷ୍ଠାନରେ ନକୁଳଙ୍କୁ ଜଳସେଚନ ମନ୍ତ୍ରୀ, ମଣିପୁରରେ ଅର୍ଜୁନଙ୍କୁ ଖାଦ୍ୟ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ, ଅନାହତରେ ଭୀମଙ୍କୁ ଶାସନ ବିଭାଗ ମନ୍ତ୍ରୀ ବା ଗୃହ ମନ୍ତ୍ରୀ ଏବଂ ଶେଷରେ ଯୁଧିଷ୍ଠିରଙ୍କୁ ଶିକ୍ଷାମନ୍ତ୍ରୀ ରୂପେ ତାଙ୍କର ଚିତ୍ରରେ ଦର୍ଶାଇଛନ୍ତି । ପୁଣି ଦର୍ଶାଇଛନ୍ତି- ଷଷ୍ଠ ଚକ୍ର ଆଜ୍ଞା ଚକ୍ରରେ ନିଜେ ଭଗବାନ ଶ୍ରୀକୃଷ୍ଣ ରହିଛନ୍ତି । ତାଙ୍କଠାରୁ ଉର୍ଦ୍ଧ୍ୱରେ ସହସ୍ରାର ପଦ୍ମ ହେଉଛି ବ୍ରହ୍ମଙ୍କର ସ୍ଥାନ ।

ଏହି ନିମ୍ନ ପାଞ୍ଚଗୋଟି ଚକ୍ର ମଧ୍ୟରେ ମନୁଷ୍ୟର ଦୁଇ ପ୍ରକାର ବୃତ୍ତି ଯଥା ସଦ୍‌ବୃତ୍ତି ଏବଂ ଅସଦ୍‌ବୃତ୍ତି ରହିଛି । କ୍ରିୟାଯୋଗ ସାଧନ ଫଳରେ ଅସଦ୍‌ବୃତ୍ତି ସବୁ ଲୋପ ପାଇଯାଏ । ଧାର୍ମିକ ଚେତନା ଏବଂ ଈଶ୍ୱର ପରାୟଣତା ବୃଦ୍ଧି ପାଏ । ମନୁଷ୍ୟର ମସ୍ତକ ଭିତରେ ସହସ୍ର ଦଳ ପଦ୍ମ ହେଉଛି ବ୍ରହ୍ମଙ୍କର ପରମଧାମ । ଏହାକୁ Cave of Bahman ଅର୍ଥାତ୍ ବ୍ରହ୍ମଗୁମ୍ଫା ବା ବ୍ରହ୍ମରନ୍ଧ୍ର ବୋଲି ପରମହଂସ ହରିହରାନନ୍ଦ ତାଙ୍କର ଲିଖିତ ଗୀତାରେ ୨ ନମ୍ବର ଚିତ୍ରରେ ଦର୍ଶାଇଛନ୍ତି । ୭ ନମ୍ବର ଚିତ୍ରରେ ମଧ୍ୟ ସେ ଏହା ବ୍ରହ୍ମ ବା Cosmic Body ଙ୍କର ସ୍ଥାନ ବୋଲି ଲେଖିଛନ୍ତି । ପୁଣି ଲେଖିଛନ୍ତି ଯେ ଏହି ସହସ୍ର ଦଳ ପଦ୍ମ ହେଉଛି ଅସଂଖ୍ୟ ଭାବନା ସମୂହର ଭଣ୍ଡାର ଯାହା କ୍ରିୟାଯୋଗ ସାଧନା ଦ୍ୱାରା ପାଞ୍ଚ ମିନିଟ୍ ମଧ୍ୟରେ ପୋଛି ହୋଇଯାଏ । ସହସ୍ରଦଳ ପଦ୍ମର ଉର୍ଦ୍ଧ୍ୱ ରେ ପରମବ୍ରହ୍ମ ବା Super cosmic body ଙ୍କର ସ୍ଥାନ ବୋଲି ସେ ଲେଖିଛନ୍ତି । 'ମମୈବାଂଶୋ ଜୀବ ଲୋକେ' (ଗୀତା) ସମସ୍ତ ଜୀବ ମୋର ଅଂଶ ଏହା ପ୍ରଭୁ ନିଜେ କହିଛନ୍ତି । ଏଣୁ ମନୁଷ୍ୟ ଶରୀରର ମସ୍ତକ ଭିତରେ ସେ ସ୍ୱାଭାବିକ ଭାବରେ ବିରାଜିତ । କିନ୍ତୁ ସେ ମଧ୍ୟ ସର୍ବବ୍ୟାପୀ । ଚରାଚର ସମଗ୍ର ସୃଷ୍ଟି ସର୍ବତ୍ର ସେ ବ୍ୟାପୀ ରହିଛନ୍ତି । 'ଈଶାବାସ୍ୟ ମିଦଂ ଜଗତ' (ଈଶୋପନିଷଦ) ସମସ୍ତ ଜଗତ ଈଶ୍ୱରମୟ,

ବ୍ରହ୍ମମୟ । ବ୍ରହ୍ମଙ୍କର ସର୍ବବ୍ୟାପକତ୍ୱ ବିରାଟତ୍ୱ ପ୍ରତିପାଦନ କରିବା ପାଇଁ ତାଙ୍କୁ Super cosmic body ବୋଲି ଲେଖାଯାଇଛି । 'ବ୍ରହ୍ମାଣ୍ଡ ମାଳ ମାଳ ହୋଇ ତୋ ଲୋମ କୂପେ ବିରାଜଇ ।' ( ଭାଗବତ) ସେ ହେଉଛନ୍ତି ଅଖିଳ ବ୍ରହ୍ମାଣ୍ଡପତି, ଯାହାଙ୍କର ପ୍ରତି ଲୋମକୂପରେ ମାଳ ମାଳ ବ୍ରହ୍ମାଣ୍ଡ ଅର୍ଥାତ୍ ଅସଂଖ୍ୟ ବ୍ରହ୍ମାଣ୍ଡ ବିରାଜିତ । ସେ ଯେ କେଡ଼େ ବିରାଟ ତାହା କଳ୍ପନା କରିହେବ ନାହିଁ ।

ଏହି ଚିତ୍ରରେ ଆହୁରି ଲେଖାଯାଇଛି ଯେ ପ୍ରତ୍ୟେକ ମନୁଷ୍ୟ ଶରୀର ହେଉଛି ଗୋଟିଏ ଗୋଟିଏ ଭଗବଦ୍‌ଗୀତା । ମନୁଷ୍ୟର ମେରୁଦଣ୍ଡସ୍ଥ ମୂଳାଧାର ଠାରୁ ଆରମ୍ଭ କରି ଭ୍ରୂମଧ୍ୟ ପର୍ଯ୍ୟନ୍ତ ଛଅଗୋଟି ପଦ୍ମ ପ୍ରତ୍ୟେକଙ୍କର ଦଳରେ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣର ମୋଟ ୫୦ ଗୋଟି ଅକ୍ଷର ରହିଛନ୍ତି । ଯାହାଦ୍ୱାରା ମନୁଷ୍ୟମାନେ ନିଜ ନିଜର ଭାବନା ନିଚୟ ପରସ୍ପର ମଧ୍ୟରେ ଆଦାନ ପ୍ରଦାନ କରନ୍ତି । ସେମାନେ ଯଦି ଏହି ଭାବନା ସମୂହ ଏବଂ ସାଂସାରିକ ବୁଦ୍ଧିର ଊର୍ଦ୍ଧ୍ୱକୁ ଉଠି ପାରନ୍ତି ନାହିଁ, ତେବେ ସେମାନଙ୍କର ଧ୍ୟାନ ବୃଥା । କ୍ରିୟାଯୋଗର ପ୍ରଥମ କ୍ରିୟା କୌଶଳ ସାଧନ କରିବା ଦ୍ୱାରା ମନୁଷ୍ୟ ନିଜର ମନ, ବୁଦ୍ଧି, ଚିତ୍ତ, ଅହଂକାର, ଦେହବୋଧ ଏବଂ ସାଂସାରିକ ବିଷୟ ବୁଦ୍ଧି ଏ ସମସ୍ତଙ୍କର ଊର୍ଦ୍ଧ୍ୱକୁ ଉଠି ପାରିବା ସମ୍ଭବ ହୋଇଥାଏ ।

ଯୁଧିଷ୍ଠିର ପ୍ରଭୃତି ପଞ୍ଚ ପାଣ୍ଡବ ଭାଇଙ୍କୁ ମୂଳାଧାର ଠାରୁ କଣ୍ଠ ନିକଟସ୍ଥ ବିଶୁଦ୍ଧ ଏହି ପାଞ୍ଚଗୋଟି ଚକ୍ରର ଅଧିପତି ବୋଲି ଦର୍ଶାଯାଇଥିବା ତାତ୍ପର୍ଯ୍ୟପୂର୍ଣ୍ଣ । ଏହି ପାଞ୍ଚଗୋଟି ଚକ୍ର ବା କେନ୍ଦ୍ର ମାନଙ୍କରେ ରହିଛନ୍ତି ମନୁଷ୍ୟର ଅସଂଖ୍ୟ ଆସୁରୀ ବୃତ୍ତି, ଯାହାକୁ କୌରବ ପକ୍ଷ ବା ଅଧର୍ମ ପକ୍ଷ ବୋଲି ଚିତ୍ରରେ ଜଣାଯାଇଛି । ପାଣ୍ଡବ ପାଞ୍ଚ ଭାଇ ହେଉଛନ୍ତି ଧର୍ମପକ୍ଷ । ପଞ୍ଚ ଚକ୍ର ମାନଙ୍କର ଊର୍ଦ୍ଧ୍ୱରେ ଦୁଇ ଭ୍ରୂ ମଧ୍ୟରେ ଅଛନ୍ତି ଭଗବାନ ଶ୍ରୀକୃଷ୍ଣ ଯିଏ, 'ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାଂ । ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ' (ଗୀତା) ଦୁଷ୍ଟମାନଙ୍କୁ ବିନାଶ କରି ଧର୍ମ ସଂସ୍ଥାପନ କରିବା ପାଇଁ ମନୁଷ୍ୟ ଶରୀର ଧାରଣ କରିଛନ୍ତି । ପାଣ୍ଡବ ଭାଇମାନେ ପ୍ରତ୍ୟେକ ଜଣେ ଜଣେ ଦେବ ପୁତ୍ର । ଦୈବୀ ସ୍ୱଭାବାପନ୍ନ । ମହାଭାରତରେ ଅଛି ଧର୍ମରାଜଙ୍କର କୃପାରେ ଯୁଧିଷ୍ଠିରଙ୍କର ଜନ୍ମ । ଏଣୁ ତାଙ୍କୁ ଧର୍ମସୁତ ବୋଲି କହନ୍ତି । ପବନ ଦେବଙ୍କର କୃପାରେ ଭୀମଙ୍କର, ଇନ୍ଦ୍ରଦେବଙ୍କ କୃପାରେ ଅର୍ଜୁନଙ୍କର ଏବଂ ଦେବ ବୈଦ୍ୟ ଅଶ୍ୱିନୀ କୁମାରଙ୍କର କୃପାରେ ନକୁଳ ଓ ସହଦେବଙ୍କର ଜନ୍ମ ବୋଲି ଲେଖାଅଛି । ସମସ୍ତେ ଶ୍ରୀକୃଷ୍ଣଙ୍କର ଶିଷ୍ୟ । ତାଙ୍କ ଠାରୁ ଯୋଗ ଶିକ୍ଷା ଲାଭ କରିଥିଲେ ।

ମନୁଷ୍ୟର ଶ୍ୱାସ ପ୍ରଶ୍ୱାସ କ୍ରିୟା ହୃତ୍‌ପିଣ୍ଡରେ ଚାଲିଥାଏ । ଏହି ହୃଦ ପଦ୍ମ ହେଉଛି ମନୁଷ୍ୟର କ୍ରୋଧ, ହିଂସା କପଟତା କ୍ରୂରତା ଆଦି ଅସଂଖ୍ୟ ଦୁଷ୍ଟ ପ୍ରବୃତ୍ତି ମାନଙ୍କର କେନ୍ଦ୍ରସ୍ଥଳ । ଏହି ସବୁ ହେଉଛନ୍ତି ଦୁର୍ଯ୍ୟୋଧନର ଶହେ ଭାଇ । ଶହେ ଅର୍ଥାତ୍ ଅସଂଖ୍ୟ । ଏକାକୀ ଭୀମ ଏହି ଶହେ ଭାଇଙ୍କୁ ନିପାତ କରିଥିଲେ ବୋଲି ମହାଭାରତରେ ବର୍ଣ୍ଣନା ଅଛି । ଭୀମ ହେଉଛନ୍ତି ପବନ ସୁତ । ସେ ହୃତ୍‌ପିଣ୍ଡର ଅଧିପତି । ଶ୍ୱାସ ପ୍ରଶ୍ୱାସର ନିୟନ୍ତ୍ରଣ ଦାୟିତ୍ୱ ତାଙ୍କର । ଶ୍ୱାସ ସଂଯମ ହେଉଛି ଆତ୍ମ ସଂଯମ, ଯାହା ଫଳରେ ମନୁଷ୍ୟର ସମସ୍ତ ଦୁଷ୍ଟ ପ୍ରବୃତ୍ତି ସମୂଳେ ବିନାଶ ପ୍ରାପ୍ତ ହୁଅନ୍ତି । ଏହିପରି ଅନ୍ୟ ଚାରି ଭାଇଙ୍କର ପ୍ରଭାବରେ ମନୁଷ୍ୟର ସବୁ ପ୍ରକାର ଆସୁରୀବୃତ୍ତି ନଷ୍ଟ ହୋଇଯାନ୍ତି ।

ମନୁଷ୍ୟର ମେରୁଦଣ୍ଡସ୍ଥିତ ପାଞ୍ଚଟି ଚକ୍ର ଏବଂ ଦୁଇ ଭ୍ରୂ ମଧ୍ୟରେ ଥିବା ଦ୍ୱିଦଳ ପଦ୍ମ ବିଶିଷ୍ଟ ଆଜ୍ଞାଚକ୍ର । ଏହି ଛଅଗୋଟି ପଦ୍ମରେ ମୋଟ ୫୦ ଗୋଟି ଦଳ ବା ପାଖୁଡ଼ା ଅଛି । କଣ୍ଠ ନିକଟସ୍ଥ ବିଶୁଦ୍ଧାଖ୍ୟ ଚକ୍ର ଷୋଡ଼ଶ ଦଳ ପଦ୍ମ ବିଶିଷ୍ଟ । ଏହାଙ୍କ ପ୍ରତ୍ୟେକ ଦଳରେ ସ୍ୱରବର୍ଣ୍ଣ ଅ ଠାରୁ ଆରମ୍ଭ କରି ଅଃ ପର୍ଯ୍ୟନ୍ତ ଷୋହଳ ଗୋଟି ବର୍ଣ୍ଣ ସନ୍ନିହିତ ଅଛି । ବାକି ନିମ୍ନ ଚାରି ଗୋଟି ଚକ୍ରରେ ବ୍ୟଞ୍ଜନ ବର୍ଣ୍ଣର ଶେଷ ଦୁଇ ମଧ୍ୟରେ ଦୁଇ ଅକ୍ଷର ହ ଓ କ୍ଷ ସନ୍ନିହିତ ହୋଇଛି । ଏହିପରି ସର୍ବମୋଟ ୫୦ ଗୋଟି ଅକ୍ଷର ବା ବର୍ଣ୍ଣ ତନ୍ତ୍ର ଶାସ୍ତ୍ରରେ ଏହାର ବର୍ଣ୍ଣନା ଏପରି, ଆଧାରେ ଲିଙ୍ଗନାଭୌ ତଦୂପରି ହୃଦୟେ କଣ୍ଠଦେଶେ ଲଲାଟେ । ଦ୍ୱେ ପତ୍ରେ ଷୋଡ଼ଶାରେ ଦ୍ୱିଦଶ ଦଶଦଳେ ଷଟ୍ କୋଣେ ଚତୁଷ୍କେ ବ-ସ ଅନ୍ତେ, ବ-ଳ ମଧ୍ୟେ ଡ-ଫ, କ-ଠ ସହିତେ କଣ୍ଠ ଦେଶେ ସ୍ୱରାଣାଂ । ହଂ କ୍ଷଂ ତତ୍ତ୍ୱାର୍ଥଯୁକ୍ତଂ ସକଳ ଦଳଗତଂ ବର୍ଣ୍ଣ ରୂପଂ ନମାମି ।

ଅର୍ଥାତ୍ – ମୂଳାଧାରରେ ବ, ଶ, ଷ, ସ ଏହି ଚାରି ବର୍ଣ୍ଣ, ସ୍ୱାଧିଷ୍ଠାନରେ ବ ଠାରୁ ଳ ପର୍ଯ୍ୟନ୍ତ, ମଣିପୁରରେ ଡ଼ ଠାରୁ ଫ ପର୍ଯ୍ୟନ୍ତ ଏବଂ ଅନାହତରେ କ ଠାରୁ ଠ ପର୍ଯ୍ୟନ୍ତ ବ୍ୟଞ୍ଜନ ବର୍ଣ୍ଣମାନ ନିହିତ ଅଛି । ଭ୍ରୂ ମଧ୍ୟରେ ହ ଓ କ୍ଷ । ଏହିପରି ମୋଟ ପଚାଶଟି ବର୍ଣ୍ଣ ଅକ୍ଷରମୟ । ଏହାଙ୍କୁ ପଚାଶଟି ମାତୃକା ମଧ୍ୟ କହନ୍ତି । ଜୀବ ସୃଷ୍ଟିରେ ପ୍ରଥମ ନାଦ ହେଉଛି ଓଁକାର । ଏହି ଓଁକାରର ୫୦ ଗୋଟି ଅକ୍ଷରମୟ ମାତୃକାଙ୍କ ସୃଷ୍ଟି । ଏମାନେ ଗୋଟିଏ ଗୋଟିଏ ଦେବତା । ଏମାନେ ପୂଜ୍ୟ । ଏଣୁ କୁହାଯାଇଛି, 'ସକଳ ଦଳ ଗତଂ ବର୍ଣ୍ଣ ରୂପଂ ନମାମି ।'


ପରମହଂସ ହରିହରାନନ୍ଦ ତାଙ୍କର ଲିଖିତ ଭଗବଦ୍‌ଗୀତାର ତାତ୍ତ୍ୱିକ ବ୍ୟାଖ୍ୟାରେ ପ୍ରଦର୍ଶିତ ଚିତ୍ର ମାନଙ୍କରେ ଏହି ୫୦ଟି ବର୍ଣ୍ଣ ଶରୀର ଭିତରେ କେଉଁ କେଉଁ ଅଂଶରେ ରହିଛନ୍ତି ତାହା ସ୍ପଷ୍ଟ ରୂପେ ଦେଖାଇଛନ୍ତି । କେଉଁ ଚକ୍ରରେ କେଉଁ କେଉଁ ବର୍ଣ୍ଣ ରହିଛି ତାହା ଷଟ୍ ଚକ୍ର ମାନଙ୍କର ଚିତ୍ର ସହ ବୁଝାଇଛନ୍ତି । ପ୍ରତ୍ୟେକ ଚକ୍ରରେ ସନ୍ନିହିତ ହୋଇଥିବା ଉପରୋକ୍ତ ୫୦ ଗୋଟି ବର୍ଣ୍ଣକୁ ସେ ପବିତ୍ର ବୀଜାକ୍ଷର Sacred seed syllabus (Bijas) ବୋଲି ଦର୍ଶାଇଛନ୍ତି । ସେ ଲେଖିଛନ୍ତି ଯେ ଏହି ପଚାଶଟି ବର୍ଣ୍ଣ ସଂସ୍କୃତ ଭାଷାର ବର୍ଣ୍ଣ ସମୂହ ଏବଂ ପୃଥିବୀର ସମଗ୍ର ମାନବ ଜାତିର ଭାଷା ଏହି ବର୍ଣ୍ଣମାଳାରୁ ସୃଷ୍ଟ । ସେ କହିଛନ୍ତି ଯେ ଶରୀର ଭିତରେ ଥିବା ମେରୁଦଣ୍ଡର ନିମ୍ନ ପାଞ୍ଚଗୋଟି ଚକ୍ର ୪୮ ବର୍ଣ୍ଣ ବିଶିଷ୍ଟ ଏବଂ ଏହି ଚକ୍ର ମାନଙ୍କ ଦ୍ୱାରା ମନୁଷ୍ୟ ମନ ସଦ୍‌ଜ୍ଞାନ ହରାଇ ବସେ ଏବଂ ବହିର୍ମୁଖୀ ହୋଇ 'ମୁଁ ଏହି ଦେହ ସର୍ବସ୍ୱ' ବୋଲି ବିଚାର କରି ସାଂସାରିକ ବିଷୟ ଭୋଗ ବାସନା ଚରିତାର୍ଥ କରିବା ପାଇଁ ଲାଗି ରହିଥାଏ । କ୍ରିୟାଯୋଗ ସାଧନା ଫଳରେ ନିମ୍ନଗାମୀ ମନର ଏ ଦୁର୍ବଳତା ଦୂର ହୁଏ ଏବଂ ନିମ୍ନ ଚକ୍ରରେ ଥିବା ଏହି ୪୮ ବର୍ଣ୍ଣ ଉର୍ଦ୍ଧ୍ୱ ଦିଗକୁ ଭ୍ରୂ ମଧ୍ୟକୁ ଉଠି ଆସନ୍ତି ଏବଂ ଭ୍ରୂ ମଧ୍ୟରେ ଯାଇ ପରମାତ୍ମାଙ୍କ ସହ ଯୁକ୍ତ ହୋଇଯାନ୍ତି । ସେତେବେଳେ 'ମୁଁ ଦେହ ସର୍ବସ୍ୱ' ଏହି ବୋଧ ସଂପୂର୍ଣ୍ଣ ରୂପେ ଲୋପ ପାଇଯାଏ । ମହାଜ୍ୟୋତିର୍ମୟ ପରମାତ୍ମାଙ୍କର ଦିବ୍ୟ ଧାମରେ ତାଙ୍କ ସହ ଏକାକାର ହୋଇ ପରମପଦ ପ୍ରାପ୍ତ ବା ମୋକ୍ଷ ଲାଭ କରେ ।

□□□

# The Placement of Seed-Syllables Within the Human Body

*The Sanskrit languatge, from* which all other languages have been derived, was formulated from the sounds of the 50 seed-syllables.

All the seed-syllabales of the lotus petals are a manifestation, and an aggregation, of the seed syllable Om, *which is the* power of God.



| | | | |
|---|---|---|---|
| हं | HAM | क्षं | AKSHAM |
| अः | *AH* | अं | *ANG* |
| अं | AUNG | आं | AANG |
| औं | OUNG | इं | ING |
| ओं | ONG | ईं | IING |
| ऐं | AING | उं | UNG |
| एं | ENG | ऊं | UUNG |
| ॡं | LLING | ऋं | RING |
| ऌं | LING | ॠं | RRING |
| ठं | THONG | कं | KONG |
| टं | TONG | खं | KHONG |
| ञं | NEONG | गं | GONG |
| झं | JHONG | घं | GHONG |
| जं | JONG | ङं | WONG |
| छं | CHHONG | चं | CHONG |
| फं | PHONG | डं | DONG |
| पं | PONG | ढं | DHON |
| नं | NONG | णं | NONG |
| धं | DHONG | तं | TONG |
| दं | DONG | थं | THONG |
| लं | LONG | बं | BONG |
| रं | RONG | भं | BHONG |
| यं | JONG | मं | MONG |
| सं | SONG | वं | VONG |
| षं | SHONG | शं | SHHONG |

ଭଗବଦ୍‌ଗୀତା in the Light of Kriya Yogo ପୃଷ୍ଠା–୨୧ରେ ଥିବା ଚିତ୍ର

# କ୍ରିୟାଯୋଗ ସାଧନା

God is only simple, everthing else is comlex.

ଏକଥା କହିଥିଲେ ଜଣେ ଯୋଗସିଦ୍ଧ ମହାପୁରୁଷ । ଏହି ସଂସାରରେ ଈଶ୍ୱର ହିଁ କେବଳ ସରଳ । ଅନ୍ୟ ଯାହା କିଛି ଜଟିଳ । ସଂସାରିକ ବିଷୟ ଭୋଗ କରିବା ପାଇଁ ମନୁଷ୍ୟ ଯାହାସବୁ କର୍ମ କରେ ସେ ସବୁ କଷ୍ଟ ସାଧ୍ୟ, ସୁଖ କ୍ଷଣସ୍ଥାୟୀ । ପରିଣାମ କ୍ଳେଶପ୍ରଦ । କିନ୍ତୁ ଈଶ୍ୱରପ୍ରାପ୍ତି ପାଇଁ ଯାହା ସବୁ କର୍ମ କରାଯାଏ ସବୁ ଅତ୍ୟନ୍ତ ସହଜ ଏବଂ ଦିବ୍ୟ ଆନନ୍ଦଦାୟୀ ।

ଯୋଗ କହିଲେ ସାଧାରଣ ଲୋକଙ୍କ ମନରେ ଧାରଣା ଯେ ଏହା ଏକ ବିଶେଷ ଶାରୀରିକ ଏବଂ ମାନସିକ କଷ୍ଟପ୍ରଦ ସାଧନା । ଏହା ଠିକ୍ ନୁହେଁ । ଭଗବଦ୍ ଗୀତାରେ କୁହାଯାଉଛି 'ଯୋଗଃ କର୍ମସୁ କୌଶଳଂ' । ଯେକୌଣସି କର୍ମ ସୁଚାରୁ ରୂପେ ମନ ପ୍ରାଣ ଲଗେଇ କରିବାକୁ ମଧ୍ୟ ଯୋଗ କହନ୍ତି । 'ଜୀବଃ ଆତ୍ମନି ଏବ ଐକ୍ୟଂ-ଯୋଗଃ' । ଜୀବାତ୍ମା ଏବଂ ପରମାତ୍ମାଙ୍କର ମିଳନକୁ ଯୋଗ କହନ୍ତି । ପାତଞ୍ଜଳି ଯୋଗସୂତ୍ରରେ କୁହାଯାଇଛି 'ଯୋଗଃ ଚିତ୍ତବୃତ୍ତି ନିରୋଧଃ' । ମନୁଷ୍ୟ ମନରେ ଯେତେ ପ୍ରକାର ଚିତ୍ତ ଚାଞ୍ଚଲ୍ୟକାରୀ ବୃତ୍ତି ରହିଛି ସେସବୁ ନିରୋଧ ବା ଦମନ କରିବା ସାଧନାକୁ ଯୋଗ କୁହାଯାଏ । ଏହିପରି ଯୋଗ ଶବ୍ଦର ବିଭିନ୍ନ ପ୍ରକାର ବ୍ୟବହାର ଅଛି ।

ପରମହଂସ ହରିହରାନନ୍ଦ କହିଛନ୍ତି ଯେ କ୍ରିୟାଯୋଗ ସାଧନା ହେଉଛି ପ୍ରାଣଶକ୍ତିର ସଂଯମ ଏବଂ ମନୁଷ୍ୟ ଶରୀର ମଧ୍ୟରେ ପ୍ରସୁପ୍ତ ଥିବା ଆଧ୍ୟାତ୍ମ ଶକ୍ତି କୁଣ୍ଡଳିନୀଙ୍କର ଜାଗରଣ । ଏହା ଏକ ବୈଜ୍ଞାନିକ ସାଧନ କୌଶଳ, ଯାହାଦ୍ୱାରା ମନୁଷ୍ୟର ଶାରୀରିକ, ମାନସିକ, ବୌଦ୍ଧିକ ଓ ଅଧ୍ୟାତ୍ମିକ ଉତ୍‌ଥାନ ଏକକାଳୀନ ହୋଇଥାଏ ।

ପୁଣି ଏହା ଏକ ଭଗବତ୍ ଉପଲବ୍‌ଧି ସାଧନ କୌଶଳ, ଯାହା ସରଳ, ସୁବୋଧ୍ୟ, ସହଜସାଧ ସଦ୍ୟ ଫଳଦାୟୀ ଏବଂ ସର୍ବୋତ୍ତମ । ଏହା ସରଳ ଏବଂ ସହଜସାଧ ଏଥିପାଇଁ ଯେ ଏଥିରେ କିଛି ଶାରୀରିକ ବା ମାନସିକ କ୍ଳେଶଦାୟୀ କର୍ମ ନାହିଁ । ମାଂସପେଶୀ ସମୂହକୁ ପୀଡ଼ା ଜାତ କରୁଥିବା କୌଣସି କଠିନ ଯୋଗାସନ ଏଥିରେ କରିବାକୁ ପଡ଼େ ନାହିଁ । ଭଗବଦ୍ ଗୀତା ୬ଷ୍ଠ ଅଧ୍ୟାୟ ଶ୍ଳୋକ ୧୧ରେ କୁହାଯାଇଛି -

ସମଂକାୟଂ ଶିରୋଗ୍ରୀବଂ ଧାରୟନଚଳଂ ସ୍ଥିରଂ

ସଂପ୍ରେକ୍ଷ ନାସିକାଗ୍ରଂସ୍ୱଂ ଦିଶଶ୍ଚାନବଲୋକୟନ୍ ।।

ସାଧକଙ୍କୁ କେବଳ ଶରୀର, ଶିର ଏବଂ ବେକ ସଳଖ କରି ଆସନରେ ବସି ନାସିକାଗ୍ର ଅର୍ଥାତ୍ ଦୁଇ ଭ୍ରୁ ମଧ୍ୟରେ ମନ ସ୍ଥିର ରଖି ଧ୍ୟାନ କରିବାକୁ ହେବ । ଏହି ସାଧନରେ ନିର୍ଜଳ ଉପବାସ କରି ରାତି ଉଜାଗର ହୋଇ ରହିବାକୁ ପଡ଼େ ନାହିଁ । ଭଗବଦ୍ ଗୀତା (୬/୧୬)ରେ କୁହାଯାଇଛି–

"ନାତ୍ୟଶ୍ନତସ୍ତୁ ଯୋଗୋଽସ୍ତି ନଚୈକାନ୍ତ ମନଶ୍ନତଃ

ନଚାତି ସ୍ୱପ୍ନଶୀଳସ୍ୟ ଜାଗ୍ରତୋ ନୈବଚାର୍ଜୁନ ।"

ଅର୍ଥାତ୍– ଅତି ଭୋଜନ, ନିତାନ୍ତ ନିରାହାରୀ, ଅତ୍ୟନ୍ତ ନିଦ୍ରାଳୁ ଓ ଅଧିକ ଜାଗରଣଶୀଳ ବ୍ୟକ୍ତିର ଯୋଗ ସାଧନ ହୋଇପାରେ ନାହିଁ ।

ପରମହଂସ ହରିହରାନନ୍ଦ ତାଙ୍କର ଲିଖିତ Bhagavat gita in the light of Kriyayoga ବହିରେ ଏହି ଶ୍ଳୋକର ବିଷଦ ବ୍ୟାଖ୍ୟାରେ ଲେଖିଛନ୍ତି–"ବହୁତ ଭୋଜନ କରୁଥିବା ବ୍ୟକ୍ତିଙ୍କର ଚର୍ବି ବୃଦ୍ଧି ହୋଇଥାଏ ଏବଂ ଉଦର ଏବଂ ଯକୃତ ରୋଗ ଭୋଗ କରିବା ସମ୍ଭାବନା ଥାଏ । ଯେଉଁମାନେ ଦୀର୍ଘ ସମୟ ନିରାହାର ରହନ୍ତି ସେମାନଙ୍କର ଦେହ କ୍ଷୀଣ ହୋଇଯାଏ । ମସ୍ତିଷ୍କ ଶକ୍ତି ହୀନ ହୋଇପଡ଼େ । ତେଣୁ ଧ୍ୟାନ କରିବାକୁ ତାଙ୍କର ଇଚ୍ଛା ହୁଏ ନାହିଁ । ଧ୍ୟାନ କରି ପାରନ୍ତି ନାହିଁ । ସେହିଭଳି ବହୁ ସମୟ ଧରି ଶୋଇ ରହୁଥିବା ବ୍ୟକ୍ତି ବା ଉଜାଗର ରହୁଥିବା ବ୍ୟକ୍ତିଙ୍କର ଶରୀର ଏବଂ ମସ୍ତିଷ୍କ ଶକ୍ତିହୀନ ହୋଇ ରୁଗ୍ଣ ହୋଇପଡ଼େ । ଫଳରେ ସେମାନେ ଶାନ୍ତିରେ ବସି ଧ୍ୟାନ କରିପାରନ୍ତି ନାହିଁ । ବିଶେଷ କଷ୍ଟ ଭୋଗ କରନ୍ତି । ଶାସ୍ତ୍ରରେ କୁହାଯାଇଛି ଯେ ପୁରା ପେଟ ଭରି ଖାଇବା ଉଚିତ ନୁହେଁ । ପାକସ୍ଥଳିର ଅର୍ଦ୍ଧାଂଶ ଖାଦ୍ୟରେ, ଏକ ଅଂଶ ଜଳରେ ପୂର୍ଣ୍ଣ କରି ବାକି ଏକ ଅଂଶ ଖାଲି ରଖିବ ଶ୍ୱାସ ପ୍ରଶ୍ୱାସ ଚଳପ୍ରଚଳ ପାଇଁ । ଯେଉଁ ଖାଦ୍ୟ ସହଜରେ ଜୀର୍ଣ୍ଣ ହୋଇଯାଏ ସେହିଭଳି ଖାଦ୍ୟ ଖାଇବେ । ଏହିଭଳି ଖାଦ୍ୟ ଖାଇବା ପରେ ଆଉ ପାଞ୍ଚ ଘଣ୍ଟା ପର୍ଯ୍ୟନ୍ତ କିଛି ଖାଇବା ଉଚିତ ନୁହେଁ ।"

ସେ ପୁଣି କହିଛନ୍ତି ଯେ ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ ୮ ଘଣ୍ଟାରୁ ୧୦ ଘଣ୍ଟା ପର୍ଯ୍ୟନ୍ତ କର୍ମ କରିବାରେ ଲାଗି ରହିବ । ଅତି କମ୍‌ରେ ଦୁଇ ଘଣ୍ଟା ଧ୍ୟାନ କରିବ ଏବଂ ଛ ବା ସାତ ଘଣ୍ଟା ଶୟନ କରିବ । ଶୟନ କରିବା ସମୟରେ ଶରୀରର ସମସ୍ତ ବାହ୍ୟ ଏବଂ ଅଭ୍ୟନ୍ତରସ୍ଥ ସବୁ ଅଙ୍ଗ ପ୍ରତ୍ୟଙ୍ଗ ବିଶ୍ରାମ ପ୍ରାପ୍ତ ହୁଅନ୍ତି ଏବଂ ଜାଗ୍ରତ ହୋଇଯିବା

ପରେ ଶରୀରରେ ନୂତନ ଶକ୍ତି ଖେଳିଯାଏ । ମନରେ ଶାନ୍ତି ଆସେ । ପୁଣି ନୂତନ ଉତ୍ସାହରେ କର୍ମ କରିବାକୁ ଇଚ୍ଛା ହୁଏ ।

ପରବର୍ତ୍ତି ୧୭ଶ ଶ୍ଳୋକରେ ଭଗବଦ୍ ଗୀତାରେ କୁହାଯାଇଛି –

ଯୁକ୍ତାହାର ବିହାରସ୍ୟ ଯୁକ୍ତ ଚେଷ୍ଟସ୍ୟ କର୍ମସୁ

ଯୁକ୍ତ ସ୍ୱପ୍ନା-ବବୋଧସ୍ୟ ଯୋଗୋ ଭବତି ଦୁଃଖହା ।

ଯୁକ୍ତ ଆହାର ଖାଇବ ଅର୍ଥାତ୍ ଅତି ବେଶି ଖାଦ୍ୟ ନୁହେଁ ବା ଅତି କମ ନୁହେଁ । ଯାହାକୁ ଇଂରାଜିରେ Moderate ବୋଲି କୁହାଯାଏ । ଯୁକ୍ତ ବିହାର କରିବ ଅର୍ଥାତ୍ ଇନ୍ଦ୍ରିୟ ସୁଖ ଭୋଗାଦିରେ ସଂଯମ ରକ୍ଷା କରିବ । ସେହିପରି ଶ୍ରମ, ଶୟନ ଓ ଜାଗରଣ ନିୟନ୍ତ୍ରିତ ଭାବରେ କଲେ କଷ୍ଟ ଭୋଗ କରିବାକୁ ପଡ଼େ ନାହିଁ । ଭଗବଦ୍ ଗୀତା ୧୭ ଅଧ୍ୟାୟ ୮ମ ଶ୍ଳୋକରେ ତିନି ପ୍ରକାର ଖାଦ୍ୟର ବର୍ଣ୍ଣନା କରାଯାଇଛି ଯଥା ସାତ୍ତ୍ୱିକ, ରାଜସିକ ଏବଂ ତାମସିକ ଆହାର ।

ଆୟୁଃ ସତ୍ତ୍ୱ ବଳାରୋଗ୍ୟ ସୁଖପ୍ରୀତି ବିବର୍ଦ୍ଧନାଃ

ରସ୍ୟାଃ ସ୍ନିଗ୍ଧା ସ୍ଥିରା ହୃଦ୍ୟାଆହାରାଃ ସାତ୍ତ୍ୱିକପ୍ରିୟାଃ ।

ପରମାୟୁ, ଉତ୍ସାହ ବଳ, ଆରୋଗ୍ୟ, ଚିତ୍ତ ପ୍ରସନ୍ନତା, ରୁଚି ବର୍ଦ୍ଧନକାରୀ, ରସାଳ ବା ସ୍ୱାଦୁ, ଚିକ୍କଣ ସ୍ଥିର ଗୁଣ ସମ୍ପନ୍ନ ଏବଂ ହୃଦୟଗ୍ରାହୀ ଖାଦ୍ୟ ହେଉଛି ସାତ୍ତ୍ୱିକ ଖାଦ୍ୟ ।

ଏହି ଶ୍ଳୋକର ତାତ୍ତ୍ୱିକ ବାଖ୍ୟାରେ ପରମହଂସ ହରିହରାନନ୍ଦ ତାଙ୍କର କ୍ରିୟାଯୋଗ ଭିତ୍ତିକ ଭଗବଦ୍‌ଗୀତାରେ ଲେଖିଛନ୍ତି ।

"ଆୟୁଃ ବୈ ଘୃତଂ, ଫଳେ ସତ୍ତ୍ୱଃ, ଦୁଗ୍ଧେବଳମ୍,

ତିକ୍ତେ ଆରୋଗ୍ୟଂ, ମଧୁରେଣ ସୁଖଂ ।"

ଘୃତସେବନ କଲେ ଆୟୁ ବୃଦ୍ଧି ହୁଏ, ସୁମିଷ୍ଟ ପକ୍ୱ ଫଳ ସତ୍ତ୍ୱ ବୃଦ୍ଧିକାରୀ, ଦୁଗ୍ଧ ସେବନ ଦ୍ୱାରା ବଳବୃଦ୍ଧି ଘଟେ । କିଛି ପିତା ଖାଇଲେ ରୋଗନାଶ ହୁଏ, ମଧୁରତା ପାଇଁ କିଛି ମିଠାଇ ବା ମିଷ୍ଟାନ୍ନ ଖାଦ୍ୟ ଖାଇବା ଉଚିତ । ପ୍ରୀତି ବା ରୁଚି ପାଇଁ କିଛି ଖଟା କାଞ୍ଜି ତୋରାଣୀ ଖିଆଯାଏ । ଏହା ରନ୍ଧା ହୋଇଥିବା ଭାତର ପେଜକୁ କିଛି ଦିନ ଅଲଗା ରଖି ଖଟା ହେଲା ପରେ ସେଥିରେ କିଛି ପରିବା ବାଇଗଣ, ଶିମ୍ବ, ମୂଳା କାଟି ମିଶାଇ କାଞ୍ଜି ରନ୍ଧା ହୁଏ । ଏହା ଓଡ଼ିଆ ଗୃହିଣୀ ମାନଙ୍କର ଏକ ଅତି ଆଦରର ତିଅଣ ।

ପରମହଂସ ହରିହରାନନ୍ଦ ବଙ୍ଗଳାର ଲୋକ ହେଲେ ମଧ ସେ ଓଡ଼ିଶାରେ ବହୁବର୍ଷ ରହିଥିଲେ ଏବଂ ଓଡ଼ିଶାକୁ ନିଜ ଘର ବୋଲି ଭାବୁଥିଲେ । ଓଡ଼ିଶାରେ ତାଙ୍କର ବହୁତ ଶିଷ୍ୟ ଅଛନ୍ତି । ସେ ଯେତେବେଳେ ଯେଉଁ ଯାଗାକୁ ଯାଆନ୍ତି ସେଠାରେ ରହୁଥିବା ଶିଷ୍ୟ ଘରେ ହିଁ ରହନ୍ତି । ଏମିତି କେତେ ଶିଷ୍ୟଙ୍କ ଘରେ ତାଙ୍କ ଖାଇବା ବେଳେ ଅନ୍ୟାନ୍ୟ ତରକାରୀ ସହିତ ବୋଧହୁଏ କାଞ୍ଜି ଦିଆଯାଉଥିଲା ଖାଇବାକୁ ଏବଂ ସେ ତାହା ଖାଇଛନ୍ତି । ତାଙ୍କୁ ଭଲ ଲାଗିଛି ଏବଂ ତୃପ୍ତି ବୋଧ କରିଛନ୍ତି । ତେଣୁ ଏହାକୁ ଏକ ରୁଚିକର ଖାଦ୍ୟ ବୋଲି ତାଙ୍କର ଗୀତାରେ ସେ ଲେଖିଛନ୍ତି । ସେ କିନ୍ତୁ ଏ ସଂପର୍କରେ କୌଣସି ଶାସ୍ତ୍ରୀୟ ପ୍ରମାଣ ଦେଇନାହାନ୍ତି ।

ରସ୍ୟାଃ ଅର୍ଥାତ୍ ରସବନ୍ତ ବା ସୁସ୍ୱାଦୁ ଖାଦ୍ୟ । ସ୍ନିଗ୍ଧାଃ ଅର୍ଥାତ୍ ଖୁଆ, ଲହୁଣୀ ଆଦି ଚିକ୍କଣ ପଦାର୍ଥକୁ ସ୍ନିଗ୍ଧା ବୋଲି କହନ୍ତି । ସ୍ଥିରାଃ ଅର୍ଥାତ୍ ପ୍ରୋଟିନ୍ ଖାଦ୍ୟ, ଯାହା ଶରୀର ଏବଂ ମସ୍ତିଷ୍କର ବଳବୃଦ୍ଧି କରେ । ଶରୀର ଓ ମନକୁ ଦୀର୍ଘ କାଳ ପର୍ଯ୍ୟନ୍ତ ସୁସ୍ଥ ଏବଂ କାର୍ଯ୍ୟଦକ୍ଷ ରଖିପାରେ । ହୃଦ୍ୟାଃ, ଯାହା ହୃଦୟଗ୍ରାହୀ । ପେଟରେ ଖାଦ୍ୟର ପାଚନ କ୍ରିୟାକୁ ଯେଉଁ ଖାଦ୍ୟ ସହାୟକ ହୋଇଥାଏ ତାକୁ ହୃଦ୍ୟା କୁହାଯାଏ । ଏହିସବୁ ହେଉଛି ସାତ୍ତ୍ୱିକ ଆହାର । ଯେଉଁମାନେ ସାତ୍ତ୍ୱିକ ଭାବାପନ୍ନ ବ୍ୟକ୍ତି, ଯେଉଁମାନେ ଈଶ୍ୱର ଉପଲବ୍ଧି ପାଇଁ ସାଧନା କରନ୍ତି, ଧ୍ୟାନ କରନ୍ତି ଏହିଭଳି ସାତ୍ତ୍ୱିକ ଖାଦ୍ୟ ଖାଇବା ଉଚିତ । ସାତ୍ତ୍ୱିକ ଆହାର ଦ୍ୱାରା ମନ ଏବଂ ଶରୀର ସୁସ୍ଥ ରହେ । ମନସ୍ଥିର ରହିଲେ ଧ୍ୟାନ ଭଲ ହୁଏ, ଗଭୀର ହୁଏ । ମନ ଏବଂ ପ୍ରାଣବାୟୁ ମେରୁଦଣ୍ଡସ୍ଥିତ ସୁଷୁମ୍ନା ନାଡ଼ି ବା ନଳୀ ଭିତରେ ପ୍ରବେଶ କରିବା ଦ୍ୱାରା ମୂଳାଧାରରୁ ସହସ୍ରାର ପର୍ଯ୍ୟନ୍ତ ଯିବା ଆସିବା କରିବା ପଥ ଉନ୍ମୁକ୍ତ ହୋଇଯାଏ । ସାତ୍ତ୍ୱିକ ଆହାର ଖାଇଲେ ସାତ୍ତ୍ୱିକ ବୁଦ୍ଧି ହେବ । ରାଜସିକ ଏବଂ ତାମସିକ ଆହାର କଲେ ଲୋକର ହୀନ ସ୍ୱଭାବ ହୁଏ । ତାର ମନ ବୁଦ୍ଧି ନଷ୍ଟହୋଇଯାଏ । ସେ ଜଣେ ନର ପିଶାଚ ପାଲଟି ଯାଏ ।

ଉପବାସ ସଂପର୍କରେ ପରମହଂସ ହରିହରାନନ୍ଦ କହନ୍ତି–ଦୁଇଟି ଶବ୍ଦ ଉପ ଏବଂ ବାସ ମିଶି ଉପବାସ ହୋଇଛି । ଉପ ଅର୍ଥ ସନ୍ନିକଟ । ବାସ ଅର୍ଥ ହେଉଛି ବାସ କରିବା ବା ବସିବା । ଉପବାସ ଦିବସରେ ଈଶ୍ୱରଙ୍କ ସାନ୍ନିଧ୍ୟରେ ବସିବା ଅର୍ଥାତ୍ ସେହି ଦିବସଟି ଭଗବତ୍ ବୋଧରେ ରହିବା ଉଚିତ । ସବୁ ଦିନ ଭଳି ଖାଦ୍ୟ ଖାଇ ମଧ୍ୟ ଏହା କରାଯାଇପାରିବ । ନିର୍ଜଳ ବା ନିରାହାର ହୋଇ ଯେଉଁମାନେ ଉପବାସ

କରନ୍ତି ସେମାନେ କ୍ଷୁଧା ଓ ପିପାସାର ବେଗକୁ ଜୋର କରି ଚାପି ରଖିବାରେ ବ୍ୟସ୍ତ ଥାନ୍ତି । ଖାଇବାକୁ ଇଚ୍ଛା କିନ୍ତୁ ଯେଣୁ ସେ ଉପବାସ କରୁଛନ୍ତି କେମିତି କିଛି ଖାଇ ପକେଇବେ ଏହି ଭାବନା ମନକୁ ଅସ୍ଥିର କରିପକାଏ । ସ୍ଥିର ହୋଇ ବସି ଧ୍ୟାନ କରି ହୁଏ ନାହିଁ । କେହି କେହି ଉପବାସ ଦିବସରେ ଭାତ ଛଡ଼ା ଆଉ ସବୁ ଯଥା ପୁରୀ, ତରକାରୀ ଖାଇବା ବ୍ୟବସ୍ଥା କରିଥାନ୍ତି । କହନ୍ତି-ଆମେ ଫଳାହାର କରୁଛୁ । ଏହିଭଳି ଭାବରେ ଉପବାସ କରିବା କି ଲାଭ ? ଯେଉଁମାନେ ମନ ଲଗେଇ ଧ୍ୟାନ କରନ୍ତି, ସବୁଦିନ ସାତ୍ତ୍ୱିକ ଆହାର କରନ୍ତି ତାଙ୍କର ଉପବାସ କରିବା କଣ ଆବଶ୍ୟକ ?

ଯୋଗ ଦର୍ଶନ ଶାସ୍ତ୍ରରେ କୁହାଯାଇଛି ଯେ ଯମ, ନିୟମ, ଆସନ, ପ୍ରାଣାୟମ, ପ୍ରତ୍ୟାହାର, ଧାରଣା ଧ୍ୟାନ ଏବଂ ସମାଧି ଏହା ଯୋଗର ଆଠଗୋଟି ଅଙ୍ଗ । ଅହିଂସା, ସତ୍ୟ, ଅସ୍ତେୟ ବ୍ରହ୍ମଚର୍ଯ୍ୟ ଏବଂ ଅପରିଗ୍ରହ ଏହି ପାଞ୍ଚଗୋଟି ଯମର ସଜ୍ଞା । ତପ, ସ୍ୱାଧ୍ୟାୟ, ଈଶ୍ୱର ପ୍ରଣିଧାନ ପବିତ୍ରତା ଏବଂ ସନ୍ତୋଷ ଏହି ପାଞ୍ଚକୁ ନିୟମ କୁହାଯାଏ । 'ସ୍ଥିର ସୁଖ ମାସନଂ' (ଯୋଗଦର୍ଶନ) ସୁଖ ପୂର୍ବକ ସ୍ଥିର ବା ଅଚଳ ହୋଇ ବହୁ ସମୟ ପର୍ଯ୍ୟନ୍ତ ବସିବାକୁ ଆସନ କୁହାଯାଏ । ପ୍ରାଣାୟମର ଅର୍ଥ ହେଉଛି ''ଶ୍ୱାସ ପ୍ରଶ୍ୱାସୟୋଃ ଗତି ବିଚ୍ଛେଦଃ ପ୍ରଣାୟମଃ ।'' ଶ୍ୱାସପ୍ରଶ୍ୱାସର ଗତିରୋଧକୁ ପ୍ରାଣାୟମ କୁହାଯାଏ । ଗୁରୁଙ୍କ ବିନା ସାହାଯ୍ୟରେ ପ୍ରାଣାୟମ ସାଧନ କରି ବସିଲେ ଜୀବନ ପ୍ରତି ବିପଦ ଥାଏ । ପ୍ରାଣାୟମରେ ୧୬ ମାତ୍ରା ପର୍ଯ୍ୟନ୍ତ ଇଡ଼ାନାଡ଼ି ବା ବାମନାସାପୁଡ଼ାରେ ଶ୍ୱାସ ଗ୍ରହଣ କରିବ । ଏହାକୁ ପୁରକ କହନ୍ତି । ୬୪ ପର୍ଯ୍ୟନ୍ତ ଗଣି ଶ୍ୱାସକୁ ଧାରଣ କରି ରଖିବ । ଏହାକୁ କୁମ୍ଭକ କହନ୍ତି ଏବଂ ୩୨ ଗଣି ଗଣି ପିଙ୍ଗଳା ନାଡ଼ି ବା ଦକ୍ଷିଣ ନାସାରେ ଶ୍ୱାସ ତ୍ୟାଗ କରିବ । ଏହାକୁ ରେଚକ କହନ୍ତି । ଶିଷ୍ୟ ଗୁରୁଙ୍କ ନିର୍ଦ୍ଦେଶରେ ଏହି ପ୍ରାଣାୟମର ସଂଖ୍ୟା କମ ବା ବୃଦ୍ଧି କରି ସାଧନ କରିଥାଏ । ଏହାପରେ ୫ମ ଅଙ୍ଗ ହେଉଛି ପ୍ରତ୍ୟାହାର । ଇନ୍ଦ୍ରିୟମାନଙ୍କୁ ବଶୀଭୂତ କରି ସାଂସାରିକ ବିଷୟ ଭୋଗରୁ ବିରତ ରହିବା ହେଉଛି ପ୍ରତ୍ୟାହାର । ଏହାପରେ ଧାରଣା । ଚିତ୍ତକୁ ନିଜର ଧ୍ୟେୟ ପ୍ରତି ସ୍ଥିର ରଖିବା ହେଉଛି ଧାରଣା । ଏହାପରେ ଧ୍ୟାନ ଏବଂ ପରେ ସମାଧି । ଯମଠାରୁ ଧାରଣା ପର୍ଯ୍ୟନ୍ତ ଯୋଗର ଏହି ସବୁ ଅଙ୍ଗ ଅଭ୍ୟାସ କରି ସିଦ୍ଧ ହେବା ପରେ ଯାଇ ଧ୍ୟାନ ଆରମ୍ଭ କରିବାକୁ ହୁଏ । ଶ୍ରୀ ପରମହଂସ ହରିହରାନନ୍ଦ କହନ୍ତି ଯେ ଏହି ଭଳି ଯମ ନିୟମାଦି ଯୋଗର ଅଙ୍ଗ ସବୁ ସାଧନ କରୁ କରୁ ଜୀବନ କାଳ ଶେଷ ହୋଇଯିବ ଆଉ କେବେ ଧ୍ୟାନ କରିବ ? ଯୋଗର ଏହି

ଅଷ୍ଟ ଅଙ୍ଗର ଦୁଇଗୋଟି ଭୂମିକା ଅଛି । ୧– ଅନ୍ତରଙ୍ଗ, ୨– ବହିରଙ୍ଗ । ଯମଠାରୁ ପ୍ରତ୍ୟାହାର ପର୍ଯ୍ୟନ୍ତ ପାଞ୍ଚଟି ବହିରଙ୍ଗ ଏବଂ ଧାରଣା ଧ୍ୟାନ ଓ ସମାଧି ଅନ୍ତରଙ୍ଗ ଅଟନ୍ତି । ପ୍ରଥମ ପାଞ୍ଚ ଅଙ୍ଗ ବହିରଙ୍ଗ କାରଣ ଏହି ପାଞ୍ଚଗୋଟି ବାହାର କ୍ରିୟା ମାନଙ୍କ ସହିତ ସମ୍ପୃକ୍ତ । ଶେଷ ତିନିଟିର ଅନ୍ତଃକରଣ କାର୍ଯ୍ୟ ଯୋଗୁଁ ଅନ୍ତରଙ୍ଗ କୁହାଯାଏ ।

ପରମହଂସ ହରିହରାନନ୍ଦ ତାଙ୍କର ଶିଷ୍ୟମାନଙ୍କୁ କେବଳ ଧ୍ୟାନ କରିବାକୁ କହିଛନ୍ତି । ଯୋଗର ଅନ୍ୟାନ୍ୟ ଅଙ୍ଗ ସବୁର ସାଧନ ଉପରେ ସେ ଗୁରୁତ୍ୱ ଦେଇନାହାନ୍ତି । ତାଙ୍କର କହିବା କଥା ହେଲା ଧ୍ୟାନ ହେଉଛି ମୂଳ । ଧ୍ୟାନ ଗଭୀର ହେଲେ ଯୋଗର ସବୁ ଅଙ୍ଗଯାକ ଆପେ ଆପେ ସିଦ୍ଧ ହୋଇଯିବ ଏବଂ ସାଧକର ସମାଧି ଅବସ୍ଥା ପ୍ରାପ୍ତ ହେବା ପାଇଁ କୌଣସି ବାଧା ସୃଷ୍ଟି ହେବ ନାହିଁ । କ୍ରିୟାଯୋଗର ପ୍ରାଣାୟମ ସାଧନା ଅଷ୍ଟାଙ୍ଗ ଯୋଗର 'ପୁରକ' 'ରେଚକ' 'କୁମ୍ଭକ' ରୀତିରେ କରାଯାଉଥିବା ପ୍ରାଣାୟମ ଭଳି ନୁହେଁ । ସେ କହନ୍ତି ନାକ ଚିପି ଶ୍ୱାସ ପ୍ରଶ୍ୱାସ ଜୋର କରି ରୋଧ କରି ଶରୀରକୁ କଷ୍ଟ ହେଲା ଭଳି କ୍ରିୟା କରିବା ଉଚିତ ନୁହେଁ । ସେ କହନ୍ତି ଶ୍ୱାସ ପ୍ରଶ୍ୱାସ ଅତି ଜୋର ଭାବେ ଯିବା ଆସିବା କଲେ ମନ ଚଞ୍ଚଳ ହୋଇଉଠେ । କ୍ରୋଧ ସମୟରେ ମନୁଷ୍ୟର ଶ୍ୱାସ ପ୍ରଶ୍ୱାସର ବେଗ ଅତି ମାତ୍ରାରେ ବଢ଼ିଯାଏ । ଯାହାଫଳରେ ଶରୀରର ରକ୍ତବାହିକା ଧମନୀ ଶିରା ପ୍ରଶିରା ସବୁ ଉତ୍ତେଜିତ ହୋଇ ଉଠନ୍ତି । ରକ୍ତ ମସ୍ତକ ଉପରକୁ ଉଠି ଆସେ । ମନ ଅତ୍ୟନ୍ତ ଚଞ୍ଚଳ ହୋଇଉଠେ । ସେହିପରି କାମ, କ୍ରୋଧ ଲୋଭ ମୋହ ମଦ ମାତ୍ସର୍ଯ୍ୟ ଆଦି ରିପୁମାନେ ଯେତେବେଳେ ପ୍ରବଳ ହୋଇ ମାତି ଉଠନ୍ତି । ମନୁଷ୍ୟର ମନ ଅତି ଚଞ୍ଚଳ ହୋଇଉଠେ । ଅଶାନ୍ତି ଘୋଟିଯାଏ । ଶାସ୍ତ୍ରରେ କୁହାଯାଇଛି 'ଚଳେ ବାତେ ଚଳଂ ଚିତ୍ତଂ ନିଶ୍ଚଳେ ନିଶ୍ଚଳଂ ଭବେତ୍ ।' ଶ୍ୱାସ ଚଞ୍ଚଳ ହେଲେ ଚିତ୍ତ ଚଞ୍ଚଳ ହୋଇଉଠେ । ନିଶ୍ଚଳ ହେଲେ ନିଶ୍ଚଳ ରହେ । ଏଣୁ ଶ୍ରୀ ହରିହରାନନ୍ଦ କହନ୍ତି–ମନୁଷ୍ୟ ଶୋଇଥିବା ବେଳେ ଶ୍ୱାସ ପ୍ରଶ୍ୱାସ ଅତି ଧୀର, ଦୀର୍ଘ ଏବଂ ଗଭୀର ଭାବରେ ଚାଲିଥାଏ । ତେଣୁ ସେ ଶାନ୍ତ ଭାବରେ ଶୋଇ ରହେ । ଶ୍ୱାସ ପ୍ରଶ୍ୱାସ ଶୀଘ୍ର ଶୀଘ୍ର ଚାଲୁଥିଲେ ନିଦ ହୁଏ ନାହିଁ । ନିଦ୍ରାବସ୍ଥାର ଏହି ଶାନ୍ତ ଭାବ ଯଦି ଜାଗ୍ରତ ଅବସ୍ଥାରେ ଆମର ସବୁ ସମୟରେ ରହିବ ତେବେ ମହାଶାନ୍ତିରେ ଦିନଟି କଟିବ । ଦେହ ସୁସ୍ଥ ରହିବ । ପରମାୟୁ ବୃଦ୍ଧି ହେବ । ଯେଉଁମାନେ ବିଶେଷ କ୍ରୋଧୀ, କାମୁକ, ଲୋଭୀ ସେମାନଙ୍କର ରୁଗ୍ଣ ଶରୀର, ତେଣୁ ରୁଗ୍ଣ ମନୋଭାବ । ସେମାନେ ଅଳ୍ପାୟୁ । ଏଣୁ କାମ କ୍ରୋଧାଦିଙ୍କୁ ଶତ୍ରୁ ବୋଲି କୁହାଯାଇଛି ।

ଭଗବଦ୍‌ଗୀତା ୨ୟ ଅଧ୍ୟାୟରେ କୁହାଯାଇଛି -ସାଂସାରିକ ବିଷୟ ଭୋଗ ବାସନା ସଙ୍ଗଦୋଷରୁ ଜାତ ହୁଏ । ଏହି ସଙ୍ଗଦୋଷରୁ କାମ ଜାତ ହୁଏ । କାମନା ପୂର୍ଣ୍ଣ ନହେଲେ କ୍ରୋଧ ଜାତ ହୁଏ । କ୍ରୋଧ ଯୋଗୁଁ କ୍ରୋଧୀ ଲୋକର ମନ ମୋହଗ୍ରସ୍ତ ହୋଇପଡ଼େ । ତାର ହିତାହିତ ଜ୍ଞାନ ଲୋପ ପାଇଯାଏ । ଫଳରେ ତାର ସ୍ମୃତି ବିଭ୍ରମ ଘଟେ । ସ୍ମୃତିଭ୍ରଂଶ ହେଲେ ବୁଦ୍ଧି ନାଶ ହୁଏ ଏବଂ ବୁଦ୍ଧି ନଷ୍ଟ ହେଲେ ତାର ବିନାଶ ଘଟେ । 'ଏଥିରୁ ବୁଝାଯିବ, ଏହି କାମ କ୍ରୋଧାଦି ରିପୁଗୁଣ କେଡ଼େ ବିପଜ୍ଜନକ !

ମନକୁ ସ୍ଥିର କରିବା ଉଚିତ । ମନ ସ୍ଥିର କରି ନପାରିଲେ ସାଧନ ହୁଏ ନାହିଁ । ସଂସାର କର୍ମ ମଧ୍ୟ ସୁନ୍ଦର ଭାବେ ସଂପନ୍ନ ହୋଇପାରେ ନାହିଁ । ଶ୍ୱାସ ପ୍ରଶ୍ୱାସର ଗତି ବହିର୍ମୁଖୀ ହେତୁ ମନ ବାହାର ଦିଗକୁ ଧାବିତ ହୁଏ । ପ୍ରାଣବାୟୁ ଚଞ୍ଚଳ ହେଲେ ମନ ଚଞ୍ଚଳ ରହିବ ।

ଇନ୍ଦ୍ରିୟାଣାଂ ମନୋନାଥଃ ମନନାଥୋସ୍ତୁ ମାରୁତଃ
ମାରୁତସ୍ୟ ଲୟୋ ନାଥଃ । ସଲୟଃ ନାଦ ମାଶ୍ରିତଃ ॥

ଇନ୍ଦ୍ରିୟ ମାନଙ୍କର ରାଜା ହେଉଛନ୍ତି ମନ । ମନର ସ୍ୱାମୀ ହେଉଛି ମାରୁତ ବା ବାୟୁ, ମାରୁତର ନାଥ ଲୟ । ସେହି ଲୟ ନାଦ ଆଶ୍ରିତ । ଯୋଗୀରାଜ ଶ୍ୟାମାଚରଣ ଲାହିଡ଼ି କହନ୍ତି -କ୍ରିୟାଯୋଗ ସାଧନ ଦ୍ୱାରା ଶ୍ୱାସ ପ୍ରଶ୍ୱାସର ଗତି ଅନ୍ତର୍ମୁଖୀ ହେଲେ ମନ ମଧ୍ୟ ଅନ୍ତର୍ମୁଖୀ ହୋଇ ସ୍ଥିର ହୁଏ । ସାଧାରଣତଃ ମନୁଷ୍ୟ ଦିନରାତି ୨୪ ଘଣ୍ଟା ମଧ୍ୟରେ ୨୧୬୦୦ (ଏକୋଇଶି ହଜାର ଛଅ ଶହ) ଥର ଶ୍ୱାସ ପ୍ରଶ୍ୱାସ ନେବା ଆଣିବା କରିଥାଏ । ଅର୍ଥାତ୍ ପ୍ରତି ମିନିଟରେ ୧୫ ଗୋଟି ଶ୍ୱାସ ପ୍ରଶ୍ୱାସ ଚାଲିଥାଏ । ଏକ ଘଣ୍ଟାରେ ୯୦୦ ଥର । କ୍ରିୟାଯୋଗ କୌଶଳରେ ସାଧନା କରୁ କରୁ ସାଧକର ଶ୍ୱାସ ପ୍ରଶ୍ୱାସ ଗତି ଅତି ଧୀର ହୋଇଆସିବ । ମିନିଟରେ ୧୫ ଥରରୁ ଛଅ ବା ସାତ ଥର ଯାଏ କମିଯାଇପାରିବ ଏବଂ ପରେ ପରେ ଶ୍ୱାସ ପ୍ରଶ୍ୱାସର ନେବା ଆଣିବା ରହିବ ନାହିଁ, ନିଶ୍ଚଳ ହୋଇଯିବ । ଏହି ଅବସ୍ଥା ଏକ ପରମ ଶାନ୍ତି ଦାୟୀ ମହା ଆନନ୍ଦମୟ ଅବସ୍ଥା । ଏହାକୁ ସମାଧି ଅବସ୍ଥା ମଧ୍ୟ କୁହାଯାଏ ।

ଯୋଗୀରାଜ ଶ୍ରୀ ଲାହିଡ଼ିବାବା ପୁଣି କହିଛନ୍ତି- ଏହି କ୍ରିୟାଯୋଗ ରୂପକ ଶ୍ୱାସକ୍ରିୟା ଗୋଟିଏ ସୁପ୍ରାଚୀନ ବିଜ୍ଞାନ । ବେଦ, ଉପନିଷଦ, ଗୀତା ଓ ତନ୍ତ୍ର ଶାସ୍ତ୍ରମାନଙ୍କରେ ଏହାର ରହସ୍ୟ ଓ ଉପଯୋଗୀତା ବର୍ଣ୍ଣିତ ହୋଇଅଛି । ଯଜ୍ଞ, ନିତ୍ୟପୂଜା ଓ ସକଳ ପ୍ରକାର ଧର୍ମ କର୍ମ ମଧ୍ୟରେ ଏହି ଯୋଗର ପ୍ରତୀକ ଲକ୍ଷିତ ହୁଏ । ବର୍ତ୍ତମାନ କାଳରେ ଏହି ପ୍ରତୀକର ଆବରଣରେ ଯେଭଳି ଦେବା-ଦେବୀ ଆଚ୍ଛାଦିତ

ହୋଇପଡ଼ିଛନ୍ତି, ସେହିଭଳି ଯଜ୍ଞ ଓ ବାହ୍ୟ ପୂଜାର ଅନ୍ତରାଳରେ ପ୍ରାଣ ଯଜ୍ଞ ଆବୃତ ହୋଇଯାଇଛି । ସମଗ୍ର ପୃଥିବୀରେ ବହୁ ମହାତ୍ମା ଏହି ଯୋଗ ପଥରେ ସାଧନ କରି ଜୀବନରେ ଚରମ ସାର୍ଥକତା ଲାଭ କରିଅଛନ୍ତି । ସେମାନଙ୍କ ମଧ୍ୟରେ କପିଳମୁନି, ରାଜା ଜନକ, ବ୍ୟାସଦେବ, ଶୁକଦେବ, ପତଞ୍ଜଳି, ସକ୍ରେଟିସ୍, ଯୀଶୁଖ୍ରୀଷ୍ଟ, ସେଣ୍ଟଜନ୍ ସେଣ୍ଟପଲ୍, ଦାଦୁ ଦୟାଲ, କବୀର, ରୁହିଦାସ, ନାନକ, ରାମ ପ୍ରସାଦ ସେନ୍ ପ୍ରଭୃତି ବିଖ୍ୟାତ ।

କ୍ରିୟା ଯୋଗ ସାଧନାରେ ଶ୍ୱାସ ପ୍ରଶ୍ୱାସର ସଂଯମ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ପରମହଂସ ହରିହରାନନ୍ଦ ସବୁବେଳେ କହନ୍ତି Breath control is self control. ଅର୍ଥାତ୍ ଶ୍ୱାସ ସଂଯମ ହିଁ ଆତ୍ମ ସଂଯମ । Breath lessness state is deathlessness state. ଅର୍ଥାତ୍ ଶ୍ୱାସ ଶୂନ୍ୟ ଅବସ୍ଥା ହେଉଛି ଅମୃତାବସ୍ଥା ବା ନ ମରା ଅବସ୍ଥା । ନ ମୃତ- ଅମୃତ । କ୍ରିୟାଯୋଗ ସାଧନାରେ ପ୍ରାଣକର୍ମ କରୁ କରୁ ସାଧକର ଇଡ଼ା ପିଙ୍ଗଳା ନାଡ଼ି ମଧ୍ୟ ଦେଇ ଯାତାୟତ କରୁଥିବା ଶ୍ୱାସ ପ୍ରଶ୍ୱାସ ଯେତେବେଳେ ମେରୁଦଣ୍ଡର ସୁଷମ୍ନା ନାଡ଼ି ଭିତରେ ପ୍ରବେଶ କରି ସେଇ ଭିତରେ ତଳୁ ଉପରକୁ ଯିବା ଆସିବା କରେ, ବାହ୍ୟ ଗତି ବନ୍ଦ ହୋଇ ଯାଇଥାଏ । ସେତେବେଳେ ସାଧକଯୋଗୀଙ୍କର ସମାଧି ଅବସ୍ଥା ଆସିଯାଏ । ସମସ୍ତେ ଦେଖିବାକୁ ଯେ ମୃତ ପ୍ରାୟ । ତାଙ୍କ ଶ୍ୱାସ ପ୍ରଶ୍ୱାସରେ ବାହ୍ୟ ଗତିନଥାଏ । ହୃଦସ୍ପନ୍ଦନ ବନ୍ଦ ହୋଇଯାଏ । କିନ୍ତୁ ସେ ଜୀବିତ, ଯିଏ ପରମାତ୍ମାଙ୍କ ଆନନ୍ଦମୟ ଧାମରେ ତାଙ୍କ ସହ ଏକାକାର ହୋଇ ରହିଥାନ୍ତି । ଏହି ଅବସ୍ଥାକୁ deathlessness stage ବୋଲି ପରମହଂସ ଦେବ କହନ୍ତି ।

ସେ ସବୁବେଳେ କହନ୍ତି :

ଆୟୁଃ ବାୟୁଃ ବଳଂ ବାୟୁଃ, ବାୟୁଃ ଧାତା ଶରରୀଣଃ
ବାୟୁଃ ସର୍ବଂ ଇଦଂ ବିଶ୍ୱଂ ବାୟୁଃ ପ୍ରତ୍ୟକ୍ଷ ଦେବତା ।।

ବାୟୁ ହେଉଛନ୍ତି ପ୍ରତ୍ୟକ୍ଷ ଦେବତା । ସେ ଆୟୁ, ବଳ, ପ୍ରାଣୀମାନଙ୍କର ଧାତା ବା ଧାରଣ କର୍ତ୍ତା, ସେ ହେଉଛନ୍ତି ଏହି ସାରା ବିଶ୍ୱ । ସେ ଆହୁରି କହନ୍ତି- ବାୟୁ ହେଉଛନ୍ତି ସର୍ବ ପ୍ରାଣୀଙ୍କର ଭିତରେ ଥିବା ଆତ୍ମା । ସେ ଆକାଶରେ ରହିଥାନ୍ତି । ପ୍ରାଣୀମାନଙ୍କର ଶ୍ୱାସ ପ୍ରଶ୍ୱାସ ଭାବେ ଗତାଗତ କରିଥାନ୍ତି ।

ଆମି ଆତ୍ମା ଆକାଶବାସୀ
ଶ୍ୱାସେ ଶ୍ୱାସେ ଦେହେ ଆସି ।

## ସହଜକର୍ମ

ଶ୍ରୀମଦ୍ ଭଗବଦ୍‌ଗୀତା ୧୮/୪୮ ଶ୍ଳୋକରେ ଅଛି:

ସହଜଂ କର୍ମ କୌନ୍ତେୟ ସଦୋଷମପି ନ ତ୍ୟଜେତ୍

ସର୍ବାରମ୍ଭାହି ଦୋଷେଣ ଧୂମେନାଗ୍ନି ରିବାବୃତାଃ ।

ଏହି ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ କୁନ୍ତିପୁତ୍ର ଅର୍ଜୁନଙ୍କୁ କହୁଛନ୍ତି ଯେ ଯେଉଁ କର୍ମ ମନୁଷ୍ୟର ସହଜାତ କର୍ମ, ତାହା ଦୋଷ ଯୁକ୍ତ ହେଲେ ମଧ ତ୍ୟାଗ କରିବା ଉଚିତ ନୁହେଁ । କାରଣ ଆରମ୍ଭରେ ସବୁ କର୍ମରେ କିଛି ନା କିଛି ଦୋଷ ଥାଏ । ଯେପରି ଧୂଆଁ ଦ୍ୱାରା ଅଗ୍ନି ଆବୃତ ହୋଇଯାଏ ।

ସହଜ ଶବ୍ଦର ଗୋଟିଏ ଅର୍ଥ ହେଉଛି, ଯେଉଁ କର୍ମ କଷ୍ଟକର ନୁହେଁ । ଦ୍ୱିତୀୟ ଅର୍ଥ ହେଉଛି ଯାହା ସହଜ ବା 'ସହଜାୟତେ ଇତି ।' ଯେଉଁ କର୍ମ ଜନ୍ମ ସହିତ ସାଂଗରେ ଆସିଛି । ଶ୍ୱାସ ପ୍ରଶ୍ୱାସ ନେବା ଛାଡ଼ିବା କାମ ମନୁଷ୍ୟର ଜନ୍ମ ସହିତ ରହିଆସିଛି । କ୍ରିୟାଯୋଗରେ ଏହା ହେଉଛି ପ୍ରାଣକର୍ମ । କ୍ରିୟାଯୋଗ ସାଧନା କରିବା ସମୟରେ ପ୍ରଥମେ ପ୍ରଥମେ ଅଭ୍ୟାସ ନଥିବା ଯୋଗୁଁ କଷ୍ଟକର ମନେ ହେଲେ ସୁଦ୍ଧା, ତାହାକୁ ଛାଡ଼ିବାକୁ ହେବ ନାହିଁ । କାରଣ ଧୂଆଁ ଦ୍ୱାରା ଆବୃତ ହୋଇଥିଲେ ମଧ ନିଆଁ ଫୁଙ୍କିଲେ ଜଳି ଉଠେ । ତେଣୁ ସାଧନା ଚାଲୁ ରଖିବାକୁ ହେବ । ନିଶ୍ଚୟ ଦିନେ ସିଦ୍ଧି ଲାଭ କରିବ । ଯୋଗୀରାଜ ଲାହିଡ଼ି ମହାଶୟ ତାଙ୍କ ଶିଷ୍ୟମାନଙ୍କୁ ଅନେକ ସମୟରେ ଉତ୍ସାହ ଦେଇ କହିଥାନ୍ତି – 'ବନତ ବନତ ବନ୍‌ଯାୟ ।' ଅର୍ଥାତ୍ ହେଉ ହେଉ ହୋଇଯିବ । ଆତ୍ମ କର୍ମ ନିୟମିତ ଅଭ୍ୟାସ କରୁଥିଲେ ଦିନେ ସକଳ କର୍ମର ଅତୀତରେ ପହଞ୍ଚିଯିବ । ଭଗବତ୍ ସାକ୍ଷାତ୍‌କାର ହୋଇଯିବ ।

ଶିଶୁ ମାତୃଗର୍ଭରୁ ଭୂମିଷ୍ଠ ହେବା ମୁହୂର୍ତ୍ତରୁ ଶ୍ୱାସ ପ୍ରଶ୍ୱାସ କ୍ରିୟା ଚାଲୁ ହୋଇଯାଏ । ଗର୍ଭ ମଧରେ ଥିବା ଶିଶୁର ମସ୍ତକ ନିମ୍ନ ଦେଶକୁ ଥିବାରୁ ଶ୍ୱାସ ପ୍ରଶ୍ୱାସ ଚାଲିନଥାଏ । ଏହାର ଦେହରେ ହୃଦ୍ ସ୍ପନ୍ଦନ, ରକ୍ତ ସଞ୍ଚାଳନାଦି ପ୍ରାଣକର୍ମ ମାତାର ପ୍ରାଣକର୍ମ ସହ ସଂପୃକ୍ତ ରହିଥାଏ ।

ଶିଶୁ ଜନ୍ମ ହେବା ପରେ କୁଆଁ କୁଆଁ ରଡ଼ି କରି କାନ୍ଦେ । କିନ୍ତୁ ପ୍ରକୃତରେ ତାହା କୁଆଁ ନୁହେଁ । ତାହା କୋଽହଂ, କୋଽହଂ ଅଟେ । କୋଽହଂ ବା କଃ ଅହଂ ଅର୍ଥାତ୍ ମୁଁ କିଏ, ମୁଁ କିଏ ? ଏହି ଜିଜ୍ଞାସା ବା ଜାଣିବାର ଇଚ୍ଛା ମନୁଷ୍ୟର ଜନ୍ମ ସହିତ ସାଙ୍ଗରେ ରହିଆସିଛି । ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ତାହା ଚାଲିଥିବ । ଜନ୍ମ ଜନ୍ମାନ୍ତରରୁ ଏହି

ଖୋଜା ଚାଲିଆସିଛି । ଆହୁରି କେତେ ଜନ୍ମ ଚାଲିବ କହି ହେବ ନାହିଁ । ଆମର ଜନ୍ମ ସଂଗେ ଆମର ଶ୍ୱାସ ପ୍ରଶ୍ୱାସ ଜନ୍ମ ହୋଇଛି ଏବଂ ଅହରହ ସୋଽହଂ, ସୋଽହଂ କହି ନାସିକା ରନ୍ଧ୍ର ଦ୍ୱୟ ମଧ ଦେଇ ଯିବା ଆସିବା କରୁଛି । ''ହ' କାରେଣ ବହିର୍ଯାତି, 'ସ' କାରେଣ ପ୍ରବିଶେତ୍ ପୁନଃ ।'' ବାହାରର ବାୟୁ ଶୋଷି ହୋଇ ନାକ ପୁଡ଼ା ଭିତର ଦେଇ ଶରୀର ଭିତରକୁ ପ୍ରବେଶ କରିବା ସମୟରେ ସୋ ଏବଂ ଏହା ପଦାକୁ ବାହାରି ଆସିବା ସମୟରେ 'ହଂ' । ଏହି ରୀତିରେ ଯିବା ଆସିବା କରେ । ନିରବଛିନ୍ନ ଭାବରେ ଚାଲିଥାଏ ଶେଷ ନିଃଶ୍ୱାସ ମୁହୁର୍ତ୍ତ ପର୍ଯ୍ୟନ୍ତ ।

'ସୋ' ବା 'ସଃ' ଅର୍ଥ ହେଉଛି ସେ ବା ପରମାତ୍ମା ଏବଂ ହଂ ବା ଅହଂର ଅର୍ଥ ହେଉଛି ମୁଁ ଜୀବାତ୍ମା । ଶରୀର । ମୁଁ କିଏ ? ଏହି ପ୍ରଶ୍ନର ଉତ୍ତର ଶ୍ୱାସରୂପୀ ପରମାତ୍ମା ଆମକୁ ସଂଗେ ସଂଗେ ଦେଇ ଚାଲିଛନ୍ତି । କିନ୍ତୁ ଅଜ୍ଞାନ ତିମିରାନ୍ଧ ମନୁଷ୍ୟ ଆମେ ତାହା ବୁଝିପାରୁନାହୁଁ । ବୁଝିବା ପାଇଁ ମଧ ଆମର ପ୍ରୟାସ ନାହିଁ । ନିଷ୍ଠାପର ସାଧନା ନାହିଁ ।

ମୁଁ କିଏ ? ଏହା କେବଳ ସେତିକିବେଳେ ଜାଣିହେବ ଯେତେବେଳେ ପୂର୍ଣ୍ଣ ଭାବରେ ମନୁଷ୍ୟ ଉପଲବ୍ଧି କରିବ ମୁଁ ଏ ଦେହ ନୁହେଁ । ଏ ଦେହ ଭିତରେ ଯିଏ ଚିତ୍ ସ୍ୱରୂପ ପରମାତ୍ମା ଅଛନ୍ତି, ସେହିଁ ପ୍ରକୃତ 'ମୁଁ' ପଦବାଚ୍ୟ ।' ସୋଽହଂ, ସୋଽହଂ ଏହି ଜପ ଆପେ ଆପେ ଚାଲିଛି । ବିନା ଜପରେ ଶ୍ୱାସ ପ୍ରଶ୍ୱାସ ରୂପେ । ଏହା ଏଣୁ 'ଅଜପା ଜପ' ଅଟେ । ଏହା ଦିବାରାତ୍ର ୨୧୬୦୦ ଥର ଯିବା-ଆସିବା କରୁଛି । ଏହି ସଂଖ୍ୟା ପ୍ରତି ମନୁଷ୍ୟର ଲକ୍ଷ୍ୟ ନାହିଁ । ଏହି ଶ୍ୱାସ ପ୍ରଶ୍ୱାସ ଗତି ପ୍ରତି ଦୃଷ୍ଟି ରଖି ପ୍ରାଣ କର୍ମର ସଂଖ୍ୟା ରକ୍ଷା କରୁ କରୁ ମନର ଅତୀତ ଅବସ୍ଥା ଲାଭ ହୁଏ । ସେତେବେଳେ ମନ ସ୍ଥିର ହୋଇଯାଏ । ଦିବ୍ୟ ଜ୍ଞାନ ପ୍ରାପ୍ତ ହୋଇଥାଏ । ଏହି ଦିବ୍ୟଜ୍ଞାନ ଯେଉଁ ଦିନ ଉପଲବ୍ଧି ହୋଇଯିବ, ସେହିଦିନ ମନୁଷ୍ୟ ସ୍ପଷ୍ଟ ରୂପେ ବୁଝିପାରିବ ଯେ କିଏ ତା ଭିତରେ ରହି କହି ଚାଲିଛନ୍ତି, ତୁ ଏବଂ ମୁଁ ଏକ ଓ ଅଭିନ୍ନ ।

## ଗୀତା ମାହାତ୍ମ୍ୟ

ଉପନିଷଦ୍ ବ୍ରହ୍ମସୂତ୍ର ଏବଂ ଭଗବଦ୍‌ଗୀତା ଏହି ତିନିଗୋଟି ଶାସ୍ତ୍ରକୁ 'ପ୍ରସ୍ଥାନ ତ୍ରୟଂ' ବୋଲି କୁହାଯାଏ । ସବୁ ଧର୍ମଶାସ୍ତ୍ର ମାନଙ୍କରେ ନିହିତ ଆଧ୍ୟାତ୍ମିକ ତତ୍ତ୍ୱ ସମୂହ ଏହି ତିନିଗୋଟି ଶାସ୍ତ୍ରରେ ରହିଛି, ଯାହା ହେଉଛି ଚୂଡ଼ାନ୍ତ । କିନ୍ତୁ ଭଗବଦ୍‌ଗୀତାର

ବିଶେଷତ୍ୱ ହେଉଛି ଯେ ସ୍ୱୟଂ ଭଗବାନ ନାରାୟଣଙ୍କର ମୁଖ ନିଃସୃତ ସବୁ କଥା ଏଥିରେ ଲେଖାଯାଇଛି । ଗୀତା ଧ୍ୟାନଂର ପ୍ରଥମ ଶ୍ଳୋକ ହେଉଛି 'ଓଁ ପାର୍ଥାୟ ପ୍ରତିବୋଧିତାଂ ଭଗବତା ନାରାୟଣେନ ସ୍ୱୟଂ, ବ୍ୟାସେନ ଗ୍ରଥିତାଂ ପୁରାଣ ମୁନିନା ମଧ୍ୟେ ମହାଭାରତଂ' ଅର୍ଥାତ୍-ଭଗବାନ ନାରାୟଣ ସ୍ୱୟଂ ଅର୍ଜୁନଙ୍କୁ ମହାଭାରତ ଯୁଦ୍ଧ ଭୂମିରେ ଯେଉଁ ଆଧ୍ୟାତ୍ମିକ ତତ୍ତ୍ୱ ଜ୍ଞାନ ବର୍ଣ୍ଣନା କରି କହିଥିଲେ, ତାହା ସବୁ ମହାମୁନି ବ୍ୟାସଦେବ ତାଙ୍କର ମହାଭାରତ ମହାପୁରାଣରେ ଲିପିବଦ୍ଧ କରିଯାଇଛନ୍ତି । ମହାଭାରତ ମହାପୁରାଣର ୨୫ ଠାରୁ ୪୨ ଅଧ୍ୟାୟ ମଧ୍ୟରେ ଭଗବାନ ଶ୍ରୀକୃଷ୍ଣଙ୍କ ସେହି ସବୁ ବାଣୀ ଲେଖାଯାଇଛି ।

ବାରାହ ପୁରାଣରେ ଭଗବାନ ବିଷ୍ଣୁ ଧରା ବା ପୃଥିବୀଦେବୀଙ୍କର କେତେକ ପ୍ରଶ୍ନର ଉତ୍ତରରେ ତାଙ୍କୁ 'ଗୀତା ମାହାତ୍ମ୍ୟ' ବିଷୟରେ ବୁଝାଇ କହିଛନ୍ତି । ଏହି ପୁରାଣର ଏକ ଅଧ୍ୟାୟର ତୃତୀୟ ଶ୍ଳୋକରେ ଲେଖା ହୋଇଛି:

''ମହାପାପାଦି ପାପାନି ଗୀତାଧ୍ୟାନଂ କରୋତି ଚେତ୍
କ୍ୱଚିତ୍ ସ୍ପର୍ଶଂ ନ କୁର୍ବନ୍ତି ନଳିନୀ ଦଳଂ ଅମ୍ବୁବତ୍ ।

ଯେଉଁ ଲୋକ ଗୀତା ତତ୍ତ୍ୱ ଉପରେ ଧ୍ୟାନରେ ଲାଗି ରହିଥାଏ, ଯେତେ ଜଘନ୍ୟ ପାପୀ ହେଉପଛକେ ପଦ୍ମ ପତ୍ରରେ ପାଣି ଯେପରି ରହିପାରେ ନାହିଁ, ସେହିପରି କୌଣସି ପାପ ତାକୁ ସ୍ପର୍ଶ କରିପାରେ ନାହିଁ ।

ପୁଣି ଚତୁର୍ଥ ଓ ପଞ୍ଚମ ଶ୍ଳୋକରେ ଯାହା ଲେଖା ହୋଇଛି ତାର ଭାବାର୍ଥ ହେଉଛି- ଯେଉଁଠାରେ ଭଗବଦ୍‌ଗୀତା ପୁସ୍ତକ ରଖାଯାଇଛି ବା ଯେଉଁଠାରେ ଗୀତାପାଠ ଚାଲିଥାଏ ସେଠାରେ ପ୍ରୟାଗାଦି ସର୍ବତୀର୍ଥ, ଦେବଗଣ, ଋଷିମାନେ, ଯୋଗୀମାନେ, ଗୋପୀଗୋପାଳ, ନାରଦ ଉଦ୍ଧବ ଏବଂ ଶ୍ରୀକୃଷ୍ଣଙ୍କର ସମଗ୍ର ପାରିଷଦବର୍ଗ ଉପସ୍ଥିତ ରହିଥାନ୍ତି ।

ପୁଣି ୭ମ ଶ୍ଳୋକରେ ଭଗବାନ ବିଷ୍ଣୁ କହିଛନ୍ତି-
ଗୀତାଶ୍ରୟେଽହଂ ତିଷ୍ଠାମି ଗୀତାମେ ଚ ଉତ୍ତମଂ ଗୃହଂ
ଗୀତାଜ୍ଞାନ ମୁପାଶ୍ରିତ୍ୟ ତ୍ରିଲୋକାନ୍ ପାଳୟାମି ଅହଂ ।''

ଅର୍ଥାତ୍ – ମୁଁ ଗୀତା ଆଶ୍ରୟରେ ଥାଏ, ଗୀତା ମୋର ପ୍ରଧାନ ନିବାସ ଗୃହ । ମୁଁ ଗୀତାରେ ନିହିତ ଥିବା ତତ୍ତ୍ୱଜ୍ଞାନ ଉପରେ ଆଧାରିତ କରି ତ୍ରିଭୁବନ ପାଳନ କରେ ।

ଏହାପରେ ପର ଶ୍ଳୋକମାନଙ୍କରେ ଭଗବାନ ବିଷ୍ଣୁ ଗୀତା ପଠନର କି ପ୍ରକାର ପ୍ରଭାବ ପାଠକ ଏବଂ ଶ୍ରୋତାମାନଙ୍କ ଉପରେ ପଡ଼ିଥାଏ, ତାହା ମଧ୍ୟ କହିଛନ୍ତି । ଗୀତାର ଅଠର ଅଧ୍ୟାୟ ଯାକ ଯିଏ ପ୍ରତିଦିନ ଭକ୍ତିର ସହ ମନ ଦେଇ ପାଠ କରେ ତାର ଦିବ୍ୟ ଜ୍ଞାନ ଲାଭ ହୁଏ । ସେ ପରମ ପଦ ପ୍ରାପ୍ତ ହୁଏ । ଯେଉଁ ବ୍ୟକ୍ତି କେବଳ ଅର୍ଦ୍ଧ ଭାଗ ବା ନଅଟି ଅଧ୍ୟାୟ ପଢ଼େ ବା କେବଳ ତିନିଟି ବା ଚାରିଗୋଟି ବା ଏକ ଗୋଟି ଅଧ୍ୟାୟ ପାଠ କରେ ସେ ମଧ୍ୟ ବହୁ ପୁଣ୍ୟଫଳ ପ୍ରାପ୍ତ ହୁଏ । ତାହାଠାରୁ ଆହୁରି କମ୍ ଗୀତାର କିଛି ଶ୍ଳୋକ ମଧ୍ୟ ପ୍ରତିଦିନ ଯେଉଁ ବ୍ୟକ୍ତି ଶ୍ରଦ୍ଧାର ସହ ପାଠ କରେ ସେ ମଧ୍ୟ ବହୁ ପୁଣ୍ୟ ଲାଭ କରେ । ପ୍ରତିଦିନ ଅଭ୍ୟାସ କରି ଭଗବଦ୍‌ଗୀତା ଯେଉଁମାନେ ଅତ୍ୟନ୍ତ ନିଷ୍ଠାର ସହ ଶ୍ରଦ୍ଧା ଓ ଭକ୍ତିଯୁକ୍ତ ହୋଇ ପାଠ କରନ୍ତି ସେମାନେ ମୁକ୍ତି ଲାଭ କରନ୍ତି ।

ଭଗବଦ୍‌ଗୀତାର ଏହିପରି ମହତୀ ଶକ୍ତି ବିଷୟରେ ଯାହାର ସମ୍ୟକ୍ ଉପଲବ୍ଧି ହୋଇଛି ତାହାର ଜୀବନ ଧନ୍ୟ । ସେ ନିଶ୍ଚୟ ଭଗବଦ୍ କୃପାଲାଭ ପାଇଁ ଯୋଗ୍ୟ । ତେଣୁ ଭଗବଦ୍‌ଗୀତା ନିତ୍ୟ ନିୟମିତ ଅତ୍ୟନ୍ତ ଭକ୍ତି ଏବଂ ଶ୍ରଦ୍ଧାର ସହ ପଠନ କରିବା ଉଚିତ । କିନ୍ତୁ ଏହିଭଳି ପାଠ ଦ୍ୱାରା ଆଧ୍ୟାତ୍ମିକ ବିକାଶର ଦ୍ରୁତ ଗତି ସମୟ ସାପେକ୍ଷ । ଆମ୍ଭମାନଙ୍କୁ ସେହିଭଳି ଆତ୍ମୋନ୍ନତି ଆବଶ୍ୟକ ଯାହା ଆମକୁ ଏଭଳି ଏକ ଅବସ୍ଥିତିରେ ନେଇ ଉପନୀତ କରାଇ ଦେବ, ଯେଉଁଠାରୁ ଆମକୁ ଆଉ ସଂସାରକୁ ଫେରିବାକୁ ପଡ଼ିବ ନାହିଁ । 'ଯଦ୍ ଗତ୍ୱା ନ ନିବର୍ତ୍ତନ୍ତେ ତଦ୍‌ଧାମ ପରମଂ ମମ' (ଗୀତା ୧୫/୬) ସେହି ପରମ ଧାମରେ ଯାଇ ଅମର ଅବସ୍ଥିତିରେ ରହିବ ।

'ଗୀତା ସୁଗୀତା କର୍ତ୍ତବ୍ୟା କିଂ ଅନ୍ୟୈଃ ଶାସ୍ତ୍ରବିସ୍ତରୈଃ
ଯା ସ୍ୱୟଂ ପଦ୍ମନାଭସ୍ୟ ମୁଖପଦ୍ମାତ୍ ବିନିଃସୃତା ।''

ଅର୍ଥାତ୍ ଗୀତାକୁ ସୁଗୀତା ବା ଉତ୍ତମ ରୂପେ ପଠନ କଲେ ଅନ୍ୟ କିଛି ଅଧିକ ଶାସ୍ତ୍ର ପଢ଼ିବା ଆବଶ୍ୟକ ନାହିଁ । କାରଣ ଏହା ସ୍ୱୟଂ ପ୍ରଭୁ ପଦ୍ମନାଭ ବା ବିଷ୍ଣୁଙ୍କ ମୁଖନିଃସୃତ ବାଣୀ । ମହାଭାରତର ଏହି ମନ୍ତ୍ରରେ କୁହାଯାଇଛି ଯେ ଗୀତାଜ୍ଞାନ ହେଉଛି ବ୍ରହ୍ମଜ୍ଞାନ ବା ଆତ୍ମଜ୍ଞାନ । ଏହା ସ୍ୱପ୍ରକାଶ । ଅନ୍ୟ ଦ୍ୱାରା ପ୍ରକାଶର ପ୍ରତୀକ୍ଷା କରେ ନାହିଁ । ତେଣୁ ଗୀତା ଛଡ଼ା ଅନ୍ୟ ଶାସ୍ତ୍ରପାଠର ପ୍ରୟୋଜନ ନାହିଁ ।

ଗୀତା ସୁଗୀତା ବା ସୁପାଠ୍ୟ କିଭଳି ଭାବେ କରାଯିବ ? ଗୀତାର ଶ୍ଳୋକମାନଙ୍କର ଅର୍ଥ ଭାବ କିଛି ନବୁଝି ଖାଲି ଶ୍ଳୋକ ସବୁ ଆବୃତ୍ତି କରି ଚାଲିଲେ

କିଛି ଲାଭ ନାହିଁ । ପରମହଂସ ହରିହରାନନ୍ଦ ତାଙ୍କର Bhagabat Gita in the light of kriyayoga ପୁସ୍ତକର ପ୍ରଥମ ଭାଗରେ ଗୋଟିଏ ସୁନ୍ଦର ବଙ୍ଗଳା କବିତା ଲେଖିଛନ୍ତି । ତାହା ହେଉଛି:

"ଗୀତା ଖଣ୍ଡ ଇକ୍ଷୁଦଣ୍ଡ
ଗିଲିଲେ ଆସ୍ୱାଦନ ନେଇ ।
ଗୁରୁ ପାଶେ ବୋସେ ବୋସେ
ସରସେ ଚିବାନୋ ଚାଇ ।।"

ଆଖୁ ଖଣ୍ଡ କାଟି ଗୋଟା ଗିଳିଲେ ସ୍ୱାଦ ମିଳିବ ନାହିଁ । ତାକୁ ଚୋବାଇ ଚୋବାଇ ଖାଇଲେ ମିଠା ରସ ବାହାରିବ । ତେଣୁ ଗୀତାକୁ ଖାଲି ପଢ଼ି ଚାଲିବା, ଆଖୁ ଖଣ୍ଡ ଗିଳିବା ଭଳି ଆସ୍ୱାଦନୀୟ ନୁହେଁ । କେବଳ ତତ୍ତ୍ୱଜ୍ଞ ଗୁରୁଙ୍କ ପାଖରେ ବସି ତାଙ୍କ ମୁଖରୁ ଗୀତାର ଅର୍ଥ ଭାବ ସବୁ ପଚାରି ବୁଝି ନେଲେ ପ୍ରକୃତ ଗୀତା ପଠନର ସ୍ୱାଦ ଅନୁଭବ କରିବ । ତେଣୁ ଭଗବଦ୍ ଗୀତା ୪/୩୪ ଶ୍ଳୋକରେ କୁହାଯାଇଛି –

ତଦ୍‌ବିଦ୍ଧି ପ୍ରଣିପାତେନ ପରି ପ୍ରଶ୍ନେନ ସେବୟା
ଉପଦେକ୍ଷ୍ୟନ୍ତି ତେଜ୍ଞାନଂ ଜ୍ଞାନୀନଃ ତତ୍ତ୍ୱ ଦର୍ଶିନଃ ।।

ଏହାର ଅର୍ଥ ହେଉଛି ଶିଷ୍ୟ ଆତ୍ମତତ୍ତ୍ୱର ତତ୍ତ୍ୱ ପ୍ରାପ୍ତି ଆଶାରେ ଜ୍ଞାନୀ ଏବଂ ତତ୍ତ୍ୱଦର୍ଶୀ ଗୁରୁଙ୍କ ନିକଟକୁ ଯାଇ ତାଙ୍କୁ ସାଷ୍ଟାଙ୍ଗ ପ୍ରୀତିଭାଜନ ହେବାକୁ ଚେଷ୍ଟା କରିବ, ବିନୟ ସହକାରେ ନିଜର ସଂଶୟ ଦୂର କରିବା ପାଇଁ ତାଙ୍କୁ ଅନୁରୋଧ କରିବ, ଜିଜ୍ଞାସା କରିବ । ସେହି ତତ୍ତ୍ୱଦର୍ଶୀ ଗୁରୁ ତାହା ଉପରେ ସନ୍ତୁଷ୍ଟ ହୋଇ ତତ୍ତ୍ୱଜ୍ଞାନ ଉପଦେଶ ଦେବେ । ତାର ସଦ୍‌ଜ୍ଞାନ ପ୍ରାପ୍ତି ହେବ ।

ତତ୍ତ୍ୱଜ୍ଞ ସଦ୍‌ଗୁରୁ ଯେଉଁ ଜ୍ଞାନ ପ୍ରଦାନ କରିବେ ତାହା ଦିବ୍ୟ ଆଧ୍ୟାତ୍ମିକ ଜ୍ଞାନ, ଯାହା ପ୍ରାପ୍ତ ହେଲେ ଆଉ ଅଧିକ କିଛି ଜାଣିବା ପାଇଁ ରହିନଥାଏ, ପରମ ପଦ ପ୍ରାପ୍ତି କରାଇଥାଏ । ଭଗବଦ୍ ଗୀତା ୭ମ ଅଧ୍ୟାୟ ୧୯ ଶ୍ଳୋକରେ ଅଛି –

ବହୁନାଂ ଜନ୍ମନାମନ୍ତେ ଜ୍ଞାନବାନ୍ ମାଂ ପ୍ରପଦ୍ୟତେ
ବାସୁଦେବଃ ସର୍ବଂ ଇତି ସମହାତ୍ମା ସୁଦୁର୍ଲଭଃ ।।

ଅର୍ଥାତ୍ ବହୁ ଜନ୍ମର ସାଧନ ଫଳରେ ଯୋଗୀ ପରମଜ୍ଞାନ ପ୍ରାପ୍ତ ହୁଏ ବା ସେ ଜ୍ଞାନବାନ ହୁଏ ଏବଂ ମୋର ପଦାଶ୍ରୟ ପ୍ରାପ୍ତ ହୁଏ । ଆଧ୍ୟାତ୍ମିକ ଜ୍ଞାନ ହେଉଛି ପ୍ରକୃତ ଜ୍ଞାନ ବା ପ୍ରଜ୍ଞାନ । ପ୍ରଜ୍ଞାନ ତିନି ପ୍ରକାର ଯଥା–ଜ୍ଞାନ, ବିଜ୍ଞାନ ଏବଂ ପ୍ରଜ୍ଞାନ । ଖାଲି

ଜ୍ଞାନ କହିଲେ ସାଧାରଣ ଜ୍ଞାନକୁ ବୁଝାଯାଏ । ଯାହା ମନୁଷ୍ୟ ଏବଂ ପଶୁମାନଙ୍କର ଅଛି । ଯାହା ହେଉଛି – ଆହାର, ନିଦ୍ରା, ଭୟ ଏବଂ ମୈଥୁନ । ବିଜ୍ଞାନ କହିଲେ ବିଶେଷ ଜ୍ଞାନକୁ ବୁଝାଏ । ଯାହା ଅଭିଜ୍ଞତାରୁ ପ୍ରାପ୍ତ ହୁଏ, ଯଥା– ଡ଼ାକ୍ତରୀ ପାଠ ପଢ଼ିଲେ ଯଥେଷ୍ଟ ଜ୍ଞାନ ହୋଇନଥାଏ, ତହି ସହିତ ରୋଗୀ ଚିକିତ୍ସାରୁ ଯେଉଁ ଅଭିଜ୍ଞତା ଅର୍ଜନ କରାଯାଏ ତାହା ହେଉଛି ବିଶେଷ ଜ୍ଞାନ । ପ୍ରଜ୍ଞାନ, ଅର୍ଥାତ୍ ପ୍ରକୃଷ୍ଟ ବା ପ୍ରକୃତଜ୍ଞାନ । 'ବାସୁଦେବଃ ସର୍ବଂ ଇତି' ସବୁକିଛି ହେଉଛନ୍ତି ବାସୁଦେବ ବା ପରମେଶ୍ୱର । 'ଈଶାବାସ୍ୟଂ ଇଦଂ ସର୍ବଂ ।' (ଈଶୋପନିଷଦ) ସମଗ୍ର ଜଗତ ଈଶ୍ୱରମୟ । ଏହି ଜ୍ଞାନ ହେଉଛି ପ୍ରକୃତଜ୍ଞାନ । ବହୁ ଜନ୍ମର ସାଧନ ଫଳରେ ଯେଉଁ ସାଧକକୁ ଏହି ମହାଜ୍ଞାନ ପ୍ରାପ୍ତ ହୁଏ, ସେ ହେଉଛନ୍ତି ମହାତ୍ମା ବା ମହତ ଆତ୍ମା । ସେହିଭଳି ଜ୍ଞାନବାନ ବ୍ୟକ୍ତି ଦୁର୍ଲଭ ।

ତେଣୁ ଗୀତା ସୁଗୀତା କରିବା ପାଇଁ, କେବଳ ଗୀତା ଖଣ୍ଡ ଆଖୁରସର ମଧୁର ରସ ଆସ୍ୱାଦନ କରିବା ପାଇଁ ଆମକୁ ଶ୍ରୀ ଶ୍ୟାମାଚରଣ ଲାହିଡ଼ୀ ମହାଶୟ, ଶ୍ରୀ ଯୁକ୍ତେଶ୍ୱର ଗିରି ମହାରାଜ, ଶ୍ରୀ ପରମହଂସ ହରିହରାନନ୍ଦଙ୍କ ଭଳି ମହାନ ଗୀତାତତ୍ତ୍ୱଜ୍ଞ ସିଦ୍ଧ କ୍ରିୟାଯୋଗୀ ସଦ୍‌ଗୁରୁ ମାନଙ୍କର ଆଶ୍ରୟ ଲୋଡ଼ିବାକୁ ପଡ଼ିବ ।

ଗୀତା ଭଗବତୀ ଅତ୍ୟନ୍ତ କୃପାମୟୀ, ସ୍ନେହମୟୀ । ଏମିତି ଦୃଷ୍ଟାନ୍ତ ମଧ୍ୟ ଅଛି ଯେ ଯଦି କେହି କେବଳ ଗୀତା ଶ୍ଳୋକ ଗୁଡ଼ିକ ଅତ୍ୟନ୍ତ ଭକ୍ତିଭରେ ପଢ଼ି ଲାଗିଥାଏ, ଶ୍ଳୋକର ଅର୍ଥ ବା ଭାବ କିଛିନବୁଝି ତଥାପି ସେ ଭଗବତ୍‌କୃପା ଲାଭ ପ୍ରାପ୍ତ ହୋଇଥାଏ । ଏ ସଂପର୍କରେ ଗୋଟିଏ କାହାଣୀ ଅଛି– ''ଏକ ସମୟରେ ଜଣେ ବ୍ରାହ୍ମଣ ପଣ୍ଡିତ ଗୋଟିଏ ଗ୍ରାମକୁ ଯାଇଥିବା ସମୟରେ ଗାଁରେ ଥିବା ଗୋପୀନାଥ ମନ୍ଦିରକୁ ଯାଇଥିଲେ ଠାକୁରଙ୍କୁ ଦର୍ଶନ କରିବାକୁ । ସେଠାରେ ସେ ଦେଖିଲେ ଠାକୁରଙ୍କ ଆଗରେ ଜଣେ ଅଳ୍ପ ବୟସ୍କ ଯୁବକ ଗୀତା ପାଠ କରି ଚାଲିଛି । ଶ୍ଳୋକଗୁଡ଼ିକର ଉଚ୍ଚାରଣ ସବୁ ଅଶୁଦ୍ଧ । ଶ୍ଳୋକର ଶବ୍ଦଗୁଡ଼ିକ ହ୍ରସ୍ୱ, ଦୀର୍ଘ, ପ୍ଳୁତ ଇତ୍ୟାଦି କ୍ରମରେ ସେ ପଢୁନାହିଁ । ପଣ୍ଡିତ ମହାଶୟ ଏହା ସହି ପାରିଲେ ନାହିଁ । ସେ ଦେଖିଲେ ଯେ ଯୁବକଟି ଗୀତାର ଶ୍ଳୋକ ସବୁ ପଢ଼ିଚାଲିଛି ଅତ୍ୟନ୍ତ ଭକ୍ତି ଗଦ୍‌ଗଦ ଭାବରେ । ତାର ଦୁଇ ଆଖିରୁ ଲୋତକ ଧାରା ଝରି ପଡୁଛି । ପଣ୍ଡିତ ଏହା ଦେଖି ମୁଗ୍ଧ ହୋଇଗଲେ । ସେ ଅପେକ୍ଷା କରି ସେଠାରେ ବସିଲେ । ଯୁବକ ପାଠ ଶେଷ କରି ଠାକୁରଙ୍କୁ ପ୍ରଣାମ କରି ଠାକୁରଙ୍କର ପ୍ରସାଦ ତୁଳସୀ ଆଣି ପଣ୍ଡିତ ମହାଶୟଙ୍କୁ ଦେଲା । ସେତେବେଳେ

ପଣ୍ଡିତ ତାଙ୍କୁ ପଚାରିଲେ ତୁମେ ଗୀତା ଶ୍ଳୋକ ସବୁ ପଢ଼ିଗଲ, ତାହାର ଅର୍ଥ କିଛି ବୁଝି କରି ପଢୁଛ ନା ସିମିତି ନିଜ ଇଚ୍ଛାରେ ପଢ଼ି ଚାଲିଛ । ଜାଣିଛ, ତୁମର ଗୀତା ଶ୍ଳୋକ ଉଚ୍ଚାରଣ ସବୁ ଅଶୁଦ୍ଧ ।''

ଯୁବକଟି କହିଲା, ''ନାହିଁ, ମହାପ୍ରଭୁ । ମୁଁ ଶ୍ଳୋକ ମାନଙ୍କର ଅର୍ଥ କିଛି ବୁଝି ନାହିଁ । କଣ ସବୁ ବହିରେ ଲେଖାଅଛି ମୁଁ କିଛି ଜାଣେ ନାହିଁ । ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ମୋର ବାପାଙ୍କର ମୃତ୍ୟୁ ହୋଇଯାଇଥିଲା । ମୁଁ ଏକ ମାତ୍ର ପୁତ୍ର । ପିତା ପ୍ରଭୁ ଗୋପୀନାଥଙ୍କର ସେବକ ଥିଲେ । ସେ ମରିଯିବା ପରେ ମୁଁ ଠାକୁର ସେବା କାମ କରୁଛି । ଏଥିରୁ ଯାହା କିଛି ଉପାର୍ଜନ ହୁଏ ତାହା ଦ୍ୱାରା ଘର ଖର୍ଚ୍ଚ ଚଳାଉଛି । ବାପା ଠାକୁରଙ୍କ ଆଗରେ ସବୁଦିନ ଅତି କମରେ ଗୋଟିଏ ଅଧ୍ୟାୟ ଗୀତା ପାଠ କରନ୍ତି, ମୁଁ ସେଇୟା କରୁଛି । ପାଠ ତ ବେଶୀ ନାହିଁ । ଗୀତା ଭଳି ଶାସ୍ତ୍ର କଣ ବୁଝିବି ? ଗୀତା ପଢ଼ିଲେ କେବଳ ମୁଁ ଏତିକି ବୁଝେ ଯେ ଭଗବାନ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କୁରୁକ୍ଷେତ୍ର ରଣଭୂମିରେ ଗୀତା ତତ୍ତ୍ୱ ବୁଝାଉଛନ୍ତି । ''ଭଗବାନ ଉବାଚ''– ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି ଏବଂ ଅର୍ଜ୍ଜୁନ ଉବାଚ– ଅର୍ଜ୍ଜୁନ କହୁଛନ୍ତି । ଏତକ ଶବ୍ଦର ଅର୍ଥ ମୁଁ କେବଳ ବୁଝିପାରେ । ଗୀତା ପାଠ କଲା ବେଳେ ଠାକୁର ଶ୍ରୀ ମଦନମୋହନ ବଂଶୀବଦନଙ୍କ ମୁଖଶ୍ରୀ ଅଳ୍ପ ହସ ହସ ଓଠକୁ ଅନେଇ ଦେଲେ ମୋତେ ଲାଗେ ପ୍ରଭୁ ମୋ ଆଡ଼କୁ କେତେ ଆଦର ଦୃଷ୍ଟିରେ ଅନେଇଛନ୍ତି, ହସୁଛନ୍ତି । ତାଙ୍କର ବିଗ୍ରହ ପଛପଟ କାନ୍ଥରେ ଯେଉଁ ରଙ୍ଗୀନ୍ ଚିତ୍ରଟି ଚିତ୍ରକର ଆଙ୍କିଛନ୍ତି ତାକୁ ଦେଖୁଛନ୍ତି । ପଣ୍ଡିତ ମହାଶୟ ? ପାଣ୍ଡବ ଏବଂ କୌରବ ଦୁଇ ପକ୍ଷ ସୈନ୍ୟଙ୍କ ମଝିରେ ଥିବା ଅର୍ଜ୍ଜୁନଙ୍କର ରଥ ଉପରେ ଭଗବାନ ଶ୍ରୀକୃଷ୍ଣ ଠିଆ ହୋଇଛନ୍ତି । ତାଙ୍କ ପାଦତଳେ ଭୂମି ଉପରେ ଅର୍ଜ୍ଜୁନ ନତଜାନୁ ଏବଂ ଯୋଡ଼ହସ୍ତ ହୋଇ ବସିଛନ୍ତି ।''

''ପ୍ରଭୁ ଅର୍ଜ୍ଜୁନଙ୍କୁ କହି ଚାଲିଛନ୍ତି ଗୀତା ତତ୍ତ୍ୱଜ୍ଞାନ । ସବୁ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ । ଏଡ଼େ ଅବୁଝା ସେ ଅର୍ଜ୍ଜୁନ । ପ୍ରଭୁ ଶ୍ରୀକୃଷ୍ଣ କେତେ ତାଙ୍କୁ ବୁଝେଇ ଲାଗିଛନ୍ତି । ଅର୍ଜ୍ଜୁନଙ୍କୁ ବୋଧ ଲାଗୁନାହିଁ । ପ୍ରଭୁଙ୍କୁ ଆହୁରି ଆହୁରି ପ୍ରଶ୍ନ ସବୁ ପଚାରୁଛନ୍ତି । ପ୍ରଭୁ ମୋଟେ ବିରକ୍ତ ନହୋଇ ଅର୍ଜ୍ଜୁନଙ୍କୁ ବୁଝେଇ ଲାଗିଛନ୍ତି । ପ୍ରଭୁ ସତେ କେଡ଼େ କୃପାମୟ ? କେତେ ଭକ୍ତ ବତ୍ସଳ ! ମୋର ବାପା ମତେ ସବୁ ବେଳେ କହନ୍ତି – ''ପ୍ରଭୁ ଶ୍ରୀକୃଷ୍ଣ ଅତ୍ୟନ୍ତ ସ୍ନେହଶୀଳ, କୃପାସାଗର ।'' ଗୀତାରେ ପ୍ରଭୁ କହିଛନ୍ତି– ''ମତେ ଭକ୍ତି କର, ପ୍ରଣାମ କର, ମୋଠାରେ ମନ ଲାଗେଇ ରଖ, ନିଶ୍ଚୟ ମତେ

ପାଇବ । ତୁମେ ପରା ମୋର ଅତି ପ୍ରିୟ ।'' ପୁଣି କହିଛନ୍ତି ସବୁ କିଛି ଛାଡ଼ି କେବଳ ମୋର, ମୋର ଶରଣ ନିଅ । ତୁମର ସବୁ ପାପ ମୁଁ ଧୋଇ ସଫା କରିଦେବି । ତୁମକୁ ଉଦ୍ଧାର କରିଦେବି । ଶୋକ କର ନାହିଁ । ଆହା ! ପ୍ରଭୁଙ୍କର କେଡ଼େ ଭରସାବାଣୀ, କେତେ ଆଦର, ସ୍ନେହବୋଳା, ଆପଣା ପଣ ଭାବ ଦେଖୁଛନ୍ତି ? ଯେତେବେଳେ ମୁଁ ତାଙ୍କର ହସ ହସ ମୁଖଶ୍ରୀ ଆଡ଼କୁ ଅନେଇଦିଏ, ମତେ ଲାଗେ, ସେ ମୋ ଆଡ଼କୁ ହାତ ବଢ଼ାଇ ଡ଼ାକୁଛନ୍ତି । ସେତେବେଳେ ମୁଁ ଆଉ ନିଜକୁ ସମ୍ଭାଳି ପାରେ ନାହିଁ । ଆଖିରୁ ଧାର ଧାର ଲୁହ ବୋହିଯାଏ, ଦେହସାରା ଥରି ଉଠେ । ପଣ୍ଡିତ ମହାଶୟ ! ମୁଁ ନିତାନ୍ତ ମୂର୍ଖ, ଅଧମ । ଗୀତାର ଶ୍ଳୋକ ମାନଙ୍କରେ ପ୍ରଭୁ କଣ କଣ ଅର୍ଜୁନଙ୍କୁ କହିଛନ୍ତି ସେସବୁ ଯଦି ମୁଁ ଭଲ ରୂପେ ବୁଝିପାରୁଥାନ୍ତି ତେବେ ପ୍ରଭୁଙ୍କର ସେବା, ପୂଜା, ଭଜନ ଇତ୍ୟାଦି ଆହୁରି ଭକ୍ତି ଭାବରେ କରନ୍ତି । ଆପଣ ମତେ ଗୀତା ବର୍ଣ୍ଣିତ ତତ୍ତ୍ୱ ସବୁ ଭଲ ଭାବରେ ବୁଝାଇ ଦିଅନ୍ତୁ । କିଭଳି ଏହା ପାଠ କରିବାକୁ ହୁଏ, ମତେ ଶିଖାଇ ଦିଅନ୍ତୁ ।''

ଯୁବକ ଜଣକ ଯେଉଁଭଳି ଭାବରେ ଭାବ ବିହ୍ୱଳିତ ହୋଇ ସବୁ କହିଗଲେ, ପଣ୍ଡିତେ ମଧ ତାହା ଶୁଣି ଗଭୀର ଭାବେ ପ୍ରଭାବିତ ହୋଇଗଲେ । କହିଲେ, ''ବାବୁ ! ତୁମକୁ ଗୀତା ତତ୍ତ୍ୱ ବୁଝାଇଦେବି ? ମୁଁ କିଏ ? ତୁମେ ଗୀତା ଶ୍ଳୋକ ସବୁ ଯେପରି ଭାବରେ ପଢୁଛ ସେହିପରି ଭାବରେ ପଢ଼ିବାରେ ଲାଗି ରହିଥାଅ । ପ୍ରଭୁ ସବୁ ତୁମକୁ ବୁଝାଇଦେବେ । ଭଗବାନ ଶ୍ରୀକୃଷ୍ଣ ତୁମର ଗୀତା ପଢ଼ିବା ରୀତିରେ ଅତ୍ୟନ୍ତ ତୃପ୍ତ । ତୁମକୁ ସେ ଯେଉଁ ଶୁଦ୍ଧପ୍ରେମ, ଦିବ୍ୟଭାବ ଦେଇଛନ୍ତି ତାକୁ ସୁଝିଲା ଭଳି ଦିବ୍ୟ ଭାବମୟ ତତ୍ତ୍ୱାର୍ଥ ମୋର ଜ୍ଞାନର ସୀମାର ବାହାରେ ।'' ଏହା କହି ପଣ୍ଡିତ ମହାଶୟ ଯୁବକକୁ ଆଶୀର୍ବାଦ କରି ସେଠାରୁ ଚାଲିଗଲେ ।

ଭଗବତ୍ ଗୀତା ୧୦ମ ଅଧ୍ୟାୟ ୧୦ମ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି–

''ତେଷାଂ ସତତ ଯୁକ୍ତାନାଂ ଭଜତାଂ ପ୍ରୀତି ପୂର୍ବକଂ
ଦଦାମି ବୁଦ୍ଧି ଯୋଗଂ ତଂ ଯେନ ମାଂଉପଯାନ୍ତିତେ ।।''

ଅର୍ଥାତ୍ – ମୋଠାରେ ସର୍ବଦା ଚିତ୍ତ ଲଗାଇ ରଖି ଅତ୍ୟନ୍ତ ପ୍ରେମ ପୂର୍ବକ ଯେଉଁ ବ୍ୟକ୍ତି ମୋର ଭଜନ କରୁଥାଏ, ମୁଁ ତାକୁ ବୁଦ୍ଧିଯୋଗ ବା ତତ୍ତ୍ୱଜ୍ଞାନ ରୂପଯୋଗ ପ୍ରଦାନ କରେ, ଯାହାଦ୍ୱାରା ସେ ମୋର ନିତ୍ୟାନନ୍ଦରସ ନିର୍ବିଶେଷ ଅବ୍ୟୟ ପରମଧାମକୁ ପ୍ରାପ୍ତ ହୁଏ ।

ଶ୍ରୀରାମକୃଷ୍ଣ ପରମହଂସଙ୍କର ଶିକ୍ଷାଗତ ଯୋଗ୍ୟତା କିଛିନଥିଲା । ବଙ୍ଗଳା ଭାଷା ଛଡ଼ା ସେ ଆଉ କିଛି ଜାଣିନଥିଲେ । ସେ ଶାସ୍ତ୍ରଜ୍ଞ ପଣ୍ଡିତ ନଥିଲେ । କିନ୍ତୁ ବେଦ ଉପନିଷଦ ପଢ଼ିଥିବା ଶାସ୍ତ୍ରଜ୍ଞ ପଣ୍ଡିତଙ୍କ ଭଳି ସେ ଆଧାତ୍ମିକ ଗୂଢ଼ ତତ୍ତ୍ୱ ସବୁ ଅତି ସୁନ୍ଦର ସରଳ ବଙ୍ଗଳା ଭାଷାରେ ଶ୍ରୋତାମାନଙ୍କୁ ବୁଝାଇ ଦେଇ ପାରୁଥିଲେ । ସେ କେବଳ ମା' କାଳୀଙ୍କୁ ଆଶ୍ରା କରି ତାଙ୍କର ସେବା କରି ତାଙ୍କର କୃପାରେ ଦିବ୍ୟ ଜ୍ଞାନତତ୍ତ୍ୱ ଲାଭ କରିପାରିଥିଲେ ।

ପରମହଂସ ହରିହରାନନ୍ଦ କହନ୍ତି ଶିଷ୍ୟମାନଙ୍କୁ କ୍ରିୟାଯୋଗ ସାଧନା ଦୀକ୍ଷା ଦେବା ସମୟରେ କେଉଁ ଦେବ ଦେବୀଙ୍କୁ ସେମାନେ ଭକ୍ତି କରନ୍ତି, ସେହି ଦେବ ଦେବୀ ମାନଙ୍କର ବୀଜମନ୍ତ୍ର ଇଷ୍ଟମନ୍ତ୍ର ଭାବେ ତାଙ୍କୁ ଦୀକ୍ଷା ଦିଅନ୍ତି ଏବଂ ସେହି ମନ୍ତ୍ରକୁ ଅଶେଷ ଭକ୍ତି ସହ ଜପ କରିବାକୁ ଉପଦେଶ ଦିଅନ୍ତି । ତତ୍‌ସହିତ ଗୁରୁ ବର୍ଗଙ୍କର ଧ୍ୟାନ ମଧ୍ୟ କରିବାକୁ କହିଥାନ୍ତି । ଗୁରୁ ଏବଂ ଇଷ୍ଟ ଉଭୟଙ୍କର କୃପା ହେଲେ ସର୍ବସିଦ୍ଧି ପ୍ରାପ୍ତ ହୋଇଥାଏ । ତେଣୁ ସେମାନଙ୍କ ପ୍ରତି ଗଭୀର ଭକ୍ତିର ସହ ଧ୍ୟାନ କରିବା ଉଚିତ । ଆଧ୍ୟାତ୍ମିକ ମାର୍ଗରେ ଗଭୀର ଭକ୍ତିଭାବ ହେଉଛି ପ୍ରଧାନ, ସାଧନର ଉତ୍ତରୋତ୍ତର ବୃଦ୍ଧି ନିମିତ୍ତ ।

ଭଗବଦ୍‌ଗୀତା ଯେ ସ୍ୱୟଂ ପରଂବ୍ରହ୍ମ ପରମାତ୍ମାଙ୍କର ଶ୍ରୀମୁଖ ନିଃସୃତ ବାଣୀ ଏହା ସେହି ଅଶିକ୍ଷିତ ଯୁବକ ଯେଉଁଭଳି ଗଭୀର ଭାବେ ହୃଦୟଙ୍ଗମ କରିପାରିଥିଲା, ଗୀତା ପାଠ ସମୟରେ ପ୍ରଭୁଙ୍କର ଜୀବନ୍ତ ଉପସ୍ଥିତି ସେ ଅନ୍ତର ରାଜ୍ୟରେ ପ୍ରତ୍ୟକ୍ଷ ଅନୁଭବ କରିପାରୁଥିଲା, ସେହିଭଳି କେତେଜଣ ଗୀତା ପାଠକ, ପ୍ରଚାରକ ଅନୁଭବ କରିଛନ୍ତି ? ଯୁବକର ଗୀତା ପାଠକୁ ସୁଗୀତା ପାଠ ବୋଲି କାହିଁକି କୁହାଯିବ ନାହିଁ ?


## ଶ୍ରୀ ହରିହରାନନ୍ଦଙ୍କର ଦୀକ୍ଷାଦାନ ପଦ୍ଧତି

କ୍ରୀୟାଯୋଗ ସିଦ୍ଧ କ୍ରିୟାଯୋଗୀ ଆତ୍ମଦର୍ଶୀ ସଦ୍‌ଗୁରୁଙ୍କ ବିନା ସାହାଯ୍ୟରେ ସାଧନା କରି ବସିବା ଉଚିତ ନୁହେଁ । ଭଗବଦ୍‌ଗୀତାରେ ମଧ୍ୟ ଏହା କୁହାଯାଇଛି । କ୍ରିୟାଯୋଗ ଦୀକ୍ଷା ଗ୍ରହଣ ପୂର୍ବରୁ ଶିଷ୍ୟ ପ୍ରଥମେ ଗୁରୁଙ୍କର ଶ୍ରୀମୁଖରୁ କ୍ରିୟାଯୋଗ କଣ ଏବଂ ତାହାର ପ୍ରଭାବ ଶରୀରର ଅନ୍ତର ଏବଂ ବାହାରେ କି ପ୍ରକାର ପ୍ରଭାବ ପଡ଼େ ଏବଂ କି ପ୍ରକାର ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶ ଘଟେ ତାହା ଉତ୍ତମରୂପେ ବୁଝି ନେବାକୁ ହେବ । ଈଶ୍ୱର ଆମ ଶରୀର ଭିତରେ ଏହିଭଳି ବିଚିତ୍ର

ଏବଂ ଆଶ୍ଚର୍ଯ୍ୟ ଜନକ ଯନ୍ତ୍ରପାତି ସବୁ ସୃଷ୍ଟି କରିଛନ୍ତି ଯେ ତାହା କଳ୍ପନା କରିହେବ ନାହିଁ । କ୍ରିୟାଯୋଗ ସାଧନା ଦ୍ୱାରା ହିଁ ସବୁ ଗୂଢ଼ତତ୍ତ୍ୱ ସ୍ପଷ୍ଟ ରୂପେ ଜାଣିହେବ ।

ପରମହଂସ ହରିହରାନନ୍ଦ ତାଙ୍କର ଲିଖିତ କ୍ରିୟାଯୋଗତତ୍ତ୍ୱ ସମ୍ବଳିତ ଭଗବଦ୍‌ଗୀତା ପ୍ରଥମରେ ଚିତ୍ର ମାଧ୍ୟମରେ ଆମ ଶରୀର ମଧ୍ୟରେ ଥିବା ବିଭିନ୍ନ ସୁକ୍ଷ୍ମାତିସୁକ୍ଷ୍ମ ଅଙ୍ଗ ପ୍ରତ୍ୟଙ୍ଗ ଶିରା, ପ୍ରଶିରା, ଗ୍ରନ୍ଥି ଇତ୍ୟାଦି ପ୍ରାଞ୍ଜଳ ଭାବରେ ବୁଝାଇ ଲେଖିଛନ୍ତି । ଆମ ଶରୀର ଭିତରେ ପ୍ରଧାନ ଅଙ୍ଗ ହେଲା ମସ୍ତିଷ୍କ । କ୍ରିୟାଯୋଗ ସାଧନା ସମୟରେ ପ୍ରଥମ କ୍ରିୟାରେ ମଥା ମଧ୍ୟକୁ ବେଶୀ ଅକ୍‌ସିଜେନ୍ ବା ଅମ୍ଳଜାନ ପ୍ରବେଶ କରେ । ଏହାଦ୍ୱାରା ସ୍ମୃତି ଶକ୍ତି ବୃଦ୍ଧି ପ୍ରାପ୍ତ ହୁଏ । ମସ୍ତିଷ୍କ ଭିତରେ ବହୁ ସୁକ୍ଷ୍ମ ଶିରା ପ୍ରଶିରା ତନ୍ତୁ ସ୍ନାୟୁ ଗ୍ରନ୍ଥି ସବୁ ରହିଛି । ଯଥା– cerebrum, Cerebellum, Thalamus, Hypo-thalamus, pitutary gland ଇତ୍ୟାଦି । ତାପରେ ଅନ୍ୟ ଅଙ୍ଗ ସବୁ ହେଲା– Heart (ହୃଦୟ) ପାକସ୍ଥଳୀ, Pancreas ଯକୃତ । ଅନ୍ତଃନାଡ଼ୀ, ଗର୍ଭାଶୟ, ଜନନେନ୍ଦ୍ରିୟ, ମଳଦ୍ୱାର ଇତ୍ୟାଦି । ଏସବୁ କ୍ରିୟାଯୋଗ ସାଧନା ଫଳରେ ସୁସ୍ଥ ସବଳ ହୁଅନ୍ତି । ଯାହାଦ୍ୱାରା ଶରୀରର ସର୍ବତୋଭାବେ ଉନ୍ନତି ଘଟେ । ରୋଗ ନିରୋଧ ଶକ୍ତି ବୃଦ୍ଧି ପାଏ । ଏଣୁ କ୍ରିୟାଯୋଗ ସାଧନାକୁ ସର୍ବରୋଗହର ଔଷଧ ବୋଲି ପରମହଂସ ହରିହରାନନ୍ଦ କହନ୍ତି । ବିଶେଷକରି ବିଧି ରୂପେ 'ମହାମୁଦ୍ରା' କଲେ କୌଣସି ରୋଗ ହୁଏ ନାହିଁ ବୋଲି ଶ୍ରୀ ଲାହିଡ଼ୀ ମହାଶୟ କହିଛନ୍ତି ।

ପରମହଂସ ହରିହରାନନ୍ଦଙ୍କର ଶିଷ୍ୟ ମାନଙ୍କୁ ଦୀକ୍ଷା ଦେବା ସମୟରେ ଶିଷ୍ୟ ଯେଉଁ ଦେବତାଙ୍କୁ ପୂଜା ଆରାଧନା କରେ ସେହି ଦେବ ଦେବୀଙ୍କର ବୀଜ ମନ୍ତ୍ରକୁ ଇଷ୍ଟ ମନ୍ତ୍ର ରୂପେ ଜପ ଧ୍ୟାନ କରିବାକୁ ଶିଷ୍ୟକୁ କହିଥାନ୍ତି । ବେଦୋକ୍ତ କର୍ମକାଣ୍ଡ ବିଧି ଅନୁଯାୟୀ ସେ ଦୀକ୍ଷା ଦିଅନ୍ତି । କର୍ମ ଆରମ୍ଭରେ ସ୍ୱସ୍ତିବାଚନ, ସଂକଳ୍ପ ଇତ୍ୟାଦି କରିବା ପରେ ସେ ଶିଷ୍ୟଙ୍କର ଅଙ୍ଗ ପ୍ରାୟଶ୍ଚିତ୍ତ କରନ୍ତି । ତାଙ୍କର ଦେହରେ ଥିବା ପାପ ପୁରୁଷକୁ ମଧ୍ୟ ଶୋଧନ କରି ଦିଅନ୍ତି । ନିଜ ପାର୍ଶ୍ୱରେ ଶିଷ୍ୟଙ୍କୁ ବସାଇ ତାଙ୍କର ପୃଷ୍ଠଭାଗରେ ମେରୁଦଣ୍ଡର ମୂଳାଧାର ଠାରୁ ମସ୍ତକସ୍ଥ ସହସ୍ରାର ପର୍ଯ୍ୟନ୍ତ ତଳୁ ଉପରକୁ ଏବଂ ଉପରୁ ତଳ ଆଡ଼କୁ ହସ୍ତ ସଞ୍ଚାଳନ କରନ୍ତି । ଚକ୍ଷୁ କର୍ଣ୍ଣ ଆଦି ପାଞ୍ଚ ଜ୍ଞାନେନ୍ଦ୍ରିୟ ଏବଂ ହାତ, ପାଦ ଇତ୍ୟାଦି ପଞ୍ଚ କର୍ମେନ୍ଦ୍ରିୟ ଏହିପରି ଦଶ ଇନ୍ଦ୍ରିୟମାନଙ୍କୁ ସ୍ପର୍ଶ କରି ଶୋଧନ କରି ଦିଅନ୍ତି । ଏହି ପ୍ରକ୍ରିୟା ଦ୍ୱାରା ଗୁରୁଙ୍କ ଶକ୍ତି ଶିଷ୍ୟର ସର୍ବାଙ୍ଗରେ ସଞ୍ଚାରିତ ହୋଇଯାଏ । ଖାଲି ସେତିକି ନୁହେଁ, ଗୁରୁ ନିଜର ସାଧନା ଶକ୍ତି ମଧ୍ୟ ଶିଷ୍ୟଙ୍କର ଦେହରେ ସଂଚାରିତ କରି ଶିଷ୍ୟଙ୍କର ଅଜ୍ଞାନ ଦୂର କରି ତାଙ୍କର ଜ୍ଞାନ ଚକ୍ଷୁ ଉନ୍ମୀଳନ କରି ଦିଅନ୍ତି ।



ସହସ୍ରାରରେ ଦିବ୍ୟଶକ୍ତି

ଏହିପରି ଅନ୍ୟାନ୍ୟ ଦିବ୍ୟ ପ୍ରକ୍ରିୟା ଦ୍ୱାରା ଶିଷ୍ୟଙ୍କର ଶାରୀରିକ, ମାନସିକ, ବୌଦ୍ଧିକ ଏବଂ ଆଧ୍ୟାତ୍ମିକ ଉତ୍‌ଥାନ ପାଇଁ କ୍ରିୟାଯୋଗ ସାଧନ କୌଶଳ ସବୁ ତାଙ୍କୁ ଶିଖାଇ ଦିଅନ୍ତି । ଶ୍ରୀ ହରିହରାନନ୍ଦଙ୍କର ଏହି ଦୀକ୍ଷାଦାନ ବିଧି ଏତେ ଶକ୍ତିଶାଳୀ ଯେ ଅଧିକାଂଶ ଶିଷ୍ୟ ଦୀକ୍ଷା ସମୟରେ ହିଁ ମେରୁଦଣ୍ଡ ଭିତରେ ଭ୍ରୂ ମଧ୍ୟରେ ଏବଂ ସହସ୍ରାରରେ ଦିବ୍ୟ ସ୍ପନ୍ଦନ ଅନୁଭବ କରିଥାନ୍ତି । କାନରେ ଦିବ୍ୟ ଧ୍ୱନି ମଧ୍ୟ ଶୁଣିଥାନ୍ତି । କାହାରି କାହାରି ଦେହ ସାରା ଥରି ଉଠେ, ସେମାନେ ବିହ୍ୱଳ ହୋଇ ପଡ଼ନ୍ତି ।

ଶ୍ରୀ ହରିହରାନନ୍ଦଙ୍କର ଆହୁରି ଏକ ବିଶେଷତ୍ୱ ହେଲା, ଶିଷ୍ୟ ଦୀକ୍ଷା ନେବା ପରେ ସେ ଶିଖାଇ ଥିବା ସାଧନ କୌଶଳ ସବୁ କିପରି ଶ୍ରଦ୍ଧା ଏବଂ ନିଷ୍ଠାର ସହ କରିବାକୁ ଲାଗିପଡ଼ିବ ସେଥିପ୍ରତି ବିଶେଷ ଦୃଷ୍ଟି ଦେଇଥାନ୍ତି । ସେ ପୁରୀର କଡ଼ାର ଆଶ୍ରମରେ ରହିଥିବା ସମୟରେ ପ୍ରତିଦିନ ଦୁଇ ବେଳା ସକାଳେ ଏବଂ ସଂଧ୍ୟା ସମୟରେ ଶିଷ୍ୟମାନଙ୍କ ସହିତ ବସି ଧ୍ୟାନ ପରିଚାଳନା କରନ୍ତି । ପ୍ରତ୍ୟେକ ଶିଷ୍ୟଙ୍କର ପାଖକୁ ଯାଇ ତାଙ୍କର ଧ୍ୟାନର ତ୍ରୁଟି ବିଚ୍ୟୁତି ସବୁ ଠିକ୍ କରି ସେମାନଙ୍କୁ ସ୍ପର୍ଶ ଦିଅନ୍ତି, ଦିବ୍ୟ ଉପଦେଶ ସବୁ ଦିଅନ୍ତି । ଓଡ଼ିଶାର ଅନ୍ୟାନ୍ୟ ସହରମାନଙ୍କରେ ତାଙ୍କର ଶିଷ୍ୟ ବର୍ଗ ଅଛନ୍ତି । ସେ ପ୍ରାୟ ବର୍ଷର ଅଧିକାଂଶ ସମୟ ପ୍ରତ୍ୟେକ ସ୍ଥାନକୁ ଅତି କମ୍‌ରେ ଥରେ ବା ଦୁଇଥର ଯାଇ କୌଣସି ଶିଷ୍ୟଙ୍କ ଘରେ ଅବସ୍ଥାନ କରି ସେଠାରେ ବାସ କରୁଥିବା ଶିଷ୍ୟମାନଙ୍କୁ ଏକାଠି କରି ଧ୍ୟାନରେ ବସନ୍ତି । ସମସ୍ତଙ୍କୁ ଗୁରୁଙ୍କ ପବିତ୍ର ସାନ୍ନିଧ୍ୟ ସୁଯୋଗ ଦିଅନ୍ତି । ୧୯୭୪ ସାଲ ପରଠାରୁ ଭାରତ ବାହାରେ ଥିବା ଜର୍ମାନୀ, ଅଷ୍ଟ୍ରିୟା ପ୍ରଭୃତି ଇଉରୋପୀୟ ଦେଶ ମାନଙ୍କରେ ଏବଂ ଆମେରିକା ଇତ୍ୟାଦି ବିଦେଶମାନଙ୍କରେ ଥିବା ତାଙ୍କ ଶିଷ୍ୟ ବର୍ଗଙ୍କର ଆଗ୍ରହ ବୃଦ୍ଧି ପାଇଥିବା ଯୋଗୁଁ ବହୁ ସମୟ ତାଙ୍କୁ ବିଦେଶରେ ରହିବାକୁ ପଡୁଥିଲା । ଏଣୁ ଭାରତରେ ରହି କ୍ରିୟାଯୋଗ ପ୍ରଚାର ପାଇଁ ଯଥେଷ୍ଟ ସମୟ ସେ ଦେଇ ପାରିନଥିଲେ ।

ପରମହଂସ ହରିହରାନନ୍ଦ କହନ୍ତି– ଈଶ୍ୱର ଉପଲବ୍ଧି ହେଉଛି ପ୍ରତ୍ୟେକ ମନୁଷ୍ୟର ଜୀବନର ଲକ୍ଷ୍ୟ । ସେ ଜନ୍ମ ଜନ୍ମ ଧରି ଏହି ଦିବ୍ୟ ଉପଲବ୍ଧି ପାଇଁ ସାଧନା କରି ଆସୁଅଛି । ସଂସାରିକ ଭୋଗ ବିଳାସ ଭିତରେ ଘାଣ୍ଟି ହୋଇ ମନୁଷ୍ୟ ଈଶ୍ୱରଙ୍କୁ ଭୁଲିଯାଇଛି । ତେଣୁ ନାନା ଦୁଃଖ କଷ୍ଟ ଯାତନା ତାକୁ ଭୋଗିବାକୁ ପଡୁଛି । ନିଜର ଅନ୍ତର ଭିତରେ ଦୀପ୍ତ ହୋଇ ରହିଥିବା ଦିବ୍ୟତାକୁ ବିକାଶ କରି ଦୁଃଖ କଷ୍ଟରୁ ଚିରକାଳ ମୁକ୍ତିଲାଭ ପାଇଁ ନିଜକୁ ସାଧନମୟ କରି ରଖିବା ଅଭ୍ୟାସ ହେଉଛି କ୍ରିୟାଯୋଗ ସାଧନା । ଭଗବଦ୍‌ଗୀତାରେ ବର୍ଣ୍ଣିତ ଶ୍ରୀକୃଷ୍ଣଙ୍କର ଅମୃତବାଣୀ ସମୁହ କେବଳ ଏ ଦିଗରେ ଏକମାତ୍ର ସହାୟ ।

କ୍ରିୟାଯୋଗ ଦୀକ୍ଷାରେ ଛଅଗୋଟି କ୍ରିୟା ସାଧନା ଗୋଟିକ ପରେ ଗୋଟିଏ ଦୀକ୍ଷା ଦିଆଯାଏ । ପ୍ରଥମ କ୍ରିୟା ସାଧନାରେ ଶିଷ୍ୟର ନିଷ୍ଠା ଏବଂ ସାଧନାର ଅଗ୍ରଗତି ଦେଖି ତାହାକୁ ଗୁରୁ ଦ୍ୱିତୀୟ କ୍ରିୟାଦୀକ୍ଷା ଦିଅନ୍ତି । ଗୁରୁ ନିଜେ ଜାଣିପାରନ୍ତି ଶିଷ୍ୟର କିଭଳି ଉନ୍ନତି ଘଟୁଛି ସାଧନାରେ । ପ୍ରଥମ କ୍ରିୟାରେ ଗୁରୁ ସ୍ମରଣ, ଇଷ୍ଟ ସ୍ମରଣ, ଓଁକାର ସାଧନା, ହଂସ ସାଧନା, ମହାମୁଦ୍ରା କ୍ରିୟା, ପରାବସ୍ଥା, ଜ୍ୟୋତିମୁଦ୍ରା, ଜ୍ୟୋତି ଦର୍ଶନ, ଗୁରୁ ଏବଂ ଇଷ୍ଟଙ୍କୁ ପ୍ରଣାମ ଏସବୁ ଗୋଟିକ ପରେ ଗୋଟିଏ କରାଯାଏ । ଏହି କର୍ମ ନିୟମିତ ଭାବରେ ଶ୍ରଦ୍ଧା ଓ ଭକ୍ତିର ସହ କଲେ ଶିଷ୍ୟ ଦିବ୍ୟ ଧ୍ୱନି, ଦିବ୍ୟ ସ୍ପନ୍ଦନ ଅନୁଭବ ଏବଂ ଦିବ୍ୟ ଜ୍ୟୋତି ଦର୍ଶନ କରେ ଏବଂ ତାର ଅତି ଅଳ୍ପ ସମୟ ଭିତରେ ଭଗବତ୍ ଉପଲବ୍ଧି ହୁଏ । ତାର ସମସ୍ତ ସତ୍ତା ମଧ୍ୟରେ ଦିବ୍ୟ ଆନନ୍ଦ ଖେଳିଯାଏ । ତାର ସମସ୍ତ କୁପ୍ରବୃତ୍ତି ମଧ୍ୟ ଧୀରେ ଧୀରେ ପ୍ରଭାବହୀନ ହୋଇପଡ଼ନ୍ତି । ପ୍ରଥମ କ୍ରିୟାର ପ୍ରାରମ୍ଭରେ ସୁଖାସନରେ ବସି ଶିଷ୍ୟଙ୍କୁ ସାତ ଥର ଭୂମିରେ ମଥା ସ୍ପର୍ଶ କରି ଗୁରୁ ବର୍ଗଙ୍କୁ ସାତ ଗୋଟି ପ୍ରଣାମ କରିବାକୁ ହୁଏ । ଏତଦ୍ୱାରା ମସ୍ତକ ଭିତରେ ରକ୍ତ ସଂଚାଳନ ବଢ଼ିଯାଏ । ମଥା ଭିତରେ ଏବଂ ଦୁଇ ଭ୍ରୂ ମଧ୍ୟରେ ଦିବ୍ୟ ଧ୍ୱନି, ଜ୍ୟୋତି ଏବଂ ସ୍ପନ୍ଦନ ଅନୁଭୂତ ହୁଏ । ସମଗ୍ର ମେରୁଦଣ୍ଡ ଭିତରେ ମୂଳାଧାର ଠାରୁ ମସ୍ତକସ୍ଥ ସହସ୍ରାର ପର୍ଯ୍ୟନ୍ତ ଦିବ୍ୟ ଚୁମ୍ବକୀୟ ଶକ୍ତି ପ୍ରବାହ ଖେଳିଯାଏ । ସାଧକ ଅନୁଭବ କରେ ମୂଳାଧାର ଠାରୁ ସହସ୍ରାର ଭିତରେ ଥିବା ସାତ ଗୋଟି ଚକ୍ର ଉଜ୍ଜୀବିତ ହୋଇ ଉଠିଛନ୍ତି । ଏହାପରେ ତିନିଗୋଟି ମହାମୁଦ୍ରା ଏବଂ କ୍ରିୟା କରିବା ପରେ ସେ ସ୍ପଷ୍ଟ ଅନୁଭବ କରେ ଯେ ମୂଳାଧାର ଠାରୁ ଉର୍ଦ୍ଧ୍ୱ ଦିଗକୁ ସହସ୍ରାର ପର୍ଯ୍ୟନ୍ତ ଏକ ଦିବ୍ୟ ଭଗବତ୍ ସ୍ପନ୍ଦନ ଖେଳି ଉଠୁଛି । ଏହି ପ୍ରଥମ କ୍ରିୟା ନିଷ୍ଠାର ସହ ଅଭ୍ୟାସ କଲେ ମୂଳାଧାରରେ ସୁପ୍ତ ଏବଂ ଜଡ଼ ଅବସ୍ଥାରେ ଥିବା ମହାଶକ୍ତିମୟୀ କୁଳକୁଣ୍ଡଳିନୀ ଉଜ୍ଜୀବିତ ଏବଂ ଉଦ୍ଭାସିତ ହୋଇ ଉପର ଦିଗକୁ ଉଠି ଆସନ୍ତି ଏବଂ ସହସ୍ରାରର ସହସ୍ରଦଳ ପଦ୍ମରେ ବିରାଜମାନ ହୋଇଥିବା ପରମାତ୍ମାଙ୍କ ସହିତ ମିଳିତ ହୋଇଯାନ୍ତି । ଫଳରେ ସାଧକ ମୋକ୍ଷ ପ୍ରାପ୍ତ ହୁଏ । ଏହି କୁଳକୁଣ୍ଡଳିନୀଙ୍କର ଜାଗରଣ କରିବା ହେଉଛି କ୍ରିୟାଯୋଗ ସାଧନାର ପ୍ରଧାନ ଲକ୍ଷ୍ୟ । ପରମହଂସ ଯୋଗାନନ୍ଦ କହିଛନ୍ତି ଯେ ଗୋଟିଏ କ୍ରିୟା ଦ୍ୱାରା ଗୋଟିଏ ବର୍ଷର ଆଧ୍ୟାତ୍ମିକ ସାଧନା ଅତିକ୍ରମ କରାଯାଇପାରେ ଯଦ୍ୱାରା ଗୋଟିଏ ବର୍ଷର ସାଧାରଣ ବିବର୍ତ୍ତନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଯାଏ । ପରମହଂସ ହରିହରାନନ୍ଦ ମଧ୍ୟ ଏହି କଥା କହିଛନ୍ତି । ଯେଉଁ ଶିଷ୍ୟମାନେ ଯୋଗସିଦ୍ଧ

ସଦ୍‌ଗୁରୁଙ୍କ ଠାରୁ ଦୀକ୍ଷା ନେଇ ଦୃଢ଼ ଆତ୍ମବିଶ୍ୱାସ, ଗଭୀର ନିଷ୍ଠା ଏବଂ ଭକ୍ତିର ସହ ଗୁରୁପ୍ରଦତ୍ତ କ୍ରିୟାଯୋଗ କୌଶଳ ସାଧନାରେ ଲାଗି ରହିଥାନ୍ତି, ସେମାନଙ୍କର ମନ, ବୁଦ୍ଧି, ଚିତ୍ତ ସମସ୍ତ ନିଷ୍ପାପ ଏବଂ ନିର୍ମଳ ହୋଇଯାଏ ଏବଂ ତାଙ୍କର ପ୍ରଥମ କ୍ରିୟାରେ ହିଁ ଉଚ୍ଚତର ଆଧ୍ୟାତ୍ମିକ ତତ୍ତ୍ୱ ଉପଲବ୍‌ଧି ହୋଇଥାଏ ।

ଏହି ସମ୍ପର୍କରେ ଯୋଗୀରାଜ ଶ୍ରୀ ଶ୍ୟାମାଚରଣ ଲାହିଡ଼ୀଙ୍କର ବୃନ୍ଦାଭଗତ୍ ନାମକ ଜଣେ ଶିଷ୍ୟଙ୍କର ଉପଲବ୍ଧି ଉଲ୍ଲେଖନୀୟ । ବୃନ୍ଦାଭଗତ ବନାରସରେ ଜଣେ ଡ଼ାକ ପିଅନ ଭାବେ କାମ କରୁଥିଲେ । ଏକ ସମୟରେ ଶ୍ରୀ ଲାହିଡ଼ୀ ମହାଶୟଙ୍କର ଅନ୍ୟ ଜଣେ ଶିଷ୍ୟ ଗୁରୁଙ୍କୁ ଅନୁରୋଧ କଲେ ତାଙ୍କୁ ଦ୍ୱିତୀୟ କ୍ରିୟାଦୀକ୍ଷା ଦେବାକୁ । ସେ କହିଲେ ଯେ ବହୁତ ଦିନ ହେଲା ପ୍ରଥମ କ୍ରିୟା ନେଇଛନ୍ତି ଏବଂ ଦ୍ୱିତୀୟ କ୍ରିୟା ପାଇଁ ସେ ଯୋଗ୍ୟ ହୋଇପାରିଛନ୍ତି । ଶ୍ରୀ ଲାହିଡ଼ୀ ତାଙ୍କୁ କିଛି କହିଲେ ନାହିଁ । ଏହି ସମୟରେ ତାଙ୍କର ଶିଷ୍ୟ ବୃନ୍ଦାଭଗତ ଆସି ଅତ୍ୟନ୍ତ ଭକ୍ତିର ସହ ଗୁରୁଙ୍କୁ ପ୍ରଣାମ କରି ହାତ ଯୋଡ଼ି ଗୁରୁଙ୍କ ଆଗରେ ଛିଡ଼ା ହୋଇ ରହିଲେ ଗୁରୁଙ୍କ ଶ୍ରୀମୁଖବାଣୀ ଶୁଣିବା ପାଇଁ । ଗୁରୁ ଅଳ୍ପ ହସି ତାଙ୍କୁ କହିଲେ, "ବୃନ୍ଦା ମୋ ପାଖରେ ବସ । ତୁମକୁ ଦ୍ୱିତୀୟ କ୍ରିୟା ଦିଆଯିବ, ପ୍ରସ୍ତୁତ ଅଛ ତ ?" ବୃନ୍ଦା, ଭୀତତ୍ରସ୍ତ ହୋଇ ହାତଯୋଡ଼ି ଅତ୍ୟନ୍ତ ନମ୍ରତାର ସହ କହିଲେ, "ହେ ଗୁରୁଦେବ, ମତେ ଦୟା କରନ୍ତୁ । ଆଉ ଅଧିକ ଦୀକ୍ଷା ମୁଁ ସମ୍ଭାଳି ପାରିବି ନାହିଁ । ମୁଁ ଆଜି କହିବାକୁ ଆସିଛି ଯେ ଆପଣଙ୍କ ପ୍ରଦତ୍ତ ପ୍ରଥମ କ୍ରିୟା ଦୀକ୍ଷା ଯୋଗୁଁ ମୁଁ ସବୁବେଳେ ଭଗବତ୍ ଭାବରେ ଏତେ ବିଭୋର ହୋଇ ପଡୁଛି ଯେ ସହରରେ ଘର ଘର ବୁଲି ଚିଠି ବାଣ୍ଟିବା କାମ ମୁଁ କରିପାରୁନାହିଁ ।" ଶ୍ରୀ ଲାହିଡ଼ୀ ବାବା କହିଲେ, "ବୃନ୍ଦା ବ୍ରହ୍ମାନନ୍ଦ ସାଗରରେ ଭାସୁଛି ।" ଏହା ଶୁଣି ଅନ୍ୟ ଶିଷ୍ୟ ଲଜ୍ଜାରେ ମଥାନତ କରି ବସି ରହିଲେ ଏବଂ ନିଜର ତ୍ରୁଟି ପାଇଁ ଦୁଃଖିତ ହେଲେ ।

ଶ୍ରୀ ଲାହିଡ଼ୀବାବା ନିଜର ଶିଷ୍ୟମାନଙ୍କୁ କେବଳ ଚାରିଗୋଟି କ୍ରିୟା ଦୀକ୍ଷା ଦେଉଥିଲେ । ପ୍ରଥମ କ୍ରିୟାରେ ଶିଷ୍ୟର ଆଧ୍ୟାତ୍ମିକ ପ୍ରଗତି ହୋଇଥିବାର ଜାଣିବା ପରେ ଅନ୍ୟ ତିନିଗୋଟି ଉଚ୍ଚତର ପ୍ରକ୍ରିୟା ଦୀକ୍ଷା ପ୍ରଦାନ କରୁଥିଲେ ।

କ୍ରିୟାଯୋଗ ସାଧନାରେ ଦ୍ୱିତୀୟ କ୍ରିୟା ନେବା ପାଇଁ ଶିଷ୍ୟର ଯୋଗ୍ୟତା ଗୁରୁ ଜାଣିପାରନ୍ତି ଶିଷ୍ୟର ସାଧନାକୁ ଲକ୍ଷ୍ୟ କରି । କ୍ରିୟାଯୋଗୀଗଣ କହନ୍ତି, ଶ୍ୱାସକ୍ରିୟାର ବିଶେଷ ପ୍ରକ୍ରିୟା ଦ୍ୱାରା ମୂଳାଧାରଠାରୁ ଉର୍ଦ୍ଧ୍ୱ ଦିଗକୁ ଭ୍ରୂ ମଧ୍ୟ ପର୍ଯ୍ୟନ୍ତ ଶ୍ୱାସ ଟାଣିବା

## The Human Brain-The Kingdom of God

ମସ୍ତିଷ୍କ– ଈଶ୍ୱରଙ୍କର ପରମଧାମ





FIGURE 2 The Human Brain - The Kingdom of God. The living human brain is the mightiest powr in the creation. The life and wold of every human being is dependent on it and controlled by it. It has the power to reach beyon it own existence.

The "Cave of Brahman" is an etheric chamber where Brahma, the creative essence of Universal Spirit, Manifests in man's altar of the individual Soul's Fire (Krishna), Where it burns and radiates pranic life-force to the 24 gross body - elements via the medulla, cerebellum, etc.

The pituitary and pineal glands, at opposite ends of the cave, are positive-negative poles of Self-knowledge: solar/lunar, male/female, Krishna/Radha, etc.

ଭଗବଦ୍‌ଗୀତା in the Light of Kriya Yogo ପୃଷ୍ଠା–୨୧୧ରେ ଥିବା ଚିତ୍ର ନଂ. ୨

ହେଉଛି ଦ୍ବିତୀୟ କ୍ରିୟା । ଏହି ଦ୍ବିତୀୟ କ୍ରିୟା ସାଧନ ଦ୍ବାରା ଶିଷ୍ୟର ମୂଳାଧାର ମଧ୍ୟସ୍ଥ ସମସ୍ତ ଚକ୍ର ମାନଙ୍କ ଦିବ୍ୟ ଧ୍ୱନି, ଦିବ୍ୟ ସ୍ପନ୍ଦନ ଏବଂ ଦିବ୍ୟ ଜ୍ୟୋତି ଅନୁଭୂତ ହୋଇଥାଏ । ମୂଳାଧାରରୁ ଆଜ୍ଞାଚକ୍ର ପର୍ଯ୍ୟନ୍ତ ପ୍ରାଣଶକ୍ତି ଗତି କରି ପୁନଶ୍ଚ ନିମ୍ନ ଚକ୍ରକୁ ପ୍ରତ୍ୟାବର୍ତ୍ତନ କରେ । ଏହାଦ୍ୱାରା ଚୁମ୍ବକୀୟ ଆକର୍ଷଣ ଶକ୍ତି ମେରୁ ଦଣ୍ଡରେ ସୃଷ୍ଟି ହୁଏ ଏବଂ ମସ୍ତିଷ୍କ ଶାନ୍ତ ଓ ସମାହିତ ହୋଇଯାଏ । ସାଧକ ଉପଲବ୍ଧି କରେ ଯେ ତାର ମେରୁଦଣ୍ଡ ମଧ୍ୟସ୍ଥ ନିମ୍ନ ପାଞ୍ଚଗୋଟି ଚକ୍ରରେ ଥିବା ଦୁର୍ଗୁଣ ସବୁ ଯଥା–ଧନ ଲୋଭ, ଯୌନ ସମ୍ଭୋଗ ଇଚ୍ଛା, ଖାଦ୍ୟ ଲାଳସା, କ୍ରୋଧ ହିଂସାଦି ଦୁଃପ୍ରବୃତ୍ତି ସମୂହ ଏବଂ ଆତ୍ମ ବଡ଼ିମାଦି ବିକାର ସବୁ ଈଶ୍ୱରଙ୍କ ଇଚ୍ଛାରୁ ଜାତ, ଭଲ ମନ୍ଦ ପାପ ପୁଣ୍ୟ ଆଲୋକ ଅନ୍ଧାର ପ୍ରଭୃତି ସବୁ କିଛି ଈଶ୍ୱରମୟ ଅଟନ୍ତି । 'ଈଶାବାସ୍ୟ ମିଦଂ ଜଗତ୍' (ଈଶୋପନିଷଦ) 'ବାସୁଦେବଃ ସର୍ବଂ ଇଦଂ' (ଗୀତା) ସେଥିପାଇଁ ଦେବ ଦେବୀମାନଙ୍କର କର୍ମକାଣ୍ଡ ବିଧି ଅନୁଯାୟୀ ପୂଜାରେ ଯେଉଁ ମାତୃକା ନ୍ୟାସ, ଅଙ୍ଗନ୍ୟାସ ଇତ୍ୟାଦି ନ୍ୟାସ କରାଯାଏ, ସେଥିରେ ପୂଜକ ନିଜର ବହିରଙ୍ଗ, ପ୍ରତ୍ୟଙ୍ଗ ଏବଂ ମେରୁ ଦଣ୍ଡ ମଧ୍ୟସ୍ଥ ଚକ୍ର ମାନଙ୍କରେ ସମସ୍ତ ଦେବ ଦେବୀଙ୍କୁ ସ୍ଥାପନ କରି ପୂଜା କରନ୍ତି । ଯଥା– ଓଁ ବ୍ରହ୍ମଣେ ନମଃ, ଓଁ ବିଷ୍ଣବେ ନମଃ, ଓଁ ରୁଦ୍ରାୟ ନମଃ ଇତ୍ୟାଦି । ଏହା ସଂଗେ ସଂଗେ ଓଁ ଧର୍ମାୟ ନମଃ, ଓଁ ଅଧର୍ମାୟ ନମଃ, ଓଁ ଜ୍ଞାନାୟ ନମଃ, ଓଁ ଅଜ୍ଞାନୟ ନମଃ, ଓଁ ବୈରାଗ୍ୟାୟ ନମଃ, ଓଁ ଅବୈରାଗ୍ୟାୟ ନମଃ, ଓଁ ସଂ ସତ୍ତ୍ୱାୟ ନମଃ, ଓଁ ରଂ ରଜସେ ନମଃ ଓଁ ତଂ ତମସେ ନମଃ ପ୍ରଭୃତି ଆମ ଶରୀରସ୍ଥ ଯାବତୀୟ ସଦଗୁଣ ଓ ଅସଦଗୁଣ ସମୂହଙ୍କ ପ୍ରତି ଦେବତ୍ୱ ଆରୋପ କରି ପୂଜା କରାଯାଏ । ଏହାର କାରଣ ହେଉଛି ଆମର ଏ ସମସ୍ତ ଈଶ୍ୱରମୟ ।

ଏଣୁ ଦ୍ବିତୀୟ କ୍ରିୟାରେ 'ଓଁ ନମୋ ଭଗବତେ ବାସୁଦେବାୟ' ଏହି ମହାମନ୍ତ୍ରଟିକୁ ମୂଳାଧାରଠାରୁ ଆଜ୍ଞାଚକ୍ର ପର୍ଯ୍ୟନ୍ତ ପ୍ରତି ଚକ୍ରରେ ଶ୍ୱାସ ସହ ଉପରକୁ ଉଠାଇ ନେଇ ଶ୍ୱାସ ତ୍ୟାଗ କରି ଖସି ଆସିବାକୁ ଗୁରୁ ଏକ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଦ୍ୱାରା ଶିଷ୍ୟକୁ ଶିକ୍ଷା ଦିଅନ୍ତି । ଏହାଦ୍ୱାରା ଶିଷ୍ୟ ପ୍ରତ୍ୟକ୍ଷ ଭାବରେ ପ୍ରତ୍ୟେକ ଚକ୍ରରେ ଧ୍ୱନି, ଜ୍ୟୋତି ଓ କମ୍ପନ ଉପଲବ୍ଧି କରେ । ସେ ଅନୁଭବ କରେ ଯେ ତାର ମେରୁଦଣ୍ଡ ମଧ୍ୟସ୍ଥ ନିମ୍ନଚକ୍ର ମାନଙ୍କର ଅସଦ୍‌ବୃତ୍ତି ସବୁ ଈଶ୍ୱର ନିୟନ୍ତ୍ରଣ କରୁଛନ୍ତି ଏବଂ ତାର ତାଳୁରୁ ତଳିପା ପର୍ଯ୍ୟନ୍ତ ସମଗ୍ର ସତ୍ତାରେ ତାଙ୍କର ଦିବ୍ୟଶକ୍ତି ସଞ୍ଚାରିତ କରି ତାକୁ ଆନନ୍ଦରେ ବିଭୋର କରି ପକେଇଛନ୍ତି । ସେତେବେଳେ ସେ ସବୁ କରୁଛନ୍ତି, ମୁଁ କେବଳ ନିମିତ୍ତ ମାତ୍ର, ଏହି ମହାସତ୍ୟ ଉପଲବ୍ଧି ହୁଏ ସାଧକର ।

ଦ୍ୱିତୀୟ କ୍ରିୟା ସାଧନାରେ ଅଗ୍ରଗତି ଦେଖି ଗୁରୁ ଶିଷ୍ୟଙ୍କୁ ତୃତୀୟ କ୍ରିୟା ଦୀକ୍ଷାଦି ଦିଅନ୍ତି । ତୃତୀୟ କ୍ରିୟା ଷଟ୍‌ଚକ୍ରର କ୍ରିୟା ନୁହେଁ । ଏହା ମସ୍ତିଷ୍କ ଭିତରର କ୍ରିୟା । ଧ୍ୟାନ ସମୟରେ ଶିଷ୍ୟ ଅନୁଭବ କରେ ଯେ ମସ୍ତିଷ୍କ ଭିତରେ ଦିବ୍ୟଧ୍ୱନି ଜ୍ୟୋତି ଏବଂ ସ୍ପନ୍ଦନ ଘୂର୍ଣ୍ଣାୟମାନ ।

ପରମହଂସ ହରିହରାନନ୍ଦ ତାଙ୍କର Bhagabad Gita in the light of Kriya yoga ପୁସ୍ତକରେ ନଂ-୨ ଓ ନଂ -୩ ଦୁଇଟି ଚିତ୍ରରେ ମନୁଷ୍ୟର ମସ୍ତିଷ୍କକୁ Cave of the Brahman ଏବଂ Kingdom of God ବୋଲି ଦର୍ଶାଇଛନ୍ତି । ମନୁଷ୍ୟର ମସ୍ତିଷ୍କ ହେଉଛି ପରଂବ୍ରହ୍ମଙ୍କର ଧାମ ବା ପରମଧାମ । ଭଗବଦ୍‌ଗୀତାର ୧୫ ଅଧ୍ୟାୟ ୬ଷ୍ଠ ଶ୍ଳୋକରେ ଲେଖାହୋଇଛି- ଭଗବାନ ନିଜେ କହିଛନ୍ତି ଯେ ତାଙ୍କର ପରମଧାମ ସୂର୍ଯ୍ୟ ଚନ୍ଦ୍ର ଅଗ୍ନିଙ୍କ ତେଜ ଅପେକ୍ଷା ଅତ୍ୟନ୍ତ ତେଜିୟାନ ଏବଂ ସେହି ଧାମକୁ ଗଲେ ଜୀବର ଆଉ ପୁନର୍ଜନ୍ମ ହୁଏ ନାହିଁ । ମସ୍ତିଷ୍କ ଭିତରେ ସହସ୍ରାର ବା ସହସ୍ର ଦଳ ପଦ୍ମ ଅଛି । ଯାହା ହେଉଛି ପରଂବ୍ରହ୍ମଙ୍କ ଧାମ । ଗୁରୁ ଦୀକ୍ଷିତ ତୃତୀୟ କ୍ରିୟା ସାଧନ ସମୟରେ ଶିଷ୍ୟ ଅନୁଭବ କରେ ଯେ ତାର ମସ୍ତିଷ୍କ ଭିତରେ ଥିବା ସହସ୍ରାର ଦିବ୍ୟ ଜ୍ୟୋତିରେ ଉଦ୍ଭାସିତ ହୋଇ ଘୂରୁଛି ଏବଂ ନିଜର ଶରୀର ଭିତରେ ଆଲୋକିତ ହୋଇ ଉଠୁଛି । ସେତେବେଳେ ସେ ଗଭୀର ଭାବରେ ଉପଲବ୍ଧି କରେ ଯେ ଈଶ୍ୱର ତାର କାୟମନବାକ୍ୟର ସମସ୍ତ କାର୍ଯ୍ୟ ପରିଚାଳନା କରୁଛନ୍ତି ଏବଂ ସେ କେବଳ ନିମିତ୍ତ ମାତ୍ର ।

ଚତୁର୍ଥ କ୍ରିୟାରେ ମଧ୍ୟ ମସ୍ତିଷ୍କ ଭିତରର କ୍ରିୟା ଏଥିରେ ମସ୍ତକକୁ ବିଶେଷ ପ୍ରକ୍ରିୟାରେ ଘୂର୍ଣ୍ଣନ କରାଯାଏ କୁମ୍ଭକ ସହିତ । ସାଧକ ଏହି ପ୍ରକ୍ରିୟା ଦ୍ୱାରା ଅନୁଭବ କରେ ଯେ ଦିବ୍ୟ ଜ୍ୟୋତିର୍ମୟ ଆଲୋକ ମସ୍ତିଷ୍କ ମଧ୍ୟରେ ଏବଂ ବାହ୍ୟ ଜଗତରେ ମହାଶୂନ୍ୟ ମଧ୍ୟରେ ସ୍ୱର୍ଗଧାମ ଯାଏଁ ସର୍ବତ୍ର ଘୂରି ବୁଲୁଛି । ସେତେବେଳେ ଈଶ୍ୱରଙ୍କ ଦିବ୍ୟ ସତ୍ତା ସେ ନିଜ ଭିତରେ ଏବଂ ସର୍ବତ୍ର ଅନୁଭବ କରେ ।

ପଞ୍ଚମ ଏବଂ ଷଷ୍ଠ କ୍ରିୟା ଅତି ଉଚ୍ଚତର କ୍ରିୟା ସାଧନ । ପରମହଂସ ହରିହରାନନ୍ଦ କେବଳ ସେହି ଶିଷ୍ୟମାନଙ୍କୁ ଏହି ଦୀକ୍ଷା ଦେଇଛନ୍ତି, ଯେଉଁ ମାନଙ୍କର ସାଧନ ଉପଲବ୍ଧି ଉଚ୍ଚତର ଅବସ୍ଥିତିରେ ପହଞ୍ଚିଛି । ଏହି କ୍ରିୟାରେ ସାଧକ କ୍ରିୟା ସାଧନାରେ ସିଦ୍ଧି ଲାଭ କରେ । ସାଧକର ନିର୍ବିକଳ୍ପ ସମାଧି ଲାଭ ହୁଏ ଏବଂ ସେ ପରମବ୍ରହ୍ମଙ୍କ ଠାରେ ଯାଇ ମିଶିଯାଏ । ପଞ୍ଚମ କ୍ରିୟା ସାଧ[illegible]ରେ ସିଦ୍ଧି ଲାଭ କରେ । ସାଧକ

ମସ୍ତିଷ୍କ ମଧ୍ୟରେ ଦିବ୍ୟ ଜ୍ୟୋତି ଦର୍ଶନ କରେ ଏବଂ ଅନୁଭବ କରେ ଯେ ବିଦ୍ୟୁତତୁଲ୍ୟ ଜ୍ୟୋତିସ୍ଫୁଲିଙ୍ଗ ତାର ମୂଳାଧାରଠାରୁ ସହସ୍ରାର ପର୍ଯ୍ୟନ୍ତ ଗତି କରୁଛି । ଏହି ଅନୁଭୂତିରେ ସେ ଅଭିଭୂତ ହୋଇଯାଏ । ତାର ଦେହବୋଧ ରହେ ନାହିଁ । ସମଗ୍ର ଜଗତ ଯେ ଈଶ୍ୱରମୟ ଏହି ବୋଧ ଦୃଢ଼ ହେବାକୁ ଲାଗେ ।

ଷଷ୍ଠ କ୍ରିୟା ଈଶ୍ୱରଙ୍କର ପରମଧାମରେ ହୁଏ । ସାଧକ ପ୍ରତି ମୁହୂର୍ତ୍ତରେ ଭଗବଦ୍ ଉପଲବ୍ଧି ଭିତରେ ବୁଡ଼ି ରହେ । ସେ ଯେ ଈଶ୍ୱରଙ୍କ ଅତି ନିକଟରେ ଆସି ପହଞ୍ଚି ଯାଇଛି, ଏହି ଦିବ୍ୟ ଉପଲବ୍ଧି ତାର ହୁଏ । ସେ ଯେକୌଣସି ମୁହୂର୍ତ୍ତ ନିର୍ବିକଳ୍ପ ସମାଧି, ଶ୍ୱାସଶୂନ୍ୟ ଅବସ୍ଥା ଲାଭ କରେ । ଏହାକୁ 'ସପ୍ତଜ୍ଞାନ' ଭୂମିକାରେ ତୁରୀୟ ସମାଧି କହନ୍ତି । ଏହି ଅବସ୍ଥାରେ ଯାହା ଅନୁଭୂତ ହୁଏ ତାକୁ ଯୋଗ ଶାସ୍ତ୍ରରେ 'ବ୍ରହ୍ମାନନ୍ଦଂ ପରମସୁଖଦଂ' ବୋଲି କୁହାଯାଇଛି । ଏହି ଅବସ୍ଥାରେ ଯୋଗୀ ଅହରହ କେବଳ ବ୍ରହ୍ମଚିନ୍ତନରେ ନିମଗ୍ନ ରହିଥାନ୍ତି । ଏହି ଅବସ୍ଥାକୁ ବ୍ରହ୍ମୀଭୂତ ସ୍ଥିତି କୁହାଯାଏ । ଭଗବଦ୍ ଗୀତା ୨ୟ ଅଧ୍ୟାୟ ୭୨ ଶ୍ଳୋକରେ ଅଛି–

ଏଷା ବ୍ରାହ୍ମୀସ୍ଥିତି ପାର୍ଥ ନୈନାଂ ପ୍ରାପ୍ୟ ବିମୁହ୍ୟତି
ସ୍ଥିତ୍ୱାସ୍ୟାମନ୍ତ କାଳେଽପି ବ୍ରହ୍ମନିର୍ବାଣ ମୃଚ୍ଛତି ।

ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇ କହୁଛନ୍ତି– "ଯାହାଙ୍କର ବ୍ରାହ୍ମୀସ୍ଥିତି ଅବସ୍ଥା ପ୍ରାପ୍ତ ହୋଇଛି ଅର୍ଥାତ୍ ଯାହାଙ୍କର ଈଶ୍ୱର ଉପଲବ୍ଧି ହୋଇଛି, ଆତ୍ମା ଓ ବ୍ରହ୍ମ ଏକ ବୋଲି ଯାହାଙ୍କର ଉପଲବ୍ଧି ହୋଇଛି ସେ ଅଜ୍ଞାନ ଏବଂ ଭ୍ରମ ଦ୍ୱାରା ମୋହିତ ହୁଅନ୍ତି ନାହିଁ । ସେ ମୃତ୍ୟୁ ପରେ ବ୍ରହ୍ମରେ ଲୟପ୍ରାପ୍ତ ହୁଅନ୍ତି ।" ଏହି ଶ୍ଳୋକର ତାତ୍ତ୍ୱିକ ବ୍ୟାଖ୍ୟା ପରମହଂସ ହରିହରାନନ୍ଦଙ୍କ ତାଙ୍କର ଲିଖିତ ଭଗବଦ୍ ଗୀତାରେ କହିଛନ୍ତି, "ହେ ଅର୍ଜୁନ ! ତୁମେ ଯଦି ସବୁବେଳେ ଈଶ୍ୱର ବୋଧରେ ରହିବ ତେବେ ଅନୁଭବ କରିବ ଯେ ଏହି ଭବ ସାଗରରେ ଯେତେ ଢେଉ ଉଠୁଛି ସବୁ ଈଶ୍ୱରଙ୍କର । ଯଦିଓ ନଦୀ ମାନଙ୍କର ଜଳରାଶି ସମୁଦ୍ରରେ ଆସି ମିଶୁଛି, ତାହା ନଦୀ ମାନଙ୍କର ଢେଉ ନୁହେଁ । ଅର୍ଥାତ୍ ମନୁଷ୍ୟର ଜୀବନରେ ଯେତେ ସୁଖ, ଦୁଃଖ, ଝଡ଼ ଝଞ୍ଜା ଘୋଟି ଆସେ ସବୁ ଈଶ୍ୱରଙ୍କର ଇଚ୍ଛାରେ ଘଟୁଛି ।

# ମନକୁ ବଶ କରିବାକୁ କିଛି ଉପାୟ

ଭଗବଦ୍‌ଗୀତା ୬ଷ୍ଠ ଅଧ୍ୟାୟ ୩୬ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି –

''ଅସଂଯତାତ୍ମନା ଯୋଗୋ ଦୁଷ୍ପ୍ରାପ ଇତି ମେ ମତିଃ

ବଶ୍ୟାତ୍ମନା ତୁ ଯତତା ଶକ୍ୟୋଽବାପ୍ତୁ ମୁପାୟତଃ ।।''

ଅର୍ଥାତ୍ – ମନ ଯାହାର ବଶରେ ନାହିଁ ତାହା ପକ୍ଷରେ ଯୋଗସିଦ୍ଧି ପ୍ରାପ୍ତ କରିବା ଅତ୍ୟନ୍ତ କଠିନ । ମନକୁ ବଶ କରିଥିବା ପ୍ରଯତ୍ନଶୀଳ ପୁରୁଷ କେବଳ ସାଧନା ଦ୍ୱାରା ଯୋଗରେ ସିଦ୍ଧି ଲାଭ କରେ ।

''ଭଗବାନ ଶଙ୍କରାଚାର୍ଯ୍ୟ କହିଛନ୍ତି–

ଜିତଂ ଜଗତ୍ କେନ, ମନୋ ହି ଯେନ ।''

ଜଗତ ଜିଣିଛି କିଏ ? ମନକୁ ଜିଣିଛି ଯିଏ । ଶୋକ ଦୁଃଖ ମାନଙ୍କରୁ ଏକାନ୍ତ ଏବେ ନିବୃତ୍ତି ଏବଂ ପରମାତ୍ମ ପ୍ରାପ୍ତି ଚାହୁଁଥିବା ବ୍ୟକ୍ତିକୁ ମନକୁ ବଶ କରିବାକୁ ପଡ଼ିବ । ଏହାଛଡ଼ା ଅନ୍ୟ କିଛି ଉପାୟ ନାହିଁ ।

ମନ ହେଉଛି ଇନ୍ଦ୍ରିୟମାନଙ୍କର ସ୍ୱାମୀ । ଆଖି, କାନ, ନାକ, ଜିଭ ଓ ଚର୍ମ ଏହି ପାଞ୍ଚଗୋଟି ଜ୍ଞାନେନ୍ଦ୍ରିୟ । ଏହି ଇନ୍ଦ୍ରିୟ ମାନଙ୍କ ଭଳି ମନର କିଛି ଆକାର ନାହିଁ । କିନ୍ତୁ ଭଗବଦ୍ ଗୀତା ୧୫/୭ ଶ୍ଳୋକରେ ମନକୁ ଷଷ୍ଠ ଇନ୍ଦ୍ରିୟ ବୋଲି କୁହାଯାଇଛି । ''ମନଃ ଷଷ୍ଠାନି ଇନ୍ଦ୍ରିୟାଣି ପ୍ରକୃତିସ୍ଥାନୀ କର୍ଷତି ।'' କେତେକ ବେଦାନ୍ତି ମନକୁ ୨୪ ପ୍ରକୃତି ମଧ୍ୟରେ ସ୍ଥାନ ଦେଇଛନ୍ତି । ୨୪ ପ୍ରକୃତି ହେଉଛି ଭୂମି, ଜଳ, ଅଗ୍ନି, ବାୟୁ ଏବଂ ଆକାଶ । ଏହି ପଞ୍ଚ ମହାଭୂତ । ଉପରୋକ୍ତ ଆଖି କାନ ଆଦି ପଞ୍ଚ ଜ୍ଞାନେନ୍ଦ୍ରିୟ ଶବ୍ଦ ସ୍ପର୍ଶ ରୂପ, ରସ ଓ ଗନ୍ଧ ଏହି ପାଞ୍ଚ ତନ୍ ମାତ୍ର । ବାକ୍, ପାଣି, ପାଦ, ପାୟୁ ଏବଂ ଉପସ୍ଥ ଏହି ପାଞ୍ଚଗୋଟି କର୍ମେନ୍ଦ୍ରିୟ । ସର୍ବମୋଟ ୨୦ଟି ପ୍ରକୃତି ସହ ମନ, ବୁଦ୍ଧି, ଚିତ୍ତ ଏବଂ ଅହଂକାର ଏହି ଚାରି ମିଶି ହେଉଛନ୍ତି ୨୪ ପ୍ରକୃତି ।

ମନ ହେଉଛି ସତ୍ ଏବଂ ଅସତ୍ ମଧ୍ୟରେ ଥିବା ଏକ ବିଲକ୍ଷଣ ପ୍ରକୃତି । ଏହାର କେତେବେଳେ କେଉଁ ରୂପ । ସବୁବେଳେ ବିଚଳିତ । ଏକ ମୁହୂର୍ତ୍ତରେ ଭଗବଦ୍ ଭାବରେ ମଜ୍ଜି ରହି ମନ ମନୁଷ୍ୟକୁ ବିଭୋର କରିପକାଏ । ସେହି ବିଭୋରତା ଭଙ୍ଗ ହେବା ପର ମୁହୂର୍ତ୍ତରେ ମନ ଖସି ଆସେ ବନ୍ଧୁ ତଳକୁ । ହୀନ କର୍ମ ସବୁ କରିବାକୁ ଯୋଜନା କରି ବସେ । ମନର ଆଉ ଏକ ସ୍ୱଭାବ ହେଉଛି ଯେ ଯେଉଁ ବିଷୟ ପ୍ରତି ଏହାର ଆଗ୍ରହ ବା ଅନୁରାଗ ହୋଇଯାଏ, ତାକୁ ଆଉ ସହଜେ ଛାଡ଼େ ନାହିଁ,

ତଦାକାର ହୋଇଯାଏ ତାହା ସହିତ । ଆଉ ଯାହା ପ୍ରତି ତାହାର ବିରାଗ ବା ବିରକ୍ତି ଆସିଯାଏ ତାକୁ ସେହିକ୍ଷଣି ତ୍ୟାଗ କରିଦିଏ । ମନ ଯଦି ମନୁଷ୍ୟର ଅଧୀନ ହୁଏ, ତେବେ ତାକୁ ନେଇ ବ୍ରହ୍ମଲୋକରେ ବସେଇ ଦିଏ । ଅନ୍ୟପକ୍ଷରେ ମନୁଷ୍ୟ ମନର ଅଧୀନ ହେଲେ ସଂସାରର ମାୟା ମୋହ ଭିତରେ ଘାଣ୍ଟି ହୋଇ କଲବଲ ହୋଇ ମରେ, ବାର ବାର ଜନ୍ମ ହୁଏ । ସେଥିପାଇଁ କୁହାଯାଇଛି ମନ ହେଉଛି ବନ୍ଧନ ଓ ମୋକ୍ଷର କାରଣ ।

ଭଗବଦ୍‌ଗୀତା ୬ଷ୍ଠ ଅଧ୍ୟାୟରେ ଅର୍ଜୁନ ନିଜର ଅସହାୟତା ପ୍ରକାଶ କରିଛନ୍ତି । ମନକୁ ନିୟନ୍ତ୍ରଣାଧୀନ କରି ରଖିବା ଅତ୍ୟନ୍ତ କଷ୍ଟକର ବୋଲି କହିଛନ୍ତି । ଗୀତା ୬/୩୪ ଶ୍ଳୋକରେ ଅଛି –

''ଚଞ୍ଚଳଂ ହିମନଃ କୃଷ୍ଣ ପ୍ରମାଥି ବଳବଦ୍ ଦୃଢ଼ଂ
ତସ୍ୟାହଂ ନିଗ୍ରହଂମନ୍ୟେ ବାୟୋରିବ ସୁଦୁଷ୍କରଂ ।।''

ହେ କୃଷ୍ଣ ! ମନ, ସ୍ୱଭାବତଃ ଚଞ୍ଚଳ, ପ୍ରମାଥି ଅର୍ଥାତ୍ ଦେହ ଓ ଇନ୍ଦ୍ରିୟର କ୍ଷୋଭଜନକ । ଅତ୍ୟନ୍ତ ବଳଶାଳୀ ବା ଅଜେୟ ଏବଂ ଦୃଢ଼ ଅର୍ଥାତ୍ ଘୋର ବିଷୟ ବାସନାଯୁକ୍ତ । ବାୟୁକୁ ନିରୋଧ କରିବା ଯେପରି କଷ୍ଟକର, ସେହିପରି ମନ ନିରୋଧ ଦୁଃସାଧ ଅଟେ । ପରବର୍ତ୍ତୀ ଶ୍ଳୋକରେ ଏହାର ପ୍ରତ୍ୟୁତ୍ତରରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି –

ହେ ମହାବାହୁ ! ଅବଶ୍ୟ ମନ ନିଗ୍ରହର ଦୁଃସାଧ ଏବଂ ଚଞ୍ଚଳ, ଏଥିରେ ସନ୍ଦେହ ନାହିଁ । କିନ୍ତୁ ହେ କୌନ୍ତେୟ, ଅଭ୍ୟାସ ଓ ବୈରାଗ୍ୟ ଦ୍ୱାରା ଏହା ନିରୋଧ କରାଯାଇପାରିବ ।

ଅର୍ଜୁନ ଭଗବାନ ଶ୍ରୀକୃଷ୍ଣଙ୍କର ସହିତ ରଥରେ ବସିଛନ୍ତି । ଭଗବାନ ଶ୍ରୀକୃଷ୍ଣ ତାଙ୍କର ଅତ୍ୟନ୍ତ ପ୍ରିୟ ସଖା । ପ୍ରଭୁଙ୍କର ତାଙ୍କ ପ୍ରତି ଗଭୀର ସ୍ନେହ ଏବଂ ଶ୍ରଦ୍ଧା । ପ୍ରଭୁଙ୍କର ଅତି ଆପଣାର, ନିକଟତର ବ୍ୟକ୍ତି ହୋଇ ସୁଦ୍ଧା ଅର୍ଜୁନ ଯେତେବେଳେ ଅସହାୟ ହୋଇ ପଡ଼ିଛନ୍ତି ମନକୁ ନିୟନ୍ତ୍ରଣାଧୀନ କରିବା ପାଇଁ ଅନ୍ୟମାନଙ୍କର କଥା ବା କଣ କହିବା !

ପରମହଂସ ହରିହରାନନ୍ଦ ତାଙ୍କର ଭଗବଦ୍‌ଗୀତାର କ୍ରିୟାଯୋଗ ଭିତ୍ତିକ ତାତ୍ତ୍ୱିକ ବ୍ୟାଖ୍ୟାରେ ଏ ସଂପର୍କରେ ଯାହା ଲେଖିଛନ୍ତି ତାହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ।

ସେ କହିଛନ୍ତି–''ମନୁଷ୍ୟ ସର୍ବଦା ଇନ୍ଦ୍ରିୟାସକ୍ତ । ସାଂସାରିକ ବିଷୟ ଭୋଗ ବାସନା ତାର ବଳବତୀ ରହିଥିବାରୁ ସେହି ବାସନା ଚରିତାର୍ଥ କରିବା ପାଇଁ ସେ ନିରନ୍ତର ଚିନ୍ତିତ ଏବଂ କର୍ମ ତତ୍ପର । ଏହାଫଳରେ ମନୁଷ୍ୟର ମନ ସଦା ଚଞ୍ଚଳ, ମୋହଗ୍ରସ୍ତ ଏବଂ କଠୋର ହୋଇପଡ଼େ । ସାଧୁ ସଂଗ କରିବା ଏବଂ ସଦୁପଦେଶ ଶୁଣିବା ପାଇଁ ତାର ଆଦୌ ଆଗ୍ରହ ନଥାଏ । ଏଣୁ ମନକୁ ନିୟନ୍ତ୍ରଣାଧୀନ ରଖିବା ଅତ୍ୟନ୍ତ କଷ୍ଟକର । ତଥାପି ସାଧକ ମନକୁ ନିୟନ୍ତ୍ରଣ କରିବା ପାଇଁ ଅହରହ ଯତ୍ନ କରିବାକୁ ହେବ । ସାଧକକୁ ପ୍ରଥମେ ଉପଲବ୍ଧି କରିବାକୁ ହେବ ଯେ ଆମର ଶରୀର ଭିତରେ ଯେଉଁ ଅନ୍ତରାତ୍ମା ଅଛନ୍ତି ସେ ହେଉଛନ୍ତି ଶ୍ରୀକୃଷ୍ଣ । ଯଦି ସେ ନାହାନ୍ତି ତେବେ ମନ ମଧ୍ୟ ନାହିଁ । କୃଷ୍ଣ ଅର୍ଥ କୃଷି । କୃଷ୍ + ନ । ଚାଷ ଜମି ମନୁଷ୍ୟର ମେରୁଦଣ୍ଡ ଭିତରେ ଅଛି । ଏହି ଚାଷ ଜମିରେ ଭରି ରହିଛି ନାନା ଆବର୍ଜନା ବର୍ଜ୍ୟବସ୍ତୁ । ଏସବୁ ସଫା କରିବାକୁ ହେବ ସାଧନା ଦ୍ୱାରା । ତେଣୁ ଶ୍ରୀକୃଷ୍ଣ ଭଗବଦ୍‌ଗୀତାର ଷଷ୍ଠ ଅଧ୍ୟାୟରେ କିପରି ବସିବ କେଉଁଠାରେ ବସିବ ଏବଂ କି ପ୍ରକାର ଧ୍ୟାନ କରିବ, ଯଦ୍ୱାରା ମେରୁଦଣ୍ଡ ଭିତରେ ଥିବା ଅନାବାଦୀ ଜମି ଉତ୍ତମ ରୂପେ ଚାଷ ହୋଇ ସୁନା ଫଳିବ, ମନ ସ୍ଥିର ହେବ, ସେ ସବୁ ବିଷୟ ଅର୍ଜୁନଙ୍କୁ ବୁଝାଇ କହିଛନ୍ତି ।

ଏହା ସଂଗେ ସଂଗେ ସେ ସାତ୍ତ୍ୱିକ ଆହାର ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି । ତିନି ପ୍ରକାର ଖାଦ୍ୟ ଅଛି ଯଥା–ସାତ୍ତ୍ୱିକ, ରାଜସିକ ଏବଂ ତାମସିକ ଆହାର । ସାତ୍ତ୍ୱିକ ଆହାର ଖାଇଲେ ସାଧକର ସାତ୍ତ୍ୱିକ ସ୍ୱଭାବ ହେବ । ରାଜସିକ ଓ ତାମସିକ ଆହାର ଖାଇଲେ ସାଧକର ମନ କଳୁଷିତ ହୋଇଯିବ, ସଦ୍‌ବୁଦ୍ଧି ରହିବ ନାହିଁ । ଅସତ୍ କର୍ମ କରିବାକୁ ମନ ଧାଇଁବ । ଭଗବଦ୍ ଗୀତା ୧୭ ଅଧ୍ୟାୟ ୮ ରୁ ୧୦ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ଏହି ତିନି ପ୍ରକାର ଆହାର ବିଷୟ ବିସ୍ତୃତ ଭାବରେ ବର୍ଣ୍ଣନା କରି ଅର୍ଜୁନଙ୍କୁ କହିଛନ୍ତି । ଯୁକ୍ତାହାର ବିହାର କରିବାକୁ ଉପଦେଶ ଦେଇଛନ୍ତି । ମଦ୍ୟ, ମାଂସାଦି ରାଜସିକ ଏବଂ ତାମସିକ ଖାଦ୍ୟ ଖାଇବାରେ ଅଭ୍ୟସ୍ତ ଥିବା ବ୍ୟକ୍ତିର ମନ ବିକାରଗ୍ରସ୍ତ ହୋଇପଡ଼େ । ଅସ୍ଥିର ରହେ ଏବଂ ନିୟନ୍ତ୍ରଣ ବହିର୍ଭୂତ ହୋଇଯାଏ । ଏଣୁ ତାହାର ଉଚ୍ଚତର ଆଧ୍ୟାତ୍ମିକ ଉପଲବ୍ଧି ପାଇଁ ସାଧନା କଷ୍ଟକର ହୁଏ । ପରମହଂସ ହରିହରାନନ୍ଦ ଏ ସଂପର୍କରେ ପୁଣି ତାଙ୍କର ବାଖ୍ୟାରେ ଲେଖିଛନ୍ତି ଯେ ସମସ୍ତେ ନିଜ ଘରେ ଥିବା ମଇଳା ଆବର୍ଜନା ସବୁ ସଫା କରି ଘରକୁ ନିର୍ମଳ ରଖିବାକୁ ଚାହାନ୍ତି । ସେହିଭଳି ଆମ ସମସ୍ତଙ୍କର ଦେହ ରୂପୀ ଘରମାନଙ୍କରେ ନାନା ପ୍ରକାର ମଇଳା ବା ଅସଦ୍‌ଗୁଣ

ସବୁ ଭରି ରହିଛି । ତେଣୁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କ ମାଧ୍ୟମରେ ସମସ୍ତଙ୍କୁ ନିଜ ନିଜର ଆତ୍ମ ବିକାଶ ନିମନ୍ତେ ସାଧନ କରିବାକୁ ଶିକ୍ଷା ଦେଇଛନ୍ତି । ପରମାତ୍ମା ଆମ ଭିତରେ ରହି ଆମର ସବୁ ଭାବଧାରା ଏବଂ ସମସ୍ତ କର୍ମ କରୁଛନ୍ତି ଓ କରାଉଛନ୍ତି, ଏହା ଉପଲବ୍ଧି କରିବାକୁ ଶିକ୍ଷା ଦେଇଛନ୍ତି ।

ଅ:୬ ଶ୍ଳୋକ ୩୫ରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କର ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ ଚଞ୍ଚଳ ମନକୁ ନିୟନ୍ତ୍ରଣାଧୀନ କରି ରଖିବା ନିଃସନ୍ଦେହରେ କଷ୍ଟକର । କିନ୍ତୁ ଅସାଧ୍ୟ ନୁହେଁ । ଅଭ୍ୟାସ ଏବଂ ବୈରାଗ୍ୟ ଦ୍ୱାରା ତାହାକୁ ନିରୋଧ କରିବାକୁ ହେବ । କି ପ୍ରକାର ଅଭ୍ୟାସ କରିବାକୁ ହେବ ? ବୈରାଗ୍ୟ କିପରି ଜାତ ହେବ ? ପରମହଂସ ହରିହରାନନ୍ଦ ତାଙ୍କର ଗୀତାରେ ଏହି ଶ୍ଳୋକର ବିଶଦ ବ୍ୟାଖ୍ୟାରେ କହିଛନ୍ତି–"ଛୋଟ ବେଳେ ଶିଶୁ ଚାଲି ପାରୁନଥିଲା । ବୟସ ବଢ଼ିବା ସଂଗେ ସଂଗେ ସେ ଚାଲିବା ଅଭ୍ୟାସ କରୁ କରୁ ଭଲ ରୂପେ ଚାଲିପାରିଲା । ଧାଇଁପାରିଲା । ବିଦ୍ୟାଶିକ୍ଷା ମଧ୍ୟ ସେହିପରି । ଶିଶୁ ଶ୍ରେଣୀରେ ଛୋଟ ପିଲା ପ୍ରଥମରେ ଅ ଆ ଶିଖୁ ଶିଖୁ ପରେ ପରେ ବହି ପଢ଼ିବା ଶିଖି ଯାଏ । ତାପରେ ବଡ଼ ହେଲା ବେଳକୁ ବହୁତ ପାଠ ପଢ଼ି ସ୍କୁଲ କଲେଜ ମାନଙ୍କରେ ପଢ଼ା ଶେଷକରି ଶେଷରେ ବିଦ୍ୱାନ ହୋଇଯାଏ । ଏହା ହେଉଛି ଅନବରତ ଅଭ୍ୟାସର ଫଳ । ସର୍ବଦା ଅସତ୍‌ସଙ୍ଗ ଦୋଷ ଯୋଗୁଁ ମନୁଷ୍ୟ, ବଦଭ୍ୟାସ ସବୁ ଯଥା– ଧୂମ୍ରପାନ ପ୍ରଭୃତି ଶିଖିବା ଆରମ୍ଭ କରେ । ସେହିପରି ସାଧନା କ୍ଷେତ୍ରରେ ମଧ୍ୟ ଶ୍ରଦ୍ଧା ଏବଂ ନିଷ୍ଠାର ସହ ଅଭ୍ୟାସ କରୁ କରୁ ସାଧନା ତୀବ୍ର ହୋଇଥାଏ ଏବଂ ମନ ସେଥିରେ ମଜି ଯାଏ । ସେହି ସାଧନା ହେଉଛି ଶ୍ୱାସ ପ୍ରଶ୍ୱାସ ନିୟନ୍ତ୍ରଣ ସାଧନା । ଶ୍ୱାସ ସଂଯମ ହେଉଛି ଆତ୍ମ ସଂଯମ । ଏହି ସାଧନା ଅଭ୍ୟାସ କରୁଥିବା ବ୍ୟକ୍ତିଙ୍କର ସବୁ ପ୍ରକାର ବଦଭ୍ୟାସ ଛାଡ଼ିଯାଏ । ସେଥିପ୍ରତି ସେମାନଙ୍କର ତୀବ୍ର ଘୃଣା ଜାତ ହୁଏ ।"

ଏହି ଶ୍ୱାସ ସଂଯମ ସଂପର୍କରେ ପରମହଂସ ହରିହରାନନ୍ଦ ଆହୁରି କହିଛନ୍ତି ଯେ ମନୁଷ୍ୟର ନିଜ ଶରୀରର ମେରୁଦଣ୍ଡ ଭିତରେ ଥିବା ମୂଳାଧାରଚକ୍ର ଠାରୁ ବିଶୁଦ୍ଧଚକ୍ର ଏହି ପାଞ୍ଚ ଗୋଟି ନିମ୍ନ କେନ୍ଦ୍ରରେ କୁପ୍ରବୃତ୍ତି ପୂର୍ଣ୍ଣ ହୋଇ ରହିଛନ୍ତି । ଯାହା ତାର ମନକୁ ସର୍ବଦା ଅସ୍ଥିର ଏବଂ ଅବ୍ୟବସ୍ଥିତ କରିପକାନ୍ତି । ଭ୍ରୂ ମଧ୍ୟରୁ ସହସ୍ରାରଚକ୍ର ପର୍ଯ୍ୟନ୍ତ ସ୍ଥାନ ହେଉଛି ଶାନ୍ତିଧାମ । ଏହି ଦୁଇ ଚକ୍ରରେ ଈଶ୍ୱର ଉପଲବ୍ଧି ହୋଇଥାଏ । ନିମ୍ନ ପାଞ୍ଚଗୋଟି ଚକ୍ରରେ ମନ ଦେହବୋଧ ଏବଂ ସାଂସାରିକ ଭୋଗ ବିଳାସ ମଧ୍ୟରେ

ବୁଡ଼ି ରହି ଦୁଃଖ ଭୋଗ କରେ । ଏଣୁ ସାଧକକୁ ସବୁବେଳେ ଉର୍ଦ୍ଧ୍ୱ ଦେଶର ସହସ୍ରାର ଚକ୍ରରେ ମନକୁ ସ୍ଥିର ରଖି ସାଧନା କରିବାକୁ ହେବ । ଏହି ଶ୍ୱାସ ନିୟନ୍ତ୍ରଣ ସାଧନା ହେଉଛି ଶ୍ୱାସପ୍ରଶ୍ୱାସକୁ ଅତି ଧୀର ଏବଂ ଦୀର୍ଘ ଭାବରେ ଟାଣିବା ଏବଂ ଛାଡ଼ିବା । ନିଦରେ ଶୋଇଥିବା ବେଳେ ମନୁଷ୍ୟ ଖୁବ୍ ଧୀରେ ଏବଂ ଲମ୍ୱା କରି ଶ୍ୱାସ ଟାଣିଥାଏ ଏବଂ ଛାଡ଼ିଥାଏ । ଏଣୁ ସେ ଶାନ୍ତିରେ ଶୋଇପାରେ । ନିଃଶ୍ୱାସ ପ୍ରଶ୍ୱାସ ବେଗ ଅତି ଦ୍ରୁତ ହେଲେ ମନୁଷ୍ୟ ମନ ଚଞ୍ଚଳ ରହେ । ନିଦ ହୁଏ ନାହିଁ । ଗାଢ଼ ନିଦ୍ରାରେ ଶୋଇଥିବା ଲୋକର ମନରେ କୌଣସି ପ୍ରକାର ବିକାର ଯଥା କାମ, କ୍ରୋଧ ଆଦି ବିକାର ଉଦ୍ରେକ ହୋଇନଥାଏ । ମନୁଷ୍ୟ ନିଦ୍ରା ସମୟର ଏହି ଶାନ୍ତ ଅବସ୍ଥା ଯଦି ଜାଗ୍ରତ ଅବସ୍ଥାରେ ମଧ୍ୟ ଚାଲୁ ରଖିବାର ଅଭ୍ୟାସ କରିପାରେ ତେବେ ତାର ମନ ସବୁବେଳେ ଶାନ୍ତ ରହିଥିବ । ଧ୍ୟାନରେ ଶୀଘ୍ର ଅଗ୍ରଗତି ହୋଇପାରିବ । ମନର ଚଞ୍ଚଳତା ଦୂର ହୋଇ ଦିବ୍ୟ ଆନନ୍ଦରେ ଭରିଯିବ । ଏହା ହେଉଛି ସତତ ଅଭ୍ୟାସର ଫଳ ।

ଶ୍ରୀକୃଷ୍ଣଙ୍କର ଅର୍ଜୁନଙ୍କୁ ଦ୍ୱିତୀୟ ଉପଦେଶ ହେଉଛି ବୈରାଗ୍ୟ ଆଚରଣ । ପାତଞ୍ଜଳି ଯୋଗ ସୂତ୍ରରେ କୁହାଯାଇଛି 'ଅଭ୍ୟାସ ବୈରାଗ୍ୟାଭ୍ୟାଂ ତନ୍ନିରୋଧଃ ।' ଅର୍ଥାତ୍ ଅଷ୍ଟାଙ୍ଗ ଯୋଗ ସାଧନ ପୂର୍ବକ ବିଷୟାସକ୍ତି ତ୍ୟାଗ କରି ମନକୁ ବାରମ୍ବାର ଏକାଗ୍ର କରିବାର ନାମ ହେଉଛି ଅଭ୍ୟାସ । ଇହ କାଳରେ କାମିନୀ କାଞ୍ଚନ ଆଦି ସାଂସାରିକ ବିଷୟ ସୁଖ ଭୋଗ ଇଚ୍ଛା ଏବଂ ପରକାଳରେ ସ୍ୱର୍ଗାଦି ସୁଖ ଭୋଗ ଇଚ୍ଛା ତ୍ୟାଗର ନାମ ହେଉଛି ବୈରାଗ୍ୟ । ଅନୁରାଗର ବିପରୀତ ହେଉଛି ବିରାଗ । ବିରାଗର ଭାବ ବୈରାଗ୍ୟ ଅଟେ । ସାଂସାରିକ ବିଷୟ ସୁଖ ଭୋଗରେ ମାତି ରହିଥିବା ମନୁଷ୍ୟର ମନକୁ ନିବୃତ୍ତ କରି ସେଥିପ୍ରତି ବିରକ୍ତି ଦୃଢ଼ କରିବା ପାଇଁ ଆବଶ୍ୟକ କେହି ମହାପୁରୁଷଙ୍କର ସଙ୍ଗ ଏବଂ ସାହଚର୍ଯ୍ୟ । ସେଥିପାଇଁ ନୀତି ଶାସ୍ତ୍ରରେ କୁହାଯାଇଛି–

''ସ୍ମର ନିତ୍ୟ ମନିତ୍ୟତାଂ
କୁରୁପୁଣ୍ୟ ମହୋରାତ୍ରଂ
ଭଜସାଧୁ ସମାଗମଂ
ତ୍ୟଜ ଦୁର୍ଜନ ସଂଗତିଂ ।''

ଜଗଦ୍‌ଗୁରୁ ଶ୍ରୀ ଶଙ୍କରାଚାର୍ଯ୍ୟ ଯଥାର୍ଥରେ କହିଛନ୍ତି

'କ୍ଷଣମିହ ସଜ୍ଜନ ସଂଗତିରେକା
ଭବତି ଭବାର୍ଣ୍ଣବ ତରଣେ ନୌକା ।'

ଅର୍ଥାତ୍ 'ଭବ ସାଗର ପାରି ହେବା ପାଇଁ କ୍ଷଣ ମାତ୍ର ସାଧୁ ସଙ୍ଗ ହିଁ ନୌକା ଅଟେ ।'

ଏହି ବୈରାଗ୍ୟ ସଂପର୍କରେ ପରମହଂସ ହରିହରାନନ୍ଦ ତାଙ୍କର ବ୍ୟାଖ୍ୟାରେ ଲେଖିଛନ୍ତି ଯେ ପୂର୍ବ କାଳରେ ରତ୍ନାକର ଭଳି ଜଣେ ଦସ୍ୟୁ ନାରଦ ଭଳି ଜଣେ ମହର୍ଷିଙ୍କ ସଙ୍ଗ ଲାଭ କରି ତାଙ୍କର ଆଶୀର୍ବାଦରେ ମହର୍ଷି ବାଲ୍ମିକୀ ହୋଇଗଲେ । ସେହିପରି ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ସମୟରେ ତାଙ୍କର ସଙ୍ଗ ଲାଭ କରି କେତେକ ଦୁର୍ଜନ ବ୍ୟକ୍ତି ସାଧୁ ପାଲଟି ଯାଇଥିଲେ । ଭାରତରେ ମଧ୍ୟ ବୁଦ୍ଧଦେବ, ଶ୍ରୀ ଚୈତନ୍ୟ ମହାପ୍ରଭୁ, ଶ୍ରୀରାମକୃଷ୍ଣ ପରମହଂସ ପ୍ରଭୃତି ବହୁ ଦେବତୁଲ୍ୟ ମହାପୁରୁଷ ମାନଙ୍କର ଆଶ୍ରୟ ଲାଭ କରି ଅସଂଖ୍ୟ ଦୁରାଚାରୀ ମନୁଷ୍ୟ ସାଧୁ ପାଲଟି ଯାଇଛନ୍ତି । ତେଣୁ ସବୁ ସମୟରେ ସତ୍‌ସଂଗ କରିବାକୁ ହେବ । ଦୁର୍ଜନ ସଂଗ ସଂପୂର୍ଣ୍ଣ ତ୍ୟାଗ କରିବ । କାରଣ ଦୁର୍ଜନ ବ୍ୟକ୍ତି ସହିତ ସାମାନ୍ୟ ସମ୍ପର୍କ ରଖିଲେ ସୁଦ୍ଧା ମନୁଷ୍ୟର ବୁଦ୍ଧି ନଷ୍ଟ ହୋଇଯିବା ସମ୍ଭାବନା ବେଶୀ । ସଦ୍‌ଗୁରୁଙ୍କର ଆଶ୍ରୟ, ତାଙ୍କର ଉପଦେଶ ପାଳନ ଏବଂ ପ୍ରଦତ୍ତ ସାଧନ ପ୍ରଣାଳୀ ନିଷ୍ଠାର ସହିତ ଅଭ୍ୟାସ କରୁଥିବା ଶିଷ୍ୟ ପକ୍ଷେ ମନକୁ ନିଜର ନିୟନ୍ତ୍ରଣାଧୀନ କରି ରଖିବା ବିଶେଷ କଷ୍ଟକର ନୁହେଁ ।

ଅ: ୬/ ୪୨ ଏବଂ ୪୩ ଶ୍ଳୋକର ତାତ୍ତ୍ୱିକ ବ୍ୟାଖ୍ୟାରେ ଶ୍ରୀ ହରିହରାନନ୍ଦ କହିଛନ୍ତି– "ଯୋଗର ଅର୍ଥ ହେଉଛି ମାନବ ଶରୀର ମଧ୍ୟରେ ରହିଥିବା ପରମାତ୍ମାଙ୍କ ସହିତ ଜୀବାତ୍ମାର ମିଳନ । ଏହି ଶରୀର ଭିତରେ ପରମାତ୍ମା ଯଦି ନ ରହିବେ ତେବେ ଶରୀରର ମୃତ୍ୟୁ । କାରଣ ସେ ହିଁ ଶରୀରକୁ ଜୀବିତ ରଖିଥିବା ପ୍ରାଣବାୟୁ । ସେ ନିଃଶ୍ୱାସ ଟାଣୁଛନ୍ତି ତେଣୁ ଆମେ ସମସ୍ତେ ବଞ୍ଚି ରହିଛୁ । ପ୍ରତି ନିଃଶ୍ୱାସ ଗ୍ରହଣ ହେଉଛି ଆମର ଜନ୍ମ ଏବଂ ନିଃଶ୍ୱାସ ତ୍ୟାଗ ହେଉଛି ମୃତ୍ୟୁ । ସେ ଯଦି ପୁଣି ନିଃଶ୍ୱାସ ନ ଟାଣିବେ ତେବେ ଆମର ମୃତ୍ୟୁ ହୋଇଯିବ । ସେ ଆମକୁ ଜୀବିତ ରଖିଥିବାରୁ ଆମର ବୟସ ଯେତିକି ବଢୁଥିବ ସେତିକି ଆମ ଶରୀର ଭିତରେ ବାହାର ଆକାର ପ୍ରକାରରେ ବୃଦ୍ଧି, ଚିତ୍ତରେ ନବ  ନବ ପରିବର୍ତ୍ତନ ଘଟିଯାଉଥିବ, ସ୍ୱାଭାବିକ ଭାବରେ ଆମ୍ଭମାନଙ୍କର ବିନା ପ୍ରଚେଷ୍ଟାରେ । ଏହିପରି ପରିବର୍ତ୍ତନ ବାଲ୍ୟାବସ୍ଥାରୁ ଜରାବସ୍ଥା ଏବଂ ପରେ ମୃତ୍ୟୁ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଘଟିଯାଉଛି । ମୃତ୍ୟୁପରେ ନୂତନ ଦେହ ଧାରଣ ମଧ୍ୟ ଏଥିସହିତ ଲାଗି ରହିଛି । ଏସବୁ ସେହି ପରମାତ୍ମା କରୁଛନ୍ତି । ଆମର ସମସ୍ତ କର୍ମ, ଭାବନା ସମୁହ ତାଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଛି । ସାଧକର ଏହି ଦିବ୍ୟ

ଭାବବୋଧ ଯେତେବେଳେ ତୀବ୍ର ହୋଇଯିବ ସେତେବେଳେ ତାର ଈଶ୍ୱରଙ୍କ ପ୍ରତି ଭକ୍ତି ଏବଂ ପ୍ରେମ ଜାତ ହେବ । ଧନ୍ୟ ହୋଇଯିବ । ଈଶ୍ୱରଙ୍କ ପ୍ରତି ସେ ଗଭୀର ଭାବେ କୃତଜ୍ଞ ହୋଇ ରହିବ । ତାଙ୍କର ସାନ୍ନିଧ୍ୟ ଲାଭ ନିଶ୍ଚିତ ହୋଇଯିବ, ଏହି ଅବସ୍ଥା ଲାଭ କରିବାକୁ ହେଲେ ନିଷ୍ଠାର ସହିତ ଧ୍ୟାନରେ ମନ ଲଗେଇ ରଖିବାକୁ ହେବ ।"

ଶ୍ରୀ ହରିହରାନନ୍ଦ ତାଙ୍କର ପ୍ରଦତ୍ତ କ୍ରିୟାଯୋଗ ସାଧନ ଯେଉଁ ବିଧିରେ କରିବାକୁ ଶିଷ୍ୟମାନଙ୍କୁ କହିଛନ୍ତି ତାହା ଯଦି ସେମାନେ ଶ୍ରଦ୍ଧା ଏବଂ ନିଷ୍ଠାର ସହିତ କରିବାରେ ଲାଗି ରହିବେ ତେବେ ସେମାନେ ନିଜ ନିଜର ମସ୍ତକ ମଧ୍ୟସ୍ଥ ସହସ୍ରାର ପଦ୍ମରେ ପରମାତ୍ମାଙ୍କ ସ୍ଥିତି ଉପଲବ୍ଧି କରିପାରିବେ । ପରମାତ୍ମା ଯେ ସବୁ କରୁଛନ୍ତି, ଆମେ କେବଳ ନିମିତ୍ତ ମାତ୍ର, ଏହି ଭାବ ଦୃଢ଼ୀଭୂତ ହୋଇଯିବ । କ୍ରିୟାଯୋଗ ସାଧନାରେ ଶିଷ୍ୟର ପ୍ରଥମ କ୍ରିୟାରେ ହିଁ ମନର ଚଞ୍ଚଳତା ବହୁ ପରିମାଣରେ ଦୂର ହୋଇଯାଏ । ଗୁରୁ ଏବଂ ଇଷ୍ଟଙ୍କୁ ସାତଗୋଟି ମୁଣ୍ଡିଆ ମାରିବା, ତିନି ଧାଡ଼ି ମହାମୁଦ୍ରା କରିବା, ଚଉଦ ବାର କ୍ରିୟା କରିବା ପରେ ସାରା ଶରୀରରେ ମୂଳାଧାରରୁ ସହସ୍ରାର ପର୍ଯ୍ୟନ୍ତ ଦିବ୍ୟ ସ୍ପନ୍ଦନ ଖେଳିଯିବ, ମସ୍ତକ ଭିତରେ ଭାରୀ ବୋଧ ହେବ ଏବଂ ମନରୁ ସବୁ ଦୁର୍ଭାବନା ଚାଲିଯିବ । ତାପରେ ସହସ୍ରାରରେ ଦୃଷ୍ଟି ସ୍ଥିର ରଖି ପରାବସ୍ଥାରେ ବସିଲେ ମନ ଶାନ୍ତ ଏବଂ ସ୍ଥିର ହୋଇଯିବ ଏବଂ ଧ୍ୟାନ ଗଭୀର ହୋଇଆସିବ । ତେଣୁ ମନକୁ ବଶ କରିବା ପାଇଁ କ୍ରିୟାଯୋଗ ସାଧନା ହିଁ ଉତ୍କୃଷ୍ଟ ସାଧନା ।

ନିୟମରେ ରହିବା – ମନକୁ ବଶ କରିବା ପାଇଁ ନିୟମାନୁବର୍ତ୍ତିତା ବିଶେଷ ସହାୟକ । ନିଜର ସମସ୍ତ କର୍ମ ନିୟମ ଅନୁସାରେ ଠିକ୍ ସମୟରେ ହେବା ଆବଶ୍ୟକ । ସକାଳୁ ଶେଯରୁ ଉଠି ରାତିରେ ଶୋଇବା ପର୍ଯ୍ୟନ୍ତ ଦିନସାରା କେଉଁ ସମୟରେ କି କର୍ମ କରିବାକୁ ହେବ ସବୁ ପାଇଁ ଗୋଟିଏ ଦିନଚର୍ଯ୍ୟା ତିଆରି କରିବାକୁ ହେବ ଏବଂ ନିଷ୍ଠାର ସହ ତାହାକୁ ପାଳନ କରିବାକୁ ହେବ । ମନ ଏଥିରେ ଅଭ୍ୟସ୍ତ ହୋଇଗଲେ, ଯେଉଁ ସମୟରେ ଯେଉଁ କାମ କରିବା କଥା ଆପେ ଆପେ ସେସବୁ ସ୍ୱାଭାବିକ ଭାବେ କରିବାରେ ଲାଗିପଡ଼େ । ଦିନ ଏବଂ ରାତିରେ ଖାଇବାକୁ ଯେଉଁ ସମୟ ନିର୍ଦ୍ଧାରିତ ହୋଇଥାଏ ସେହି ସମୟ ଆସିଗଲେ ଭୋକ ଲାଗେ । ସେହିପରି ରାତିରେ ଶୋଇବା ସମୟ ହୋଇଗଲେ ନିଦ ମାଡ଼ିଆସେ ଏବଂ ସକାଳୁ ଠିକ୍ ସମୟରେ ନିଦ ଭାଙ୍ଗିଯାଏ । ଧ୍ୟାନ ବିଷୟରେ ମଧ୍ୟ ସେହିଭଳି । ଯେଉଁ ବ୍ୟକ୍ତି ନିଜର ଇଷ୍ଟ ଦେବତାଙ୍କ

ଜପ ଧ୍ୟାନ, ନିଜର ଗୁରୁପ୍ରଦତ୍ତ ଜପ ଧ୍ୟାନ ଆଦି କରନ୍ତି ସେମାନେ ପ୍ରତିଦିନ ଯେଉଁ ସ୍ଥାନରେ ଯେଉଁ ଆସନରେ ଯେତେ ସମୟ ବସି ଧ୍ୟାନ କରନ୍ତି ତାହା ଠିକ୍ ନିୟମିତ ଭାବରେ କରିବା ଉଚିତ । କୌଣସି ଦିନ ଏଥିରେ ବ୍ୟତିକ୍ରମ ହେବା ଉଚିତ ନୁହେ । ପାଞ୍ଚ ମିନିଟ୍ ଏଥିରେ ବ୍ୟତିକ୍ରମ ହେବା ଉଚିତ ନୁହେଁ । ପାଞ୍ଚ ମିନିଟ୍ ନିୟମିତ ଧ୍ୟାନ ଅନିୟମିତ ଅଧିକ ସମୟ ଧ୍ୟାନ ଅପେକ୍ଷା ଉତ୍ତମ ଅଟେ । ଆଜି ଦଶ ମିନିଟ୍ 'କାଲି ଅଧଘଣ୍ଟା' ତାପରଦିନ ଧ୍ୟାନ ନକରିବା ଏହି ପ୍ରକାର ସାଧନା ଦ୍ୱାରା ସାଧକକୁ ଶୀଘ୍ର ସିଦ୍ଧି ଲାଭ ହୁଏ ନାହିଁ । ଯିଏ ସବୁଦିନ ଯେତିକି ସମୟ ବସି ଧ୍ୟାନ କରୁଥିବ ସେତିକି ସମୟ ବା ତାହାଠାରୁ ଅଧିକ ସମୟ ବସି ଧ୍ୟାନ କରିବା ଉଚିତ । ସେଥିରୁ କମ୍ କରିବା ଉଚିତ ନୁହେଁ । ଦିନକୁ ଦୁଇ ବେଳା ଖୁବ୍ ସକାଳୁ ଏବଂ ସଂଧ୍ୟା ସମୟରେ ନିୟମ ପାଳନ କରି ଚଳିଲେ ମନ ଆଉ ଇତସ୍ତତଃ ହେବାର ସୁଯୋଗ ପାଏ ନାହିଁ । ଧ୍ୟାନ ଯଦି ଠିକ୍ ସମୟରେ ନିୟମିତ ଭାବେ କରିବା ଅଭ୍ୟାସରେ ପଡ଼ିଯାଏ, ସେତେବେଳେ ସେହି ଟାଇମ ବା ସମୟ ଆସିଯିବା ମାତ୍ରେ ଦେହ ସାରା ଏବଂ ମସ୍ତକ ଭିତରେ ଦିବ୍ୟ ସ୍ପନ୍ଦନ ଖେଳିଯାଏ । ଆଖି ମଡ଼େଇ ପଡ଼େ, ମୁଣ୍ଡ ଭାରୀ ହୋଇଯାଏ । ସଂଗେ ସଂଗେ ଧ୍ୟାନରେ ବସିଯିବାକୁ ମନ ହୁଏ । ଏଥିରୁ ବୁଝାଯିବ ପ୍ରତ୍ୟେକ କର୍ମରେ ନିୟମାନୁବର୍ତ୍ତିତା ଏବଂ ସମୟାନୁବର୍ତ୍ତିତା ରକ୍ଷା କରିବା ପାଇଁ କିପରି ଲାଭଦାୟକ, ଭଗବଦ୍ ଉପଲବ୍ଧି ପାଇଁ କିପରି ସହାୟକ !

ମନର ବୋଲ ମାନିବା ଉଚିତ ନୁହେଁ – ମନ ତ ସ୍ୱଭାବତଃ ନିମ୍ନଗାମୀ । ଇନ୍ଦ୍ରିୟ ସୁଖ ଭୋଗ ସାଂସାରିକ ବିଷୟ ଭୋଗରେ ମାତି ରହିବାକୁ ମନୁଷ୍ୟକୁ ସର୍ବଦା ଭୁଲାଇ ରଖେ । ଏଣୁ ତା ପ୍ରତି ଅହରହ ସତର୍କ ରହିବାକୁ ହେବ । ତାର ଛଳ କଥା କଦାପି ଶୁଣିବାକୁ ହେବ ନାହିଁ । ଯେ ପର୍ଯ୍ୟନ୍ତ ମନ ବଶ ହୋଇ ନାହିଁ ସେ ପର୍ଯ୍ୟନ୍ତ ଏହାକୁ ପରମ ଶତ୍ରୁ ବୋଲି ମନେ କରିବ । ଅବଶ୍ୟ ମନ ଅତ୍ୟନ୍ତ ବଳବାନ, ତା ସହିତ ଯୁଦ୍ଧ କରିବାକୁ ହେବ । ହାର ମାନିବାକୁ ହେବ ନାହିଁ । ଧୈର୍ଯ୍ୟର ସହ ତାର କ୍ରିୟା କଳାପ ଉପରେ ଦୃଷ୍ଟି ରଖି ତାକୁ ପ୍ରତିରୋଧ କରିବାକୁ ହେବ । ମନ ସହିତ ଲଢ଼ିବାରେ ବିଚିତ୍ରତା ଅଛି । ଯିଏ ଦୃଢ଼ତା ସହ ଲଢ଼ିବ ତାର ଦିନକୁ ଦିନ ବଳ ବଢ଼ିବାରେ ଲାଗିବ ଏବଂ ଶେଷରେ ତାର ଜୟ ସୁନିଶ୍ଚିତ । ମନ ବଡ଼ ଚତୁର । କେବେ କେବେ ସେ ଭୟ ଦେଖାଇବ, ଛଳ କଥା କହି ଭୁଲାଇବାକୁ ଚେଷ୍ଟା କରିବ । ଭିନ୍ନ ଭିନ୍ନ ରଙ୍ଗ ବଦଳାଇ ତୁମକୁ ଆକୃଷ୍ଟ କରିବାକୁ ଚେଷ୍ଟା କରିବ କିନ୍ତୁ ସାଧକ ସେଥିପ୍ରତି ବେଖାତିର ଭାବ ଦେଖାଇ ଦୂର ଛଡ଼ା ହୋଇ ରହିଲେ ରକ୍ଷା ପାଇପାରିବ । ଭଗବାନ ଶ୍ରୀକୃଷ୍ଣ କହିଛନ୍ତି–

ଯତୋ ଯତୋ ନିଶ୍ଚରତି ମନଃ ଚଞ୍ଚଳ ମସ୍ଥିରମ୍
ତତଃ ତତଃ ନିୟମ୍ୟୈତଦ୍ ଆତ୍ମନ୍ୟେବ ବଶଂ ନୟେଦ୍ । (ଗୀତା ୬/୨୬)

ଏହି ଚଞ୍ଚଳ ଓ ଅସ୍ଥିର ମନ ଯେଉଁ ଯେଉଁ ବିଷୟ ଆଡ଼େ ଦଉଡ଼ିବାରେ ଲାଗିଥାଏ, ସେହି ମାନଙ୍କ ଠାରୁ ଏହାକୁ ହଟାଇ ପରମାତ୍ମାଙ୍କ ଠାରେ ନିବେଶ କରିବାକୁ ହେବ । ନିଜ ବଶରେ ମନକୁ ଆଣିବାକୁ ଚେଷ୍ଟା କରିବ ।

ମନକୁ ନିଜ ବଶରେ ଆଣିବା ତ ସହଜ ନୁହେଁ । ଏଥିପାଇଁ ଭଗବଦ୍ ଗୀତା ୬/ ୨୫ ଶ୍ଳୋକରେ କୁହାଯାଇଛି–

ଶନୈଃ ଶନୈଃ ଉପରମେଦ୍ ବୁଦ୍ଧ୍ୟା ଧୃତିଗୃହୀତୟା
ଆତ୍ମସଂସ୍ଥ ମନଃ କୃତ୍ୱା ନ କିଞ୍ଚିଦପି ଚିନ୍ତୟେତ ।

ଧୀରେ ଧୀରେ ଅଭ୍ୟାସ କରି ଧୈର୍ଯ୍ୟ ଯୁକ୍ତ ବୁଦ୍ଧି ଦ୍ୱାରା ମନକୁ ନିବୃତ୍ତ କରି ଆତ୍ମନିଷ୍ଠ କରିବ ଅର୍ଥାତ୍ ପରମାତ୍ମାଙ୍କ ଠାରେ ସ୍ଥିର କରିବ । ଅନ୍ୟ କୌଣସି ବିଷୟ ଚିନ୍ତା କରିବ ନାହିଁ ସେତେବେଳେ । ପରମହଂସ ହରିହରାନନ୍ଦ ଏହି ଶ୍ଳୋକର ତାତ୍ତ୍ୱିକ ବ୍ୟାଖ୍ୟା ତାଙ୍କର ଗୀତାରେ ଲେଖିଛନ୍ତି– "ଯେଉଁ ସାଧକ ମାନେ ନିଷ୍ଠାର ସହ ଶ୍ୱାସ ସଂଯମ ଅଭ୍ୟାସ କରନ୍ତି, ଧ୍ୟାନ କରନ୍ତି, ସେମାନେ ଧୀରେ ଧୀରେ ମେରୁଦଣ୍ଡର ନିମ୍ନ ପାଞ୍ଚଗୋଟି କେନ୍ଦ୍ରରୁ ମନକୁ ଉର୍ଦ୍ଧ୍ୱସ୍ଥ ସହସ୍ରାର ଚକ୍ରରେ ନେଇ ରଖିପାରନ୍ତି । କ୍ରିୟାଯୋଗର ପ୍ରଥମ ଏବଂ ଦ୍ୱିତୀୟ କ୍ରିୟା ସାଧନ ସମୟରେ ସାଧକ ଅଷ୍ଟାଙ୍ଗ ଯୋଗର ପ୍ରତ୍ୟାହାର ଏବଂ ଧାରଣା ସ୍ଥିତି ଯାଏଁ ଉଠି ଆସେ । ସେତେବେଳେ ମନ ଦେହବୋଧ ଏବଂ ସାଂସାରିକ ବିଷୟାସକ୍ତିରୁ ସଂପୂର୍ଣ୍ଣ ରୂପେ ମୁକ୍ତ ହୋଇଯାଏ । ତାର ଅନ୍ତର ଏବଂ ବାହାର ତାଳୁରୁ ତଳିପା ପର୍ଯ୍ୟନ୍ତ ସମଗ୍ର ସତ୍ତା ଈଶ୍ୱରବୋଧରେ ଭରି ଯାଏ । ମେରୁଦଣ୍ଡସ୍ଥ ସମସ୍ତ ଚକ୍ର ମଧ୍ୟରେ ଦିବ୍ୟ ସ୍ପନ୍ଦନ ଖେଳିଯାଏ ।

ନିୟମିତ ରୂପେ ଧ୍ୟାନ କଲେ ଅଭ୍ୟାସ ଦୃଢ଼ ହୋଇଆସିବ । ଅଭ୍ୟାସ ଦୃଢ଼ ହୋଇଗଲେ ମନ ଈଶ୍ୱରାଭିମୁଖୀ ହୋଇଯିବ । ସେତେବେଳେ ମନ ବୁଝିପାରିବ ଯେ ସାଂସାରିକ ବିଷୟ ଭୋଗ ଇତ୍ୟାଦି କେବଳ ଦୁଃଖପୂର୍ଣ୍ଣ । ସେ ସବୁରେ କିଛି ସୁଖ ଏବଂ ଆନନ୍ଦ ନାହିଁ । ସେତେବେଳେ ମନ ବିଷୟାଦିକୁ ତ୍ୟାଗ କରି ପରମାତ୍ମାଙ୍କ ପ୍ରତି ଆକୃଷ୍ଟ ହୋଇ ଧାଇଁବ ।

**ଶ୍ୱାସ ପ୍ରଶ୍ୱାସ ସହିତ ନାମ ଜପ**– ମନକୁ ପରମାତ୍ମାଙ୍କ ପ୍ରତି ଆକୃଷ୍ଟ କରିବାକୁ ଏକ ଅତ୍ୟନ୍ତ ସୁଲଭ ଏବଂ ଆଶଙ୍କାରହିତ ଉପାୟ ହେଉଛି ପ୍ରତି ଶ୍ୱାସ ପ୍ରଶ୍ୱାସ ପ୍ରତି

ଲକ୍ଷ୍ୟ ରଖି ନିଜର ଆରାଧ୍ୟ ଦେବଦେବୀଙ୍କର ନାମ ଜପ ବା ଗୁରୁ ପ୍ରଦତ୍ତ ଇଷ୍ଟମନ୍ତ୍ର ଜପରେ ଲାଗି ରହିବ । ଏହି ଅଭ୍ୟାସ ବସିଥିବା ସମୟରେ, ଚଲା ବୁଲା କରୁଥିବା ସମୟରେ, ଖାଇବା ଶୋଇବା ଆଦି ସବୁ ସମୟରେ କରାଯାଇପାରେ । ଏହିଭଳି ମନ୍ତ୍ର ଜପ କରିବା ଅଭ୍ୟାସ ଦୀର୍ଘ ଦିନ ଧରି କରିବାରେ ଲାଗିଥିଲେ ମନରେ ବିଶେଷ ଆନନ୍ଦ ଜାତ ହୋଇଥାଏ । ଈଶ୍ୱର ଅନୁରକ୍ତି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥାଏ । ପରମହଂସ ହରିହରାନନ୍ଦ କହିଛନ୍ତି ଯେ ଏହିଭଳି ଜପରେ ଇଷ୍ଟ ମନ୍ତ୍ର ତୁମର ବିନା ଚେଷ୍ଟାରେ ଆପେ ଆପେ ସ୍ଫୁରଣ ହେଉଥିବ । ମନକୁ ଆଉ ସୁଯୋଗ ମିଳିବ ନାହିଁ ଅସତ୍ କଥା ଚିନ୍ତା କରିବାକୁ । କାମ, କ୍ରୋଧାଦି ଉତ୍ତେଜନା ମନକୁ ସ୍ପର୍ଶ କରିବା ମାତ୍ରେ ଇଷ୍ଟମନ୍ତ୍ର ସ୍ଫୁରଣ ହୋଇ ସେସବୁ ଦୁର୍ଭାବନା ପ୍ରତିହତ ହୋଇଯିବ ଅକ୍ଳେଶରେ । ମନ ହଠାତ୍ ସଚେତ ହୋଇ ଉଠିବ । ସଦ୍‌ବୁଦ୍ଧି ଜାଗ୍ରତ ହୋଇଯିବା ସଂଗେ ସଂଗେ 'ମୋର ପ୍ରଭୁ ପରମେଶ୍ୱର ମୋ ଭିତରେ ରହି ମୋର ଶ୍ୱାସ ରୂପରେ ଯିବା ଆସିବା କରୁଛନ୍ତି, ତାଙ୍କରି ଅନୁକମ୍ପା ଯୋଗୁଁ ମୁଁ ଜୀବିତ ରହିଛି, ତାଙ୍କୁ ସ୍ମରଣ କରିବା ସୌଭାଗ୍ୟ ପାଇଛି' ଏହି ମହାଭାବରେ ବିଭୋର ହୋଇ ରହିଲେ ମନ ଆନନ୍ଦରେ ଭରି ଉଠିବ ।

ଏଥିସହିତ ଧ୍ୟାନ ସମୟରେ ଇଷ୍ଟ ପ୍ରଭୁଙ୍କର ରୂପ ବା ନିଜ ଗୁରୁଙ୍କ ରୂପ ଭ୍ରୂ ମଧ୍ୟରେ ସ୍ଥାପନ କରି ଧ୍ୟାନ କରିବା ଅଭ୍ୟାସ ରଖିବ ଏବଂ ସେଥି ସଂଗେ ତାଙ୍କର ମାନସ ପୂଜା କରିବା ବିଶେଷ ଲାଭ ଦାୟକ । ଥରେ ପରମହଂସ ହରିହରାନନ୍ଦଙ୍କର ଜଣେ ଅତ୍ୟନ୍ତ ଗୁରୁଭକ୍ତି ପରାୟଣା ବୟସ୍କା ମହିଳା ତାଙ୍କୁ କହିଲେ, "ବାବା, ମୁଁ ଆପଣଙ୍କର ମାନସ ପୂଜା ସବୁ ଦିନ ଧ୍ୟାନ ସମୟରେ କରୁଛି । ଆପଣଙ୍କର ଦୁଇଟି ପାଦ ଧୋଇ ପୋଛି ନେଉଛି । ପାଦୋଦକ ଗ୍ରହଣ କରୁଛି, କେଶ କୁଣ୍ଡାଇ ଦେଉଛି, କପାଳରେ ସିନ୍ଦୁର ଟୋପା ଲଗେଇ ଦେଉଛି । ସୁବାସିତ ଫୁଲ ମାଳ ଗୁନ୍ଥି ବେକରେ ପିନ୍ଧାଇ ଦେଉଛି । ନାନା ପ୍ରକାର ଷଡ଼ରସପୂର୍ଣ୍ଣ ସୁସ୍ୱାଦୁ ଖାଦ୍ୟ ମନ ଦେଇ ରାନ୍ଧି, ଆପଣଙ୍କୁ ଖାଇବାକୁ ବାଢ଼ି ଦେଉଛି । ଆପଣ ଖାଉଛନ୍ତି, ମୁଁ ପାଖରେ ବସି ଆପଣଙ୍କୁ ପଙ୍ଖା କରୁଛି । ଆପଣଙ୍କର ଶ୍ରୀମୁଖରୁ ଅମୃତ ଉପଦେଶ ସବୁ ଶୁଣୁଛି ଅତି ଆଗ୍ରହର ସହିତ । ଆପଣ ଖାଇ ସାରିବା ପରେ ଶୋଇବା ପାଇଁ ନିର୍ମଳ ସଫା ଚାଦର ଶେଯ ଉପରେ ପକାଇନିଏ, ଆପଣ ସେଥିରେ ବିଶ୍ରାମ କରନ୍ତି । ତାପରେ ମୁଁ ଆପଣଙ୍କର ପାଦସେବା କରେ, ପାଦତଳେ ମୁଣ୍ଡିଆ ମାରି ଆପଣଙ୍କର ଆଦେଶ ହେଲେ ଚାଲିଆସେ । ଆପଣ ଦୀକ୍ଷା ସମୟରେ ଏହିପରି ପୂଜା କରିବା ପାଇଁ ତ ମତେ

କହିନାହାନ୍ତି । ମୁଁ ମନକୁ ମନ ଏହା କରୁଛି । ଏହିଭଳି ମାନସ ପୂଜା କରିବା କଣ ଠିକ୍ ହେଉଛି ? ବାବା ! ମୁଁ ବିଶେଷ କିଛି ପାଠ ପଢ଼ି ନାହିଁ । ମଫସଲରେ ବାପ ଘରେ ପିଲାଦିନ କଟିଛି । ମୁଁ ସଂସ୍କୃତ ଭାଷା, ଇଂରାଜୀ କିଛି ପଢ଼ି ନାହିଁ । ସତେ କଣ ମୋ ହାତରେ କିଛି ଧ୍ୟାନ, ଉପାସନା ହୋଇପାରିବ ?''

ପରମହଂସ ହରିହରାନନ୍ଦ ଭଦ୍ର ମହିଳାଙ୍କର ଏପରି ସରଳ ଏବଂ ହୃଦୟଖୋଲା କଥା ଶୁଣି ଅତ୍ୟନ୍ତ ଆନନ୍ଦିତ ହୋଇପଡ଼ିଲେ । କହିଲେ, ''ନିଶ୍ଚୟ ହୋଇପାରିବ, ମା! । ତୁମ୍ଭର ସମସ୍ତଙ୍କ ଠାରୁ ଅଧିକ ସୁନ୍ଦର ଭାବେ ଅତି ଶୀଘ୍ର ଧ୍ୟାନର ଅଗ୍ରଗତି ହେବ । ତୁମ୍ଭର ସ୍ୱାମୀ, ଯିଏ ଅଧିକ ପାଠପଢ଼ି ବଡ଼ ସରକାରୀ ଚାକିରୀରେ ଅଛନ୍ତି, ତାଙ୍କ ଅପେକ୍ଷା ମଧ୍ୟ ଅଧିକ ଭଲ ଭାବରେ ଧ୍ୟାନ ହେବ । ଈଶ୍ୱରଙ୍କୁ ପାଇବା ପାଇଁ ବଡ଼ ଜ୍ଞାନୀ ହେବା କୌଣସି ଆବଶ୍ୟକ ନାହିଁ । ଭଗବାନ ଦେଖନ୍ତି ଭକ୍ତର ସରଳ, ନିର୍ମଳ ଭକ୍ତି ଏବଂ ନିଷ୍ପାପର ହୃଦୟ । ଏହିଭଳି ଭକ୍ତ ପ୍ରତି ତାଙ୍କର ବିଶେଷ ଶ୍ରଦ୍ଧା । ଆଉ ତୁମେ ଯେଉଁ ମାନସ ପୂଜା କରୁଛ ତାହା ଅତି ଉତ୍କୃଷ୍ଟ ସେବା । ତୁମେ ଯାହା ସବୁ ମନ ଭିତରେ ମୋର ସେବା କରୁଛ, ଯାହା ସବୁ ଖାଇବାକୁ ଦେଉଛ ସବୁ ମୁଁ ଅତି ଆନନ୍ଦରେ ଗ୍ରହଣ କରୁଛି । ଏହା ସତ୍ୟ, ବିଶ୍ୱାସକର । ମୁଁ ତ ତୁମ ଭିତରେ ଅଛି ସବୁବେଳେ, ତୁମ ହାତରନ୍ଧା ଖାଦ୍ୟ ଅତି ସୁଆଦ । ମୁଁ ଖୁବ୍ ଆଗ୍ରହରେ ସବୁ ଖାଇଦିଏ ।'' ବାବା ହସି ହସି ପୁଣି କହିଲେ, ''ତୁମେ ତ ମା କାଳିଙ୍କର ଉପାସକ । ମା'ଙ୍କୁ ମସ୍ତକ ଉପରେ ସ୍ମରଣ କର । ଖାଲି ମା' ମା' ଡ଼ାକ ମନ ଭିତରେ । ମସ୍ତକ ଭିତରେ ଶୁଣିବ ସେହି ମା ମା ଡ଼ାକ, ସେହି ଦିବ୍ୟ ଧ୍ୱନି । ବହୁତ ଆନନ୍ଦ ଲାଗିବ । ଭଲ ଧ୍ୟାନ ହେବ ।''

ଗୋଟିଏ ବିଶେଷ ସଦଗୁଣ ହେଲା ମନରେ ସବୁବେଳେ ଆନନ୍ଦ ଭାବ ପୋଷଣ କରିବା, ଅନ୍ୟ ପ୍ରତି ଘୃଣା, ଇର୍ଷ୍ୟା କ୍ରୋଧ ଭାବ ତ୍ୟାଗ କରିବା ଅଭ୍ୟାସ ମନକୁ ଶାନ୍ତ ରଖିବାରେ ଯଥେଷ୍ଟ ସାହାଯ୍ୟ କରେ । ମହର୍ଷି ପତଞ୍ଜଳି ତାଙ୍କର ଯୋଗସୂତ୍ରରେ ଗୋଟିଏ ଉପାୟ ଲେଖିଛନ୍ତି –

''ମୈତ୍ରୀ କରୁଣା ମୁଦିତ ଉପେକ୍ଷାଣାଂ ସୁଖଦୁଃଖ
ପୁଣ୍ୟାପୁଣ୍ୟ ବିଷୟାଣାଂ ଭାବନାତଃ ଚିତ୍ତ ପ୍ରସାଦନମ୍ ।''

ଅର୍ଥାତ୍ – ସୁଖୀ ମନୁଷ୍ୟ ସହ ବନ୍ଧୁଭାବ, ଦୁଃଖୀ ଲୋକ ପ୍ରତି ଦୟା, ପୁଣ୍ୟାତ୍ମାଙ୍କ ପ୍ରତି ପ୍ରସନ୍ନତା, ପାପୀ ଲୋକପ୍ରତି ଉଦାସୀନତା ଭାବନା ଦ୍ୱାରା ଚିତ୍ତ ପ୍ରସନ୍ନ ହୁଏ ।

ଏଠାରେ ସୁଖୀ ଅର୍ଥ ସାଂସାରିକ ବିଷୟ ଭୋଗ ସୁଖକୁ ଯେଉଁ ଲୋକ ମହାସୁଖ ବୋଲି ମନେ କରେ ତା ସହିତ ବନ୍ଧୁତା ରଖିବା କଥା କୁହାଯାଉନାହିଁ, ଯେଉଁମାନେ ସତ୍ପ୍ରବୃତ୍ତି ସଂପନ୍ନ ବ୍ୟକ୍ତି, ଭଗବତ୍ପ୍ରେମୀ, ସଦାଚାରୀ ସେମାନେ ପ୍ରକୃତରେ ସୁଖୀ । ଏହିଭଳି ସୁଖୀ ଲୋକଙ୍କ ସହିତ ମିତ୍ରତା କଲେ ଚିତ୍ତରୁ ଈର୍ଷା ମଳ ଦୂର ହୋଇଯାଏ । ସଂସାରରେ ଏପରି ବହୁତ ଲୋକ ଅଛନ୍ତି ଯେଉଁମାନେ ଅନ୍ୟର ସୁଖ ସୌଭାଗ୍ୟ ଦେଖିଲେ ଈର୍ଷ୍ୟାରେ ଜଳି ଯାଆନ୍ତି । ଏତଦ୍ୱାରା ମନରେ ସବୁବେଳେ ଅଶାନ୍ତି ଘୋଟି ରହିଥାଏ । ସତ୍ସଙ୍ଗ କଲେ ଏହି କୁପ୍ରବୃତ୍ତି ନାଶ ହୋଇଯାଏ । ସମସ୍ତଙ୍କ ପ୍ରତି ଶ୍ରଦ୍ଧା ଓ ସ୍ନେହ ଜାଗ୍ରତ ହୁଏ । ମନରେ ଶାନ୍ତି ବୃଦ୍ଧି ହୁଏ ।

ଦୁଃଖୀ ପ୍ରାଣୀମାନଙ୍କ ପ୍ରତି ଦୟାଭାବ ପୋଷଣ ଏବଂ ସହାନୁଭୂତିଶୀଳ ହେବା ଗୋଟିଏ ବଡ଼ ସଦଗୁଣ । ଏହାଦ୍ୱାରା ପରର ଅପକାର ଚିନ୍ତା କରିବା ଭଳି ଦୁର୍ଗୁଣ ଦୂର ହୋଇଯାଏ ।

ଧାର୍ମିକ ଲୋକଙ୍କୁ ଦେଖିଲେ ତାଙ୍କ ପ୍ରତି ଶ୍ରଦ୍ଧା ଜାତ ହେବା ଏବଂ ତାଙ୍କ ସହିତ ବନ୍ଧୁତା ସ୍ଥାପନ କରିବାକୁ ଆଗ୍ରହ କରିବା ମଧ୍ୟ ଗୋଟିଏ ଭଲ ଗୁଣ । ଏତଦ୍ୱାରା ମନୁଷ୍ୟର ଧାର୍ମିକ ବୃତ୍ତି ଜାଗ୍ରତ ହୁଏ ଏବଂ ମନରୁ ଅସୂୟାଭାବ ନଷ୍ଟ ହୁଏ, ମନ ଶାନ୍ତ ରହେ ।

ପାପୀମାନଙ୍କ ପ୍ରତି ଉପେକ୍ଷା ଭାବ ପୋଷଣ କଲେ ମନରୁ କ୍ରୋଧ ରୂପକ ମଳ ନଷ୍ଟ ହୋଇଯାଏ । କ୍ରୋଧ ଏବଂ ବୁଦ୍ଧି ଭ୍ରଂଶକାରୀ ଚିତ୍ତ ବିକ୍ଷୋଭକାରୀ ଭୟଙ୍କର କୁପ୍ରବୃତ୍ତି- ଭୀଷଣ ଭାବେ କାମୁକ, ପରଦାରା-ପହାରୀ, ପରଧନାପହାରୀ ଅତି ନୃଶଂସ ହୀନଚରିତ୍ର ଲୋକମାନଙ୍କୁ ପାପୀ କୁହାଯାଏ । ଏମାନଙ୍କର ସଂଗ ସର୍ବଥା ବର୍ଜନୀୟ । ଏମାନଙ୍କର କୁକର୍ମମାନଙ୍କୁ ଯିଏ ପ୍ରତିବାଦ କରିବ ଜୀବନ ପ୍ରତି ବିପଦ ଡାକି ଆଣିବା ଛଡ଼ା ଆଉ କିଛି ନୁହେଁ । ଏଣୁ ସେମାନଙ୍କ ପ୍ରତି ଉଦାସୀନ ବା ଉପେକ୍ଷା ଭାବରେ ରହିବା ନିରାପଦ । ସେମାନଙ୍କୁ ଘୃଣା କରିବା କିମ୍ବା ସେମାନଙ୍କର ନିନ୍ଦା କରିବା ଦ୍ୱାରା ସେମାନଙ୍କର ସ୍ୱଭାବରେ କିଛି ପରିବର୍ତ୍ତନ କରି ହେବ ନାହିଁ । ବରଂ ନିନ୍ଦା କରିବା ଲୋକ ମନରେ ବିରକ୍ତି ଘୃଣା ଏବଂ ଅଶାନ୍ତିରେ ଭରି ହୋଇଯାଏ । ତାର ସ୍ୱାସ୍ଥ୍ୟ ନଷ୍ଟ ହୁଏ । ତେଣୁ ଯେଉଁ ବିଚାର ମନରେ ପ୍ରବେଶ କଲେ ମନରେ ଅଶାନ୍ତି ଜାତ ହୁଏ ତାକୁ ତ୍ୟାଗ କରିବା ଉଚିତ ।

ମନକୁ ବଶ କରିବା ପାଇଁ ଈଶ୍ୱର ଶରଣାଗତି ନିତାନ୍ତ ଆବଶ୍ୟକ । ଅନନ୍ୟ ଭକ୍ତି ସହ ଭକ୍ତିରେ ପରମାତ୍ମାଙ୍କର ଶରଣାପନ୍ନ ହେଲେ ମନ ଶାନ୍ତ ହୁଏ । ଭଗବାନ ଶ୍ରୀକୃଷ୍ଣ ଭଗବତ୍ ଗୀତା ୧୮/୬୫ ଶ୍ଳୋକରେ କହିଛନ୍ତି-

ମନ୍ମନାଭବ ମଦ୍‌ଭକ୍ତୋ ମଦ୍‌ଯାଜୀ ମାଂନମସ୍କୁରୁ ।

ମାମେବୈଷ୍ୟସି ସତ୍ୟଂତେ ପ୍ରତିଜାନେ ପ୍ରିୟୋଽସି ମେ

ଅର୍ଥାତ୍ – ମୋଠାରେ ମନ ନିବେଶ କର, ମୋର ଭକ୍ତ ହୁଅ । ମୋ ଉଦ୍ଦେଶ୍ୟରେ ଯାଗାଦି ଅନୁଷ୍ଠାନ କର ଓ ମତେ ନମସ୍କାର କର । ତାହାହେଲେ ତୁମେ ମତେ ନିଶ୍ଚୟ ପ୍ରାପ୍ତ ହେବ । ଏହା ମୁଁ ସତ୍ୟ କରି କହୁଛି । କାହିଁକି ନା ତୁମେ ମୋର ଅତି ପ୍ରିୟ । ଈଶ୍ୱରଙ୍କ ଠାରେ କିପରି ମନ ନିବେଶ କରିବ, ତାଙ୍କୁ କି ପ୍ରକାର ଭକ୍ତି କଲେ ତାଙ୍କର ପ୍ରିୟ ପାତ୍ର ହେବ, ଏକଥା ଭଗବାନ ଶ୍ରୀକୃଷ୍ଣ ଭଗବଦ୍ ଗୀତା ୧୦ ଅ ୯ ଶ୍ଳୋକରେ କହିଛନ୍ତି–

ମଚ୍‌ଚିତ୍ତା ମଦ୍‌ଗତପ୍ରାଣା ବୋଧୟନ୍ତଃ ପରସ୍ପରଂ

କଥୟନ୍ତଃ ଚ ମାଂ ନିତ୍ୟଂ ତୁଷ୍ୟନ୍ତି ଚ ରମନ୍ତି ଚ ।।

ଅର୍ଥାତ୍ – ମୋଠାରେ ମନ ଏବଂ ପ୍ରାଣ ଲଗେଇ ରଖ । ପ୍ରତି ନିତ୍ୟ ମୋରି କଥା ସମ ମନୋଭାବାପନ୍ନ ବ୍ୟକ୍ତିଙ୍କ ସହିତ ଆନନ୍ଦରେ ଆଳାପ ଆଲୋଚନା କରି ପରସ୍ପର ପ୍ରମୋଦିତ ହୋଇ ରହ ।

ପରମହଂସ ହରିହରାନନ୍ଦ ତାଙ୍କର ଗୀତାରେ ଏହି ଶ୍ଳୋକର ତାତ୍ତ୍ୱିକ ବ୍ୟାଖ୍ୟାରେ ଯାହା ଲେଖିଛନ୍ତି ତାହାର ସାରାଂଶ ହେଉଛି–ମଚ୍‌ଚିତ୍ତା ଅର୍ଥାତ୍ ସାଧକ ନିଜ ମନର ପ୍ରତ୍ୟେକ ଭାବନା ଈଶ୍ୱରଙ୍କ ଇଚ୍ଛାରେ ଜାତ ହେଉଛି ଏହି ବୋଧରେ ରହିଲେ ତାର ମନ ଈଶ୍ୱରଙ୍କ ଠାରେ ନିବିଷ୍ଟ ହୋଇରହେ । ମଦ୍‌ଗତପ୍ରାଣା –ପ୍ରାଣ ବା ପ୍ରାଣବାୟୁ, ଆମର ଶ୍ୱାସ ପ୍ରଶ୍ୱାସକୁ ବୁଝାଏ । ସାଧକ ନିଜର ପ୍ରତ୍ୟେକ ଶ୍ୱାସ ପ୍ରଶ୍ୱାସ ଈଶ୍ୱରଙ୍କ ଦ୍ୱାରା ପରିଚାଳିତ– ଏହି ବୋଧରେ ମଜ୍ଜି ରହିବା ଅର୍ଥ ମଦ୍‌ଗତ ପ୍ରାଣ । ସାଧକ ପ୍ରତି ମୁହୂର୍ତ୍ତରେ ଅନୁଭବ କରିବ ଯେ ଈଶ୍ୱର ତାର ଭିତରେ ରହିଛନ୍ତି । ଶ୍ୱାସ ଟାଣୁଛନ୍ତି, ତେଣୁ ସେ ଜୀବିତ ଅଛି । ଏହିଭଳି ଭଗବଦ୍‌ବୋଧ ରହିଲେ ତାର ମନ ଆନନ୍ଦରେ ଭରି ଉଠିବ । ଦିବ୍ୟ ଧ୍ୱନି ଏବଂ ଜ୍ୟୋତି ନିଜର ଅନ୍ତଃ ରାଜ୍ୟରେ ସେ ଅନୁଭବ କରିବ ।

ଏହିଭଳି ଭଗବତ୍‌ବୋଧରେ ରହିଲେ ଭକ୍ତର ମନ ସବୁବେଳେ ଈଶ୍ୱରଙ୍କ ଲୀଳା କଥା ଶୁଣିବା, ଈଶ୍ୱରଙ୍କ ସଂପର୍କରେ ଅନ୍ୟ ସହିତ କଥାବାର୍ତ୍ତା କରିବାକୁ, ଈଶ୍ୱରଙ୍କ ନାମ ଭଜନ, କୀର୍ତ୍ତନ କରି ଆନନ୍ଦରେ ବିଭୋର ହୋଇ ରହିବାକୁ ଚାହିଁବ ।

**ସଦ୍‌ଗ୍ରନ୍ଥ ଅଧ୍ୟୟନ ଏବଂ ସତ୍‌ସଂଗ :** ମନକୁ ନିଜ ବଶକୁ ଆଣିବାକୁ ହେଲେ ଗୋଟିଏ କଥା ପ୍ରତି ବିଶେଷ ନଜର ରଖିବାକୁ ହେବ । କଦାପି ମନକୁ ଏକୁଟିଆ ଛାଡ଼ି ଦେବ ନାହିଁ । କିଛି ନା କିଛି ଗୋଟାଏ ସତ୍‌କର୍ମରେ ତାକୁ ଲଗେଇ ରଖିବାକୁ ହେବ । କୌଣସି କାମରେ ମନ ଯଦି ଲାଗି ରହେ ନାହିଁ ତେବେ ଏହି ସୁଯୋଗ ଦେଖି ଖସି ପଳେଇବ । ବିଷୟ ଭୋଗ ସୁଖ କଥା ସବୁ ଭାବି ବସିବ । ସେସବୁ ଭାବନାରେ ଏକାଥରେ ମଜ୍ଜି ରହିବାକୁ ଲାଗିପଡ଼ିବ । ଇଷ୍ଟମନ୍ତ୍ର ଜପ ଚାଲୁ ରଖିବ । ସଦ୍‌ଗ୍ରନ୍ଥ ଅଧ୍ୟୟନ ଏବଂ ସତ୍‌ସଙ୍ଗ କରିବାକୁ ମନକୁ ଜୋର କରି ଟାଣି ଆଣିବାକୁ ହେବ ।

ଭଗବାନଙ୍କର ପରମ ରହସ୍ୟ ସମ୍ବନ୍ଧୀ ପରମାର୍ଥ ଗ୍ରନ୍ଥ ପଠନ ବା ଶ୍ରବଣ ଦ୍ୱାରା ଚିତ୍ତ ସ୍ଥିର ହୋଇଯାଏ । ଏକାନ୍ତରେ ବସି ଉପନିଷଦ, ଶ୍ରୀମଦ୍ ଭଗବଦ୍ ଗୀତା, ଶ୍ରୀ ଭାଗବତ, ରାମାୟଣ ଆଦି ଗ୍ରନ୍ଥକୁ ଅର୍ଥ ସହିତ ଅନୁଶୀଳନ କଲେ ମନରେ ସଦ୍ ବିଚାର ଜାଗ୍ରତ ହୁଏ । ଯେଉଁ ଯେଉଁ ସଦ୍‌ଗ୍ରନ୍ଥରେ ନିଜର ସାଧନ ବା ଭକ୍ତି ଅନୁକୂଳ ତତ୍ତ୍ୱ ନିହିତ ଥାଏ, ସେହି ଗ୍ରନ୍ଥ ସବୁ ଅଧ୍ୟୟନ ବା ତତ୍ତ୍ୱ ଶ୍ରବଣ କଲେ ମନରେ ବିଶେଷ ପ୍ରଭାବ ପଡ଼ିଥାଏ ଏବଂ ଭକ୍ତି ଉଦ୍ରେକ ହୋଇଥାଏ ।

ଅତ୍ୟନ୍ତ ଧୈର୍ଯ୍ୟ ଆବଶ୍ୟକ । ହତାଶ ହେବା ଉଚିତ ନୁହେଁ । ଝାଡୁ ଦ୍ୱାରା ଘର ସଫା ଯେତେ କଲେ ମଧ୍ୟ ପୁଣି ମଇଳା ଆସି ଜମା ହୋଇଯାଏ । ଏଥିପାଇଁ ଧୈର୍ଯ୍ୟ ହରାଇ ଝାଡୁ ବନ୍ଦ କରି ଦେବା ଆହୁରି କ୍ଷତିକାରକ । ବହୁ ଚେଷ୍ଟା ଏବଂ ଦୃଢ଼ ସଂକଳ୍ପ ଦ୍ୱାରା ମନକୁ ନିୟନ୍ତ୍ରଣ କରୁଥିଲେ ମଧ୍ୟ ମନ ସାଧକର ଚେଷ୍ଟା ସବୁ ବହୁବାର ବ୍ୟର୍ଥ କରି ଦେଇଥାଏ । ସାଧକ ଦୃଢ଼ ସଂକଳ୍ପ କରି ଧ୍ୟାନରେ ବସିଥିଲେ ମଧ୍ୟ କେଉଁ ସୂତ୍ରରେ ମନ ସେଥିରୁ ଖସିଯାଇ ଏଣୁ ତେଣୁ କେବେ ଚିନ୍ତା କରିନଥିବା ଅନାବଶ୍ୟକ ସାଂସାରିକ କଥା ଗୁଡ଼ାଏ ଧରି ଖେଳିବାରେ ଲାଗିଯାଏ । ସାଧକ ସଚେତ ହୋଇ ଉଠିଲେ ମନ ସୁନାପିଲା ପରି ପୁଣି ସାଧକ କଥା ମାନି ଧ୍ୟାନରେ ଲାଗିପଡ଼େ । କଥା ହେଲା, ସାଧକ ଯେତେବେଳେ ମନକୁ ନିର୍ବିଷୟ କରିବାକୁ ଚାହେଁ, ସେତେବେଳେ ମନ ସାଂସାରିକ ନିତ୍ୟ ଅଭ୍ୟସ୍ତ ବିଷୟ ବାସନା ପ୍ରଭୃତିରୁ ନିବୃତ୍ତ ହେବାକୁ ଘୋର କୁଣ୍ଠାବୋଧ କରେ । କାରଣ ସେଥିପ୍ରତି ଥିବା ତାର ପ୍ରବଳ ଆଗ୍ରହ ସେ ଛାଡ଼ିପାରେ ନାହିଁ ଏତେ ସହଜରେ । ସାଧକର ଧ୍ୟାନ ଦୃଢ଼ ହୋଇ ମନ ସଂପୂର୍ଣ୍ଣ ଈଶ୍ୱରାଭିମୁଖୀ ନହେବା ପର୍ଯ୍ୟନ୍ତ ଏ ଟଣାଓଟରା ଲାଗିଥାଏ । ଏହା ହେଉଛି ସାଧନ ସମର । ଏହି ସମରର ପରିସମାପ୍ତି ଗୋଟିଏ ଜନ୍ମ ମଧ୍ୟରେ ହୋଇଯାଇପାରେ ଯାହାକି ସାଧକର ସାଧନର ତୀବ୍ରତା ଉପରେ ନିର୍ଭର କରେ । ବହୁ ଜନ୍ମ ବି ଲାଗିପାରେ । ଗୀତାରେ ଅଛି –

ଅନେକ ଜନ୍ମ ସଂସିଦ୍ଧଃ ତତୋଯାତି ପରାଂଗତିଂ ।

ପୃଥିବୀରେ ଯେତେ ଜୀବ ଅଛନ୍ତି ସମସ୍ତଙ୍କ ମଧ୍ୟରେ ମନୁଷ୍ୟ ହେଉଛି ଏକ ମାତ୍ର ଜୀବ ଯିଏ ସଦା ଦୁଃଖୀ । ଶାଶ୍ୱତ ସୁଖ କଣ ଏବଂ ଏହା କିପରି ପ୍ରାପ୍ତ ହେବ ଏହା ସେ ଜାଣେ ନାହିଁ । ଜାଣିବାକୁ ଚେଷ୍ଟା ମଧ୍ୟ କରେ ନାହିଁ । କଦାଚିତ ଏ ବିଷୟରେ କିଛି ଜାଣିବାକୁ ପାଇଲେ ମଧ୍ୟ ଆହୁରି ଅଧିକ ଜାଣିବା ପାଇଁ ବା ପାଇବା ପାଇଁ ଆଗ୍ରହ କରେ ନାହିଁ । କେବଳ ଆହାର-ନିଦ୍ରା-ଭୟ-ମୈଥୁନ-ସର୍ବସ୍ୱ ଜୀବନ ହିଁ ଏକମାତ୍ର ସୁଖ ଜୀବନ ମନେକରି ସେଥିରେ ବୁଡ଼ିରହେ । ନିଜ ମନର ଔଦ୍ଧତ୍ୟ ଯୋଗୁଁ ତାର ବୁଦ୍ଧି ବିବେକ ସବୁ ଭ୍ରଷ୍ଟ ହୋଇଯାଇଥାଏ । ସେ ବୁଝିପାରେ ନାହିଁ ଯେ ସମସ୍ତେ ଆନନ୍ଦରୁ ଜାତ, ଆନନ୍ଦ ଯୋଗୁଁ ଜୀବିତ ରହିଛନ୍ତି । ପରିଶେଷରେ ଭୂମାନନ୍ଦରେ ସମସ୍ତେ ବିଲୀନ ହୋଇଯିବେ । ଆନନ୍ଦମୟ ଏ ସାରା ସୃଷ୍ଟି । ସର୍ବତ୍ର କେବଳ ଆନନ୍ଦ ଭରପୁର ହୋଇରହିଛି । ଶଶୀଶୋଭନା ଗତଘନା ଅଗଣିତ ତାରକା ଉଦ୍ଭାସିତ ଶାରଦୀୟ ଯାମିନୀ ସତେ କି ମୋହନୀୟ ? ଏଥିସହ ଫୁଲ୍ଲ କୁସୁମିତ ଦ୍ରୁମରାଜି ଭୂଷିତ ବନାନୀ କଳନିନାଦିନୀ ଚିତ୍ତ ହ୍ଲାଦିନୀ ସ୍ରୋତବତୀ ତଟିନୀ ଏ ସମସ୍ତ ଶୋଭାର ଭଣ୍ଡାର କଣ ମନ ମୁଗ୍ଧକାରୀ ନୁହନ୍ତି ? ଭକ୍ତ କବି ମଧୁସୁଦନ ଯଥାର୍ଥରେ ଲେଖିଛନ୍ତି -

କି ସୁନ୍ଦର ଆହା କି ଆନନ୍ଦମୟ
ଏହି ବିଶାଳ ସଂସାର
ଧନ୍ୟ ମହାପ୍ରଭୁ ମହିମା ତୁମ୍ଭର
ଅଟେ ଅନନ୍ତ ଅପାର ।

ଏହି ବିଷାଦଗ୍ରସ୍ତ ମନୁଷ୍ୟର ଉତ୍‌ଥାନ ପାଇଁ ଏବଂ ତାହାର ସହଜାତ ଆନନ୍ଦ ଓ ଦେବତ୍ୱକୁ ଉଜ୍ଜୀବିତ ଏବଂ ବିକଶିତ କରିବା ପାଇଁ ଯୁଗେ ଯୁଗେ ପରମହଂସ ହରିହରାନନ୍ଦଙ୍କ ଭଳି ମହାମାନବମାନେ ଧରଣୀ ପୃଷ୍ଠରେ ଅବତରଣ କରିଥାନ୍ତି ।

## ତାଙ୍କର କିଛି ଯୋଗ ବିଭୂତି

ପରମହଂସ ହରିହରାନନ୍ଦ କୌଣସି ସମୟରେ କିଛି ଚମତ୍କାରୀତା ଦେଖାଇ ପ୍ରଶଂସା ଅର୍ଜନର ପକ୍ଷପାତୀ ନଥିଲେ । ସେ କହନ୍ତି ଯେ ସାଧନା ଗଭୀର ହେଲେ ଆତ୍ମଶକ୍ତି ବୃଦ୍ଧି ହୁଏ । ମନ ସବୁବେଳେ ଈଶ୍ୱରାଭିମୁଖୀ ରହିଥାଏ । ଏହା ହିଁ ପ୍ରକୃତ

ଆନନ୍ଦ । ମନୁଷ୍ୟ ଜୀବନରେ ପ୍ରତି ମୁହୂର୍ତ୍ତରେ ଯାହା ସବୁ ଘଟି ଯାଉଛି-ସୁଖ, ଦୁଃଖ, ସଂପଦ, ବିପଦ ସବୁତ ଈଶ୍ୱରଙ୍କର ଇଚ୍ଛାରେ ହେଉଛି, ଆମ ଇଚ୍ଛାରେ କିଛି ହେଉନାହିଁ, ତେଣୁ କେହି ଶିଷ୍ୟ ନିଜର ଦୁଃଖଦ ଅବସ୍ଥାରୁ ମୁକ୍ତି ପାଇବା ପାଇଁ ଯଦି ତାଙ୍କୁ ପ୍ରାର୍ଥନା କରନ୍ତି ତାଙ୍କୁ ସେ ଧ୍ୟାନ କରିବାକୁ କହନ୍ତି, ପ୍ରଭୁଙ୍କୁ ପ୍ରାର୍ଥନା କରିବାକୁ କହନ୍ତି । ଖାଲି ସେତିକି ନୁହେଁ, ନିଜେ ଧ୍ୟାନରେ ବସିଯାନ୍ତି, ଶିଷ୍ୟର ଶୀଘ୍ର ଆରୋଗ୍ୟ ଲାଭ ପାଇଁ, ଇଷ୍ଟଦେବୀ ମା' କାଳୀଙ୍କୁ ପ୍ରାର୍ଥନା କରନ୍ତି । ଫଳରେ ଶିଷ୍ୟ ଶୀଘ୍ର ରୋଗମୁକ୍ତ ହୋଇଯାଏ ।

ଏକଦା ତାଙ୍କର ଜଣେ ବୃଦ୍ଧ ଶିଷ୍ୟଙ୍କର ହୃଦ୍‌ଘାତ ବେମାର ହେଲା । ତାଙ୍କୁ ବ୍ରହ୍ମପୁର ମେଡ଼ିକାଲରେ ହୃଦ ବିଭାଗରେ ଆଶୁ ଚିକିତ୍ସା ପାଇଁ ରଖାଯାଇଥିଲା । ପାଞ୍ଚ ସାତ ଦିନ ପରେ ମଧ୍ୟ ତାଙ୍କ ଅବସ୍ଥାର ବିଶେଷ ଉନ୍ନତି ଘଟିନଥିଲା । ପରିବାରବର୍ଗ ବିଶେଷ ବ୍ୟସ୍ତ ହୋଇପଡ଼ିଥିଲେ । ସେତେବେଳେ ପରମହଂସ ହରିହରାନନ୍ଦ ରାଉରକେଲା ଆଶ୍ରମରେ ଅବସ୍ଥାନ କରୁଥିଲେ । ଶିଷ୍ୟଙ୍କର ପୁତ୍ର ଫୋନ୍ ଦ୍ୱାରା ତାଙ୍କୁ ନିଜ ପିତାଙ୍କର ରୋଗର ଗମ୍ଭୀର ଅବସ୍ଥା ଜଣାଇ ତାଙ୍କର ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରିଥିଲା । ଅବଶ୍ୟ ତାଙ୍କୁ ଧୈର୍ଯ୍ୟ ଧରିବାକୁ ସେ କହିଲେ ଏବଂ କହିଲେ ଯେ ଚାରିଦିନ ଭିତରେ ତୁମ୍ଭର ପିତା ଭଲ ହୋଇଯିବେ । ସତକୁ ସତ ଚାରିଦିନ ଭିତରେ ପିତା ସୁସ୍ଥ ହୋଇ ଡ଼ାକ୍ତରଖାନାରୁ ଘରକୁ ଫେରି ଆସିଲେ ।

ବାରିପଦା କଲେଜରେ ଜଣେ ଅଧ୍ୟାପକ ଏବଂ ତାଙ୍କର ଅଧ୍ୟାପିକା ସ୍ତ୍ରୀ ଉଭୟେ ପରମହଂସ ହରିହରାନନ୍ଦଙ୍କ ଠାରୁ ଦୀକ୍ଷା ନେଇଥିଲେ । ୧୯୭୮ ମସିହାରେ ତାଙ୍କର ସ୍ତ୍ରୀଙ୍କର ଦେହାନ୍ତ ହୋଇଥିଲା । ସେତେବେଳେ ପରମହଂସ କଟକରେ ଥିଲେ । ଏହି ଖବର ଶୁଣିବା କ୍ଷଣି ସେ ସଂଗେ ସଂଗେ ଟ୍ରେନ ଯୋଗେ ବାରିପଦା ଅଭିମୁଖେ ଯିବା ପାଇଁ ବାହାରି ପଡ଼ିଲେ । ବାଲେଶ୍ୱରରେ ପହଞ୍ଚି ସେଠାରେ ଥିବା ତାଙ୍କର କେତେକ ଶିଷ୍ୟଙ୍କୁ ସଂଗରେ ନେଇ ଟାକସି ଭଡ଼ା କରି ବାରିପଦା ଯାଇ ସେଠାରେ ମୃତା ଶିଷ୍ୟାଙ୍କ ଘରେ ପହଞ୍ଚିଲେ ଏବଂ ତାଙ୍କର ଆତ୍ମାର ସଦ୍‌ଗତି ପାଇଁ ହୋମାଦି ପୂଜାକର୍ମ, ଜପ, ଧ୍ୟାନ ଇତ୍ୟାଦି ଅନୁଷ୍ଠାନ ଆରମ୍ଭ କରିଦେଲେ । ଏସବୁ କର୍ମାନୁଷ୍ଠାନ ଶେଷ କରି ତାଙ୍କ ଘରେ ରାତିରେ ବିଶ୍ରାମ ପାଇଁ ରହିଥିଲେ । ରାତିରେ ତାଙ୍କର ଦେହରେ

ଜ୍ୱରର ଉତ୍ତାପ ମାତ୍ରା ବହୁତ ବଢ଼ି ଯାଇଥିଲା । ସେହି ଅବସ୍ଥାରେ କିନ୍ତୁ ସେ ପରଦିନ ସକାଳୁ କଟକ ଫେରିଯାଇଥିଲେ । ଅବଶ୍ୟ ଦୁଇଦିନ ପରେ ସେ ସଂପୂର୍ଣ୍ଣ ସୁସ୍ଥ ହୋଇଯାଇଥିଲେ । କେତେକ ଶିଷ୍ୟ ତାଙ୍କୁ ଏ ସଂପର୍କରେ ପଚାରିବାରୁ ସେ କହିଥିଲେ– 'ଧ୍ୟାନରେ ମା' ସହିତ (ମୃତା ଶିଷ୍ୟାଙ୍କ ଆତ୍ମା ସହିତ) ସଂପର୍କ ସ୍ଥାପନ କରି ତାଙ୍କୁ ଉପଯୁକ୍ତ ସ୍ଥାନରେ ରଖିଦେଇଛି ।' ତାଙ୍କର ଶିଷ୍ୟମାନଙ୍କୁ ସେ କେତେ ଗଭୀର ଭାବରେ ଶ୍ରଦ୍ଧା କରୁଥିଲେ ଏହି ଦୃଷ୍ଟାନ୍ତରୁ ସ୍ପଷ୍ଟ ବୁଝାପଡ଼େ । ଖାଲି ସେତିକି ନୁହେଁ ସେ ଯୋଗଶକ୍ତି ବଳରେ ମୃତ ବ୍ୟକ୍ତିର ଆତ୍ମା ସହିତ ମଧ୍ୟ ସଂପର୍କ ରଖିପାରୁଥିଲେ । ଅବଶ୍ୟ ସେଥିପାଇଁ ତାଙ୍କୁ ଯଥେଷ୍ଟ ଶାରିରୀକ କଷ୍ଟ ଭୋଗିବାକୁ ପଡୁଥିଲା । ମୃତା ଶିଷ୍ୟାଙ୍କର ସମସ୍ତ କଳମଷ ନିଜ ଦେହରେ ଗ୍ରହଣ କରି ତାଙ୍କୁ ସ୍ୱଚ୍ଛ ଏବଂ ପବିତ୍ର କରି ନିଜେ ତାହା ଭୋଗ କରିଥିଲେ । ଏଣୁ ସେ ଭୟଙ୍କର ଭାବେ ଜ୍ୱରାକ୍ରାନ୍ତ ହୋଇପଡ଼ିଥିଲେ ।

ଏହିଭଳି ଆହୁରି କେତେକ ଘଟଣା ମଧ୍ୟ ତାଙ୍କ ଜୀବନରେ ଘଟିଛି । ଏକଦା ଜଣେ ଶିଷ୍ୟଙ୍କ ପକ୍ଷାଘାତ ରୋଗ ହୋଇଥିଲା । ତାଙ୍କର ମରଣ ଆସନ୍ନପ୍ରାୟ ହୋଇଯାଇଥିଲା । ତାଙ୍କର ଏହି ଅବସ୍ଥା ଦେଖି ତାଙ୍କର ପରିବାର ଲୋକେ ପରମହଂସଦେବଙ୍କୁ ବାରମ୍ବାର ଫୋନ ଦ୍ୱାରା ଆକୁଳ ପ୍ରାର୍ଥନା କରିବାରେ ଲାଗିଲେ । ସେ ଧ୍ୟାନରେ ଜାଣିପାରିଲେ ଯେ ରୋଗୀର ଶେଷ ସମୟ ଆସିଯାଇଛି । ତାର ଦୁଃଖ ସେ ଆଉ ସହିପାରିଲେ ନାହିଁ । ଧ୍ୟାନରେ ବସିଗଲେ । ସମାଧି ଅବସ୍ଥା ହୋଇଗଲା ତାଙ୍କର । ଏଣେ ସେହି ରୋଗୀ ଶିଷ୍ୟଟି ଆସ୍ତେ ଆସ୍ତେ ଆରୋଗ୍ୟ ଲାଭ କରିବାକୁ ଲାଗିଲେ । କିନ୍ତୁ ଶିଷ୍ୟଙ୍କର ସେହି ରୋଗ ଗୁରୁଦେବଙ୍କୁ ନିଜେ ନିଜ ଦେହରେ ଭୋଗିବାକୁ ପଡ଼ିଲା । ଅବଶ୍ୟ କିଛି ଦିନ ଶିଷ୍ୟ ପାଇଁ କଷ୍ଟ ଭୋଗ କରି ସେ ସୁସ୍ଥ ହୋଇଯାଇଥିଲେ ।

ବାବା ପରମହଂସ ହରିହରାନନ୍ଦ ୧୯୭୨ ମସିହାରେ ଓଡ଼ିଶାର ବଲାଙ୍ଗୀର ସହରକୁ ଯାଇଥିଲେ । ତାଙ୍କର ଜଣେ ଶିଷ୍ୟଙ୍କର ଘରେ ରହିଥିବା ସମୟରେ ସେହି ସହରର ଦୁଇ ଜଣ ବିଶିଷ୍ଟ ଭଦ୍ରବ୍ୟକ୍ତି ତାଙ୍କର ଦର୍ଶନ ପାଇଁ ଆସିଥିଲେ । ଜଣେ ଥିଲେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ । ସେ ବାବାଙ୍କୁ ପ୍ରଣାମ କରି ସାରିବା ପରେ ତାଙ୍କର ସେଠାକୁ ଆସିବାର ଉଦ୍ଦେଶ୍ୟ ତାଙ୍କୁ କହିଲେ । ତାଙ୍କର କହିବା କଥା ହେଲା ଯେ

ସେ ପୂର୍ବରୁ ଓଡ଼ିଶାର ମନ୍ତ୍ରୀମଣ୍ଡଳରେ ମନ୍ତ୍ରୀ ପଦରେ ଥିଲେ ଏବଂ ସେହି ପଦ ପ୍ରାପ୍ତି ପାଇଁ ପୁଣି ନିର୍ବାଚନରେ ଲଢ଼ି ଜିଣିବାକୁ ଚାହାନ୍ତି । ବାବାଙ୍କର ଯୋଗଶକ୍ତି ଉପରେ ତାଙ୍କର ଗଭୀର ବିଶ୍ୱାସ ଥିବା କଥା ସେ କହିଲେ ଏବଂ ତାଙ୍କୁ କିଛି ଯୌଗୀକ କୌଶଳ ବା ସିଦ୍ଧମନ୍ତ୍ର ବାବା ପ୍ରଦାନ କରିବାକୁ ପ୍ରାର୍ଥନା କଲେ ଯାହା ସେ ପ୍ରୟୋଗ କରି ନିର୍ବାଚନରେ ଜୟଲାଭ କରିବେ । ବାବା ହରିହରାନନ୍ଦ ତାଙ୍କ ମୁହଁକୁ ଘଡ଼ିଏ ଚାହିଁ କହିଲେ, "ଆପଣ କଣ ଖାଲି ମନ୍ତ୍ରୀଟିଏ ହେବାକୁ ଚାହାନ୍ତି ? ତାହାଠାରୁ ଆହୁରି କିଛି ଅଧିକ ଉଚ୍ଚତର ପ୍ରାପ୍ତି ଇଚ୍ଛା କରନ୍ତି ନାହିଁ, ଯାହା ପାଇଗଲେ ଆଉ ଅଧିକା କିଛି ପାଇବା ପାଇଁ ନଥାଏ ? ମୁଁ କେବଳ ଗୋଟିଏ ଯୌଗିକ କୌଶଳ ଜାଣେ ଯାହାକୁ ଅତ୍ୟନ୍ତ ଭକ୍ତି ଏବଂ ନିଷ୍ଠାର ସହ ସାଧନ କରିବାରେ ଲାଗିରହିଲେ ଧର୍ମ, ଅର୍ଥ, କାମ, ମୋକ୍ଷ ସବୁ ଏକାଥରେ ମିଳିଯିବ ।"

ଭଦ୍ରବ୍ୟକ୍ତି ନିରାଶ ହେଲେ । ସେ କିଛି ସମୟ ବାବାଙ୍କ ସହିତ ଅନ୍ୟ କଥାବାର୍ତ୍ତା କରି ପରେ ଆସିବି କହି ଉଠି ଚାଲିଗଲେ । ଆଉ ଆସିଲେ ନାହିଁ । ତାଙ୍କ ସଂଗରେ ଆସିଥିବା ଭଦ୍ରବ୍ୟକ୍ତି ମଧ୍ୟ ଚାଲିଗଲେ ।

ସେ ଦୁହେଁ ଚାଲିଗଲା ପରେ ବାବା ତାଙ୍କର ଶିଷ୍ୟଙ୍କୁ କହିଲେ, "ଭଦ୍ର ବ୍ୟକ୍ତିଙ୍କ ସହ ଯେଉଁ ସାଥୀଟି ଆସିଥିଲେ ତାଙ୍କ ସହ କଦାପି କୌଣସି ସମ୍ପର୍କ ରଖିବ ନାହିଁ । ସେ ଲୋକଟା ଅତ୍ୟନ୍ତ ବିଭତ୍ସ । ତାକୁ ଲକ୍ଷ୍ୟ କରି ଦେଖିଲି ତାର ମସ୍ତକ ଉପରି ଭାଗରେ ଏକ କଳା ବର୍ଣ୍ଣର ବଳୟ ଘେରି ରହିଥିଲା ।" ପରେ ଜଣାଗଲା ପ୍ରକୃତରେ ସେ ଲୋକଟା ଅତ୍ୟନ୍ତ ଖରାପ ଥିଲା ।

ଆଉ ଏକ ଘଟଣା । ପରମହଂସ ହରିହରାନନ୍ଦ ଏକ ସହରରେ ଜଣେ ଶିଷ୍ୟ ଭକ୍ତଙ୍କ ଘରେ ରହିଥିଲେ । ଆଉ ଜଣେ ଶିଷ୍ୟ ତାଙ୍କର ଜଣେ ବନ୍ଧୁଙ୍କ ସହ ତାଙ୍କ ପାଖକୁ ଆସି ପ୍ରଣାମ କରି ବସିଲେ । ଶିଷ୍ୟଙ୍କ ସହ ଆସିଥିବା ବନ୍ଧୁଙ୍କୁ ପରମହଂସ ହରିହରାନନ୍ଦ ତୀବ୍ର ଦୃଷ୍ଟିରେ କିଛି କ୍ଷଣ ଅନାଇ ତାଙ୍କୁ ଟିକିଏ ବାହାରେ ଯାଇ ଅପେକ୍ଷା କରିବାକୁ କହିଲେ । ସେ ଚାଲିଯିବା ପରେ, ବାବା ତାଙ୍କର ଶିଷ୍ୟଙ୍କୁ ପଚାରିଲେ– "ଆପଣଙ୍କ ସହ ଆସିଥିବା ବ୍ୟକ୍ତି ଜଣକ କିଏ ?" ଶିଷ୍ୟ କହିଲେ ଯେ ସେ ତାଙ୍କର ବନ୍ଧୁ । ବାବା କହିଲେ, "ଆପଣ ତାଙ୍କ ବିଷୟରେ କିଛି ଜାଣନ୍ତି ? ଜାଣିଛନ୍ତି– ଆପଣଙ୍କ ସଂଗରେ ଆସିବା ପୂର୍ବରୁ ସେ ଜଣେ ନରହତ୍ୟା କରି ଆସିଛି । ଶିଷ୍ୟଙ୍କର

ସେହି ବନ୍ଧୁଙ୍କୁ ଡ଼କାଇ ବାବା ପଚାରିଲେ, "ତୁମ୍ଭେ ଏଠାକୁ ଆସିବା ପୂର୍ବରୁ କି କାଣ୍ଡ ଘଟାଇ ଆସିଛ ?" ତାଙ୍କର ତୀବ୍ର ଦୃଷ୍ଟି ଏବଂ ମୁଖ ମଣ୍ଡଳର କଠୋର ଭାବ ଦେଖି ସେହି ବ୍ୟକ୍ତି ଭୟରେ ଥରିବାକୁ ଲାଗିଲା ଏବଂ କହିଲା, "ମସ୍ତ ବଡ଼ ଭୁଲ କରି ପକେଇଛି । ଏବେ ମୁଁ କଣ କରିବି କିଛି ଭାବି ପାରୁନାହିଁ ।" ବାବା ତାଙ୍କ ଶିଷ୍ୟଙ୍କୁ କହିଲେ, "ଯାଅ ପୋଲିସକୁ ଖବର ଦିଅ ।" ଏହା ଶୁଣି ସେ ବ୍ୟକ୍ତି ଭୟଭୀତ ହୋଇ ସେଠାକୁ ଧାଇଁ ପଳାଇଲା । ସେ ଚାଲିଯିବା ପରେ ଶିଷ୍ୟ ବାବା ହରିହରାନନ୍ଦଙ୍କୁ ପଚାରିଲେ କିମିତି ସେ ଏକଥା ଜାଣିଲେ । ବାବା କହିଲେ ସେ ଯେତେବେଳେ ଆସିଲା ତାର ମୁଖମଣ୍ଡଳ ଚାରିପାଖ କଳା ବର୍ଣ୍ଣ ଘେରି ରହିଥିଲା ।

ପରମହଂସ ହରିହରାନନ୍ଦ କୌଣସି ବ୍ୟକ୍ତିକୁ ଦେଖିବା ମାତ୍ରେ ହଠାତ୍ ଜାଣିପାରୁଥିଲେ ସେ କିଭଳି ସ୍ୱଭାବର ବ୍ୟକ୍ତି, ପାପୀ ନା ପୁଣ୍ୟବାନ । ସେ କହନ୍ତି- "ଯାହାର ସଦ୍‌ସ୍ୱଭାବ, ଯିଏ ଦିବ୍ୟଭାବ ସଂପନ୍ନ ତାର ମୁଖମଣ୍ଡଳରୁ ଜ୍ୟୋତି ବାହାରୁଥାଏ ।"

ଏକଦା ଜଣେ ଶିଷ୍ୟଙ୍କର ଝିଅ ବାହାଘର ପାଇଁ ଭଲ ପ୍ରସ୍ତାବଟିଏ ଆସିଥିଲା । ଶିଷ୍ୟ ଜଣକ ଅତି ସାଧୁ ସ୍ୱଭାବର ଏବଂ ସଚ୍ଚୋଟ ବ୍ୟକ୍ତି ଥିଲେ । ସେ ସର୍ବଦା ଗୁରୁଗତ ପ୍ରାଣ । କନ୍ୟାର ବିବାହ ପାଇଁ ଆବଶ୍ୟକ ଖର୍ଚ୍ଚ ତାଙ୍କ ପାଖରେ ନଥିଲା । ଅତି କମ୍‌ରେ ବାଇଶି ହଜାର ଟଙ୍କା ଖର୍ଚ୍ଚ ହୋଇପାରେ । ଏତେ ଟଙ୍କା ସେ କୁଆଡୁ ଯୋଗାଡ଼ କରିବେ, ଏହି ଚିନ୍ତାରେ ଭାଙ୍ଗି ପଡ଼ିଥିଲେ । ନିରୁପାୟ ହୋଇ ଗୁରୁଙ୍କୁ ବିକଳ ହୋଇ ପ୍ରାର୍ଥନା କଲେ ଉଭୟ ସ୍ୱାମୀ ସ୍ତ୍ରୀ ଏ ସଂକଟରୁ ଉଦ୍ଧାର କରିବା ପାଇଁ । ପରମହଂସ ହରିହରାନନ୍ଦ ସେହି ସମୟରେ ଶିଷ୍ୟଙ୍କର ଘରଠାରୁ ବହୁ ଦୂରରେ ଅନ୍ୟ ଏକ ସ୍ଥାନରେ ଥିଲେ । ଶିଷ୍ୟ ଭକ୍ତ ଉଭୟଙ୍କର ଏ ବିକଳ ପ୍ରାର୍ଥନା କିନ୍ତୁ ଗୁରୁଦେବଙ୍କର ନିକଟରେ ପହଞ୍ଚି ଯାଇଥିଲା ସୂକ୍ଷ୍ମ ରୂପରେ । ସେ ଜାଣିପାରିଲେ ଶିଷ୍ୟର ସଂକଟ କଥା । ସଂଗେ ସଂଗେ ସେ ତାଙ୍କର ସମସ୍ତ କାର୍ଯ୍ୟକ୍ରମ ବାତିଲ କରି ଶିଷ୍ୟଙ୍କର ଗୃହ ଅଭିମୁଖେ ବାହାରି ପଡ଼ିଲେ । ମଧ୍ୟାହ୍ନ ବେଳେ ସେ ଶିଷ୍ୟଙ୍କ ଘରେ ଯାଇ ଉପସ୍ଥିତ ହୋଇଗଲେ । ହଠାତ୍ ଏ ସମୟରେ ଗୁରୁଦେବଙ୍କୁ ଉଭୟ ସ୍ୱାମୀ ଓ ସ୍ତ୍ରୀ ଦେଖି ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଗଲେ । ଉଭୟଙ୍କର ଆଖିରେ ଲୁହ । ଭକ୍ତିର ସହ ଦୁହେଁ ଗୁରୁଙ୍କର ପାଦ ତଳେ ପ୍ରଣାମ କରିବାପରେ ଗୁରୁଦେବ ଅତି ସ୍ନେହବୋଳା କଥାରେ ତାଙ୍କର କୁଶଳାଦି ପଚାରିଲେ ଏବଂ ନିଜ ମୁଣ୍ଡରେ ବ୍ୟବହାର କରୁଥିବା

ଟୋପିଟି ଦେଇ କହିଲେ ଟୋପି ଭିତରେ ଯାହା ଅଛି ତାକୁ ନେଇ ରଖ । ତୁମ କାର୍ଯ୍ୟରେ ଲାଗିବ । ଝିଅର ବିବାହ ପାଇଁ ଯଦି ଆଉ କିଛି ଅଧିକା ଖର୍ଚ୍ଚ ଦରକାର ପଡ଼େ ତାଙ୍କୁ ଖବର ଦେବାକୁ କହିଲେ । ଉଭୟ ସ୍ୱାମୀ ସ୍ତ୍ରୀ ଦେଖିଲେ ଟୋପି ଭିତରେ ବାଇଶି ହଜାର ଟଙ୍କାର ବିଡ଼ାଏ ନୋଟ ଅଛି । ଅନ୍ତର୍ଯ୍ୟାମୀ ଦୟାଦ୍ର ହୃଦୟ ଗୁରୁଙ୍କର ଏଭଳି ଆବଶ୍ୟକ ସମୟରେ ସାହାଯ୍ୟ ଲାଭ କରି ଉଭୟଙ୍କର ହୃଦୟ ତାଙ୍କ ପ୍ରତି କୃତଜ୍ଞତାରେ ଭରି ଉଠିଥିଲା ।

ଆଉ ଏକ ଘଟଣା । ବାବା ହରିହରାନନ୍ଦ ସେତେବେଳେ ବିଦେଶରେ ଥିଲେ । ଇଉରୋପ ମହାଦେଶର ଅଷ୍ଟ୍ରିୟା ରାଜ୍ୟର ଭିଏନା ସହରରେ ଥିଲେ । ଓଡ଼ିଶାର ଜଣେ ଶିଷ୍ୟ ତାଙ୍କ ପାଖକୁ ଚିଠି ଲେଖିଥିଲେ ଘରେ ସ୍ତ୍ରୀଙ୍କ ଦେହ ନିତାନ୍ତ ଅସୁସ୍ଥ, ତାଙ୍କର ଶୀଘ୍ର ଆରୋଗ୍ୟ ପ୍ରାର୍ଥନା କରି ଲେଖିଥିଲେ । କୌଣସି ଅର୍ଥ ସାହାଯ୍ୟ ସେ ଗୁରୁଙ୍କୁ ମାଗିନଥିଲେ । କେବଳ ପ୍ରାର୍ଥନା କରିଥିଲେ । ସ୍ତ୍ରୀଙ୍କର ଶରୀର ଆରୋଗ୍ୟ ପାଇଁ ବିଦେଶରେ ବାବା ଶିଷ୍ୟଙ୍କର ଚିଠି ପାଇବା ସଂଗେ ସଂଗେ ତାଙ୍କୁ ଫୋନରେ ପଚାରିଥିଲେ, ମା'ଙ୍କ (ଶିଷ୍ୟଙ୍କର ସ୍ତ୍ରୀଙ୍କର) ଦେହର ଅବସ୍ଥା । ଶିଷ୍ୟଙ୍କ ଠାରୁ ସବୁ ଶୁଣି ଶିଷ୍ୟଙ୍କୁ ତାଙ୍କର ସେଭିଂଗସ୍ ବେଙ୍କ ଏକାଉଣ୍ଟ ନମ୍ବର ମାଗିଲେ । ଶିଷ୍ୟ ହଠାତ୍ ବୁଝିପାରିଲେ ନାହିଁ । ବେଙ୍କ ଏକାଉଣ୍ଟ ନମ୍ବର କାହିଁକି ଗୁରୁଦେବ ମାଗୁଛନ୍ତି ? ସେ ଯାହାହେଉ କହିଦେଲେ । ତାର କିଛି ଦିନ ପରେ ଶିଷ୍ୟଙ୍କ ନାମରେ ଗୋଟିଏ ରେଜିଷ୍ଟ୍ରି ଚିଠି ଆସିଥିଲା । ଯେଉଁଥିରେ ତାଙ୍କ ନାମରେ ନବେ ହଜାର ଟଙ୍କାର ବେଙ୍କ ଡ୍ରାଫ୍ଟଟିଏ ଥିଲା । ତାର ଦୁଇଦିନ ପରେ ବାବାଙ୍କ ଠାରୁ ଫୋନ ଆସିଲା । ସେ ଶିଷ୍ୟଙ୍କୁ ଡ୍ରାଫ୍ଟ ମିଳିଲା କି ନା ପଚାରିଲେ ଏବଂ କହିଲେ କାହାକୁ ଏକଥା କହିବ ନାହିଁ । ମା'ଙ୍କ ଆରୋଗ୍ୟ ପାଇଁ ମୁଁ ମା କାଳୀଙ୍କୁ ପ୍ରାର୍ଥନା କରିଛି । ସେ ଶୀଘ୍ର ସୁସ୍ଥ ହୋଇଯିବେ । ତାଙ୍କର ସ୍ୱାସ୍ଥ୍ୟ ଭଲ ଡ଼ାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇଦେବ । ସ୍ତ୍ରୀଙ୍କର ଚିକିତ୍ସା ପାଇଁ ଏତେ ଗୁଡ଼ାଏ ଟଙ୍କା ସେ କେଉଁଠାରୁ ଯୋଗାଡ଼ କରିଥାନ୍ତେ ? ତାଙ୍କର ଗୁରୁଦେବ ଯେ କେତେ କରୁଣା ହୃଦୟ ଏହି କଥା ଭାବି ସ୍ୱାମୀ ସ୍ତ୍ରୀ ଉଭୟଙ୍କ ଆଖିରୁ ଖାଲି ଲୁହ ଝରିପଡ଼ିଲା । ଗୁରୁଦେବଙ୍କ କୃପା ସ୍ମରଣ କରି ତାଙ୍କର ମନ ଗଭୀର କୃତଜ୍ଞତା ପୂର୍ଣ୍ଣ ହୋଇଯାଇଥିଲା ।

ଏହିଭଳି ବହୁତ ଘଟଣା ଅଛି । ବାବା ହରିହରାନନ୍ଦଙ୍କର ବଦାନ୍ୟତାର ଅନ୍ତ ନାହିଁ । ସେ ସହି ପାରନ୍ତି ନାହିଁ ଶିଷ୍ୟଙ୍କର ଦୁଃଖ କଷ୍ଟ । ଅଯାଚିତେ ଅକୁଣ୍ଠ ଭାବରେ ସେମାନଙ୍କୁ ସର୍ବବିଧ ସାହାଯ୍ୟ ପ୍ରଦାନ କରିବାରେ କଦାପି ବିଳମ୍ବ କରନ୍ତି ନାହିଁ । ସେ ଯାହାକୁ ଅର୍ଥ ଦାନ କରନ୍ତି ତାହା ତୃତୀୟ ବ୍ୟକ୍ତିକୁ ଜଣାଇବାକୁ ସେ ମନା କରିଥାନ୍ତି । ସେ ପସନ୍ଦ କରନ୍ତି ନାହିଁ ତୃତୀୟ ବ୍ୟକ୍ତି ଏହି କଥା ଜାଣିବାକୁ । କୌଣସି ଶିଷ୍ୟ ଉପରେ ତାଙ୍କର କିଛି ଅର୍ଥ ଦାବି ନଥାଏ । ତାଙ୍କର ଶିଷ୍ୟମାନଙ୍କ ଠାରେ କେବଳ ଏହି ଦାବି ଯେ ସେମାନେ ନିଷ୍ଠାର ଓ ଭକ୍ତିର ସହ ଧ୍ୟାନରେ ଲାଗିରହନ୍ତୁ । ସେ କହନ୍ତି– "ତୁମ୍ଭେମାନେ ମତେ କଣ ଦେଇପାରିବ ! ମୁଁ ତୁମର ଗୁରୁ । ମୁଁ ତୁମକୁ ଧର୍ମ, ଅର୍ଥ, କାମ, ମୋକ୍ଷ, ସବୁ ଦେଇପାରେ । ତୁମ୍ଭେମାନେ ଧ୍ୟାନ କରି ସିଦ୍ଧି ଲାଭ କରିବ, ଜଣେ ଜଣେ ଗୁରୁ ହୋଇଯିବ । ଏଇଥିରେ ମୋର ଆନନ୍ଦ ।"

ଥରେ ପୁରୀ କଡ଼ାର ଆଶ୍ରମରେ ପରମହଂସ ହରିହରାନନ୍ଦ ପ୍ରବଚନ ଦେଉଥାନ୍ତି । କିଛି ସମୟ ପରେ ତାଙ୍କର ଏକ ଭକ୍ତ ଦମ୍ପତି ଆଶ୍ରମରେ ପହଞ୍ଚିଲେ । ଗୁରୁଦେବଙ୍କୁ ପ୍ରଣାମ କରି ବ୍ୟାଗରୁ ଦୁଇପଟ ସୁନାଚୁଡ଼ି ବାହାର କଲେ । ଉଦ୍ଦେଶ୍ୟ ଚୁଡ଼ି ଦୁଇଟି ବାବାଙ୍କ ହାତ ସ୍ପର୍ଶ କରାଇ ନିଜର ବିବାହିତ ଝିଅକୁ ନେଇ ପିନ୍ଧାଇବେ । ପୂର୍ବରୁ ଯେତେଥର ଗହଣା କିଣନ୍ତି ବାବାଙ୍କୁ ଛୁଆଁଇ ଝିଅକୁ ପିନ୍ଧିବାକୁ ଦିଅନ୍ତି । ଏଥର କିନ୍ତୁ ଚୁଡ଼ି ଦୁଇଟି ବ୍ୟାଗରୁ ବାହାର କରି ଗୁରୁଦେବଙ୍କୁ ତାହା ଛୁଆଁଇବାକୁ ବଢ଼େଇ ଦେଲେ । ବାବା ଠୋକ୍ ଠୋକ୍ ମନାକରି ଦେଲେ ଛୁଇଁବାକୁ । କହିଲେ ସେ ଛୁଇଁବେ ନାହିଁ । ଭକ୍ତ ଦମ୍ପତି ମନରେ ବିଶେଷ ଦୁଃଖ ଜାତ ହେଲା । ଭକ୍ତ ଦମ୍ପତି ମନରେ ବିଶେଷ ଦୁଃଖ ଜାତ ହେଲା । ବୁଝିପାରିଲେ ନାହିଁ କାହିଁକି ଗୁରୁଦେବ ଚୁଡ଼ି ଛୁଇଁବାକୁ ମନା କଲେ । ବ୍ୟାକୁଳ ହୋଇ ଗୁରୁଦେବଙ୍କୁ ଏହାର କାରଣ ପଚାରିଲେ । ଗୁରୁଦେବ ତାଙ୍କ ମୁହଁକୁ କିଛି ସମୟ ଅନାଇ କହିଲେ – "ଚୁଡ଼ି ଦୁଇଟି ମୋଠାରୁ ଛୁଆଁଇ ନେବାର କୌଣସି ଆବଶ୍ୟକ ନାହିଁ । ଏହାକୁ ପିନ୍ଧିବା ଯୋଗ୍ୟତା ତୁମର ଝିଅ ହରାଇ ସାରିଲାଣି । କିଛି ସମୟ ତଳେ ତୁମର ଜୁଆଁଇ ଗୋଟିଏ ମୋଟର ଦୁର୍ଘଟଣାରେ ପ୍ରାଣ ହରାଇଛି । ଚୁଡ଼ି ଛୁଆଁଇ ନେବାରେ ଲାଭ କ'ଣ ?" ଏହା ଶୁଣି ଭକ୍ତ ଦମ୍ପତି ସ୍ତବ୍ଧ ହୋଇଗଲେ । ପରେ ଘରକୁ ଫେରି ଏହି ଦୁଃସମ୍ବାଦ ଶୁଣିବାକୁ ପାଇଲେ ।

ପରମହଂସ ହରିହରାନନ୍ଦ ଆମେରିକା ଆଶ୍ରମରେ ଅବସ୍ଥାନ କାଳରେ ଦିନେ ରାତି ନଅଟାବେଳେ ଜଣେ ବିଦେଶୀ ଶିଷ୍ୟଭକ୍ତ ଆଶ୍ରମକୁ ଫୋନ୍ କରି ତାଙ୍କୁ କହିଲେ ଯେ ସେ ନିଜ ମଟରକାର ଚଳାଇ ଆଶ୍ରମକୁ ଯିବା ପାଇଁ ପ୍ରସ୍ତୁତ ହୋଇ ବାହାରିଛନ୍ତି, ପରଦିନ ସକାଳେ ଯାଇ ଆଶ୍ରମରେ ତାଙ୍କ ସହିତ ସାକ୍ଷାତ କରିବେ । ଆଶ୍ରମ ଠାରୁ ଶିଷ୍ୟ ଭକ୍ତଙ୍କର ଘର ପ୍ରାୟ ୧୦ ଘଣ୍ଟାର ବାଟ । ଗୁରୁଦେବ ଫୋନ୍‌ରେ ତାଙ୍କୁ ମନାକରିଦେଲେ ରାତିରେ କାର୍ ଚଳାଇ ଆସିବାକୁ, ବାଟରେ କିଛି ଅଘଟଣ ଘଟିପାରେ, ଏହି ଭୟରେ । କିନ୍ତୁ ଶିଷ୍ୟଭକ୍ତ ତାଙ୍କ କଥାକୁ ଗୁରୁତ୍ୱ ନଦେଇ କାର୍ ଚଳାଇ ଘରୁ ବାହାରି ପଡ଼ିଲେ । ଗୁରୁଦେବଙ୍କୁ ଜଣାଇ ଦେଲେ ଯେ ସେ ଯେମିତି ହେଉ ଯିବେ । ଗୁରୁଦେବ କିଛି କହିଲେ ନାହିଁ । ଶିଷ୍ୟ ଭକ୍ତ କାର୍ ଚଳାଇ ଆସୁ ଆସୁ ଘଣ୍ଟାକ ପରେ ନିଦରେ ଆଖି ପଡ଼ିଗଲା । ସେ ଗାଡ଼ିର ଷ୍ଟିଏରିଙ୍ଗ୍‌ଧରି ଶୋଇଗଲେ । କିନ୍ତୁ ଗାଡ଼ି ଚାଲିଥାଏ । ରାତି ପାହିଗଲା । ସକାଳୁ ତାଙ୍କର ନିଦ ଭାଙ୍ଗିଲା ବେଳକୁ ଦେଖିଲେ ଯେ ଗାଡ଼ି ଆଶ୍ରମ ପାଖରେ ଛିଡ଼ା ହୋଇଛି । ହଠାତ୍ ବୁଝି ପାରିଲେ ନାହିଁ ଏହା କେମିତି କଥା ? ସେ ତ ଗାଡ଼ି ଚଳାଉ ଥିବା ବେଳେ ଶୋଇ ପଡ଼ିଥିଲେ । ବାଟରେ କୌଣସି ଦୁର୍ଘଟଣା ନ ଘଟି ଗାଡ଼ିଟା କିପରି ନିରାପଦରେ ଆଶ୍ରମ ଆଗରେ ଆସି ପହଞ୍ଚିଗଲା ? ଆଶ୍ଚର୍ଯ୍ୟ ! ଆଶ୍ରମ ପରିସରରେ ଗାଡ଼ି ରଖି ଗୁରୁଙ୍କ ନିକଟକୁ ଗଲେ । ଗୁରୁଦେବ ସେତେବେଳେ ଧ୍ୟାନ କ୍ଲାସରେ ଶିଷ୍ୟ ମାନଙ୍କର ଧ୍ୟାନ ପରିଚାଳନା କରୁଥିଲେ ଏବଂ ଶିଷ୍ୟଙ୍କୁ ଦୂରରୁ ଦେଖି କ୍ଲାସରେ ଥିବା ଶିଷ୍ୟମାନଙ୍କୁ କହୁଥାନ୍ତି – ‘‘ଆଜିକାଲି ଶିଷ୍ୟ ମାନେ ଗୁରୁଙ୍କ କଥା ମାନୁ ନାହାନ୍ତି, ତାଙ୍କ ଉପଦେଶ ପ୍ରତି ଗୁରୁତ୍ୱ ଦେଉନାହାନ୍ତି । ଫଳରେ ସେହି ଶିଷ୍ୟଙ୍କ ପାଇଁ ଗୁରୁଙ୍କୁ ହଇରାଣ ଭୋଗିବାକୁ ପଡୁଛି ।’’ ଶିଷ୍ୟଭକ୍ତ ସେଠାରେ ବସି, ଏକଥା ଶୁଣି ବିଶେଷ ଅନୁତପ୍ତ ହେଲେ, ଗୁରୁଙ୍କ ପାଖକୁ ଯାଇ ତାଙ୍କ ପାଦତଳେ ପଡ଼ି ନିଜ ଭୁଲ୍ ପାଇଁ କ୍ଷମା ପ୍ରାର୍ଥନା କଲେ । ଗୁରୁଦେବ ତାଙ୍କୁ କହିଲେ – ‘‘ତୁମେ ତ ବେଶ୍ ଆରାମରେ ଗାଡ଼ିର ଷ୍ଟିଏରିଙ୍ଗ ଧରି ଶୋଇଗଲ । ମତେ ରାତିସାରା ତୁମ ପାଇଁ ଅନିଦ୍ରା ରହିବାକୁ ପଡ଼ିଲା ତୁମକୁ ନିରାପଦରେ ଆଣି ଆଶ୍ରମରେ ପହଞ୍ଚାଇବାକୁ । ଗୁରୁଙ୍କ କଥାର ଗୁରୁତ୍ୱ ବୁଝିପାରିଲ ତ ? ଏଣିକି ଆଉ ଏଭଳି ମସ୍ତବଡ଼ ଭୁଲ କେବେ କରିବ ନାହିଁ – ଯାଅ ।’’

ଏକ ସମୟରେ ପରମହଂସ ହରିହରାନନ୍ଦ ପୁରୀ କଡ଼ାର ଆଶ୍ରମରେ ଥିବାବେଳେ ଜଣେ ଶିଷ୍ୟଭକ୍ତ ତାଙ୍କର ଦର୍ଶନ ପାଇଁ ଏବଂ ତାଙ୍କର ଅମୃତବାଣୀ ଶୁଣିବାକୁ ଯାଇଥିଲେ । ଗୁରୁଦେବଙ୍କର ସତସଙ୍ଗ ଚାଲିଥିବା ସମୟରେ ଶିଷ୍ୟଟି ତାଙ୍କ ପାଖରେ ବସିଥିଲେ ମଧ ମନଟା ଖୁବ୍ ଚଞ୍ଚଳ ଥିଲା । ସେ ଜଣେ ଲୋକଠାରୁ ତିନିଶହ ଟଙ୍କା ଧାର ଆଣିଥିଲେ । ସେହି ଟଙ୍କା ସେଦିନ ସଂଧ୍ୟାରେ ପରିଶୋଧ କରିବା କଥା, କିନ୍ତୁ ପାଖରେ ଟଙ୍କା ନାହିଁ । ଏଥିପାଇଁ ସେ ବିଶେଷ ଚିନ୍ତିତ ଥିଲେ, ଗୁରୁଙ୍କ ଅମୃତବାଣୀ ଶୁଣିବା ପାଇଁ ମନ ଲାଗୁନଥାଏ । ସତସଙ୍ଗ ସରିବା ପରେ ସେ ଗୁରୁଦେବଙ୍କୁ ପ୍ରମାଣ କରି ଘରକୁ ଯିବା ପାଇଁ ବାହାରିବା ସମୟରେ ଗୁରୁଦେବ ତାଙ୍କୁ ପାଖକୁ ଡ଼ାକି କହିଲେ, "ତୁମେ ସବୁଦିନ ଯେଉଁ ରାସ୍ତା ଦେଇ ଘରକୁ ଫେରୁଛ ଆଜି ସେହି ରାସ୍ତାରେ ନ ଯାଇ ପାଖଦେଇ ଯାଇଥିବା ଅନ୍ୟ ରାସ୍ତାରେ ଯିବ ।" ଶିଷ୍ୟ ଭକ୍ତଟି ଆଶ୍ଚର୍ଯ୍ୟ ହେଲେ । ଗୁରୁଦେବ ଏକଥା କାହିଁକି କହିଲେ ବୁଝିପାରିଲେ ନାହିଁ । ଗୁରୁଙ୍କ କଥାମାନି ସେ କହିଥିବା ଅନ୍ୟ ରାସ୍ତା ଦେଇ ଯିବାକୁ ବାହାରିଲେ । ଏହି ରାସ୍ତାରେ ଗଲେ ତାଙ୍କ ଘରକୁ ଯିବାକୁ ବେଶୀ ସମୟ ଲାଗେ । କିଛି ବାଟ ଗଲା ପରେ ସେ ଦେଖିଲେ ରାସ୍ତା କଡ଼ରେ ଗୋଟିଏ ମନି ପର୍ସ ପଡ଼ିଛି । ସେ ସେହି ପର୍ସଟିକୁ ଉଠାଇ ଭିତରେ ଖୋଲି ଦେଖିଲେ ସେଥିରେ ତିନିଶହ ଟଙ୍କା ଅଛି । କାହାରି ମନିପର୍ସଟି ତାଙ୍କର ଅଜାଣତରେ ପକେଟରୁ ଖସିପଡ଼ିଛି । ସେହି ଟଙ୍କା ନେବା ଉଚିତ ହେବ କି ନାହିଁ ଭାବି ଭାବି ଚାରିଆଡ଼କୁ ଅନାଇ ଦେଖିଲେ କିଏ ପାଖରେ ନାହିଁ । କେହି ପର୍ସଟିକୁ ଦାବୀ କରି ଆସୁନାହାନ୍ତି । ଘଡ଼ିଏ କାଳ ସେଠାରେ ସେ ଛିଡ଼ା ହୋଇ ଭାବିବାକୁ ଲାଗିଲେ, କଣ କରିବେ । ହଠାତ୍ ଗୁରୁଦେବଙ୍କ କଥା ମନେ ପଡ଼ିଲା । ଗୁରୁଦେବ ତାଙ୍କୁ ଏହି ରାସ୍ତା ଦେଇ ଘରକୁ ଫେରିବା ପାଇଁ କାହିଁକି କହିଥିଲେ ସେ କଥା ସେ ଏବେ ବୁଝିପାରିଲେ । ତାଙ୍କର ମନ କଥା ଗୁରୁଦେବ ଜାଣି ପାରିଲେ ଏବଂ ତାଙ୍କର ଏହି ଟଙ୍କାର ଜରୁରୀ ଆବଶ୍ୟକତା ଉପଲବ୍ଧ କରି ଏହିଭଳି ପରିସ୍ଥିତି ସୃଷ୍ଟି କଲେ ତାଙ୍କର ସାହାଯ୍ୟ ପାଇଁ । ଗୁରୁଦେବଙ୍କ ପ୍ରତି ତାଙ୍କର ମନ କୃତଜ୍ଞତାରେ ଭରି ଉଠିଥିଲା । ସେହି ଟଙ୍କା ନେଇ ସେ ସେହି ସଂଧ୍ୟାରେ ଋଣ ପରିଶୋଧ କରିଦେଲେ । ସେହି ଟଙ୍କା ମୁଣିଟି କାହାରି ନୁହେଁ, ଏହା କେବଳ ଗୁରୁଦେବଙ୍କ ଲୀଳା ଶିଷ୍ୟକୁ ସାହାଯ୍ୟ କରିବା ପାଇଁ, ଏହା ସେ ଉତ୍ତମ ରୂପେ ବୁଝିପାରିଲେ ।

ଏକ ସମୟରେ ପରମହଂସ ହରିହରାନନ୍ଦଙ୍କର ଜଣେ ଶିଷ୍ୟାଙ୍କର ବୃଦ୍ଧା ଶାଶୁଙ୍କର ରାତିରେ ଛାତି ଯନ୍ତ୍ରଣା ଆରମ୍ଭ ହୋଇଥିଲା । ଶିଷ୍ୟା ଏକାକୀ ଘରେ ରହିଥିଲେ ଶାଶୁଙ୍କ ସହିତ । ସ୍ୱାମୀ ସେଦିନ ବାହାରକୁ ଯାଇଥିଲେ କାମରେ । ପାଖରେ କିଛି ଔଷଧ ପତ୍ର ନାହିଁ ଶାଶୁଙ୍କର ଛାତି ଯନ୍ତ୍ରଣା ଲାଘବ ପାଇଁ । ପାଖରେ ମଧ୍ୟ କେହି ଚିକିତ୍ସକ ନାହାନ୍ତି ପରାମର୍ଶ ପାଇଁ କିମ୍ବା ନିଜ ଘରେ ଫୋନ୍‌ର ବ୍ୟବସ୍ଥା ନାହିଁ । ପଡ଼ିଶାଘର ଦୂରରେ । ରାତିରେ କୁଆଡ଼େ ଯିବେ, କାହାକୁ ଡ଼ାକିବେ । ଶିଷ୍ୟା ଜଣକ ବିଶେଷ ବିବ୍ରତ ହୋଇ ପଡ଼ିଲେ । ସେ ନିରୂପାୟ ହୋଇ ଘରଭିତରେ ରଖିଥିବା ଗୁରୁଦେବଙ୍କର ପ୍ରତିକୃତିକୁ ପ୍ରଣାମ କରି ଶାଶୁଙ୍କର ଆଶୁ ନିରାମୟ ପାଇଁ ଆକୁଳ ପ୍ରାର୍ଥନା କରିବାକୁ ଲାଗିଲେ । ଏଣେ ଶାଶୁ ଅସହ୍ୟ ଯନ୍ତ୍ରଣାରେ ଚିତ୍‌କାର କରି ଲାଗିଛନ୍ତି । ତାଙ୍କର ଛାତି ଯନ୍ତ୍ରଣାର ଉପଶମ ପାଇଁ କଣ କରିବେ, କି ଔଷଧ ଦେବେ ଏହି ଚିନ୍ତା ତାଙ୍କୁ ବ୍ୟତିବ୍ୟସ୍ତ କରି ପକାଇଥିଲା । ଗୁରୁଦେବ ବହୁ ଦୂର ସ୍ଥାନରେ ସେତେବେଳେ ଥିଲେ କିନ୍ତୁ ଶିଷ୍ୟାଙ୍କର ଆକୁଳ ପ୍ରାର୍ଥନା ତାଙ୍କ ନିକଟରେ ପହଞ୍ଚିଯାଇଛି, ସୂକ୍ଷ୍ମ ଭାବରେ ସେ ଆସିଗଲେ ନିଜେ । ଶିଷ୍ୟା ଗୁରୁଦେବଙ୍କର ଛାୟାମୂର୍ତ୍ତି ନିଜ ଆଗରେ ସ୍ପଷ୍ଟ ଦେଖି ପାରିଲେ । ତାଙ୍କର ମନ ଆନନ୍ଦରେ ଭରି ଉଠିଲା । ଗୁରୁଦେବଙ୍କ ପାଦତଳେ ବାରଂବାର ପ୍ରଣାମ କରି ତାଙ୍କର ମୁଖକୁ କେବଳ ଅନାଇ ରହିଲେ, ତୁଣ୍ଡରୁ କଥା ବାହାରୁ ନଥାଏ । ଗୁରୁଦେବ ତାଙ୍କୁ ଆଶ୍ୱସନାବାଣୀ ଶୁଣାଇ ଧୈର୍ଯ୍ୟ ଧରିବାକୁ କହିଲେ, ଏବଂ ଆହୁରି ମଧ୍ୟ କହିଲେ 'ମୁଁ ତୁମର ବାପା, ମା ସବୁକିଛି । କିଛି ଭୟ କର ନାହିଁ । ମା'ଙ୍କ ଦେହ ଭଲ ହୋଇଯିବ ।'' ଶିଷ୍ୟା ଅବଶ୍ୟ ପ୍ରଥମେ ପ୍ରଥମେ ଛାୟା ମୂର୍ତ୍ତି ଦେଖି ଡ଼ରି ଯାଇଥିଲେ । କିନ୍ତୁ ପରେ ଶାନ୍ତ ହୋଇଯାଇଥିଲେ । ଗୁରୁଦେବଙ୍କୁ ନିକଟରେ ପାଇ ମଧ୍ୟ ତାଙ୍କର ପ୍ରକୃତ ସତ୍‌କାର କରିବାକୁ ଭୁଲି ଯାଇଥିବାରୁ ବିଶେଷ ଅନୁତପ୍ତ ହେଲେ । ଗୁରୁଦେବ ତାଙ୍କୁ ପାଖରେ ଥିବା ଆଲମାରୀ ଭିତରେ ଛାତି ଯନ୍ତ୍ରଣା ଉପଶମ ପାଇଁ ଔଷଧ ଅଛି ତାକୁ ନେଇ ଶାଶୁଙ୍କୁ ଦେବାକୁ କହିଥିଲେ । ଶିଷ୍ୟା ଔଷଧ ଖୋଜିଲେ କିନ୍ତୁ ପାଇଲେ ନାହିଁ । ଗୁରୁଦେବଙ୍କର ଭରସାବାଣୀରେ ତାଙ୍କର ମନ ଆନନ୍ଦରେ ଭରି ଉଠିଥିଲା । ତେଣୁ ଗୁରୁଙ୍କ କୃପା କଥା ଭାବିଭାବି ସେ ମହାଶାନ୍ତିରେ ଶୋଇପଡ଼ିଲେ । ସକାଳୁ ଉଠି ଦେଖନ୍ତି ଶାଶୁଙ୍କ ଦେହ ସମ୍ପୂର୍ଣ୍ଣ ସୁସ୍ଥ । ଶାଶୁ ବୋହୁକୁ ଦେଖି କହିଲେ, ''କାଲିରାତିରେ ତୁ ଯେଉଁ ଔଷଧ ଦେଇଥିଲୁ ସେହି

ଔଷଧ ଖାଇ ଛାତି ଯନ୍ତ୍ରଣା ଭଲ ହୋଇଥିଲା ଏବଂ ମୁଁ ଶାନ୍ତିରେ ଶୋଇଗଲି ।'' ପ୍ରକୃତରେ ଶିଷ୍ୟା ଶାଶୁଙ୍କୁ କୌଣସି ଔଷଧ ଦେଇନଥିଲେ । ଏସବୁ ଗୁରୁଦେବଙ୍କ ଅଶେଷ କୃପା ବୋଲି ବୁଝିପାରି ଗୁରୁଙ୍କ ପ୍ରତି ଗଭୀର କୃତଜ୍ଞତାରେ ତାଙ୍କର ହୃଦୟ ଭରି ଉଠିଥିଲା ।

ପରମହଂସ ହରିହରାନନ୍ଦ ଜୀବନର ଶେଷ ଆଡ଼କୁ ଯୁକ୍ତରାଷ୍ଟ୍ର ଆମେରିକାର ମିଆମି ସହରରେ ରହୁଥିଲେ । ଦିନେ ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ । ଶିଷ୍ୟମାନେ ତତ୍‌କ୍ଷଣାତ୍ ସେଠାକାର ଏକ ପ୍ରସିଦ୍ଧି ହସ୍‌ପିଟାଲ୍‌କୁ ତାଙ୍କୁ ଚିକିତ୍ସା ପାଇଁ ନେଇଥିଲେ । ସଂଗେ ସଂଗେ ସେଠାରେ ତାଙ୍କୁ ରଖାଇ ଚିକିତ୍ସା ଆରମ୍ଭ କରାଯାଇଥିଲା । ତାଙ୍କର ହାର୍ଟ ପରୀକ୍ଷା ପାଇଁ ଇ.ସି.ଜି ମେସିନ୍ ଦ୍ୱାରା ହୃତ୍ ସ୍ପନ୍ଦନ, ଯେତେବେଳେ ପରୀକ୍ଷା କରାଯାଏ, ମେସିନରେ ହାର୍ଟ ସ୍ପନ୍ଦନ ଗୋଟିଏ କାଗଜ ଉପରେ ଉଠିଆସେ । ତାହା ତରଙ୍ଗାୟିତ ଭାବେ ତଳୁ ଉପରକୁ ଉପରୁ ତଳ ଆଡ଼କୁ ଏହିପରି ଭାବେ ବକ୍ରରେଖା ହୋଇ ଉଠିଆସେ । ହରିହରାନନ୍ଦଙ୍କର ଇ.ସି.ଜି ଟେଷ୍ଟ ରେଖା ସଂପୂର୍ଣ୍ଣ ସରଳ ଥିଲା । ଡାକ୍ତର ମାନେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ସେ ଜୀବିତ, ଅଥଚ ହୃତ୍‌ପିଣ୍ଡ କ୍ରିୟା ବନ୍ଦ ଥିବା ସମୟରେ ଯେପରି ସରଳ ରେଖା ଉଠିଥାଏ, ସେହିପରି ମେସିନ୍‌ରେ କେମିତି ଉଠିଛି ? ମେସିନ୍ କଣ ଖରାପ ହୋଇ ପାରେ ଭାବି ସେମାନେ ମେସିନ୍ ପରୀକ୍ଷା କରି ଦେଖିଲେ ମେସିନ୍ ଠିକ୍ ଅଛି । ସେମାନେ କିଛି ସମୟ ଅପେକ୍ଷା କରିବା ପରେ ପୁଣି ମେସିନ୍ ଚଳାଇ ଦେଖିଲେ ବକ୍ର ରେଖା ସବୁ ଉଠୁଛି । ଡ଼ାକ୍ତର ମାନେ ବାବାଙ୍କୁ ଏହାର କାରଣ ପଚାରିଲେ । ବାବା ଅଳ୍ପହସି କହିଲେ, ''ଏମିତି ହେବାର କାରଣ ମୁଁ ନିଜେ । ମୁଁ ଏକାଗ୍ର ହୋଇ ଧ୍ୟାନ ଅବସ୍ଥାରେ ଥିବାରୁ ମନର ଊର୍ଦ୍ଧ୍ୱରେ ରହିଥିଲି । ଶ୍ୱାସ ଗତି ମନ୍ଥର ହୋଇ ଯାଇଥିଲା । ତେଣୁ ମେସିନ୍‌ରେ ସଳଖ ଗାର ଉଠିଥିଲା ।'' ଏହା ଶୁଣି ଡ଼ାକ୍ତରମାନଙ୍କର ବାବାଙ୍କ ପ୍ରତି ଗଭୀର ଭକ୍ତି ଓ ଶ୍ରଦ୍ଧା ଜାଗ୍ରତ ହୋଇଥିଲା ।

ଆଉ ଥରେ ପରମହଂସ ହରିହରାନନ୍ଦଙ୍କର ଦନ୍ତଶୂଳ ବେଦନା ହୋଇଥିଲା । ଅସହ୍ୟ ବିନ୍ଧା ଛିଟିକା ହେଉଥିଲା । ତାଙ୍କର ଦାନ୍ତ ଉପୁଡ଼ାଇବା ଆବଶ୍ୟକ ହୋଇ ପଡ଼ିଥିଲା । ପରେ ଡ଼ାକ୍ତରଖାନାକୁ ତାଙ୍କୁ ଦାନ୍ତ ଉପୁଡ଼ାଇବା ପାଇଁ ନିଆଯାଇଥିଲା ।

ଡ଼ାକ୍ତରମାନେ ଯେତେବେଳେ ତାଙ୍କୁ ଆନାସ୍ଥେସିଆ ବା ନିଶ୍ଚେତକ ଇଂଜେକ୍‌ସନ୍ ଦେବାକୁ ବାହାରିଲେ ସେ ମନା କରିଦେଲେ ଇଂଜେକ୍‌ସନ ନେବା ପାଇଁ । ଧ୍ୟାନରେ ନିର୍ବିକଳ୍ପ ସମାଧି ଅବସ୍ଥାରେ ରହିଗଲେ ଅପରେସନ୍ ସମୟତକ । ବିନା ନିଶ୍ଚେତକରେ ଡ଼ାକ୍ତରମାନେ ତାଙ୍କର ଦାନ୍ତ ଉପୁଡ଼ାଇଥିଲେ । ଧ୍ୟାନରେ ସେ ମଗ୍ନ ରହିଥିବାରୁ ତାଙ୍କର ଦେହବୋଧ ନଥିଲା । ଏଣୁ କୌଣସି ଶାରୀରିକ କଷ୍ଟବୋଧ ତାଙ୍କର ହୋଇନଥିଲା । ଡ଼ାକ୍ତରମାନେ ଏହା ଦେଖି ବିସ୍ମିତ ହୋଇଯାଇଥିଲେ ।

ଏକଦା ପରମହଂସ ହରିହରାନନ୍ଦ ଇଉରୋପ ମହାଦେଶର ସୁଇଜରଲେଣ୍ଡ ରାଜ୍ୟକୁ ଯାଇଥିଲେ । ସେଠାରେ ଏକ କ୍ରିୟଯୋଗ ସାଧନା ଶିବିର ପରିଚାଳନା କରୁଥିଲେ । ସେହି ରାଜ୍ୟର ଏବଂ ଅନ୍ୟାନ୍ୟସ୍ଥାନରୁ ବହୁ ଭକ୍ତ, ଶିଷ୍ୟ ଯୋଗଦେଇଥିଲେ ସେଠାରେ । ହଲାଣ୍ଡରୁ ଜଣେ ଶିଷ୍ୟା ମଧ ଆସିଥିଲେ । ଶିଷ୍ୟ ଜଣକ ବାବାଙ୍କ ସହ କଥାବାର୍ତ୍ତା ହେବା ସମୟରେ ବାବା ହଠାତ୍ ତାଙ୍କୁ ପଚାରିଲେ, "ତୁମର ଘର ଚାବି ପକାଇ ଆସିଛ ନା ନାହିଁ" ? ଶିଷ୍ୟା ବୁଝିପାରିଲେ ନାହିଁ, କାହିଁକି ସେ ଏକଥା କହିଲେ, ଉତ୍ତରରେ କହିଲେ, "ଚାବି ପକାଇ ଆସିଛି, ସବୁ ଠିକ୍ ଥିବ ।"

କିଛିଦିନ ପରେ ସାଧନା ଶିବିର ଶେଷହେବା ପରେ ଶିଷ୍ୟା ଜଣକ ଘରକୁ ଫେରିଗଲେ । ରାତି ଅଧ ସମୟରେ ସେ ଘରେ ଯାଇ ପହଞ୍ଚି ଦେଖିଲେ ଘରଦ୍ୱାର ସବୁ ମେଲା । ଘର ଭିତରେ ଆଲୁଅ ଜଳୁଛି । ବାହାର କବାଟରେ ପଡ଼ିଥିବା ଚାବି ଖୋଲା ପଡ଼ିଛି । ଏହା ଦେଖି ସେ ଆଶ୍ଚର୍ଯ୍ୟ ହେଲେ । ଘରର ଚାବିତ ତାଙ୍କ ପାଖରେ ରହିଛି । ତାଲା କିପରି ଖୋଲିଲା ? ପାଖପଡ଼ିଶା ଭଦ୍ର ମହିଳାଙ୍କ ଘରକୁ ଯାଇ ପଚାରିଲେ କେହି ଚୋର ପଶି ଥିଲା କି ତାଙ୍କ ଘରେ । ପଡ଼ୋଶୀ ମହିଳା କହିଲେ ସେ କିଛି ଜାଣିନାହାନ୍ତି । ତାଙ୍କର ଧାରଣା ଥିଲା ଯେ, ଭଦ୍ର ମହିଳା ତାଙ୍କ ଘରେ ରହିଛନ୍ତି ତେଣୁ ଭିତରେ ଲାଇଟ ଜଳୁଛି । ବାହାର ଦେଶକୁ ସେ ଯାଇଥିବା ବିଷୟ ପଡ଼ୋଶୀ ମହିଳା ଜାଣିନଥିଲେ ।

ଉଭୟେ ମିଶି ଶିଷ୍ୟାଙ୍କର ଘର ଭିତରକୁ ଯାଇ ଦେଖିଲେ ଘରେ କେହି ନାହାନ୍ତି । ଘର ଭିତରେ ଜିନିଷପତ୍ର ଛିନ୍ନଛତ୍ର ହୋଇ ପଡ଼ିଛି । କେହି ଚୋର ନିଶ୍ଚୟ ପଶିଥିଲା ଘରେ । ଚୋର ଟ୍ରେଜେରୀ ଭାଙ୍ଗିବାକୁ ଚେଷ୍ଟା କରିଥିଲା, କିନ୍ତୁ ସଫଳ ହୋଇ ପାରିନଥିଲା । କୌଣସି ଜିନିଷ ଚୋରୀ ଯାଇନଥିଲା । ଏକ ଖୋଲା ବାକ୍ସରେ କିଛି ସୁନା ମୋହର ଥିଲା, ଚୋର ତାକୁ ନେଇ ନାହିଁ । ଗୁରୁଦେବଙ୍କ ରୂପା ନିର୍ମିତ ପ୍ରତିମାଟି ସେ ପାଖରେ ଥିଲା, ତାକୁ ମଧ୍ୟ ଛୁଇଁ ନାହିଁ । କୌଣସି କାରଣରୁ ଚୋର ଧରା ପଡ଼ିବା ଭୟରେ ପଳାଇ ଯାଇଥିଲା ଯାହା ଅନୁମାନ କରାଯାଏ । ଶିଷ୍ୟା ଏହା ଦେଖି ଆଶ୍ୱସ୍ତ ହେଲେ । ଏହା କେବଳ ଗୁରୁଦେବଙ୍କ ଅଶେଷ କୃପା ମନେ କରି ଗୁରୁଙ୍କ ପ୍ରତି ତାଙ୍କର ମନ ଗଭୀର କୃତଜ୍ଞତାରେ ଭରି ଉଠିଥିଲା । ଯେଉଁ ଦିନ ଗୁରୁଦେବ ଶିଷ୍ୟାଙ୍କୁ ଘରେ ଚାବିପକାଇଥିବା କଥା ପଚାରିଥିଲେ, ଠିକ୍ ସେହିଦିନ ହିଁ ଏହି ଘଟଣା ଘଟିଥିଲା । ପଡ଼ୋଶୀ ମହିଳା କହିଲେ ସେହିଦିନ ଠାରୁ ଘର ଭିତରେ ଆଲୋକ ଜଳୁଥିଲା । ଗୁରୁଦେବ ନିଜର ଯୋଗଶକ୍ତି ବଳରେ ସୁଦୂର ସୁଇଜରଲାଣ୍ଡରେ ଥାଇ ସୁଦ୍ଧା, ହଲାଣ୍ଡରେ ଥିବା ଶିଷ୍ୟାଙ୍କର ଘରେ କଣ ଘଟିଛି ଜାଣିପାରିଥିଲେ । ଏହା ତାଙ୍କର ହୃଦ୍‌ବୋଧ ହୋଇଥିଲା । ଖାଲି ସେତିକି ନୁହେଁ ଶିଷ୍ୟା ଯେତେଦିନ ପର୍ଯ୍ୟନ୍ତ ଘରକୁ ଫେରିନଥିଲେ, ସେତେଦିନ ପର୍ଯ୍ୟନ୍ତ ଗୁରୁଦେବ ଘରକୁ ନିଶ୍ଚୟ ଜଗି ରହିଥିଲେ ଯୋଗବଳରେ । ତାହା ନହେଲେ ଚୋର ଘରେ ପଶି ମଧ୍ୟ କିଛି ଚୋରୀ ନକରି, ଭୟଭୀତ ହୋଇ ପଳାଇ ଯିବା ଏବଂ ଶିଷ୍ୟାଜଣଙ୍କର ଅନୁପସ୍ଥିତି ଦିବସ ଯାକ ଘର ଖୋଲା ରହିଥିଲେ ସୁଦ୍ଧା କୌଣସି ଅଘଟଣ ଘଟିନଥିବା, ଏସବୁ କିମିତି ହେଲା ?

ପରମହଂସ ହରିହରାନନ୍ଦ ଅଲୌକିକ ଶକ୍ତିର ଅଧିକାରୀ ଥିଲେ । ୧୯୭୪ ମସିହାର କଥା । ସେତେବେଳେ ସେ ପୁରୀର କଡ଼ାର ଆଶ୍ରମରେ ରହିଥିବା ସମୟରେ ଆଶ୍ରମରେ ଥିବା ଗୋଟିଏ ପୋଷା ହରିଣ ଆଶ୍ରମର ଘାସ ପଡ଼ିଆରେ ହଠାତ୍ ପଡ଼ିଯାଇ ଛଟପଟ ହୋଇଥିଲା । ବାବା ହରିହରାନନ୍ଦ ସେତେବେଳେ ଗଭୀର ଧ୍ୟାନରେ ବସିଥିଲେ । ଧ୍ୟାନ ଭଙ୍ଗ ହେବା ପରେ ସେ ବାହାରକୁ ଆସି ହରିଣଟିର ଏ ଅବସ୍ଥା ଦେଖି ଜାଣି ପାରିଲେ ତାର ଶେଷ ସମୟ ଆସିଯାଇଛି । ତାଙ୍କର କରୁଣାଦ୍ର ହୃଦୟ

ଏହା ଦେଖି ହରିଣଟି ପ୍ରତି ଦୟା ଆସିଲା । ତାଙ୍କ ମୁହଁରୁ ହଠାତ୍ ବାହାରି ପଡ଼ିଲା, "ଉଠ । ଆଜି ଶୁଭ ଦିନ ନୁହେଁ, ଚାଲାବୁଲା କର । କାଲି ଠିକ୍ ଏତିକି ବେଳକୁ ଯିବ । ଆଶ୍ଚର୍ଯ୍ୟ ! ହରିଣଟି ସଂଗେ ସଂଗେ ସତେଜ ହୋଇ ଠିଆ ହୋଇଗଲା । ଘାସ ଚରିବାକୁ ଆରମ୍ଭ କଲା ।

ବାବା ଏହା ଦେଖି ପାଖରେ ଥିବା ବ୍ରହ୍ମଚାରୀ ଏବଂ ଅନ୍ୟାନ୍ୟ ଭକ୍ତ, ପଦସ୍ଥ ଅଫିସରମାନଙ୍କୁ କହିଲେ, "ପୂର୍ବଜନ୍ମରେ ଏହି ହରିଣଟି ଜଣେ ଋଷି ପୁତ୍ର ଥିଲା । ଏ ଜନ୍ମରେ ସେ ସାଧୁ ସମାଗମ ମଧ୍ୟରେ ରହି ପୁଣ୍ୟ ଅର୍ଜନ କରିଛି । ତାର କାଲି ଏତିକିବେଳକୁ ମୃତ୍ୟୁ ହେବ । ତାର ଶବସତ୍କାର ପାଇଁ ଚନ୍ଦନକାଠ ଓ ଘିଅ ସଂଗ୍ରହ କରି ରଖ । ଠିକ୍ ତାହାହିଁ ହେଲା । ପରଦିନ ହରିଣଟିର ମୃତ୍ୟୁ ହୋଇଥିଲା ।

ବିହାର ରାଜ୍ୟର ପାଟନା ସହରରେ ପରମହଂସ ହରିହରାନନ୍ଦଙ୍କର ଜଣେ ଖ୍ୟାତନାମା ଓକିଲ ଶିଷ୍ୟ ଥିଲେ । ତାଙ୍କ ଠାରୁ ସେ କ୍ରିୟାଯୋଗ ଦୀକ୍ଷା ନେଇଥିଲେ ମଧ୍ୟ ଧ୍ୟାନ କମ୍ କରନ୍ତି । ବହୁତ ସମୟ ନିଜର ଇଷ୍ଟ ଦେବୀଙ୍କର ମନ୍ତ୍ର ଜପ କରନ୍ତି ପ୍ରତିଦିନ ଅଣ୍ଟାଏ ପାଣି ଭିତରେ ଠିଆ ହୋଇ । ଗୁରୁଦେବ ତାହା ଦେଖି କହିଲେ ଏଭଳି ଜଣେ ଏତେ ସମୟ ବ୍ୟୟ ନ କରି ଧ୍ୟାନରେ ଅଧିକ ସମୟ ଲାଗି ରହିବା ଉଚିତ । ଶିଷ୍ୟ ଗୁରୁଙ୍କର ଏହି ଉପଦେଶ ଶୁଣି ଅସନ୍ତୁଷ୍ଟ ହେଲେ ଏବଂ ନିଜର ବହୁଦିନର ଅଭ୍ୟାସରେ କୌଣସି ପରିବର୍ତ୍ତନ କରିବାକୁ ପ୍ରସ୍ତୁତ ନଥିବା କଥା ଗୁରୁଙ୍କୁ ଶୁଣେଇ ଦେଲେ । ଗୁରୁଦେବ କିଛି କହିଲେ ନାହିଁ । ଶିଷ୍ୟଙ୍କୁ ସଦ୍‌ବୁଦ୍ଧି ଜାଗ୍ରତ ଲାଗି ମା' ଭଗବତୀଙ୍କୁ ମନେ ମନେ ପ୍ରାର୍ଥନା କଲେ ।

ଓକିଲ ମହାଶୟଙ୍କ ପରିବାରର ଛୋଟ ଝିଅଟିର କିନ୍ତୁ ଗୁରୁଙ୍କ ପ୍ରତି ଗଭୀର ଭକ୍ତି ଏବଂ ଶ୍ରଦ୍ଧା ଥିଲା । ଗୁରୁଦେବ ପାଟନାରୁ ପୁରୀର କଡ଼ାର ଆଶ୍ରମକୁ ଫେରିବା ପରେ ପରେ ଓକିଲ ମହାଶୟଙ୍କ ଠାରୁ ଗୋଟିଏ ଟେଲିଗ୍ରାମ ପାଇଲେ ଶୀଘ୍ର ପାଟନା ଆସିବାକୁ । କାରଣ ତାଙ୍କର ଝିଅଟି ଭୟଙ୍କର ଭାବରେ ଅସୁସ୍ଥ ହୋଇ ପଡ଼ିଥିଲା । ଦୟାର୍ଦ୍ର ହୃଦୟ ଗୁରୁଦେବ ଟେଲିଗ୍ରାମ ପାଇ କାଳ ବିଳମ୍ବ ନ ଧରି ସଂଗେ ସଂଗେ ପୁରୀରୁ ଟ୍ରେନ ଧରି ପାଟନା ଅଭିମୁଖେ ବାହାରି ପଡ଼ିଲେ । ପାଟନାରେ ଓକିଲ

ବାବୁଙ୍କର ଘରେ ଯାଇ ପହଞ୍ଚିବା ପରେ ଝିଅଟିର ଅବସ୍ଥା ଗୁରୁତର ଥିବା ଦେଖିଲେ । ଝିଅଟି କେବଳ ଗୁରୁଦେବ ! ଗୁରୁଦେବ ! ବୋଲି ମଝିରେ ମଝିରେ ବୋଲି ଲାଗିଛି । ଏହାଦେଖି ଗୁରୁଦେବ ଝିଅଟିର ମଥାରେ ହାତ ବୁଲାଇ ଆଣିଲେ । କୋଠରୀ ଭିତର ପଟୁ ବନ୍ଦ କରି ଧ୍ୟାନରେ ବସିଗଲେ ଝିଅ ପାଖରେ । କିଛି ସମୟରେ ଝିଅଟିର ଜ୍ୱର କମିଗଲା ଏବଂ ସେ ଆଖି ଖୋଲି ଗୁରୁଦେବଙ୍କୁ ଦେଖି ତାର ମୁହଁରେ ହସ ଫୁଟିଉଠିଲା ଏବଂ ସେ ସଂଗେ ବାବାଙ୍କ ହାତ ଧରି ପଚାରିଲା– ''ବାବା କେତେବେଳେ ଆସିଲେ ?'' ପିତା ମାତା କୋଠରୀ ବାହାରେ ଅପେକ୍ଷା କରିଥିଲେ । ଝିଅର କଣ୍ଠ ସ୍ୱର ଶୁଣି ଭିତରକୁ ଆସି ଦେଖିଲେ ଝିଅ ରୋଗମୁକ୍ତ ହୋଇଯାଇଛି । ଗୁରୁଦେବଙ୍କର ଏହି ଅହେତୁକ କୃପା ଯୋଗୁଁ ଝିଅଟି ରୋଗମୁକ୍ତ ହୋଇ ଯାଇଛି ଦେଖି ଗୁରୁଦେବଙ୍କୁ ଅଶେଷ ଧନ୍ୟବାଦ ଦେଲେ । ଓକିଲ ମହାଶୟ ଗୁରୁଦେବଙ୍କ ପାଦତଳେ ପଡ଼ି ତଳ ଦିନେ ତାଙ୍କ ପ୍ରତି କରିଥିବା ଖରାପ ବ୍ୟବହାର ପାଇଁ ଗଭୀର ଦୁଃଖ ପ୍ରକାଶ କଲେ ।

ଏକଦା ପରମହଂସ ହରିହରାନନ୍ଦ ରାଉରକେଲା ଆଶ୍ରମରେ ଥିଲାବେଳେ ତାଙ୍କର ଜଣେ ଶିଷ୍ୟ ତାଙ୍କ ପାଖରେ ଛିଡ଼ା ହୋଇଥିଲେ । ତାଙ୍କ ପ୍ରତି ତୀକ୍ଷ୍ଣ ଦୃଷ୍ଟିପାତ କରି କହିଲେ– ''ଆପଣଙ୍କର ଶରୀର ଠିକ୍ ନାହିଁ । ଶୀଘ୍ର ଡ଼ାକ୍ତରଙ୍କୁ ଯାଇ ଦେଖାନ୍ତୁ ।'' କିନ୍ତୁ ଶିଷ୍ୟ ଏହି କଥାରେ ବିଶେଷ ଗୁରୁତ୍ୱ ଦେଲେ-ନାହିଁ ସେତେବେଳେ । ଭାବିଲେ ତାଙ୍କର ଦେହ ଭଲ ଅଛି । ଗୁରୁଦେବ କାହିଁକି ଏପରି କହିଲେ ? କିନ୍ତୁ ପରଦିନ ଠିକ୍ କଲେ ଗୁରୁଦେବ ଯେତେବେଳେ କହୁଛନ୍ତି ଡ଼ାକ୍ତରଙ୍କ ଦ୍ୱାରା ପରୀକ୍ଷା କରି ନେବା ଠିକ୍ ହେବ । ଏହା ଭାବି ପରଦିନ ଡ଼ାକ୍ତରଙ୍କ ପାଖକୁ ଯାଇ ପରୀକ୍ଷା କରାଇବା ସମୟରେ ଜଣାଗଲା ଯେ ତାଙ୍କର ହାର୍ଟ ବେମାର, ଶୀଘ୍ର ଅପରେସନ୍ ଦରକାର । ଶିଷ୍ୟ ଜଣକ ଅତ୍ୟନ୍ତ ବ୍ୟସ୍ତ ହୋଇପଡ଼ିଲେ । ସଙ୍ଗେ ସଙ୍ଗେ କାନ୍ଦି କାନ୍ଦି ଗୁରୁଦେବଙ୍କ ପାଖରେ ଆସି ଉପସ୍ଥିତ ହେଲେ ଏବଂ ନିଜର ଶରୀର ଆରୋଗ୍ୟ ପାଇଁ ତାଙ୍କୁ ବାରମ୍ବାର ପ୍ରାର୍ଥନା କରିବାକୁ ଲାଗିଲେ । ଗୁରୁଦେବ ତାଙ୍କୁ ଆଶ୍ୱସନା ଦେଲେ । ଶୀଘ୍ର ସବୁ ଠିକ୍ ହୋଇଯିବ ବୋଲି ଭରସା ଦେଲେ । ପରେ ଗୁରୁଦେବଙ୍କର ନିର୍ଦ୍ଦେଶରେ ସେ କଲିକତା ଗଲେ ଏବଂ ସେଠାରେ ଗୋଟିଏ ଭଲ ଡ଼ାକ୍ତରଖାନାରେ

ଜଣେ ହୃଦରୋଗ ବିଶେଷଜ୍ଞ ଦ୍ୱାରା ତାଙ୍କର ହାର୍ଟ ଅପରେସନ ହୋଇଥିଲା । ଅପରେସନ ଦିନ ରାଉରକେଲାରେ ଥାଇ ଗୁରୁଦେବ ସମ୍ପୂର୍ଣ୍ଣ ମୌନ ଅବଲମ୍ବନ କରି ବହୁ ସମୟ ଧରି ଧ୍ୟାନରେ ମଗ୍ନ ରହିଥିଲେ ଶିଷ୍ୟଙ୍କର ଅପରେସନ ଶେଷ ହେବା ପର୍ଯ୍ୟନ୍ତ । ଅପରେସନ୍ ସଫଳ ହେଲା ବୋଲି ଯେତେବେଳେ ଫୋନ୍ ଆସିଲା ସେତେବେଳେ ସେ ଧ୍ୟାନ ଭଙ୍ଗ କରିଥିଲେ । ଗୁରୁକୃପା ପ୍ରାପ୍ତ ଶିଷ୍ୟ ସବୁବେଳେ ନିରାପଦ ଏବଂ ସୁସ୍ଥ ଓ ନିରାମୟ ଶରୀରରେ ନିଶ୍ଚିନ୍ତରେ ରହିପାରେ– ଏହି ଧାରଣା ଶିଷ୍ୟଙ୍କ ମନରେ ଦୃଢ଼ୀଭୂତ ହୋଇଯାଇଥିଲା ସେହି ଦିନଠାରୁ ।

ଦିଲ୍ଲୀ ସହରରେ ବାସ କରୁଥିବା ବାବା ହରିହରାନନ୍ଦଙ୍କର ଜଣେ ଶିଷ୍ୟ ଦୁରାରୋଗ୍ୟ ଶ୍ୱାସରୋଗରେ ବହୁ କଷ୍ଟ ଭୋଗ କରୁଥିଲେ । ଅନେକ ସମୟରେ ସେ ଗୁରୁଦେବଙ୍କ ନିକଟରେ ପ୍ରାର୍ଥନା କରି ଲାଗିଥାନ୍ତି ତାଙ୍କୁ ରୋଗମୁକ୍ତ କରିବା ପାଇଁ, ଏହି ଯନ୍ତ୍ରଣାଦାୟକ ରୋଗ ଯୋଗୁଁ ସେ ସ୍ଥିର ହୋଇ ବସି ଧ୍ୟାନ କରି ପାରୁନଥିଲେ । ଗୁରୁଦେବ ତାଙ୍କୁ ଭରସା ଦେଇ କହିଥିଲେ, ବ୍ୟସ୍ତ ହେବା ଦରକାର ନାହିଁ, ଠିକ୍ ସମୟରେ ସୁସ୍ଥ ହୋଇଯିବ । କିଛି ଦିନପରେ ଗୁରୁଦେବ ବିଦେଶ ଭ୍ରମଣରେ ଚାଲିଗଲେ । ଦିନେ ଶିଷ୍ୟଙ୍କ ବେଦନା ଅତି ପ୍ରବଳ ଆକାର ଧାରଣ କରିଥିଲା । ତଥାପି ଗୁରୁଦେବଙ୍କର ଭରସାବାଣୀ ଉପରେ ଗଭୀର ବିଶ୍ୱାସ ରଖି ସେ ଧ୍ୟାନରେ ବସିଲେ । କିଛି ସମୟ ପରେ ସେ ତାଙ୍କ ପାଖରେ ଗୁରୁଦେବଙ୍କର ସଶରୀରେ ଉପସ୍ଥିତି ଅନୁଭବ କଲେ । ସେ ତାଙ୍କୁ ବସ୍ତ୍ରିକା ଆଦି କେତୋଟି ପ୍ରାଣାୟାମ କୌଶଳ ଶିଖାଇଲେ ଏବଂ ଏହା ନିୟମିତ ଅଭ୍ୟାସ କରିବାକୁ କହି ଅଦୃଶ୍ୟ ହୋଇଗଲେ । ଶିଷ୍ୟ ଜଣକ ହଠାତ୍ କିଛି ବୁଝିପାରିଲେ ନାହିଁ, ଗୁରୁଦେବ କଣ ସତରେ ଆସିଥିଲେ ? ସେ ଯାହା ହେଉ ଗୁରୁଦେବ ଶିଖାଇଥିବା କୌଶଳ କିଛିଦିନ ଅଭ୍ୟାସ କରିବାରୁ ରୋଗରୁ କିଛିଟା ଉପଶମ ଲାଭ କରିଥିଲେ । କିଛିଦିନ ପରେ ଗୁରୁଦେବ ଭାରତକୁ ଫେରି ଆସିଲେ । ଶିଷ୍ୟ ଜଣକ ତାଙ୍କୁ ବିମାନ ବନ୍ଦରରେ ଅନ୍ୟାନ୍ୟ ମାନଙ୍କ ସହ ପାଛୋଟି ଆଣିବାକୁ ଗଲେ । ଗୁରୁଦେବଙ୍କୁ ପ୍ରଣାମ କରିବା ସମୟରେ ଗୁରୁଦେବ ସହାସ୍ୟ ବଦନରେ ତାଙ୍କୁ ତାଙ୍କର ଦେହ କିପରି ଅଛି ପଚାରିଲେ । ପୁଣି ପଚାରିଲେ, ‘‘ମୁଁ ଯେଉଁ ବସ୍ତ୍ରିକା

ପ୍ରାଣାୟାମ କୌଶଳ ଶିଖାଇଥିଲି ତାହା ନିୟମିତ ଭାବେ କରୁଛୁ ନା ନାହିଁ ?।'' ଶିଷ୍ୟ ଜଣକ ଆଶ୍ଚର୍ଯ୍ୟ ହୋଇ ତାଙ୍କ ମୁଖକୁ ଅନାଇ ରହିଲେ । ଗତଦିନ ଧ୍ୟାନ ସମୟରେ ଗୁରୁଦେବ ତାଙ୍କ ଆଗରେ ଆବିର୍ଭାବ ହୋଇଥିଲେ ଯୋଗବଳରେ ଏହା ତାଙ୍କ ମନରେ ଦୃଢ଼ ହୋଇ ଯାଇଥିଲା । ଗୁରୁଦେବ ଶିଖାଇ ଥିବା ପ୍ରାଣାୟାମ କୌଶଳ କିଛିକାଳ ନିୟମିତ ଭାବେ କରିବାରୁ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଥିଲେ । ଗୁରୁଦେବଙ୍କ ନିର୍ଦ୍ଦେଶରେ ସେହି ଯୋଗିକ କୌଶଳ ଅଭ୍ୟାସ ଜାରି ରଖିଥିଲେ ସବୁଦିନ ପାଇଁ ।

ପରମହଂସ ହରିହରାନନ୍ଦ ପୁରୀର କଡ଼ାର ଆଶ୍ରମରେ ଥିଲାବେଳେ କେତେକ ଅନାଥ ପିଲାଙ୍କୁ ନିଜ ପାଖରେ ରଖି ସେମାନଙ୍କୁ ଭବିଷ୍ୟତରେ ଭଲମଣିଷ କରି ଗଢ଼ିବା ପାଇଁ ସତ୍‌ଶିକ୍ଷା ଦେଉଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଭାରି ଚଗଲା ପିଲା ଥିଲା । ସେ ତାଙ୍କର ପକେଟରୁ ଅନେକ ସମୟରେ ପଇସା ଚୋରୀ କରିନେଇ ବଜାରରେ ଅଣ୍ଡା ଆଦି ଖାଉଥିଲା । ତାର ବୟସ ମୋଟେ ଆଠ ଦଶ ବର୍ଷ ଭିତରେ, କିନ୍ତୁ ତାର ସ୍ୱଭାବ ଅତ୍ୟନ୍ତ ଖରାପ । ବାବା ସବୁ ଜାଣୁଥିଲେ, କିନ୍ତୁ ତାକୁ କିଛି କହୁନଥିଲେ । ବରଂ ତାକୁ ବିଶେଷ ଶ୍ରଦ୍ଧା କରୁଥିଲେ । ଦିନେ ସେ ଟୋକା ଆଶ୍ରମର କୌଣସି ଉତ୍ସବ ଦିବସରେ ରାତିରେ ବାବାଙ୍କ ପକେଟରୁ ପଇସା ଚୋରି କରି ନେଇ ବଜାରରେ ଚିକେନ, ଅଣ୍ଡା ଆଦି କିଛି ଖାଇ ନିଜ କୋଠରୀ ଭିତରେ ଆରାମରେ ଶୋଇଥିଲା । ରାତିରେ ଖାଇବା ସମୟରେ ବାବା ତାକୁ ଉଠାଇ କହିଲେ ରୋଷେଇ ଘରକୁ ଯାଇ ତାଙ୍କ ପାଇଁ କିଛି ଖାଦ୍ୟ ଜିନିଷ ଧରି ଆସିବାକୁ । ସେ ନିଜ କୋଠରୀରେ ବସି ଖାଇବେ । ପିଲାଟି ଅଧାନିଦରୁ ଉଠିଥିବାରୁ ବାବାଙ୍କ ଉପରେ ଭାରି ବିରକ୍ତ ହୋଇ ଉଠିଥିଲା । ବାବାଙ୍କୁ ଏଣୁ ତେଣୁ ମନକୁ ମନ ଗାଳିଦେଇ ଦେଇ ଗଲା, ତାଙ୍କ ପାଇଁ କିଛି ଖାଦ୍ୟ ଜିନିଷ ଆଣିବାକୁ । ସେ ଥାଳି ଧରି ଆସି ଖାଦ୍ୟ ଜିନିଷ ବାବାଙ୍କ ପାଖରେ ରଖିଦେଲା । ବାବା ତାକୁ ଆଦର କରି ପାଖରେ ବସାଇଲେ ଏବଂ ନିଜ ହାତରେ ତାକୁ ଆଗ ଖୁଆଇବାକୁ ଲାଗିଲେ । ପିଲାଟି ଅନିଚ୍ଛା ସତ୍ତ୍ୱେ ଖାଇବାକୁ ବାଧ୍ୟ ହୋଇଥିଲା । କିନ୍ତୁ ବାବାଙ୍କର ତା'ପ୍ରତି ଏତେ ସ୍ନେହ ଆଦର ବ୍ୟବହାର ଦେଖି ତାଙ୍କ ପ୍ରତି ତାର ଶ୍ରଦ୍ଧା ଓ ଭକ୍ତି ବଢ଼ି ଉଠିଥିଲା । ପାଖରେ ଗୁରୁଦେବଙ୍କର ଜଣେ

ଶିଷ୍ୟା ଠିଆ ହୋଇ ଏ ଦୃଶ୍ୟ ଦେଖୁଥିଲେ । ତାଙ୍କ ଆଖିରୁ ଧାର ଧାର ଲୁହ ଝରୁଥିଲା । ପିଲାଟିକୁ ଖୁଆଇ ସାରି ଗୁରୁଦେବ ନିଜେ ଖାଇ ବସିଲେ । ପିଲାଟି ଖାଇ ସାରିବା ପରେ ଗୁରୁଦେବ ତାର ମୁଣ୍ଡ ଆଉଁଷି ତାକୁ ତାର କୋଠରୀରେ ନେଇ ଛାଡ଼ିବାକୁ ସେଠାରେ ଥିବା ଶିଷ୍ୟାଙ୍କୁ କହିଲେ । ଶିଷ୍ୟା ଜଣକ ତାକୁ ସାଥୀରେ ନେଇଯିବା ସମୟରେ ସେ ଦୁଷ୍ଟ ଟୋକା ତାଙ୍କୁ ମଧ ଗାଳି କରି କହିଲା, ''ସେ ବୁଢ଼ା ବାବାଜୀଟା ତ ମୋତେ ଖୁଆଉଥିଲା, ତୁ କାହିଁକି କାନ୍ଦୁଥିଲୁ ?'' ଶିଷ୍ୟା ମା' ତାକୁ କହିଲେ, ''ବୁଢ଼ା ବାବାଜୀଟା ବୋଲି ଏମିତି କଣ କହୁଛୁ ? ତୁ ଜାଣିଛୁ, ତତେ କିଏ ଖୁଆଉଥିଲା ? ଯିଏ ଖୁଆଉ ଥିଲେ ସେ ବୁଢ଼ା ବାବାଜୀ ନୁହନ୍ତିରେ, ବାବୁ ! ସେ ହେଉଛନ୍ତି ସାକ୍ଷାତ୍ ମା'କାଳୀ । ମୁଁ ପ୍ରତ୍ୟକ୍ଷରେ ଦେଖିଲି ଗୁରୁଦେବଙ୍କ ସ୍ଥାନରେ ମା'କାଳୀ ବସି ତୋତେ ଖୁଆଉଛନ୍ତି ।'' ପିଲାଟି ଏହା ଶୁଣି ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ ପଡ଼ିଥିଲା । ତା ମନରେ ସଂଗେ ସଂଗେ ଏକ ବିରାଟ ପରିବର୍ତ୍ତନ ଘଟିଥିଲା । ଗୁରୁଦେବ ଯେ ସାକ୍ଷାତ ମା'କାଳୀ ଅଟନ୍ତି ଏବଂ ସେ ସବୁ ଦିନ ତାଙ୍କ ପକେଟରୁ ପଇସା ଚୋରି କରି ନେଉଛି ଏହି ଭାବନା ତା' ମନକୁ ବ୍ୟଥିତ କରି ପକାଇଲା ଗଭୀର ଭାବରେ । ସେହିଦିନ ଠାରୁ ସେ ଆଉ ଚୋରୀ କଲା ନାହିଁ । ପରବର୍ତ୍ତୀ ସମୟରେ ସେ ଜଣେ ଅତ୍ୟନ୍ତ ଧର୍ମପରାୟଣ ଏବଂ ସମାଜରେ ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ହୋଇ ପାରିଥିଲେ ।

ପୁରୀର କଡ଼ାରଆଶ୍ରମରେ ଶ୍ରୀ ଯୁକ୍ତେଶ୍ୱର ଗିରି ମହାରାଜ ଗୋଟିଏ ଛୋଟ ସ୍କୁଲ ସ୍ଥାପନ କରିଥିଲେ । ଛୋଟ ପିଲାମାନଙ୍କୁ ସେଠାରେ ରଖି ସେମାନଙ୍କୁ ସତ୍‌ଶିକ୍ଷା ଦେଇ ଭବିଷ୍ୟତରେ ସେମାନଙ୍କୁ ଭଲ ମଣିଷ କରି ଗଢ଼ିବା ତାଙ୍କର ଉଦ୍ଦେଶ୍ୟ ଥିଲା । ପରମହଂସ ହରିହରାନନ୍ଦ ସେହି ଆଶ୍ରମରେ ବ୍ରହ୍ମଚାରୀ ଭାବେ ରହୁଥିବା ସମୟରେ କେତେକ ଦରିଦ୍ର ପିତୃମାତୃହୀନ ଅନାଥ ପିଲାଙ୍କୁ ଆଶ୍ରମରେ ଆଶ୍ରୟ ଦେଇ ସେହି ସ୍କୁଲରେ ଶିକ୍ଷା ପ୍ରଦାନ କରୁଥିଲେ । ସେମାନଙ୍କୁ ସେ ବହୁତ ସ୍ନେହ ଏବଂ ଆଦର କରୁଥିଲେ । ଆଶ୍ରମର ଆର୍ଥିକ ଅବସ୍ଥା ସେତେବେଳେ ସ୍ୱଚ୍ଛଳ ନଥିଲେ ମଧ ପିଲାମାନଙ୍କର ଖାଇବା ପିନ୍ଧିବା, ରହିବା ଇତ୍ୟାଦିରେ ଯେପରି କୌଣସି ଅସୁବିଧା ନ ଘଟେ, ସେଥିପ୍ରତି ସେ ତୀକ୍ଷ୍ଣ ଦୃଷ୍ଟି ରଖୁଥିଲେ । ଦିନେ ସନ୍ଧ୍ୟା ସମୟରେ ସେ ସବୁ

ପିଲା ବ୍ରହ୍ମଚାରୀଙ୍କ ନିକଟକୁ ଆସି ଧରିବସିଲେ ସେମାନେ କେବଳ ସନ୍ଦେଶ ଖାଇବାକୁ ଚାହାନ୍ତି, ଜଳଖିଆ ଓ ରାତ୍ରି ଭୋଜନ ସମୟରେ । ସେମାନଙ୍କୁ ପରଦିନ ସନ୍ଦେଶ ଯୋଗାଇଦିଆଯିବ ବୋଲି ବ୍ରହ୍ମଚାରୀ ପ୍ରତିଶ୍ରୁତି ଦେଲେ । କିନ୍ତୁ ଏତେ ପିଲାମାନଙ୍କୁ ମିଠାଇ ଦୋକାନରୁ ଏତେ ଗୁଡ଼ାଏ ସନ୍ଦେଶ କିଣି ଆଣିଦେବାକୁ ତାଙ୍କ ପାଖରେ ପଇସାଟିଏ ବି ନଥିଲା ସେତେବେଳେ । କିନ୍ତୁ ଗରିବ ଅନାଥ ପିଲାମାନେ କେବେ ବୋଧହୁଏ ସନ୍ଦେଶ ଭଳି ଅତି ସୁଆଦିଆ ମିଠାଇ ଖାଇନଥିବେ । ସେମାନଙ୍କର ଯେତେବେଳେ ଇଚ୍ଛା ହେଉଛି ସନ୍ଦେଶ ଖାଇବାକୁ, ତାଙ୍କୁ ନାହିଁ କରିଦେଲ ସେମାନଙ୍କ ମନରେ ଯେ କି କଷ୍ଟ ହେବ ଏକଥା ଭାବି ବ୍ରହ୍ମଚାରୀଙ୍କ ହୃଦୟ କାନ୍ଦି ଉଠିଲା । ତାଙ୍କର ଇଷ୍ଟଦେବୀ ମା'କାଳୀଙ୍କୁ ସେ ପ୍ରାର୍ଥନା କରିବାକୁ ଲାଗିଲେ ସେହି ଦୁଖୀ ପିଲାମାନଙ୍କ ମନର ଆନନ୍ଦ ପାଇଁ, ସେମାନଙ୍କର ଇଚ୍ଛା ପୂର୍ଣ୍ଣ କରିବାକୁ । ପରଦିନ ସକାଳେ ପିଲାମାନେ ବ୍ରହ୍ମଚାରୀଙ୍କ ରହିବା କୋଠରୀକୁ ପୂର୍ବଦିନ ରାତିରେ ସେ କରିଥିବା ପ୍ରତିଶ୍ରୁତି ରକ୍ଷା କରିବା ପାଇଁ ମନେ ପକାଇଦେବାକୁ ଆସିଲେ । ବ୍ରହ୍ମଚାରୀ ଅଳ୍ପ ହସି ସେମାନଙ୍କୁ ବାହାରେ ଅପେକ୍ଷା କରିବାକୁ ଏବଂ ଶାନ୍ତ ଭାବରେ ବସି ଧ୍ୟାନ କରିବାକୁ କହିଲେ । ବ୍ରହ୍ମଚାରୀ ନିଜର କୋଠରୀ ଭିତରେ ଭିତରୁ କବାଟ ବନ୍ଦ କରି ବସିଗଲେ ଧ୍ୟାନ କରି ମା'କାଳୀଙ୍କ ମୂର୍ତ୍ତି ଆଗରେ । ମା'କାଳୀଙ୍କର ଗୋଟିଏ ମୃଣ୍ମୟୀ ମୂର୍ତ୍ତି ସେ ନିଜେ ଗଢ଼ି ଛୋଟ କୋଠରୀଟି ଭିତରେ ତାଙ୍କୁ ଅବସ୍ଥାନ କରାଇ ତାଙ୍କରି ଆଗରେ ସେ ବସି ସବୁଦିନ ଧ୍ୟାନ କରୁଥିଲେ । କିଛି ସମୟ ଏହିପରି ଧ୍ୟାନରେ ବସିଥିବା ସମୟରେ କୋଠରୀ ବାହାରେ କେହି କରାଘାତ କରିବା ସେ ଶୁଣିପାରିଲେ । ଧ୍ୟାନରୁ ଉଠି ବ୍ରହ୍ମଚାରୀ କବାଟ ଖୋଲି ଦେଖିଲେ କଡ଼ାର ଆଶ୍ରମ ନିକଟରେ ରହୁଥିବା ଜଣେ ଭଦ୍ର ମହିଳା ଗୋଟିଏ ବଡ଼ ପାତ୍ରରେ ସନ୍ଦେଶ ପୂର୍ଣ୍ଣ ଥାଳି ଧରି ଆସି ତାଙ୍କ ଆଗରେ ରଖିଦେଲେ । ବ୍ରହ୍ମଚାରୀ ଭାବିଲେ ସେ ଭଦ୍ରମହିଳା ବୋଧହୁଏ ମା'କାଳୀଙ୍କ ଭୋଗ ପାଇଁ ମିଠାଇ ଆଣିଛନ୍ତି । ଏଣୁ ସେ ସନ୍ଦେଶତକ ମା'ଙ୍କୁ ଭୋଗ ଲଗାଇ ଦୁଇଗୋଟି ସନ୍ଦେଶ ସେଥିରୁ ରଖି ବାକି ତକ ଭଦ୍ର ମହିଳାଙ୍କୁ ସେ ଫେରାଇ ନେଲେ । ଭଦ୍ର ମହିଳା କିନ୍ତୁ ତାହା ନେଲେ ନାହିଁ । କହିଲେ, ''ନା ନା ଦୟାକରି ଫେରାନ୍ତୁ ନାହିଁ, ଏ ମିଠାଇ ସବୁ ଆପଣଙ୍କ ପାଇଁ ଆଣିଛି ।'' ପୁଣି କହିଲେ, ''ଗତ ରାତିରେ ମା'କାଳୀ ମୋତେ ସ୍ୱପ୍ନରେ ଦେଖା ଦେଇ କହିଲେ ସନ୍ଦେଶ ସବୁ ନେଇ ଆଶ୍ରମରେ

ଆପଣଙ୍କୁ ଦେଇ ଆସିବାକୁ ।'' ମା'କାଳୀ ଯେ ତାଙ୍କର ମନସ୍କାମନା ପୂର୍ଣ୍ଣ କରିଛନ୍ତି ଏହା ଭାବି ମା'କାଳୀଙ୍କୁ ବାର ବାର ପ୍ରଣାମ କରିବାକୁ ଲାଗିଲେ । ପିଲାମାନେ ସେସବୁ ସନ୍ଦେଶ ପାଇ ମହା ଆନନ୍ଦରେ ଖାଇବାକୁ ଲାଗିଲେ ।

ଆଶ୍ରମ ଭିତରେ ଗୋଟିଏ ଜାମୁକୋଳି ଗଛ ଥିଲା । ବହୁତ ଜାମୁକୋଳି ଫଳିଥିଲା । ଆଉ ଦିନେ ଆଶ୍ରମ ସ୍କୁଲର ପିଲାମାନେ ଗୁରୁଦେବଙ୍କୁ କହିଲେ ସେମାନେ ଜାମୁକୋଳି ଖାଇବେ । ଗୁରୁଦେବ କହିଲେ, ''ନିଶ୍ଚୟ । କିନ୍ତୁ ଗଛ ଉପରେ ଚଢ଼ି ତୋଳିବ ନାହିଁ କିମ୍ବା ଟେକା ବା ବାଡ଼ି ଫୋପାଡ଼ି ଝାଡ଼ିବ ନାହିଁ ।'' କି କଥା ? ଆଉ ଜାମୁକୋଳି କିମିତି ଆସିବ ? ଗୁରୁଦେବ କହିଲେ, ''କିମିତି ଆସିବ ? ବସି ଧ୍ୟାନ କର । ଦେଖିବ କୋଳି କିମିତି ଆସୁଛି ।'' ସମସ୍ତେ ସେଠାରେ ବସି ଧ୍ୟାନ କରିବାରେ ଲାଗିଲେ । କିଛି ସମୟ ପରେ ଗଛରୁ ଗୋଟାଏ କୋଳିଭରା ଡ଼ାଳ ଭାଙ୍ଗି ତଳେ ପଡ଼ିଗଲା । ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ଡ଼ାଳରୁ କୋଳି ତୋଳି ସମସ୍ତେ ଖାଇଲେ । ଗୁରୁଦେବଙ୍କୁ ମଧ୍ୟ ଦେଲେ । ଗୁରୁଦେବ କହିଲେ, ''ଧ୍ୟାନ କର, ଗଭୀର ଭାବେ ଧ୍ୟାନ କର । ତୁମର ସାଂସାରିକ ଓ ଆଧ୍ୟାତ୍ମିକ ସବୁପ୍ରକାର ମନୋକାମନା ପୂର୍ଣ୍ଣ ହେବ । ପରମ ଶାନ୍ତି ଲାଭ କରିବ ।

## ନବବର୍ଷର ବାର୍ତ୍ତା ଏବଂ ଅମୃତବାଣୀ

ପରମହଂସ ହରିହରାନନ୍ଦ ତାଙ୍କର ଅଗଣିତ ଶ୍ରଦ୍ଧାଳୁ, ଭକ୍ତ, ଶିଷ୍ୟ ଏବଂ ଜିଜ୍ଞାସୁ ବ୍ୟକ୍ତିମାନଙ୍କୁ ୧୯୯୦ ମସିହା ନବବର୍ଷର ଶୁଭେଚ୍ଛାରେ ଜଣାଇଥିବା ବାର୍ତ୍ତା –

''ନବବର୍ଷରେ ନବଜୀବନର ଶୁଭାରମ୍ଭ ହେଉ, ହେ ! ମୋର ଅତ୍ୟନ୍ତ ସ୍ନେହାସ୍ପଦ ଦିବ୍ୟ ଆତ୍ମନ୍ !

''ଯେଉଁଦିନ ଠାରୁ ତୁମ୍ଭେ ନୂଆ କରି ବିଦ୍ୟାଶିକ୍ଷା ଆରମ୍ଭ କଲ, ସେହିଦିନ ଠାରୁ ଆଜି ମଧ୍ୟରେ ସଂସାରର ବହୁତ କଥା ଶିକ୍ଷା କରିଛ, ଜାଣିପାରିଛ । ପ୍ରତିବର୍ଷ ଈଶ୍ୱର ତୁମ୍ଭଙ୍କୁ ଶରୀର ଏବଂ ମନର ବହୁ ପରିବର୍ତ୍ତନ ଏବଂ ଉତ୍କର୍ଷ ଦେଇ ଆସୁଛନ୍ତି । ପୂର୍ବଜନ୍ମରୁ ତୁମ୍ଭର ସଞ୍ଚିତ ରହିଥିବା କର୍ମ ମାନଙ୍କର ଫଳ ଏହି ଜନ୍ମରେ ଭୋଗିବା

ପାଇଁ ତୁମ୍ଭଙ୍କୁ ଜନ୍ମ ନେବାକୁ ପଡ଼ିଛି । ତେଣୁ ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ତୁମ୍ଭଙ୍କୁ ଅନୁଭବ କରିବାକୁ ହେବ ଯେ ତୁମ୍ଭେ ଈଶ୍ୱରଙ୍କର ଅଂଶ, ତୁମ୍ଭ ଭିତରେ ସେ ଅଛନ୍ତି, ସବୁ କରୁଛନ୍ତି, ତୁମ୍ଭେ ହେଉଛ ସିଏ । ଏହା ହେଉଛି ନବବର୍ଷର ଅନୁଚିନ୍ତା ।''

ପ୍ରତିଟି ଶ୍ୱାସଗ୍ରହଣ ହେଉଛି ତୁମ୍ଭର ନବଜନ୍ମ ଏବଂ ପ୍ରତି ଶ୍ୱାସତ୍ୟାଗ ହେଉଛି ତୁମ୍ଭର ମୃତ୍ୟୁ । ଶ୍ୱାସପ୍ରଶ୍ୱାସ ଠିକ୍ ଚାଲିଥିବା ଯୋଗୁଁ ତୁମ୍ଭେ ନୂତନ ଜୀବନ ଭୋଗ କରିବା ସୁଯୋଗ ଲାଭ କରୁଛ ଏବଂ ତୁମ୍ଭର ମୋକ୍ଷ ମାର୍ଗ ସୁଗମ ହୋଇପାରୁଛି । ତୁମ୍ଭର ଯେତେବେଳେ ସ୍ପଷ୍ଟ ଉପଲବ୍ଧି ହୋଇଯିବ ଯେ ଜୀବାତ୍ମା ଏବଂ ପରମାତ୍ମା ଉଭୟ ତୁମ ଭିତରେ ଅଛନ୍ତି, ସେତେବେଳେ ବୁଝିପାରିବ ଯେ ଏହାହିଁ ସତ୍ୟ ଏବଂ ପ୍ରକୃତ ଜ୍ଞାନ । ଏଣୁ ତୁମ୍ଭେ ପ୍ରତି ମୁହୂର୍ତ୍ତରେ ତୁମ୍ଭର ଶ୍ୱାସ ପ୍ରଶ୍ୱାସ ପ୍ରତି ଲକ୍ଷ୍ୟ ରଖିଥିଲେ ବୁଝି ପାରିବ ସେ ଈଶ୍ୱରଙ୍କର ଶକ୍ତି ହିଁ କେବଳ ତୁମ୍ଭ ଭିତରେ କ୍ରିୟାଶୀଳ ହୋଇଚାଲିଛି । ଏହିଭଳି ଦିବ୍ୟଭାବ ମନ ଭିତରେ ସଦା ଜାଗ୍ରତ ରଖିବା ପାଇଁ ଏହି ନବ ବର୍ଷରେ ସମସ୍ତେ ଶପଥ ନିଅନ୍ତୁ ।''

ପ୍ରତିଟି ଶ୍ୱାସ ଗ୍ରହଣ ତୁମ୍ଭର ନୂତନ ଜୀବନ ଏବଂ ଏହା ଈଶ୍ୱରଙ୍କ ଦ୍ୱାରା ନିୟନ୍ତ୍ରିତ । ତୁମ୍ଭେ ସମସ୍ତେ ପ୍ରତି ମୁହୂର୍ତ୍ତରେ ତାଙ୍କରି ଆଡ଼କୁ ଅଗ୍ରସର ହେଉଛ । ଜୀବନ ସାରା ତୁମ୍ଭେ ଏବଂ ସିଏ ଏକ ହୋଇ ରହିଛ । ରହିଥିବ ମଧ୍ୟ । ଯେତେବେଳେ ସୃଷ୍ଟି ବୋଲି କିଛି ନଥିଲା, ସବୁ ଶୂନ୍ୟଥିଲା, ସେତେବେଳେ ତୁମ୍ଭେ ସମସ୍ତ ସୃଷ୍ଟି ସହ ତାଙ୍କରି ଭିତରେ ଲୀନ ହୋଇ ରହିଥିଲ । ସେ ଚିନ୍ତାକଲେ ''ଏକୋଽହଂ ବହୁସ୍ୟାଂ'' । 'ମୁଁ ଏକ, ଅନେକ ହେବାକୁ ଚାହେଁ ।' ସେତେବେଳେ ଏ ବିଶାଳ ସୃଷ୍ଟି ତାଙ୍କରି ଇଚ୍ଛାରେ ଆବିର୍ଭୂତ ହୋଇଥିଲା । ସୃଷ୍ଟି ପରେ ମଧ୍ୟ ତୁମ୍ଭ ସହିତ ସେ ପ୍ରତିମୂହୂର୍ତ୍ତରେ ରହିଛନ୍ତି । ତେଣୁ ଏହି ଉପଲବ୍ଧି ପାଇଁ ତୁମ୍ଭଙ୍କୁ ଗଭୀର ଭାବେ ଧ୍ୟାନ କରିବାକୁ ହେବ । ଗଭୀର ଧ୍ୟାନ କଲେ ଜୀବନ ତୁମ୍ଭର ମଧୁମୟ ହୋଇଯିବ, ଦେବତ୍ୱ ଫୁଟି ଉଠିବ । ପରମହଂସ ଯୋଗାନନ୍ଦ ଏହି ଗୀତଟି ସବୁବେଳେ ଗାଉଥିଲେ –

''ରାତିଦିନ ଦିନରାତି
ମୋହରି ସଙ୍ଗେ ରହିଛ ପ୍ରଭୁ
ତୁମେ ଦିନରାତି ।

ପ୍ରଭୁହେ । ତୁମକୁ ନ ପାଇ କଅଣ ଜୀବନଟା ମୋର ଏହିଭଳି ଯିବ ବିତି ?''

''ଈଶ୍ୱର ତୁମ୍ଭ ଭିତରେ ବରାବର ରହିଛନ୍ତି, ତୁମରି ଶ୍ୱାସ ଟାଣୁଛନ୍ତି, ଏହି ବୋଧରେ ରହି ପ୍ରତିଶ୍ୱାସରେ ତାଙ୍କୁ ଚିନ୍ତାକର । ଏହିପରି ଗଭୀର ଭାବରେ ଧ୍ୟାନ କରୁ କରୁ ତୁମ୍ଭର ଉପଲବ୍ଧି ହୋଇଯିବ ଯେ ସମଗ୍ର ସୃଷ୍ଟି ଈଶ୍ୱରମୟ ଏବଂ ତୁମ୍ଭର ଜନ୍ମ ଈଶ୍ୱର ପ୍ରାପ୍ତି ପାଇଁ, ଈଶ୍ୱର ତୁମ୍ଭର ବନ୍ଧୁ, ଶୌର୍ଯ୍ୟ ସବୁକିଛି । ତାଙ୍କ ଶକ୍ତିରେ ତୁମ୍ଭର ଜନ୍ମ ଏବଂ ତାଙ୍କରି ଶକ୍ତି ତୁମ୍ଭର ବିବର୍ତ୍ତନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ଲାଗିଛି । ଈଶ୍ୱରଙ୍କର ଏହି ମହାଶକ୍ତି ତୁମ୍ଭ ଭିତରେ ସଦାକ୍ରିୟାଶୀଳ ହୋଇ ଚାଲିଛି । ଏହି ବୋଧରେ ଯଦି ତୁମ୍ଭେ ସର୍ବଦା ରହିବ ତେବେ ତୁମ୍ଭର ଈଶ୍ୱର ଉପଲବ୍ଧ ହେବ, ତୁମେ ମୁକ୍ତ ହୋଇଯିବ, ତୁମ୍ଭଙ୍କୁ କୈବଲ୍ୟମୁକ୍ତି ପ୍ରାପ୍ତି ହେବ ।''

ଏହା ହେଉଛି ନବବର୍ଷ, ନୂତନ ଜୀବନର ନୂତନ ଅନୁଭୂତି ପ୍ରତ୍ୟେକ ମନୁଷ୍ୟ ଭିତରେ ଈଶ୍ୱର ରହିଛନ୍ତି ଏବଂ ପ୍ରତ୍ୟେକ ମନୁଷ୍ୟ ଈଶ୍ୱରଙ୍କ ଭିତରେ ଅଛନ୍ତି ।

ତୁମ୍ଭେମାନେ ସମସ୍ତେ ମୋର ଗଭୀର ସ୍ନେହ ଏବଂ ଶ୍ରଦ୍ଧା ଗ୍ରହଣ କର ଏବଂ ଈଶ୍ୱର ଏବଂ ଗୁରୁବର୍ଗଙ୍କର ଆଶୀର୍ବାଦ ଲାଭ କର ।

ଏହା ୧୯୯୦ ମସିହାର ନବବର୍ଷ ବାର୍ତ୍ତା ହୋଇଥିଲେ ମଧ୍ୟ ଏହା ସର୍ବକାଳୀନ । ସବୁ ନବବର୍ଷମାନଙ୍କ ପାଇଁ ବାର୍ତ୍ତା ।

-ତାଙ୍କର ଅମୃତବାଣୀ ମଧ୍ୟରୁ କିଛି-

୧. ଶାନ୍ତ ହୋଇ ବସି ଲକ୍ଷ୍ୟକର ତୁମ୍ଭ ମନରେ ଯାହା କିଛି ଭଲ ମନ୍ଦ ବିଚାର ସବୁ ଜାଗ୍ରତ ହେବାରେ ଲାଗିଛି ସବୁ ତୁମ୍ଭ ଭିତରେ ଥିବା ପରମାତ୍ମାଙ୍କଠାରୁ ଜାତ ହେଉଛି । ସେ ସବୁ ନିୟନ୍ତ୍ରଣ କରୁଛନ୍ତି ।

୨. ଗୁରୁଙ୍କ ପାଖକୁ ଆସି ଏହି ତତ୍ତ୍ୱ କଥା ବୁଝିନିଅ ।

୩. ଶ୍ୱାସ ହେଉଛି ତୁମ୍ଭର ଜୀବନ । ଏହି ଶ୍ୱାସ ତୁମ୍ଭ ମନକୁ ଅସ୍ଥିର କରି ପକାଏ ପୁଣି ଶାନ୍ତ ଅବସ୍ଥା ମଧ୍ୟ ଆଣିଦିଏ । ଏଣୁ ଏହି ଚଞ୍ଚଳ ମନ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖ । ଶାନ୍ତି ପାଇବ ।

୪. ଆତ୍ମଜ୍ଞାନ ଇନ୍ଦ୍ରିୟାନୁଭୂତି ପରିସର ବାହାରେ । ଧ୍ୟାନ ଦ୍ୱାରା ହିଁ ଆତ୍ମଜ୍ଞାନ ଉପଲବ୍ଧ ହୁଏ ।

୫. ତୁମ୍ଭେ ଯଦି ତୁମ୍ଭର ପ୍ରତ୍ୟେକ କର୍ମ ଏବଂ ବିଚାର ଭିତରେ ଈଶ୍ୱରଙ୍କର ଅଦୃଶ୍ୟ ଇଙ୍ଗିତ ରହିଛି ବୋଲି ସ୍ପଷ୍ଟ ଭାବେ ଉପଲବ୍ଧି କରି ପାରିବ ତେବେ ତୁମ୍ଭର ଘଟ ପରିବର୍ତ୍ତନ ହୋଇଯିବ, ତୁମ୍ଭପାଇଁ ମୋକ୍ଷ ଦ୍ୱାର ଖୋଲିଯିବ ।

୬. ତୁମ୍ଭେ ଧନ ସମ୍ପତ୍ତି, ଖାଦ୍ୟ, ପୋଷାକ, ବାସସ୍ଥାନ, ସ୍ୱାମୀ, ସ୍ତ୍ରୀ, ସନ୍ତାନ ସନ୍ତତି ଯଶ ପୌରୁଷ କୀର୍ତ୍ତି ଆଦି ଯାହା ସବୁ ପାଇଛ ଏବଂ ପାଇବ, ତା ସହିତ ସୁଖ ଦୁଃଖ ଶାନ୍ତି ଅଶାନ୍ତି ଯାହା ସବୁ ତୁମେ ଭୋଗ କରୁଛ, ସବୁ ଈଶ୍ୱରଙ୍କର ଦାନ । ଆଗରୁ ଏସବୁ ତୁମ୍ଭପାଇଁ ନିର୍ଦ୍ଧାରିତ ହୋଇ ରହିଛି ।

୭. ଗୁରୁଙ୍କ ପ୍ରତି ଗଭୀର ଶ୍ରଦ୍ଧା ଏବଂ ଭକ୍ତି ରଖ । ତାଙ୍କର ନିର୍ଦ୍ଦେଶ ଅନୁଯାୟୀ କର୍ମ କରିବାରେ ଲାଗି ରୁହ । ତୁମ୍ଭର ସବୁ ଦୁଃଖ କଷ୍ଟ ଦୂର ହୋଇଯିବ । ତୁମେ ସହଜରେ ଲକ୍ଷ୍ୟସ୍ଥଳରେ ପହଞ୍ଚିଯିବ ।

୮. କମ ପଢ଼ ଅଧିକ ଧ୍ୟାନ କର । ଧ୍ୟାନ ଦ୍ୱାରା ହିଁ ଆତ୍ମଉପଲବ୍ଧି ହୁଏ । ତେଣୁ ତୁମ୍ଭେମାନେ ନିରବଚ୍ଛିନ୍ନ ଧ୍ୟାନ ଅଭ୍ୟାସ ଜାରିରଖ । ପ୍ରତିଟି ଶ୍ୱାସରେ ଲକ୍ଷ୍ୟ ରଖ । ତୁମେ ଦେବତା ପାଲଟିଯିବ ।

୯. ଯିଏ ଭାବିବ ଯେ ମୁଁ ଧ୍ୟାନ କରୁନାହିଁ, ଗୁରୁ ମୋ' ଭିତରେ ଥାଇ ଧ୍ୟାନ କରୁଛନ୍ତି ସେ ଧ୍ୟାନରେ ଶୀଘ୍ର ଆଗେଇ ପାରିବ । ତେଣୁ ସେ କହିଛନ୍ତି – ମୁଁ ସବୁବେଳେ ତୁମ ସଂଗେ ଅଛି । ତୁମର ଶ୍ୱାସ ପ୍ରଶ୍ୱାସ ସହିତ ରହିଛି ।

୧୦. ବୃଥା ସମୟ ନଷ୍ଟ କରନାହିଁ । କିନ୍ତୁ ଈଶ୍ୱରଙ୍କ କର୍ମରେ ତାଙ୍କରି ଚିନ୍ତାରେ ନିୟୋଜିତ ସମୟ ନଷ୍ଟ ହୁଏ ନାହିଁ ।

୧୧. 'କରି କରାଉଥାଏ ମୁହିଁ, ମୋ ବିନୁ ଆନ ଗତି ନାହିଁ ।' ଏହି ଭାଗବତବାଣୀ ଯିଏ ଅକ୍ଷରେ ଅକ୍ଷରେ ନିଜ ଭିତରେ ଅନୁଭବ କରି ପାରିଛି ସେ ପରମଶାନ୍ତି ଲାଭ କରିବ, ତାର ଈଶ୍ୱର ପ୍ରାପ୍ତି ହେବ ।

୧୨. କ୍ରିୟାଯୋଗ ସାଧନା ସବୁ ଧର୍ମ ପାଇଁ ଉନ୍ମୁକ୍ତ । ସମଗ୍ର ମାନବ ଜାତିର ଉତ୍ଥାନ ପାଇଁ ଏକ ମାତ୍ର ସରଳ, ସର୍ବୋତ୍ତମ ଏବଂ ଶୀଘ୍ର ଫଳଦାୟୀ ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶ ପାଇଁ ଉଦ୍ଦିଷ୍ଟ ସାଧନ କୌଶଳ ।

୧୩. ତୁମ୍ଭେ ଯଦି ଧ୍ୟାନ ସମୟରେ ଆଧ୍ୟାତ୍ମିକ ଧ୍ୱନି ଶୁଣିପାରୁଛ, ଶରୀର ଭିତରେ ଦିବ୍ୟ ସ୍ପନ୍ଦନ ଅନୁଭବ କରିପାରୁଛ, ଦିବ୍ୟ ଜ୍ୟୋତି ଦର୍ଶନ କରୁଛ ତେବେ ଜାଣିବ ତୁମ୍ଭେ ଭଗବାନଙ୍କର ଅତି ନିକଟରେ ଅଛ ।

୧୪. କ୍ରିୟାଯୋଗ ସାଧନ ହେଉଛି ବ୍ରହ୍ମବିଦ୍ୟା । ଏହା ବିଜ୍ଞାନ ସମ୍ମତ । ସାଧକକୁ ନିଜ ଶରୀର ମେରୁଦଣ୍ଡ ମଧ୍ୟରେ ଥିବା ମୂଳାଧାରରୁ ସହସ୍ରାର ପର୍ଯ୍ୟନ୍ତ ସାତଗୋଟି ଚକ୍ର ମଧ୍ୟରୁ ନିମ୍ନ ପାଞ୍ଚଗୋଟି ଚକ୍ର ଅତିକ୍ରମ କରି ସପ୍ତମ ଚକ୍ରରେ ଯାଇ ଅବସ୍ଥାନ କରିବାକୁ ପଡ଼ିବ । ସେଠାରେ ପହଞ୍ଚିଲେ ସାଧକର ଶ୍ୱାସ ଶାନ୍ତ ହୋଇଯାଏ । ସେତେବେଳେ ସେ ଭଗବାନଙ୍କର ଜୀବନ୍ତ ଉପସ୍ଥିତି ଅନୁଭବ କରେ । ସେହି ସମୟରେ ସେ ଅନାହତ ଧ୍ୱନି ଶୁଣେ, ଯାହା ଭ୍ରମର ଗୁଞ୍ଜନ, ମେଘ ଗର୍ଜନ, ଶଙ୍ଖଧ୍ୱନି, ଘଣ୍ଟା ଧ୍ୱନି, ବଂଶୀ ଧ୍ୱନି ଇତ୍ୟାଦି ଭଳି ଦିବ୍ୟଧ୍ୱନି ଅଟେ । ଏହି ଅବସ୍ଥାରେ, ତାର ଚତୁଃପାର୍ଶ୍ୱରେ ଶୁଭ୍ର ଜ୍ୟୋତି ଉଦ୍ଭାସିତ ହୋଇ ଉଠିବ । ତାର ସମସ୍ତ ସତ୍ତା ଦିବ୍ୟ ଆନନ୍ଦମୟ ହୋଇଉଠିବ ।

୧୫. ଭୁଲ ଭୁଲ ପାଇଁ ନୁହେଁ । ଏହା ସଂଶୋଧନ ପାଇଁ ଉଦ୍ଦିଷ୍ଟ । ମୋହ ମୋହ ପାଇଁ ନୁହେଁ – ମୋହ ମୁକ୍ତ ହେବା ପାଇଁ ।

୧୬. ଈଶ୍ୱର ହେଉଛନ୍ତି ଅବ୍ୟକ୍ତ ଓ ଅଚିନ୍ତ୍ୟ । ତାଙ୍କର ରୂପ ବର୍ଣ୍ଣନା କରି କହି ହେବ ନାହିଁ କିମ୍ବା ତାଙ୍କ ବିଷୟରେ ଚିନ୍ତା ବା କଳ୍ପନା କରିହେବ ନାହିଁ । ସେ ହେଉଛନ୍ତି ଚିନ୍ତାମଣି । ସେ ଆମକୁ ବୁଦ୍ଧି ଦେଇଛନ୍ତି ତାଙ୍କ କଥା ଚିନ୍ତା କରିବା ପାଇଁ । ଆମର ଚିନ୍ତାସ୍ରୋତକୁ ଉର୍ଦ୍ଧ୍ୱଗାମୀ କରିବାକୁ ହେବ, ମସ୍ତକ ଭିତରେ ସହସ୍ରାରରେ ନେଇ ରଖିବାକୁ ହେବ । ସେହି ଠାରେ ଈଶ୍ୱର ଅଛନ୍ତି । ସେହିଠାରେ ରହିଲେ ସମାଧି ଉପଲବ୍ଧି ହେବ, ମୋକ୍ଷ ପ୍ରାପ୍ତି ହେବ । ଚିନ୍ତାସ୍ରୋତ ନିମ୍ନଗାମୀ ହେଲେ ମହା ବିପଦ ମହା ଦୁଃଖ ଏବଂ ଶେଷରେ ମୃତ୍ୟୁ ।

୧୭. ଯିଏ କହୁଛି ଧ୍ୟାନ କରିବାକୁ ତାର ସମୟ ନାହିଁ, ସେ ହେଉଛି ଅଳସୁଆ । ଧ୍ୟାନ କରିବାକୁ ଯାହାର ଆଗ୍ରହ ଏବଂ ନିଷ୍ଠା ଅଛି, ଯିଏ ପ୍ରତିଦିନ ଠିକ୍ ସମୟରେ ଧ୍ୟାନରେ ବସିବା ଅଭ୍ୟାସ କରୁଥାଏ ସିଏ ତ ଧ୍ୟାନ ସମୟ ହୋଇଗଲା ମାତ୍ରେ ଆଉ ରହି ପାରେ ନାହିଁ ସ୍ଥିର ହୋଇ । ସଂଗେ ସଂଗେ ଧ୍ୟାନରେ ବସିପଡ଼େ ।

୧୮. ମନେରଖ, ଦୁଃଖ କଷ୍ଟ ବେଳେ ଗୁରୁଙ୍କ ପାଦକୁ ଯଦି ଜାବୁଡ଼ି ଧରି ଥିବ ଅର୍ଥାତ୍ ତାଙ୍କୁ ପ୍ରତିମୁହୂର୍ତ୍ତରେ ସ୍ମରଣ କରିବାରେ ଲାଗି ରହିଥିବ, ତେବେ ବିପଦ ଆଉ ରହିବ ନାହିଁ । ଗୁରୁଙ୍କ ଉପରେ ଦୃଢ଼ ବିଶ୍ୱାସ ରହିଥିଲେ ସବୁ ଆପଦ ବିପଦରୁ ଉଦ୍ଧାର ପାଇଯିବ । ଏଥିରେ ସନ୍ଦେହ ନାହିଁ ।

୧୯. ସବୁବେଳେ ଅନ୍ତର୍ମୁଖୀ ହୋଇ ରହିବାକୁ ଚେଷ୍ଟା କର । ବହିର୍ମୁଖୀ ମନ ବିପଦ ପଥକୁ ଟାଣି ନିଏ । ସାଧନରେ ପ୍ରତିବନ୍ଧକ ସୃଷ୍ଟି କରେ ।

୨୦. ତୁମେ ଯାହା କରୁଛ, ଯାହା କହୁଛ ଏବଂ ଯାହା ସବୁ ମନରେ ଚିନ୍ତା କରୁଛ ସବୁ ଈଶ୍ୱରଙ୍କ ଇଚ୍ଛାରେ ହୋଇ ଚାଲିଛି । ତୁମେ କେବଳ ନିମିତ୍ତ ମାତ୍ର, ଏହି ବୋଧରେ ଯଦି ତୁମ୍ଭେ ପ୍ରତି ମୁହୂର୍ତ୍ତରେ ରହିଥିବ, ତେବେ ପରମ ଶାନ୍ତି ପାଇବ, ପରମାନନ୍ଦ ଲାଭ କରିବ ।

୨୧. ମନେରଖ, ସମସ୍ତେ ଦିନେ ନା ଦିନେ ଭଗବତ୍ ଉପଲବ୍ଧି କରିବେ । କାରଣ ସମସ୍ତଙ୍କର ଭଗବତ ଉପଲବ୍ଧି ପାଇଁ ଜନ୍ମ । ତୁମର ପ୍ରତ୍ୟେକ ଶ୍ୱାସରେ, ପ୍ରତ୍ୟେକ ଚିନ୍ତା ପ୍ରବାହ ମଧ୍ୟରେ ଏବଂ ପ୍ରତ୍ୟେକ କାମରେ ଈଶ୍ୱର ଚେତନା ଅନୁଭବ କରି ପାରିବ, ଯଦି ନିଷ୍ଠାର ସହ କ୍ରିୟାଯୋଗ ଧ୍ୟାନ ଅଭ୍ୟାସରେ ଲାଗି ରହିଥିବ ।

୨୨. ଯେତେବେଳେ ଦୁର୍ଗୁଣ ଭାବନା ତୁମ ମନକୁ ଆସୁଛି ସଙ୍ଗେ ସଙ୍ଗେ ଇଷ୍ଟଙ୍କୁ ପ୍ରାର୍ଥନା କର, ଗୁରୁଙ୍କୁ ସ୍ମରଣ କର, ମନରେ ସଦ୍‌ଭାବନା ଜାଗ୍ରତ ହୋଇ ଉଠିବ, ଦୁର୍ଭାବନା ଆଉ ରହିବ ନାହିଁ ।

୨୩. ତୁମର ଶ୍ୱାସ କ୍ଷୀଣ ହୋଇ ଆସିଛି । ମନ ଶାନ୍ତ ହୋଇଯାଇଛି, ଏହାହିଁ ଭଗବତ ଅବସ୍ଥା ବୋଲି ବୁଝିବାକୁ ହେବ ।

୨୪. ମତେ ଦୃଢ଼ ଗଣ୍ଠି ପକାଇ ବାନ୍ଧିରଖ ତୁମ ସହିତ । ମୁଁ ତୁମକୁ ଏ ଦୁଃଖ ଶୋକମୟ ସଂସାର ସାଗରରୁ ଉଠାଇ ମୋ ସାଥୀରେ ନେଇଯିବି ଶାଶ୍ୱତ ଶାନ୍ତି, ସୁଖ ଏବଂ ପରମ ଆନନ୍ଦଧାମକୁ ।

ଓଁଓଁଓଁ







ପରମହଂସ ଯୋଗାନନ୍ଦ



୨୦୦୨ : ପ୍ରବାସରେ ଗୁରୁଦେବ ହରିହରାନନ୍ଦଙ୍କ ଶେଷ ଜନ୍ମତିଥି ଉତ୍ସବ । ବିଦେଶୀ ଭକ୍ତମାନଙ୍କ ସହିତରେ ଗୁରୁଦେବ ।



ପୁରୀର ବାଲିଘାଇ ସ୍ଥିତ ହରିହରାନନ୍ଦ ଗୁରୁକୁଳମ୍



ଗୁରୁଦେବଙ୍କ ଶେଷ ସମାଧି



ଜଗଦ୍‌ଗୁରୁ ପରମହଂସ ହରିହରାନନ୍ଦଙ୍କ ଓଡ଼ିଶାର ବ୍ରହ୍ମପୁର ଗସ୍ତ ଅବସରରେ ଏହି ପୁସ୍ତକର ଲେଖକ ଯୋଗାଚାର୍ଯ୍ୟ ଶ୍ରୀଯୁକ୍ତ ଶିବରାମ ରଥଙ୍କ ବାସଭବନରେ । ଗୁରୁଦେବଙ୍କ ଉଭୟ ପାର୍ଶ୍ୱରେ ଶ୍ରୀଯୁକ୍ତ ରଥ ଓ ତାଙ୍କ ପତ୍ନୀ ତଥା ଶିଷ୍ୟା ଶ୍ରୀମତୀ କ୍ଷେତ୍ରମଣି ଦେବୀ ।